

ଫେବୃଆରୀ ୨୦୨୨ • ୫୦ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in
ପ୍ରସଙ୍ଗ:
ଜନଜାତି


SG
SMILE GOLD
JEWELLERS
Making
Flat 50% OFF
On Gold Ornaments
Flat 25% OFF
On Diamond Ornaments
Making
Flat 50% OFF
On Silver Ornaments
Flat 20% OFF
On Branded Watches
Saheed Nagar, Bhubaneswar
Mob: 9438019696, 9438029797
Ph.: 0674-2969696, 2969797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୪ର୍ଥ ସଂଖ୍ୟା, ଫେବୃଆରୀ ୨୦୨୨ ■ Vol-4, Issue : 4, February 2022



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ମ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
***rebatimedia@gmail.com***

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
***rebati.rebati2018@gmail.com***
***rebati.edit2020@gmail.com***


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

ସୂଚୀପତ୍ର
୪ର୍ଥ ବର୍ଷ ୪ର୍ଥ ସଂଖ୍ୟା । ଫେବୃଆରୀ ୨୦୨୨ ।
ରେବତୀ
ଆମ ମାଟିର ସର

୦୩ ସମ୍ପାଦକୀୟ : ସରୋଗେସି ଓ ମାତୃତ୍ୱର...: ସୁବାସିନୀ ଜେନା







୮
ବିଶେଷ ମତ : ମାନବିକ ସମ୍ବେଦନା...: ଡକ୍ଟର ଶିଶିର ବେହେରା

୧୪
ପର୍ଯ୍ୟଟନ : କୁହୁକିନୀ କାଶ୍ମୀର: ଜୟନ୍ତ ସେଠ୍

୨୨
ଜନଜାତି-୧ : କିସାନ ଜନଜାତିର....: ପ୍ରଣତି ବେହେରା

୨୮
ଜନଜାତି-୨ : ପରଜାଙ୍କ ପାର୍ବଣ: ଡକ୍ଟର ରଂଜନ ପ୍ରଧାନ

୩୬
ଜନଜାତି-୩:ବନବାସୀଙ୍କ ଲୋକଗୀତ : ଡକ୍ଟର ପ୍ରଦୀପ କୁମାର ମିଶ୍ର

୪୦
ଜନଜାତି-୪ : ଅକ୍ଷର ଉପାସନାର...: ରୂପେଶ ସାହୁ

୪୬
ଜନଜାତି-୫ : 'ସାଜ୍'ର ସିମ୍ଫୋନି: ଡକ୍ଟର ରାଜେନ୍ଦ୍ର ପାଢ଼ୀ

୫୧ ଆଇନକାନୁନ : ସ୍ନିଗ୍ଧା ତ୍ରିପାଠୀ
୫୨ ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ
୫୪ ଦ୍ୱି-ପ୍ରଚ୍ଛଦ : ଏଲିନା ସିଂ
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ହରପ୍ରସାଦ ଦାସ
୫୮ : ଅଧ୍ୟାପକ ବିଶ୍ୱରଂଜନ
୫୯ : ଗୌରହରି ଦାସ
୬୦ : ଚକ୍ରପାଣି ପରିଚ୍ଛା
୬୧ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର
୬୨ : ରଞ୍ଜିତା ପଣ୍ଡା
୬୩ : ପ୍ରଦ୍ୟୁମ୍ନ ପଟ୍ଟନାୟକ
୬୪ : ଅଙ୍ଗୁରବାଳା ପରିଡ଼ା
୬୫ : ମାନଗୋବିନ୍ଦ ବାରିକ
୬୬ : ଅଜୟ କୁମାର ପଣ୍ଡା
: ଶ୍ରୀକାନ୍ତ ଜେନା
୬୭ : ଶ୍ରୀହରି ଧଳ
: ଦିବ୍ୟସିଂହଦାସ ଅଧିକାରୀ















୬୮ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୭୫ ଅବଲୋକନ : ମଣୀନ୍ଦ୍ର କୁମାର ମେହେର

୮୦ କଥା-କାହାଣୀ : ଜୟନ୍ତୀ ସାହୁ

୮୩ ଆତ୍ମଜୀବନୀ : ଜୟନ୍ତୀ ରଥ

୮୮ ପୁଷ୍ପବିତାନ : ଶ୍ୱେତା ରାଉତ

୯୬ ଜନଜାତି-୬ : ଦ୍ୱିତୀଚନ୍ଦ୍ର ସାହୁ





## ନିୟମିତ ବିଭାଗ


୧୦୦ ଗୃହ ସମସ୍ୟା :
ଡକ୍ଟର ହରପ୍ରସନ୍ନ ଦାସ

୧୦୩ ରୋଷେଇଶାଳ:
ଗୀତାମଣି ସିଂ






୧୦୬ ଶେଷପୃଷ୍ଠା : ସର୍ଜନଶୀଳତା ଓ ସରୋଗେସି : କୃଷ୍ଣ କୁମାର ମହାନ୍ତି






ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ପ୍ରିୟଙ୍କା ମୁଣ୍ଡା,** ବିଳାସପୁର
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ଶିକ୍ଷା : **ବିଟେକ୍ (ଇଲେକ୍ଟ୍ରନିକ୍ ଓ ଟେଲି କମ୍ୟୁନିକେସନ୍)**
ବୃତ୍ତି : **ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ରାୟପୁର ଶାଖା**
ପ୍ରବୃତ୍ତି : **ନାଚ, ବହିପଢା, ଭ୍ରମଣ, ଗାଡ଼ି ଚାଳନା**
ପ୍ରଚ୍ଛଦ ଫଟୋଗ୍ରାଫି : **ମୋହିତ୍ ଶାହିଲ୍ କୁଜୁର୍,** ବିଳାସପୁର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ସୋନପୁର
ମେକ୍ଅପ୍ ଓ କଷ୍ଟ୍ୟୁମ୍ : **ପାନିମଣି ମୁଣ୍ଡା,** ବିଳାସପୁର
ସ୍ଥାନ : **ଶିବବିହାର, ବିଳାସପୁର, ଛତିଶଗଡ଼**

**ମଲାଟ କଥା :** ପାରମ୍ପରିକତାକୁ ପଛରେ ରଖି ମନୁଷ୍ୟ ସମାଜ ଆଧୁନିକତାକୁ ଆଦରିବା- ଏହା ଏ ସମୟର ଆହ୍ୱାନ ହୋଇପାରେ, ମାତ୍ର ଆମର ପ୍ରଥା ପରମ୍ପରାକୁ ଆମେ ଭୁଲିଯିବା ଉଚିତ ନୁହେଁ । କାରଣ ଆମର ମୂଳଦୁଆ ପଡ଼ିଥିଲା ସେଇଥିରେ ହିଁ । ସେଇପରି ଆମର ଆଦିମ ଅଧିବାସୀ । ସେମାନେ ଏ ବଣମୁଲକର ପ୍ରଥମ ଅଧିବାସୀ । ସେମାନଙ୍କୁ ଭୁଲିଯିବା ବା ଅଣଦେଖା କରିବା ସଭ୍ୟସମାଜର ପ୍ରଥା ନହେଉ । ଆଧୁନିକତାର ନାରାବାଜି ଭିତରେ ଆଦିମ ଜନଜାତିର ଅସ୍ତିତ୍ୱକୁ ମନେ ପକେଇବା ହିଁ ଆମ ପରମ୍ପରାକୁ ଧରି ରଖିବା । 'ରେବତୀ' ସବୁବେଳେ ଏଥିରେ ବାନ୍ଧି ହୋଇ ରହିଛି ଓ ରହିବ । ଏଥର ଜନଜାତି ବିଶେଷାଙ୍କ କରିବା ବେଳେ ଆମେ ପୁଣିଥରେ ଆଦିବାସୀ ସଂପ୍ରଦାୟର ଜଣେ ଭୂମିଜ କନ୍ୟାଙ୍କୁ ପ୍ରଚ୍ଛଦରେ ନେଇଛୁ ଓ ଶିଳ ଶିଳପୁଆରେ ବାଟିବାର ସେଇ ଅତୀତକୁ ଉଖାରିଛୁ ।









## 'ନୂଆ ରେବତୀ'ର ବିମର୍ଶ ଭଲ ଲାଗିଲା

● 'ରେବତୀ'ର ଜାନୁଆରୀ ସଂଖ୍ୟା ପଢ଼ିଲି । ଆମ ସମୟର ଶ୍ରେଷ୍ଠ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କର ସାକ୍ଷାତକାର ଓ ତାଙ୍କ ସମ୍ପର୍କରେ ଆଲେଖ୍ୟ 'ତରଳ ତାରୁଣ୍ୟ' ପାଇଁ ରଞ୍ଜନ ପ୍ରଧାନଙ୍କୁ ବହୁତ୍ ଶୁଭେଚ୍ଛା । ଖୁବ୍ ଭଲ ଲାଗିଲା ଏହି ପୃଷ୍ଠା । 'ନୂଆ ରେବତୀ' ପ୍ରସଙ୍ଗରେ ଫକୀରମୋହନଙ୍କ ରେବତୀକୁ ନେଇ ସ୍ୱତନ୍ତ୍ର ବିମର୍ଷରେ ଶୀଯୁକ୍ତ ସତ୍ୟପ୍ରିୟ ମହାଳିକ, ମଣୀନ୍ଦ୍ର କୁମାର ମେହେର, ସନ୍ତୋଷ କୁମାର ନାୟକ, ରବୀନ୍ଦ୍ର କୁମାର ଦାସ ଓ ଜ୍ଞାନୀ ଦେବାଶିଷ ମିଶ୍ରଙ୍କର ଲଳିତ ନିବନ୍ଧ ଗୁଡ଼ିକ ସତରେ ଅନନ୍ୟ । ପ୍ରତିଟି ଆଲେଖ୍ୟର ରହିଛି ସ୍ୱତନ୍ତ୍ର ଆବେଦନ । ମହାଶ୍ୱେତା ସାହୁଙ୍କର ଗପ 'ଈଶ୍ୱରଙ୍କ ସହ ଶେଷ ସାକ୍ଷାତ' ମୁଗ୍ଧ କଲା । ଦେବଯାନୀ ରାୟଙ୍କ ଲିଖିତ 'ବାଣପୁରର ବେତ' ଟିକିଏ ଅସମ୍ପୂର୍ଣ୍ଣ ଲାଗିଲା । ବାଣପୁର ସମ୍ପର୍କରେ ଏତେ ଅଧିକ ସୂଚନା ନ ଦେଇ ପୂର୍ବରୁ ବେତ ମିଳୁଥିବା ବର୍ବରା ଜଙ୍ଗଲ ସମ୍ପର୍କରେ ଟିକିଏ ସୂଚନା ଥିଲେ ଆହୁରି ଭଲ ହେଇ ପାରିଥାନ୍ତା । କିନ୍ତୁ ବାଣପୁରର ଝିଅ ଭାବରେ ଏ ଆଲେଖ୍ୟଟି 'ରେବତୀ'ରେ ଦେଖି ଖୁବ୍ ଖୁସି ଲାଗିଲା । ପ୍ରତିଥର ପରି ପବିତ୍ର ମୋହନ ଦାଶଙ୍କ ରଚିତ 'ଦାସେ ଆପଣେ'ର ବିଂଶତିମୟ ଅଧ୍ୟାୟର ଶେଷ ଭାଗରେ ନୀଳକଣ୍ଠ ଓ ଗୋଦାବରୀଶଙ୍କର ଖାଦ୍ୟ ପ୍ରେମ ଓ ସେମାନଙ୍କ ବନ୍ଧୁତ୍ୱ ଉତ୍କଣ୍ଠା ଆଣୁଛି ଆହୁରି । ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' କେବଳ ଏକ ଆତ୍ମଜୀବନୀ ମୂଳକ ରଚନା ନୁହେଁ, ବରଂ ଓଡ଼ିଶା ଇତିହାସର ଅନେକ ରୁଚିକର ତଥ୍ୟ ଏହି ଆତ୍ମ ଅନୁଭୂତିକୁ ଆହୁରି ଆକର୍ଷଣୀୟ କରୁଛି । ଭଲ ଲାଗିଲା କବିତା ସବୁ । ପ୍ରତ୍ୟାଶା ପ୍ରିୟମ୍ବଦାଙ୍କର 'ବାଲେଶ୍ୱରର ପ୍ରସିଦ୍ଧ କ୍ଷୀରାଭୋଗ'ରେ ତାଙ୍କର ସାମ୍ବାଦିକତାର ଅନୁଭବ ଓ ଗଳ୍ପ କଥନର ଶୈଳୀର ଅପୂର୍ବ ସମନ୍ୱୟ ଘଟିଛି । ପ୍ରତ୍ୟଶାଙ୍କୁ ଶୁଭେଚ୍ଛା । ଏ ନୂଆ ପ୍ରକାର ଲେଖା ବି ସେ ଲେଖି ପାରିଛନ୍ତି, ଖୁବ୍ ଭଲରେ । ଈପସିତା ଷଡ଼ଙ୍ଗୀଙ୍କ 'ଆଲୋକିତ କାବ୍ୟସ୍ୱର' ଭଲ ହେଉଛି । ସ୍ୱାଗତିକା ସେଠୀଙ୍କର ଫେଶନ୍ ପୃଷ୍ଠା ଓ ଶ୍ୱେତା ରାଉତଙ୍କର କନିଅର ଫୁଲ ସମ୍ପର୍କରେ ସୁନ୍ଦର ଆଲୋଚନା ପଢ଼ି ଖୁସି ହେଲି । ଶେଷରେ ଆଜିର ପଠନପ୍ରିୟ 'ରେବତୀ'ଙ୍କୁ ପ୍ରଚ୍ଛଦରେ ଏକ କଳାତ୍ମକ ଦୃଷ୍ଟିରେ ଆଙ୍କିଥିବାରୁ ସମ୍ପାଦିକାଙ୍କୁ ଅଭିନନ୍ଦନ । 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତିଙ୍କର 'ସର୍ଜନଶୀଳତାରେ ନୂଆପଣ' ଖୁବ୍ ସମୟ ଉପଯୋଗୀ । ସତରେ, କୌଶଳ ଓ କଳ୍ପନା ଉଭୟ ହିଁ ନୂଆ ସୃଷ୍ଟି ପାଇଁ ଆବଶ୍ୟକ । ଫକୀରମୋହନଙ୍କ ଜନ୍ମ ମାସରେ 'ରେବତୀ'ର ଏ ଚମତ୍କାର ସଂଖ୍ୟାକୁ ଯେତେ ପ୍ରଶଂସା କଲେ କମ୍ ହେବ ।

**ହିରଣ୍ମୟୀ ମିଶ୍ର**, ରଙ୍ଗବଜାର, ଭୁବନେଶ୍ୱର

## ସମ୍ପାଦକୀୟରେ ସୁନ୍ଦର କଥା ଲେଖୁଛନ୍ତି ସଂପାଦିକା

●ଜାନୁଆରୀର 'ରେବତୀ' ସତରେ ଏକ ଚିତ୍ରିତ ରଙ୍ଗୀନ ଉଷୁମ୍ ଚାଦର, ଯେଉଁଠି ପାଠକ ତରଳିଯିବ 'ମାନନୀୟେଷୁ'ରେ ଗଳ୍ପ ଜଗତର ଚିର ତରୁଣ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ନେଇ ଗାଳ୍ପିକ ରଂଜନ ପ୍ରଧାନଙ୍କ 'ତରଳ ତାରୁଣ୍ୟ' ଆଲେଖ୍ୟ ପଢ଼ି । 'କିନ୍ତୁ ସେ ନିଜକୁ ଜଣେ ଗାଳ୍ପିକ ଭାବେ ଗର୍ବ କରୁଥିଲେ, ପ୍ରଶାସକ ଭାବେ ନୁହେଁ'- ଗଳ୍ପ ପ୍ରତି ତାଙ୍କର ଏତାଦୃଶ ପ୍ରଗାଢ଼ ଭଲପାଇବା ହିଁ ତାଙ୍କୁ ଆମ ପରି ପାଠକଙ୍କ ହୃଦୟରେ ତରୁଣ କରି ରଖିଚି । ସବୁଠୁ ବଡ଼ କଥା, ଏ ଫିଚରଟିକୁ ଅତି ସୁନ୍ଦର ଭାବେ ସଜାଇ ପାରିଛନ୍ତି ଗାଳ୍ପିକ ରଂଜନ ପ୍ରଧାନ । ପ୍ରିୟ ଗାଳ୍ପିକଙ୍କୁ ଏ ଫିଚର୍ ମାଧ୍ୟମରେ ଆହୁରି ନିବିଡ଼ ଭାବେ ଜାଣିବାର ସୁଯୋଗ ସୃଷ୍ଟି କରିଥିବାରୁ 'ରେବତୀ' ପରିବାର ଓ କଥାକାର ରଂଜନ ପ୍ରଧାନଙ୍କୁ ଧନ୍ୟବାଦ । ପ୍ରସଙ୍ଗ ୧ ଓ ୨ରେ 'ଆଜିର ରେବତୀ' ଓ 'ନୂଆ ରେବତୀ'ପଢ଼ିବା ପରେ ପରେ ପ୍ରସଙ୍ଗ-୩ରେ 'ରେବତୀ ଆଜି ବି ପ୍ରାସଙ୍ଗିକ' ପଢ଼ିଲି । ରେବତୀ ପ୍ରସଙ୍ଗକୁ ନେଇ ପ୍ରତ୍ୟେକ ସ୍ରଷ୍ଟା ଖୁବ୍ ସୁନ୍ଦର ଭାବେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଏ 'ପ୍ରସଙ୍ଗ' ବିଭାଗକୁ ଅନେକ ସୁନ୍ଦର ସୌଷ୍ଟବମଣ୍ଡିତ କରି ତୋଳିଛନ୍ତି । ବିନା କାରଣରେ / ଶବ୍ଦ ହେଇ ନପାରି / ବାସୁ ଭାଇ ଆଣିଥିବା ପ୍ରଥମ ପାଠ ପରିକା /ଜୀବନ ବି ଚିରିଗଲା ନିୟତିର ଖିଆଲିପଣରେ । ଏ ପଦ ପଢ଼ିଲା ବେଳେ ସ୍ୱତଃପ୍ରବୃତ୍ତ ଭାବେ ଆଃ ଶବ୍ଦ ବାହାରି ଆସେ ଛାତିରୁ । ସତରେ ରେବତୀ କେବେ ବି ଅପ୍ରାସଙ୍ଗିକ ହୋଇ ପାରେନା । ସେଥିପାଇଁ ତ ଲୋ ରେବତୀ ମାଧ୍ୟମରେ ମଣୀନ୍ଦ୍ର କୁମାର ମେହେର ଆଜି ବି ଏ ସମାଜକୁ ଅବଲୋକନ କରାଇଦେବାକୁ ଚାହିଁଛନ୍ତି- "ମାଆ ଲୋ ରେବତୀ, ତୁ ଝିଅଟିଏ କେବଳ ନୋହୁଁ, ତୁ ହେଉଛୁ ଏ ମହାଶକ୍ତିର ଅଗ୍ନିମୟ ସ୍ଫୁଲିଙ୍ଗ । ତୋ ଆଖିର ଅଜସ୍ର ଲୁହଧାର ଆଜି ରୂପାନ୍ତରିତ ହୋଇଯାଇଛି ଅସଂଖ୍ୟ ଉତପ୍ତ ସୂର୍ଯ୍ୟକିରଣରେ ।" କବିତା ବିଭାଗରେ କବିତା ସବୁ ଖୁବ୍ ସୁନ୍ଦର ଓ ସେ ସୁନ୍ଦରତାକୁ ବହୁଗୁଣିତ କରୁଛି ପାର୍ଶ୍ୱରେ ସଂଯୋଜିତ ଚିତ୍ରଶିଳ୍ପୀଙ୍କ ଚିତ୍ର ସବୁ । ମହାଶ୍ୱେତା ସାହୁଙ୍କ ଗପ 'ଈଶ୍ୱରଙ୍କ ସହ ଶେଷ ସାକ୍ଷାତ' ଯେଉଁଠି ସେ ଈଶ୍ୱରଙ୍କୁ ପକ୍ଷୀ, ପଶୁ, କୀଟ, ପତଙ୍ଗ ସବୁ ଭିତରେ ଅବଲୋକନ କରି ଈଶ୍ୱରଙ୍କ ଅସହାୟତାକୁ ନିଆରା ଢଙ୍ଗରେ ଉପସ୍ଥାପନ କରିଛନ୍ତି, ତାହା ଖୁବ୍ ଭଲ ଲାଗିଲା । ବିଶେଷ ଭାବେ ଭଲ ଲାଗିଲା ଏ ଗପର ଆଙ୍ଗିକତା । ନୂଆପଣଟେ ପାଇବେ ପାଠକେ ଏ ଗପରୁ । ଈପସିତା ଷଡ଼ଙ୍ଗୀଙ୍କ 'ଆଲୋକିତ କାବ୍ୟସ୍ୱର'ରେ ସଂକ୍ଷେପରେ ପ୍ରିୟ କବିମାନଙ୍କ କବିତା ଉପରେ ଆଲୋଚନା ସ୍ପର୍ଶ କଲା । ସମ୍ପାଦିକା ପ୍ରତିଥର ସମ୍ପାଦନାରେ ଖୁବ ଗୁରୁତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରୁଛନ୍ତି । ଏ କଥାକୁ ଯଦି ଆମେ ଗୁରୁତ୍ୱର ସହ ବିଚାର କରନ୍ତେ ତାହାଲେ କେତେ ସୁନ୍ଦର ନହୋଇ ଉଠନ୍ତା ଆମ ପରିବାର ! ହଁ, ଆମ ପରିବାର...ଯେଉଁଠି ଥିବେ ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମା, ବାପା, ମା, କକା, ଖୁଡ଼ି, ଭାଇ, ଭଉଣୀ ସମସ୍ତେ ଓ ଏକ ସ୍ୱରରେ କହି ଉଠୁଥିବେ- ଆମ ପରିବାର । ଆଉ ଶୁଭୁ ନଥିବ ଯେଉଁଠି 'ମୋ ପରିବାର'ର ଆତ୍ମମ୍ଭରିତା । ଶେଷରେ ସହଯୋଗୀ ସମ୍ପାଦକଙ୍କ ନିଆରା ଉପସ୍ଥାପନା 'ସର୍ଜନଶୀଳତାର ନୂଆପଣ'କୁ ପ୍ରତିଟି ଲେଖକ ବୁଝୁ ଓ ନିଜ ଲେଖକୀୟ ଯାତ୍ରାରେ ସାମିଲ କରୁ ତାହା ହିଁ ଆଶା ପୋଷଣ କରୁଛି । ବାସ୍ତବରେ, ଏ ସଂଖ୍ୟାରେ ରେବତୀ ଜାନୁଆରିର ଜିନିଆ ପରି ଭାରି ସୁନ୍ଦରୀ ଓ ଅନନ୍ୟା ।

**ସୁବ୍ରତ କୁମାର ସେନାପତି,**
**ପୁଷ୍ପ ଓ ଭୂଦୃଷ୍ଟ ଦୃଶ୍ୟ ଉଦ୍ୟାନ ବିଭାଗ, ଓୟୁଏଟି, ଭୁବନେଶ୍ୱର**

## 'ରେବତୀ'ରୁ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପ ଭଲ ଲାଗିଲା

●ଡିସେମ୍ବର ମାସର 'ରେବତୀ' ଏବେ ପଢ଼ିସାରିଲି । ଓଡ଼ିଆ ଭାଷାରେ ରେବତୀ ଏକ କକ୍‌ଟେଲ୍ ସାହିତ୍ୟ ପତ୍ରିକା, ଯେଉଁଥିରେ ଅନେକ ପ୍ରକାର ସ୍ୱାଦ ସମ୍ମିଳିତ ଥାଏ । 'ରେବତୀ' ତେଣୁ କାହାକୁ ହତାଶ କରେନା । ସମସ୍ତେ ନିଜ ନିଜ ପସନ୍ଦର ସ୍ୱାଦକୁ ଆହରଣ କରିପାରିବେ ଏଥିରୁ । ଭଲ ଲାଗିଲା ଯୁଗଳବନ୍ଦୀ । ସରୋଜିନୀ ମ୍ୟାଡ଼ାମଙ୍କ ପରିବାର ବିଷୟରେ ଅନେକ କିଛି ଜାଣିହେଲା, ଖୁବ୍ ଭଲ ଲାଗିଲା ଲକ୍ଷ୍ମୀପ୍ରିୟା ମାମ୍ ଓ ଶୈଳବାଳା ମାମ୍‌ଙ୍କର ଭ୍ରମଣ କାହାଣୀ । ନିଜ ଆଖିରେ ଦେଖିବା ପରି ଅନୁଭବ ହେଲା...ନିୟମିତ ସ୍ତମ୍ଭ 'ଦାସେ ଆପଣେ' ଓ 'ସ୍ମୃତିରେ ପ୍ରଜ୍ଞାପୀଠ' ଅନନ୍ୟ, ସବୁଥର ପରି ଅଭିଭୂତ ହେଲି 'ମାନବିକତା ମାଗେ ମାଗୁଣି' ପଢ଼ି । ଗଳ୍ପରେ ଛୁଇଁଲେ ପବିତ୍ର ପାଣିଗ୍ରାହୀ । ଗପ ଆଉ କଣ କି କେବେ ନିଜ ଅନୁଭବ, କେବେ ଅନ୍ୟର ଅନୁଭବ ତ । ଅନ୍ୟାନ୍ୟ ନିୟମିତ ସ୍ତମ୍ଭ, ସବୁ ଉଚ୍ଚକୋଟୀର । ଭଲ ଲାଗିଲା ସମ୍ପାଦକୀୟ ପାରିବାରିକ ପ୍ରେରଣା ଆହୁରି ଭଲ ଲାଗିଲା କୃଷ୍ଣବାବୁଙ୍କର ଲେଖକର ପ୍ରେରଣା ।କେତେ ସତ କଥାଟିଏ କହିଲେ ଆହାଃ !ଲେଖକଟିର ସେତିକି ହିଁ ତ ପ୍ରାପ୍ତି । କେବଳ ସୁଚିନ୍ତିତ ମତାମତଟିଏ ।

**ନନ୍ଦିତା ମହାନ୍ତି**, ଭୁବନେଶ୍ୱର

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# ମାନବିକ ସମ୍ବେଦନାର ସ୍ଥପତି : ଗାଳ୍ପିକ ତରୁଣକାନ୍ତି


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




◄ ଚିତ୍ର ସୌଜନ୍ୟ

ଯାତ୍ରାପଥ ସୁଦୀର୍ଘ, ବାଙ୍କବୁଲାଣି; ତଥାପି ଅବାରିତ, ଅପ୍ରତିହତ ଓ ବେଗବତୀ । 'କି କଥା, ବେଙ୍ଗୁଲି କଥା କି ବେଙ୍ଗୁଲି- କାଠ ବେଙ୍ଗୁଲି'ରୁ ଅବାଧ ମୁକ୍ତ ଜୀବନର ସ୍ୱାଧୀନତାରେ ଆସି ପହଞ୍ଚିଛି କଥାର ଧାରା । ସେଠି ରାଜାପୁଅ ଯୋଗୀ ହୁଏ ସାହାଡ଼ା ସୁନ୍ଦରୀ ପାଇଁ, ହେଲେ ଉଭୟ ଯୋଗୀ ଓ ସାହାଡ଼ା ସୁନ୍ଦରୀର ନବାୟନରେ ମୁଖରିତ ସାଂପ୍ରତିକ କଥାଜଗତ । ଜୀବନ ଉତ୍ସର୍ଗ ଧ୍ୟେୟ ନୁହେଁ, ବରଂ ଅନିଭୋଗ ଜୀବନର ମୂଲ୍ୟବୋଧ ପ୍ରତିଷ୍ଠାରେ କଥାକାରମାନେ ସତତ ପ୍ରୟାସୀ । ଗଳ୍ପସାହିତ୍ୟର ଜନ୍ମଜାତକରେ 'ରେବତୀ'ର କୋଷ୍ଠୀ ଗଣନା କରିଥିବା ଜନ୍ମଦାତା ଫକୀରମୋହନ ଯେଉଁ କାଳଜୟୀ ପ୍ରତିଷ୍ଠାର ମୂଳଦୁଆ ସ୍ଥାପନ କରିଥିଲେ, ଆଜି ତାହା ନଭଶ୍ଚୁମ୍ବୀ ଶିଖର ସ୍ପର୍ଶରେ ଉପନୀତ । ଓଡ଼ିଆ ଜାତିର ଭାଗ୍ୟରେ ଏହି ଗୌରବ ଆଣି ଦେଇଥିବା କଥାସାହିତ୍ୟର ସେନାପତି ଫକୀରମୋହନଙ୍କ ଗଳ୍ପ ଓ ଉପନ୍ୟାସର ଦୀର୍ଘଯାତ୍ରାରେ ଆଜି ଓଡ଼ିଆ କଥାଜଗତ ବେଶ୍ ସମ୍ଭ୍ରାନ୍ତ ଓ ସମୃଦ୍ଧ । ଚେତନା, ବାଦ, ପ୍ରୟୋଗ, ପରୀକ୍ଷା ନିରୀକ୍ଷା ମଧ୍ୟ ଦେଇ କଥାକାରଗଣ ପାଠକଙ୍କୁ ପରଷିଛନ୍ତି ଭିନ୍ନ ସ୍ୱାଦର ବିଷୟବସ୍ତୁ । ପରିବେଶ ଓ ପରିସ୍ଥିତି ଭିତରେ ବଦଳି ଯାଉଥିବା ଜୀବନ ଓ ସମାଜର ଅନ୍ତଃସ୍ୱରକୁ ଚିତ୍ରାୟିତ କରାଯାଇଛି କଳାତ୍ମକ ରୀତିରେ । ଲୌକିକ-ଅଲୌକିକ ସହ ମନୁଷ୍ୟ ଏବଂ ମନୁଷ୍ୟେତର ଚରିତ୍ର ମଧ୍ୟ କଥା ପରିଧିରେ ଆବିର୍ଭାବ ହୋଇଛନ୍ତି ନୂତନ ବାର୍ତ୍ତା ଓ ଆଭିମୁଖ୍ୟ ନେଇ । ମାତ୍ର, ସବୁରି ଭିତରେ ଜୀବନ ପ୍ରତି ମମତ୍ୱ ଓ ସମ୍ବେଦନାଶୀଳ ଭାବ ପ୍ରକାଶ ପାଇଛି, ଦୃଷ୍ଟି ଓ ଦିଗନ୍ତ ପ୍ରସାରିତ ହୋଇଛି । ତତ୍‌ସହିତ ବିଚାରବୋଧରେ ମୌଳିକ ସଂସ୍ଥିତିର ରୂପାୟନ ଘଟିଛି । ଫଳତଃ କଥାକଳ୍ପନାରେ ମାନବିକ ମୂଲ୍ୟବୋଧ ଜୟଗାନ କରି ଆସିଛି ଲେଖକ । ଏହି ପ୍ରସଙ୍ଗରେ ଚଳିତ ଜାନୁଆରୀ ୨୦୨୨ 'ରେବତୀ'ର ନବବର୍ଷ ସଂଖ୍ୟାରେ ରଞ୍ଜନ ପ୍ରଧାନଙ୍କ ପ୍ରସ୍ତୁତ 'ଅଜଣା ଡିହର ଜହ୍ନର ଗାଳ୍ପିକ ତରୁଣକାନ୍ତି ମିଶ୍ର' ଆଲେଖ୍ୟ ସଂପର୍କରେ ମୋର ଏହି ବିଶେଷମତ । ଗାଳ୍ପିକ ତରୁଣକାନ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିବା ଲେଖକ ପ୍ରଧାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଭିତରେ ଓଡ଼ିଆ ଗଳ୍ପ ସାହିତ୍ୟର ଏହି ଚର୍ଚ୍ଚିତ ଗାଳ୍ପିକଙ୍କ ବୃତ୍ତି ଓ କୃତିକୁ ମୂଲ୍ୟାୟନ କରିଛନ୍ତି ।



ସୌଜନ୍ୟ ରଞ୍ଜନ ପ୍ରଧାନ

ରଞ୍ଜନ ପ୍ରଧାନ ମୂଳତଃ ସାକ୍ଷାତକାରଧର୍ମୀ ଫିଚର ପ୍ରସ୍ତୁତ କରିଛନ୍ତି । ଯଦିଓ ଏଥିରେ ପ୍ରଶ୍ନୋତ୍ତର ଛଳରେ ସେ ଗାଳ୍ପିକ ତରୁଣକାନ୍ତିଙ୍କ ବାଲ୍ୟ ଜୀବନ ଠାରୁ ଆରମ୍ଭ କରି ଶିକ୍ଷା, ପ୍ରଶାସନ, ସାହିତ୍ୟ ସାଧନା ସଂପର୍କରେ ଚର୍ଚ୍ଚା କରିଛନ୍ତି । ତଥାପି ସେ ଗାଳ୍ପିକଙ୍କ ଲେଖକୀୟ ସତ୍ତାଟିକୁ ଚିହ୍ନିବାରେ ପ୍ରଯତ୍ନ କରିଛନ୍ତି । ଏହି ଆଲେଖ୍ୟରେ ପାଠକେ ତରୁଣକାନ୍ତିଙ୍କୁ ପୂର୍ଣ୍ଣାଙ୍ଗ ରୂପେ ଅନୁଭବ କରିପାରିବେ । ରୋମାଣ୍ଟିକ ବାସ୍ତବତା ସହ ମାନବିକ ଚେତନାରେ ଢଳଢଳ ତରୁଣଙ୍କ ଗଳ୍ପ-ତାରଲ୍ୟ ପାଠକଙ୍କୁ ଆଜିଯାଏଁ ସମ୍ମୋହିତ କରି ଆସିଛି । ଅନେକ ଗଳ୍ପର ସ୍ରଷ୍ଟା ସେ, କିନ୍ତୁ ନିବିଡ଼ ଅନ୍ତରଙ୍ଗ ଭାବ, ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ମାନବବାଦୀ ଆଭିମୁଖ୍ୟରେ ତାଙ୍କ ଗଳ୍ପ ସବୁ ବେଶ୍ ରସୋତୀର୍ଣ୍ଣ । ଉତ୍ତର ସତୁରୀ ଓଡ଼ିଆ ଗଳ୍ପ ସାହିତ୍ୟରେ ତରୁଣକାନ୍ତିଙ୍କ ଗଳ୍ପ ପାଠକଙ୍କୁ ଦେଇ ପାରିଛି ନବସ୍ୱାଦ । ଆମ ସମାଜ ଓ ଜୀବନ ପରିଧିରେ ଆତଯାତ ସାଧାରଣ ମଣିଷର କଥା ଓ ବ୍ୟଥା ହୋଇଛି ତାଙ୍କ ସୃଷ୍ଟିର ଉପପାଦ୍ୟ । ଜୀବନ ବୈକଲ୍ୟର ବିବିଧ ରୂପ ସହିତ ବସ୍ତୁବାଦୀ ସଭ୍ୟତାର ଚିରାଚରିତ ଚରିତ୍ରକୁ ସେ ବିଶ୍ଳେଷଣ କରିଛନ୍ତି ଚମତ୍କାର ଶୈଳୀରେ । ଗାଁର ସାଧାରଣ ମଣିଷ ଠାରୁ, ପ୍ରଭାବଶାଳୀ ନେତା ମନ୍ତ୍ରୀ ପର୍ଯ୍ୟନ୍ତ, ଦୁର୍ନୀତିଗ୍ରସ୍ତ ପ୍ରଶାସକଙ୍କ ଠାରୁ ନିଷ୍ପେଷିତ ପୀଡ଼ିତାତ୍ମା ପର୍ଯ୍ୟନ୍ତ ଏବଂ ତାରୁଣ୍ୟର ତାରଲ୍ୟରେ ଉଚ୍ଛୁଟୁକୁ ପୂର୍ଣ୍ଣ ଯୌବନା ନାରୀ ଠାରୁ ଅସହାୟ ଯନ୍ତ୍ରଣାକ୍ତ ରମଣୀର ବିକଳ ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ ।

ନୀତିଗତ ମୂଲ୍ୟବୋଧ ଅପେକ୍ଷା ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ତରୁଣକାନ୍ତିଙ୍କ ଗଳ୍ପରେ ଅଧିକ ପ୍ରତିଫଳିତ । ପ୍ରଶାସକର ଶକ୍ତ ଶାସନ ବ୍ୟବସ୍ଥାରୁ ତାଙ୍କ ମୁକ୍ତ ଲେଖକ ସତ୍ତାଟି ମଣିଷକୁ ଖୋଜିଛି ତା ମଧ୍ୟରେ ସନ୍ନିହିତ ବ୍ୟକ୍ତିତ୍ୱ ଏବଂ ବହୁଧା ବିଭକ୍ତ ଛଦ୍ମରୂପୀ ଆତ୍ମାକୁ ଉନ୍ମୋଚିତ କରିଛି । ସମୟ ସ୍ରୋତରେ ବିବର୍ତ୍ତିତ ସଂସ୍କୃତି ଓ ସମାଜ ମଧ୍ୟ ରୂପ ପାଇଛନ୍ତି କଳାତ୍ମକ ଅଭିବ୍ୟଞ୍ଜନାରେ, ତରୁଣକାନ୍ତିଙ୍କ ସ୍ୱତନ୍ତ୍ର ଭାଷା ଓ ଆବେଗଧର୍ମୀ ରୂପକଳ୍ପ ଭିତରେ । ଚରିତ୍ରକୁ ବିଚାର କରିବା ସହ ସେମାନଙ୍କ ମନସ୍ତାତ୍ତ୍ୱିକ ଆବେଗକୁ ସେ ଯେପରି ଉତ୍‌ଖାରି ପାରନ୍ତି, ପାଠକେ ଉକ୍ତ କୌଶଳଟିକୁ ତରୁଣକାନ୍ତୀୟ ଗଳ୍ପ ପରିଧି ମଧ୍ୟରୁ ଆହରଣ କରିଥାନ୍ତି । ଚେତନାର ଚୌହଦିରେ ତାଙ୍କ ଗଳ୍ପଶିଳ୍ପ ଯେପରି କାରୁମଣ୍ଡିତ, ସେହିପରି ଆଙ୍ଗିକ-ଆତ୍ମିକର ସୌନ୍ଦର୍ଯ୍ୟରେ ତାଙ୍କ ଗାରିଗରପଣଟି ସୂକ୍ଷ୍ମ ରୂପେ ବିଦ୍ୟମାନ । ମଧ୍ୟବିତ୍ତ ମଣିଷର ଛବି ତରୁଣକାନ୍ତିଙ୍କ ଗଳ୍ପର ପ୍ରମୁଖ ପ୍ରସଙ୍ଗ । ପ୍ରଶାସକର କାଇଦା କାନୁନରେ ସେ ଆବଦ୍ଧ ହୋଇନାହାନ୍ତି, ବରଂ ମୁକ୍ତ ସ୍ୱାଧୀନ ଭାବରେ ବୃତ୍ତିଗତ ସ୍ଥାନ ଭ୍ରମଣ ଓ ସେଠାରେ ଥିବା ମାଟିର ମଣିଷକୁ ଉଠାଇ ଆଣିଛନ୍ତି ଗଳ୍ପ ପରିଧିକୁ । ସେମାନଙ୍କ ଜୀବନଶୈଳୀ, ଅଭାବ ଅନଟନ, ନିଅଣ୍ଟିଆ ପରିବାରର ବୋଝକୁ ଅତି ନିକଟରୁ ଦେଖିଛନ୍ତି । କେନ୍ଦୁଝରରେ ଜନ୍ମିତ ତରୁଣକାନ୍ତିଙ୍କ ନିକଟ ପରିବେଶ ଓ ମଧ୍ୟବିତ୍ତ ମୂଲ୍ୟବୋଧ ତେଣୁ ତାଙ୍କୁ ମୋହାଚ୍ଛନ୍ନ କରିଛି ଆଜିଯାଏ । ଗଳ୍ପ ରଚନାରେ ସେହି ପ୍ରବାହଟି ତାଙ୍କୁ ସାଧାରଣ ସହ ଅନ୍ତରଙ୍ଗ ହେବାରେ ଅଧିକ ସହଯୋଗ କରିଛି,



# CARING FOR HEALTHY LIFE

## Cassopeia™

**Pharmaceuticals Pvt. Ltd.**

SCF 89, Sector-20, N.B Market, Panchukula, (HR) 134117 E-mail: cassopeiapharma@gmail.com


ଯାହା ଜଣେ ପ୍ରଶାସକ ପକ୍ଷରେ ହୁଏତ ସମ୍ଭବ ହୋଇପାରିନଥାନ୍ତା । କିନ୍ତୁ, ନିଜ ପରିବାର ପରିବେଶରେ ସେ ସଦା ଉପସ୍ଥିତ, ସେଥିଲାଗି ମଧ୍ୟବିତ୍ତୀୟ ମାନସିକତାରେ ତାଙ୍କ ଆବେଦନ ଏତେ ପ୍ରାଣୋଚ୍ଛଳ । ଲେଖକ ମଧ୍ୟ ଏହାକୁ ଅକୁଣ୍ଠ ଚିତ୍ତରେ ସ୍ୱୀକାର କରିଛନ୍ତି । ତାଙ୍କ ଭାଷାରେ- "ମଧ୍ୟବିତ୍ତୀୟ ମୂଲ୍ୟବୋଧ ମୋ ପାଇଁ ନିରାପଦ ପୋତାଶ୍ରୟ । ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ ଓ ମୋର ଜୀବନଧାରା ମଧ୍ୟବିତ୍ତୀୟ । ମୋ ଲେଖାରେ ମୋର ସେହି ଅଭିଜ୍ଞତା ଓ ଅବବୋଧ ରହିବା ସ୍ୱାଭାବିକ । ମଧ୍ୟବିତ୍ତ ମଣିଷର ସୁଖ-ଦୁଃଖ, ଆଶା-ନିରାଶା ଓ ହସ-କାନ୍ଦର ପୃଥିବୀ ଅତି ବିଶାଳ । ତା'ର ରହସ୍ୟ ଦେଖୁଦେଖୁ ମୁଁ ବିସ୍ମୟରେ ହତବାକ୍ ହୋଇଯାଏ । ମୋର ଜନ୍ମ ମଧ୍ୟବିତ୍ତ ପରିବାରରେ । ବଞ୍ଚିଛି ମଧ୍ୟ ମଧ୍ୟବିତ୍ତ ମୂଲ୍ୟବୋଧକୁ ନେଇ । ମୋ ଭାତଥାଳିର ଶେଷ ଭାତଟିକୁ ମୁଁ ପୋଛିପାଛି ଖାଏ, ଅଫିସ୍‌କୁ ଯଦିବା ଆସେ ଭଲ ପୋଷାକ ପିନ୍ଧିଥାଏ, ମୋ ବିଛଣା ଚାଦର ଓ ଘରର ପର୍ଦ୍ଦା ଶସ୍ତା ଓ.ଟି.ଏମ୍. କପଡ଼ାରେ ତିଆରି ।" **(ତରୁଣକାନ୍ତିଙ୍କ ଗଳ୍ପଜଗତ/ନୀଳମଣି ପରିଡ଼ା/ ବର୍ତ୍ତିକା, ଦଶହରା ବିଶେଷାଙ୍କ-୨୦୦୧)** 'କୋମଳଗାନ୍ଧାର' ଗଳ୍ପ ସଂକଳନର 'ସ୍ୱପ୍ନ ଓ ସୌଦାଗର' ଗଳ୍ପ, 'ନିଃସଙ୍ଗତାର ସ୍ୱର' ସଂକଳନର 'ତ୍ରିଭୁଜର ଚତୁର୍ଥବାହୁ' ଗଳ୍ପରେ ଏହି ଭାବନା ସ୍ପଷ୍ଟ ହୋଇଉଠିଛି । ପୁନଶ୍ଚ 'ରଜନୀଗନ୍ଧା', 'ଆଜିର ମୁଖ୍ୟସମ୍ବାଦ ପୁଣିଥରେ', 'ତାଜମହଲ', 'ବଡ଼ଲୋକ', 'ନାହିଁ ନାହିଁର ପୃଥିବୀ', 'ବିଭକ୍ତବଳୟ', 'ହଜିଯାଇଥିବା ଲୋକଟି', 'ଆକାଶସେତୁ', 'ଲଘୁଚାପ', 'ଉଦ୍‌ଭାସ', 'ଛାୟାପଥ', 'ରକ୍ତାକ୍ତ ହୃଦୟ' ପ୍ରଭୃତି ଗଳ୍ପରେ ମଧ୍ୟବିତ୍ତ ମଣିଷ ପ୍ରତି ଲେଖକଙ୍କ ସମ୍ବେଦନଶୀଳତା ପ୍ରକାଶ ପାଇବା ସହ ପାଠକ ଅନ୍ତରାରେ ଏକ ମମତ୍ୱବୋଧକୁ ଜାଗ୍ରତ କରାଇଛି । ନାରୀ ଚରିତ୍ରକୁ ତରୁଣକାନ୍ତି ଦେଇଛନ୍ତି ଉପଯୁକ୍ତ ମର୍ଯ୍ୟାଦା । କୌଣସି ପରିସ୍ଥିତିରେ ତାଙ୍କର ଏହି ଚରିତ୍ରମାନେ ସୀମା ଲଂଘି ନାହାନ୍ତି । ରକ୍ଷଣଶୀଳତାକୁ ଅସ୍ୱୀକାର କରି ପ୍ରଗତିଶୀଳ ଚେତନାରେ ସମୁଜ୍ଜ୍ୱଳ ହୋଇଛନ୍ତି । ଭାରତୀୟ ସାଂସ୍କୃତିକ ପରିଚର୍ଯ୍ୟା ମଧ୍ୟରେ ସେମାନେ ଶୃଙ୍ଖଳିତ ହୋଇଛନ୍ତି, ପୁରୁଷକୁ କ୍ଷମା ଦେଇଛନ୍ତି ଅକାତରେ ସେମାନଙ୍କ ଅପକର୍ମ ପାଇଁ । ସମୂହ ମଙ୍ଗଳାର୍ଥେ ନିଜକୁ ଉତ୍ସର୍ଗ କରିଛନ୍ତି ଏମାନେ । 'ରେବତୀ' ଗଳ୍ପରେ ତରୁଣକାନ୍ତି ବାରତେର ବର୍ଷର ଝିଅର ମହାନତା ଓ ଉଦାରତାର ପରିଚୟ ପ୍ରଦାନ କରିଛନ୍ତି । ଅତ୍ୟାଚାରୀ ପୁରୁଷକୁ ସେ ଯେପରି କ୍ଷମା ଦେଇଛି, ତାହା ତା'ର ନାରୀ ପ୍ରାଣର ମହାନତାକୁ ହିଁ ପ୍ରଦର୍ଶିତ କରିଛି । ସେହିପରି 'ସଂପର୍କ' ଗଳ୍ପର ମଞ୍ଜରୀ ଏବଂ 'ସୁଦାମାର ଠିକଣା' ଗଳ୍ପର 'ଦମୟନ୍ତୀ' ଚରିତ୍ର ମଧ୍ୟ ନିଃସ୍ୱାର୍ଥପର ନାରୀପ୍ରାଣର କୋମଳ ପ୍ରତିମୂର୍ତ୍ତି । ତରୁଣକାନ୍ତିଙ୍କ ଗଳ୍ପରେ ପତ୍ନୀ ଚରିତ୍ର ଗୁରୁତ୍ୱପୂର୍ଣ୍ଣ । ସହଧର୍ମିଣୀ ଅପେକ୍ଷା ସହକର୍ମିଣୀର ଭୂମିକାରେ ସେ ଅବତୀର୍ଣ୍ଣା । ପ୍ରେମିକାର ପ୍ରେମ, ମାତୃତ୍ୱର ବାତ୍ସଲ୍ୟ, ଭଗିନୀର ସ୍ନେହ, ପତ୍ନୀର ଉତ୍ସର୍ଗ ପଣର ସମ୍ମିଳିତ ରୂପଟିଏ । 'ରକ୍ତାକ୍ତ ହୃଦୟ'ର ପ୍ରତିମା, ଅନ୍ଧରାତିର ଲୁହ'ର କୁକି, 'ବିଭକ୍ତ ବଳୟର' ମାନସୀ, 'ନିଶୀର୍ଥ ସୂର୍ଯ୍ୟ'ର ଗାୟତ୍ରୀ, 'ଅସରନ୍ତି କାହାଣୀ'ର ଶର୍ମିଷ୍ଠା, 'ଆଗରେ ସମୁଦ୍ର'ର ସିପ୍ରା, 'ସଞ୍ଜର ପଥର' ମଞ୍ଜୁ, 'ଝରକା ଖୋଲିଯାଏ'ର ଅନୀତା, 'ତାଜମହଲ'ର ମାଧୁରୀ, 'ଛାୟାପଥ'ର ମୋକ୍ଷଦା, 'ଦୂର ପୃଥିବୀ'ର ବୀଣା ଆଦି ଚରିତ୍ର ଏହି ସତ୍ୟର ଦ୍ୟୋତକ ।

ଓଡ଼ିଆ ପ୍ରେମଗଳ୍ପ ଧାରାରେ ତରୁଣକାନ୍ତିଙ୍କ ଗଳ୍ପକୁ ମଧ୍ୟ ବିଚାର କରିବାକୁ ହୋଇଥାଏ । ମାତ୍ର, ଅନ୍ୟ ଲେଖକମାନଙ୍କ ଠାରୁ ତାଙ୍କର ଅବବୋଧଟି ଯେତିକି ବିସ୍ମୟକର, ହୃଦୟକୁ ଥରାଇଦେବା ଭଳି ଆବେଦନ ମଧ୍ୟ ତହିଁରୁ ଲକ୍ଷ୍ୟ କରିହୁଏ । ରଞ୍ଜନ ପ୍ରଧାନ ତାଙ୍କ ସାକ୍ଷାତକାରରେ ଏହି ପ୍ରସଙ୍ଗକୁ ଉପଲବ୍ଧି କରିଛନ୍ତି- "ଜୀବନରେ ଆଦୌ ପ୍ରେମ କରିନଥିବା ତରୁଣକାନ୍ତି ଏଭଳି ପ୍ରେମ କାହାଣୀ ଲେଖି ପାରନ୍ତି । ତରୁଣକାନ୍ତିଙ୍କ ଭାଷାରେ ପ୍ରେମ ଏକ ବ୍ୟାପକ ସଂଜ୍ଞା । ପ୍ରେମ ଭିତରେ ରହିଛି ଜୀବନର ଉନ୍ମେଷ ଓ ଉତ୍ତରଣ । ନାରୀ ଓ ପୁରୁଷଙ୍କ ପ୍ରେମ, ପ୍ରେମ-ମୁକୁରର ଏକ ଭଗ୍ନାଂଶ । ତଥାପି ସେହି ଟୁକୁରାଏ କାଚ ଭିତରେ ରହିଛି ସହସ୍ର ସୂର୍ଯ୍ୟର ବର୍ଣ୍ଣବିଭବ । ସେହି ଅଜସ୍ର ବର୍ଣ୍ଣାଳୀ ଭିତରୁ କିଛି ସଂଗ୍ରହ କରି ସେ କେତୋଟି ଇନ୍ଦ୍ରଧନୁର ଛବି ଆଙ୍କି ପାରିଛନ୍ତି ବୋଲି କହନ୍ତି ତରୁଣକାନ୍ତି ।" **(ତରଳ ତାରୁଣ୍ୟ / ରେବତୀ, ଜାନୁଆରୀ ୨୦୨୨, / ପୃଷ୍ଠା୨୨)** ଲକ୍ଷ୍ୟ କରିବାର ବିଷୟ- ତରୁଣକାନ୍ତିଙ୍କ ଗଳ୍ପର ନାୟକ-ନାୟିକାମାନେ ସଂଯତ ଓ ଶୃଙ୍ଖଳିତ । ଦେହ ଅପେକ୍ଷା ସେମାନଙ୍କ ମନସ୍ତତ୍ତ୍ୱକୁ ଅଧିକ ବିଚାର କରାଯାଇଛି ଗଳ୍ପରେ । ଅଚାନକ ପରିସମାପ୍ତି ଟାଣି ପ୍ରେମର ଏକ ଯନ୍ତ୍ରଣାବୋଧକୁ ସେ ପ୍ରାୟତଃ ପାଠକଙ୍କୁ ଭେଟି ଦେଇଛନ୍ତି । 'କୋମଳ ଗାନ୍ଧାର', 'ଅଜଣା ତିଥିର ଜହ୍ନ', 'ଦୂରର ପୃଥିବୀ', 'ରଜନୀଗନ୍ଧା', 'ଯାହାକୁ ନେଇ ଜୀବନ', 'ଅମୃତାୟନ', 'ସଂବହନ' ଆଦି ତରୁଣକାନ୍ତିଙ୍କ ଭିନ୍ନ ସ୍ୱାଦର ସାର୍ଥକ ପ୍ରେମଗଳ୍ପ । ଶିଶୁ, କିଶୋର ଓ ଯୁବମାନସିକତାକୁ ନେଇ ତରୁଣକାନ୍ତି ଲେଖିଛନ୍ତି ଅନେକ ଗଳ୍ପ । ଅତୀତ ମନସ୍କତା ସହ ମାଟିମୋହର ବାସ୍ନା ତାଙ୍କ ଗଳ୍ପମାନଙ୍କରେ ଉପଲବ୍ଧ । ସର୍ବୋପରି ଅସହାୟ ମଣିଷ ପ୍ରତି ସମ୍ବେଦନଶୀଳତା ଓ ମାନବବାଦର ସ୍ୱର ଗାଳ୍ପିକଙ୍କର ପ୍ରମୁଖ ରଚନାରେ ପରିଦୃଷ୍ଟ । ଜୀବନ ପ୍ରତି ଅନ୍ତରଙ୍ଗତା ଏବଂ ଉଦାର ଦୃଷ୍ଟିଭଙ୍ଗୀ ତାଙ୍କ ଗଳ୍ପର ବୈଶିଷ୍ଟ୍ୟ । ସମାଜର ପ୍ରତିଟି ବର୍ଗର ଚରିତ୍ରକୁ ସେ ବିଶ୍ଳେଷଣ କରିଛନ୍ତି, ସେମାନଙ୍କ ମନସ୍ତତ୍ତ୍ୱକୁ ଅଧ୍ୟୟନ କରିଛନ୍ତି । ସକଳ ପୀଡ଼ନ-ଦହନ-ଅତ୍ୟାଚାର ଭିତରେ ଆଶ୍ୱାସନାଟିକୁ ବଳବତ୍ତର ରଖିଛନ୍ତି । 'ଆବର୍ତ୍ତର ଦୁଇଟି ସ୍ୱର', 'ନିଃସଙ୍ଗତାର ସ୍ୱର', 'କୋମଳ ଗାନ୍ଧାର', 'ବହୁବ୍ରୀହି', 'ବୀତଂଶ', 'ପ୍ରଜାପତିର ଡେଣା ନାହିଁ', 'ଆକାଶ ସେତୁ', 'ଲୁବ୍ଧକର ରାତି', 'ଆଜି ରାତିର ଗଳ୍ପ', 'ଜହ୍ନରାତିର ଗପ ସରିନାହିଁ...', 'ରଜନୀଗନ୍ଧା', 'ସକାଳର ମାନଚିତ୍ର', 'ଭାସ୍ୱତୀ', 'କେହିଜଣେ ଏକାଏକା', 'ଅଜଣା ତିଥିର ଜହ୍ନ' ଆଦି ଗଳ୍ପ ସଂକଳନସ୍ଥ ପ୍ରମୁଖ ଗଳ୍ପରେ ଜୀବନର ମୂଲ୍ୟବୋଧ ଓ ମାନବିକତାର ମୁଗ୍ଧ ଗାୟତ୍ରୀ ଉଚ୍ଚାରିତ ହୋଇଛି ।

ତରୁଣକାନ୍ତିଙ୍କ ଗଳ୍ପରେ ଏକ କାବ୍ୟିକ ପ୍ରବାହକୁ ପାଠକେ ଲକ୍ଷ୍ୟ କରିପାରିବେ । କାବ୍ୟିକ ଭାଷାର ପ୍ରୟୋଗ, ଚରିତ୍ର ଚିତ୍ରଣ, କଥାବସ୍ତୁର ପରିକଳ୍ପନା, ପରିବେଶ ଉପସ୍ଥାପନା ଏବଂ ନାଟକୀୟ ସଂଳାପ ପ୍ରୟୋଗର ସ୍ୱଚ୍ଛନ୍ଦ ଆବେଗ ତାଙ୍କ ଗଳ୍ପରେ ସଞ୍ଚରିତ । ରହସ୍ୟମୟ ଜଗତକୁ ସେ ଅନେକ ସମୟରେ ପାଠକଙ୍କୁ ଭିଡ଼ି ନିଅନ୍ତି, ଯେଉଁଠାରେ ସ୍ୱପ୍ନ, ବାସ୍ତବତା, ସତ୍ୟ, ଲୌକିକ,-ଅଲୌକିକତାର ମିଶ୍ରରାଗ ଶୁଣିବାକୁ ମିଳେ । ଆକର୍ଷଣୀୟ ବର୍ଣ୍ଣନାଶୈଳୀ, ବ୍ୟଞ୍ଜନାଧର୍ମୀ ଭାଷା, ଚିତ୍ରକଳ୍ପ-ପ୍ରତୀକର ସୁନ୍ଦର ପ୍ରୟୋଗ ଏବଂ ଭାବାନୁସାରୀ ସଂଳାପ ସଂଯୋଜନା ମଧ୍ୟରେ ଜଣେ ସଫଳ ଗାଳ୍ପିକଙ୍କୁ ଆମେ ଭେଟିଥାଉ ପ୍ରତି ନିୟତ । ଅଳ୍ପରେ ଜୀବନର ରହସ୍ୟକୁ ଉନ୍ମୋଚନ କରିବା ଏବଂ ପାଠକ ମନରେ ତଜ୍ଜନିତ ସ୍ଥାୟୀ ପ୍ରଭାବକୁ ଅକ୍ଷୁର୍ଣ୍ଣ ରଖିବାର କଳାତ୍ମକ କୌଶଳଟି ତରୁଣକାନ୍ତିଙ୍କୁ ବେଶ୍ ଜଣା । ସୃଜନକର୍ମଟି ତାଙ୍କ ଲେଖକୀୟ ସତ୍ତାର ଚରମ ପରିତୃପ୍ତି । ପ୍ରଶାସନ କାର୍ଯ୍ୟରେ ଥାଇ ମଧ୍ୟ ତାଙ୍କ ସାହିତ୍ୟ ପ୍ରାଣ ଅଭିବ୍ୟକ୍ତ ହେବା ପାଇଁ ବାଧ୍ୟ ହୋଇଛି । ତରୁଣକାନ୍ତି ମଧ୍ୟ ନିଜ ଲେଖକୀୟ ପ୍ରତିବଦ୍ଧତାକୁ ସ୍ୱୀକାର କରିଛନ୍ତି ଅନାୟାସରେ-

"ସଂସାରର ଆପାତପୂର୍ଣ୍ଣତା ଭିତରେ ଯେଉଁ ଅପୂର୍ଣ୍ଣତା ରହିଛି, ବୈଷମ୍ୟ ଓ ବିରୋଧାଭାସ ରହିଛି, ତା'କୁ ମୁଁ ଖୋଜିଛି ମୋ ଲେଖା ଭିତରେ । ମୋ ସାମ୍ନାରେ ମୁହାଁମୁହିଁ ଠିଆ ହୋଇଥିବା ସୁଖ ସଂପୂର୍ଣ୍ଣ ସୁଖ ନୁହେଁ । ଦୁଃଖର ନିଃସୀମ ଅନ୍ଧାର ଭିତରେ ବି ଟିମ୍ ଟିମ୍ ଆଲୁଅଟିଏ ଜଳୁଛି କାହିଁ କେଉଁଠି- ଏହି ବିସ୍ମୟ ମୋତେ ଅଥୟ କରିଦେଉଛି ବାରମ୍ବାର । + + + ମୁଁ ଲେଖୁଛି, କାରଣ ମୋର ଏଥିରୁ ନିସ୍ତାର ନାହିଁ ।" **(ମୁଁ କାହିଁକି ଲେଖେ / ସଂକଳନ ଓ ସମ୍ପାଦନା ଡକ୍ଟର ବିଜୟାନନ୍ଦ ସିଂହ,/ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ/ ୨ୟ ସଂସ୍କରଣ / ପୃଷ୍ଠା-୪୩୦)**

ସାଂପ୍ରତିକ ଓଡ଼ିଆ କଥାସାହିତ୍ୟର ଗଳ୍ପ ବିଭାଗରେ ତରୁଣକାନ୍ତିଙ୍କ ସଫଳଯାତ୍ରାକୁ ଅନୁଭବ କରିହୁଏ । କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ତାଙ୍କର କୃତିକୁ ଆଲୋଚନା କରିବାକୁ ଗଲେ ବିଫଳ ହେବାକୁ ହୁଏ । ଜୀବନରେ ବ୍ୟାପକ ଦୃଷ୍ଟିଭଙ୍ଗୀକୁ ନେଇ ସେ ରଚନା କରିଛନ୍ତି ଗଳ୍ପ । ଜୀବନ ପ୍ରତି ତାଙ୍କ ଚରିତ୍ରମାନଙ୍କ ଦୃଷ୍ଟିଭଙ୍ଗୀ ଯେପରି ଭିନ୍ନ ହୋଇଛି, ପାଠକମନରେ ଗଳ୍ପ ପଠନର ଆବେଶକୁ ସେହିପରି ଅଧିକ ତ୍ୱରାନ୍ୱିତ କରିପାରିଛି । ସକାଳ ପରୀକ୍ଷା-ନିରୀକ୍ଷା ମଧ୍ୟରେ ଜୀବନ-ଜଗତ ପ୍ରତି ତରୁଣକାନ୍ତିଙ୍କ ପରିବ୍ୟାପ୍ତ ଅବବୋଧ ଏବଂ ମାନବିକତାର ଜୟଗାନ ହୋଇଛି ମୂଳ ପ୍ରତିପାଦ୍ୟ । **ରେବତୀ**ର ଜାନୁଆରୀ ସଂଖ୍ୟାରେ ପ୍ରକାଶିତ ରଞ୍ଜନ ପ୍ରଧାନଙ୍କ ଆଲେଖ୍ୟଟି ଏହି ଦୃଷ୍ଟିରୁ ହୃଦ୍ୟ । ଦ୍ୱୈତ ବ୍ୟକ୍ତିତ୍ୱର ଅଧିକାରୀ ତରୁଣକାନ୍ତିଙ୍କ ଜନ୍ମ-ଜୀବନ-ଶିକ୍ଷା-ବୃତ୍ତି ଓ କୃତିକୁ ସ୍ୱଳ୍ପ ପରିଧିରେ ପ୍ରକାଶ କରିଛନ୍ତି । ଲେଖକ ତରୁଣକାନ୍ତିଙ୍କ ସହ ସାକ୍ଷାତକାର ଭିତରେ ତାଙ୍କ ସୃଜନପ୍ରାଣର କୋମଳ ତାରୁଣ୍ୟ ଉନ୍ମୋଚିତ ହୋଇଛି । ତରୁଣକାନ୍ତିଙ୍କ ଗଳ୍ପ-ବିଭାରେ ଓଡ଼ିଆ ଗଳ୍ପଜଗତ ଆଲୋକିତ ଏବଂ ସମ୍ଭାବନାରେ ପରିପୂର୍ଣ୍ଣ ।




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

## ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଯୁଗୋପଯୋଗୀ

●ଶେଷ ପୃଷ୍ଠାର 'ସର୍ଜନଶୀଳତାର ନୂଆ ପଣକୁ' ବେଶ୍ ଅନୁଭବ କରିହୁଏ ପ୍ରତି ସଂଖ୍ୟାର 'ରେବତୀ'ରେ । ପାଠକ ସବୁବେଳେ ନୂଆପଣ ଖୋଜେ, ଗୋଟିଏ ସୁନ୍ଦର ପ୍ରସଙ୍ଗକୁ ଆଲୋକପାତ କରିଛନ୍ତି କୃଷ୍ଣ କୁମାର ମହାନ୍ତି । ପାରିବାରିକ ଜୀବନରେ ନିତ୍ୟ ନୂତନ ଆମ ସଂପର୍କ, ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଯୁଗୋପଯୋଗୀ । ଈପ୍‌ସିତା ଷଡ଼ଙ୍ଗୀଙ୍କ ଆଲୋକିତ କାବ୍ୟସ୍ୱର ଅତ୍ୟନ୍ତ ଉପାଦେୟ ସମୀକ୍ଷା । ଆଜିର ଲେଖକଙ୍କ ସୁନ୍ଦର ସର୍ଜନା ଉପରେ ଯେତିକି ସମୀକ୍ଷା ହେବା କଥା ହେଉନାହିଁ ବା ଯେତିକି ହେଉଛି ଯଥେଷ୍ଟ ନୁହେଁ, ତେଣୁ ଏହା ନୂତନ ପିଢ଼ିର ଗବେଷକ ପାଇଁ ବହୁତ ଉପାଦେୟ । 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' ମାଧ୍ୟମରେ ଅନେକ ଲୁକ୍କାୟିତ ପ୍ରସଙ୍ଗ ଜାଣି ହେଉଛି । ପୁଣି ଜୟନ୍ତୀ ରଥ ଓ 'ଦାସେ ଆପଣେ'ରେ ପବିତ୍ର ମୋହନ ଦାଶଙ୍କ ସରଳ ବୋଧଗମ୍ୟ ଶୈଳୀ ପାଇଁ ଏହା ସୁଖପାଠ୍ୟ ହୋଇଛି । ମଣୀନ୍ଦ୍ର ମେହେରଙ୍କ ପ୍ରତିଥରର ଲେଖା ଭଳି ଏଥର ମଧ୍ୟ ନିଆରା ପରିବେଷଣ ଶୈଳୀ ବେଶ୍ ଆକର୍ଷଣୀୟ । ରେବତୀକୁ ନେଇ 'ରେବତୀ ଆଜିକାଲ', 'ମୁଁ ରେବତୀ ନୁହେଁ, ରେବତୀ ଅସହାୟ ଭାଗ୍ୟ ...', 'ଜଣେ ପାଠକ ଦୃଷ୍ଟିରେ...ରେବତୀ' ପ୍ରଭୃତି ପ୍ରସଙ୍ଗ ସମସାମୟିକ ଚିନ୍ତା ଚେତନାର ଜୀବନ୍ତ ପ୍ରତିଫଳନ । ସବୁଠାରୁ ବେଶୀ ଖୁସି ଲାଗିଲା ପ୍ରିୟ ଗାଳ୍ପିକ ତରୁଣକାନ୍ତି ମିଶ୍ରଙ୍କ ଜୀବନ ଓ ସର୍ଜନା ଉପରେ ଆଲେଖ୍ୟ । ଶିଶିର ବେହେରାଙ୍କ ବିଷେଶ ମତ ସୁଖପାଠ୍ୟ ହୋଇଛି । ଜୟନ୍ତିକାଙ୍କ 'ମୁହୂର୍ତ୍ତ ତରଳି ଯାଏ' ବାରମ୍ବାର ପଢ଼ିବା ଭଳି କବିତାଟିଏ । ଦେବେନ୍ଦ୍ର ଲାଲ ଓ ପ୍ରଦୀପ ପଣ୍ଡାଙ୍କ କବିତା ମଧ୍ୟ ବହୁତ ଭଲ ହୋଇଛି । ପ୍ରାଚୀନଦୀ ବିଷୟରେ ହେଉ କି ବେତ ଉପରେ ହେଉ, ଖାଦ୍ୟସଂସ୍କୃତି ଓ ପୁଷ୍ପ ବିତାନ- ଏହି ପ୍ରସଙ୍ଗ ମାଧ୍ୟମରେ ନୂଆ ନୂଆ କଥା ଜାଣିହୁଏ । ସମସ୍ତ ଲେଖକମାନଙ୍କୁ ଅଭିନନ୍ଦନ । ମୁଲାୟମ ସୁନ୍ଦର ସାଜସଜ୍ଜା ଓ ନୂଆପଣରେ 'ରେବତୀ' ଆହୁରି ରଙ୍ଗୀନ ହେଉ ଏତିକି କାମନା ।

**ସଂଘମିତ୍ରା ମିଶ୍ର,** ବରଗଡ଼

## ଫେରି ଆସୁ ସେ ପୁରୁଣା ଯୌଥ ପରିବାର, ସଶକ୍ତ ସଂପାଦକୀୟ

●'ରେବତୀ'ର ନୂଆବର୍ଷର ପ୍ରଥମ ସଂଖ୍ୟା ମନ ମୋହିନେଲା । ଆମ ସମୟର ଅନ୍ୟତମ ଶ୍ରେଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କୁ ନେଇ ରଂଜନ ପ୍ରଧାନଙ୍କର ଆଲେଖ୍ୟ 'ତରଳ ତାରୁଣ୍ୟ' ଖୁବ୍ ସୁନ୍ଦର । ସବୁଠୁ ଭଲ ଲାଗିଲା ପ୍ରଶ୍ନଗୁଡ଼ିକର ଉତ୍ତରରେ ସାର୍‌ଙ୍କର ସରଳପଣ । ଏ ସଂଖ୍ୟାର ପ୍ରସଙ୍ଗ 'ନୂଆ ରେବତୀ'ରେ ସତ୍ୟପ୍ରିୟ ମହାଳିକ, ରବୀନ୍ଦ୍ର କୁମାର ଦାସ, ଜ୍ଞାନୀ ଦେବାଶିଷ ଓ ଡକ୍ଟର ସନ୍ତୋଷ କୁମାର ନାୟକଙ୍କର ଭିନ୍ନ ଭିନ୍ନ ସ୍ୱାଦର ଆଲେଖ୍ୟ ଚମତ୍କୃତ କଲା । ଡକ୍ଟର ମଣୀନ୍ଦ୍ର କୁମାର ମେହେର ଏଥର ରେବତୀ ନୁହେଁ ଜେଜେମା ଚରିତ୍ରର ବିଶ୍ଳେଷଣ କରିଛନ୍ତି ଖୁବ୍ ସୁନ୍ଦର ଭାବେ । ବାଣପୁର ବଜାରରେ ମୋ ପିଲାଦିନ କଟିଛି । ବାଣପୁରର ବେତ କାରିଗରୀ ଉପରେ ଦେବଯାନୀ ରାୟଙ୍କର ଆଲେଖ୍ୟରେ ବେତ ଓ ଉପତ୍ୟକାସ୍ଥଳ ବର୍ବରା ଜଙ୍ଗଲ ଉପରେ ଟିକେ ଅଧିକ ଆଲୋଚନାର ଆବଶ୍ୟକତା ଥିଲା । କବିତା ସବୁ ସୁନିର୍ବାଚିତ । ମହାଶ୍ୱେତା ସାହୁ ଭିନ୍ନ ସ୍ୱାଦ ଓ ଚେତନାର ଗଳ୍ପ ପରିବେଷଣରେ ସଫଳ ହୋଇପାରିଛନ୍ତି । ଈପ୍‌ସିତା ଷଡ଼ଙ୍ଗୀଙ୍କର 'ଚାରିକେ ଚାରି' ଖୁବ୍ ଭଲ ଲାଗୁଛି । ଜୟନ୍ତୀ ରଥ ମାଡାମ୍‌ଙ୍କର 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' ଖାଲି ଆତ୍ମଜୀବନୀ ନୁହେଁ, ଓଡ଼ିଆ ଇତିହାସର କିଛି ଅନାଲୋଚିତ ପୃଷ୍ଠା ଉପରେ ଆଲୋକପାତ କରୁଛି । ସବୁଥର ପରି 'ଦାସେ ଆପଣେ' ଭାବବିହ୍ୱଳ କଲା । ପ୍ରତ୍ୟାଶା ପ୍ରିୟମ୍ବଦାଙ୍କ ଫିଚର୍ 'ଖ୍ୟାତିରେ କ୍ଷୀରାଭୋଗ' ଖୁବ୍ ସୁନ୍ଦର ଉପସ୍ଥାପନା । ପୁଷ୍ପ ବିତାନରେ ଶ୍ୱେତା ରାଉତଙ୍କର 'ସୁକୋମଳ କନିଅର' ଖୁବ୍ ଜ୍ଞାନବର୍ଦ୍ଧକ । ଡକ୍ଟର ଶିଶିର ବେହେରା 'ବିଶେଷ ମତ'ପୃଷ୍ଠାରେ ଗତ ସଂଖ୍ୟାର 'ସ୍ମୃତିରେ କଳାପାଣି'ର ସୁନ୍ଦର ବ୍ୟାଖ୍ୟା କରିଛନ୍ତି । ପ୍ରତିଥର ସମ୍ପାଦକୀୟରେ ପରିବାର ଓ ସମାଜକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସୁଥିବା ସମ୍ପାଦିକା ମହୋଦୟା ଏଥର ନୂଆବର୍ଷରେ ପରିବାରକୁ ନେଇ ଯେଉଁ ନୂଆ ସ୍ୱପ୍ନଟିଏ ଦେଖାଇଛନ୍ତି ତାହା ସବୁ ପାଠକଙ୍କୁ ପ୍ରଭାବିତ କରୁ, ପୁଣି ଫେରିଆସୁ ସେ ପୁରୁଣା ଯୌଥ ପରିବାର । ନୂଆପଣଟିକୁ ଖୋଜି ହେବା ଏକ ମାନବୀୟ ପ୍ରବୃତ୍ତି । ସାହିତ୍ୟର ପାଠକ ବି ନୂଆପଣ ଖୋଜିବା ସ୍ୱାଭାବିକ । ତେଣୁ 'ଶେଷପୃଷ୍ଠା'ରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଯେଉଁ ବିଷୟରେ ଗୁରୁତ୍ୱାରୋପ କରିଛନ୍ତି, ସେଇ ନୂଆ କୌଶଳ ଓ କଳ୍ପନା ପାଇଁ ସବୁ ଲେଖକ ଯତ୍ନବାନ ହେବା ବିଧେୟ । ସୁନ୍ଦର ପ୍ରଚ୍ଛଦ, ଅଙ୍ଗସଜ୍ଜା ଓ ପରିବେଷଣର ନୂଆପଣ 'ରେବତୀ'କୁ ଏକ ସମୃଦ୍ଧ ପତ୍ରିକାର ମାନ୍ୟତା ଦେଉଛି ।


**ପ୍ରତ୍ୟୁଷ ପଣ୍ଡା,** ସିଡିଏ, କଟକ

## ଏକ ଅବିନଶ୍ୱର ଚରିତ୍ର ଓ ଚେତନାକୁ ଘେନି ଅନୁପମ ସଂକଳନ

●ନୂଆବର୍ଷରେ 'ରେବତୀ'ର ପ୍ରଥମ ଅର୍ଘ୍ୟ ପଢ଼ିବାର ସୌଭାଗ୍ୟ ମିଳିଲା । ନୂଆ ରୂପ, ରଙ୍ଗ ଓ ମହକ ନେଇ 'ରେବତୀ' ଆତ୍ମପ୍ରକାଶ କରିଛି; ପିତାମହ ଫକୀରମୋହନଙ୍କ ରେବତୀକୁ ନେଇ ସୁନ୍ଦର, ସ୍ୱତନ୍ତ୍ର ଉପସ୍ଥାପନା । ଅଧ୍ୟାପକ ରବୀନ୍ଦ୍ର କୁମାର ଦାସ ରେବତୀକୁ ଆବିଷ୍କାର କରିଛନ୍ତି ଏକ ଚେତନ ବିନ୍ଦୁ ଓ ଭୂମିରେ । ଜ୍ଞାନୀ ଦେବାଶିଷଙ୍କ ରେବତୀ ଏକ ଛଳ ଛଳ ଆବେଗମୟ କୋମଳ ବ୍ୟାପ୍ତି । ଡକ୍ଟର ସନ୍ତୋଷ କୁମାର ନାୟକଙ୍କ ତାତ୍ତ୍ୱିକ, ତଥ୍ୟ ସମ୍ବଳିତ ଆଲୋଚନା ଅତି ଉଚ୍ଚକୋଟୀର, ସୁଖପାଠ୍ୟ ବି । ସତ୍ୟପ୍ରିୟ ମହାଳିକ ଗଳ୍ପଟି ପୁନଃ ବ୍ୟାଖାନ କରିଛନ୍ତି ଏକ ଚିରକାଳର ଗଳ୍ପ ହିସାବରେ । ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଆଖିରେ ରେବତୀ ମହାଶକ୍ତିର ଏକ ଅଗ୍ନିମୟ ସ୍ଫୁଲିଙ୍ଗ । ଏକ ଅବିନଶ୍ୱର ଚରିତ୍ର ଓ ଚେତନାକୁ ଘେନି ଅନୁପମ ସଂକଳନ ଏ ସଂଖ୍ୟାର **ରେବତୀ** ପତ୍ରିକା । ଈପ୍‌ସିତା ଷଡ଼ଙ୍ଗୀଙ୍କ ସମୀକ୍ଷା 'ଆଲୋକିତ କାବ୍ୟସ୍ୱର' ସୁନ୍ଦର ଲାଗିଲା । କବିତା ବିଭାଗଟି ଭଲ ହୋଇଛି, ଫନୀ ମହାନ୍ତିଙ୍କ ଭ୍ରମରେ-ଭ୍ରମିବା-ଭ୍ରମିବା 'ପରିବ୍ରାଜକ', ପ୍ରଦୀପ କୁମାର ପଣ୍ଡାଙ୍କ 'ନିଃସଙ୍ଗ ପ୍ରେମ'. ସୁନ୍ଦର ହୋଇଛି । ଯଦି ଗଳ୍ପର ଅଭାବ ଅଛି, ବିଗତ ସମୟର ସ୍ମରଣୀୟ ଗଳ୍ପ ବିଭାଗଟିଏ ଯୋଡ଼ି ପାରନ୍ତି । ଅନେକ ଭଲ ଭଲ ବହି ପାଠକ ପାଖରେ ପହଞ୍ଚେ ନାହିଁ, ପାଠାଗାର ଅଭାବରୁ । ଅନେକ ଭଲ ଗଳ୍ପ ଆମର ପଢ଼ା ହୋଇନାହିଁ । ମହାଶ୍ୱେତା ସାହୁଙ୍କ ଗଳ୍ପରେ ନୂତନ ଶୈଳୀ, ସ୍ୱାଦ ଓ ବିଶ୍ଳେଷଣର ସ୍ପର୍ଶ ରହିଛି । ଆପଣଙ୍କୁ, ସମ୍ପାଦିକାଙ୍କୁ ଧନ୍ୟବାଦ, 'ସର୍ଜନଶୀଳତାରେ ନୂଆପଣ' ପାଇଁ ଆପଣ ନିରଳସ ଚେଷ୍ଟା କରୁଛନ୍ତି । ନୂଆ ନଥାଇ, ସେଇ ଘସରା କଥା କେତେ ପଢ଼ିବା ଲେଖିବା ? ମୁଁ ପୂର୍ଣ୍ଣ ଏକମତ, ଆପଣ 'ଶେଷ ପୃଷ୍ଠା'ରେ ଲେଖିଥିବା ଅଭିମତ ସହିତ ।

**ତରୁଣକାନ୍ତି ମିଶ୍ର,** ଲୁଇସ୍ ରୋଡ଼, ଭୁବନେଶ୍ୱର

## ତରୁଣକାନ୍ତି ମିଶ୍ରଙ୍କ ଆଲେଖ୍ୟ ପାଇଁ 'ରେବତୀ'କୁ ସାଧୁବାଦ



●ପ୍ରେମ ଏକ ନୀରବ ଅବ୍ୟକ୍ତ ଯନ୍ତ୍ରଣାର ଭାଷା । ଏକ ସୁତୀବ୍ର ଅନୁଭୂତିର ସ୍ୱର । ମୁହଁ ଫିଟେଇ କହିଦେଲେ, ତା'ର ମହତ୍ୱ କମିଯାଏ । ସୌନ୍ଦର୍ଯ୍ୟ ହଜିଯାଏ । ଆମ ସମୟର କୋମଳ କିନ୍ତୁ ଦୃଢ଼ ଗଳ୍ପ ସ୍ୱର ଶ୍ରୀ ତରୁଣକାନ୍ତି ମିଶ୍ର ସାର୍ ଶ୍ରୀମାନ ରଞ୍ଜନ ପ୍ରଧାନଙ୍କୁ ସାକ୍ଷାତକାର ଦେଇ କହିଛନ୍ତି ବହୁଳପ୍ରସାରିତ ମାସିକ ଓଡ଼ିଆ ପତ୍ରିକା 'ରେବତୀ' ଜାନୁଆରୀ ସଂଖାରେ । ଆଉ ଦୁଇ ଧାଡ଼ି ମଧ୍ୟ ବାରମ୍ବାର ପଢ଼ିଲି । ତରୁଣ ସାର୍ କହନ୍ତି- "ମଣିଷର ଅସହାୟତା, ଅପୂର୍ଣ୍ଣତା ଓ ଦୁର୍ଭାଗ୍ୟ ଲେଖକଙ୍କୁ ଯେତିକି ବ୍ୟଥିତ କରେ, ଏସବୁ ମଧ୍ୟରେ ସେ ଦେଖୁଥିବା ମଣିଷର ଶୁଦ୍ଧତା, ସୌନ୍ଦର୍ଯ୍ୟ ଓ ଅବିନଶ୍ୱରତା ତାଙ୍କୁ ସେତିକି ଅଭିଭୂତ କରେ । ଲେଖକଙ୍କ ଭାଷାରେ ସବୁ ଦୁର୍ଭାଗ୍ୟ ସତ୍ତ୍ୱେ ମାନବିକତାର ମୃତ୍ୟୁ ନାହିଁ, ମଣିଷର ବିଲୟ ନାହିଁ । ଏସବୁ କଥା ଲେଖକ ଅତ୍ୟନ୍ତ ନିଷ୍କପଟ ଓ ଅନ୍ତରତମ ଭାଷାରେ କହିଛନ୍ତି । ଧନ୍ୟବାଦ ଅନୁଜ ରଞ୍ଜନ ଏ ସୁନ୍ଦର ସାକ୍ଷାତକାର ପାଇଁ । ପ୍ରିୟ କଥାକାର ତରୁଣକାନ୍ତି ମିଶ୍ର ସାର୍‌ଙ୍କୁ ଅଶେଷ ସମ୍ମାନ ଓ ପ୍ରଣାମ । ଲେଖନୀ ଏମିତି ଚାଲିଥାଉ ସାର୍ । 'ରେବତୀ' ପତ୍ରିକାର କର୍ତ୍ତୃପକ୍ଷଙ୍କୁ ସାଧୁବାଦ । ପୁରା ସାକ୍ଷାତକାର ପଢ଼ିବା ପାଇଁ ସମସ୍ତେ 'ରେବତୀ' ପଢ଼ନ୍ତୁ ।

**ନବଜ୍ୟୋତି ରାୟ,** କେନ୍ଦ୍ରାପଡ଼ା

# ସରୋଗେସି ଓ ମାତୃତ୍ୱର ଅନୁଭବ

ମାତୃତ୍ୱ ପ୍ରାପ୍ତି ଜଣେ ନାରୀ ପାଇଁ ସ୍ୱର୍ଗୀୟ ଆନନ୍ଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଅର୍ଥରେ ନାରୀ ଜନ୍ମର ସାର୍ଥକତା ମାତୃତ୍ୱ ପ୍ରାପ୍ତିରେ ହିଁ ହୋଇଥାଏ । ଅର୍ଥାତ୍ ଯେଯାଏଁ ଜଣେ ନାରୀ ମାଆ ନହୋଇଛି, ସେଯାଏଁ ତା'ର ନାରୀଜନ୍ମର ସଫଳତା ମିଳିନଥାଏ- ଏପରି ଏକ ବିଶ୍ୱାସ ଆମ ସମାଜରେ ରହିଛି । ମୂଳକଥା ହେଲା, ନାରୀ ସୃଷ୍ଟିର ପ୍ରତୀକ । ନାରୀର ଅନ୍ୟ ନାମ ପ୍ରକୃତି । ପ୍ରକୃତି ଯେପରି ପୃଥିବୀକୁ ସୁନ୍ଦରାତା ଓ ସବୁଜିମାରେ ଭରିଦେଇ ଅପରୂପ କରିଥାଏ, ନାରୀ ଜୀବନରେ ସନ୍ତାନଟିଏ ଜନ୍ମ ନେଲେ ସେଇପରି ସୌନ୍ଦର୍ଯ୍ୟର ଏକ ଅବ୍ୟକ୍ତ ଅନୁଭବ ମିଳିଥାଏ । ସେଥିପାଇଁ ସନ୍ତାନସମ୍ଭବା ନହୋଇ ପାରିଲେ, ଜଣେ ନାରୀକୁ ପରିବାର ଓ ସମାଜ ପାଖରୁ ଅନେକ ଭର୍ତ୍ସନା ଓ କଷଣ ସହିବାକୁ ପଡ଼ିଥାଏ । ଯଦିଓ ନାରୀଟିଏ ସନ୍ତାନସମ୍ଭବା ନହେବା ପଛରେ ଅନେକ କାରଣ ନିହିତ ଥାଏ । ତଥାପି ମାଆ ହେଇ ନପାରିବାର ଦୁଃଖ ତାକୁ ହିଁ ଭୋଗିବାକୁ ପଡ଼ିଥାଏ, କାଳ କାଳ ।


ସମାଜ ଓ ପରିବାର କହିଲେ ସ୍ୱାମୀସ୍ତ୍ରୀ ଓ ସେମାନଙ୍କ ସନ୍ତାନସନ୍ତତିକୁ ନେଇ ଏକତ୍ର ସହାବସ୍ଥାନକୁ ବୁଝାଏ । ମାତ୍ର ଯେଉଁ ପରିବାରରେ ସନ୍ତାନର କୋଳାହଳ ନଥାଏ, ସେଠି ମରୁଭୂମିର ଶୂନ୍ୟତା ଅନୁଭୂତ ହୁଏ । ଏହି ଶୂନ୍ୟତାକୁ ଭୁଲିବା ପାଇଁ, ଏଇ ଶୂନ୍ୟତାର ଗ୍ରାସରୁ ମୁକ୍ତି ପାଇବା ପାଇଁ ଆମର ନିଃସନ୍ତାନ ଦମ୍ପତି ମାନେ ନାନା ଉପାୟ ଗ୍ରହଣ କରିଥାନ୍ତି । ଆଡ଼ପ୍ସନ୍ (ପୋଷ୍ୟସନ୍ତାନ ଗ୍ରହଣ)ତନ୍ମଧ୍ୟରୁ ଗୋଟିଏ ଉପାୟ ହୋଇଥିବା ବେଳେ ଟେଷ୍ଟ୍‌ଟ୍ୟୁବ୍ ବେବି (ଗର୍ଭାଶୟ ବାହାରେ ଆଇଭିଏଫ୍‌ରେ) ଆଉ ଏକ ପ୍ରକ୍ରିୟା । ଏହାଛଡ଼ା ଏବେ 'ସରୋଗେସି' ମାତୃତ୍ୱର କନସେପ୍ଟ ବେଶ୍ ଆଦର ଲାଭ କଲାଣି ଆମ ସମାଜରେ ।

ସରୋଗେସି ମାତୃତ୍ୱ କ'ଣ ପ୍ରକୃତରେ ? ଏହା ଦ୍ୱାରା ମାଆ ହେବାର ସୁଖ ସିନା ମିଳିଯାଏ, ମାଆ ନହେବାର ଅପବାଦରୁ ସିନା ରକ୍ଷା ମିଳିଯାଏ, ନିଜର ଯୌବନ ଓ ସୌନ୍ଦର୍ଯ୍ୟକୁ ଅତୁଟ ରଖିବାର ବାଟ ସିନା ମିଳିଯାଏ, କିନ୍ତୁ ପ୍ରକୃତରେ ମାଆ ହେବାର ଯେଉଁ ଅବର୍ଣ୍ଣନୀୟ ଅନୁଭବ, ତାହା କିନ୍ତୁ ପ୍ରାପ୍ତ ହୋଇନଥାଏ । ସରୋଗେସି ଅର୍ଥ ସିଧା ଅର୍ଥରେ ଭଡ଼ାରେ ଗର୍ଭ ନେବା । ଯେଉଁମାନଙ୍କ ଘର ନଥାଏ, ସେମାନେ ଭଡ଼ାଘର ନେଇ ରହିବା ପରି ଯେଉଁ ନାରୀ ନିଜେ ଗର୍ଭବତୀ ହେବାକୁ ଚାହୁଁନଥାଏ, ସେ ଆଉ ଏକ ନାରୀର ଗର୍ଭକୁ ଭଡ଼ାରେ (ଅର୍ଥାତ୍ ଏଥିପାଇଁ ଅର୍ଥ ଦେବାକୁ ପଡ଼ିଥାଏ) ନେଇ ନିଜର ସନ୍ତାନକୁ ସେଇ ଭଡ଼ାଗର୍ଭରେ ଗର୍ଭ ସଞ୍ଚାର କରାଇଥାଏ । ଭଡ଼ାଗର୍ଭରେ ଭଡ଼ା ନେଇଥିବା ଦମ୍ପତିଙ୍କ ଶୁକ୍ରାଣୁ ଓ ଡିମ୍ବାଣୁକୁ ସ୍ଥାପନା କରାଯାଇ ଭ୍ରୁଣସଞ୍ଚାର କରାଯାଏ ଏବଂ ସେଇ ଗର୍ଭରେ ପିଲାଟି ଜନ୍ମହେବା ଯାଏଁ ବଢ଼ିଥାଏ । ଜନ୍ମହେବା ପରେ ପିଲାର ମାଆ ଓ ବାପା ବୋଲାଇଥାନ୍ତି ଭଡ଼ା ନେଇଥିବା ଦମ୍ପତି । ଗର୍ଭଭଡ଼ା ଦେଇଥିବା ନାରୀଟିର ପିଲା ଉପରେ କିନ୍ତୁ କୌଣସି ଅଧିକାର ନଥାଏ । ଏପରି ହିଁ ଆଇନ ତିଆରି ହୋଇଛି । ସରୋଗେଟ୍ ମାଆ ହେବାକୁ ରାଜି ହେଉଥିବା ମହିଳାମାନେ ସାଧାରଣତଃ ଗରୀବ ଶ୍ରେଣୀର । ସେମାନଙ୍କ ପାଇଁ ଆଇନରେ ଯଥାର୍ଥ ବ୍ୟବସ୍ଥା ରହିଛି । ସରୋଗେଟ୍ ମାଆ ହେବା ପାଇଁ ଶାରୀରିକ ସୁସ୍ଥତାର ଡାକ୍ତରୀ ପ୍ରମାଣପତ୍ର ପାଇବା ଜରୁରୀ । ଏହା ଆଇନ ଅନ୍ତର୍ଗତ ଅଟେ । କିନ୍ତୁ ଏହା ଏକ ବ୍ୟବସାୟ ପାଲଟିଯିବା ଅର୍ଥ ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହେବା ସ୍ୱାଭାବିକ । ଆଜିର ସମୟରେ ବିବାହର କିଛି ବର୍ଷ ପର୍ଯ୍ୟନ୍ତ ମାଆ ହେବାକୁ ଅଯୋଗ୍ୟ ବିବେଚିତ ମହିଳା ବା ଦମ୍ପତ୍ତି ଏହି ସରୋଗେସି ବ୍ୟବସ୍ଥାକୁ ଆପଣେଇ ପାରିବାର ନିୟମ ଥିବାବେଳେ ଏବେ ଦେଖା ଯାଉଛି, ଧନୀକ ଶ୍ରେଣୀର ମହିଳାମାନେ ମାଆ ହୋଇ ନିଜ ସୌନ୍ଦର୍ଯ୍ୟ ବା ଯୌବନକୁ ଅକ୍ଷତ ରଖିବା ଲାଳସାରେ ସରୋଗେଟ୍ ମାଆ ତଲାସ୍ କରୁଛନ୍ତି ଏବଂ ସଫଳ ହେଉଛନ୍ତି ମଧ୍ୟ । ସରୋଗେସିରେ, ଯେକୌଣସି ଦମ୍ପତି ଏକ ସନ୍ତାନ ପାଇବା ପାଇଁ ଜଣେ ମହିଳାଙ୍କ ଗର୍ଭକୁ ଭଡ଼ାରେ ନେଇପାରିବେ । ସରୋଗେସି ମାଧ୍ୟମରେ ଏକ ସନ୍ତାନ ହେବା ପଛରେ ଅନେକ କାରଣ ଅଛି । ଉଦାହରଣ ସ୍ୱରୂପ, ଯଦି ଦମ୍ପତି ନିଜର ସନ୍ତାନ ପ୍ରସବ କରିବାକୁ ସକ୍ଷମ ନୁହନ୍ତି ଏବଂ ମହିଳାଙ୍କ ଜୀବନ ପ୍ରତି ବିପଦ ଥାଏ, ସେପରି କ୍ଷେତ୍ରରେ ଆଇନାନୁଯାୟୀ ସରୋଗେସି ବ୍ୟବସ୍ଥାକୁ ଆପଣାଇ ହେବ ।

କିନ୍ତୁ ଗୋଟିଏ ମୌଳିକ ପ୍ରଶ୍ନ ଉଠୁଛି ଯେ, ସରୋଗେସି ପ୍ରକ୍ରିୟା ମାଧ୍ୟମରେ ମାଆ ହେଉଥିବା ମହିଳାମାନେ ନିଜ ରକ୍ତର ସନ୍ତାନ ସିନା ପାଇ ଯାଆନ୍ତି, କିନ୍ତୁ ଦଶ ମାସ ଦଶ ଦିନ ଗର୍ଭରେ ଧାରଣ କରିବାର ଯେଉଁ ଅନୁଭବ, ତାହା କ'ଣ ତାକୁ ପ୍ରାପ୍ତ ହୁଏ ? ନିଜ ଗର୍ଭରେ ପିଲାକୁ ବଢ଼ାଇ ସନ୍ତାନକୁ ଜନ୍ମ ଦେଉଥିବା ମାଆର ଭାବନା ପରି ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରୁଥିବା ମାଆର ଭାବନା ସମାନ ହୁଏ କି ? ଏହାର ସହଜ ଉତ୍ତର: ନା । ଅର୍ଥାତ୍ ଶିଶୁଟି ସହିତ କୌଣସି ପ୍ରକାର ଭାବଗତ ସମ୍ବନ୍ଧ ନଥାଏ ମାଆର । କେବଳ 'ମାଆ'ର ଏକ ପରିଚୟପତ୍ର ଟଙ୍କା ବଦଳରେ ପାଇଯିବାର ଏ ଏକ ଭୟଙ୍କର ପ୍ରତିଯୋଗିତା । ଏହାଦ୍ୱାରା ଆମର ସାମାଜିକ ଓ ପାରିବାରିକ ବ୍ୟବସ୍ଥାରେ ବଡ଼ ପ୍ରଶ୍ନବାଚୀ ଛିଡ଼ା ହେବା ସ୍ୱାଭାବିକ । ମାତୃତ୍ୱର ପୂର୍ଣ୍ଣ ଅନୁଭବ ବିନା ମାଆ ବୋଲାଇବା ଏବଂ ନିଜକୁ ସନ୍ତାନବତୀର ସୁଖ୍ୟାତି ଭିତରେ ପରିଗଣିତ କରାଇବା ନିଶ୍ଚିତ ଭାବେ ଏକ ସ୍ୱାର୍ଥନ୍ୱେଷୀ ବିଳାସ । ଗର୍ଭାଶୟ ଭିତରେ ବଢୁଥିବା ବେଳେ ଭ୍ରୁଣଟି ମାଆର ପ୍ରତିଟି କାର୍ଯ୍ୟ, ସ୍ୱଭାବ, ଗୁଣ ଓ ପ୍ରକୃତିକୁ ଆହରଣ କରିଥାଏ । ଗର୍ଭଧାରଣ ମାତ୍ରେ ଏ ପ୍ରକ୍ରିୟା ଆରମ୍ଭ ହୋଇଯାଏ । ମାତ୍ର ଭଡ଼ାରେ ନିଆ ଯାଉଥିବା ଗର୍ଭରେ ବଢୁଥିବା ଶିଶୁଟି କ'ଣ ତା' ନିଜ ମାଆର କାର୍ଯ୍ୟଧାରା, ସ୍ୱଭାବକୁ ଗର୍ଭରେ ଥିବା ବେଳେ ପାଇଥାଏ ? ନା, ମାଆର ଭାବଗତ କମ୍ପନ, ଭାବନାର ଅନୁଭବମାନ ତାକୁ ମିଳିନଥାଏ । ସେ କେବଳ ଗର୍ଭଟି ଭଡ଼ା ଦେଇଥିବା ନାରୀର ସ୍ୱଭାବ ଓ ଭାବନା ସହ ଯୋଡ଼ି ହୋଇ ରହେ । ଆଉ ଜନ୍ମ ହେବା ମାତ୍ରେ ଅନ୍ୟ ଜଣେ ନାରୀ (ଯିଏକି ତାକୁ ଗର୍ଭରେ ଧାରଣ ହିଁ କରିନଥାଏ) ପାଖକୁ ଚାଲିଯାଏ ପ୍ରତିପାଳିତ ହେବା ପାଇଁ । ସୁତରାଂ କେଉଁ ଏକ ଅଦୃଶ୍ୟ ସମାଜର ଭିତ୍ତି ସ୍ଥାପନା ଆଡ଼କୁ ଆମେ ଅଗ୍ରସର ହେଉଛୁ, ସେକଥା ଭାବିବାର ସମୟ ଆସିଛି । ମାତୃତ୍ୱର ଅନୁଭବ ନଥିବା ମାଆ କ'ଣ ସତରେ ମାଆ ହୋଇପାରେ ? ଏ ପ୍ରଶ୍ନ ପ୍ରତିଟି ପ୍ରକୃତ ମାଆଙ୍କ ମନରେ ଆଜି ଗୁଞ୍ଜରିତ । ଏ ଦିଗରେ ଆମେ ଚିନ୍ତାଭାବନା କରିବା ଉଚିତ୍ ।



# କୁହୁକିନୀ



# କାଶ୍ମୀର



# ଆଃ ! କାଶ୍ମୀର



## ଜୟନ୍ତ ଶେଠ୍

ପ୍ଲଟ୍ ନଂ- ୧୧୩୪, ପଞ୍ଚମ ଗଳି, ଏୟାରପୋର୍ଟ ଏରିଆ,
ଭୁବନେଶ୍ୱର-୭୫୧୦୨୦
ଫୋନ: ୭୦୦୮୭୭୩୫୪୪


ଫଟୋ ସୌଜନ୍ୟ : ଲେଖକ

ଦିନେ ନା ଦିନେ କାଶ୍ମୀର ମାଟିରେ ପାଦ ପକାଇବା ପାଇଁ ସଂଗୋପିତ ଇଚ୍ଛାଟିଏ ମନଭିତରେ ଥିଲା । କିନ୍ତୁ ଡର ବି ଥିଲା । କାଶ୍ମୀରରେ ଆତଙ୍କବାଦୀମାନେ ଉତ୍ପାତ କରନ୍ତି । କେତେବେଳେ ଯେ କର୍ଫ୍ୟୁ ଜାରି ହୋଇଯିବ ତା'ର କୌଣସି ସୂଚନା ନଥାଏ । ଆତଙ୍କୀ ଆକ୍ରମଣ ଓ ବୋମା ବିସ୍ଫୋରଣ ଜନିତ ମୃତ୍ୟୁ ସବୁବେଳେ ମନ ଭିତରେ କାଶ୍ମୀରର ଏକ ଭିନ୍ନ ଛବି ସୃଷ୍ଟି କରିଥାଏ । ତେବେ ୟୁଟ୍ୟୁବ୍‌ରେ ଟ୍ରାଭେଲ୍ ବ୍ଲଗର୍ ମାନଙ୍କର କାଶ୍ମୀର ସମ୍ପର୍କୀତ ଅସଂଖ୍ୟ ଭିଡ଼ିଓ ଦେଖି ଭୂସ୍ୱର୍ଗକୁ ଯିବାର ଇଚ୍ଛା ପ୍ରବଳ ଭାବରେ ଜମାଟ ବାନ୍ଧିଲା । ଟ୍ରାଭେଲର୍‌ମାନଙ୍କ ସଂଗଠନ BATI (ବ୍ୟାକ୍ ପ୍ୟାକର୍ସ ଆଣ୍ଡ୍ ଟ୍ରାଭେଲ୍ସ ଇଣ୍ଡିଆ)ର ସାଥୀ ସଦସ୍ୟମାନଙ୍କ ସହ ଆଲୋଚନା କରିବା ପରେ ଏହି ସିଦ୍ଧାନ୍ତରେ ଉପନୀତ ହେଲି ଯେ କାଶ୍ମୀରରେ ସମ୍ବିଧାନର ୩୭୦ ଧାରାର ଉଚ୍ଛେଦ ପରେ ଏହା ଏବେ ଶାନ୍ତ ଅଛି । ଆତଙ୍କବାଦୀମାନଙ୍କର ଉପଦ୍ରବ ବି ପ୍ରାୟ ନାହିଁ କହିଲେ ଚଳେ । ମୋଟାମୋଟି ଭାବରେ କାଶ୍ମୀର ଏବେ ଆମମାନଙ୍କ ପାଇଁ ସଂପୂର୍ଣ୍ଣ ନିରାପଦ । ଆଲୋଚନା ଆରମ୍ଭ ହେଲା ଟ୍ରାଭେଲର୍ ବନ୍ଧୁ ଭକ୍ତ ତ୍ରିପାଠୀ (ଭିଏତନାମ ଓ ଇଣ୍ଡୋନେସିଆ ଗସ୍ତର ସାଥୀ) ଏବଂ ପାର୍ଥସାରଥି ମହାକୁଳ (ଋଷିଆ ଗସ୍ତର ସାଥୀ)ଙ୍କ ସହ । କମ୍ ଖର୍ଚ୍ଚରେ କେମିତି ସାତଦିନରେ କାଶ୍ମୀରର ସୌନ୍ଦର୍ଯ୍ୟକୁ ଉପଭୋଗ କରିହେବ ସେ ବାବଦରେ ଅନେକ ବିଚାର ବିମର୍ଷ ପରେ, ଭୁବନେଶ୍ୱରରୁ ନୂଆଦିଲ୍ଲୀ ଦେଇ ଶ୍ରୀନଗର ପର୍ଯ୍ୟନ୍ତ ଯିବା ଆସିବା ବିମାନ ଟିକେଟ୍ କିଣାଗଲା ନଭେମ୍ବର ମାସର କଥା ଇଏ । ସେତେବେଳକୁ କରୋନାର ପ୍ରଥମ ଲହର ଶେଷ ହୋଇଥାଏ । ଆମ ଯାତ୍ରା ଆରମ୍ଭ ହେବାକୁ ଥାଏ ଏପ୍ରିଲ ୧୦ ତାରିଖରେ । ଦିନ ପାଖେଇ ଆସିବା ବେଳକୁ କରୋନାର ଦ୍ୱିତୀୟ ଲହର ପ୍ରବେଶ କଲାଣି ।  ଯାତ୍ରା ବାତିଲ୍ କଲେ ଏଗାର ହଜାର ଟଙ୍କା ପାଣିରେ ପଡ଼ିଯିବ । ଏଇକଥା ଭାବିଭାବି ଅତି ସତର୍କତାର ସହିତ ଯାତ୍ରା ଆରମ୍ଭ କଲୁ । ସଂଧ୍ୟାରେ ଭୁବନେଶ୍ୱର ଫ୍ଲାଇଟରେ ଯାଇ ନୂଆଦିଲ୍ଲୀ ଏୟାରପୋର୍ଟରେ ପିପିଇକିଟ୍ ପିନ୍ଧି ସାରା ରାତି କଟାଇ ଦେଲୁ ୬ ଘଣ୍ଟାର ଷ୍ଟପ୍ ଓଭର୍ । ପରଦିନ ବଡ଼ିଭୋରର ପରବର୍ତ୍ତୀ ଫ୍ଲାଇଟ୍ ଧରି ଶ୍ରୀନଗରରେ ପହଂଚିଲା ବେଳକୁ ସକାଳ ସାଢ଼େ ନଅଟା ।

ଏୟାରପୋର୍ଟରେ ଆବଶ୍ୟକୀୟ ଆର୍‌ଟିପିସିଆର୍ ଟେଷ୍ଟରେ ବାହାରକୁ ବାହାରିଲୁ । ଛଅ ଡିଗ୍ରୀ ତାପମାତ୍ରାର ଶୀତ ହଠାତ୍ ଯେମିତି ଆମ ଦେହକୁ ମାଡ଼ିବସିଲା । ସାଙ୍ଗେ ସାଙ୍ଗେ ନ୍ୟାପରୁ ଜ୍ୟାକେଟ୍ ଗ୍ଲୋଭ୍‌ସ୍ ଆଦି ପିନ୍ଧିବା ପରେ ପଙ୍କ ଏରିଆକୁ ଆଗେଇଲୁ । ହଠାତ୍ ଫୋନ୍ ଆସିଲା ଶବରଙ୍କର । ଶବର ଆମ ଭଡ଼ାକାରର ଡ୍ରାଇଭର୍ । ତାଙ୍କୁ ଆମେ ବୁକ୍ କରିଥିବା ହାଉସ୍‌ବୋଟ୍‌ର ମାଲିକ ସଜିଦ୍ ପଠାଇଥିଲେ ଆମକୁ ଏୟାରପୋର୍ଟରୁ ନେବା ପାଇଁ । ଏୟାରପୋର୍ଟରୁ ଶ୍ରୀନଗର ସହର ପ୍ରାୟ ୨୦ କିଲୋମିଟର । ରାସ୍ତାରେ ଶବରଙ୍କ ସହ ଗପି ଗପି ଶ୍ରୀନଗର ସଂପର୍କରେ କିଛି କିଛି ତଥ୍ୟ ଆହରଣ କଲୁ । ମାତ୍ର ଅଧଘଣ୍ଟା ଭିତରେ ଆମେ ପହଞ୍ଚିଗଲୁ ସହର ଭିତରେ ଥିବା ପ୍ରସିଦ୍ଧ ଡାଲହ୍ରଦର ୭ ନମ୍ବର ଘାଟରେ । ସେଠାରୁ ଓହ୍ଲାଇବା ପରେ ମିଳିଲା ଡାଲ ହ୍ରଦକୁ ଦେଖିବାର ପ୍ରଥମ ସୁଯୋଗ । ଆଖି ପାଉ ନଥିବା ଏକ ବିଶାଳ ପାଣିର ହ୍ରଦ । ପୁଣି ଦୂରରେ ଉଚ୍ଚା ଉଚ୍ଚା ପାହାଡ଼ । ଖୁବ୍ ସୁନ୍ଦର ଦୃଶ୍ୟ । 'ଆଇଲ୍ୟାଣ୍ଡ' ହାଉସ୍‌ବୋଟ୍‌ର ମାଲିକ ସାଜିଦ୍ ତାଙ୍କ 'ଶିକାରା' ସହ ଅପେକ୍ଷା କରିଥିଲେ । ହସହସ ମୁହଁରେ ଆମକୁ ସ୍ୱାଗତ କଲେ ।  ଘାଟରୁ ଅଳ୍ପ ଦୂରରେ ଦେଖା ଯାଉଥାଏ ଧାଡ଼ିଧାଡ଼ି ହୋଇ ରହିଥିବା ସୁସଜ୍ଜିତ ହାଉସ୍‌ବୋଟ୍ ଏବଂ ଘାଟରେ ରଙ୍ଗବେରଙ୍ଗ କପଡ଼ା ଆଚ୍ଛାଦିତ **ଶିକାରା** (ନୌକା) । ସାଜିଦ୍ ଆମକୁ ଶିକାରାରେ ପାଛୋଟି ନେଲେ ତାଙ୍କ ହାଉସ୍‌ବୋଟ୍‌କୁ । 'ଆଇଲ୍ୟାଣ୍ଡ' ହାଉସ୍‌ବୋଟ୍‌କୁ BATIର ସଦସ୍ୟ ଓ ଅନ୍ୟ ବ୍ୟାକ୍‌ପ୍ୟାକର୍ ମାନେ ବେଶ୍ ପସନ୍ଦ କରନ୍ତି । କାରଣ ଏଠାରେ ପ୍ରାତଃଭୋଜନ ସହ ମାତ୍ର ୪୦୦ଟଙ୍କାରେ ରହିବା ପାଇଁ  ସ୍ଥାନ ମିଳିଯାଏ । ସେଥିପାଇଁ ସମସ୍ତେ ଏହାକୁ BATI HOME ବି କହନ୍ତି । ବେଶ୍ ପରିଷ୍କାର ପରିଚ୍ଛନ୍ନ ହାଉସ୍‌ବୋଟ୍‌ର ରୁମ୍ । ବୈଠକଖାନାରେ ପାରମ୍ପରିକ କାଶ୍ମୀରୀ କାଠ କାମର ସାଜସଜ୍ଜା । ପ୍ରାୟ ୪ ପୁରୁଷ ଅମଳରୁ ସାଜିଦଙ୍କ ପରିବାର ପର୍ଯ୍ୟଟକମାନଙ୍କୁ ଆତିଥ୍ୟ ପ୍ରଦାନ କରି ଆସୁଛନ୍ତି ।  କେରଳର ହାଉସ୍‌ବୋଟ୍ ଠାରୁ ଶ୍ରୀନଗର ହାଉସ୍‌ବୋଟ୍ ଭିନ୍ନ । କେରଳରେ ହାଉସ୍‌ବୋଟ୍ ଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାତ୍ରା କରେ । କିନ୍ତୁ ଶ୍ରୀନଗରର ଡାଲହ୍ରଦରେ ପ୍ରାୟ ଦୁଇଶହ ବର୍ଷ ଧରି ପାଣି ଭିତରେ ସ୍ଥାୟୀ ଭାବେ



◀ ଲେଖକ ଜୟନ୍ତ ଶେଠ୍



ରହି ଆସିଛି । ହାଉସ୍‌ବୋଟ୍‌ରେ ପାଣି ଭିତରେ ରହିବାର ଅନୁଭୂତି ଭିନ୍ନ । ସ୍ୱାଗତ ସମ୍ବର୍ଦ୍ଧନା ସ୍ୱରୂପ ସାଜିଦ୍ ଆମମାନଙ୍କୁ ପରଷି ଦେଲେ ଗରମ ଗରମ୍ କାଶ୍ମୀରୀ ଚା' **କାହ୍ନା** । ସ୍ୱାଦ ଓ ମହକ ଅତୁଳନୀୟ । କାଶ୍ମୀରରେ ଉତ୍ପାଦିତ କେଶର ଏବଂ କିସ୍‌ମିଶ୍ ପ୍ରଭୃତି ଅନ୍ୟାନ୍ୟ ମସଲାରେ ପ୍ରସ୍ତୁତ ହୁଏ **କାହ୍ନା** । ଏଥିରେ ଦୁଗ୍ଧ କି ଚା' ଗୁଣ୍ଡ ମିଶାଯାଏ ନାହିଁ । ସାଜିଦ୍‌ଙ୍କ ସହ ଗପସପରେ ବିତିଗଲା ଗୋଟିଏ ଘଣ୍ଟା । ଥଣ୍ଡା ବଢୁଥାଏ । ରୁମ୍‌ରେ ଗିଜର୍ ଲଗେଇ ଗାଧୋଇ ପଡ଼ିଲୁ । ଓଃ କି ଶୀତ ! ଯଥାସମ୍ଭବ ଗରମ ପୋଷାକ ପିନ୍ଧି ସାଜିଦ୍‌ଙ୍କ ସହ ଶିକାରାରେ ୮ ନମ୍ବର ଘାଟକୁ ଯାଇ ଗୋଟିଏ ନିରାମିଷ ଢାବାରେ ରୁଟି ରାଜ୍‌ମାତରକ୍ ସହ ପାଲକ୍ ପନିର ତର୍କାରୀ । ବେଶ୍ ସୁସ୍ୱାଦୁ ଥିଲା ସେଦିନ ମଧ୍ୟାହ୍ନ ଭୋଜନ । ଅପରାହ୍ନ ପ୍ରାୟ ତିନିଟା ବେଳକୁ ଘାଟରେ ପହଂଚିଲା ନିର୍ଦ୍ଧାରିତ ଆଉ ଏକ ଶିକାରା । ଏଥିରେ ଆମେ ତିନିହେଁ ଡାଲ୍‌ହ୍ରଦ ବୁଲିବାର କାର୍ଯ୍ୟକ୍ରମ ଥିଲା । ବର୍ଷା ଆରମ୍ଭ ହେଇଗଲା । ଶୀତ ବି ବଢ଼ିଲା । ଗରମ ପୋଷାକ ପିନ୍ଧିଥିବା ସତ୍ତ୍ୱେ ଥଣ୍ଡାରେ ଆମେ ଥରୁଥିଲୁ ଶିକାରାରେ କମ୍ବଳ ଘୋଡ଼ି ହୋଇ ବସିଲୁ । କମ୍ବଳ ଭିତରେ ଥାଏ ନିଆଁର ଉହ୍ନେଇ ଭଳି ଉପକରଣ । ଯାହାକୁ ସ୍ଥାନୀୟ ଭାଷାରେ କାଙ୍ଗ୍‌ଡ଼ା କୁହାଯାଏ । ଭାରି ଆରାମ ଲାଗୁଥାଏ । ଶିକାର ଚାଲିଥାଏ ଡାଲ୍ ହ୍ରଦର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥାଉ । ବଲିଉଡ଼ର ଅନେକ ଚର୍ଚ୍ଚିତ ଓ ହିଟ୍ ଫିଲ୍ମର ସୁଟିଂସ୍ଥଳ ଦେଖିଲୁ । ଆଖିରେ ପଡ଼ିଲା ଦେଶର ପ୍ରଥମ ଭାସମାନ ଡାକଘର । ଯାହାକି ଗୋଟିଏ ହାଉସ୍‌ବୋଟ୍‌ରେ ଚାଲି ଆସୁଛି । ପୁଣି ଦେଖିଲୁ ଆଉରି ଗଭୀର ଓପନ୍ ଡାଲ୍ ଲେକ୍ ଅର୍ଥାତ୍ ଘାଟରୁ ବହୁ ଦୂରରେ (ଅତିକମ୍‌ରେ ଅଧ କିଲୋମିଟର) ହାଉସବୋଟ୍‌ର ଅବସ୍ଥିତି । ତେବେ ସବୁଠାରୁ ଆକର୍ଷଣୀୟ ଭାସମାନ ବଜାର । ହ୍ରଦର ଏକ ଅଂଶରେ ବିଭିନ୍ନ ହାଉସ୍ ବୋଟ୍‌କୁ ନେଇ ଚାଲିଛି ପର୍ଯ୍ୟଟକମାନଙ୍କ ପାଇଁ ବଜାର, ସ୍ନାକ୍ସ୍ ବାର୍ । ପୁଣି ଶିକାରାରେ ଚା (କାହ୍ନା) ବାଲା କବାବ୍ ବାଲା, ବୁଲା ବିକାଳି ବୁଲି ବୁଲି ବିକ୍ରିବଟା କରୁଥାନ୍ତି । ଯେଉଁ ଦୋକାନରେ କିଛି କିଣିବାକୁ ଥିଲା ସେଠାରେ ଶିକାରାରୁ ଓହ୍ଲାଇ ପର୍ଯ୍ୟଟକମାନେ ବିଭିନ୍ନ ସାମଗ୍ରୀ କିଣୁଥାନ୍ତି । ଶିକାରାର ନାଉରି ଆମକୁ ଦେଖାଇଲେ ଆଉ ଏକ ବିଚିତ୍ର ସ୍ଥାନ । ଡାଲ୍‌ହ୍ରଦର କେତେକ ଅଂଚଳରେ ମାଟି ପକାଇ ସେଥିରେ କିଆରି ସୃଷ୍ଟି କରି ବିଭିନ୍ନ ପ୍ରକାର ପନିପରିବା ଚାଷ କରା ଯାଉଛି । ଏହାକୁ ଭାସମାନ କ୍ଷେତ କିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଉତ୍ପାଦିତ ପନିପରିବା, ଫୁଲ ସବୁ ଡାଲ୍‌ହ୍ରଦରେ ବଡ଼ି ଭୋର୍‌ରେ ବିଭିନ୍ନ ଶିକାରାରେ ବିକ୍ରି କରାଯାଏ । ଏହା ମଧ୍ୟ ଆଉ ଏକ ଭାସମାନ ବଜାର । ବର୍ଷା ବଢ଼ିବା ସାଙ୍ଗକୁ ତାପମାତ୍ରା ବି ଖସିଲା । ସଂଧ୍ୟା ହୋଇ ଆସୁଥାଏ । ଅଗତ୍ୟା ଫେରିଆସିଲୁ BATI HOME କୁ । ସେଦିନ ସଂଧ୍ୟାରେ ବର୍ଷା ଚାଲିଥାଏ । ସଂଧ୍ୟାରେ ବିଭିନ୍ନ ହାଉସ୍‌ବୋଟ୍‌ର ରଙ୍ଗୀନ ଆଲୁଅ ଡାଲ୍‌ହ୍ରଦରେ ପ୍ରତିଫଳିତ ହୋଇ ଖୁବ୍ ସୁନ୍ଦର ଦେଖା ଯାଉଥାଏ । କିଛି ସମୟ ବୈଠକଖାନାରେ ବସିବା ପରେ ନିଦ ଘୋଟି ଆସିଲା । ରାତିରେ ସାଜିଦ୍‌ଙ୍କ ମା'ଙ୍କ ହାତରନ୍ଧା ରାତ୍ରୀ ଭୋଜନ ଗ୍ରହଣ କରି ଶୋଇ ପଡ଼ିଲୁ ।

ପରଦିନ ବଡ଼ି ଭୋର୍‌ରୁ ଘାଟରେ ଆମ ପାଇଁ ଅପେକ୍ଷା କରି ରହିଥିଲେ ଆମ ଗାଡ଼ିର ଡ୍ରାଇଭର୍ ସକିର୍ । ସେଦିନ ଥିଲା ଆମର ଗୁଲ୍‌ମାର୍ଗ ଯିବାର କାର୍ଯ୍ୟକ୍ରମ । ହାଉସ୍‌ବୋଟ୍‌ରେ ମାଗଣା ପ୍ରାତଃ ଭୋଜନ ଗ୍ରହଣ କରି ବାହାରି ପଡ଼ିଲୁ । ପାଗ ସାମାନ୍ୟ ମେଘୁଆ ଥାଏ । ଗାଡ଼ି ଆସିଗଲା । ଗୁଲମାର୍ଗ ଯିବା ରାସ୍ତାରେ ରାସ୍ତାକଡ଼ର ସୋରିଷ କ୍ଷେତ ଓ ସିନ୍ଧୁ ନଦୀର ସୌନ୍ଦର୍ଯ୍ୟ ଆମୋଦିତ କରୁଥାଏ । ପ୍ରାୟ ଦୁଇଘଣ୍ଟାର ଯାତ୍ରା ପରେ ଆମ ଗାଡ଼ି ଗୁଲ୍‌ମାର୍ଗ ଛୁଇଁବା ବେଳକୁ ହିଁ ଆଖି ଆଗରେ ଝଲସି ଉଠୁଥାଏ ରାସ୍ତାର ଦୁଇ ପାଖରେ ଜମି ରହିଥିବା ଗଦାଗଦା ବରଫ । ଗୁଲମାର୍ଗ ଟାକ୍ସି ଷ୍ଟାଣ୍ଡରେ ଗାଡ଼ିରୁ ବାହାରିବା ବେଳକୁ ପ୍ରବଳ ଥଣ୍ଡାରେ ଦାନ୍ତକୁ ଦାନ୍ତ ବାଜୁଥାଏ । ଶହଶହ ପର୍ଯ୍ୟଟକ ଗାଡ଼ିରୁ ଓହ୍ଲାଇ ଚାଲିଚାଲି ଯାଉଥାନ୍ତି ଗଣ୍ଡୋଲା ଷ୍ଟେସନ୍ ବା କେବୁଲ୍ କାର୍ ଷ୍ଟାଣ୍ଡ୍‌କୁ । ସେଠାରୁ ଟିକେଟ୍ କଣି କେବୁଲ୍ କାର୍‌ରେ ବରଫାବୃତ୍ତ ଅଂଚଳର ଦୁଇଟି ଫେଜ୍‌ରେ ଥିବା ଶୃଂଗକୁ ଯିବାକୁ ପଡ଼େ । ଗତ ଦୁଇଦିନ ତଳେ ଗୁଲମାର୍ଗରେ ପ୍ରବଳ ତୁଷାରପାତ ହୋଇଥିବା ଯୋଗୁଁ ପ୍ରଥମ ଫେଜ୍‌ରେ ହିଁ ଯଥେଷ୍ଟ ବରଫ ଦେଖିବାକୁ ମିଳିବ । ସୁତରାଂ ଆମେ ପ୍ରଥମ ଫେଜ୍ ପାଇଁ ଜଣପିଛା ୭୦୦ଟଙ୍କା ଦେଇ ଟିକେଟ୍ କାଟିଲୁ । ତେବେ ଶୃଙ୍ଗକୁ ଯିବା ପୂର୍ବରୁ ହିଁ ଗୁଲମାର୍ଗର ବିସ୍ତିର୍ଣ୍ଣ ପ୍ରାନ୍ତରର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ମିଳିଲା । ବହୁଦୂର ଯିବା ପରେ ଉନା-ନୀନା ଅବସ୍ଥାରେ ଥିବା ଥୋଲା ପ୍ରାନ୍ତର ବି ବରଫ ଆଚ୍ଛାଦିତ ହୋଇ ଦେଖା ଯାଉଥାଏ ଅତୀବ ଆକର୍ଷଣୀୟ । କେବୁଲ କାର୍‌ରେ ଯାତ୍ରା ଆରମ୍ଭ କଲା ପରେ ମିଳିଲା ଆହୁରି ରୋମାଂଚକର ଅନୁଭୂତି । ଶହଶହ ଫୁଟ୍ ତଳେ ବରଫ ଆଚ୍ଛାଦିତ ପଡ଼ିଆ ଆଉ ତା ସହିତ ସେଠାରେ ବରଫ ଘୋଡ଼ାଇ ହୋଇ ରହିଥିବା ଫଗୁପାଳକମାନଙ୍କର ଖରାଦିନିଆ ଅସ୍ଥାୟୀ ଘର ଅତି ସୁନ୍ଦର ଦେଖା ଯାଉଥାଏ । ପ୍ରାୟ ୧୫ ମିନିଟ୍‌ରେ କେବୁଲ୍‌କାର୍ ଯାତ୍ରା ପରେ ପହଂଚିଲ ପ୍ରଥମ



ଫେଜ୍ କଣ୍ଟୁରିରେ । କି ଅପୂର୍ବ ଦୃଶ୍ୟ । ସ୍ୱପ୍ନପୁରୀ ଭଳି ମନେ ହେଉଥାଏ । ଚାରିଆଡ଼େ ଖାଲି ବରଫ ଆଉ ବରଫ । ଚାଲିଚାଲି ଯିବାବେଳେ ମେଂଚା ମେଂଚା ବରଫ ଭିତରେ ପାଦ ପୋତି ହୋଇଯାଉଥାଏ । କେବଳ ସିନେମା ଓ ଟିଭି ପରଦାରେ ବରଫ ପଡ଼ିଆ ଦେଖିଥିଲି, କିନ୍ତୁ ଖାଲି ଆଖିରେ ନିଜ ହାତରେ ଏଭଳି ଦୃଶ୍ୟ ମନକୁ ଆନ୍ଦୋଳିତ କରିଥାଏ । ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ଖାଲି ସଫେଦ ବରଫର ଆସ୍ତରଣ ଅନେକ ପର୍ଯ୍ୟଟକ ଷ୍କିଙ୍ଗ୍ ଆଇସ୍ ସ୍କୁଟର୍ ଓ ସ୍ଲେଜ୍ ଚାଳନାର ମଜା ନେଉଥାନ୍ତି, ନଚେତ୍ ପରସ୍ପରକୁ ବରଫର ଗୋଳା ପ୍ରସ୍ତୁତ କରି ଫିଙ୍ଗୁଥାନ୍ତି । ସେଠାରେ ଗରମ ଚା, ନୁଡୁଲସ୍ କଫି ଓ ଆଲୁପରାଟା ବି ମିଳୁଥାଏ । କେତେବେଳେ ଯେ ଅପରାହ୍ନ ତିନିଟା ବାଜିଗଲା ଜାଣି ହେଲା ନାହିଁ । ସେତେବେଳକୁ ଭୋକଶୋଷ ବି ଭୁଲି ଯାଇଥିଲୁ । ପୁଣି ଥରେ କେବୁଲ୍ କାର୍‌ରେ ଫେରି ଗୁଲ୍ ମାର୍ଗରୁ ଶ୍ରୀନଗର ଫେରନ୍ତା ଯାତ୍ରା ଆରମ୍ଭ କଲୁ । ବାଟରେ ଗୋଟିଏ ରେଷ୍ଟୁରାଣ୍ଟ୍‌ରେ ଭୋଜନ ସାରି, ହାଉସ୍ ବୋଟ୍‌ରେ ପହଂଚିଲା ବେଳକୁ ନିଦ ଘାରି ଆସୁଥିଲା । ପାରମ୍ପରିକ କାଶ୍ମୀର ରୁମ୍‌ହିଟର୍ ବୁଖାରାର ଉଷ୍ମ ପରଶ ଆମକୁ ହଜାଇ ଦେଲା ସ୍ୱପ୍ନ ରାଇଜରେ ।

ପରଦିନ ଥିଲା ଶ୍ରୀନଗର ସହର ଭିତରେ ବୁଲିବାର କାର୍ଯ୍ୟକ୍ରମ । ଶ୍ରୀନଗର ହେଉଛି ଉଦ୍ୟାନ ନଗରୀ । ଏଠାରେ ମୋଗଲ ଗାର୍ଡ଼େନ୍, ଚଷମା ଶାହୀ ଗାର୍ଡ଼େନ, ନିଶାତ ଗାର୍ଡ଼େନ ଠାରୁ ଆରମ୍ଭ କରି ରହିଛି ଏକକୁ ଆରେକ ବଳି ସୁନ୍ଦର ଉଦ୍ୟାନ । କିନ୍ତୁ ଆମର ଲକ୍ଷ୍ୟସ୍ଥଳ ଥିଲା ଇନ୍ଦିରା ଗାନ୍ଧୀ ମେମୋରିଆଲ ଟୁଲିପ୍ ଗାର୍ଡ଼େନ୍ । କାଶ୍ମୀରର ଜଳବାୟୁ ଟୁଲିପ୍ ପାଇଁ ଉପଯୋଗୀ । ତେଣୁ ବର୍ଷକୁ ମାତ୍ର ଥରେ ମାସକ ପାଇଁ ଏହି ଉଦ୍ୟାନରେ ଟୁଲିପ୍ ଫୁଲ ଫୁଟେ । ତାହା ହେଉଛି ଏପ୍ରିଲ୍ ମାସ । ଏହି ମାସ ସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ଟୁଲିପ୍ ଉତ୍ସବର ଆୟୋଜନ କରାଯାଏ । ଆମେ ମଧ୍ୟ ଅନେକ ଭାବି ଚିନ୍ତି ଏପ୍ରିଲ୍ ମାସରେ ଆମ ଟ୍ରିପ୍‌ର ଯୋଜନା କରିଥିଲୁ । ସେଦନ ସକାଳୁ ସକାଳୁ ସେଠାରେ ପହଂଚିଲା ବେଳକୁ, ଶୀତୁଆ ପାଗରେ ବି ପର୍ଯ୍ୟଟକ ମାନଙ୍କର ଭିଡ଼ କମି ଯାଇନଥିଲା । ବିଭିନ୍ନ ରଂଗର ବଡ଼ ବଡ଼ ଟୁଲିପ୍ ଦେଖି ମନ ପୁରି ଉଠିଲା । ଲକ୍ଷ ଲକ୍ଷ ସଂଖ୍ୟାରେ ଏମିତି ନୂଆ ଫୁଲକୁ ପ୍ରଥମଥର ପାଇଁ ଦେଖୁଥିଲୁ । ଏଭଳି ଏକ ରଙ୍ଗୀନ ଦୃଶ୍ୟ କେବେ ଦେଖିନି– ଏଭଳି କେବେବି ସ୍ୱପ୍ନରେ ବି ଭାବିନଥିଲି । ଯଦି କାଶ୍ମୀର ଭୂସ୍ୱର୍ଗ ହୁଏ ତାହେଲେ ଇନ୍ଦିରାଗାନ୍ଧୀ ଟୁଲିପ୍ ଉଦ୍ୟାନ ହେବ ଏହାର ନନ୍ଦନକାନନ ।



ଟୁଲିପ୍ ଗାର୍ଡ଼େନରେ ଟୁଲିପ୍ ଦେଖିବା ପାଇଁ ଦେଶର ବିଭିନ୍ନ ଅଂଚଳରୁ ପର୍ଯ୍ୟଟକମାନେ ଶ୍ରୀନଗର ଆସନ୍ତି । ଟୁଲିପ୍ ଗାର୍ଡ଼େନ ବୁଲି ସାରିବା ପରେ ଦିଲଶାଦ୍ ଗାଡ଼େନ୍, ଚଷମେଶାହି ଆଦି ଅନ୍ୟ ପାଳି ଦେଖିବା ପାଇଁ ଆଉ ଇଚ୍ଛା ହେଲା ନାହିଁ । ଏହାପରେ ଚାଲିଲୁ ଲାଲ୍ ଚୌକ୍ ଏବଂ ଜାମା ମସ୍‌ଜିଦ୍ । ଅନ୍ୟଦିନ ପରି ସେଦିନ ବି ଲାଲ୍‌ଚୌକରେ ଥିଲା ଗ୍ରାହକ ଓ ବ୍ୟବସାୟୀଙ୍କ ଗହଳିଚହଳି । ଆମେ ଠିଆ ହୋଇଥିଲୁ ସେହି ଐତିହାସିକ ଲାଲଚୌକରେ, ଯେଉଁଠି ଭାରତ–ପାକିସ୍ତାନ ଯୁଦ୍ଧରେ ବିଜୟ ଲାଭ କରିବା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ଏବଂ ଐତିହାସିକ ଅଭିଭାଷଣ ପ୍ରଦାନ କରିଥିଲେ । ଲାଲଚୌକରେ ହିଁ ୪୦ବର୍ଷ ମଧ୍ୟରେ ସଂଗଠିତ ହୋଇଛି ଅନେକ ଆତଙ୍କବାଦୀ ହିଂସାକାଣ୍ଡ ଓ ବିସ୍ଫୋରଣ । ମୃତାହତ ହୋଇଛି ହଜାର ହଜାର ନିରୀହ ଲୋକ । ସେଦିନ କିନ୍ତୁ ଶ୍ରୀନଗରର ଲାଲଚୌକ ଥିଲା ଆମ ଭୁବନେଶ୍ୱର ମାର୍କେଟ୍ ବିଲଡିଙ୍ଗ୍ ପରି କୋଳାହଳ ପୂର୍ଣ୍ଣ । ଯେକୌଣସି ଦୋକାନକୁ ଗଲେ ଆପଣ ଅନୁଭବ କରିବେ 'କାଶ୍ମୀରୀୟତ୍'ର ଝଲକ । ଗ୍ରାହକଙ୍କୁ ବ୍ୟବସାୟୀମାନେ ଆଦରର ସହ ସ୍ୱାଗତ କରନ୍ତି । ଲାଲଚୌକରେ କିଛି ସମୟ ବିତାଇବା ପରେ ଆମେ ଚାଲିଲୁ ଜାମିଆ ମସ୍‌ଜିଦ୍ । ଲାଲଚୌକରୁ ମାତ୍ର ସାଢ଼େ ଚାରି କିଲୋମିଟର । ଗୋଡହାତ ଧୋଇ ମୁଣ୍ଡରେ କପଡ଼ା ଢାଙ୍କି ବଡ଼ ଶ୍ରଦ୍ଧାର ସହ ମସ୍‌ଜିଦ୍ ଭିତରକୁ ପ୍ରବେଶ କଲୁ । ଏତେ ସୁନ୍ଦର ଏବଂ ଆକର୍ଷଣୀୟ ମସ୍‌ଜିଦ୍ ସାରା ଭାରତବର୍ଷ କେଉଁଠାରେ ବି ଦେଖିନାହିଁ । ପର୍ଶିଆନ ଶୈଳୀରେ ନିର୍ମିତ ଏହାର କାଠର କାରୁକାର୍ଯ୍ୟ ଦେଖିଲେ ଆପଣ ଘଡ଼ିଏ ସ୍ତବ୍ଧ ହୋଇ ରହିଯିବେ । ଏହାର ସୁଉଚ୍ଚ କାଠର ସ୍ତମ୍ଭ ଓ ଚାରି ପ୍ରବେଶ ଦ୍ୱାରର ସ୍ଥାପତ୍ୟକଳା ଅତୁଳନୀୟ । ଏହାକୁ ସୁଲ୍‌ତାନ ସିକନ୍ଦର ନିର୍ମାଣ କରିଥିଲେ ଯାହା ଆରମ୍ଭ ହୋଇଥିଲା । ୧୩୯୪ ଖ୍ରୀଷ୍ଟାବ୍ଦରେ ଏବଂ ଶେଷ ହୋଇଥିଲା ୧୪୦୨ରେ । ଯେକୌଣସି ବ୍ୟକ୍ତି କାଶ୍ମୀର ଆସିବା ବେଳେ ଏହି ସ୍ଥାନକୁ ପରିଦର୍ଶନ କରିବାକୁ ଭୁଲନ୍ତି ନାହିଁ ।

ମଧ୍ୟାହ୍ନ ଭୋଜନ ସମୟ ଅତିକ୍ରାନ୍ତ ହେବାକୁ ଯାଉଥିଲା । ଆମ ଡ୍ରାଇଭର୍ ଶକିର ନେଇଗଲେ ରାଜବାଗସ୍ଥିତ ଲୋକପ୍ରିୟ ନିରାମିଷ କ୍ରିଷ୍ଣା ଢାବା ରେଷ୍ଟୁରାଣ୍ଟ୍‌କୁ । ଏହା ଶ୍ରୀନଗରକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଖୁବ୍ ଲୋକପ୍ରିୟ ଏହାର ସୁସ୍ୱାଦୁ ଖାଦ୍ୟ ଓ କର୍ମଚାରୀମାନଙ୍କର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ।

ସେଠାରେ ଆମ ଆଗରେ ବଢ଼ାଗଲା କାଶ୍ମୀରୀ ରାଜ୍‌ମା ତରକାରୀ, ରୁଟି ଆଉ ଭେଜିଟେବୁଲ୍ କୁରମା । ସ୍ୱାଦ ଅତୁଳନୀୟ । ଦେଖାହେଲେ ଏହାର ମାଲିକ ରମେଶ ମେହେରା । ତାଙ୍କ ମୁହଁରୁ ତାଙ୍କ କାହାଣୀ ଶୁଣି ବିଚଳିତ ହେଲୁ । ମାତ୍ର ମାସକ ତଳେ ତାଙ୍କର ଏକମାତ୍ର ପୁଅ ରେଷ୍ଟୁରାଣ୍ଟରେ କ୍ୟାସ୍ କାଉଣ୍ଟର ସମ୍ଭାଳୁଥିବା ବେଳେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ । ତଥାପି



ମେହେରାଜୀ ଭାଙ୍ଗି ପଡ଼ିନଥିଲେ । ମାସକ ପରେ ପୁଣିଥରେ ଚଳଚଞ୍ଚଳ ହୋଇଥିଲା କ୍ରିଷ୍ଣା ଢାବା । ତାଙ୍କର ମନୋବଳ ଓ ଦୃଢ଼ ଇଚ୍ଛାଶକ୍ତି ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ଆମ ପ୍ରଶ୍ନର ଅନେକ ଉତ୍ତର ଭିତରୁ ଗୋଟିଏ କଥା ଆମ ମନକୁ ପାଇଲା । "ୟେ ଜନ୍ନତ ତୋ ମେରି ମା ହୈ, ଇସେ ଛୋଡ଼କେ କାହାଁ ଯାଉଗାଁ ମୈଁ । ଭଲା କୋଇ ବେଟା ଅପନି ମାସେ ଜାନ୍‌ବୁଝ୍‌କର୍ ବିଛଡତା ହୈ ?"

ରମେଶ ଶର୍ମାଙ୍କ ଠାରୁ ବିଦାୟ ନେଇ ଆମେ ଚାଲିଲୁ ଶ୍ରୀନଗରର ପ୍ରସିଦ୍ଧ ହଜରତବଲ ମସଜିଦ୍ । ଏହା ଏକ ଭବ୍ୟ ଓ ବିଶାଳ ମସ୍‌ଜିଦ୍ ଯାହାକି ଡାଲ ହ୍ରଦର ଉତ୍ତର ଦିଗରେ ଅବସ୍ଥିତ । ବିଶ୍ୱାସ ଅଛି ଏଠାରେ ସନ୍ଥ ମହମ୍ମଦଙ୍କର ଏକ କେଶ ରଖା ଯାଇଛି ଯାହାକୁ ମଦିନାରୁ ଆଣିଥିଲେ ମହମ୍ମଦଙ୍କ ବଂଶଧର ସୟଦ୍ ଅବଦୁଲ୍ଲା ମଦାନି । ୧୯୬୩ ମସିହାରେ ଏହା ଚୋରି ହୋଇ ଯାଇଥିଲା ଏବଂ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଉଦ୍ୟମ କ୍ରମେ ଏହାକୁ ଉଦ୍ଧାର କରା ଯାଇଥିଲା । ମସ୍‌ଜିଦ୍ ସାମ୍ନାରେ ହଜରତବଲ ମାର୍କେଟ୍‌ରେ ପନି-ପରିବା, ଘରକରଣା ଜିନିଷ ଠାରୁ ଆରମ୍ଭ କରି କାଶ୍ମୀରୀ ଖାଦ୍ୟପେୟ ଓ ହସ୍ତଶିଳ୍ପ ସାମଗ୍ରୀ ଦେଖି ଆମୋଦିତ ହେଲୁ । ସେଦିନର ଶେଷ ଗନ୍ତବ୍ୟସ୍ଥଳ ଥିଲା ଶ୍ରୀନଗରର ଶଙ୍କରାଚାର୍ଯ୍ୟ ମନ୍ଦିର । ଏହା ଡାଲହ୍ରଦ ନିକଟରେ ପ୍ରାୟ ୧୦୦୦ଫୁଟ୍ ଉଚ୍ଚର ଶଙ୍କରାଚାର୍ଯ୍ୟ ପାହାଡ଼ ଶିଖରରେ ଅବସ୍ଥିତ । ସେ ପର୍ଯ୍ୟନ୍ତ ଗାଡ଼ି ଯିବା ପାଇଁ ରାସ୍ତା ଅଛି । ଆମେ ମନ୍ଦିରରେ ପହଂଚିଲା ବେଳକୁ ଅପରାହ୍ନ । ପାହାଡ଼ ଉପରୁ ଶ୍ରୀନଗର ସହର ଡାଲହ୍ରଦ ଓ ବରଫାବୃତ ହିମାଳୟ ପର୍ବତମାଳା ଦେଖା ଯାଉଥାଏ ଅତୀବ ଆକର୍ଷଣୀୟ, ଯାହାକୁ ଭାଷାରେ ବର୍ଣ୍ଣନା କରା ଯାଇପାରେନା । ମନ୍ଦିରଟି ଖ୍ରୀଷ୍ଟପୂର୍ବ ୨୦୦ରେ ପ୍ରତିଷ୍ଠିତ । ତେବେ ବର୍ତ୍ତମାନ ଥିବା ମନ୍ଦିରଟି ନବମ ଶତାବ୍ଦୀର ବୋଲି କୁହାଯାଏ । ସେହି ସମୟରେ ଆଦି ଶଙ୍କରାଚାର୍ଯ୍ୟ ଏଠାରେ ପଦାର୍ପଣ କରିଥିଲେ । ଏଠାରେ ଅବସ୍ଥାପିତ ଶିବଲିଙ୍ଗ ଜ୍ୟେଷ୍ଠେଶ୍ୱର ଭାବରେ ନାମିତ । ଆଦି ଶଙ୍କର ଏଠାରେ ଅବସ୍ଥାନ କରିଥିବାରୁ ମନ୍ଦିରକୁ କୁହାଯାଏ ଶଙ୍କରାଚାର୍ଯ୍ୟ ମନ୍ଦିର । ମନ୍ଦିରଟି କାରୁକାର୍ଯ୍ୟପୂର୍ଣ୍ଣ ଥିଲା । ଗର୍ଭଗୃହରେ ପ୍ରତିଷ୍ଠିତ ପ୍ରାୟ ୩ଫୁଟ ଉଚ୍ଚତାର ସୁନ୍ଦର ଶିବଲିଙ୍ଗ । ମନ୍ଦିରକୁ ଦେଖି ମନେ ପଡ଼ିଗଲା ହିନ୍ଦି ଫିଲ୍ମ 'ଆପ୍‌କି କସମ୍'ର ଗୀତ 'ଜୟ ଜୟ ଶିବ ଶଙ୍କର...' ଯାହାର ପ୍ରଥମ କେତୋଟି ସଟ୍ ଏଠାରେ ଫିଲ୍ମାଙ୍କନ କରାଯାଇଥିଲା । ସୁରକ୍ଷା ଜନିତ କାରଣରୁ ସଂପୂର୍ଣ୍ଣ ଭାବରେ ସେନାବାହିନି ଏଠାରେ ଜଗି ରହିଛନ୍ତି । ସଂଧ୍ୟା ପୂର୍ବରୁ ଆମେ ସେଦିନର ବୁଲାବୁଲି କାର୍ଯ୍ୟକ୍ରମ ସାରି ଫେରି ଆସିଲୁ ଆମ ହାଉସ୍‌ବୋଟ୍‌କୁ ।

ପରଦିନ ଆରମ୍ଭ ହେଲା ଆମ କାଶ୍ମୀର ଟ୍ରିପ୍‌ର ଶେଷ ପର୍ଯ୍ୟାୟ । କାଶ୍ମୀରୀ ଆତଙ୍କବାଦୀଙ୍କ ଅଭେଦ୍ୟ ଗଡ଼ ଭାବେ ବିବେଚିତ ହେଉଥିବା ଅନନ୍ତନାଗ ଜିଲ୍ଲାର ଏକ ଛୋଟ ସହର କୋକେରନାଗ୍ । ପୂର୍ବରୁ ଆମ ହାଉସ୍‌ବୋଟ୍‌ର ମାଲିକ ସାଜିଦ୍ ଆମକୁ ସୁରକ୍ଷା ସଂପର୍କୀତ ସତର୍କବାଣୀ ଶୁଣାଇଥିଲ । ତଥାପି ମନରେ ସାହସ ବାନ୍ଧି ଆଗେଇ ଚାଲିଲୁ । ବାଟରେ ଅଷ୍ଟମ ଶତାବ୍ଦୀର ଅବନ୍ତୀପୁରାର ପ୍ରାଚୀନ ବିଷ୍ଣୁ ମନ୍ଦିରର ଅବଶେଷ ଓ ପ୍ରସିଦ୍ଧ ମାର୍ତ୍ତଣ୍ଡ ମନ୍ଦିର ମଧ୍ୟ ଦେଖିବାର ସୁଯୋଗ ପାଇଲୁ । ଏଇ ଦୁଇ ମନ୍ଦିରର ଶିଳ୍ପକଳା ଓ ଗଠନଶୈଳୀ ସ୍ୱତନ୍ତ୍ର । ପ୍ରାୟ ୪ଘଣ୍ଟା ଦୀର୍ଘଯାତ୍ରା ପରେ ପହଂଚିଲୁ କୋକେରନାଗ୍ ସହରରେ । ସହରଟି ସଂପୂର୍ଣ୍ଣ ଭାବେ ସେନାବାହିନି ଓ ସିଆର୍‌ପିଏଫ୍‌ର ନିୟନ୍ତ୍ରଣରେ । ଚାରିଆଡ଼େ ଖାଲି ମାଳମାଳ ସାମରିକ ଗାଡ଼ି ପଇଁତରା ମାରୁଥାଏ । ସର୍ବତ୍ର ଗଳିକନ୍ଦିରେ ଦଳଦଳ ହୋଇ ପହରା ଦେଉଥାନ୍ତି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସୈନିକ ଏବଂ ସୁରକ୍ଷାକର୍ମୀ । ଖୁବ୍ ସୁନ୍ଦର ଛୋଟ ପାହାଡ଼ିଆ ସହରଟିଏ କୋକୋରନାଗ । ସେଠାରେ ମଧ୍ୟ ଜାମ୍ମୁ କାଶ୍ମୀର ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଛି କମ୍ ଦେୟ ଯୁକ୍ତ ଟୁରିଷ୍ଟ୍ କଟେଜ୍ । ଖୁବ୍ ସୁନ୍ଦର ସହରଟିଏ କୋକେରନାଗ । ଏହା ଏକ ବ୍ଲକ୍ ମୁଖ୍ୟାଳୟ । ଏଠାରେ ଅଛି ଏକ ସୁନ୍ଦର ପାର୍କ, ଯାହା ଭିତର ଦେଇ ପ୍ରବାହିତ ହେଉଛି ପ୍ରାକୃତିକ ଝରଣା । ପାର୍କକୁ ଲାଗିକି ଅଛି ଏସିଆ ମହାଦେଶର ସର୍ବବୃହତ ଟ୍ରାଉଟ୍ ମାଛ ଗବେଷଣା କେନ୍ଦ୍ର । ଟ୍ରାଉଟ୍ ଏକ ଉଚ୍ଚ ଖାଦ୍ୟସାର ଯୁକ୍ତ ମଧୁର ଜଳ ମାଛ । ଯାହା ସାଧାରଣତଃ ଜାମ୍ମୁ-କାଶ୍ମୀର ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍, ଅରୁଣାଚଳ ପ୍ରଦେଶ ଆଦି ଶୀତ ପ୍ରଧାନ ରାଜ୍ୟରେ ମିଳେ ତେବେ ଏହାର ଦାମ୍ ଅଧିକ । ଆମେ ସେଦିନ ୫୦୦ଟଙ୍କା ବିନିମୟରେ ଏକ କିଲୋ ଟ୍ରାଉଟ୍ ମାଛ ନେଇ, ଆମେ ରହୁଥିବା ହୋଟେଲ୍‌କୁ ଫେରିଲୁ । ସେଦିନ ରାତିରେ ହୋଟେଲ୍‌ରେ ଭାତ ସାଙ୍ଗକୁ ଟ୍ରାଉଟ୍ ମାଛ ଝୋଳ ପୁରା



ଜମିଗଲା । ଟ୍ରାଉଟ୍ ମାଛ ବେଶ୍ ସୁସ୍ୱାଦୁ ମଧ୍ୟ ।

ଯଦିଓ ଆମେ ଏକ ଘରୋଇ ହୋଟେଲ୍‌ରେ ରହୁଥିଲୁ କିନ୍ତୁ ଖାଦ୍ୟ ପାଇଁ ଯାଉଥିଲୁ ଜାମ୍ମୁ-କାଶ୍ମୀର ସରକାରଙ୍କ ପକ୍ଷରୁ ନିର୍ମିତ ଟୁରିଷ୍ଟ କଟେଜ୍‌କୁ । ସେଠାରେ ଦେଖାହେଲେ କାଶ୍ମୀରର ଆଉ ଜଣେ ଚରିତ୍ର ହସନ ଚାଚା । ସେ ଟୁରିଷ୍ଟ କଟେଜ୍ ଓ ଏହାର ରେଷ୍ଟୁରାଣ୍ଟର ପରିଚାଳକ ରୋଷେୟା । ଅବସର ପରେ ଠିକା କର୍ମଚାରୀ ଭାବେ କାମ କରନ୍ତି । ଯଦିଓ ଆମେ ତାଙ୍କ କଟେଜ୍‌ରୁ ନଥିଲୁ, କିନ୍ତୁ ସିଏ ଆମକୁ ଦୁଇଦିନର ରହଣୀ ଭିତରେ ଏମିତି ସାହାଯ୍ୟ କରିଥିଲେ ଯେ ତାହା ଭୁଲି ହେବ ନାହିଁ । ଏପରିକି ବିଦାୟ ନେବାକୁ ଆମକୁ ସ୍ଥାନୀୟ ହସ୍‌ପିଟାଲ୍‌କୁ ନେଇ ଆରଟିପିସିଆର୍ ଟେଷ୍ଟିଙ୍ଗ୍ କରାଇଥିଲେ । କୌଣସି ସ୍ୱାର୍ଥ ନପାଇ ଆମକୁ କାହିଁକି ସାହାଯ୍ୟ କରୁଛନ୍ତି ବୋଲି ପଚାରିବାରୁ ସେ ଉତ୍ତର ଦେଲେ, "ଟୁରିଷ୍ଟ ହେଉଛନ୍ତି ଆମ ପାଇଁ ଈଶ୍ୱର । କାରଣ ଆମ ଜିଇବାର ମୂଳ ଆଧାର ଟୁରିଜିମ୍ । ଆପଣମାନେ ଏଠାରେ ଯିବା ପରେ, ଅନ୍ୟମାନେ ଆପଣମାନଙ୍କ ଠାରୁ ଶୁଣି ଏଠାକୁ ଆସିବେ ।"




ହସନ ଚାଚାଙ୍କର ଏଭଳି ଚିନ୍ତାଧାରା ଦେଖି ଆମେ ଅଭିଭୂତ ହେଲୁ । ପରଦିନ ସକାଳୁ ତାଙ୍କରି ମାର୍ଗଦର୍ଶନରେ ବାହାରି ପଡ଼ିଲୁ କାଶ୍ମୀରର ଗୋଟିଏ ମଫସଲ ଗାଁ ଡିକ୍‌ସୁମ୍ ରାସ୍ତାରେ । ଘାଟୀ ରାସ୍ତାରେ କୋକେରନାଗ ଠାରୁ ପ୍ରାୟ ୩୦ କିଲୋମିଟର ଯିବା ପରେ ପଡ଼ିଲା କାଶ୍ମୀରୀ ଗାଁ ଡିକ୍‌ସୁମ୍ । ରାଜପଥ କଡ଼ରେ ଛୋଟିଆ ଗାଁଟିଏ । ଗାଁ ପାଖରେ ପ୍ରବାହିତ ହେଉଛି ପାହାଡ଼ିଆ ନଈଟିଏ । ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ଆମକୁ ଘେରିଗଲେ ୭/୮ ଜଣ କୁନି କୁନି ପିଲା । ସମସ୍ତଙ୍କ ମୁହଁରେ ବିସ୍ମୟ ଭାବ । ପାଖରେ ଥିବା ଗୋଟିଏ ଚା' ଦୋକାନରୁ ବି କିଛି ମଧ୍ୟବୟସ୍କ ଓ ବୃଦ୍ଧବ୍ୟକ୍ତି ପ୍ରଶ୍ନିଳ ଆଖିରେ ଚାହୁଁଥାନ୍ତି ? ଏଠାକୁ ତ ଟୁରିଷ୍ଟ ଆସନ୍ତି ନାହିଁ, ଏମାନେ କିଏ ? ଗାଡ଼ି ଡ୍ରାଇଭର୍ ଶବୀର ପାଖରୁ ସବୁ ଶୁଣିବା ପରେ ଖୁସିରେ ସେମାନେ ଆମକୁ ସ୍ୱାଗତ କଲେ । ଡିକସୁମ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭାଷାରେ ବର୍ଣ୍ଣନା କରାଯାଇ ପାରେନା । ଗାଁ ଭିତରକୁ ଯାଇ କାଶ୍ମୀରୀ ଗ୍ରାମ୍ୟ ଜନଜୀବନକୁ ଉପଭୋଗ କରିବାର ଏକ ବିରଳ ସୁଯୋଗ ଆମକୁ ମିଳିଲା । ଗାଁର କିଛି ଗୃହିଣୀ ଓ ପିଲାଙ୍କ ମେଳରେ ଦୁଇଘଣ୍ଟା ବିତାଇ ଚାଲିଲୁ ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ସିନ୍ଥନ୍‌ଟିମ୍ । ଗାଡ଼ି ପାହାଡ଼ିଆ ରାସ୍ତାରେ ବ୍ରେଙ୍ଗ୍ ପର୍ବତର ଶିଖରକୁ ଚାଲିଥାଏ । ଏହା ହେଉଛି ଅନନ୍ତନାଗ ଓ କିସ୍ତୱାରକୁ ସଂଯୋଗ କରୁଥିବା ଏକମାତ୍ର ଗିରିପଥ । ରାସ୍ତାସାରା ବରଫାବୃତ ଶ୍ୱେତଧବଳ ହିମାଳୟର ଦୃପ୍ତ ପର୍ବତମାଳା ସତେ ଯେପରି ଆମକୁ ସ୍ୱାଗତ କରୁଥିଲା । ସମୁଦ୍ର ପତ୍ତନ ଠାରୁ ପ୍ରାୟ ୧୫ ହଜାର ଫୁଟ୍ ଉପରକୁ ଯିବା ପରେ ଗାଡ଼ି ରହିଲା । କାରଣ ଆଗରେ ବରଫପାତ ହୋଇ ରାସ୍ତା ବନ୍ଦ । ଗାଡ଼ିରୁ ଓହ୍ଲାଇ ବାହାରକୁ ଆସିବା ପରେ ଦେଖିଲୁ ଅପୂର୍ବ ଦୃଶ୍ୟ । ଏକ ବିରଳ ଅନୁଭୂତି ଚାରିଆଡ଼େ କେବଳ ବରଫ ଚାଦର ଯୋଡ଼ାଇ ହୋଇ ରହିଥିବା ପାହାଡ଼ ଆଉ ପାହାଡ଼ । ନିର୍ଜନ ଗିରିଶୃଙ୍ଗରେ କେବଳ ଆମେ ଚାରିଜଣ ମଣିଷ । ପ୍ରାୟ ୧୫ ମିନିଟ୍ ପରେ ଧିରେ ଧିରେ ଅଣନିଃଶ୍ୱାସୀ ହେବା ଅନୁଭବ କଲୁ । ହଠାତ୍ ଆରମ୍ଭ ହୋଇଗଲା ତୁଷାରପାତ । ଆଃ ! କି ବିରଳ ଅନୁଭୂତି ! ଦେହରେ ବିଛାଡ଼ି ହୋଇ ପଡୁଥାଏ ଚୂନାଚୂନା ମଖମଲି ବରଫ । ଡ୍ରାଇଭର, ଶବିର ଆମକୁ ତାଗିଦ୍ କଲେ ଶୀଘ୍ର ଫେରିଯିବା ପାଇଁ । ନଚେତ୍ ତୁଷାରପାତ ଯୋଗୁଁ ରାସ୍ତା ବନ୍ଦ ହୋଇଗଲେ ସେଇ ପାହାଡ଼ର ୧୫ହଜାର ଫୁଟ୍‌ରେ ଫସି ରହିବାକୁ ପଡ଼ିବ । ଫେରିବାକୁ ଇଚ୍ଛା ନଥିଲେ ବି ବାଧ୍ୟ ହୋଇ ଫେରି ଆସିଲୁ । ଫେରନ୍ତା ଯାତ୍ରା ଥିଲା ଶ୍ରୀନଗର ଏୟାରପୋର୍ଟକୁ । କାରଣ ସେଦିନ ସଂଧ୍ୟାରେ ଥିଲା ଆମ ଫେରନ୍ତା ଯାତ୍ରାର ଫ୍ଲାଇଟ୍ ।





ଅନେକ ଦିନରୁ ମନରେ ଥିଲା ସଂଗୋପିତ ଇଚ୍ଛା । କେବେନା କେବେ ଭୂସ୍ୱର୍ଗରେ ପାଦ ପକାଇବା ପାଇଁ । ଶେଷରେ ଇଚ୍ଛା ପୂରଣ ହେଲା । ଭୂସ୍ୱର୍ଗର ସ୍ୱର୍ଗୀୟ ସ୍ମୃତିସବୁକୁ ହୃଦୟରେ ସାଇତି ରଖି ପ୍ରାୟ ସପ୍ତାହକ ପରେ ଫେରିଲୁ ଓଡ଼ିଶା ।

ସାତଦିନର ରହଣୀ ଭିତରେ ସାଜିଦ୍ ଭାଇଙ୍କ ଠାରୁ ଆରମ୍ଭ କରି ହସନ୍ ଚାଚାଙ୍କ ପର୍ଯ୍ୟନ୍ତ ଭେଟିଲୁ ଏଭଳି କିଛି ଚରିତ୍ରଙ୍କୁ ଯେଉଁମାନେ କାଶ୍ମୀର ପ୍ରତି ଥିବା ଆମର ଧାରଣାକୁ ବଦଳାଇ ଦେଲେ । ଆତଙ୍କବାଦ ଓ ବିଚ୍ଛିନ୍ନତାବାଦ ଏଠାରେ ରାଜୁତି କରୁଥିଲେ ବି ଭୂସ୍ୱର୍ଗ ସବୁବେଳେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ସଜେଇ ହୋଇ ଅପେକ୍ଷାରେ ଥାଏ । ଏଠାରେ ପର୍ଯ୍ୟଟକ ସଂପୂର୍ଣ୍ଣ ସୁରକ୍ଷିତ । କାରଣ କାଶ୍ମୀରର ଅର୍ଥନୀତିର ଏକ ପ୍ରମୁଖ ଭାଗ ନିର୍ଭର କରିଥାଏ ପର୍ଯ୍ୟଟନ ଉପରେ । ସୁତରାଂ ନିଜ ଜୀବନକାଳ ଭିତରେ କେବେନା କେବେ ଆପଣ ଭୂସ୍ୱର୍ଗରେ ପାଦ ପକାଇବା ଉଚିତ୍ ।


ପ୍ରସଙ୍ଗ ଜନଜାତି

# ଆସ ଜନଜାତି ଆଦିମ ଅଧିବାସୀ

କାଲିଗ୍ରାଫି: ସମରେନ୍ଦ୍ର ବେହେରା
ରୂପାୟନ : ପ୍ରିୟଙ୍କା ମୁଣ୍ଡା



# କିସାନ ଜନଜାତିର ବିବାହ ବିଧି



# ସୁନ୍ଦରଗଡ଼ର କିସାନ୍ ଜନଜାତି : କିଛି କଥା କିଛି ପ୍ରଥା


## ପ୍ରଣତି ବେହେରା

ଅଧ୍ୟାପିକା: ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ଭେଷଜ ରଂଭାବତୀ ମହାବିଦ୍ୟାଳୟ,
କୁଣ୍ଡୁକେଲା, ସୁନ୍ଦରଗଡ଼-୭୭୦୦୧୯
ଫୋନ : ୯୪୩୮୬୦୭୩୯୬


ପୃଷ୍ଠଚିତ୍ର : ଡାକ୍ତର ଦୀନବନ୍ଧୁ ସାହୁ
ଫଟୋ ସୌଜନ୍ୟ : ଲେଖିକା



ଆଦିମତମ ସଂଗୀତର ଧାରା ଭଳିଗତାନୁଗତିକ ଛନ୍ଦରେ ବହି ଚାଲିଥାଏ ଗୋଟେ ପ୍ରବାହ...ଜନଜୀବନର, ସଭ୍ୟତାର ଓ ସଂସ୍କୃତିର । ଭୌଗୋଳିକ, ସାମାଜିକ, ସାଂସ୍କୃତିକ ଭିନ୍ନତାକୁ ନେଇ ପୁଣି ଗଠିତ ହୋଇଛି ଭିନ୍ନ ଭିନ୍ନ ଜାତି, ଗୋଷ୍ଠୀ, ସଂପ୍ରଦାୟ । 'ନଈକେ ବାଙ୍କ୍, ଦେଶ୍‌କେ ଫାଙ୍କ୍' ଭଳି ଗୋଟିଏ ଗ୍ରାମରୁ ଅନ୍ୟ ଏକ ଗ୍ରାମର କଥାଭାଷା, ରୀତିନୀତି, ଚାଲିଚଳଣୀ, ପରମ୍ପରା ଓ ଜୀବନଶୈଳୀରେ ଆମେ ଭିନ୍ନତା ଦେଖିବାକୁ ପାଇଥାଉ । ତେବେ ଏତେ ଭିନ୍ନତା ଥିବା ସତ୍ତ୍ୱେ ସମସ୍ତଙ୍କର ଉଦ୍ଦେଶ୍ୟ ଏକ ଜୀବନକୁ ସରସ ସୁନ୍ଦର ଭାବେ ଜିଇଁବା, ଋତୁର ପରିବର୍ତ୍ତନ ଅନୁଯାୟୀ ପ୍ରକୃତିରେ ଆସୁଥିବା ପରିବର୍ତ୍ତନକୁ ଅନୁଭବ କରିବା, ପର୍ବପର୍ବାଣି ପାଳନ ଅବସରରେ ଦେବଦେବୀ, ପିତୃପୁରୁଷ ଏବଂ ପ୍ରକୃତିର ନିରାଜନା କରି ସେମାନଙ୍କ ପ୍ରତି ଭକ୍ତି ଓ କୃତଜ୍ଞତା ଜ୍ଞାପନ କରିବା, ତତ୍‌ସହିତ ସାମାଜିକ ସଂସ୍କାର ଓ ପାରମ୍ପରିକ କାର୍ଯ୍ୟାନୁଷ୍ଠାନ ଆଦିର ସମାଦର କରି ଶୃଙ୍ଖଳିତ ଭାବେ ସଭ୍ୟତା ସଂସ୍କୃତିକୁ ଆଗକୁ ବଢ଼େଇନେବା ।

ସମଗ୍ର ଭାରତବର୍ଷରେ ୭୦୫ ପ୍ରକାର ଜନଜାତି (Scheduled Tribe) ରହିଥିବା ବେଳେ ଓଡ଼ିଶାରେ କେବଳ ୬୨ ପ୍ରକାର ଜନଜାତି ବସବାସ କରନ୍ତି । ଓଡ଼ିଶା ଏକ ଗ୍ରାମବହୁଳ ରାଜ୍ୟ ଏବଂ ମୁଖ୍ୟ ଜୀବିକା ଏଠି କୃଷି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ଉତ୍ତରପଶ୍ଚିମ ଅଂଶରେ ସୁନ୍ଦରଗଡ଼ ଜିଲ୍ଲା ଅବସ୍ଥିତ (ପଶ୍ଚିମ ଓଡ଼ିଶା) । ଭୌଗୋଳିକ ଆୟତନ ଦୃଷ୍ଟିରୁ ଏହା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜିଲ୍ଲା ଭାବେ ପରିଗଣିତ । ୨୦୨୧ ଭାରତୀୟ ଜନଗଣନା ଅନୁସାରେ ଏହି ଜିଲ୍ଲାର ସମୁଦାୟ ଜନସଂଖ୍ୟା ୨୦୯୩୪୩୭ ରହିଛି । ଏଥିମଧ୍ୟରୁ ମାତ୍ର ୧୪.୮% ଓଡ଼ିଆ ଭାଷାଭାଷୀ ଥିବାବେଳେ ଅନ୍ୟସବୁ ଅନୁସୂଚିତ ଜାତି ଓ ଜନଜାତି ଭାଷାଭାଷୀ ଅଟନ୍ତି ।

ପ୍ରାକୃତିକ ସୁଷମା ତଥା ଖଣିଜ ସମ୍ପଦର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବମୋଟ୍ ତିନୋଟି ସବ୍-ଡିଭିଜନ (ସୁନ୍ଦରଗଡ଼ ସଦର, ପାନପୋଷ, ବଣାଇ), ୧୬ଟି ତହସିଲ୍, ୧୭ଟି ବ୍ଲକ ଏବଂ ୨୬୨ଟି ଗ୍ରାମପଞ୍ଚାୟତ ରହିଛି ।

ସୁନ୍ଦରଗଡ଼ ଜିଲ୍ଲା ହେଡ଼କ୍ୱାର୍ଟସ୍ ବା ସଦର ମହକୁମା ଠାରୁ ପୂର୍ବକୁ ୧୬୨ କି.ମି. ଦୂରତାରେ ରହିଛି ବଣାଇ ସବ୍ ଡିଭିଜନ । ବଣାଇକୁ ଘେରି ରହିଛି ପବିତ୍ର ବ୍ରାହ୍ମଣୀନଦୀ, ସୁଉଚ୍ଚ ସିଙ୍ଗାରଦେଈ ପାହାଡ଼ ସହିତ ଶାଳ, ପିଆଶାଳ, ମହୁଲ ଆଦି ବହୁ ବୃକ୍ଷ ବିଶେଷ ଭିତରେ ଘଞ୍ଚ ଅରଣ୍ୟାନୀ, ସୁଉଚ୍ଚରୁ ଝର୍ଝର ନାଦରେ ନିପତିତ ଖଣ୍ଡାଧାର ଜଳପ୍ରପାତ ଓ ଅନେକ ଛୋଟବଡ଼ ଗିରିନିଃସୃତ ଝରଣା । ବଣାଇର କୋଇଡ଼ା, ଟେନ୍‌ସା, ବରସୁଆଁ ଅଞ୍ଚଳ ଖଣିଜ ସଂପଦର ଗନ୍ତାଘର । ସେହିଭଳି ଶଙ୍ଖ, କୋଇଲି ଓ ସରସ୍ୱତୀ ନଦୀର ପବିତ୍ରତମ ସଙ୍ଗମ ସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ବେଦବ୍ୟାସ ମନ୍ଦିର, ଶିଳ୍ପସମୃଦ୍ଧ ଇସ୍ପାତ ନଗରୀ ରାଉରକେଲା ହେଉଛି ପାନପୋଷ ସବ୍-ଡିଭିଜନ୍ ଅନ୍ତର୍ଗତ ।

ସଂସ୍କୃତିସଂପନ୍ନ ସୁନ୍ଦରଗଡ଼ ଜିଲ୍ଲାର ମୁଖ୍ୟ ଜନଜାତି ହେଉଛନ୍ତି ଭୂୟାଁଗୋଣ୍ଡ, ପାଉଡିଭୂୟାଁ (ପୋଡୁଚାଷ କରନ୍ତି), ମୁଣ୍ଡା, ଓରାମ, ସାନ୍ତାଳ, କୋହ୍ଲ, ଖଡ଼ିଆ ଏବଂ କିସାନ୍ । ତେବେ ଆଜିର ଆଲୋଚ୍ୟ ପ୍ରସଙ୍ଗରେ ରହିଛି କିସାନ୍ ବା କୁଣ୍ ହା ଜନଜାତିର କିଛି କଥା ପରମ୍ପରା ଓ ପ୍ରଥା ।

ମୁଖ୍ୟ ବିଷୟ ଆରମ୍ଭ ପୂର୍ବରୁ — 



◀ ଲେଖିକା ପ୍ରଣତି ବେହେରା

କିସାନ୍ ଶବ୍ଦର ଅର୍ଥ ହେଉଛି ଚାଷୀ ବା କୃଷକ । ଏହି ଜନଜାତି ନାଗପୁର ଅଞ୍ଚଳରୁ ଆସିଥିବା





କଥା, ସେମାନଙ୍କ ଇତିହାସ କହେ । ପ୍ରକୃତି ସହିତ ନିବିଡ଼ତା ଥିବା କିସାନ୍ ଜାତିର ମୁଖ୍ୟ ଜୀବିକା ହେଉଛି କୃଷି । ଉଭୟ ନାରୀ ଓ ପୁରୁଷ ଶାରୀରିକ ପରିଶ୍ରମ କରି ସହଭାଗିତାରେ ପରିବାର ପ୍ରତିପୋଷଣ କରିଥାଆନ୍ତି । ନିଜ ପାଖରେ ଚାଷଜମି ଯଥେଷ୍ଟ ନଥିବାରୁ ବଡ଼ବଡ଼ ଜମିମାଲିକମାନଙ୍କ ପାଖରେ ଅଧିକାଂଶ ଗୋତି / ହଳିଆ ରହନ୍ତି । ନଚେତ୍ ଭାଗଚାଷୀ ଭାବେ ମଧ୍ୟ ଅଂଶୀଦାର ହୋଇଥାଆନ୍ତି । ତାସହିତ ଜଙ୍ଗଲଜାତ ଫଳମୂଳ, ଗଜାବାଉଁଶର କରଡ଼ି, ହେଣ୍ଡୁଆ, ଝୁଣା, ଲାଖ ଆଦି ସଂଗ୍ରହ କରିବା ଜଙ୍ଗଲରୁ ବାହା ସମ୍ବର୍ ଆଦି ଶିକାର କରିବା ମଧ୍ୟ ଭିନ୍ନ ଏକ ବୃତ୍ତିଗତ ଅଭ୍ୟାସ । ଅବଶ୍ୟ ଜଙ୍ଗଲଜାତ ଦ୍ରବ୍ୟ ବା ଜନ୍ତୁ ଶିକାର ଏବେ ଆଉ କାହାରି ବ୍ୟକ୍ତିଗତ ଅଧିକାରରେ ନାହିଁ ।

ପୁରୁଷ ଲୋକମାନଙ୍କ ମୁଖ୍ୟ ପରିଧାନ ଧୋତି, ଲୁଙ୍ଗି, କୁର୍ତ୍ତା । ସ୍ତ୍ରୀ ଲୋକମାନେ ଶାଢ଼ି ପିନ୍ଧନ୍ତି । ରୂପା, ବ୍ରୋଞ୍ଜ୍, ଆଲୁମିନିୟମ୍ ଗିଲ୍‌ଟି ଆଦି ଧାତୁତିଆରି ଅଳଙ୍କାର ପିନ୍ଧିଥାଆନ୍ତି । ସୁନାର ବ୍ୟବହାର କ୍ୱଚିତ୍ ଥିଲା । ଏବେ ଆର୍ଥିକ ସ୍ୱଚ୍ଛଳତା କିଛି ମାତ୍ରାରେ ବଢ଼ିଚି ଅବଶ୍ୟ । ଏମାନଙ୍କର ଭାଷା ହେଉଛି କୁରୁଖ ବା କୁଡୁଖ୍ । କୁଡୁଖ୍ ଭାଷାର କିଛି ଶବ୍ଦ ଏଠାରେ ଜାଣିବାକୁ ଦିଆଗଲା । ଭାତ-ମାଣ୍ଡି, ଡାଲି-ଦାଲି, ତରକାରୀ-ଆମ୍ ହି; ପାଣି-ଆମ୍ମୁ, ବର୍ଷା-ଚେଏଁପୁ, ବର୍ଷା ଆସୁଛି - ଚେଏଁପୁ ବାରାଲି, ବାରା-ଆସ; ଜଙ୍ଗଲ-ହାବୁ, କୁକୁଡ଼ା-ହେଏରୁ, ଛେଳି-ଏଏଳା, ହେସ୍ ସୁ ଝାରା-ହାଣ୍ଡିଆ ମଦ, ମାଦି ଝାରା-ମହୁଲି ମଦ...ଓ ଆହୁରି ଅନେକ ଏମିତି ଶବ୍ଦ ବିଭବକୁ ନେଇ କୁଡୁଖ୍ ଭାଷାଭଣ୍ଡାର ସମୃଦ୍ଧିର ପରିଚୟ ଦିଏ ।

ମୁଖ୍ୟ ପର୍ବପର୍ବାଣି ଭିତରେ ରହିଛି କର୍ମା ପରବ୍, ପୁଷ୍ ପୁନି, ମାଘ ପରବ୍, ଫଗୁଣ ଯାତ୍ରା, ନୂଆଁଖାଇ ଇତ୍ୟାଦି । ଏତଦ୍-ବ୍ୟତୀତ ହିନ୍ଦୁଧର୍ମର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଜନ୍ମ, ବିବାହ, ମୃତକ କର୍ମକର୍ମାଣିର ସଂସ୍କାର ମଧ୍ୟ ପ୍ରଚଳିତ ଅଛି ।



## ବିବାହ ପରମ୍ପରା ଓ ସଂସ୍କାର

କିସାନ୍ ଜନଜାତି ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବାରୁ ହିନ୍ଦୁ ରୀତିନୀତି ଓ ପରମ୍ପରାରେ ବୈଦିକ ମତରେ ସେମାନଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ ।

## କର୍ଣ୍ଣବୋଧ

ବିଧି ଅନୁସାରେ ସନ୍ତାନମାନଙ୍କର ୧୨ବର୍ଷ ଭିତରେ କାନଫୋଡ଼ା ଉତ୍ସବ ହେବା ବିଧି ରହିଛି । ଏଥିରେ ବନ୍ଧୁବାନ୍ଧବ ଆସି ଆଶୀର୍ବାଦ କରନ୍ତି । ଭୋଜିଭାତ ହୁଏ । ଯଦି କୌଣସି କାରଣରୁ ଏହା



ସମ୍ପନ୍ନ ହୋଇ ପାରିନଥାଏ ତାହାଲେ ତା'ର ବିବାହ ପୂର୍ବରୁ କରାଯିବା ନିହାତି ଆବଶ୍ୟକ । ତେଣୁ ବିବାହର ପ୍ରଥମ ପର୍ଯ୍ୟାୟ ହେଉଛି କର୍ଣ୍ଣବୋଧ ।

## କାନିଆ ଏର୍ନା (କନିଆଁ ଦେଖା)

ପୁଅଘର ତରଫରୁ ପିତା/ଅଭିଭାବକ ଶ୍ରେଣୀୟ ବ୍ୟକ୍ତି ଆସି ଝିଅଘରେ କୁହନ୍ତି, "ତୁମ ଘରେ ସୁନ୍ଦର ଫୁଲଟିଏ ଫୁଟିଚି । ତା'ର ସୌରଭରେ ଆମେ ଏ ପର୍ଯ୍ୟନ୍ତ ଆସିଛୁ । ଯଦି ଅନୁମତି ଦେବେ ଆମ ପୁଅ ପାଇଁ ସେ ଫୁଲକୁ ମର୍ଯ୍ୟାଦାର ସହ ନେଇଯିବୁ ।" କେତେ ସୁନ୍ଦର ଏ ଚିନ୍ତାଧାରା ! କନ୍ୟାପକ୍ଷର ଲୋକ ଯଦି ପସନ୍ଦ କରନ୍ତି, ତା'ପରେ ବନ୍ଧୁବାନ୍ଧବ ନେଇ ବରପକ୍ଷକୁ ଯାଆନ୍ତି ।

## ଆଲପା ଏର୍ନା (ଘର ଦେଖା)

ଏହି ନୀତି ଅନୁସାରେ ଗାଁରେ ଯେତେ କିସାନ୍ ପରିବାର ଥିବେ ସମସ୍ତେ ବିବାହ ଦିନକ ପୂର୍ବରୁ ଶୁଖିଲା କାଠ, ଶାଳପତ୍ର ଚାଉଳ, ଡାଲି, ପରିବା ଯାହାଘରେ ଯାହାଥାଏ ଦେଇ ଆସନ୍ତି ଯାହାଘରେ ବାହାଘର ଥାଏ । ହୁଏତ ଏହା ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗର ଏକ ସୁନ୍ଦର ପ୍ରଥା ବୋଲି କୁହାଯାଇପାରେ ।

## ଖଲି ଅକ୍ନା (ଖଲିଦନା ସିଲେଇ)

ସାହି ପଡ଼ିଶା ସ୍ତ୍ରୀଲୋକମାନେ ଗୋଟିଏ ଜାଗାରେ ଠୁଳ ହୁଅନ୍ତି ଏବଂ ଖଲିଦନା ସିଲେଇ କରନ୍ତି । ଏହା ବିବାହ ଭୋଜିଭାତରେ ବ୍ୟବହୃତ ହୁଏ ।

## ଗୀତୁ ପାଲନା(ବାହାଘରର ପାରମ୍ପରିକ ଗୀତ ଗାଇବା)

ବିବାହ ପୂର୍ବଦିନ ପିତୃପୂଜନ ହଳଦୀମଖା, ତେଲସରା ଇତ୍ୟାଦି କାର୍ଯ୍ୟ ଦିନସାରା ଚାଲିଥାଏ । ଉଭୟ ପୁରୁଷ ଓ ନାରୀ ଅଣ୍ଟାରେ ହାତ ଛନ୍ଦାଛନ୍ଦି ହୋଇ ମାଦକ ବାଜାର ତାଳେ ଗୀତଗାଇ ସମ୍ମିଳିତ ନୃତ୍ୟ କରିଥାଆନ୍ତି । ଭୋଜିଭାତ ସହ ବିଶେଷ ଭାବେ ମହୁଲି ମଦ ଓ ହାଣ୍ଡିଆ ମଦର ଆୟୋଜନ କରାଯାଇଥାଏ ।

## ଜାଲାବାହାରି ଚଉଧନା (ବାଡୁଅ ଜଳ ସଂଗ୍ରହ ଓ ବେଦୀରେ ଦୀପ ଜାଳିବା ବିଧି)

ଗାଁର ପୂଜକଙ୍କୁ କାଲୋ ବା ଅଢ଼ା କୁହାଯାଏ । ତାଙ୍କ ସହିତ କିଛି ସ୍ତ୍ରୀ ଲୋକ ନିକଟସ୍ଥ ନଦୀ ବା ପୋଖରୀକୁ ଯାଇ ଗୋଟେ ମାଟି ବଡ଼ାରେ ପାଣିନେଇ ଆସନ୍ତି । ଅଢ଼ା ମାଟି ପୂଜା କରିବା ପରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ବେଦୀରେ ସେହି ସଂଗୃହୀତ ଜଳପାତ୍ରକୁ ଗୋଟିଏ ନୂଆ ଶିକାରେ ଝୁଲେଇ ରଖି ଦିଆଯାଏ । ତା'ପରେ ରୁଖାରେ ଥିବା ଦୀପ ଗୁଡ଼ିକୁ ଜଳାଯାଏ, ଯାହା ବିବାହ ସଂପନ୍ନ ହେବା ପର୍ଯ୍ୟନ୍ତ ଜଳୁଥାଏ ।



## ବାଢ଼ାଆମ୍ବୁ(ବାଡୁଅ ଜଳରେ ସ୍ନାନ)

ବିବାହ ଦିନ ଭୋର୍‌ରୁ ବାଡୁଅ ଜଳରେ ସ୍ନାନ କରିବାର ବିଧି ରହିଛି । ଏହି ସମୟରେ ମଧ୍ୟ ନାଚଗୀତର ଆୟୋଜନ ହୋଇଥାଏ ।

## ଆଲତା ଲାଗାବାନା (ଅଳତା ଲଗାଇବା ବିଧି)

ସ୍ନାନ ପରେ ଅଳତା ପିନ୍ଧାଇବା ବିଧି ପାଳନ ହୋଇଥାଏ । ଏ କାମ ସ୍ତ୍ରୀ ଲୋକମାନେ କରିଥାଆନ୍ତି ।



## ବରୁକାନାର୍ : (ବାରାତ୍ / ବରଯାତ୍ରୀ)

ଧୋତି, ପଞ୍ଜାବୀ, ଏବଂ ଧୋତିରେ ତିଆରି ପଗଡ଼ି ପିନ୍ଧାଇ ବରବେଶ କରାଯାଏ । କନକାଞ୍ଜୁଳିକୁ ତିହାଲ୍ ଆଁଜଲା କୁହାଯାଏ । କନକ ଆଞ୍ଜୁଳି ଚାଉଳକୁ ବଡ଼ ଭାଉଜ କିମ୍ବା ମା'ଙ୍କ କାନିରେ ବର ପ୍ରଦାନକରେ । ଘରୁ ବାହାରିବା ସମୟରେ ବର ଖଣ୍ଡା ଧରି ବାହାରିଥାଏ ।

## ବରପାଷ୍ଟନା ଓ ଗାଲ୍ଲେ ସେଁକନା (ବାଟବରଣୀ ଓ ରୋଷଣୀ)

ହେଏଲୁ (ମାଦଳ), ତେହେଣେ (ସମ୍ବରର ଶିଙ୍ଗରେ ତିଆରି ଏକ ବାଦ୍ୟ, ଯାହାକୁ ଶଙ୍ଖ ଭଳି ଫୁଙ୍କା ଯାଇଥାଏ) ଏହି ବାଦ୍ୟ ସହ ରୋଷଣୀ ଆରମ୍ଭ ହୁଏ । କନ୍ୟାପକ୍ଷରୁ ବାଦ୍ୟର ଆୟୋଜନ କରାଯାଇଥାଏ । ପୂର୍ବରୁ କିସାନ୍ ବାହାଘରରେ ଗାଡ଼ି ମୋଟର ବ୍ୟବହାର ହେଉ ନଥିଲା । ତେଣୁ ବରଯାତ୍ରୀ ଚାଲିଚାଲି ଆସୁଥିଲେ ଏବଂ ନବବୋହୂଟି ମଧ୍ୟ ଚାଲିକି ଶଶୁଘରକୁ ଯାଉଥିଲା । କିନ୍ତୁ ଏବେ ସେ ପ୍ରଥା କୋହଳ ହେଲାଣି । ବରକୁ ଗୋଡ଼ ଧୋଇ ଦୀପଜାଳି ବରଣ କରାଯାଏ । ସ୍ତ୍ରୀ ଲୋକମାନେ ପାନପତ୍ରରେ ବରଗାଲକୁ ସେକିବା ଭଳି ଛୁଏଁଇ ଥାଆନ୍ତି । ତାକି ଗାଲ୍ଲେ ସେଁକନା କୁହାଯାଏ । ବେଦୀରେ ଅଡ଼ା ହିଁ ବିବାହ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବ୍ରାହ୍ମଣ ଆସନ୍ତି ନାହିଁ । ସିନ୍ଦୂର ପିନ୍ଧା, କନ୍ୟାଦାନ ଆଦି ବିଧିବିଧାନ ସହ ହେବା ପରେ ବିବାହ ସମ୍ପନ୍ନ ହୋଇଥାଏ ।



## କାନିଆ ବରୁ ବିଦାୟ (ବରକନ୍ୟା ବିଦାୟ)

ବରକନ୍ୟା ବିଦାୟ ସମୟରେ କନ୍ୟା କାନ୍ଦଣା ଗୀତ ଗାଇ ବିଦାୟ ନିଏ ଜ୍ଞାତି ପରିଜନ ସାଙ୍ଗସାଥୀଙ୍କ ପାଖରୁ । ଏବେ କିନ୍ତୁ ସେସବୁ ବିଶେଷ ଆଉ ଦେଖିବାକୁ ମିଳୁନାହିଁ । ସମୟ ସହ ତାଳ ଦେଇ ଚାଲିଛି ମଣିଷ । ଶିକ୍ଷାଦୀକ୍ଷାର ପ୍ରସାର ହେଉଛି । ଅନେକ କିସାନ୍ ପରିବାରରେ ଆଜି ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ବଢ଼ିଛି । ଉଚ୍ଚ ପଦବୀରେ ମଧ୍ୟ ନିଯୁକ୍ତି ପାଇଛନ୍ତି । ସରକାରୀ ସ୍ତରରେ ସଂସ୍କୃତି ବିଭାଗ ତରଫରୁ ଏବେ ବିଭିନ୍ନ ଜାଗାରେ ଆଦିବାସୀ ଓ ଜନଜାତି ସଂପ୍ରଦାୟର ମେଳା, ମହୋତ୍ସବ ପାଳିତ ହେଉଛି । ବାହାରକୁ ଯାଇ ସେମାନେ ନିଜ ଉତ୍ପାଦ ଜିନିଷ ବିକ୍ରି କରି ଉତ୍ସାହିତ ହେବା ସହ ଆନନ୍ଦ ପାଇ ପାରୁଛନ୍ତି । ନିଜ ସଂସ୍କୃତି, ନୃତ୍ୟ, ଗୀତର ପରିଚୟ ଦେଇ ପାରିଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ।

ବିଭିନ୍ନତା ଭିତରେ ଏକତା- ଏହା ହିଁ ଆମ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଜାତି ବଞ୍ଚି ରହୁ । କଳା, ସଂସ୍କୃତି ମାଧ୍ୟମରେ ପରସ୍ପର ମଧ୍ୟରେ ସଂପ୍ରୀତି ଓ ସଦ୍ଭାବ ସୃଷ୍ଟି ହେଉ ।

# KUBER OPTICALS

## FREE COMPUTERISED EYE TESTING

BUY AND GET 1 FREE

VMAX Marine-UV

FAMILY FRIENDSHIP NEW YEAR OFFER

**BOOK A BRANDED LENS GET FRAME FREE**

VOGUE eyewear

ZEISS

Ray-Ban

OAKLEY

*Conditions apply



**Progressive Lens**


**Buy 1 Get 1 FREE***

■ KHANDAGIRI CHHAK, INFRONT OF SBI

■ KALINGA HOSPITAL CHHAK, BBSR

PH.: 9437000777, 9040074577

# ପରଜାଙ୍କ ପାର୍ବଣ



# ପରଜା ଜନଜାତିଙ୍କ ପର୍ବପର୍ବାଣି ଓ ଯାନିଯାତରା


## ଡକ୍ଟର ରଂଜନ ପ୍ରଧାନ

ଜିଲ୍ଲା ପ୍ରତିନିଧି: 'ସମ୍ବାଦ', କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪


ପୃଷ୍ଠଚିତ୍ର : ଡାକ୍ତର ଦୀନବନ୍ଧୁ ସାହୁ
ଫଟୋ ସୌଜନ୍ୟ: ଲେଖକ



▲ ଲେଖକ ଡକ୍ଟର ରଂଜନ ପ୍ରଧାନ

ଓଡ଼ିଶାରେ ବସବାସ କରୁଥିବା ୬୨ ଗୋଷ୍ଠୀର ଜନଜାତିଙ୍କ ମଧ୍ୟରୁ ପରଜାମାନେ ଅନ୍ୟତମ। ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ଶତକଡ଼ା ୭ ପ୍ରତିଶତ ହେଉଛନ୍ତି ପରଜା ଜନଜାତି ଗୋଷ୍ଠୀ। ପରଜାମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖା ଯାଉଥିବାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ହିଁ ଏମାନେ ବହୁଳ ଭାବେ ବସବାସ କରନ୍ତି। ଓଡ଼ିଶା ପରଜା ଜନସଂଖ୍ୟାର ଶତକଡ଼ା ୯୧ ପ୍ରତିଶତ କେବଳ ଅବିଭକ୍ତ କୋରାପୁଟ (କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି) ଜିଲ୍ଲାରେ ଦେଖିବାକୁ ମିଳନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାକୁ ପରଜାମାନଙ୍କ ରାଜ୍ୟ କହିଲେ ଭୁଲ ହେବନି। ଅବିଭକ୍ତ କୋରାପୁଟ ବ୍ୟତୀତ ପରଜାମାନେ କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର ଜିଲ୍ଲାରେ କିଛି ମାତ୍ରାରେ ଦେଖିବାକୁ ମିଳନ୍ତି। ପରଜାମାନେ କୋରାପୁଟ ଜିଲ୍ଲାର କୋରାପୁଟ, ସେମିଳିଗୁଡ଼ା, ପଟାଙ୍ଗି, ନନ୍ଦପୁର, ଲମତାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ଜୟପୁର, ବୋରିଗୁମ୍ମା, ବୈପାରୀଗୁଡ଼ା, କୁନ୍ଦୁରା ଆଦି ବ୍ଲକରେ ବାସ କରନ୍ତି। ସେହିଭଳି ମାଲକାନଗିରି ଜିଲ୍ଲାର ମାଲକାନଗିରି ଓ କୁଡୁମୁଲୁଗୁମା ବ୍ଲକରେ ମଧ୍ୟ ପରଜା ଦେଖିବାକୁ ମିଳନ୍ତି। ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, ଡାବୁଗାଁ, ଝରିଗାଁ ଆଦି ବ୍ଲକ ଏବଂ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ଏବଂ କାଶୀପୁର ବ୍ଲକ୍‌ରେ ପରଜାମାନେ ବସବାସ କରନ୍ତି।

'ପରଜା' ଶବ୍ଦଟି ସଂସ୍କୃତ ଶବ୍ଦ 'ପ୍ରଜା'ରୁ ଆସିଛି, ଯାହାର ଅର୍ଥ ରାଜା ଶାସିତ ରାଜ୍ୟର ଜଣେ ସାଧାରଣ ଲୋକ ବା ସାଧାରଣ ନାଗରିକ। ପରଜାମାନେ ଅନେକ ସମୟରେ ଗାଦବା, କନ୍ଧ, ଡମ୍ବ, ରଣା ଆଦି ବିଭିନ୍ନ ଗୋଷ୍ଠୀର ଲୋକଙ୍କ ସହ ମିଳିମିଶି ରହନ୍ତି। କୋରାପୁଟ ଅଞ୍ଚଳରେ ଦୁଇ ଗୋଷ୍ଠୀର ପରଜା ଦେଖିବାକୁ ମିଳନ୍ତି। ସେମାନେ ହେଲେ- ୧. ବଡ଼ ପରଜା, ୨. ସାନ ପରଜା। ବଡ଼ ପରଜାମାନେ ଅପେକ୍ଷାକୃତ ଉନ୍ନତ ଓ ସଭ୍ୟ। ସେମାନେ ହିନ୍ଦୁ ଧର୍ମର ରୀତିନୀତିକୁ ଅନୁସରଣ କରନ୍ତି। ସେମାନେ ଗୋରୁ, ମଇଁଷି ମାଂସ ଖାଆନ୍ତି ନାହିଁ। କିନ୍ତୁ ସାନ ପରଜାମାନେ ସର୍ବଭକ୍ଷୀ। ମାତ୍ର, ଆର୍.ସି.ଏସ୍. ବେଲ୍‌ଙ୍କ କୋରାପୁଟ ଜିଲ୍ଲା ଗେଜେଟିୟର୍ (୧୯୪୫) ଅନୁଯାୟୀ, ୮ ପ୍ରକାର ପରଜା କୋରାପୁଟ ଅଞ୍ଚଳରେ ବସବାସ କରଥାନ୍ତି। ସେମାନେ ହେଲେ- ୧. ପାରେଙ୍ଗ ପରଜା, ୨. ପାରେଙ୍ଗ ଗାଦବା ପରଜା, ୩. କନ୍ଧ ପରଜା, ୪. ପେଙ୍ଗୋ ପରଜା, ୫. ଝୋଡ଼ିଆ ପରଜା, ୬. ବାରେଙ୍ଗ ପରଜା, ୭. ସୋଡ଼ାବିଶିଆ ପରଜା, ୮. ବଣ୍ଡା ପରଜା।

ପରଜାମାନେ 'ପାରଜୀ' ଭାଷା ବ୍ୟବହାର କରିଥାନ୍ତି। ପେଙ୍ଗୋ ପରଜା ଓ କନ୍ଧ ପରଜାମାନେ 'ପେଙ୍ଗୋ' ଭାଷା ବ୍ୟବହାର କରିଥାନ୍ତି, ଯାହାର କି କୁଇ ଭାଷା ସହ ଅନେକ ସାମଞ୍ଜସ୍ୟ ରହିଛି। ଏହି ଦୁଇଟି ଭାଷା ଦ୍ରାବିଡ଼ ଭାଷା ଗୋଷ୍ଠୀର ଅନ୍ତର୍ଭୁକ୍ତ।

ଗୋଷ୍ଠୀ ଜୀବନ ହେଉଛି ପରଜାମାନଙ୍କ ମୁଖ୍ୟ ବିଶେଷତ୍ୱ। ପ୍ରତି ପରଜା ଗାଁରେ ମୁଖ୍ୟତଃ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଥାଏ। ପ୍ରଥମଟି ହେଉଛି ବେରଣମୁଣ୍ଡା ଏବଂ ଦ୍ୱିତୀୟଟି ହେଉଛି ନିଶାଣି ମୁଣ୍ଡା। ବେରଣମୁଣ୍ଡା ହେଉଛି ଗ୍ରାମସଭା ସ୍ଥଳ। ଏଠାରେ ଗାଁ ମୁଖିଆଙ୍କ ସମେତ ଅନ୍ୟ ସଦସ୍ୟ ଓ ବୟୋବୃଦ୍ଧମାନେ ବସି ଗ୍ରାମର ଭଲମନ୍ଦ ସମସ୍ୟା ଏବଂ ପର୍ବପର୍ବାଣି ପାଳନ ବିଷୟରେ ଆଲୋଚନା କରନ୍ତି। ବେରଣମୁଣ୍ଡା ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ ଏବଂ ଏଠାରେ ଏକ ବଡ଼ ଗୋଲାକୃତି ପଥର ପଡ଼ିଥାଏ। ବେରଣମୁଣ୍ଡାକୁ ପରଜାମାନେ 'ମାଣ୍ଡୁଡାଣ୍ଡ' କହନ୍ତି। ମାଣ୍ଡୁଡାଣ୍ଡ ଗାଁର ମଝିରେ ଏବଂ ଗାଁ ମୁଖିଆଙ୍କ ଘର ସାମ୍ନାରେ ଥାଏ। ନିଶାଣିମୁଣ୍ଡା ହେଉଛି ଦେବତାଙ୍କ ଆସ୍ଥାନ। ଏଠି ଗ୍ରାମ ଦେବଦେବୀ ପୂଜା ପାଇଥାନ୍ତି। ପରଜାମାନଙ୍କର ଗ୍ରାମ ଦେବତା ହେଉଛନ୍ତି ହୁଣ୍ଡି ଦେବତା। ଲମ୍ବାଲମ୍ବା ପଥର ପରିବେଷ୍ଟିତ ବଖରା ଭିତରେ ହୁଣ୍ଡି ଠାକୁରାଣୀଙ୍କ ଆସ୍ଥାନ ଥାଏ। ହୁଣ୍ଡି ଠାକୁରାଣୀ ହେଉଛନ୍ତି ଗୋଟିଏ ମାଟି ହାଣ୍ଡି, ଲୁହାକାତି ଏବଂ ଏକ ସ୍ଥାୟୀ ଲୁହାଖମ୍ବ। ଏହି ଲୁହା ଖୁଣ୍ଟିଟି ଗ୍ରାମ ପ୍ରତିଷ୍ଠା ହେବାଦିନୁ ପ୍ରତିଷ୍ଠା ହୋଇଥାଏ। ପରଜାମାନେ ଗ୍ରାମଦେବୀ ଦନ୍ତେଶ୍ୱରୀ, ଧନର ଦେବୀ ଲକ୍ଷ୍ମୀ, ଲାଣ୍ଡିଦେବୀ, ଗୁମାନୀ ମାତା, ମାଟି ଦେବୀ ଝାକର ମାତା, ଡଙ୍ଗରଦେବୀ ଆଦି ଅନେକ ଠାକୁର, ଠାକୁରାଣୀଙ୍କୁ ପୂଜା କରିଥାନ୍ତି। ଏହାବ୍ୟତୀତ ପୂର୍ବପୁରୁଷଙ୍କ ପ୍ରେତାତ୍ମା 'ଡୁମା'କୁ ପରଜାମାନେ ପୂଜା କରିଥାନ୍ତି। ପରଜାମାନେ ଦେବଦେବୀଙ୍କୁ ପଶୁପକ୍ଷୀ ବଳିଦେଇ ପୂଜା କରନ୍ତି।

ଅତୀତରେ ପ୍ରତି ପରଜା ଗାଁରେ ଅବିବାହିତ ଯୁବକ, ଯୁବତୀମାନଙ୍କ ପାଇଁ ଦୁଇଟି ପୃଥକ ପୃଥକ 'ବସାଘର' ଥିଲା। ଏଗୁଡ଼ିକୁ 'ଧାଙ୍ଗଡ଼ା ବସା' ଏବଂ 'ଧାଙ୍ଗିଡ଼ିବସା' କୁହାଯାଉଥିଲା। ଧାଙ୍ଗଡ଼ାବସା ଓ ଧାଙ୍ଗିଡ଼ିବସା ପରଜା ଯୁବକ, ଯୁବତୀମାନଙ୍କୁ ଶୃଙ୍ଖଳା ଓ ଆତ୍ମସଂଯମର ଶିକ୍ଷା ଦେଇଥାଏ। ପରଜା ଗାଁର ଶାସନ ବ୍ୟବସ୍ଥା ଅତି ଉଚ୍ଚମାନର ଓ ଗଣତାନ୍ତ୍ରିକ। ଗାଁର ପ୍ରଶାସନିକ ବ୍ୟବସ୍ଥାରେ ଜାନି, ମୁଦୁଲି/ନାଏକ ଚାଲାଣ, ଦିସାରି, ଗୁଣିଆ, ଗୁରୁମାଇ ଏବଂ ଭାଟନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରଜା ଗାଁର ଧାର୍ମିକ ମୁଖିଆଙ୍କୁ ଜାନି କୁହାଯାଉଥିବାବେଳେ ପ୍ରଶାସନିକ ମୁଖିଆଙ୍କୁ ମୁଦୁଲି/ନାଏକ କୁହାଯାଏ। ମୁଦୁଲି



ବା ନାଏକ ହେଉଛନ୍ତି ଗାଁମୁଖିଆ । ପରଜା ସମାଜରେ ଯଦି କେହି କୁକର୍ମ ବା ଅପକର୍ମ କାରଣରୁ ସମାଜରୁ ବାଛନ୍ଦ ହୋଇଯାଏ, ସେମାନଙ୍କୁ ପୁନର୍ବାର ଜାତିରେ ମିଶାଇବାର ଉଦ୍ୟମ ହୋଇଥାଏ । ଏହି ଜାତିଚ୍ୟୁତ ଲୋକଙ୍କୁ ଯିଏ କ୍ରିୟା, କର୍ମ, ପୂଜାପାଠ କରି ମିଶାଇଥାନ୍ତି, ତାଙ୍କୁ 'ଭାଟ ନାୟକ' (ଭାତନାୟକ) କୁହାଯାଏ । ପ୍ରତି ଗାଁରେ ଗାଁ ମୁଖିଆଙ୍କ ସହଯୋଗୀ ଭାବେ ଜଣେ ବ୍ୟକ୍ତି ଥାନ୍ତି, ସେମାନେ ଚାଲାଣ ଭାବେ ପରିଚିତ । ଗାଁରେ ଯାନିଯାତ୍ରା, ପର୍ବପର୍ବାଣି ସମୟରେ ଚାଲାଣମାନେ ଏକ ବିଶେଷ ଭୂମିକା ନିର୍ବାହ କରିଥାନ୍ତି । ପରଜାମାନେ ଗୋଷ୍ଠୀ ଜୀବନରେ ବିଶ୍ୱାସ କରନ୍ତି ଓ ମିଳିମିଶି ଜୀବନକୁ ଉପଭୋଗ କରିଥାନ୍ତି ।

## ପରଜା ସମାଜରେ ବିଭିନ୍ନ ପର୍ବପର୍ବାଣି

ପରଜାମାନଙ୍କର ଜୀବନ ସର୍ବଦା ବଣଡଙ୍ଗର, ସର୍ବୋପରି ପ୍ରକୃତି ସହ ଯୋଡ଼ି ହୋଇ ରହିଥାଏ । ପରଜାଙ୍କ ସାଂସ୍କୃତିକ ଜୀବନଧାରା ପ୍ରକୃତି ଓ ଅରଣ୍ୟ ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ । ସେମାନେ ଅରଣ୍ୟ, ବୃକ୍ଷ, ପାହାଡ଼, ଝରଣା, ଝୋଲାକୁ ଦେବତା ଭାବେ ପୂଜା କରିଥାନ୍ତି । ପରଜାମାନେ ବିଶ୍ୱାସ କରନ୍ତି, ସେମାନଙ୍କ ଠାକୁର ଠାକୁରାଣୀ ଅରଣ୍ୟରେ ନିବାସ କରନ୍ତି । ପରଜାମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ସେମାନଙ୍କ ପର୍ବପର୍ବାଣିଗୁଡ଼ିକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି ।

୧. କୃଷିଭିତ୍ତିକ ପର୍ବ
୨. ପାରମ୍ପରିକ ପର୍ବ
୩. ସାମାଜିକ ପର୍ବ
୪. ଶିକାରଭିତ୍ତିକ ପର୍ବ
୫. ରୋଗ ନିରାକରଣକାରୀ ପର୍ବ
୬. ଗ୍ରାମ ସଂସ୍କାରମୂଳକ ପର୍ବ

ପରଜାମାନେ ବର୍ଷର ବିଭିନ୍ନ ଋତୁରେ ବିଭିନ୍ନ ପର୍ବ ପାଳନ କରିଥାନ୍ତି । ଜାନୁୟାରୀ ମାସରେ ପରଜାମାନେ ପ୍ରସିଦ୍ଧ 'ପୁଷ୍‌ପୂନି' ପର୍ବ ପାଳନ କରୁଥିବା ବେଳେ ମାର୍ଚ୍ଚ-ଏପ୍ରିଲ୍ ମାସ ବେଳକୁ ସେମାନେ 'ଚଇତ ପରବ' ଓ 'ବିହନ ଯାତ୍ରା' ପାଳନ କରିଥାନ୍ତି । ଜୁନ୍-ଜୁଲାଇ ମାସ ବେଳକୁ ପରଜାମାନେ 'ଟାକୁପର୍ବ' ଏବଂ 'ଆଷାଢ଼ି ପର୍ବ' ପାଳନ କରୁଥିବା ବେଳେ ସେପ୍‌ଟେମ୍ବର-ଅକ୍ଟୋବର ମାସ ବେଳକୁ ନୂଆଖିଆ ଓ ଦିଆଲି ପର୍ବ ପାଳନ କରନ୍ତି । ଏହାବ୍ୟତୀତ ପରଜାମାନେ ବର୍ଷର ଅନ୍ୟାନ୍ୟ ସମୟରେ ବହୁ ପର୍ବ ପାଳନ କରିଥାନ୍ତି ।

ପୁଷ୍ ପୁନି ଓ ଚଇତ ପର୍ବ ପରଜାମାନଙ୍କର ଦୁଇଟି ପ୍ରମୁଖ ପର୍ବ । ଜାନୁଆରୀ-ଫେବ୍ରୁଆରୀ ମାସ ବେଳକୁ ଧାନ ଅମଳ ଶେଷ ହୋଇ ଯାଇଥାଏ । ସେତେବେଳେ ପରଜାମାନେ ଗାଁ ଗାଁରେ ପୁଷପୁନି ପର୍ବ ପାଳନ କରିଥାନ୍ତି । ଅକ୍ଟୋବର-ନଭେମ୍ବର ମାସରେ ନୂଆକରି ଶସ୍ୟ ଅମଳ ହେବା ଆରମ୍ଭ ହୋଇଥାଏ । ସେତେବେଳେ ପରଜାମାନେ ନୂଆଖିଆ ପର୍ବ ପାଳନ କରନ୍ତି । ମାର୍ଚ୍ଚ-ଏପ୍ରିଲ ମାସ ବେଳକୁ ପରଜାମାନେ 'ଚଇତ ପରବ' ପାଳନ କରନ୍ତି ଏବଂ ଏହି ସମୟରେ ପରଜାମାନେ ମେଳିମେଳି ହୋଇ ଶିକାର କରିବାକୁ ବାହାରି ପଡ଼ନ୍ତି । ଏହି ଶିକାର ଯାତ୍ରାକୁ 'ବେଣ୍ଟ ଯାତ୍ରା' କୁହାଯାଇଥାଏ । ପରଜାମାନେ ମାର୍ଗଶୀର ମାସରେ ଝାଙ୍କର ପୂଜା (ମାଟି ପୂଜା) ଏବଂ ଅନ୍‌କା ପୂଜା ପାଳନ କରିଥାନ୍ତି ।

## ଟାକୁ ପରବ୍

ପରଜାମାନେ ଜୁନ୍-ଜୁଲାଇ ମାସ ବେଳକୁ 'ଟାକୁ ପରବ୍' ପାଳନ କରନ୍ତି । ଏହି ପୂଜାରେ ପରଜାମାନେ ଆମ୍ବ ଟାକୁଆରୁ ପ୍ରସ୍ତୁତ କୋଇଲି ଗୁଣ୍ଡକୁ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରିବା ପରେ ନିଜେ ଭକ୍ଷଣ କରିଥାନ୍ତି । ଏହି ପର୍ବ ସମୟରେ ପରଜା ମହିଳାମାନେ ଆମ୍ବ କୋଇଲି ଗୁଣ୍ଡରେ ଏକ ସ୍ୱତନ୍ତ୍ର ପ୍ରକାର ପେଜ (ଜାଉ) ଏବଂ ଟାକୁପିଠା ପ୍ରସ୍ତୁତ କରି ଦେବଦେବୀଙ୍କୁ ଅର୍ପଣ କରନ୍ତି । ଏହି ଅବସରରେ ପରଜାମାନେ ବାଘ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ 'ବାଘଡୁମା'ଙ୍କୁ ଟାକୁପିଠା ସମେତ କୁକୁଡ଼ା ଭୋଗ ଦେଇଥାନ୍ତି । ଗାଁ ମୁଣ୍ଡରେ ଥିବା ଦାର୍‌ନି ମାତାଙ୍କ ନିକଟରେ ବାଘ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରା ଯାଇଥାଏ । ଗାଁର ଲୋକମାନଙ୍କ ପ୍ରତି ସନ୍ତୁଷ୍ଟ ରହିବା ସହ କାହାର କ୍ଷତି ନ କରିବାକୁ ଗାଁ ପୂଜକ 'ଜାନି' ବାଘ ଦେବତାଙ୍କୁ ପୂଜା କରିଥାନ୍ତି ।

## ପୁଷ୍ ପୁନି ପରବ୍

ପୌଷ ପୂର୍ଣ୍ଣିମା ଅବସରରେ ପରଜାମାନେ 'ପୁଷ୍‌ପୂନି' ପର୍ବ ପାଳନ କରିଥାନ୍ତି । ପୌଷ ମାସରେ ପରଜା ଘରେ ଧାନ, ମାଣ୍ଡିଆ ପ୍ରଚୁର ପରିମାଣରେ ଗଚ୍ଛିତ ଥାଏ । ପରଜାମାନେ ଜାନୁୟାରୀ ମାସ ବେଳକୁ ପୁଷ୍ ପୂନି ପର୍ବ ପାଳନ



କରିଥାନ୍ତି । ଏହା ମୁଖ୍ୟତଃ ଏକ କୃଷିଭିତ୍ତିକ ପର୍ବ । ଏହି ଅବସରରେ ପରଜାମାନେ ଅଗ୍ନି ଦେବତାଙ୍କୁ ପୂଜା କରିଥାନ୍ତି । ପୁଷ୍ ପୂନେଇଁ ଦିନ ପରଜାମାନେ ବଡ଼ ବଡ଼ କାଠଗଣ୍ଡିକୁ ଜାଳି ଅଗ୍ନି ଦେବତାଙ୍କୁ ଆବାହନ କରିଥାନ୍ତି । ଏହାକୁ 'ପୁଷ୍‌ପୂନି ଭୋଗି' କହନ୍ତି । ଏହି କାଠ ନିଆଁରେ ପରଜାମାନେ ବିଭିନ୍ନ ପନିପରିବା, ଯଥା: ଆଳୁ, ବାଇଗଣ, ଶିମ୍ବ (ଝଟା) ଠାରୁ ଆରମ୍ଭ କରି ମାଛ, ମାଂସ, ଚୁଟିଆ ମୂଷାକୁ ପୋଡ଼ି ଲନ୍ଦା, ପେଣ୍ଡମ୍ ସାଙ୍ଗରେ ଖାଆନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚଗୀତ କରନ୍ତି । ଏହି ଅବସରରେ ପରଜାମାନେ ଶିମ୍ବ, ଟମାଟର, ବାଇଗଣ, ଆଳୁ ଆଦି ପନିପରିବାରେ ଏକ ପ୍ରକାର ଘାଣ୍ଟ ତର୍କାରୀ ପ୍ରସ୍ତୁତ କରିଥାନ୍ତି । ଏହାକୁ 'ଶେମି ପୁଡ୍‌ଗା' କହନ୍ତି । ପରଜାମାନେ ପୁଷ୍ ପୂନି ପର୍ବ ଅବସରରେ ବଣ କିମ୍ବା ଧାନକ୍ଷେତରୁ ଧରି ଆଣିଥିବା ଚୁଟିଆ ମୂଷା ମାଂସକୁ ଶାଳପତ୍ରର ଠୋଲାରେ ବାନ୍ଧି ନିଆଁରେ ପୋଡ଼ନ୍ତି । ଏହାକୁ 'ଚୁଟିଆ ପୁଡ୍‌ଗା' କହନ୍ତି । କୋରାପୁଟ, ବୋରିଗୁମ୍ମା, ଜୟପୁର, ଲକ୍ଷ୍ମୀପୁର, ବୈପାରୀଗୁଡ଼ା ଆଦି ଅ*ଳରେ ପରଜାମାନେ ପୁଷ୍ ପୂନି ଭୋଗିର ଆୟୋଜନ କରୁଥିବାବେଳେ ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, ଡାବୁଗାଁ ଅଞ୍ଚଳରେ ଏ ପ୍ରଥା ନଥାଏ ।

ପୌଷ ମାସର ପୂର୍ଣ୍ଣିମା ଦିନ ପୁଷ୍‌ପୂନି ପର୍ବ ପାଳନ କରାଯାଇଥାଏ । ଏତିକି ବେଳକୁ ପରଜାମାନେ ଶସ୍ୟ ଅମଳ କରିସାରିଥାନ୍ତି । ଶସ୍ୟ ବିକ୍ରି କରି ପରଜାମାନେ ନୂଆ ବସ୍ତ୍ର ଓ ଶୀତ ପୋଷାକ କ୍ରୟ କରନ୍ତି । ପରଜାମାନେ ଧାନ, ମାଣ୍ଡିଆ, ଅଳସି, ଲଙ୍କା, କାନ୍ଦୁଲ ବିକ୍ରି କରିବା ପରେ ସେମାନଙ୍କ ପାଖରେ କିଛି ଟଙ୍କାପଇସା ହୋଇଯାଇଥାଏ । ଏହି ସମୟରେ ପରଜାମାନେ ବେଶ ଧୁମଧାମରେ ପୁଷ୍‌ପୂନି ପର୍ବ ପାଳନ କରନ୍ତି । ପୁଷ୍‌ପୂନି ପର୍ବ ଦିନ ପରଜା ମହିଳାମାନେ ଘର ଅଗଣାକୁ ଭଲ ଭାବେ ଲିପାପୋଛା କରନ୍ତି । ପରଜା ସ୍ତ୍ରୀଲୋକମାନେ ମାଣ୍ଡିଆ ଏବଂ ଅଳସିକୁ ଚୁନା କରି ସେଥିରୁ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରନ୍ତି । ଏହାକୁ 'ପୁଷ୍‌ପୂନି ପିଠା' କହନ୍ତି ।

ପୁଷ୍‌ପୂନି ପର୍ବ ପୂର୍ଣ୍ଣିମା ପର ଠାରୁ ନଅ ଦିନ ଧରି ଚାଲେ । ଏହି ସମୟରେ ପରଜା ଗାଁର ଧାଙ୍ଗଡ଼ା, ଧାଙ୍ଗିଡ଼ି ଠାରୁ ଆରମ୍ଭ କରି ଡୋକରା, ଡେକାରୀ ସମସ୍ତେ ଉତ୍ସବ ପାଳନ କରିଥାନ୍ତି । ପୂନେଇଁ ଦିନ ଭୋଗି କରିବା ପାଇଁ ପୁରୁଷମାନେ ଜାଳେଣୀ କାଠ ଓ ଅନ୍ୟାନ୍ୟ ରୋଷେଇ ସାମଗ୍ରୀ ପାଇଁ ଜଙ୍ଗଲକୁ ଯାଆନ୍ତି । ପ୍ରତି ପରଜା ପରିବାରର ବିବାହିତା ମହିଳାମାନେ ନିଜନିଜ ଘରୁ ମାଟିର କଳସୀ ନେଇ ନିକଟସ୍ଥ ନଦୀ କିମ୍ବା ଝରଣାରୁ ପାଣି ଆଣନ୍ତି । ନଦୀରୁ ଅଣାଯାଇଥିବା ଏହି ପାଣିକୁ 'ଡୁମାପାଣି' କହନ୍ତି । ଡୁମାପାଣି ଆଣିବା ପରେ ପରଜା ସ୍ତ୍ରୀଲୋକମାନେ ଏହାକୁ ନିଜନିଜ ଘରେ ଥିବା ଗୃହଦେବତାଙ୍କ ଆସ୍ଥାନ ନିକଟରେ ରଖନ୍ତି । ରାତିରେ ଡୁମା ଦେବତାଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ପ୍ରତି ପରିବାର ପକ୍ଷରୁ ଗୋଟିଏ କରି କୁକୁଡ଼ା ବଳି ଦିଆଯାଇଥାଏ ।

ପୁଷ୍‌ପୂନେଇଁ ରାତିରେ ଜହ୍ନ ଆଲୁଅରେ ପରଜା ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନୃତ୍ୟଗୀତର ଆସର ଜମେଇଥାନ୍ତି । ନାଚଗୀତ ପରେପରେ ଧାଙ୍ଗଡ଼ା ଧାଙ୍ଗିଡିମାନେ ସେମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ଜଣେ ମୁଖ୍ୟ ବା ନେତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏହି ଧାଙ୍ଗଡ଼ା ନେତାଙ୍କୁ 'ମୂଳାଧାଙ୍ଗଡ଼ା' କହନ୍ତି । ନାଚଗୀତ ପରେ ପରେ



ମୂଳାଧାଙ୍ଗଡ଼ାର ନେତୃତ୍ୱରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ପୁଷ୍ ଚୋରା କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି । ଏହା ରାତିତମାମ୍ ଚାଲେ । ଧାଙ୍ଗଡ଼ା, ଧାଙ୍ଗିଡିମାନେ ରାତିରେ ଗାଁର ପରଜାମାନଙ୍କ ବାଡ଼ି, ବଗିଚାରେ ପଶି ବିଭିନ୍ନ ପ୍ରକାର ପନିପରିବା, କାନ୍ଦୁଲ, ମାଣ୍ଡି, ମକା ଆଦି ଚୋରି କରନ୍ତି । ଯୁବକ, ଯୁବତୀମାନେ ଚୋରି କରିଥିବା ପନିପରିବା, ମାଣ୍ଡିଆ, ମକାରୁ ପରଦିନ ଏକ ଏକ ସାମୂହିକ ଭୋଜିର ଆୟୋଜନ କରା ଯାଇଥାଏ । ଗାଁର ପ୍ରତି ପରିବାରରୁ ମଧ୍ୟ ଚାଉଳ, ପନିପରିବା, ଟଙ୍କାପଇସା ଆଦାୟ କରାଯାଇଥାଏ । ଗାଁର ବେରଣମୁଣ୍ଡା ନିକଟରେ ସାମୂହିକ ଭୋଜିର ଆୟୋଜନ ହୋଇଥାଏ । ଏହି ସମୟରେ ଧାଙ୍ଗଡ଼ା, ଧାଙ୍ଗିଡ଼ୀମାନେ ନିଜନିଜର ବାଦବିବାଦ ଭୁଲି ପରସ୍ପର ମଧ୍ୟରେ ସୁଖ ବାଣ୍ଟିଥାନ୍ତି । ଏହାର ପରଦିନ ପରଜା ମହିଳାମାନେ ନିଜନିଜ ଘରେ ମାଣ୍ଡିଆ ଓ ଅଳସୀ ଚୂନାରେ ପ୍ରସ୍ତୁତ କରିଥିବା ପୁଷ୍ ପୂନି ପିଠାକୁ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ଏହି ଅବସରରେ ପରଜାମାନେ ଲାଣ୍ଡି ଦେବତାଙ୍କୁ ପୂଜା କରିଥାନ୍ତି । ଲାଣ୍ଡି ଦେବତା ହେଉଛନ୍ତି

ଅଗ୍ନିର ଦେବତା । ଏହି ସମୟରେ ପରଜା ଯୁବକ, ଯୁବତୀମାନେ ଯେଉଁ ପ୍ରକାର ଗୀତ ବୋଲନ୍ତି, ତାକୁ 'ଲାଣ୍ଡିଗୀତ' କୁହାଯାଏ ।

ପରଜାମାନେ ବିଶ୍ୱାସ କରନ୍ତି ଲାଣ୍ଡିଦେବତା ବର୍ଷକୁ ଥରେ ଗାଁର ଯେକୌଣସି ସ୍ଥାନରେ ଆବିର୍ଭାବ ହୁଅନ୍ତି । ଚତୁର୍ଥଦିନ ପରଜାମାନେ ଘରଘର ବୁଲନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ କିଛିକିଛି ପଇସା ସଂଗ୍ରହ କରିଥାନ୍ତି ଏବଂ ସେଥିରେ ଏକ ଭୋଜିର ଆୟୋଜନ ହୋଇଥାଏ । ଏହି ଭୋଜି ବିଶେଷକରି ଧାଙ୍ଗିଡ଼ିମାନେ ଆୟୋଜନ କରି ଧାଙ୍ଗଡ଼ାମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । ଅନୁରୂପ ଭାବେ ଧାଙ୍ଗଡ଼ାମାନେ ଭୋଜିଭାତର ଆୟୋଜନ କରି ଧାଙ୍ଗିଡ଼ିମାନଙ୍କୁ ମଧ୍ୟ ନିମନ୍ତ୍ରିତ କରିଥାନ୍ତି । ଏଭଳି ଏକ ଚମତ୍କାର ପରମ୍ପରା ପରଜା ସମାଜରେ ଦେଖିବାକୁ ମିଳିଥାଏ ।

ପୁଷ୍ପୁନି ପର୍ବର ଶେଷ ଦିନ ଅର୍ଥାତ୍ ପୌଷ ପୂର୍ଣ୍ଣିମାର ପନ୍ଦର ଦିନ ପରେ ପଡୁଥିବା ଅମାବାସ୍ୟା ଦିନ ଗାଁର ସବୁ ପରିବାର ମିଳିମିଶି ଏକ ବଡ଼ ଭୋଜିର ଆୟୋଜନ କରିଥାନ୍ତି । ପରଜାମାନଙ୍କର ବିଶ୍ୱାସ ରହିଛି, ପୁଷ୍ ପୂନେଇ ପୂର୍ବରୁ ଶିମ୍ବ ଏବଂ ଲାଉକୁ ତେଲରେ ଭାଜିଲେ ବା ତର୍କାରୀ କଲେ ବାଘ ଦେବତା ରୋଷ କରନ୍ତି ଏବଂ ଗାଁରେ ପଶି ଗାଈଗୋରୁଙ୍କ ସମେତ ମଣିଷଙ୍କୁ ଖାଇ ଯାଆନ୍ତି । ଏଣୁ ପରଜାମାନେ ପୁଷ୍ ପୁନେଇ ପୂର୍ବରୁ କେବେ ବି ଶିମ୍ବ ଏବଂ ଲାଉକୁ ତେଲରେ ଭାଜି ଖାଆନ୍ତି ନାହିଁ । ଏହିଦିନ ପରଜାମାନେ ଶିମ୍ବ ଏବଂ ଲାଉକୁ ତର୍କାରୀ କରି ଦେବଦେବୀଙ୍କୁ ଅର୍ପଣ କରିବା ପରେ ସେମାନେ ଭକ୍ଷଣ କରିନ୍ତି ।

## ଚଇତ ପରବ୍ (ବେଣ୍ଟ ଯାତ୍ରା)

ପରଜାମାନେ ପାଳନ କରୁଥିବା ପର୍ବମାନଙ୍କ ମଧ୍ୟରେ ଚଇତ ପର୍ବ ଏକ ବଡ଼ ପର୍ବ । ଚୈତ୍ର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଏହି ପର୍ବ ଦଶଦିନ ଧରି ଚାଲୁ ରହେ । ଏହା ମଧ୍ୟରେ ବେଣ୍ଟ (ଶିକାର ଯାତ୍ରା) ଦୁଇ/ତିନି ଦିନ ଧରି ଚାଲେ ।





ଏହାକୁ ପରୋକ୍ଷରେ ଆମ୍ବ ନୂଆଖିଆ ପର୍ବ ବୋଲି କୁହାଯାଏ । ଏହି ପର୍ବ ପାଳନ ପରେ ପରଜାମାନେ ନୂଆକରି ଆମ୍ବ ଖାଇଥାନ୍ତି ।

ଚୈତ୍ର ମାସ ବେଳକୁ ପରଜାମାନଙ୍କର ହାତ ଖାଲି ହୋଇଯାଇଥାଏ । ସେମାନଙ୍କ ନିକଟରୁ ଧାନ, ଚାଉଳ, ଟଙ୍କା, ପଇସା ଶେଷ ହୋଇଯାଇଥାଏ । ଏସବୁ ଅଭାବ ଅସୁବିଧା ସତ୍ତ୍ୱେ ପରଜାମାନେ ଚଇତ ପରବକୁ ବେଶ୍ ଧୁମ୍ଧାମରେ ପାଳନ କରିଥାନ୍ତି । ଚଇତ ପରବ ଦଶ ଦିନ ଧରି ଚାଲେ । ଚୈତ୍ର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୁଏ । ଚଇତ ପର୍ବର ପୂର୍ବଦିନ ଅର୍ଥାତ୍ ପୂର୍ଣ୍ଣିମାର ପୂର୍ବଦିନ ପରଜାମାନେ ଚଇତି ବଉଲାଣି କରନ୍ତି । ବିଭିନ୍ନ ରଙ୍ଗର ୫ଟି କୁକୁଡ଼ା, ଛେଳି, ଗୋଟିଏ ନଡ଼ିଆ, କୁକୁଡ଼ା ଅଣ୍ଡା, ଗୁଡ଼, ଧୂପ, ଦୀପ, ଖୀର, ପଣା, ପାଣି, ମଦ ଆଦି ସାଙ୍ଗରେ ନେଇ ଜାନି (ପୂଜକ) ନିଶାଣିମୁଣ୍ଡା (ହୁଣ୍ଡି/ଗ୍ରାମଦେବୀ)ରେ ପୂଜା କରନ୍ତି । ରାତି ସାରା ପୂଜା ଚାଲେ । ଗାଁଲୋକେ ରାତିତମାମ ଉଜାଗର ରହିଥାନ୍ତି । ଏହି ଅବସରରେ କୁକୁଡ଼ା ଅଣ୍ଡା, ନଡ଼ିଆ, ଧୂପଦୀପ, ଗୁଡ଼, ଚାଉଳ ଆଦି ପୂଜା କରାଯାଏ । ଶେଷରେ ଛେଳି ଓ କଳା କୁକୁଡ଼ା ବଳି ପଡ଼େ ।

**ପ୍ରଥମଦିନ:** ଚଇତ ପରବର ପ୍ରଥମ ଦିନ କେଉଁ ସମୟରେ ଆମ୍ବ ତୋଳାଯିବ ଓ କେତେବେଳେ ହୁଣ୍ଡିରେ ପୂଜା ହେବ ତାହା ଜାନି ପ୍ରକାଶ କରନ୍ତି । ଏହାର ପୂର୍ବଦିନ ମହିଳାମାନେ ଘର ଅଗଣା ସଫା କରି ଲିପାପୋଛା କରିଥାନ୍ତି । ପୂର୍ଣ୍ଣିମା ରାତିରେ ପରଜାମାନେ ଡଙ୍ଗରରେ ନିଆଁ ଲଗେଇ ଦିଅନ୍ତି । ଏହାକୁ 'ଡଙ୍ଗରପୋଡ଼ି' କହନ୍ତି । ଏହା ଦ୍ୱାରା ପୋଡୁଚାଷ ପାଇଁ ଜଙ୍ଗଲ ସଫା ହୋଇଥାଏ । ପୂର୍ଣ୍ଣିମା ରାତିରେ ପ୍ରତି ପରଜା ପରିବାରର ବିବାହିତା ମହିଳାମାନେ ନିଜନିଜ ଘରୁ ମାଟିର କଳସୀ ନେଇ ନଦୀ କିମ୍ବା ଝରଣାକୁ ପାଣି ପାଇଁ ଯାଆନ୍ତି । ନଦୀରୁ ଅଣାଯାଇଥିବା ଏହି ପାଣିକୁ 'ଡୁମାପାଣି' କହନ୍ତି । ଡୁମାପାଣି ଆଣିବା ପରେ ପରଜା ମହିଳମାନେ ଏହି କଳସୀକୁ ନିଜ ଘରେ ସ୍ଥାପନ କରନ୍ତି । ରାତିରେ ଡୁମା ଦେବତାଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ପ୍ରତି ପରିବାର ପକ୍ଷରୁ ଗୋଟିଏ ଲେଖାଏ କୁକୁଡ଼ା ବଳି ଦିଆଯାଏ । ଗଛରୁ ତୋଳା ଯାଇଥିବା ନୂଆ ଆମ୍ବକୁ ନିଶାଣିମୁଣ୍ଡା ନିକଟରେ ପୂଜା କରାଯାଏ ଏବଂ ଏହା ପରେ ପରଜାମାନେ ଆମ୍ବ ଖାଇଥାନ୍ତି ।





ନିକଟରେ ଦାଖଲ କରାଯାଏ । ସନ୍ଧ୍ୟାରେ ଏସବୁ ପଶୁପକ୍ଷୀ ମାଂସରେ ଏକ ସାଧାରଣ ଭୋଜିର ଆୟୋଜନ କରାଯାଏ ଏବଂ ସମସ୍ତେ ମିଳିମିଶି ଖାଆନ୍ତି । ଲନ୍ଦା ପାନ କରି ପରଜାମାନେ ଆନନ୍ଦରେ ନାଚି ଉଠନ୍ତି । ଏହି ସମୟରେ ଯଦି କେହି ଯୁବକ କି ପୁରୁଷ 'ବେଣ୍ଟ' କରିବାକୁ ଇଛା ପ୍ରକାଶ ନ କରେ, ଝିଅମାନେ ସେମାନଙ୍କୁ ନାହିଁ ନଥିବା ଅପମାନ କରିଥାନ୍ତି । ଗାଁର ଝିଅମାନେ ଏଭଳି ଅଳସୁଆ ପୁରୁଷମାନଙ୍କ ଉପରକୁ ଗାଈ ଗୋବର ଫିଙ୍ଗିଥାନ୍ତି ।

ଯୁବକମାନେ ଶିକାର କରି ଗଲାବେଳେ ପରଜା ଧାଙ୍ଗିଡ଼ିମାନେ ସେମାନଙ୍କ ଉଦ୍ଦେଶ୍ୟରେ ଶିକାର ଗୀତ ବୋଲିଥାନ୍ତି–

"ଲୋରି ଲୋ ଲୋରି ଲୋରି ବୁଲାଇବେ
ଆମ୍ ପତର ଜିଲି ମିଲିଲା
ଲିମା ପତର ଜିଲି ମିଲିଲା
କଟରା ମାରି ଆଣ ଧାଙ୍ଗଡ଼ା
ମାଙ୍ଗେସ ବିନ୍ଧ ଆଣ ଧାଙ୍ଗଡ଼ା"

ଏହି ଗୀତ ମାଧ୍ୟମରେ ପରଜା ଧାଙ୍ଗିଡ଼ିମାନେ ଧାଙ୍ଗଡ଼ାମାନଙ୍କୁ ଜଙ୍ଗଲରୁ ସମ୍ବର, କୁଟ୍ରା ଶିକାର କରି ଆଣିବାକୁ ପ୍ରବର୍ତ୍ତାଇଥାନ୍ତି ।

ପରଜାମାନେ ବିଶ୍ୱାସ କରନ୍ତି, ଯଦି ଭଲ ଶିକାର ମିଳେ, ତେବେ ସେ ବର୍ଷ ଭଲ ଫସଲ ଅମଳ ହେବ । ଯଦି ଶିକାର ନମିଳେ, ତେବେ ସେ ବର୍ଷ ମରୁଡ଼ି ନିଶ୍ଚିତ ବୋଲି ପରଜାମାନେ ବିଶ୍ୱାସ କରନ୍ତି । ଏହି ବେଣ୍ଟ ଯାତ୍ରା ଚତୁର୍ଥ ଦିନ ଠାରୁ ଆରମ୍ଭ କରି ପ୍ରାୟ ଦଶମ ଦିନ ପର୍ଯ୍ୟନ୍ତ ଚାଲିଥାଏ ।

ଚଇତ ପର୍ବ ପାଳନ ଅବସରରେ ପରଜାମାନେ ନୂଆକରି ଆମ୍ବ ଖାଇଥାନ୍ତି । ଗାଁ ଠାକୁରାଣୀ ଘରକୁ ଘର ବୁଲି ପୂଜା ପାଆନ୍ତି । ତେଣୁ ଏହାକୁ ଘଣ୍ଟବୁଲା ପର୍ବ କୁହାଯାଏ । ଏହି ଅବସରରେ 'ଜାନି'ର ପତ୍ନୀ ଉପବାସ ରହି ଘଣ୍ଟକୁ ମୁଣ୍ଡରେ ବୋହି ଘରଘର ବୁଲିଥାଏ । ଯେଉଁ ଘରକୁ ଘଣ୍ଟ ଯାଏ ସେ ଘରର ଲୋକେ ଭକ୍ତିର ସହ ଘଣ୍ଟକୁ ପୂଜା କରିଥାନ୍ତି । ଘଣ୍ଟ ନିକଟରେ ପ୍ରତି ପରଜା ପରିବାର ପକ୍ଷରୁ କୁକୁଡ଼ା, ଛେଳି ବଳି ଦିଆଯାଇ ଦେବତାଙ୍କୁ ସନ୍ତୁଷ୍ଟ କରିଥାନ୍ତି । ଗାଁର ପ୍ରତି ଘରୁ ଘଣ୍ଟବୁଲା କାର୍ଯ୍ୟ ଶେଷ ହେଲାପରେ ରାତିରେ ଗାଁର ନିଶାଣିମୁଣ୍ଡା ଠାରେ ସମସ୍ତ ପରଜା ଏକତ୍ରିତ ହୁଅନ୍ତି । ଏଠାରେ ଗ୍ରାମଦେବତାଙ୍କ ନିକଟରେ

**ଦ୍ୱିତୀୟ ଦିନ:** ଦ୍ୱିତୀୟ ଦିନ ଚିତ୍ତ ବିନୋଦନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ଗାଁରେ ନିଶାଣିମୁଣ୍ଡା ନିକଟରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ଏକତ୍ରିତ ହୋଇ ନାଚଗୀତ କରନ୍ତି । ଦିନରାତି ପରଜା ଯୁବକ, ଯୁବତୀମାନେ ଲନ୍ଦା ପିଇ ମାତାଲ ଅବସ୍ଥାରେ ଥାନ୍ତି ।

**ତୃତୀୟ ଦିନ:** ତୃତୀୟଦିନ ସକାଳୁ ଯୁବକ, ଯୁବତୀମାନେ ପୁଣି ଏକତ୍ରିତ ହୁଅନ୍ତି । ଧାଙ୍ଗଡ଼ାମାନେ ବେଣ୍ଟ (ଶିକାର) କରି ଯିବା ପାଇଁ ସଜବାଜ ହୁଅନ୍ତି । 'ବେଣ୍ଟ' ବା ସାମୂହିକ ଶିକାର ଯାତ୍ରା ହେଉଛି ଚଇତ ପରବର ମୁଖ୍ୟ ଅଂଶ ।

**ଚତୁର୍ଥ ଦିନ:** ଚତୁର୍ଥଦିନ ଗାଁର ଦିସାରି ସମୟ ଓ ଦିଗ ନିରୂପଣ କରି 'ବେଣ୍ଟ' (ଶିକାର) ପାଇଁ ନିର୍ଦ୍ଦେଶ ଦିଅନ୍ତି । ପ୍ରତି ଗ୍ରାମବାସୀଙ୍କ ପାଇଁ ବେଣ୍ଟ କରିବା ବାଧ୍ୟତାମୂଳକ ଥାଏ । ଗାଁର ପୂଜାରୀ (ଜାନି)ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ପୁରୁଷମାନେ ଶିକାର ପାଇଁ ଜଙ୍ଗଲକୁ ଯାଆନ୍ତି । ଏହି ସମୟରେ ଝିଅବୋହୂମାନେ ଗାଁରେ ରହିଥାନ୍ତି । ପୁରୁଷମାନେ ଜଙ୍ଗଲରୁ ଶିକାର ଧରି ଗାଁକୁ ଫେରିଲେ ଝିଅବୋହୂମାନେ ଶିକାର ଧରି ଫେରିଥିବା ପୁରୁଷମାନଙ୍କୁ କଳସୀ ପାଣିରେ ସେମାନଙ୍କର ପାଦ ଧୋଇ ଦେଇ ବନ୍ଦାପନା କରି ଗ୍ରାମକୁ ପାଛୋଟି ଆଣନ୍ତି । ଯଦି ପୁରୁଷମାନେ ଜଙ୍ଗଲରୁ କିଛି ବି ଶିକାର ନଧରି ଖାଲି ହାତରେ ଫେରନ୍ତି, ତେବେ ଝିଅବୋହୂମାନେ କଳସୀରେ ଥିବା ପାଣିରେ ସେମାନଙ୍କର ପାଦ ନ ଧୋଇ ସେହି ପାଣିକୁ ସେମାନଙ୍କ ମୁହଁ ଉପରକୁ ଫିଙ୍ଗି ଶିକାର ନ ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ପୁଣି ଜଙ୍ଗଲକୁ ଫେରେଇ ଦିଅନ୍ତି । ପରଜା ଝିଅବୋହୂମାନେ ପୁରୁଷଙ୍କ ମୁହଁକୁ ପାଣିତକ ଛାଟି କୁହନ୍ତି: 'ଯେ ପର୍ଯ୍ୟନ୍ତ ଶିକାର ନ ଆଣିଛ, ସେ ପର୍ଯ୍ୟନ୍ତ ଆମେ ତମ ମୁହଁ ଚାହିଁବୁ ନାହିଁ ।' ଏହାପରେ ପୁରୁଷମାନେ ପୁଣି ବେଣ୍ଟ ପାଇଁ ଜଙ୍ଗଲକୁ ଫେରି ଯାଆନ୍ତି । ଯେପର୍ଯ୍ୟନ୍ତ ଶିକାର ନଧରି ଫେରିଛନ୍ତି, ସେପର୍ଯ୍ୟନ୍ତ ମହିଳାମାନେ ପୁରୁଷମାନଙ୍କୁ ଗାଁକୁ ପୂରେଇ ଦିଅନ୍ତି ନାହିଁ । ଯଦି କୌଣସି ପରିସ୍ଥିତିରେ ମଧ୍ୟ ଜଙ୍ଗଲରୁ କିଛି ବି ଶିକାର ନ ଜୁଟେ ତେବେ ଅତି କମ୍‌ରେ ଗୋଟିଏ ଛୋଟ ପକ୍ଷୀ ମଧ୍ୟ ଶିକାର କରି ଆଣିବାକୁ ପଡ଼ିଥାଏ ।



ପୁରୁଷମାନେ ଆଣିଥିବା ଶିକାର ସବୁକୁ ଗାଁର ନିଶାଣିମୁଣ୍ଡା



ମେଣ୍ଢା, କୁକୁଡ଼ା, ଛେଳି ବଳି ପଡ଼ିଥାଏ । ପୂର୍ବରୁ ଶିକାରରୁ ମିଳିଥିବା ପଶୁପକ୍ଷୀ ଏବଂ ବଳି ପଡ଼ିଥିବା କୁକୁଡ଼ା, ଛେଳି, ମେଣ୍ଢାର ମାଂସରେ ଏକ ବଡ଼ ଭୋଜିର ଆୟୋଜନ ହୋଇଥାଏ । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନୃତ୍ୟଗୀତରେ ମାତି ଉଠନ୍ତି ।

ଘଣ୍ଟବୁଲା ଉତ୍ସବର ପରଦିନ 'ଆମ୍ବ ନୂଆଖିଆ' ପାଳନ କରାଯାଏ । ଏହି ପର୍ବର ଶେଷ ଦିନରେ ପ୍ରତି ପରିବାରରେ ସେମାନଙ୍କ ନିଜନିଜ ଇଷ୍ଟ ଦେବତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ କୁକୁଡ଼ା ବଳି ଦିଆଯାଏ । ଏହାପରେ ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ 'ଆମ ନୂଆ' ଖାଇଥାନ୍ତି । ଆମ୍ବ ନୂଆଖିଆର ପରଦିନ ଗାଁର ଧାଙ୍ଗଡ଼ା, ଧାଙ୍ଗିଡ଼ି ଏବଂ ଗ୍ରାମବାସୀଙ୍କ ଗହଣରେ ଜାନି (ପୂଜକ) ଗାଁରେ ବୁଲି ପ୍ରତି ଘରେ ବିହନ ବାଣ୍ଟନ୍ତି । ଜାନିଙ୍କୁ ଏହି କାମରେ 'ଚାଲାଣ'ମାନେ ସହଯୋଗ କରିଥାନ୍ତି । ଏହି ବିହନକୁ ଶୁଭ ଭାବରେ ଧରି ଧାନ ବୁଣାର ଅନୁକୂଳ କରାଯାଏ ।

## କାନ୍ଦୁଲ ଭଜା ପରବ୍

କାନ୍ଦୁଲ ଭଜା ପରବ ପ୍ରତିବର୍ଷ ଚୈତ୍ର ମାସ ବେଳକୁ ପାଳିତ ହୋଇଥାଏ । ପରଜାମାନେ ନିଶାଣିମୁଣ୍ଡା ନିକଟରେ ଠାକୁର, ଠାକୁରାଣୀଙ୍କ ନିକଟରେ କାନ୍ଦୁଲକୁ ପୂଜା କରିବା ପରେ କାନ୍ଦୁଲ ଡାଲି କରି ଖାଇଥାନ୍ତି । କାନ୍ଦୁଲ ଭଜା ପୂର୍ବରୁ କେହି ପରଜା କାନ୍ଦୁଲ ଖାଇ ନଥାନ୍ତି । ଯଦିଓ ଗାଁରେ କାନ୍ଦୁଲ ଅମଳ ଶେଷ ହୋଇଯାଇଥାଏ, ତେବେ କାନ୍ଦୁଲ ଭଜା ପର୍ବ ନ ହେବା ପର୍ଯ୍ୟନ୍ତ ଗାଁରେ କେହି କାନ୍ଦୁଲ ଡାଲି କରି ଖାଆନ୍ତି ନାହିଁ । ପ୍ରଥମେ ଗାଁର ଜାନି (ପୂଜାରୀ)ଙ୍କ ଘରୁ କାନ୍ଦୁଲ ଆସେ ଏବଂ ଏହାକୁ ନିଶାଣି ମୁଣ୍ଡା ନିକଟରେ ଭଜା କରାଯାଇ ଫାଳ କରାଯାଏ । ଜାନି ଏହି କାନ୍ଦୁଲରୁ ଡାଲି ପ୍ରସ୍ତୁତ କରି ଠାକୁରାଣୀଙ୍କ ନିକଟରେ ଭୋଗ କରିବା ପରେ ଗାଁର ଅନ୍ୟ ପରିବାରରେ କାନ୍ଦୁଲ ଡାଲି ହୁଏ । ଗାଁର ଜାନି ନୂତନ ବସ୍ତ୍ର ପରିଧାନ କରିବା ସହ ନୂଆ ଗାମୁଛା ବେକରେ ପକାନ୍ତି । ଜାନି ଗାମୁଛାର ଗୋଟିଏ ପାର୍ଶ୍ୱକୁ ନିଜ କାନ୍ଧରେ ରଖି ଅପର ପାର୍ଶ୍ୱକୁ ଦୁଇ ହାତରେ ଧରି ସେଥିରେ କିଛି କାନ୍ଦୁଲ ରଖନ୍ତି । ତଳେ କାଠ ନିଆଁ ଜଳୁଥାଏ । ଏହି ନିଆଁର ଉତ୍ତାପରେ ଜାନି ତାର ନୂଆ ଗାମୁଛାରେ ନିଜ ହାତ ସାହାଯ୍ୟରେ କାନ୍ଦୁଲକୁ ଭାଜେ । ପ୍ରକୃତରେ ଗାମୁଛାରେ କାନ୍ଦୁଲ ଭଜା ସମ୍ଭବପର ହୋଇ ନଥାଏ । ଏହା କେବଳ ମାତ୍ର ପ୍ରତୀକାତ୍ମକ ଭାବେ କରାଯାଇଥାଏ । ପ୍ରଥମେ ଜାନି ଘରେ କାନ୍ଦୁଲ ଭଜା ଯାଇ ଡାଲି ହେବା ପରେ ଅନ୍ୟମାନଙ୍କ ଘରେ କାନ୍ଦୁଲ ଡାଲି ରନ୍ଧାଯାଏ । କାନ୍ଦୁଲ ଭଜା ପର୍ବ ଅବସରରେ ଗୁରୁମାଈ (ମହିଳା ପୂଜକ) ଗୀତ ବୋଲେ-

"ତୋର୍ କଲା କାନ୍ଦୁଲ ଭାଜା
ତୋର୍ କଲା ବିଆଲ୍ ଭାଜା
ହେଲେ ଭାଜ୍‌ଲା ବିରି ମାଲ୍ ଯିବୁ
ଉଷୁନା ଧାନ ଗାଜା ହେବୁ
ବଲାର ତାସ୍ ବଲାର ଭେଟ୍
ତଲେ ଦଦରା ବାନ୍ଧିବୁ
ଉପରେ ଗାଜା ଟେକିବୁ ।"

## ଦିଆଲି ପରବ୍


ଦିଆଲି ପର୍ବରେ ପରଜାମାନେ ଗୋରୁ ପୂଜା କରିଥାନ୍ତି । କାର୍ତ୍ତିକ-ମାର୍ଗଶୀର ମାସରେ ଏହି ପର୍ବ ପାଳିତ ହୋଇଥାଏ । ଏହି ମାସରେ ସାଧାରଣତଃ ନୂଆ ଧାନ ଅମଳ ହୋଇଥାଏ । ପ୍ରଥମ ଧାନରେ ନୂଆକରି ଭୋଗ ଲାଗି କରାଯାଇ ପ୍ରଥମ ଭୋଗ ଗୋରୁଙ୍କୁ ଖାଇବାକୁ ଦିଆଯିବା ପରେ ପରଜାମାନେ ଭକ୍ଷଣ କରନ୍ତି । ଏହି ପର୍ବଦିନ ପରଜାମାନେ ସେମାନଙ୍କର ଗାଈଗୋରୁଙ୍କୁ ପେଟଭର୍ତ୍ତି ଖୁଆଇ ସେମାନଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଦେଇଥାନ୍ତି । ପରଜାମାନେ ସେମାନଙ୍କ ଗାଈଗୋରୁଙ୍କ ବେକରେ ନୂତନ ବସ୍ତ୍ର ଓ ଫୁଲହାର ପରିଧାନ କରାଇ ପୂଜା କରିଥାନ୍ତି । ନୂଆକରି ଅମଳ ହୋଇଥିବା ଧାନରୁ ପ୍ରସ୍ତୁତ ଚାଉଳ, ବିରି, ଖମ୍ବଆଳୁ, ବୋଇତାଳୁ, କାନ୍ଦୁଲ, ଜୁଡ଼ଙ୍ଗ, ମୂଳା, କନ୍ଦମୂଳ ଆଦି ପଡ଼ି ଏକ ଖେଚୁଡ଼ି ପ୍ରସ୍ତୁତ ହୋଇଥାଏ । ଏହି ଖେଚୁଡ଼ି ଘାଣ୍ଟିକୁ ପ୍ରଥମେ ଗୋରୁଙ୍କୁ ପୂଜାକରି ଖାଇବାକୁ ଦିଆଯାଏ । ପରଜାମାନେ ସେମାନଙ୍କ ଗୁହାଳଘରେ ଝୋଟିଚିତା ପକାଇ ସଜେଇଥାନ୍ତି । ଗାଈ ବେକରେ ଏକ ରଙ୍ଗୀନ କପଡ଼ା ବନ୍ଧାଯାଏ । ଏହାକୁ 'ଚୁଇ' କହନ୍ତି । ପୂଜାଦିନ ଧୂପଦୀପ ଦେଇ ଗାଈଗୋରୁଙ୍କୁ ପୂଜା କରାଯାଏ ।

## ବାଲି ଯାତରା

ବାଲି ଯାତରା ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବ ପାଳନ କଲେ ଜମିରେ ଭଲ ଫସଲ ହେବା ସାଙ୍ଗକୁ ଗାଁଲୋକେ ସକଳ ବିପଦ ଆପଦରୁ ମୁକ୍ତି ପାଇବା ସହ ଗାଈଗୋରୁ ରୋଗମୁକ୍ତ ହେବେ ବୋଲି ପରଜାମାନଙ୍କର ବିଶ୍ୱାସ ରହିଛି । ଚୈତ୍ର ମାସ ବେଳକୁ ପରଜାମାନେ ବାଲି ଯାତ୍ରା ପାଳନ କରିଥାନ୍ତି । ପରଜାମାନେ



ପ୍ରତି ୩ ବର୍ଷ କିମ୍ବା ୧୨ ବର୍ଷ ଅନ୍ତରରେ ବାଲିଯାତ୍ରା ପାଳନ କରିଥାନ୍ତି ।



ପରଜାମାନଙ୍କର ଏହି ବାଲିଯାତ୍ରାଟି ପୁରୀ ଶ୍ରୀଜଗନ୍ନାଥଙ୍କ ନବକଳେବର ଯାତ୍ରା ସହ ସାମଞ୍ଜସ୍ୟ ରଖିଥାଏ । ପ୍ରତି ବାର ବର୍ଷ ଅନ୍ତରରେ ଯେଉଁଭଳି ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବକଳେବର ହୋଇଥାଏ, ଅନୁରୂପ ଭାବେ ପରଜାମାନଙ୍କର ବାଲିଖମ୍ବ ପ୍ରତି ୩ କିମ୍ବା ୧୨ ବର୍ଷ ବ୍ୟବଧାନରେ ନୂତନ ବାଲିଖମ୍ବ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବାଲିଯାତ୍ରା ପାଳନ କରିଥାନ୍ତି ।

ବାଲିଯାତ୍ରା ପାଳନ ପୂର୍ବରୁ ଗାଁ ମୁଖିଆ ମୁଦୁଲି/ନାଏକ ଓ ପୂଜକ 'ଜାନି'ଙ୍କ ନେତୃତ୍ୱରେ ବେରଣମୁଣ୍ଡାରେ ପ୍ରସ୍ତୁତି ବୈଠକ ବସିଥାଏ । ବାଲିଯାତ୍ରାର ସୁପରିଚାଳନା ଏବଂ ଆର୍ଥିକ ବୋଝ ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥାଏ । ବାଲିଯାତ୍ରାର ସପ୍ତାହେ ପୂର୍ବରୁ ଗାଁର ଚାଲାଣ କୁକୁଡ଼ା, ମଦ ଓ ମାଣ୍ଡିଆ ନେଇ ଜାନିଙ୍କୁ ପ୍ରଦାନ କରି ଯାତ୍ରାର ଶୁଭାରମ୍ଭ କରିବାକୁ ପ୍ରସ୍ତାବ ଦେଇଥାନ୍ତି । ଜାନି ଗ୍ରାମବାସୀଙ୍କ ପକ୍ଷରୁ ଏହି ପ୍ରସ୍ତାବକୁ ଗ୍ରହଣ କରନ୍ତି । ଦିସାରି ଏକ ଶୁଭ ସମୟ ବାହାର କରନ୍ତି । ବାଲିଯାତ୍ରାରେ ମହିଳାପୂଜକ (ଗୁରୁମାଇ)ଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ ।

ପରଜାମାନଙ୍କ ବାଲିଯାତରା ନଅ ଦିନ ଧରି ଚାଲେ । ପ୍ରଥମ ଦିନ ଗାଁର ନିଶାଣିମୁଣ୍ଡା ଠାରେ ଅର୍ଥାତ୍ ଜାନିଙ୍କ ଘର ସମ୍ମୁଖରେ ଥିବା ବାଲିଖମ୍ବ ଏବଂ ବାଲିକୁଡ଼ିଆକୁ ପୂଜା ପାଇଁ ପ୍ରସ୍ତୁତ କରାଯାଏ । ଗାଁର ଜାନି ଓ ଗୁରୁମାଇଙ୍କ ତତ୍ତ୍ୱାବଧାନରେ ଗାଁର ସମସ୍ତ ଲୋକେ ବାଲି ଆଣିବାକୁ ନିକଟସ୍ଥ ନଦୀକୁ ଯାଆନ୍ତି । ନଦୀ କୂଳରେ ଗୁରୁମାଇ ଓଦାବାଲିରେ ଦାର୍‌ନି ଠାକୁରାଣୀ (ମାଟି ମାଆ)ଙ୍କର ଏକ ମୂର୍ତ୍ତି ତିଆରି କରେ ଏବଂ ଦାର୍‌ନି ମାତାଙ୍କୁ ପୂଜା କରିବା ପରେ ନଦୀରୁ ବାଲି ଉଠାଯାଏ । ସେଠାରେ ଦାର୍‌ନି ମାତାଙ୍କ ଉଦ୍ଦେଶ୍ୟରେ କୁକୁଡ଼ା ଓ ମଦ ପ୍ରଦାନ କରାଯାଏ । ଏହାପରେ ଗୁରୁମାଇ ଗାଁର ପ୍ରତି ପରିବାରରୁ ଆସିଥିବା ବାଉଁଶ ଚାଙ୍ଗୁଡ଼ିମାନଙ୍କରେ ନଦୀ ବାଲି ସ୍ଥାପନା କରନ୍ତି ଏବଂ ଏହି ଚାଙ୍ଗୁଡ଼ିଗୁଡ଼ିକୁ ଗାଁର ଅବିବାହିତା କିଶୋରୀମାନେ ମୁଣ୍ଡରେ ବୋହି 'ବାଲିକୁଡ଼ିଆ' (ପୂଜା ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର କୁଡ଼ିଆ ଘର) ପର୍ଯ୍ୟନ୍ତ ଆଣନ୍ତି । ବାଲିଚାଙ୍ଗୁଡ଼ିକୁ ମୁଣ୍ଡରେ ବୋହି ନେଲାବେଳେ ସେମାନଙ୍କ ଶରୀରରେ ବର୍ଷାର ଦେବତା ଭୀମା ଦେବତା, ବାମନଦେଇ ଠାକୁରାଣୀ, ଦାର୍‌ନି ମାତାଙ୍କ ସମେତ ଅନ୍ୟାନ୍ୟ ଦେବଦେବୀ ଆବିର୍ଭୂତ ହୋଇଥାନ୍ତି । ବାଲି ଧାଙ୍ଗିଡ଼ିଙ୍କ ଦେହରେ ଠାକୁର ଠାକୁରାଣୀ ସବାର ହେଲାବେଳେ ସେମାନେ କାଳିସୀଙ୍କ ଭଳି ମୁଣ୍ଡ ବାଳକୁ ମୁକୁଳା କରି ନାଚନ୍ତି ।


ନଅ ଦିନ ଧରି ଚାଲିଥିବା ବାଲିଯାତ୍ରାରେ ବାଲି ଧାଙ୍ଗିଡ଼ିମାନେ କଠୋର ବ୍ରତ ପୂର୍ବକ ଜାନିଙ୍କ ଘରେ ରହନ୍ତି । ବାଲିକୁଡ଼ିଆରେ ବାଲି ସ୍ଥାପନା ପରେ ଗୁରୁମାଇ ଗାଁର ସମସ୍ତ ଘରୁ ଧାନ, ମକା, ମାଣ୍ଡିଆ, ଝୁଡ଼ଙ୍ଗ, ବିରି, ମୁଗ, ଶିମ୍ବ, କାନ୍ଦୁଲ ଆଦି ବିହନ ସଂଗ୍ରହ କରନ୍ତି ଏବଂ ଏଗୁଡ଼ିକୁ ବାଲି ଚାଙ୍ଗୁଡ଼ିରେ ରୋପଣ କରାଯାଏ । ଏହାପରେ ମଞ୍ଜିସବୁ ଗଜା ହୋଇଥାଏ । ଗଜା ନ ହେଲେ ଏହାକୁ ଅଶୁଭ ବୋଲି ଧରାଯାଏ ।

ଯଦି ବାଲିଖମ୍ବ ପୁରୁଣା ହୋଇଯାଇଥାଏ କିମ୍ବା ପୋକ ଲାଗି ପାମ୍ପରା ହୋଇଯାଇଥାଏ, ତେବେ ବାଲିଯାତ୍ରା ସମୟରେ ପୁରୁଣା କାଠ ଖମ୍ବକୁ ବଦଳେଇ ସେଠାରେ ଏକ ନୂଆ କାଠଖମ୍ବ ପ୍ରତିଷ୍ଠା କରାଯାଏ । ପରଜାମାନେ ସମସ୍ତ ପ୍ରକାର ବିଧି ପାଳନପୂର୍ବକ ନିକଟସ୍ଥ ଜଙ୍ଗଲରୁ ଶାଳ ଗଣ୍ଡି ସଂଗ୍ରହ କରିଥାନ୍ତି । ଜାନି ନୂତନ ବାଲିଖମ୍ବ ପ୍ରତିଷ୍ଠା କରନ୍ତି । ବାଲିଖମ୍ବ ମହୁଲ କାଠରେ ନିର୍ମିତ ହୋଇଥାଏ । ଏହା ସାତ ହାତ ଲମ୍ବ ହୋଇଥାଏ । ଭୂମିରେ ବାଲିଖମ୍ବ ପ୍ରତିଷ୍ଠା ବେଳେ ବହୁ ନୀତିନିୟମ ପାଳନ କରିବାକୁ ପଡ଼ିଥାଏ । ଗାଁର ଜାନିଙ୍କ ଘର ସମ୍ମୁଖରେ ୩ ହାତ ଗଭୀର ଗାତ ଖୋଳାଯାଏ । ୭ ହାତବିଶିଷ୍ଟ କାଠଗଣ୍ଡିକୁ ୩ ହାତ ମାଟି ଭିତରେ ପୋତିଦେଲା ପରେ ୪ ହାତ ଲମ୍ବ ଉପରକୁ ରହିଥାଏ । ବାଲିଖମ୍ବକୁ ପୋତିଲା ବେଳେ ଜାନି ପ୍ରଥମେ ଦୁଇଟି କୁକୁଡ଼ା ଅଣ୍ଡାକୁ ପୂଜା କରି ଗାତ ମଧ୍ୟରେ ରଖନ୍ତି । ତା'ପରେ ସାତ ଯୋଡ଼ା ଅରୁଆ ଚାଉଳକୁ ଜାନି ମନ୍ତ୍ର କରି ସେଇ ଗାତ ମଧ୍ୟରେ ରଖନ୍ତି । ଏହାପରେ ଗୋଟିଏ ଥାଳି ସ୍ଥାପନା କରାଯାଏ । ଏହି ଗାତରେ ପଂଚଧାତୁ (ସୁନା, ରୂପା, ଲୁହା, ପିତଳ, ତମ୍ବା) ରଖାଯାଏ । ପରେ ଜାନି ଉକ୍ତ କାଠଖମ୍ବକୁ ଗାତରେ ପୋତି ଦିଅନ୍ତି । ବାଲିଖମ୍ବ ପ୍ରତିଷ୍ଠାବେଳେ ପରଜାମାନେ ଗୋଟିଏ ପୋଡ଼୍‌ରା (ଅଣ୍ଡିରା ମଇଁଷି) ବଳି ଦେଇଥାନ୍ତି ।

ଏସବୁ ପର୍ବପର୍ବାଣି ସମେତ ପରଜାମାନେ ଇନ୍ଦ୍ର ଦେବତାଙ୍କୁ ଖୁସି କରିବା ପାଇଁ 'ଭୀମା ପୂଜା' କରିଥାନ୍ତି । ଭଲ ବର୍ଷା ନ ହେଲେ ପରଜାମାନେ ଭୀମା ଦେବତାଙ୍କୁ ପୂଜା କରିଥାନ୍ତି । ସେହିଭଳି 'ବିସ୍‌ପୁଟ୍‌ନି ଯାତ୍ରା' ମଧ୍ୟ ପରଜାମାନଙ୍କର ଆଉ ଏକ ପର୍ବ । ପ୍ରତିବର୍ଷ ମାର୍ଚ୍ଚ-ଏପ୍ରିଲ ମାସ ବେଳକୁ ପରଜାମାନେ ବିଭିନ୍ନ ପ୍ରକାର ଶସ୍ୟର ବିହନକୁ ପୂଜା କରିଥାନ୍ତି । ପରଜାମାନେ ଆଉ ଏକ ପର୍ବ ପାଳନ କରିଥାନ୍ତି, ଯାହାର ନାମ 'ବଉଲାଣୀ ଯାତରା' । ବଉଲାଣୀ ଯାତରା ମାଧ୍ୟମରେ ପରଜାମାନେ ନିଜ ଗ୍ରାମକୁ ସଂସ୍କାର କରିବା ସହ ରିଷ୍ଟ ଖଣ୍ଡନ ପାଇଁ ଠାକୁର, ଠାକୁରାଣୀଙ୍କୁ ପୂଜା କରିଥାନ୍ତି । ପରଜାମାନେ ବର୍ଷର ଆରମ୍ଭରେ ଏହି ଯାତରା ପାଳନ କରିଥାନ୍ତି । ବଉଲାଣୀ ଯାତରା ଅନୁଷ୍ଠିତ ହେବା ପରେ ଅନ୍ୟାନ୍ୟ ପର୍ବପର୍ବାଣି ପାଳିତ ହୋଇଥାଏ । ସେହିଭଳି ପରଜାମାନେ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ଦିନରେ 'ବନ୍ଦାପନା ପର୍ବ' (ନଙ୍ଗଲଦୁଆ ପୁନି) ପାଳନ କରିଥାନ୍ତି । ଏଥିରେ ପରଜାମାନେ ଲଙ୍ଗଳ, ଯୁଆଳି ଓ ଅନ୍ୟାନ୍ୟ ଚାଷ ଉପକରଣକୁ ପୂଜା କରିଥାନ୍ତି । ପରଜାମାନେ ମଧ୍ୟ ଆଶ୍ୱିନ ମାସରେ ଦଶହରା ପର୍ବ (ନାଚୁଣୀ ପର୍ବ) ପାଳନ କରିଥାନ୍ତି । ଭାଦ୍ରବ ମାସରେ ପରଜାମାନେ ଧାନ ନୂଆଖିଆ ପାଳିଥାନ୍ତି ।

ପର୍ବପର୍ବାଣି ପରଜାମାନଙ୍କ ଗୋଷ୍ଠୀ ଜୀବନକୁ ଅଧିକ ସମୃଦ୍ଧ ଓ ଶୃଙ୍ଖଳିତ କରିଥାଏ । ବାର ମାସରେ ତେର ପର୍ବ ପାଳନ କରି ପରଜାମାନେ ଜୀବନକୁ ଅତି ସୁନ୍ଦର ଭାବେ ଉପଭୋଗ କରିଥାନ୍ତି । ସୁଖ, ଶାନ୍ତିରେ ବଞ୍ଚିବାର କଳା ହିଁ ପରଜାମାନଙ୍କୁ ଏସବୁ ପର୍ବପର୍ବାଣି ଶିଖାଇଥାଏ ।

# ବନବାସୀଙ୍କ ଲୋକଗୀତ



# ବନବାସୀଙ୍କର ଲୋକଗୀତରେ 'ଫୁଲ'


## ଡକ୍ଟର ପ୍ରଦୀପ କୁମାର ମିଶ୍ର

ସମର୍ପଣ, ଆର୍.ବି. ରୋଡ୍,
ପାୱାର୍ ହାଉସ କଲୋନୀ, ଜୟପୁର,
କୋରାପୁଟ-୭୬୪୦୦୧
ଫୋନ: ୯୪୩୭୫୨୫୧୦୫


ପୃଷ୍ଠଚିତ୍ର : ଡାକ୍ତର ଦୀନବନ୍ଧୁ ସାହୁ
ଫଟୋ ସୌଜନ୍ୟ : ଗୁଗୁଲ୍



◄ ଲେଖକ ଡକ୍ଟର ପ୍ରଦୀପ କୁମାର ମିଶ୍ର

ଅବିଭକ୍ତ କୋରାପୁଟ ପ୍ରକୃତିର ସୁରମ୍ୟ ମଧୁଶାଳା। ସ୍ୱର୍ଗୀୟ ସ୍ୱପ୍ନ, ସୁଖ, ଶାନ୍ତି, ସମୃଦ୍ଧି ଓ ସଂହତିର ଏକ ନିଆରା ଭୂଖଣ୍ଡ। ବହୁ ଆଦିମ ଜନଜାତିର ଏନ୍ତୁଡ଼ିଶାଳ। ଏ ମାଟିର ବୈଭବ କହିଲେ, ବସ୍ତୁବାଦ ପ୍ରତି ବିମୁଖ, ପ୍ରକୃତି ପ୍ରତି ଉନ୍ମୁଖ, ନାଚଗୀତରେ ତଲ୍ଲୀନ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ବିଶ୍ୱାସୀ ଜନଜାତି ସମୂହକୁ ବୁଝାଏ। ଯୁଗଯୁଗ ଧରି ପ୍ରକୃତିର ଏହି ନିରୀହ ସନ୍ତାନଗଣ ଆପଣା ଭିତରେ ଯେଉଁ ଉଚ୍ଚକୋଟୀର ସଂସ୍କୃତିର ନିରାଜନା କରି ଆସୁଥିଲେ; ତାହା ଆଜି ସଂକଟରେ। ଅଥବା ମାନବ ଜାତିର ସଂସ୍କୃତି ଯେତେବେଳେ ବିପନ୍ନ ସେତେବେଳେ ଏ ଜନଜାତିର ସଂସ୍କୃତି ସଂକଟରେ ପଡ଼ିବା ଏକ ସ୍ୱାଭାବିକ ଲକ୍ଷଣ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଦିବାସୀମାନଙ୍କର ମୁଖନିଃସୃତ ବିପୁଳ ଲୋକସାହିତ୍ୟ, ରାଶି ରାଶି ଗୀତ, କଥା ଓ କାହାଣୀ ଆଜି ବିଲୁପ୍ତ ହେବାକୁ ବସିଲାଣି। 'ଗୀତକୁଡ଼ିଆ', 'ଗୀତକୁଡ଼ିଆଣୀ' ଯେଉଁମାନେ ଏ ଲୋକକଳାକୁ ବଂଚାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି, ସେ ପରମ୍ପରା ବି ଆଜି ଲୋପ ପାଇବାକୁ ବସିଲାଣି। ଯଦି ଏସବୁର ସଂରକ୍ଷଣ ଠିକ୍ ଭାବେ କରାନଯାଏ ତେବେ ମାନବ ଜାତି ଆଗାମୀ ସମୟରେ ବହୁ ଦୁର୍ଲ୍ଲଭ ବୌଦ୍ଧିକ ସମ୍ପଦ ହରାଇବ।

## ବନବାସୀଙ୍କ ଲୋକଗୀତ: ମାନବ ଜାତିର ଅନୁପମ ମନୀଷା

ମାନବ ଜାତିର ପ୍ରଥମ ସାହିତ୍ୟ, ମୌଖିକ ସାହତ୍ୟ ବା ଲୋକସାହିତ୍ୟ, ଯା'ର ନିର୍ଦ୍ଦିଷ୍ଟ ଲିଖିତ ରୂପ ନାହିଁ। ସାହିତ୍ୟର ଲଳିତ ସୁକୁମାର କାବ୍ୟକଳା ହିଁ ଏକଦା ଥିଲା ତା ଭାବପୂର୍ଣ୍ଣ ହୃଦୟର ସ୍ୱତଃସ୍ଫୁର୍ତ୍ତ ରସ ଝରଣା। ଯାହାକି ତାର କର୍ମକ୍ଳାନ୍ତ ଅଥବା ବିଜନ ବେଳାର ଚିତ୍ତ ବିନୋଦନ ସାମଗ୍ରୀ ଥିଲା। ପ୍ରାଚୀନ ବାଦ୍ୟଯନ୍ତ୍ର ମଧ୍ୟରେ କାଷ୍ଠ ନିର୍ମିତ 'ଢୋଲକ', 'ବଂଶୀ', 'ଡୁଙ୍ଗ୍‌ଡୁଙ୍ଗା' ଶ୍ରେଣୀର କିଛି ଶବ୍ଦ ସୃଷ୍ଟିକାରୀ ଉପାଦାନ ତା'ଲୋକଗୀତକୁ ପ୍ରାଣବନ୍ତ କରିବାରେ ସାହାଯ୍ୟ କରୁଥିଲା। ଏହି ଲୋକସାହିତ୍ୟର ଧାରା ସାରା ବନବାସୀ ମୁଲକରେ ପିଢ଼ିରୁ ପିଢ଼ିକୁ ଗଡ଼ି ଆସୁଥିଲା ବିନା ବାଧାବନ୍ଧନରେ। ଗୋଷ୍ଠୀ ଜୀବନରେ ଏହି ଲୋକଗୀତର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନବାସୀଙ୍କର ଲୋକଗୀତ ଗୁଡ଼ିକରେ ଏସବୁ ପରିବେଷଣ କରାଯାଉଥିଲା। ଶ୍ରାବଣର ଅବାରିତ ବର୍ଷାରେ କ୍ଷେତମାଳାରେ ଶରତ ରାତିରେ ଅଥବା ଗ୍ରୀଷ୍ମର ପହିଲି ସ୍ପର୍ଶ, ଚଇତ ମାସର ଚଇତ ପରବରେ ଆଦିବାସୀ ଜନଜାତି ସ୍ୱତଃ ମୁଖର ହୋଇଉଠନ୍ତି। ଭୁଲିଯାଆନ୍ତି ଦୁଃଖ ଓ ଅବସୋସର ମୁହୂର୍ତ୍ତ ସବୁ। ଗାଁ ମାଟିକୁ ସ୍ୱର୍ଗୀୟ କରିବା କଳାରେ ଏମାନେ ବେଶ୍ ନିପୁଣ। ଲୋକଗୀତର ସରଳ ତରଳ ଭାବ ଓ ଭାଷା ଭିତ୍ତିରେ ଜୀବନ ଦର୍ଶନକୁ ମର୍ମେ ମର୍ମେ ଉପଲବ୍ଧି କରନ୍ତି ଅମୃତର ସନ୍ତାନ ବନବାସୀ ଭାଇ ଓ ଭଉଣୀ। ବନବାସୀ ସଂସ୍କୃତିର ଏକ ଶ୍ରେଷ୍ଠ ଉତ୍କର୍ଷ ଦିଗ ହେଲା ତାଙ୍କ ଲୋକ ଗୀତ। ଏହି ଗୀତର ଉପାଦେୟତାକୁ ସେମାନେ ବେଶ୍ ବୁଝନ୍ତି ବୋଲି, ପ୍ରତ୍ୟେକ ପର୍ବପର୍ବାଣି ଏବଂ ନିର୍ଜନତାକୁ ଭାଙ୍ଗିବା ପାଇଁ ସେମାନଙ୍କ ଠାରୁ ଝରିଆସେ ଲୋକଗୀତର ଫୁଆରା। ଏଇ ଗୀତ ସହ ସେମାନେ ଜୀବନକୁ ବେଶ୍ ଉପଭୋଗ କରନ୍ତି ବିଭିନ୍ନ ଯାନିଯାତ୍ରା ଏବଂ ଜହ୍ନରାତିର ନିରୋଳା ମୁହୂର୍ତ୍ତରେ। ଲୋକଗୀତର ଭାବ ଭାଷା ଅତ୍ୟନ୍ତ ରସାଳ। ପ୍ରତି ପଙ୍‌କ୍ତିରେ କିଛି ନା କିଛି ଜୀବନ ଲାଗି ସାର୍ଥକ ବାର୍ତ୍ତା ନିଶ୍ଚୟ ଥିବ। ବନବାସୀର ଅଧିକାଂଶ ଲୋକଗୀତରେ ରୋମାଣ୍ଟିକ ବା ପ୍ରେମଚେତନା ଅତି ସୁନ୍ଦର ଭାବେ ପ୍ରକାଶିତ ହୁଏ। ନାରୀପୁରୁଷଙ୍କର ସୂକ୍ଷ୍ମ ମାନସିକତା, ସେମାନଙ୍କର ଯୌନ ଚେତନା, ଶୃଙ୍ଗାର କଳା ଅତ୍ୟନ୍ତ ମାର୍ଜିତ ଢଙ୍ଗରେ ପ୍ରାୟ ପ୍ରକାଶ ପାଏ। ବନବାସୀଙ୍କର ଲୋକଗୀତଗୁଡ଼ିକ ସାହିତ୍ୟିକ ମର୍ଯ୍ୟାଦା ଦିଗରୁ ଅତୁଳନୀୟ। ଶିଷ୍ଟ ସାହିତ୍ୟର ସବୁଠାରୁ ଲୋଭନୀୟ ସଂପଦ। 'ଗୀତକୁଡ଼ିଆ' 'ଗୀତ କୁଡ଼ିଆଣୀ' ଏ ପରମ୍ପରାରର ଶ୍ରେଷ୍ଠ ଦାୟାଦ। ଆଜି କିନ୍ତୁ ବିଜ୍ଞାନର ଚମତ୍କାରିତା, ବନବାସୀ ମୂଳକରେ ତଥାକଥିତ ସଭ୍ୟତାର ଆଖିଦୃଶିଆ ପ୍ରଭାବ, ଦୃଶ୍ୟଶ୍ରାବ୍ୟ ଉପକରଣର ସଲୁର୍ଭତା। 'ଟେପରେକର୍ଡ଼', ଡିଭିଡି ଭଳି ଯନ୍ତ୍ର ଆଦିର ପ୍ରଚଳନ ଯୋଗୁଁ ବଜାରୀ ଅଶ୍ଳୀଳ ଗୀତର ନୂଆଧାରା ସେମାନଙ୍କୁ ପ୍ରଲୁବ୍ଧ କରିଛି। ସେମାନେ ପଥହୁଡ଼ି ଆଜି ବଜାରୀ ଗୀତ ପଛରେ ଅଣନିଶ୍ୱାସୀ ହୋଇ ଧାଇଁବା ଦ୍ୱାରା ତାଙ୍କ ପ୍ରାଣ ପ୍ରିୟ ସଙ୍ଗୀତର ମର୍ଯ୍ୟାଦା କ୍ରମଶଃ କମିବାରେ ଲାଗିଛି। ଅବଶ୍ୟ ଶିକ୍ଷିତ ସଂଘବଦ୍ଧ ଭିତରେ ବି ଏ ସମସ୍ୟା ଏବେ ଉତ୍କଟରୂପ ଧାରଣ କଲାଣି।

ବନବାସୀଙ୍କର ଲୋକଗୀତରେ ପ୍ରକୃତିର ବିଭିନ୍ନ ଉପମା, ଯଥା ଭଅଁର, ଚନ୍ଦନବନ, ଜହ୍ନ, ଫୁଲ, ମାଳି, ସରଗି ପତର, ଆଦିବାସୀ ଦେବାଦେବୀ, ମୟୂର, ପର୍ବତ ଆଦିର ବହୁଳ ପ୍ରୟୋଗ ତାଙ୍କ ଲୋକଗୀତ ଗୁଡ଼ିକୁ ଲୋଭନୀୟ କରେ।

## ଲୋକଗୀତରେ ଫୁଲର ମହତ୍ତ୍ୱ

ବନବାସୀଙ୍କ ଫୁଲ ପ୍ରୀତି ଆକର୍ଷଣ ନିଆରା। ଫୁଲ, ଭଅଁରର ନିବଡ଼ ସଂପର୍କ ପରି ଫୁଲ ଜୀବନର ସୌରଭ ଓ ସୌନ୍ଦର୍ଯ୍ୟର ଜୟଗାନ କରେ। ଫୁଲ ବାସ୍ନା ରଂଗ ଓ କୋମଳତାକୁ ନେଇ



ସ୍ୱର୍ଗୀୟ । ଫୁଲର ଦର୍ଶନ ମାତ୍ରେ ମନରେ ପବିତ୍ରତା, ସରସତା ଭରିଯାଏ । ଫୁଲବନରେ ଭ୍ରମର ଓ ମହୁମାଛିଙ୍କର ମୁକ୍ତ ବିଚରଣ ମଣିଷ ମନରେ ଜୀବନ ପ୍ରତି ଯେଉଁ ପ୍ରୀତି ଅନୁରାଗର ଛନ୍ଦ ତୋଳେ, ତା'ର ତୁଳନା ନାହିଁ ।

ସବୁ ପ୍ରକାର ଆନନ୍ଦର ଆବାହନ ପାଇଁ ବନବାସୀ ଜାନୀ ଫୁଲ ଓ ପାଣିରେ ଯେଉଁ ମନ୍ତ୍ରୋଚ୍ଚାରଣ କରେ ସେଥିରେ ଜୀବନ ପରିପୂର୍ଣ୍ଣ ହୋଇଯାଏ । ବିଶ୍ୱାସ ମୂଳେ ଏ ଜଗତ । ବନବାସୀର ଦୃଢ଼ ବିଶ୍ୱାସ, ଜନମୂଳକର ପ୍ରତିଟି ସତ୍ତାରେ ତା'ର ଦେବୀଦେବତା ବିଦ୍ୟମାନ । କେବେ ସେ କେଉଁ ଫଳ ଫୁଲ ବ୍ୟବହାର କରିବ, କେଉଁ ପର୍ବ ପର୍ବାଣିରେ କେଉଁ ଫୁଲ ବା ଡାଳ ଦରକାର ତାହା ସେ ଭଲ ଭାବେ ଜାଣେ । କୁନ୍ଦ ଫୁଲ, କୁରେଇ ଫୁଲ, ଚଂପାଫୁଲ ପ୍ରତି ତା'ର ମୋହ ଅଧିକ ।



ବଣମୂଳକର ସବୁ ଫୁଲ ତା'ର ପ୍ରିୟ । ବନବାସୀ ଜୁଡ଼ାରେ କୁରେଇ ଫୁଲର ସୌନ୍ଦର୍ଯ୍ୟ ବେଶ୍ ନିଆରା । ଫୁଲର ମହକରେ ଯେତେବେଳେ ସାରା ବନପ୍ରକୃତି ମତୁଆଲା ହୋଇଉଠେ, ବନବାସୀ ଧାଙ୍ଗଡ଼ା ଧାଙ୍ଗଡ଼ି ବେଶ୍ ଉତ୍ତାଳ ହୋଇ ଉଠନ୍ତି । ଫୁଲ ପ୍ରଜାପତିକୁ ନେଇ ଚଳି ଆସୁଥିବା ରୋମାଣ୍ଟିକ୍ ଗୀତରେ ଜୀବନକୁ ଖୋଜନ୍ତି । ମୁଦି, ପାନିଆ ହାଟରୁ କିଣି ଯୁବକ ଅପେକ୍ଷା କରେ ତା'ର ଫୁଲବାଲିକୁ । ଗାନ୍ଧର୍ବ ବିବାହ ଶୈଳୀରେ 'ଘିଚା' 'ଉଦୁଲିଆ' 'ପଇସାମୁଡ଼ି' ଭଳି ସୁବିଧା ବାଟକୁ ବାଛି ନିଅନ୍ତି ଯୁବକ ଯୁବତୀ । 'ହାଟ' ଯାତ୍ରା ମଣ୍ଡେଇ ପରବ ସେମାନଙ୍କୁ ଏକାଠି କରିବା ପାଇଁ ସତେ ଯେମିତି ଦେବତାର ଗୋଟେ ଭିଆଣ । ଏକାଠି ହୋଇ ମନଖୋଲି ଫୁଲମତୀ ତା' ଭଉଁରକୁ ସବୁକଥା କହେ । ସଂସାର ଗଢ଼ିବାର ନୀଳ ସ୍ୱପ୍ନରେ ବିଭୋର ହୋଇ ପଦେ ଦି'ପଦ ମିଠା ଗୀତ ଗାଇଦିଅନ୍ତି ।

ଆସନ୍ତୁ, ଫୁଲକୁ ନେଇ ବନବାସୀ ଲୋକଗୀତରେ କିପରି ଚମତ୍କାର ଉପମା ଓ ରୂପକଳ୍ପର ଛଟା ରହିଛି, ତାକୁ ବୁଝିବା ।

"ବାଟେ ବାଟେ ଗଲା ବୟା ବାମନ
ଧାନର ନାମ ତ କରି ବାମନ
ଭଜିଲା କଅଁଳି ଜନ
ତମର ଆମର ଢେମସା ଢେଗାଇଲେ
ଡୁମୁରି ଫୁଲ ସମାନ ।"

ପ୍ରେମିକ/ ପ୍ରେମିକା ଦେଖୁଛି ଅଣିଣ ଆକାଶରେ କଅଁଳ ଜହ୍ନ ଉଇଁଛି । ମତୁଆଲା ମନ ସଙ୍ଗ ସୁଖ ପାଇଁ ବ୍ୟାକୁଳ ହେଲେ ପ୍ରେମିକ ପକ୍ଷାନ୍ତରେ ପ୍ରେମିକା ଉଭୟଙ୍କର ମିଳନ ଢେମ୍‌ସା ଜରିଆରେ ହେବା ଏକ ପ୍ରକାର ଅସମ୍ଭବ (ଡିମିରିଫୁଲ) ମନେ ହୋଇଛି । 'ଡିମିରିଫୁଲ'ର ରୂପକଳ୍ପରେ ପଂକ୍ତିଟି ଅତ୍ୟନ୍ତ ରସଗ୍ରାହୀ ହୋଇ ପାରିଛି । 'ଡୁମୁରି' (ଡିମିରି) ଫୁଲ ଅସମ୍ଭବର ପ୍ରତୀକ ।

ସେହିପରି ଢେମସା ନାଚ ବେଳେ ମନ୍ମଥରତା ଆସିଲେ ପୁରୁଷକୁ ଉଚ୍ଚାଟିତ କରିବା ପାଇଁ ଯୁବତୀ ଜଳ ଆହ୍ୱାନ ଦିଅନ୍ତି ।

"ଟିପୁର୍ ଟିପୁର୍ ପାନି ମାରେ
ବିରି ଫୁଲେ ନାଇ
କେନ୍ତା ମହୁରିଆ ଫୁକ୍‌ସିଆଚ୍ଛେ
ଅଣ୍ଟା ଝୁଲେ ନାଇ ।"

ବୟସ ବଢ଼ିଲେ, ଉଭୟ ଯୁବକ/ ଯୁବତୀଙ୍କ ଭିତରେ ପ୍ରେମର ଫୁଲ ଫୁଟେ । ମନପ୍ରାଣ ଓ ଶରୀରରେ ଏକ ନୂଆ ଉନ୍ମାଦନା ସେମାନଙ୍କୁ ଚହଲେଇ ଦିଏ । ପ୍ରେମର ଜଟିଳ ଗୋଲକଧନ୍ଦାରେ ଆକ୍ରାମାକ୍ରା ହୋଇ ଗାଆନ୍ତି-

"ଉଦିଲାରେ ନନି କଅଁଳ ଜନ
ଯୁବା ଧାଙ୍ଗଡ଼ାର ଫୁଟେ କୁସୁମ୍ କାଏ
ଘରେ ଖାଇ ପରେ ମନ୍
ଆଖିରେ ଦେଖିଲି ହାତେନ ଛୁଇଁଲି
ବିକଲ୍ ମନ ପରା
ଲାଗିଗଲା ମତେ ପେରେମର ଜାଟି
ତୁଇ ମୋର ମାମାର ବେଟି,
ବାଲିଫୁଲରେ ।"

ମଣ୍ଡେଇ ସମୟରେ 'ଗୀତ୍‌କୁଡ଼ିଆ' ଏବଂ 'ଗୀତ୍‌କୁଡ଼ିଆଣୀ'ଙ୍କର ଗୀତରେ ଗୀତରେ ବାଦବିବାଦ ଆରମ୍ଭ ହୁଏ, ବିଶେଷ ଭାବେ ପ୍ରୀତିଭରା ଗୀତରେ ଗାଁ ଦାଣ୍ଡ ପଡ଼େ ଉଠେ । ରାତି ରାତି ଚାଲେ ଏ ଉତ୍ସବ । ଗୀତଗୁଡ଼ିକର ପ୍ରଶ୍ନ ଉତ୍ତର ଶୈଳୀ ବେଶ୍ ଉପଭୋଗ୍ୟ ହୁଏ । ଆବାଳବୃଦ୍ଧ ବନିତା ଏହାକୁ ବେଶ୍ ଉପଭୋଗ କରନ୍ତି ।ଏହି ଅବସରରେ ଗୀତ୍‌କୁଡ଼ିଆ ଗୀତକୁଡ଼ିଆଣୀଙ୍କୁ ତା'ର ଗାଁ ଏବଂ ପରିଚୟ ଏମିତି ପଚାରେ ।

"କୁରେଇ ଫୁଲର ବାସ ମହକିଲା
ଉଡ଼ିଗଲେ ଶୁଆଶାରୀ



କାଏ ନାମ ତୁମର କୋନ୍ ଗାଁ ଠାନୁ
ଆସଲାଚାସ୍ ସୁନାଗୋରୀ ।"

ପବିତ୍ର ଲାଠି ବନବାସୀଙ୍କ ଦେବାଦେବୀଙ୍କ ପ୍ରତୀକ । ଏଣୁ ସେମାନଙ୍କୁ ଫୁଲ ଓ ନୂଆ ପାଟ କନାରେ ସଜା ଯାଇଥାଏ । ଏହାକୁ ଚଇତ ପରବ୍ ଗୀତରେ ସେମାନେ ଗାଆନ୍ତି:

"ପର୍ବତ ପର୍ବତ ସାତ ପରବତ
ସିଂହାସନ ମାଟି ଏ ନନ୍ଦପୁର
ଅଛନ୍ତି ବୁଢ଼ା ଭଇରବ
ତାଙ୍କ ନାମ ଧରି ଗୀତ ମୁଁ ଗାଇବି
ଆମ କଣ୍ଠେ ବିଜେକର
ଦେବତା ଆସନେ ଫୁଲର ଲାଠି
ଜୋହାର୍ ଜାଗାର ମାଟି ।"



ସେହିପରି ଅନ୍ୟତମ ଶୃଙ୍ଗାର ଗୀତରେ ଯୁବକ ଯୁବତୀକୁ ପ୍ରଣୟ ଯାଚନା କରି ଗାଇ ଉଠେ:

"ସର୍‌ଗି ଲଦିଆ ଲଦ୍‌ଲଦିଆ
ଟିପେ ଫୁଟାଇଲା କିଆ
ଆଲୋ ବାଲିଫୁଲ ଛନେକ୍ ଆଶା
ହେବା ମନ ଦିଆନିଆ ।"

ସେମିତି ସାଇଲୋଡ଼ି ଗୀତରେ ଆପଣା ମଣିଷମାନଙ୍କୁ ଯୋଡ଼ିବାର ଭାବ ଭିତରେ ଯୁବତୀମାନଙ୍କୁ ବିଭିନ୍ନ ଫୁଲ ନାମରେ ଡାକି ଲହରେଇ ଗାଇଥାନ୍ତି ଯୁବକମାନେ:

"ସାଇଲୋ ସାଇ କାରାପାନି ମଲ୍ଲୀଫୁଲ ବାସନା
କାରାପାନି ଯାଇଫୁଲ ବାସନା ।"

ଚଇତ ପରବ କୋରାପୁଟ ବନବାସୀଙ୍କର ସବୁଠାରୁ ବଡ଼ ଏବଂ ଆପଣାର ପର୍ବ ଭାବରେ ସମସ୍ତଙ୍କୁ ବିଭୋର କରେ । ଏହି ସମୟରେ ବନବାସୀ ଯୁବକଯୁବତୀ ବହୁ ପ୍ରୀତିଗୀତ ଗାଇଥାନ୍ତି । ଯୁବତୀମାନଙ୍କୁ ବିଭିନ୍ନ ଫୁଲର ଉପମା ଦେଇ ଯୁବକ ଗାଇଥାଏ–

"ବାଲିଫୁଲ ମୋର ସେବତୀ ସୋରା
ତଲ୍‌କେ ମୁକୁତା ଉପରେ ଝରା
ବାଇଗନି ମଞ୍ଜିଆ ନେତ୍
ନଖାଇ ନପିଇ ଏଡ଼େ ଗମାତ୍
ଚାଖିଲେ ହେନ୍ତା କେମନ୍ତ୍
ଝୁମିଯା ଝୁମିଜା ଚନ୍ଦନ ବନେ
ବାସକେ ଭ୍ରମର ଛନେ ।"

ପୁଣି ଯୁବକ ଉନ୍ମତ୍ତ ହୋଇ ଯୁବତୀ ପାଇଁ ପଦେ ଗାଏ–

"ଅନ୍ଧକ ଦକ ଦକର
ତଳର ଫୁଲର ଟାୟା
ତମର ଖୋସାକେ ଟାୟା ଦେବିରାଣୀ
କବାଟ କାଡ଼ ରାଣୀ ପଦାକେ ଭାର ।"

ସେହିପରି ପରଜା ଲୋକଗୀତରେ ଜୀବନ, ଜଗତ ଓ ମୃତ୍ୟୁ ବର୍ଣ୍ଣନା କରିବାକୁ ଯାଇ ଲୋକକବି ରହସ୍ୟବାଦୀ ଚେତନା ଭିତରୁ ଗାଇ ଉଠେ–

"ପର୍ବତ ଭୂମିରେ ହଏ ସୁନାଫୁଲ
ମହାଲଖନୀ ହଏ ଥାନ ଯେ
ଏକ ବରଷର ମହାଲ କର ଆସିଏଁ
ତା କଥା କଥା ନାଇଁ
ଏକ୍‌ଟା ଦେବତା ହୋଇଲେ କୁମର
ତାକୁ ଛୁଇଁ ନାଇ ପାନି ଯେ
ସାଇଲୋ ସାଇର ଭାବନା ଦେଇ ।"

ଏଠାରେ ସୁନାଫୁଲ, ପର୍ବତ ଉପରେ ଫଳୁଥିବା ଧାନକୁ ଲକ୍ଷ୍ୟ କରି କୁହା ଯାଇଛି । ପୁଣି ପରଜା ଯୁବକ ଡୁଙ୍ଗ୍‌ଡୁଙ୍ଗା ସୁରରେ ପଦ ଫାନ୍ଦି ଯୁବତୀକୁ ଦେଖି ଗାଏ–

"କରାପୁଟେ କରାପୁଟିଆ ବୁଟା
ଦାଣ୍ଡ ବାଟେ ଦିଶେ ଶୋଭା
ତୁମେ ଆମେ ମିଶି ଗୁଟେ ଘରେ ଥିଲେ
ଦେଖିବା ଲୋକକୁ ଶୋଭା
ଶୁଆ ଶାରୀ ପରି ବଚନ ଭାପତି
ମୁଣ୍ଡେ ପିନ୍ଧି ଫୁଲ ଗଭା ।"



## ଉପସଂହାର

ଶେଷରେ ଏତିକି କୁହାଯାଇପାରେ, କୋରାପୁଟ ବନବାସୀଙ୍କର ଲୋକଗୀତରେ ଫୁଲର ବର୍ଣ୍ଣନା ଜୀବନର ବହୁ ଚିତ୍ରିତ ଚେତନାର କଥା କହେ । ଫୁଲ, ଭକ୍ତି ଓ ସମର୍ପଣର ନୈବେଦ୍ୟ, ପୁଣି ପ୍ରେମର ଏକ ବିମୁଗ୍ଧ ଅନୁଭବ । ଜୀବନରେ ସୌରଭ ଓ ସୌନ୍ଦର୍ଯ୍ୟ ନିରାଜନା ହିଁ ଆମ ପ୍ରାଣର ପରିପୂର୍ଣ୍ଣତା ଆଣେ । ଜୀବନକୁ ସାର୍ଥକ କରେ । ପ୍ରେମର ସ୍ୱର୍ଗୀୟ ବାରିସିଞ୍ଚନ ବିନା ଜୀବନର ଅଭିଷେକ ଯେ ଅସମ୍ଭବ ଏହା ବନବାସୀଙ୍କ ଲୋକଗୀତରେ ବେଶ୍ ଭାସ୍ୱର ହୋଇଉଠିଛି ।

# ଅକ୍ଷର ଉପାସନାର ଅନନ୍ୟତା



# ସୌର ଜନଜାତିର ମୁଖ୍ୟ ପର୍ବ:

# ଅକ୍ଷରବ୍ରହ୍ମ ଯାତ୍ରା


**ରୂପେଶ ସାହୁ**

ରାଧାକୃଷ୍ଣ ନଗର, ପଦ୍ମପୁର, ରାୟଗଡ଼ା-୭୬୫୦୨୫
ଫୋନ : ୯୩୩୭୨୨୩୫୪୭


ଫଟୋ ସୌଜନ୍ୟ: ଲେଖକ



▲ ଲେଖକ ରୂପେଶ ସାହୁ

ମାନବ ସଭ୍ୟତାର ବିକାଶ ଓ ଅଗ୍ରଗତି ଭିତରେ ମଣିଷ ଜୀବନର ସଂଜ୍ଞା ବୁଝିବାକୁ ଚେଷ୍ଟା କରି ଆସୁଛି । ବସ୍ତୁବାଦୀ ଜୀବନ ଭିତରେ ଖୋଜୁଛି ଶାନ୍ତି ଓ ସମୃଦ୍ଧି । କିନ୍ତୁ ପ୍ରକୃତରେ ଶାନ୍ତି ଓ ସମୃଦ୍ଧି କଣ ଏକାଠି ମଣିଷ ପାଇପାରେ ! ଆଶା ଆକାଂକ୍ଷାର ଅନ୍ତରେ ଶାନ୍ତିର ପ୍ରାପ୍ତି ହେବ, ଅଥଚ ସମୃଦ୍ଧି ! ସେ ତ ନୂଆ ଆଶା ଆକାଂକ୍ଷାର ସଂଚରଣ କରିବ ନିଶ୍ଚିତ । ଏହି ଦ୍ୱନ୍ଦ୍ୱ ଭିତରେ ଆଜିର ବସ୍ତୁବାଦୀ ମଣିଷ ସଠିକ୍ ଦିଗ ଅନ୍ୱେଷଣ କରୁଥିବା ବେଳେ ବିନା ଦ୍ୱନ୍ଦ୍ୱରେ ଯୁଗଯୁଗରୁ ପ୍ରକୃତି କୋଳରେ ଖୁବ୍ ସରଳ ଜୀବନଯାପନ କରି ବେଶ୍ ଆନନ୍ଦର ସହ ବଂଚି ଆସୁଛନ୍ତି ଅନେକ ଆଦିମ ଜନଜାତର ମଣିଷ । କାଲି ପାଇଁ ଚିନ୍ତା ନକରି ଆଜିର ପ୍ରତି ମୁହୂର୍ତ୍ତକୁ ମନଭରି ଜିଉଁଥାନ୍ତି ସେମାନେ । ମିଛ ମୋହ ତାଙ୍କୁ କେବେ କବଳିତ କରି ପାରେନା । ସେମାନେ ବିଶ୍ୱାସ କରନ୍ତି କେବଳ ପ୍ରେମରେ । ସ୍ନେହ ବାଣ୍ଟି ଦେଇ ନିଜର କରିଦେଇ ପାରନ୍ତି କେଇଟା ମୁହୂର୍ତ୍ତରେ । ଆଜିର ମଣିଷ ବସ୍ତୁବାଦୀ ବିକାଶରେ ସୁଖ ଖୋଜୁଥିବା ବେଳେ ଆଦିଭୂମିର ଏହି ଜନଜାତିର ମଣିଷ ବୁଝେ ସାଂସ୍କୃତିକ ବିକାଶ ହିଁ ମାନବ ଜୀବନର ଅସଲି ବିକାଶ । ଇତିହାସର ଏନ୍ତୁଡ଼ିଶାଳରୁ ମାନବ ସଭ୍ୟତାର ଯେଉଁ ଧାରାଟିଏ ବହି ଆସିଛି, ତାରି ଭିତରେ ଏଇ ସରଳ ମଣିଷମାନେ ଏଯାବତ୍ ପ୍ରକୃତିର ହୋଇ ପ୍ରକୃତିକୁ ବଞ୍ଚେଇ ଜୀବନଯାପନ କରି ଆସୁଛନ୍ତି । ଭାରତରେ ଅନେକ ଆଦିବାସୀ ଜନଜାତି ରହିଛନ୍ତି । ପ୍ରତ୍ୟେକଟି ଜାତିର ରହିଛି ବୌଦ୍ଧିକ, ସାଂସ୍କୃତିକ ଓ ଚାଲି ଚଳଣିଗତ ସ୍ୱାତନ୍ତ୍ର୍ୟତା । ଜନଜାତୀୟ ଅଧ୍ୟୟନ ଜଣେ ବସ୍ତୁବାଦୀ ମଣିଷକୁ ମାନବତାର ଶିକ୍ଷା ଦେବାକୁ ଯଥେଷ୍ଟ । ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଭଳି ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଅଛନ୍ତି ଅନେକ ବିରଳ ଆଦିମ ଜନଜାତି ।

## ସୌରା ଜନଜାତିର ସାଂସ୍କୃତିକ ପୃଷ୍ଠଭୂମି

ଧରାପୃଷ୍ଠରେ ବାସ କରୁଥିବା ଏହି ପ୍ରାକୃତିକ ସନ୍ତାନମାନଙ୍କ ଭିତରେ ଆମ ରାୟଗଡ଼ ଜିଲ୍ଲାରେ ଦେଖା ଯାଆନ୍ତି ଦୁଇଟି ବିରଳ ଜନଜାତି । ସେମାନ ହେଲେ ଡଙ୍ଗରିଆ କନ୍ଧ ଏବଂ ସୌରା । ମୂଳତଃ ଗୁଣପୁର ଅଂଚଳରେ ସୌରାମାନେ ବସବାସ କରନ୍ତି । ସୌରା ଜନଜାତିରେ ଚାରି ପ୍ରକାରର ସୌରା ଦେଖା ଯାଆନ୍ତି । ଯେଉଁମାନେ ବାହୁରେ, ବେକରେ, କଟିରେ ମାଳି ପିନ୍ଧନ୍ତି ସେମାନଙ୍କୁ ମାଳିଆ ସୌରା ବୋଲି କୁହାଯାଏ । ଲାଞ୍ଜିଆ ସୌରା ସମ୍ପ୍ରଦାୟର  ବେଶପୋଷାକରୁ ଖୁବ୍ ବାରି ହୋଇପଡ଼ନ୍ତି । ଏମାନେ ପିନ୍ଧୁଥିବା ଲେଙ୍ଗୁଟି ଆଗପଛ ଉଭୟ ପଟରେ ଲାଞ୍ଜ ଭଳି ଲମ୍ବି ରହିଥାଏ । ତେଣୁ ଲାଞ୍ଜିଆ ସୌରା କୁହାଯାଏ । ଏହାସହ ସେମାନେ କାଠ ଅଳଙ୍କାର ମଧ୍ୟ ବ୍ୟବହାର କରନ୍ତି । ଏହି ଲାଞ୍ଜିଆ ସୌରାଙ୍କୁ ପ୍ରାଚୀନ ସୌରା ଜାତି କୁହାଯାଏ । ଖୁବ୍ ରକ୍ଷଣଶୀଳ ଏହି ଜନଜାତି ଏଯାବତ୍ ବିକାଶ ଦିଗରେ ସଂଗ୍ରାମରତ ଅଛି । ଏହାସହ ଆଉ ଦୁଇ ପ୍ରକାର ସୌରା ହେଉଛନ୍ତି ଶୁଦ୍ଧ ସୌରା ଏବଂ କାମ୍ପୁ ସୌରା । ଗୁଣପୁର ଅଞ୍ଚଳ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ଜାଗାରେ ଏହି ଜନଜାତିର ଆଦିବାସୀ ଥିବା ଜଣାଯାଏ ନାହିଁ । ଏକଦା ଅଜଣା ଅଶୁଣା ହୋଇ ରହିଥିବା ଏହି ବିରଳ ଜନଜାତି କିନ୍ତୁ ବର୍ତ୍ତମାନ ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ରାଜ୍ୟ ରାଜଧାନୀର ବିଭିନ୍ନ ଅଫିସ୍ କାନ୍ଥରେ ଅଙ୍କା ହୋଇଥିବା ଇଡ଼ିତାଲ୍ ଚିତ୍ର ଏଇ ଜନଜାତିର ସ୍ୱତନ୍ତ୍ର ଚିତ୍ରକଳା, ଯେଉଁଥିରେ ପ୍ରତୀକାତ୍ମକ ଭାବେ ସେମାନଙ୍କ ଜୀବନ ଶୈଳୀ ଅଙ୍କା ଯାଇଥାଏ । ମୁଖ୍ୟତଃ ବୃତ୍ତାକାର, ଆୟତାକାର ଓ ତ୍ରିଭୁଜାକାରରେ ଏହି ଚିତ୍ର ସବୁ ଅଙ୍କା ଯାଇଥାଏ । ଏହି ଚିତ୍ର ସବୁରୁ ଖୁବ୍ ଅନୁମାନ କରିହୁଏ ସୌରା ଜନଜାତିର ଗାଣିତିକ, ଜ୍ୟାମିତିକ ଧାରଣା କେତେ ଗଭୀର । ଇଡ଼ିତାଲ୍ ଚିତ୍ର ହିଁ ଏହାର ବଳିଷ୍ଠ ପ୍ରମାଣ । ଏହି ଜନଜାତି ଉପରେ ଓ ଇଡ଼ିତାଲ୍ ଚିତ୍ରକଳା ଉପରେ ଆଧାରିତ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ବର୍ତ୍ତମାନ ଆମେରିକାରେ ପ୍ରଦର୍ଶିତ ହୋଇ ଖୁବ୍ ପ୍ରଶଂସା ସାଉଁଟିଥିବା ସହ ଏହି ଜନଜାତିକୁ ବିଶ୍ୱସ୍ତରରେ ଆହୁରି ପରିଚିତ କରିପାରିଛି । ଆଦିମ ଯୁଗରୁ ସ୍ୱାବଲମ୍ବୀ ଏହି ଜନଜାତିର ଲୋକେ ନିଜେ ସୂତା କାଟି ଲୁଗା ବୁଣନ୍ତି । ଗୋଷ୍ଠୀଗତ ଜୀବନ ଯାପନ କରୁଥିବ ସୌରା ଜନଜାତିର ସାମାଜିକ ବ୍ୟବସ୍ଥା ଖୁବ୍ ସୁନ୍ଦର ଓ ସରଳ । ଅନ୍ୟ ଆଦିବାସୀ ପ୍ରଥା ସମେତ ଏମାନଙ୍କର ଏକ ସ୍ୱତନ୍ତ୍ର ବିଧବା ବିବାହ ପ୍ରଥା ମଧ୍ୟ ପ୍ରଚଳିତ ।

## ଶବର ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତିର ସମ୍ପର୍କ

ଯେକୌଣସି ଆଦିମ ଜନଜାତି ବିଷୟରେ ଗବେଷଣା କଲେ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସେ । ମୂଳତଃ ସେମାନଙ୍କ ଚାଲିଚଳଣି ଲୋକବିଶ୍ୱାସ, ସଂସ୍କୃତି, ପୂଜା ପାଠ, ଲୋକଦେବତା ଇତ୍ୟାଦି ଖୁବ୍ ସ୍ୱତନ୍ତ୍ର । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଓଡ଼ିଶାର ଅନେକ ଆଦିବାସୀ ସମ୍ପ୍ରଦାୟର ଦାରୁ ପୂଜା । ଦାରୁ ରୂପେ ସେମାନେ ବ୍ରହ୍ମଙ୍କୁ ଜଗନ୍ନାଥଙ୍କ ପ୍ରତୀକ ଭାବେ ପୂଜା କରନ୍ତି । ଏହି ସୌରା ଜନଜାତି ସହ ମଧ୍ୟ ଜଗନ୍ନାଥ ସଂସ୍କୃତିର ସମ୍ପର୍କ ଖୁବ୍ ନିବିଡ଼ । ଓଡ଼ିଶାର କୁଳ ଦେବତା ଶ୍ରୀଜଗନ୍ନାଥ ଯେତେବେଳେ ନୀଳମାଧବ ରୂପେ ପୂଜା ପାଉଥିଲେ ସେତେବେଳେ ଶବର ରାଜା ବିଶ୍ୱାବସୁ ଥିଲେ ତାଙ୍କ ଏକମାତ୍ର ଏବଂ ପରମ ସେବକ । ତେଣୁ ଶବର ମାନେ ଜଗନ୍ନାଥଙ୍କ ଆଦ୍ୟ ଉପାସକ । ଓଡ଼ିଶାର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଏହାର ମୌଳିକ ସ୍ୱରୂପ ଶବର ସଂସ୍କୃତିରେ ଉପଲବ୍ଧ ହୁଏ ।



ଶ୍ରୀଜଗନ୍ନାଥ ସମନ୍ୱୟ ଓ ସଂହତିର ପ୍ରତୀକ, ସଉରାମାନଙ୍କ ରୀତିନୀତିରେ ଏହି ବିଚାରବୋଧ ଦେଖ ।ଯାଇଥଏ । କେବଳ ଏତିକି ନୁହେଁ ଶବର ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତିର ସମନ୍ୱୟରେ ଗଢ଼ା କୋରାପୁଟକୁ ଶାବର ଶ୍ରୀକ୍ଷେତ୍ର ବୋଲି ମଧ୍ୟ କୁହାଯାଏ । କୋରାପୁଟ ଜଗନ୍ନାଥ ମନ୍ଦିରରେ ସୌରାମାନଙ୍କ ଦେବତା ଅକ୍ଷରବ୍ରହ୍ମଙ୍କ ମାତାରବନାମ ମନ୍ଦିର ମଧ୍ୟ ସ୍ଥାପନ କରି ପୂଜାର୍ଚ୍ଚନା କରା ଯାଉଅଛି । ତେଣୁ ଇତିହାସକୁ ଅବଲୋକନ କଲେ ଏହି ଜନଜାତିର ସମୃଦ୍ଧ ସଂସ୍କୃତି ବାବଦରେ ଖୁବ୍ ବୁଝିହୁଏ । ତେବେ ଆହୁରି ରୋଚକ ଲାଗେ ଯେତେବେଳେ ଆଲୋଚନା ହୁଏ ସୌରା ଜନଜାତିର ମୂଳ ଦେବତା ଭାବେ ବର୍ତ୍ତମାନ ପୂଜା ପାଉଥିବା 'ଅକ୍ଷର ବ୍ରହ୍ମ'ଙ୍କ ବିଷୟରେ । ଓଡ଼ିଶାରେ ପୂଜା ପାଆନ୍ତି ତିନି ବହ୍ମ, ଦାରୁ ବ୍ରହ୍ମ, ଶୂନ୍ୟ ବ୍ରହ୍ମ ଓ ଅକ୍ଷର ବ୍ରହ୍ମ । ପୁରୀରେ ଜଗନ୍ନାଥଙ୍କୁ ଦାରୁ ବ୍ରହ୍ମ ଭାବେ ପୂଜା କରାଯାଉଥିବା ବେଳେ ଜୋରନ୍ଦାରେ ମହିମା ଧର୍ମାବଲମ୍ବୀ ମାନେ ଶୂନ୍ୟ ବ୍ରହ୍ମ ଆକାରରେ ସେହି ପରମ ପୁରୁଷଙ୍କୁ ଆରାଧନା କରୁଥିବା ବେଳେ ସୌରା ଜାତିର ଲୋକମାନ ଅକ୍ଷରକୁ ବ୍ରହ୍ମ ଭାବେ ପୂଜା କରନ୍ତି । ଯଦିଓ ଏ ସମସ୍ତ ଧର୍ମର ପୂଜା ପଦ୍ଧତି ଭିନ୍ନ କିନ୍ତୁ ସମସ୍ତେ ଏକ ବ୍ରହ୍ମରେ ବିଶ୍ୱାସ କରନ୍ତି । ରାୟଗଡ଼ ଜିଲ୍ଲାରଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପଦ୍ମପୁର ନିକଟବର୍ତ୍ତୀ ମରିଚଗୁଡ଼ା ଗ୍ରାମରେ ପଥର ଉପରେ ଆପେ ଆପେ ଆବିର୍ଭାବ ହୋଇଛନ୍ତି ଏହି ଅକ୍ଷର ବ୍ରହ୍ମ । କିଛି ଅକ୍ଷରଙ୍କୁ ବ୍ରହ୍ମ ଭାବେ ପୂଜା କରିବା ଓ ଏହି ଅକ୍ଷର ସବୁରୁ ଗୋଟେ ଜନଜାତିର ଲିପି ସୃଷ୍ଟି ହେବା ଓ ଉକ୍ତ ଜାତି ଜ୍ଞାନାଲାକ ଦେଖିବା ରୋଚକ ତଥା ବିଶେଷ ଗବେଷଣାର ବିଷୟ ମନେହୁଏ । ଏହା ପଛର ଇତିହାସ ଯେତିକି ରୋଚକ ସେତିକି ଗଭୀର । ତେବେ ଆଦିବାସୀଙ୍କ ଏହି ଅକ୍ଷର ବ୍ରହ୍ମ ଉପାସନାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ଅକ୍ଷର ବ୍ରହ୍ମ ଯାତ୍ରା । ପ୍ରତିବର୍ଷ ଅକ୍ଷୟତୃତୀୟା ଦିନ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ସୌରା ଜନଜାତିର ଏକ ମୁଖ୍ୟ ପର୍ବ ହୋଇଥିବା ବେଳେ ଅକ୍ଷରବ୍ରହ୍ମ ପୀଠକୁ ଏହି ଜନଜାତିର ତୀର୍ଥ କ୍ଷେତ୍ର କୁହାଯାଏ ।

## ଅକ୍ଷର ବ୍ରହ୍ମଙ୍କ ଉତ୍ପତ୍ତି ଓ ଲିପିର ବିକାଶ

ଅନାଦି କାଳରୁ ବାସ କରୁଥିବା ଏହି ଜନଜାତି ଅନେକ ଲୋକ ଦେବତାଙ୍କୁ ପୂଜା କରନ୍ତି । ଧର୍ତ୍ତି ଦେବତା ଧର୍ମୁ ଦେବତା ଆକାଶ ଦେବତା ଇତ୍ୟାଦିଙ୍କୁ ପୂଜା କରି ଆସୁଛନ୍ତି । ତେବେ ଏକ ବିଶେଷ ଘଟଣା ଘଟିଥିଲା ୧୯୩୬ ମସିହାରେ । ସୌରା ଜନଜାତିର ବିଶିଷ୍ଟ ସାଧକ ମଙ୍ଗେଇ ଗମାଙ୍ଗ ତପସ୍ୟାରତ ଥିଲେ । ତପସ୍ୟା ବଳରେ ସେ ଅକ୍ଷର ବ୍ରହ୍ମଙ୍କୁ ପାଇଥିଲେ ବୋଲି କିମ୍ବଦନ୍ତୀ କୁହେ । ସାଧକ ମଙ୍ଗେଇ ଗମାଙ୍ଗ ଅଲୌକିକ ଘଟଣାକ୍ରମରେ ମରିଚଗୁଡ଼ା ସ୍ଥିତ ପାହାଡ଼ ଉପରେ ତପସ୍ୟାରେ ଦିବ୍ୟ ଆଲୋକ ଦର୍ଶନ କରି ଅକ୍ଷର ବ୍ରହ୍ମ ଆବିର୍ଭାବ ହେବାର ସୂଚନା ପାଇଥିଲେ, ତପସ୍ୟା ଶେଷ କରି ଉକ୍ତ ସ୍ଥାନକ ଯାଇ ଦେଖନ୍ତି ତ ଓଁକାର ଭିତରେ ଚବିଶିଟି ଅକ୍ଷର ପଥର ଉପରେ ଅଙ୍କା ହୋଇ ରହିଛନ୍ତି । ସେହିଦିନ ଠାରୁ ଉକ୍ତ ଅକ୍ଷରଗୁଡ଼ିକୁ ଅକ୍ଷର ବ୍ରହ୍ମ ଭାବେ ପୂଜା କରାଯାଇ ଆସୁଅଛି । ପରବର୍ତ୍ତୀ ସମୟରେ ଚବିଶ ଅକ୍ଷର ଓ ଦଶ ସଂଖ୍ୟାକୁ ନେଇ ଲିପିର ବିକାଶ କରାଗଲା । ଏହାକୁ 'ସୌର ସୋମ୍ପେଙ୍ଗ' କୁହାଯାଏ । ଯେଉଁଠାରେ ଅକ୍ଷର ବ୍ରହ୍ମଙ୍କ ଉତ୍ପତ୍ତି ହୋଇଥିବା ସେଠାରେ ମନ୍ଦିର ଚଢ଼ାଗଲା ଯାହାକୁ 'ମାତାରବନାମ' ମନ୍ଦିର କୁହାଯାଏ ।



ସାଧକ ମଙ୍ଗେଇ ଗମାଙ୍ଗ

## ଅକ୍ଷରବ୍ରହ୍ମ ସାଧକ ଓ ପ୍ରଚାରକଙ୍କ ଅବଦାନ

୧୬ଜୁନ ୧୯୧୬ରେ ପଦ୍ମପୁର ନିକଟସ୍ଥ ଏକ ନିକାଂଚନ ସୌରା ପଲ୍ଲୀ ମରିଚଗୁଡ଼ା ଠାରେ ଜନ୍ମିତ ମଙ୍ଗେଇ ଗମାଙ୍ଗ ସାରା ବିଶ୍ୱରେ ସୌରା ଲିପିର ଉଦ୍ଭାବନ ଭାବେ ପରିଚିତ । ସେ ଜଣେ ଆୟୁର୍ବେଦ ବୈଦ୍ୟ ଥିଲେ ବୋଲି ଲୋକମୁଖରୁ ଜଣାଯାଏ । ଜ୍ଞାନୀ ସନ୍ଥ ମଙ୍ଗେଇ ଥିଲେ ସୌରାମାନଙ୍କ କ୍ରାନ୍ତି ପୁରୁଷ ଓ ମହାନ ସଂସ୍କାରକ । ତାଙ୍କରି ନେତୃତ୍ୱରେ ଏହି ଜନଜାତି ଦେଖିଥିଲା ଏକ ନୂତନ ବୌଦ୍ଧିକ କ୍ରାନ୍ତି । ପାହାଡ଼ର ନିର୍ଜନ ସ୍ଥଳୀରେ ସେ ତପସ୍ୟାରେ ମଗ୍ନ ଥିବାବେଳେ ସେ ଏକ ଦିବ୍ୟ ଆଲୋକର ଅନୁଭବ କରିଥିଲେ । ସେଦିନ ଥିଲା ୧୯୩୬ ମସିହା ଜୁନ ୧୮ ତାରିଖ, ତିଥି ଅନୁସାରେ ବୈଶାଖ ଶୁକ୍ଳ ତୃତୀୟା । ହିନ୍ଦୁ ପରମ୍ପରାରେ ଏହାକୁ ଅକ୍ଷୟ ତୃତୀୟା ଏବଂ କୃଷି ଭିତ୍ତିକ ରାଜ୍ୟ ଓଡ଼ିଶାରେ ଅକ୍ଷିତୃତୀୟା କୁହାଯାଏ । ଏହିଦିନ କ୍ଷେତରେ କୃଷକ କୁଳ

ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟ ଆରମ୍ଭ କରନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରାର ଅନୁକୂଳ ତିଥି ଏହି ଅକ୍ଷୟ ତୃତୀୟା । ସଂଯୋଗ କ୍ରମେ ଏହିଦିନ ମାତାରବନାମଙ୍କ ଦିବ୍ୟ ଦର୍ଶନ ଲାଭ କରିଥିବାରୁ ଏହି ଅକ୍ଷୟ ତୃତୀୟାକୁ ଅକ୍ଷର ବ୍ରହ୍ମଙ୍କ ଆବିର୍ଭାବ ଦିବସ ରୂପେ ପାଳନ କରାଯାଏ । ଏହି ମାନ ସାଧକ ତାଙ୍କର ମୁଖ୍ୟ ପୂଜକ ଭାବେ ଉପାସନା କରି ସୌରାମାନଙ୍କ ଭିତରେ ସାଧୁତା, ମାନବବାଦୀ ହେବାର ଗୁଣ ପରିପ୍ରକାଶ କରାଇ ପାରିଥିଲେ । ତାଙ୍କର ପ୍ରବର୍ତ୍ତିତ ଅଭିନବ ମତକୁ ସେ 'ମାତାରବନାମ ଡମ୍ରୀ' ନାମରେ ନାମିତ କରିଥିଲେ । ଶୁଦ୍ଧ ଆଚରଣ ଓ ଶୁଦ୍ଧ ଜ୍ଞାନ ଦ୍ୱାରା ଜଣେ ଭଲ ମଣିଷ ହୋଇପାରିବ- ଏହି ବାର୍ତ୍ତା ସେ ଲୋକଙ୍କୁ ଦେଉଥିଲେ । ଏକାଧାରରେ ତାଙ୍କୁ ସୌରା ଜନଜାତିର ବୁଦ୍ଧ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜୀବନ ବ୍ୟାପି ସାଧନା କରି ତପସ୍ୟା ବଳରେ ସେ ପ୍ରାପ୍ତ କରିଥିବା ଅକ୍ଷରକୁ ଆହୁରି ବିକଶିତ କରି ପ୍ରଚାର ପ୍ରସାର ଆରମ୍ଭ କରିଥିଲେ । ଏହା ପୂର୍ବରୁ ସୌରା ଜନଜାତିର ନିଜସ୍ୱ କଥିତ ଭାଷା ଥିଲେ ବି କୌଣସି ନିଜସ୍ୱ ଲିପି ନଥିଲା ଯେଉଁଥିପାଇଁ ସେମାନେ ଅନ୍ୟ ଭାଷାର ଲିପିକୁ ହିଁ ବ୍ୟବହାର କରି ଆସୁଥିଲେ । କିନ୍ତୁ ସୌରା ସୋମ୍ପେଙ୍ଗର ଉଦ୍ଭାବନ ପରେ ଏ ଜାତି ନୂଆ ଆଲୋକ ଦେଖିଲା । ଲିପିର ଆହୁରି ପ୍ରଚାର ପ୍ରସାର ପାଇଁ ମଙ୍ଗେଇ ରମାଙ୍ଗ ଗୁଣପୁର ଉପଖଣ୍ଡର ଡମ୍ବସରା ଠାରେ ଏକ ଛାପାକଳ ବସେଇ ସୌରା ଲିପିର ବହି, ନିମନ୍ତ୍ରଣ ପତ୍ର ଇତ୍ୟାଦି ଛାପିବାକୁ ଆରମ୍ଭ କଲେ । ନିଜ ସମ୍ପ୍ରଦାୟର ଲୋକଙ୍କ ସହଯୋଗରେ ସାରା ଭାରତରେ ଏହି ଲିପି ପହଂଚି ପାରିଥିଲା । ସୌରା ଲିପିର ଉଦ୍ଭାବକ ଭାବେ ତାଙ୍କ ପ୍ରତିମୂର୍ତ୍ତି ରାଜ୍ୟ ଆଦିବାସୀ ବିକାଶ ଅଫିସରେ ମଧ୍ୟ ସ୍ଥାପନ କରାଯାଇଛି । ଆଜି ତାଙ୍କର ଲକ୍ଷ ଲକ୍ଷ ଅନୁଗାମୀ ଅଛନ୍ତି, ବୈଷ୍ଣବମାନଙ୍କ ପରି ସେମାନେ ମଦ ମାଂସରୁ ନିବୃତ୍ତ ରହି ସରଳ ସାତ୍ତ୍ୱିକ ଜୀବନଯାପନ କରୁଛନ୍ତି । ମଙ୍ଗେଇ ଗମାଙ୍ଗଙ୍କ ବିଚାର ଏକ ଜନଜାତିର ବହୁ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ଆଣି ଦେଇଛି ଦେଖିଲେ ଆତ୍ମା ବିଭୋର ହୋଇଉଠେ ।



ପରବର୍ତ୍ତୀ ସମୟରେ ଲିପିର ପ୍ରଚାର ପ୍ରସାର କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ଭାଗିରଥି ଗମାଙ୍ଗ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ବିଶିଷ୍ଟ ଗବେଷକ ଗାବ୍ରିଏଲ ବୋୟା ଇତ୍ୟାଦିଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ଆଉ ଜଣେ ବିଶିଷ୍ଟ ସାଧକ ହେଲେ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗଙ୍କ ପୁଅ ଶବର ଗୁରୁ ଓରାନବିକ ଗମାଙ୍ଗ, ଯେ ପିତାଙ୍କ ମୃତ୍ୟୁ ପରେ ଅକ୍ଷର ବ୍ରହ୍ମ ମନ୍ଦିରର ପୂଜକ ଭାବେ ଓ ସୌରା ଜନଜାତିର ଗୁରୁ ଭାବେ ଦାୟିତ୍ୱ ଗ୍ରହଣ କଲେ । ବାପାଙ୍କ ପରି ସେ ମଧ୍ୟ ଥିଲେ ଜଣେ ନିଷ୍ଠାପର ସାଧକ। ତାଙ୍କ ନେତୃତ୍ୱରେ ଆହୁରି ବ୍ୟାପକ ହେଲା ଲିପିର ପ୍ରସାର । ବର୍ତ୍ତମାନ ସେ ମଧ୍ୟ ଇହଧାମ ତ୍ୟାଗ କରିଛନ୍ତି ଏବଂ ତାଙ୍କ ପୁତ୍ରମାନେ ଏବେ ଗୁରୁ ଭାବେ ସମ୍ମାନ ପାଉଛନ୍ତି ।

ଇତି ମଧ୍ୟରେ ଓଡ଼ିଶା ମାଟିରେ ପାଦ ଦେଇଥିଲେ ବିଶିଷ୍ଟ ସୌରା ଲିପି ଗବେଷକ ଗାବ୍ରିଏଲ୍ ବୋୟା । ଯାହାଙ୍କ ସାଧନା ଯୋଗୁଁ ଆଜି ସୌରା ସୋମ୍ପେଙ୍ଗ ଏତେ ମାତ୍ରାରେ ପ୍ରଚାର ପ୍ରସାର ଲାଭ କରିଛି । ଗାବ୍ରିଏଲ ବୋୟାଙ୍କ ଜନ୍ମ ୧୯୪୬ ମସିହାରେ ଆସାମ୍‌ରେ ହୋଇଥିଲା । ତାଙ୍କ ପରିବାର ଲୋକ ବଗିଚା କାମ ପାଇଁ ୧୮୮୨ରେ ଆସାମ ଚାଲି ଯାଇଥିଲେ । ଯେତେବେଳେ ସେ ନିଜ ଭାଷାର ମହାନତାକୁ ବୁଝିଲେ ସେ ୧୯୭୦ ମସିହାରେ ସଉରା ଭାଷା ଶିଖିଥିଲେ । ସେ ସମୟରେ ଗୁଡ଼ାଏ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯେତେବେଳେ ସେ ନିଜ ବାପାଙ୍କ ସହ ନିଜ ଲୋକମାନଙ୍କୁ ଦେଖା କରିବା ପାଇଁ ଓଡ଼ିଶା, ଗଜପତି ଜିଲ୍ଲା ଚନ୍ଦ୍ରଗିରି- ଜିରାଙ୍ଗକୁ ୧୯୮୬ରେ ଆସିଥିଲେ, ସେ ପାଖାପାଖି ଦୁଇ ମାସ ଏଠାରେ ରହିଥିଲେ । ସେ ସମୟରେ ସେ ଶୁଣିବାକୁ ପାଇଥିଲେ ସଉରା ଲିପି ବିଷୟରେ । ଯେତେବେଳେ ସେ ଜାଣିଲେ ସଉରା ଭାଷାର ବ୍ୟବହାର କମିବାରେ ଲାଗିଛି, ଏ ବିଷୟରେ ଗବେଷଣା ଆରମ୍ଭ କରିଥିଲେ । ତାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା କିପରି ଭାଷାର ସୁରକ୍ଷା ହେବ ଏବଂ ଜାତିର ପରିଚୟ ବଂଚି ରହିବ । ସେହିଦିନ ଠାରୁ ସଉରା ଲିପି ବିଷୟରେ ଦୀର୍ଘ ୪ବର୍ଷ ପରେ ଆସାମ ଫେରି ସେ ଗବେଷଣା କରିଥିଲେ ଏବଂ ସଉରା ଭାଷାର ମାହାତ୍ମ୍ୟକୁ ବୁଝି ୧୯୯୦ ଠାରୁ ଆସାମରେ ଏହାର ପ୍ରଚାର ପ୍ରସାର ଆରମ୍ଭ କରିଥିଲେ । ଦୀର୍ଘ ୧୦ବର୍ଷ ସେଠାରେ କାର୍ଯ୍ୟ କଲା ପରେ ଅଧିକ ଗବେଷଣା ପାଇଁ ୨୦୦୧ରେ ଓଡ଼ିଶା ଫେରି ଆସିଥିଲେ । ଆଉ ୩ବର୍ଷ ଗବେଷଣା କରି ସମ୍ପୂର୍ଣ୍ଣ ଭାବରେ ପ୍ରଚାର ପ୍ରସାର ଆରମ୍ଭ କରିଥିଲେ । ଆସାମ, ତ୍ରିପୁରା, ଆନ୍ଧ୍ରପ୍ରଦେଶ, କୋଲକାତା ଏବଂ ବଙ୍ଗଳାଦେଶ ଯାଇ ପ୍ରଚାର



କରିଥିଲେ ଏବେ ମଧ୍ୟ କରୁଛନ୍ତି । ଏଯାବତ୍ ସାରା ଭାରତରେ ତାଙ୍କର ହଜାର ହଜାର ଛାତ୍ରଛାତ୍ରୀ ଅଛନ୍ତି । ବର୍ତ୍ତମାନ ମଧ୍ୟ ବୟସର ପରିଣତ ଅବସ୍ଥାରେ ଲୋକମାନଙ୍କର ସହାୟତାରେ ସଉରା ଲିପି ଏବଂ ଭାଷାର ପ୍ରଚାର ପ୍ରସାର ଜାରି ରଖିଛନ୍ତି । ଅନେକ ବହି ଲେଖି ସେ ଲିପି ଶିକ୍ଷା ଦେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଗିରିଧର ଗମାଙ୍ଗଙ୍କ ସାନିଧ୍ୟରେ ଆସି ସୌରା ଲିପି ଓ ଅକ୍ଷର ବ୍ରହ୍ମଙ୍କ ବାବଦରେ ଅଧିକ ଜାଣିବାକୁ ମିଳିଥିଲା । ଗାବ୍ରିଏଲ୍ ବୋୟାଙ୍କ ଅକ୍ଷର ଶିକ୍ଷା ବହି ପଢ଼ିବାକୁ ଦେଇ ଅନେକଥର ଆଲୋଚନା କରି ସବୁବେଳେ ଲିପି ଉପରେ



ଲେଖିବାକୁ ପ୍ରେରଣା ଦେଇ ଆସୁଛନ୍ତି । ଲିପିର ପ୍ରଚାର ପ୍ରସାର ଦିଗରେ ଚକ୍ରପାଣି ଶବର, କୃଷ୍ଣ ଶବର ଇତ୍ୟାଦିଙ୍କ ଭୂମିକ ମଧ୍ୟ ଖବ ଗୁରୁତ୍ୱ ବହନ କରି ଆସିଛି । ବର୍ତ୍ତମାନ ଅନେକ ସଙ୍ଗଠନ ଲିପିର ପ୍ରଚାର ଦିଗରେ କାର୍ଯ୍ୟ କରୁଥିବା ବେଳେ ସୌରା ଶିକ୍ଷା ଯୁବ ସଂଗଠନ ରାୟଗଡ଼ା, ଗଜପତି ସମେତ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲାରେ ନିଜର କାର୍ଯ୍ୟଧାରି ଜାରି ରଖିଛି ଏବଂ ସଫଳତା ଲାଭ କରିଛି । ଉକ୍ତ ଅନୁଷ୍ଠାନର ଉଦୀୟମାନ ଯୁବ ସଂଗଠକ ରୋନିତ ଶବର ବର୍ତ୍ତମାନ ଲିପିର ଡିଜିଟାଲ ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱର ସହ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ଲିପିର ଡିଜିଟାଲ ଅକ୍ଷର ମଧ୍ୟ ବିକଶିତ ହୋଇଛି ଏହା ଏକ ଖୁସିର ବିଷୟ । ୨୦୨୧ରୁ ଆଇଆଇଟି ଛାତ୍ରୀ ସୋନି ସଲିମା ଏହି ଲିପିର କମ୍ପ୍ୟୁଟର ଅକ୍ଷର ସୃଷ୍ଟି କରିବା ଦିଗରେ ବ୍ୟାପକ ଗବେଷଣା ଚଳେଇଛନ୍ତି । ଗୁରୁ କୃଷ୍ଣ ଶବର ଏ ଦିଗରେ ତାଙ୍କୁ ସହାୟତା କରିଛନ୍ତି । ଅନେକ ଯୁବ ଶିକ୍ଷିତ ସାଧକ ଏ ଦିଗରେ କାମ କରିବା ଏ ଜିଲ୍ଲା ପ୍ରତି ଏକ ଶୁଭ ସୂଚନା ।

## ଅକ୍ଷର ବ୍ରହ୍ମ ଯାତ୍ରା

ଆଦିଭୂମିର ଏହି ଆଦି ଉପାସକମାନଙ୍କ ସ୍ୱତନ୍ତ୍ର ଉତ୍ସବ ହେଉଛି ଅକ୍ଷର ବ୍ରହ୍ମ ଯାତ୍ରା । ଚତୁର୍ଦ୍ଦିଗରେ ପାହାଡ଼ ଘେରା ମରିଚଗୁଡ଼ା ଗ୍ରାମରେ ପ୍ରତି ବର୍ଷ ଅକ୍ଷରବ୍ରହ୍ମ ପୀଠ ମାତାରବନାମ ମନ୍ଦିରରେ ଅକ୍ଷୟ ତୃତୀୟା ଦିନ ଅକ୍ଷରବ୍ରହ୍ମ ଯାତ୍ରା ଅନୁଷ୍ଠିତ ହୁଏ । ଏହିଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଶବର ସମ୍ପ୍ରଦାୟର ଲୋକମାନେ ଏହି ପୀଠକୁ ଆସିଥାନ୍ତି । ପାରମ୍ପରିକ ବାଦ୍ୟରେ ଫାଟି ପଡୁଥାଏ ଅଂଚଳ । ଓଡ଼ିଶା, ଆନ୍ଧ୍ରପ୍ରଦେଶ ସମେତ ଆସାମ ତଥା ଅନ୍ୟାନ୍ୟ ରାଜ୍ୟରେ ବାସ କରୁଥିବା ଶବର ସମ୍ପ୍ରଦାୟର ଲୋକଙ୍କ ଆଗମନ ହୋଇଥାଏ ।

## ଲୋକ ବିଶ୍ୱାସ ଓ ପୂଜାବିଧି

ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବର୍ଷକ ପାଇଁ ଏଠାରେ ପୂଜାପାଠ କରି ମାନସିକ କରିଥାନ୍ତି । ବିଶ୍ୱାସ ରହିଛି ଏଠାରେ ମାନସିକ କଲେ ନିଶ୍ଚିତ ପୂରଣ ହୁଏ । ଏହି ବିଶ୍ୱାସରେ ଅନେକ ଲୋକ ମୁଣ୍ଡନ ମଧ୍ୟ ହୋଇଥାନ୍ତି । ସୌରା ସମ୍ପ୍ରଦାୟର ଯେକୌଣସି ଛୁଆଙ୍କ ପ୍ରଥମ ମୁଣ୍ଡନ ଏହି ପୀଠରେ ସମାପନ ହୁଏ । ଏହାଦ୍ୱାରା ଅକ୍ଷର ବ୍ରହ୍ମଙ୍କ ସମେତ ଅନ୍ୟଲୋକ ଦେବତାମାନଙ୍କ ଶୁଭ ଦୃଷ୍ଟି ଛୁଆଙ୍କ ଉପରେ ପଡ଼ିବାର ବିଶ୍ୱାସ ରହିଛି । ନିର୍ଦ୍ଦିଷ୍ଟ ଶୁଭ ବେଳାରେ ଏହି ପୀଠରେ ଲୋକେ ଫୁଲ, ଚନ୍ଦନ, ପଞ୍ଚାମୃତ ସମେତ ନଡ଼ିଆ, କଦଳୀ ଏବଂ ଅନ୍ୟାନ୍ୟ ଫଳମୂଳ ଦେଇ ଅକ୍ଷରବ୍ରହ୍ମଙ୍କୁ ପୂଜାର୍ଚ୍ଚନା କରନ୍ତି । ପ୍ରାୟତଃ ଏହି ଜନଜାତିର ପୂଜା ପଦ୍ଧତି ହିନ୍ଦୁ ଦେବଦେବୀଙ୍କ ପୂଜା ପଦ୍ଧତି ସହ ସମାନତା ରହିଥାଏ । ଏକଦା ବଳି ପ୍ରଥାରେ ବିଶ୍ୱାସ କରୁଥିବା ଏହି ଜନଜାତିର ନୀତି ନିୟମରୁ ସମୟ କ୍ରମେ ବିଶେଷତଃ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ପଶୁବଳି ପ୍ରଥା ଉଚ୍ଛେଦ ହୋଇପାରିଛ । ଏଣୁ ମଙ୍ଗେଇ ଗମାଙ୍ଗଙ୍କୁ ଜଣେ ବିଶିଷ୍ଟ ସମାଜ ସଂସ୍କାରକ ବୋଲି ମଧ୍ୟ କୁହାଯାଇପାରେ । ଏଠାରେ ପୂଜା ପରେ ପାରମ୍ପରିକ ନୃତ୍ୟ ପରିବେଷଣ ହୁଏ । ଶ୍ରଦ୍ଧାଳୁଙ୍କ ଆଗମନ ଦେଖି ପ୍ରତିବର୍ଷ ଏହି ପୀଠରେ ପ୍ରଶାସନ ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥାଏ ।

## ଅକ୍ଷୟ ଅକ୍ଷର ବ୍ରହ୍ମ

ଅଜର, ଅମର, ଅକ୍ଷୟ ଦେବତା ଅକ୍ଷର ବ୍ରହ୍ମ । ଅକ୍ଷରର କେବେ କ୍ଷୟ ନାହିଁ, ବ୍ରହ୍ମଙ୍କର ମଧ୍ୟ କେବେ କ୍ଷୟ ନାହିଁ । ମାନବ ସଭ୍ୟତାର ଆଦ୍ୟ ଉଚ୍ଚାରଣ ଏହି ବ୍ରହ୍ମଙ୍କୁ ହିଁ ତ ସମର୍ପିତା । ଓଁ କାର ଭିତରେ ଅକ୍ଷର ସମେତ ତାଙ୍କ ଆବିର୍ଭାବ ଏକ ନୂତନ ଯୁଗର ଶୁଭାରମ୍ଭ ନିଶ୍ଚିତ । ସୌରା ଜନଜାତିର ପୀଠ ଦେବତା ଅକ୍ଷର ବ୍ରହ୍ମଙ୍କ ଦେହରେ ଥିବା ଅକ୍ଷର ଗୋଟେ ଜାତିକୁ ସାକ୍ଷର କରିପାରିବା ସହ ସଚ୍ଚୋଟ ଓ ସ୍ୱାବଲମ୍ବୀ କରାଇ ପାରିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ନିଜ ଜମିରୁ ଉତ୍ପାଦିତ ପ୍ରଥମ ଶସ୍ୟ ସୌରାମାନେ ଭୂଦେବୀ ଓ ଅକ୍ଷର ବ୍ରହ୍ମଙ୍କୁ ସମର୍ପଣ କଲା ପରେ ଯାଇ ନିଜେ ଗ୍ରହଣ କରିଥାନ୍ତି । ପ୍ରକୃତିକୁ ଓ ବ୍ରହ୍ମଙ୍କୁ ଧନ୍ୟବାଦ ଅର୍ପଣର ଏ ପରମ୍ପରା ଖୁବ୍ ନିଆରା । ଆଦିବାସୀମାନେ ତନ୍ତ୍ର ବିଦ୍ୟାରେ ମଧ୍ୟ ପାରଙ୍ଗମ ଥିଲେ ଯାହାକୁ ଶାବରୀ ବିଦ୍ୟା କୁହା ଯାଉଥିଲା । ସାମାଜିକ ଚଳଣି, ପରମ୍ପରା, ସଂସ୍କୃତି, ଚିତ୍ରକଳା, ବାଦ୍ୟ କଳା ଇତ୍ୟାଦି ଅନେକ କ୍ଷେତ୍ରରେ ଆଦିବାସୀ ମାନେ ଖୁବ୍ ସ୍ୱତନ୍ତ୍ର । ଏମିତିକି ଅନେକ ପ୍ରଥା ପରମ୍ପରା ଯାହା ଓଡ଼ିଆ ସଂସ୍କୃତିରେ ମିଶିଯାଇଛି ସେସବୁ ଏଇ ଆଦିବାସୀ ସମ୍ପ୍ରଦାୟରୁ ହିଁ ଆସିଥିବା ଅନେକ ଗବେଷଣା କୁହେ । ମୂର୍ତ୍ତି ପୂଜାର ଅସଂଖ୍ୟ ଉଦାହରଣ ଥିବା ବେଳେ ଅକ୍ଷର ପୂଜା କେବଳ ଏହି ସୌରା ଜନଜାତିର ଏକ ସ୍ୱତନ୍ତ୍ରତା । ସୌରା ସୋମ୍ପେଙ୍ଗ ବା ସୌରା ଲିପିର ଲକ୍ଷ ଲକ୍ଷ ବ୍ୟବହାରକାରୀ ଥିଲେ ମଧ୍ୟ ଏହା ସମ୍ବିଧାନରେ ସ୍ଥାନ ନପାଇବା ଏକ ବିଡ଼ମ୍ବନାର ବିଷୟ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅନେକ ଦାବି ଉପସ୍ଥାପନ କରାଯାଇଛି ମଧ୍ୟ । ଏହି ଲିପିକୁ ସମ୍ବିଧାନରେ ସ୍ଥାନିତ କରି ସ୍ୱୀକୃତି ଦେଲେ ବିରଳ ଜନଜାତିର ବିରଳ ସଂସ୍କୃତି ପ୍ରତି ଏକ ଉଚିତ ସମ୍ମାନ ହୋଇପାରନ୍ତା ।


SMILE GOLD
Agarbati
JHPPL
SMILE
SMILE
900
AN ISO 9001:2008 Certified
Since : 20years
Our Product
SMILE SANITISER
White Phenyle
SMILE GOLD
GOLDEN CHAMPA
RAJNIGANDHA
ROSE
BLACK DIMOND
SANDALWOOD
NEEM GOLD
ROOM FRESHENER
MALLI GOLD
LEMON GOLD
Rose Gold
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796




# କୋରାପୁଟର ଆଦିବାସୀ ସଂଗୀତ ପରମ୍ପରାରେ 'ସାଜ୍' ବାଦ୍ୟବୃନ୍ଦ


## ଡକ୍ଟର ରାଜେନ୍ଦ୍ର ପାଢ଼ୀ

ଆଦିବାସୀ ଗବେଷଣା ମଞ୍ଚ, କୁନ୍ଦୁରା, ଭା: ଜୟପୁର-୭୬୪୦୦୨, କୋରାପୁଟ
ଫୋନ:୯୪୩୮୫୧୬୩୩୨


ଫଟୋ ସୌଜନ୍ୟ : ଲେଖକ


◄ ଲେଖକ ଡକ୍ଟର ରାଜେନ୍ଦ୍ର ପାଢ଼ୀ

ପଉଷର ଶୀତୁଆ ସଂଜ । ପାଖ ଗାଆଁରୁ ଭାସି ଆସୁଥାଏ ପୁଷ୍ ପୁନିର ଆବାହନୀ ସଂଗୀତ । ବିଭିନ୍ନ ବାଦ୍ୟର ମନମତାଣିଆ ସ୍ୱରର ମୂର୍ଚ୍ଛନାରେ ବନଭୂମି ହେଉଥାଏ ପ୍ରକମ୍ପିତ, ମନ ଓ ପ୍ରାଣ ଯାଉଥାଏ ଚହଲି ଚହଲି । ବାଦ୍ୟର ମତୁଆଲି ତାନରେ ବିଶେଷତଃ ଧାଙ୍ଗଧା ଧାଙ୍ଗଡ଼ୀମାନେ ହେଉଥାନ୍ତି ଆନମନା । ଏମାନେ ପାଦସହ ପାଦ ମିଳାଇ, ହୃଦୟ ସହ ହୃଦୟ ମିଶାଇ ଓ ସ୍ୱର ସହ ସ୍ୱର ହଜାଇ ବାଦ୍ୟର ତାଳେ ତାଳେ ନାଚିବାକୁ ଭାରି ବ୍ୟଗ୍ର ହୋଇ ଉଠୁଥାନ୍ତି । ବାଦ୍ୟର ସୁମଧୁର ସ୍ୱରଝଙ୍କାର କି ଶିଶୁ କି ବୃଦ୍ଧ ସମସ୍ତଙ୍କ ପାଦକୁ କରିଥାଏ ଛନ୍ଦାୟିତ, ନାଚିବା ନିଶାରେ ମସ୍‌ଗୁଲ୍ ହୋଇଥାନ୍ତି ସବୁ ବୟସର ଲୋକ ।



# ସିଙ୍ଗୋନି

ପଉଷର ଶୀତୁଆ ସଂଜ । ପାଖ ଗାଆଁରୁ ଭାସି ଆସୁଥାଏ ପୁଷ୍ ପୁନିର ଆବାହନୀ ସଂଗୀତ । ବିଭିନ୍ନ ବାଦ୍ୟର ମନମତାଣିଆ ସ୍ୱରର ମୂର୍ଚ୍ଛନାରେ ବନଭୂମି ହେଉଥାଏ ପ୍ରକମ୍ପିତ, ମନ ଓ ପ୍ରାଣ ଯାଉଥାଏ ଚହଲି ଚହଲି । ବାଦ୍ୟର ମତୁଆଲି ତାନରେ ବିଶେଷତଃ ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ହେଉଥାନ୍ତି ଆନମନା । ଏମାନେ ପାଦ ସହ ପାଦ ମିଳାଇ, ହୃଦୟ ସହ ହୃଦୟ ମିଶାଇ ଓ ସ୍ୱର ସହ ସ୍ୱର ହଜାଇ ବାଦ୍ୟର ତାଳେ ତାଳେ ନାଚିବାକୁ ଭାରି ବ୍ୟଗ୍ର ହୋଇ ଉଠୁଥାନ୍ତି । ବାଦ୍ୟର ସୁମଧୁର ସ୍ୱରଝଙ୍କାର କି ଶିଶୁ କି ବୃଦ୍ଧ ସମସ୍ତଙ୍କ ପାଦକୁ କରିଥାଏ ଛନ୍ଦାୟିତ, ନାଚିବା ନିଶାରେ ମଜଗୁଲ୍ ହୋଇଥାନ୍ତି ସବୁ ବୟସର ଲୋକ ।

ସଞ୍ଜ ନଇଁ ଆସି ରାତି ବଢୁଥାଏ । ଆକାଶରେ ପୌଷ ପୂର୍ଣ୍ଣିମାର ରୂପାଥାଳିଆ ଜହ୍ନ । ଆଦିବାସୀ ପଲ୍ଲୀର ପ୍ରଶସ୍ତ ଦାଣ୍ଡ ଜହ୍ନ ଆଲୁଅରେ ସଫା ଦିଶୁଥାଏ । ଦଳଦଳ ହୋଇ ବୁଢ଼ାବୁଢ଼ୀ, ଯୁବକ ଯୁବତୀ ଗୁଡ଼ ହାଣ୍ଡିକୁ ପିମ୍ପୁଡ଼ି ବେଢ଼ିଦେଲା ପରି ବାଦ୍ୟର ଚାରିପାଖରେ ଗୋଲାକାର ଭାବେ ବେଢ଼ି ଗଲେଣି । କିଏ କାହାରିକୁ ଡାକହାକ ନାହିଁ କି କୌଣସି ଅନୁଷ୍ଠାନିକ ତାଲିମ ନାହ ସ୍ୱୟଂଚାଳିତ ଭାବେ ବାହୁରେ ବାହୁ ଛନ୍ଦି ବାଦ୍ୟର ତାଳେ ତାଳେ ଉଦ୍ଦାମ ନୃତ୍ୟ ଆରମଭ କଲେଣି । ବିନ୍ ବାଜିଲେ ସାପ ବିମୋହିତ ହୋଇ ଖେଳିଲା ପରି ବାଦ୍ୟ ବାଜିଲେ ଆଦିବାସୀଟିଏ ରୋମାଞ୍ଚିତ ଓ ପୁଲକିତ ହୋଇ ନାଚିନାଚି ନିଜକୁ ହଜାଇ ଦେଇଥାଏ । ଦିନ ସାରା କଠିନ କାମରୁ ଟିକେ ଫୁର୍ତ୍ତି ପାଇବା ସହ ଦେହ ଓ ମନକୁ ହାଲ୍‌କା କରି ଟିକେ ଖୁସି ପାଇଁ ସଲପ କି ମହୁଲି ଟିକେ ପିଇଦେଲେ ଟିକେ ନାଚିଦେଲେ ଓ ଗୀତ ପଦେ ଗାଇଦେଲେ ଦିନଯାକର ସକଳ ଅବସାଦ ଓ କ୍ଳାନ୍ତି ଦୂର ହୋଇଯାଏ । ଏତିକି ପରାଏମାନଙ୍କ ଜୀବନର ସ୍ୱାଦକୁ ପ୍ରାଣ ଭରି ଉପଭୋଗ କରିବା ଏକମାତ୍ର ଇଚ୍ଛା ? ଏମାନଙ୍କ ଆସନ୍ତାକାଲି ପାଇଁ ଚିନ୍ତା ନାହିଁ କି ଯୋଜନା ନାହିଁ । ବର୍ତ୍ତମାନ ହିଁ ସବୁକିଛି । ଏମାନଙ୍କ ବର୍ତ୍ତମାନର ସର୍ବସ୍ୱ ଜୀବନରେ ଦୁଃଖ ଅବଶୋସ କିମ୍ବା ଅନୁଶୋଚନା ବୋଲି କିଛି ନାହିଁ । ଏହି ସରଳ, ନିଷ୍କପଟ ଅମୃତର ସନ୍ତାନମାନଙ୍କ 'କଥା କହିଲେ ଗୀତ ଓ ଚାଲିଲେ ନୃତ୍ୟ' ଉକ୍ତିଟି ଯଥାର୍ଥରେ ଏମାନଙ୍କ ସମାଜରେ ପ୍ରଚଳିତ ।

ଆଦିବାସୀମାନେ ଅଧିକାଂଶ ଦିନ ମଜୁରିଆ ହୋଇଥିବାରୁ ଦିନସାରା ହାଡ଼ଭଙ୍ଗା ପରିଶ୍ରମ କରି ସନ୍ଧ୍ୟାରେ ଘରକୁ ଫେରନ୍ତି । ମାଣ୍ଡିଆପେଜ, ଭାତ-ଶାଗ ଯାହାକିଛି ଖାଇଦେଇ ବୁଢ଼ା ପିଲା ସମସ୍ତେ ଗାଆଁ ମଝିଦାଣ୍ଡରେ ରୁଣ୍ଡିଯାଆନ୍ତି । ପୁରୁଷ ଲୋକମାନେ ବାଦ୍ୟ ବଜାନ୍ତି । ସତେ ଯେମିତି ଏହାର ନାଦରେ ସମସ୍ତଙ୍କ ଗୋଡ଼ ଟାଣି ହୋଇଆସେ । ସ୍ତ୍ରୀପୁରୁଷ ନିର୍ବିଶେଷରେ ବାହୁରେ ବାହୁ ଛନ୍ଦି



ଗୀତଗାଇ ନାଚିନାଚି ସକଳ ଦୁଃଖକଷ୍ଟ ଭୁଲିଯାଆନ୍ତି ।

ବାଦ୍ୟର ଧ୍ୱନି ମନ୍ଥରୁ ତୀବ୍ର ହେବାକୁ ଲାଗିଲା । ସେହି କ୍ରମରେ ପାଦର ଗତିବି ତୀବ୍ର ହେଲା । ନାଚ ଜମି ଜମି ଆସିଲା । ମନ ଓ ପ୍ରାଣରେ ପୁଲକ ଖେଳିଗଲା । ଏମାନଙ୍କ ଏହି ବାଦ୍ୟ, ଯେଉଁଥିରେ ମୋହନୀ ମନ୍ତ୍ର ରହିଛି, ସେହି ବାଦ୍ୟ ଅବିଭକ୍ତ କୋରାପୁଟ ଜିଲ୍ଲାର ପାରମ୍ପରିକ ଲୋକପ୍ରିୟ ବହୁ ପୁରାତନ ବାଦ୍ୟ ଚାରୋଟି । ଯାହାକି ମହୁରୀ, ଢୋଲ, ଟମକ ଓ ଟିଡ଼ିବିଡ଼ି । ଏହି ଚାରିଗୋଟି ବାଦ୍ୟର ସମଷ୍ଟିକୁ ସ୍ଥାନୀୟ ଆଦିବାସୀ ଦେଶିଆ ଭାଷାରେ କହନ୍ତି 'ସାଜ୍' ଯାହାକୁ ଆମେ କହି ପାରିବା 'ଅର୍କେଷ୍ଟ୍ରା' । ଏହିସବୁ ବାଦ୍ୟବିନା ଆଦିବାସୀଙ୍କ ଶୁଭ ଓ ଅଶୁଭ କୌଣସିଟି କାର୍ଯ୍ୟ ପାଳିତ ହେବା ସମ୍ଭବ ନୁହେଁ ! ଏମାନଙ୍କ ସାମାଜିକ ଓ ଧର୍ମୀୟ ଉତ୍ସବ, ପର୍ବ ପର୍ବାଣୀ, ଜାନିଯାତ୍ରା ଆଦିରେ ଉପରୋକ୍ତ ଚାରୋଟି ବାଦ୍ୟର ସର୍ବପ୍ରଥମେ ଆବଶ୍ୟକତା ପଡ଼ିଥାଏ । ଅବିଭକ୍ତ କୋରାପୁଟ ଜିଲ୍ଲାର ଭୂମିଆ, ଉତରା, ଅମାନାତ୍ୟ, ମାଟିଆ, ପେଣ୍ଡିଆ, ହାଲ୍‌ବା, ପରଜା କନ୍ଧ ପ୍ରଭୃତି ସଂପ୍ରଦାୟଙ୍କ ପ୍ରତ୍ୟେକଟି ଉତ୍ସବାନୁଷ୍ଠାନ ଓ ନୃତ୍ୟଗୀତରେ ଏହି ଚାରୋଟି ବାଦ୍ୟ ନିଶ୍ଚିତ ଭାବେ ବାଦନ କରାଯାଏ । ଏପରିକି ଆଦିମ ବଣ୍ଡା, ଗଣ୍ଡା, କୋୟା, ଡିଡାୟୀ, ଗଣ୍ଡ, ଜତାଗୁ ପ୍ରଭୃତି ଆଦିବାସୀଙ୍କ ନିଜସ୍ୱ କିଛି ବାଦ୍ୟ ରହିଥିଲେ ହେଁ ମହୁରିଆ ଦଳଙ୍କୁ ଡାକି ଏହି ବାଦ୍ୟ ଚାରୋଟି ବାଦନ କରିବା ପରମ୍ପରା ପ୍ରଚଳିତ । କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀଙ୍କ ସନ୍ତାନଜନ୍ମ, ନାମକରଣ, ନିର୍ବନ୍ଧ, ବିବାହ, ଦଶାହ ଆଦି ସାମାଜିକ ଉତ୍ସବ ସହ ଓଷା, ବନ୍ଦାପନା, ନୂଆଖିଆ, ଦିଆଲି, ପୁଷ୍ପରବ., ମାଘ ପରବ, ଚଇତ ପରବ, ହୁଣ୍ଡି (ଗ୍ରାମଦେବତୀ) ପୂଜା ଓ ଅନ୍ୟାନ୍ୟ ପୂଜାପାଠରେ ଏହି ଚାରୋଟି ବାଦ୍ୟର ଆବଶ୍ୟକତା ରହିଥାଏ । ଏହିସବୁ ବାଦ୍ୟ ନିର୍ମାଣ ଓ ବାଦନ କରିଥାନ୍ତି ସ୍ଥାନୀୟ ଡମ୍ (ଅନୁସୂଚୀତଜାତି) ଲୋକମାନେ । ଏହା ଏମାନଙ୍କ ପୁରୁଷ ପୁରୁଷ ଧରି କୌଳିକ ବୃତ୍ତି ଭାବେ ରହି ଆସିଛି । ଏଣୁ ଏମାନଙ୍କ ବାଦ୍ୟକୁ ଡମ୍‌ବାଇଦ ଓ ଏହି ବାଦ୍ୟକାର ଦଳଙ୍କୁ ମହୁରିଆ ଦଳ ବୋଲି ଆଦିବାସୀମାନେ କହିଥାନ୍ତି । କୋରାପୁଟର ବିଭିନ୍ନ ପୂଜାପାଠ, ଉତ୍ସବ ଓ ପର୍ବପର୍ବାଣି ସବୁର ଉକ୍ତ ବାଦ୍ୟ ବାଦନକୁ ଅତି ପବିତ୍ର ଭାବେ ଗ୍ରହଣ କରାଯାଇଥାଏ । ଆଦିବାସୀଙ୍କ ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ବାଦ୍ୟ ବାଦନ କରିବା ପାଇଁ ପ୍ରାୟ ମାସେ ପୂର୍ବରୁ ବଇନା ଦେଇ ନିମନ୍ତ୍ରଣ କରାଯାଏ । ଯଥା ସମୟରେ ବାଦ୍ୟକାରମାନେ ଯଜମାନଙ୍କ ଘରେ ପହଞ୍ଚି ବାଦ୍ୟ ବଜାଇ ପାରିଶ୍ରମିକ ସ୍ୱରୂପ ଟଙ୍କା, ଚାଉଳ ଓ ଲୁଗାପଟା ନେଇ ମେଲାଣି ହୋଇଥାନ୍ତି ।

ସନ୍ଧ୍ୟା ହେଲେ ପାଖ ଆଦିବାସୀ ପଲ୍ଲୀରୁ ଭାସି ଆସୁଥାଏ ବିଭିନ୍ନ ବାଦ୍ୟର ମନଛୁଆଁ ସ୍ୱରଲହରୀ । ଯାହାକି, ମୋ ହୃଦୟ ତନ୍ତ୍ରୀକୁ ଝଙ୍କୃତ କରିଦେଉଥାଏ । ଏପରି ମଧୁର ରାଗିଣୀ ତୋଳୁଥିବା ବାଦ୍ୟସବୁ କିଏ ଓ କିପରି ନିର୍ମାଣ କରନ୍ତି ଜାଣିବାକୁ ମୋ ମନରେ ପ୍ରବଳ କୌତୁହଳ ବଢ଼ିଲା । ଭାବିଲି, ସେହି ବାଦ୍ୟକାରମାନଙ୍କ ପାଖକୁ ଯାଇ ସେମାନଙ୍କ ସହ କଥାବାର୍ତ୍ତା କରି କିଛି ତଥ୍ୟ ହାସଲ କରିବି ।

ଦିନେ ସନ୍ଧ୍ୟାରେ ବାଦ୍ୟର ସ୍ୱରଧ୍ୱନିକୁ ଅନୁସରଣ କରି ବାଦ୍ୟକାରଙ୍କ ଗାଆଁରେ ପହଞ୍ଚିଗଲି । ଗାଆଁଟି ବେଶୀ ଦୂର ନୁହେଁ । ମାତ୍ର ତିନିକିଲୋମିଟର । ଗାଆଁଟିର ନାଆଁ ଡିସାରଗୁଡ଼ା । ଅତୀତରେ ଏହି ଗାଆଁରେ ବହୁ ସଂଖ୍ୟାରେ ଡିସାରୀ (ଆଦିବାସୀଙ୍କ ପୁରୋହିତ) ମାନେ ରହୁଥିବାରୁ ଏହାର ନାମକରଣ 'ଡିସାରୀଗୁଡ଼ା' ହୋଇଛି । ଗାଁ ଭିତର ପ୍ରବେଶ କରି ଦେଖିଲି ଯେ ମଝିଦାଣ୍ଡରେ ଟ୍ରେନ୍ ପରି ଧାଡ଼ିବାନ୍ଧି ବାଦ୍ୟର ତାଳେ ତାଳେ ନୃତ୍ୟରେ ମାତିଛନ୍ତି ପ୍ରାୟ ପଚାଶ ପାଖାପାଖି ସ୍ତ୍ରୀ ପୁରୁଷ । ଗାଆଁର ମଝିଦାଣ୍ଡରେ ଗୋଟିଏ କୋଣରେ ଥିବା ଏକ ବଡ଼ପଥର ଉପରେ ଯାଇ ବସିଲି । ସେଠାରେ କିଛି ବୟସ୍କଲୋକ ବସି ନୃତ୍ୟଗୀତର ମଜା ନେଉଥିଲେ । ମୁଁ ମନ୍ତ୍ରମୁଗ୍ଧ ହୋଇ ନୃତ୍ୟଗୀତକୁ ଉପଭୋଗ କରୁଥାଏ । ଭଲ ଭାବେ ନିରୀକ୍ଷଣ କରୁଥାଏ ବାଦ୍ୟ ବାଦନକୁ କିପରି ରଖାଯାଉଛି । ଏହି ସମୟରେ ଗାଆଁର ମୁଖିଆ ସଦା ଭୂମିଆ ଆସି ମୋ ପାଖରେ ବସିଲେ । ମୋତେ ଦେଖି 'ଜୁହାର ଆଜ୍ଞା' କହି ସମ୍ମାନ ଜଣାଇଲେ । ମୁଁ ଜୁହାର ଟିଏ କଲି । ସେ ମୋତେ ଦେଖି ପଚାରିଲେ, "ଆଜି କେନ୍ତାର୍ ବାବୁ, ଆମର୍ ଗାଉଁ କେ ଆସିଲ ଅଚୁ ।" ମୁଁ କହିଲି, "ଏଇମିତି ନାଚଗୀତ ଦେଖିବାକୁ ଚାଲି ଆସିଲି ।" "ହଉ, ଭଲ କଲୁ ବାବୁ" ବୋଲି କହି ସେ ଖୁସି ହେଲେ ।

ସଦା ଭୂମିଆଙ୍କ ବୟସ ସତୁରୀ ପାଖାପାଖି । ସେ ଗାଆଁର ନାୟକ (ମୁଖିଆ) । ଭୂମିଆ ସଂପ୍ରଦାୟଙ୍କ ଜଣାଶୁଣା ବ୍ୟକ୍ତି । ମୁଁ ତାଙ୍କୁ ତାଙ୍କର ଧାଙ୍ଗଡ଼ା (ଯୁବକ) ବେଳର କଥା ପଚାରିଲି । ସେତେବେଳର ନାଚଗୀତ ଓ ଏବର ନାଚଗୀତ କଥା । ସେ ଅନର୍ଗଳ କହିଚାଲିଲେ । ସେ କହୁଥିଲେ ତାଙ୍କ ଯୁବକ ଅବସ୍ଥାରେ ବହୁତ ନାଚଗୀତ ହେଉଥିଲା । ସେ ନାଚଗୀତରେ ପାରଙ୍ଗମ ଥିଲେ । ସେ ନାଚଗୀତରେ ତାଙ୍କ ମାଇଜିକୁ ଉଦ୍‌ଲିଆ ନେଇ ବିବାହ କରିଥିଲେ । ମୁଁ ପଚାରିଲି, "ଏବେ ନାଚଗୀତ ଓ ବାଦ୍ୟ ବାଜଣା ପୂର୍ବ ପରି ହେଉନି କି ?" ସେ କହିଲେ, "ନାଇଁ ବାବୁ, ଏବେ ବହୁତ କମି ଗଲାଣି । ପୂର୍ବେ ସବୁ ସମୟରେ ନାଚଗୀତ ହେଉଥିଲା । ଗାଆଁ ଗାଆଁରେ ମହୁରିଆ ଦଳ ଥିଲେ । ଏବେ ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ମୋବାଇଲ, ସି.ଡି, ଟିଭି ଓ ଫିଲ୍ମରେ ମାତିଲେଣି । ନୂଆ ମହୁରିଆ ଦଳ ସୃଷ୍ଟି ହେଉ ନାହାଁନ୍ତି । ସେମାନଙ୍କ ପିଲାମାନେ ବାଜା ବଜାଇବାକୁ ଲଜ୍ଜାବୋଧ କରୁଛନ୍ତି । ଏବେ ନାଚଗୀତ ଓ ବାଜା କମି କମି ଆସିଲାଣି ।" ମୁଁ ପଚାରିଲି, "ଏ ନାଚର ନାମ କଣ ?" ସେ କହିଲେ, "ଏ ନାଚ 'ଢେମ୍‌ସା ନାଚ'ବାବୁ । ଏ ନାଚ ଆମର ସବୁ ଯାତରା ପରବର ନାଚ । ଆମର ଆଦିବାସୀ ଲୋକ କଥା କହିଲେ ଗୀତ ଓ ଚାଲିଲେ ନାଚ । ସମସ୍ତେ ନାଚିବା ଓ ଗୀତ ଗାଇବା ଜାଣିଥାନ୍ତି ।"

ଆଦିବାସୀମାନଙ୍କ ନୃତ୍ୟ, ଗୀତ ଓ ବାଦ୍ୟ ତଥାକଥିତ ଆଧୁନିକ ନୃତ୍ୟଗୀତ ଠାରୁ କୌଣସି ଗୁଣରେ କମ୍ ନୁହେଁ । ସମାନ ତାଳ, ଲୟ ଓ ମାନରେ ବାଦ୍ୟର ତଳେ ତାଳେ ସମାନ ପଦପାଦ ଓ ଅଙ୍ଗଭଙ୍ଗୀ । ମୁଁ ଦେଖୁଥିଲି ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ସ୍ତ୍ରୀ ପୁରୁଷ ବାହୁରେ ବାହୁ ଛନ୍ଦି ଘଣ୍ଟା ଘଣ୍ଟା ଧରି ନୃତ୍ୟରେ ମଜ୍ଜି ରହିଛନ୍ତି । କ୍ଳାନ୍ତି ନାହିଁକି ଅବସାଦ ନାହିଁ । ପୁଣି ନୃତ୍ୟ ମଝିରେ ଯିଏ ଇଚ୍ଛା କରେ ଜଣ ଜଣ କରି ଯୋଗ ଦେଉଥାନ୍ତି । ଏଇଠି ଦର୍ଶକ ଓ କଳାକାର ଏକ ଓ ଅଭିନ୍ନ । ସଦାଭୂମିଆଙ୍କୁ ପଚାରିଲି



"କେତେ ରାତି ପର୍ଯ୍ୟନ୍ତ ଏଇମିତି ନାଚଗୀତ ଚାଲିବ ?" ସେ କହିଲେ, "ରାତି ଅଧଯାଏଁ ବାବୁ ।" ମୋ ମନରେ ଯେଉଁ ପ୍ରଶ୍ନ ଉଙ୍କି ମାରୁଥିଲା ସେସବୁ ପଚାରିବା ପାଇଁ ପ୍ରସ୍ତୁତ ହେଲି । ମୁଁ ପଚାରିଲି "ଏଇ ନୃତ୍ୟରେ ଯେଉଁ ଚାରୋଟି ବାଦ୍ୟ ବାଜୁଛି ସେ ସମ୍ପର୍କରେ ମୁଁ ଜାଣିବାକୁ ଚାହୁଁଛି ।" ସଦା ଭୂମିଆ କହିଲେ, "ବାବୁ, ମୁଁ ନାଚ ବିଷୟରେ କେବଳ କହି ପାରିବି । ବାଦ୍ୟ କଥା ବାଇଦ କାରିଆ (ବାଦ୍ୟକାର)ମାନେ କହିବେ । ତୁ କାଲିକି ସଞ୍ଜବେଳେ ବେଲାବେଲି (ଶୀଘ୍ର) ଆସେ ମୁଁ ସେମାନଙ୍କ ସହ ଭେଟ କରିଦେବି । ଏବେ ବାଇଦ କାରିଆମାନେ ବଜାଇବାରେ ବ୍ୟସ୍ତ ।" ମୁଁ କାଲିକି ନିଶ୍ଚୟ ଆସିବି କହି ଘରକୁ ଫେରିବାକୁ ବାହାରିଲି । ଏଇ ନୃତ୍ୟର ମନଲୋଭା ଛନ୍ଦ ଓ ବାଦ୍ୟର ମଧୁର ନାଦ ମୋତେ ପଛକୁ ଟାଣି ନେଉଥିଲା ।

ଘରେ ପହଞ୍ଚିବା ବେଳକୁ ରାତି ଦଶଟା । ରାତି ଗୋଟିଏ ଯାଏଁ ବାଦ୍ୟ ବନ୍ଦ ହେଲାନାହିଁ । ମୋତେ ନିଦ ଆସୁ ନଥିଲା । ମୋ କାନରେ ଅନୁରଣିତ ହେଉଥିଲା ବାଦ୍ୟର ମୂର୍ଚ୍ଛନା ଓ ଆଖି ଆଗରେ ଆଖିରେ ନାଚି ଉଠୁଥିଲା ସେହି ନୃତ୍ୟର ଚପଳ ଛନ୍ଦ ।

ତା'ପରଦିନ ସଂଧ୍ୟା ପାଞ୍ଚଟା ବେଳେ ଯାଇ ବାଦ୍ୟକାରଙ୍କ ଗାଆଁରେ ପହଞ୍ଚିଲି । ଗାଆଁ ମୁଖିଆ ସଦାଭୂମିଆ ମୋତେ ଅପେକ୍ଷା କରିଥିଲେ । ସେ ମୋତେ ବାଦ୍ୟକାରମାନଙ୍କ ସାହିକୁ ନେଇଗଲେ । ଆମେ ଏକ ନୂଆଣିଆ ଚାଳଘର ପାଖରେ ପହଞ୍ଚିଲୁ । ସେଇ ଭଙ୍ଗା କୁଡ଼ିଆରେ ଦିନରେ ସୂର୍ଯ୍ୟ ଓ ରାତ୍ରିରେ ଚନ୍ଦ୍ରଙ୍କ କିରଣ ପଡୁଥିବା ଅନୁମାନ କଲି । ଦାରିଦ୍ର୍ୟର ସ୍ପଷ୍ଟ ଚିତ୍ର ବାରିହୋଇ ପଡୁଥିଲା । ସଦା ଭୂମିଆ ମୋତେ କହିଲେ, "ଇଟାବାବୁ ଆମର ମଇରାର ଘର । ଆମ ଅଞ୍ଚଳର ଇଏ ବଡ଼ ମଇରା । ଇଏ ଇମିତି ମଇରୀ ପୁକ୍‌ସି ଯେ ଧାଙ୍ଗଡ଼ାଧାଙ୍ଗଡ଼ୀ ମନ୍ ତେରେ ପେଟେ ଅଇଯିବାଏ ଆରି ଲକ୍‌ମନ୍‌କେ ଦେବୀ ଦେବତା ଡସେଇ ଦେଇସି । ଆର୍ ନାଭ ସମରଥ ମଇରିଆ । ଆରେ ସମରଥ ଆଉ କାଇ, ବାବୁ ଆସ୍‌ଲା ଆଚେ' ବୋଲି ଡାକ ପକାଇଲା । ଡାକ ଶୁଣି ସମରଥ ମହୁଆ ଘରୁ ପଦାକୁ ବାହାରିଲା । ମୋତେ ଜୁହାରଟିଏ କଲା । ମୁଁ ବି ଜୁହାର କଲି । ସେ ତା ସ୍ତ୍ରୀକୁ ଗୋଟିଏ ତାଟି ଆଣିବା ପାଇଁ କହିଲା । ତା' ସ୍ତ୍ରୀ ଗୋଟିଏ ତାଟି (ବାଉଁଶର ସପ) ଆଣି ତା'ର ପିଣ୍ଡାରେ ପକାଇଲା । ଆମେ ତା' ଉପରେ ବସିଲୁ । ଏଥର ମୋ ପ୍ରଶ୍ନ ପଚାରିବା ଆରମ୍ଭ କରିଦେଲି ।

ମୁଁ ମହୁରିଆକୁ ପଚାରିଲି, "ତୁମେ କେତେ ବର୍ଷ ହେଲା ମହୁରୀ ବଜାଉଛନ୍ତି । ସେ କହିଲେ "ମୋତେ ଏବେ ତିନିକୋଡ଼ି ବରଷ (ଷାଠିଏ) ହେଲାଣି, ମୁଁ ଧାଙ୍ଗଡ଼ାବେଲୁ ମହୁରୀ ବଜାଉଛି । ଆମର ଆନିଦାଦି ବେଲୁ ମହୁରୀ ବଜାଇବା ଆମର କାମ । ମୁଁ ପଚାରିଲି, "ତୁମେ କାହାଠୁ ଶିଖିଲ ?" ସେ କହିଲେ, "ମୋ ବାପାଙ୍କ ଠାରୁ ଶିଖିଛି ।" ସେମାନଙ୍କ କୌଳିକ ବୃତ୍ତି ମହୁରୀ ବଜାଇବା ହେତୁ ସେମାନଙ୍କର ସାଙ୍ଗ୍ନା 'ମହୁରିଆ' ହୋଇଛି । ମୁଁ ତାଙ୍କୁ ପ୍ରଶ୍ନ କଲି, "ମହୁରୀକୁ କେମିତି ତିଆରି କର ?" ସେ କହିଲେ, "ମହୁରୀଟି ତିନିଭାଗ ହୋଇଥାଏ । ମୁଖ ବା କାହାଳୀ, ମଝିନଳୀ ଓ ବଜାଇବା ନଳୀ ବା ପିକ । ସ୍ଥାନୀୟ କଂସାରୀ ଠାରୁ ପିତଳର ମୁଖ ବା କାହାଳୀଟି କରିଆଣି ଏଥିରେ କେନ୍ଦୁକାଠର କୁନ୍ଦ ହୋଇଥିବା ନଳୀଟିଏ ଅଠାଦ୍ୱାରା ସଂଯୋଗ କରାଯାଏ । ଏହି ନଳୀ ଆଗରେ ତାଳପତ୍ରର ପିକ ବା ବଜାଇବା ନଳୀ ସଂଯୁକ୍ତ କରାଯାଏ । ଏହାର ମଧ୍ୟ ନଳୀ ଉପରେ ଛଅଗୋଟି ରନ୍ଧ୍ର ଓ ବାଦନ ନଳୀରେ ଗୋଟିଏ, ଏହିପରି ମୋଟ ସାତଗୋଟି ରନ୍ଧ୍ର କରାଯାଏ । ଏହାର ପିକଟିକୁ ପାଟିରେ ପୁରାଇ ପ୍ରଶ୍ୱାସ ଦ୍ୱାରା ଫୁଙ୍କି ଏହାକୁ ବାଦନ କରାଯାଏ । ରନ୍ଧ୍ର ଉପରେ ଆବଶ୍ୟକତା ଅନୁଯାୟୀ ଅଙ୍ଗୁଳି ଚାଳନା କରି ସ୍ୱର ବୈଚିତ୍ର୍ୟ ସୃଷ୍ଟି କରାଯାଏ ।"

ମହୁରୀର ସ୍ୱରରାଗିଣୀ ଅତ୍ୟନ୍ତ ମନୋମୁଗ୍ଧକର ଓ ଉପଭୋଗ୍ୟ । ଏହାକୁ ମଙ୍ଗଳ ବାଦ୍ୟ ଭାବେ ଓଡ଼ିଶା ସମେତ ଭାରତର ବିଭିନ୍ନ ପ୍ରାନ୍ତରେ ବାଦନ କରାଯାଏ । କୋରାପୁଟର ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ପ୍ରମୁଖ ନୃତ୍ୟ ଢେମ୍‌ସାରେ ସର୍ବ ପ୍ରଥମେ ମହୁରିଆ ସ୍ୱର ତୋଳିଥାଏ । ଏହାରି ସ୍ୱରକୁ ଅନୁସରଣ କରି ଅନ୍ୟ ତିନୋଟି ବାଦ୍ୟ, ଯଥା: ଢୋଲ,ଟମକ ଓ ଟିଡ଼ିବିଡ଼ି ବାଦନ କରାଯାଏ । ନୃତ୍ୟର ତାଳ, ମାନ ଓ ଲୟକୁ ମହୁରୀ ହିଁ ନିୟନ୍ତ୍ରଣ କରିଥାଏ । ଏଥିପାଇଁ ଏହି ନୃତ୍ୟରେ ମହୁରିଆକୁ ନୃତ୍ୟ ଓ ସଂଗୀତ ପରିଚାଳକ ମାନ୍ୟତା ପ୍ରଦାନ କରାଯାଇଥାଏ । ଢେମ୍‌ସା ନୃତ ବ୍ୟତୀତ ଦାଣ୍ଡାହୁଲିଆ, କିକ୍‌ରୀ, ଝଡ଼ରା, ଛେର୍ ଛେରା ପ୍ରଭୃତି ନୃତ୍ୟରେ ଅନ୍ୟାନ୍ୟ ବାଦ୍ୟ ସହ ମହୁରୀ ମୁଖ୍ୟବାଦ୍ୟ ଭାବେ ବାଦନ କରାଯାଏ ।

ମହୁରିଆଙ୍କ ସହ ମୋର କଥାବାର୍ତ୍ତା ବେଳେ ଖବର ପାଇ ନିଜନିଜ ବାଦ୍ୟ ସହ ଢୋଲିଆ, ଟମକିଆ ଓ ଟିଡ଼ିବିଡ଼ିଆ ଆସି ସେଠାରେ ପହଞ୍ଚି ଯାଇଥାନ୍ତି । ମୁଁ ଢୋଲିଆ ଜଗନ୍ନାଥ ହରିଜନଙ୍କୁ ଢୋଲର ତିଆରି ଓ ବଜାଇବା ପଦ୍ଧତି ସମ୍ପର୍କରେ ପଚାରିଲି । ସେ ମୋତେ ଅତି ସରଳ ଭାବେ ଢୋଲ ସମ୍ପର୍କରେ ବୁଝାଇ ଦେଲେ । ବିଭିନ୍ନ ଆଦିବାସୀଙ୍କ ଢୋଲର ଆକାର, ଗଠନ ଓ ବାଦନ ରୀତି ଭିନ୍ନଭିନ୍ନ । ସେ ଯେଉଁ ଢୋଲ ବାଦନ କରିଥାନ୍ତି ତାହା ଢେମ୍‌ସା ନୃତ୍ୟ ଓ ଅନ୍ୟାନ୍ୟ ଉତ୍ସବାନୁଷ୍ଠାନରେ ଅନ୍ୟତମ ମୁଖ୍ୟ ବାଦ୍ୟଯନ୍ତ୍ର ଭାବେ ବ୍ୟବହୃତ । ଏହି ଢୋଲର ଲମ୍ବ ୧୬ ଇଞ୍ଚ, ଗୋଲେଇ ୪୫ ଇଞ୍ଚ ଏବଂ ଡାହାଣ ପୁଡ଼ାର ବ୍ୟାସ ୧୨ ଇଞ୍ଚ ଓ ବାମ ପୁଡ଼ାର ବ୍ୟାସ ୧୦ ଇଞ୍ଚ ରହିଥାଏ । ଏହାର ଖୋଳଟି ମୁଖ୍ୟତଃ ଗମ୍ଭାରୀ, ଶାଳ, ପିଆଶାଳ, ରକ୍ତଚନ୍ଦନ କାଠରେ ତିଆରି ହୋଇଥାଏ । କାଠଗଣ୍ଡିର ଭିତର ପଟୁ ଚାଞ୍ଛି ମସୃଣ କରାଯାଏ । ଏହାର ବାମପୁଡ଼ାକୁ ଗୋଚର୍ମ ଓ ଡାହାଣ ପୁଡ଼ାକୁ ଛାଗ ଚର୍ମରେ ଛାଉଣି କରାଯାଏ । ବାଦକ ଏହାକୁ କାନ୍ଧରେ ଝୁଲାଇ କିମ୍ବା ଭୂମିରେ ରଖି ବାମ ପୁଡ଼ାକୁ ଏକ ମୋଟା କାଠିଦ୍ୱାରା ଓ ଡାହାଣ ପୁଡ଼ାକୁ ହାତ ପାପୁଲିରେ ଆଘାତ କରି ବାଦନ କରିଥାନ୍ତି । ଏଥିରୁ ଧିମ୍ ତା ଧିମ୍ ଧିମ୍‌ତା ଧିମ୍- ଗୁରୁଗମ୍ଭୀର ନାଦ ସୃଷ୍ଟି ହୋଇଥାଏ । ନୃତ୍ୟକୁ ଅଧିକ ଛନ୍ଦୋମୟ ଓ ରସାଣିତ କରିବାରେ ଢୋଲର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଏହା ବାଦ୍ୟର ରାଜା ବୋଲି ଢୋଲିଆଙ୍କ ମତ । ଢୋଲ ବି ଆଦିବାସୀ ନୃତ୍ୟ ହେଉ ଓ ଅନ୍ୟାନ୍ୟ ଉତ୍ସବର ବାଦ୍ୟ ବାଜଣା ପାଣିଚିଆ ଲାଗେ ବୋଲି ଢୋଲିଆ ଜଗନ୍ନାଥ ହରିଜନ ମତ ଦିଅନ୍ତି ।

ଏମାନଙ୍କ ଅନ୍ୟ ଏକ ଓସାରିଆ ବଡ଼ ଆକାରର ବାଦ୍ୟ ହେଲା ଟମକ । ଏହି ବାଦ୍ୟଟିର ପ୍ରାଚୀନ ନାମ ଧୁମ୍‌ସା । ମୋ ପାଖରେ ବସିଥିବା କୁଶ ହରିଜନ, ଟମକିଆଙ୍କୁ ଏ ବାଦ୍ୟ ସମ୍ପର୍କରେ ପଚାରି ବୁଝିଲି ଯେ ଏହାର ଖୋଳ ଏକ ଓସାରିଆ ମାଟିପାତ୍ର । ଏହି ଖୋଳକୁ ସ୍ଥାନୀୟ କୁମ୍ଭାରମାନେ ହାଣ୍ଡି ଗଢ଼ିବା ପଦ୍ଧତିରେ ନିଆଁରେ ପୋଡ଼ି ତିଆରି କରନ୍ତି । ଏହି ଖୋଳକୁ ବାଦ୍ୟକାରମାନେ କିଣି ଏହାର ମୁଖରେ ଗୋଚର୍ମର ଛାଉଣି କରନ୍ତି । ଏହାର ନିମ୍ନରୁ ଉର୍ଦ୍ଧ୍ୱକୁ ସରୁ ଚମଡ଼ା ଦଉଡ଼ିରେ ଶକ୍ତ ଭାବେ ବନ୍ଧନ କରାଯାଏ । ଚମଡ଼ାର ମଧ୍ୟ ଭାଗରେ ରାଶି ପିଡ଼ିଆକୁ ଜଡ଼ା ତେଲରେ ପାକ କରି ଗୋଲାକାର ଭାବେ ପ୍ରଲେପ ଦିଅନ୍ତି । ଏହାକୁ





ସ୍ଥାନୀୟ ଭାଷାରେ 'ଖରଲି' କହନ୍ତି । ଏହି ମାଟି ପାତ୍ରର ନିମ୍ନଭାଗରେ ବାୟୁ ପ୍ରବେଶ ନିମନ୍ତେ ଏକ ଛୋଟିଆ ଛିଦ୍ର କରା ଯାଇଥାଏ । ଏହାଫଳରେ ଦୁଇଖଣ୍ଡ ମୋଟା ରବର ଦଣ୍ଡ ଦ୍ୱାରା ଏହାକୁ ଜୋର୍‌ରେ ଆଘାତ କଲେ ମଧ୍ୟ ଏହା ଫାଟିଯିବାର ସମ୍ଭାବନା ନଥାଏ । ଏହି ଏକମୁଖୀ ଓସାରିଆ ଆନନ୍ଦ ବାଦ୍ୟଟିର ଗୋଲେଇ ୪୮ ଇଞ୍ଚ୍ ଓ ଚମଡ଼ା ଛାଉଣିର ବ୍ୟାସ ୧୪ଇଞ୍ଚ ଓ ଏହାର ଉଚ୍ଚତା ୧୨ ଇଞ୍ଚ ଅଟେ । ଏହି ବାଦ୍ୟଟିକୁ କାନ୍ଧରେ ଝୁଲାଇ କିମ୍ବା ଭୂମିରେ ରଖି ବାଦନ କରାଯାଏ । ଏହି ବାଦ୍ୟର ଧ୍ୱନି ଗୁରୁଗମ୍ଭୀର ହୋଇଥିବାରୁ ପୂର୍ବେ ଏହାକୁ ଯୁଦ୍ଧ ସମୟରେ ବାଦନ କରା ଯାଉଥିବା ବିଭିନ୍ନ କାବ୍ୟ ଓ ପୁରାଣରେ ଉଲ୍ଲେଖ ରହିଛି । ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ଡେଙ୍ଗୁରା ଦେବା ପାଇଁ ଯେଉଁ ବାଦ୍ୟଟି ବାଦନ କରାଯାଏ ତାହା ଏକ କ୍ଷୁଦ୍ର ଟମକ ମାତ୍ର ।

କୁଶ ହରିଜନଙ୍କୁ ପଚାରିଲି ଟମକକୁ ଏତେ ଜୋର୍‌ରେ ଦୁଇ ଖଣ୍ଡ ମୋଟା ରବର ଦଣ୍ଡ ଦ୍ୱାରା ବାଦନ କଲେ ମଧ୍ୟ ଏହାର ଖୋଳଟି କାହିଁକି ଫାଟେ ନାହିଁ । ସେ କହିଲେ, "ଏହା ମାଟିରେ ତିଆରି ଖୋଳ । ତିଆରି ବେଳେ କୁମ୍ଭାର ଯେଉଁ ମାଟି ବ୍ୟବହାର କରେ ସେଥିରେ ମନ୍ଦିର, ବିଭିନ୍ନ ଦେବସ୍ଥାନ, ହାଟ ଓ ସର୍ବସାଧାରଣ ସ୍ଥାନରୁ କିଛି ମାଟି ସଂଗ୍ରହ କରି ମିଶାଇ ଥାଏ । ଏହିସବୁ ମାଟି ପବିତ୍ର ହୋଇଥିବାରୁ ଏହାର ନାଦ ଗମ୍ଭୀର ଓ ବାଦ୍ୟଟି ଦୀର୍ଘସ୍ଥାୟୀ ହୋଇଥାଏ ।" କୁଟା ହରିଜନଙ୍କୁ ଧନ୍ୟବାଦ ଦେଇ କହିଲି, "ବାଃ ତୁମ୍ଭମାନଙ୍କ ବୁଦ୍ଧି ଓ ଜ୍ଞାନକୁ ମାନିବାକୁ ପଡ଼ିବ ।"

ଢେମ୍‌ସା ନୃତ୍ୟରେ ଯେଉଁ କ୍ଷୁଦ୍ର ବାଦ୍ୟଟି ଚମତ୍କାର ଧ୍ୱନି ସୃଷ୍ଟି କରିଥାଏ, ତାହା ହେଲା ଟିଡିବିଡ଼ି । ଏହି ବାଦ୍ୟଟି ବଜାଇ ଦେଇ ବୁନ୍ଦୁରା ବାରିକ, ଟିଡିବିଡ଼ି ବାଦକ କହିଲେ, "ବାବୁ ଏଇ ବାଦ୍ୟ ଟିଡିବିଡ଼ି ଟିଡିବିଡ଼ି ନାଦ ସୃଷ୍ଟି କରୁଥିବାରୁ ଏହାର ନାମ 'ଟିଡିବିଡ଼ି' ହୋଇଛି ।" ମୁଁ କିଛି ପଚାରିବା ଆଗରୁ ବୁଦୁରା କରିବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ । ମୁଁ ପଚାରିଲି, "ବୁନ୍ଦୁର ଏହି ବାଦ୍ୟଟିର ତିଆରି ଓ ବଜାଇବା ବିଷୟରେ କିଛି କହ । ସେ କହିଲା 'ବାବୁ,ଏହାର ଖୋଳ ଏକ ମୁହାଁ ଛୋଟିଆ ମାଟିପାତ୍ର । କୁମ୍ଭାର ଟମକର ଖୋଳ ମାଟିରେ ତିଆରି କଲାବେଳେ ଯେପରି ବିଭିନ୍ନ ପବିତ୍ର ସ୍ଥାନଗୁଡ଼ିକରୁ ମାଟି ଆଣି ଚକଟିଥାଏ । ସେହିପରି ସେ ଟିଡିବିଡ଼ିଟିକୁ ଗଢ଼ି ନିଆଁରେ ପୋଡ଼ିଥାଏ । ଏହି ସରା ପରି ମାଟିପାତ୍ରରେ ମଧ୍ୟ ଏକ କ୍ଷୁଦ୍ର ଛିଦ୍ର କରାଯାଏ । ଯାହାକି ବାୟୁ ପ୍ରବେଶ କରି ଏହାକୁ ଶକ୍ତ ରଖିଥାଏ । କୁମ୍ଭାର ଠାରୁ ଏହା ମାଟିର ଖୋଳଟି କିଣି ଏହାର ମୁଖରେ ଗୋଚର୍ମର ଛାଉଣି କରାଯାଏ । ସରୁ ଚର୍ମ ଦଉଡ଼ିରେ ତଳୁ ଉପରକୁ ଶକ୍ତ ଭାବେ ବନ୍ଧନ କରାଯାଏ । ଏହାର ମୁଖର ବ୍ୟାସ ଏକ ଇଞ୍ଚ୍ ଓ ଗୋଲେଇ ୫ ଇଞ୍ଚ୍ । ଏହି ବାଦ୍ୟଟିକୁ ଦୁଇଖଣ୍ଡ ସରୁ କାଠି ସାହାଯ୍ୟରେ ବଜାଇଲେ ଏଥିରୁ ସୁମଧୁର ଧ୍ୱନି ସୃଷ୍ଟି ହୋଇଥାଏ । ଏହି ବାଦ୍ୟଟି ଆଦିବାସୀଙ୍କ ବିଭିନ୍ନ ପର୍ବପର୍ବାଣି ଓ ନୃତ୍ୟଗୀତରେ ଅନ୍ୟ ବାଦ୍ୟ ସହ ବାଦନ କାଯାଏ ।

ସମରଥ ମଜୁରିଆ ଓ ଅନ୍ୟ ବାଦ୍ୟକାରୀମାନେ ମୋତେ ପଚାରିଲେ, "ବାବୁ ଆମେ କୋରାପୁଟର ଦେଶିଆ ବାଦ୍ୟ ବିଷୟରେ ସବୁକଥା କହିଦେଲୁ । ଏବେ ତୋତେ ଆମେ ଗୋଟିଏ ବାକ୍‌ନା (ପଲା) ପଚାରିବୁ । ତୁ କହିପାରିବୁ କି ନାହିଁ ଦେଖିବା ।" ସେ ମୋତେ ପଚାରିଲା, "ଇଡ଼ିଇଡ଼ିଝିଟି ମୁଣ୍ଡେ ମୁଣ୍ଡେ ପାଉଚି, ସେଇ ଗିଆପ କାଉସି ମୋକେ ନିନ୍ଦା  ଦେଉସି । ଇଟା କାଇଟା ?" ମୁଁ ତାଙ୍କ ଭାଷା ବୁଝି ପାରୁଥିଲେ ବି ଏହି ଧନ୍ଦାର ଉତ୍ତର ଜାଣିନି । ମୁଁ କହିଲି, "ମୁଁ କହି ପାରିବିନି । ତୁମେ କହିଦିଅ ।" ସେ କହିଲା, "ଏହାର ଅର୍ଥ ଛୋଟିଆ ବାଦ୍ୟଟିର ମୁଣ୍ଡରେ ଦୁଇଟି କାଠିରେ ପାହାର ବାଜୁଛି, ଯାହା ଫଳରେ ସମଗ୍ର ଅଞ୍ଚଳ ତା'ର ଧ୍ୱନିରେ ପ୍ରକମ୍ପିତ ହୋଇଯାଉଛି । ଏହାର ନାମ-ଟିଡିବିଡ଼ି ।"

ମହୁରୀକୁ ନେଇ ଅନ୍ୟ ଏକ ଧନ୍ଦା ମହୁରିଆ ପଚାରିଲେ । ଧନ୍ଦାଟି ହେଉଛି : "ଚୁମ୍ ଚାଟ୍ କଲେ କିର୍ କିର୍ କର୍‌ସି / ଦେସି ଚେଚ୍‌କି ବସାଇ ଦେଲେ ଚିମ୍‌ରା ଏଇସି ।"

(ଏହାର ଉତ୍ତର: ମହୁର)

ଅର୍ଥାତ୍ ମହୁରୀକୁ ଚୁଚୁମି ଫୁଙ୍କିଲେ କିର୍‌କିର୍ ଧ୍ୱନି ସୃଷ୍ଟି କରେ । ଏହାକୁ ଲଥ୍‌କିନା ଥୋଇ ଦେଲେ ତୁନି ହୋଇଯାଏ ।

ଆଉ ଗୋଟିଏ ମଜାଳିଆ ଧନ୍ଦା ମଜୁରିଆ ମୋତେ ପଚାରିଲେ । ଧନ୍ଦାଟି ହେଲା: "ତିନି ଭାଇ ମାରାପିଟା ଗୋଟେ ଭାଇ ବୁଜାବନା ।" (ଉତ୍ତର- ମହୁରୀ)

ଏହାର ଅର୍ଥ ପଚାରି ଯାହା ବୁଝିଲି, ତାହା ହେଲା: ଚାରୋଟି ମିଳିତ ବାଦ୍ୟ ମଧ୍ୟରୁ ଢୋଲ, ଟମକ, ଟିଡ଼ିବିଡ଼ି ଏ ତିନିଭାଇ ମରାପିଟା ହେଲା ବେଳେ ମହୁରୀଟି ଏମାନଙ୍କ ମଧ୍ୟରେ ସୁନ୍ଦର ଭାବେ ସ୍ୱର ତୋଳି ବୁଝାମଣା କରିଥାଏ । ମହୁରିଆ ଦଳ ଅଶିକ୍ଷିତ ଓ ନିରକ୍ଷର ହେଲେ ହେଁ ସେମାନଙ୍କ ସୃଜନଶୀଳତା, ପାଣ୍ଡିତ୍ୟ ଓ ପାରମ୍ପରିକ ଜ୍ଞାନ ମୋତେ ଅଭିଭୂତ କରିଥିଲା ।

ଆଉ କ'ଣ କଣ ବାଦ୍ୟ ତିଆରି କରନ୍ତି ବୋଲି ବାଦ୍ୟକାରମାନଙ୍କୁ ପଚାରିବାରୁ ସେମାନେ ଅନ୍ୟ କେତେକ ଚର୍ମଛାଉଣି ବାଦ୍ୟ ଯଥା: ଢାପୁ, ବାଲିଟମକ, ବାଲିଘୁମୁରା, ଦେବତା ବଡ଼ ଢୋଲ, ଡୁଡୁଙ୍ଗା, ସାରଙ୍ଗୀ ପ୍ରଭୃତି ତିଆରି କରନ୍ତି ବୋଲି କହିଥିଲେ । ସମରଥ ମହୁରିଆ କହିଲା, "ବାବୁ ଆଜି ଜବର୍ ବେଲ୍ ଅଇଲାନି, ଆରେ ଗେଟ୍ ଦିନ୍ ତୁଇ ଆସିଲେ, ଆମେ ସାଙ୍ଗିଦେବୁ । ଆଜି ତ ତୁଇ ଆମର୍ ଚାରଟି ବାଇଦ୍ 'ସାଜ୍' ବିଷୟରେ ତକେ କଇଦେଲୁ ।" ମୁଁ କହିଲି, "ନିଶ୍ଚୟ ଆଉ କେବେ ଆସିବି ।"

ବାଦ୍ୟକାରମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇ ମୁଁ ଘରକୁ ଫେରିଲି । ଅପରାହ୍ନ ୩ଟା ବାଜିଲାଣି । ଭୋକରେ ଆଉଟୁ ପାଉଟୁ ହେଲିଣି ।  ଘରକୁ  ଫେରିବା ବେଳେ ରାସ୍ତାରେ ଭାବୁଥିଲି ସତରେ ଏହି ଲୋକବାଦ୍ୟକାରମାନେ ବିଦ୍ୟାଳୟ ବାରଣ୍ଡା ନମାଡ଼ି ସେମାନଙ୍କ ପାରମ୍ପରିକ ଜ୍ଞାନ କୌଶଳରେ କେତେ ଯେ ସମୃଦ୍ଧ ଅନୁଭବ ବିନା ଜାଣିବା କଷ୍ଟକର । ଅବିଭକ୍ତ କୋରାପୁଟ  ଜିଲ୍ଲାର ଆଦିବାସୀ ଓ ଅଣ ଆଦିବାସୀମାନଙ୍କ ପୂଜାପାର୍ବଣ, ଉତ୍ସବାନୁଷ୍ଠାନ ଓ ନୃତ୍ୟଗୀତକୁ ଜୀବନ୍ତ ଓ ରଣପୂର୍ଣ୍ଣ କରିବାରେ ଏମାନଙ୍କ ଅବଦାନ ଅନନ୍ୟ । ଏମାନେ ଅର୍ଥ, ଯଶ କିମ୍ବା ପ୍ରତିଷ୍ଠାରେ ଲାଳସା ନରଖି ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ଶହଶହ ବର୍ଷ ଧରି ଏ ମାଟିର ନୃତ୍ୟ, ସଂଗୀତ ଓ ପାରମ୍ପରିକ ଜ୍ଞାନକୁ ବଞ୍ଚାଇ ରଖି ଆସିଛନ୍ତି । ଆଦିବାସୀଙ୍କ ନୃତ୍ୟ, ସଂଗୀତ ଓ ବାଦ୍ୟଯନ୍ତ୍ର ପ୍ରଭୃତିରେ ସାମାଜିକ ଉପାଦେୟତା ଓ ସାଂସ୍କୃତିକ ଉତ୍କର୍ଷକୁ ଅସ୍ୱୀକାର କରାଯାଇନପାରେ ।



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୧୫

# ଯଦି ପୋଲିସ ଖରାପ ବ୍ୟବହାର କରେ !



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ବେଳେବେଳେ ପୋଲିସଙ୍କ ପାଇଁ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି, ଯଥା: ବାଇକରେ ଯିବା ସମୟରେ ଟ୍ରାଫିକ୍ ପୋଲିସ ଅଟକାଇ ଦେଲେ କିମ୍ବା ବାଇକ୍‌ର ଚାବି ବାହାର କରି ନେଇଗଲେ ବା ଥାନାକୁ ଗଲେ ଥାନାରେ ଏଫ୍.ଆଇ.ଆର୍. ଗ୍ରହଣ ନକଲେ, ତେବେ କରିବେ କ'ଣ ?

- ପ୍ରଥମତଃ କୌଣସି ପୋଲିସଙ୍କ ଅଧିକାର ନାହିଁ ଯେକୌଣସି ନିର୍ଦ୍ଦେଶରେ ନାଗରିକଙ୍କୁ ହଇରାଣ କରିବେ । ଯଦି ଆପଣ ନିର୍ଦ୍ଦୋଷ ଏବଂ ପୋଲିସ ଆପଣଙ୍କୁ ହଇରାଣ କରିଥାନ୍ତି, ତେବେ ସେହି ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିପାରିବେ ।

- ଦ୍ୱିତୀୟତଃ, ଯଦି ଟ୍ରାଫିକ ପୋଲିସ ରାସ୍ତାରେ ଅଛନ୍ତି, ତାଙ୍କୁ ଯଦି ଲାଗୁଛି ବ୍ୟକ୍ତି ଜଣକ ଟ୍ରାଫିକ୍‌ର ନିୟମ ପାଳନ କରିନାହିଁ, ତେବେ ସେ ସେଠାରେ ଆପଣଙ୍କୁ ଅଟକାଇ ପାରିବେ ଏବଂ ଆପଣଙ୍କୁ ସମସ୍ତ ଡକ୍ୟୁମେଣ୍ଟ ମାଗିକି ତାଙ୍କ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିପାରିବେ ।

କିନ୍ତୁ ବାସ୍ତବରେ ପୋଲିସ୍ ଯଦି ଖରାପ ବ୍ୟବହାର କରେ ତେବେ କ'ଣ କରିବେ ?

**ତେବେ ଆସନ୍ତୁ ଜାଣିବା ଆପଣଙ୍କର ୫ଟି ଅଧିକାର ସମ୍ପର୍କରେ**

◆ମୋଟର ବାହନ ଅଧିନିୟମର ସେକ୍‌ସନ ୧୩୦ ଅନୁସାରେ କୌଣସି ସାର୍ବଜନୀନ ଜାଗା ଉପରେ ଡ୍ରେସ୍‌କୋର୍ଡ଼ ପିନ୍ଧିଥିବା ଟ୍ରାଫିକ୍ ଅଧିକାରୀଙ୍କ ମାଗିବାରେ ମୋଟର ଚାଳକଙ୍କୁ କାଗଜପତ୍ର ଦେଖାଇବାକୁ ପଡ଼ିବ, କିନ୍ତୁ କେବଳ ଦେଖାଇବାକୁ ହେବ, ଦେବାକୁ ପଡ଼ିବ ନାହିଁ ।

◆ଟ୍ରାଫିକ ପୋଲିସ୍ ଆପଣଙ୍କ ଗାଡ଼ିର ଚାବି ନେଇ ପାରିବେନି । ଯଦି ଆପଣଙ୍କ ଗାଡ଼ି ରାସ୍ତା କଡ଼ରେ ରହିଛି, ତେବେ ବି ଗାଡ଼ିକୁ ଉଠାଇ ନେଇ ପାରିବେନି, ଯେ ପର୍ଯ୍ୟନ୍ତ ଅପଣ ଗାଡ଼ି ଭିତରେ ଅଛନ୍ତି ।

◆କୌଣିସି ପୋଲିସ୍ କର୍ମଚାରୀ ଆପଣଙ୍କୁ ଶାରୀରିକ ରୂପରେ ନିର୍ଯ୍ୟାତନା ଦେଇ ପାରିବେ ନାହିଁ । ଯଦି ଏପରି ହୁଏ ତେବେ ଆପଣ ତାଙ୍କ ବିରୁଦ୍ଧରେ ସେହି ଥାନାରେ ଏଫ୍.ଆଇ.ଆର୍ ଦେଇପାରିବେ । ଯଦି ଥାନାରେ ଏପରି କରିବାକୁ ମନା କରନ୍ତି ତେବେ ଉଚ୍ଚ ଅଧିକାରୀଙ୍କ ପାଖରେ ଅଭିଯୋଗ କରି ପାରିବେ । ନଚେତ୍ ଆପଣ ଅନ୍‌ଲାଇନ୍ ପୋଲିସ ପୋର୍ଟାଲ୍‌କୁ ଯାଇ ଅଭିଯୋଗ କରିପାରିବେ । ତଥାପି ଯଦି ଆପଣଙ୍କ ସମସ୍ୟାର ସମାଧାନ ନହୁଏ, ଅନ୍ତିମରେ ଉକ୍ତ ଅଧିକାରୀଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ କରିପାରିବେ ।

◆ସିଆର୍‌ସିପି ଧାରା ୫୦(୧) ଅନୁଯାୟୀ ପୋଲିସ ଯଦି କୌଣସି ବ୍ୟକ୍ତିକୁ ଗିରଫ କରନ୍ତି ତେବେ ଗିରଫ କରିଥିବା ବ୍ୟକ୍ତିକୁ ତା'ର କାରଣ କହିବାକୁ ପଡ଼ିବ । ଗିରଫ ହୋଇଥିବା ବ୍ୟକ୍ତିର ଏହା ଜାଣିବାର ଅଧିକାର ଅଛି ।

◆ଯେତେବେଳେ ପୋଲିସ୍ ଗିରଫ କରିବାକୁ ଆସିବେ ସେତେବେଳେ ୟୁନିଫର୍ମ ରହିବା ଆବଶ୍ୟକ । ୟୁନିଫର୍ମରେ ନେମ୍‌ପ୍ଲେଟ୍ ହେବା ଜରୁରୀ, ନେମ୍‌ପ୍ଲେଟ୍‌ରେ ନାମ ସ୍ପଷ୍ଟ ଆସୁଥିବା ଦରକାର । ଯଦି ମହିଳାଙ୍କୁ ଗିରଫ କରିବେ ତେବେ ମହିଳା ପୋଲିସ ରହିବା ଆବଶ୍ୟକ ।

ସିଆରପିସି ଧାରା ୪୧(ବି) ଅନୁସାରେ ପୋଲିସଙ୍କୁ ଆରେଷ୍ଟ ମେମୋ ଅଥବା ଗିରଫଦାରୀର ବିବରଣୀ ପ୍ରସ୍ତୁତ କରିବାକୁ ହେବ । ଯେଉଁଥିରେ ଗିରଫଦାର କରୁଥିବା ପୋଲିସ ଅଧିକାରୀଙ୍କ ର୍‍ୟାଙ୍କ୍,ଗିରଫ କରିବା ସମୟ ସହ ପୋଲିସ ଅଧିକାରୀଙ୍କ ଅତିରିକ୍ତ ପ୍ରତ୍ୟକ୍ଷଦର୍ଶୀଙ୍କ ହସ୍ତାକ୍ଷର ମଧ୍ୟ ରହିବା ଦରକାର ।

ଲୋକଙ୍କ ମନରେ ଏକ ସାଧାରଣ ଭାବନା ରହିଯାଇଛି, ଯଦି କୌଣସି କନ୍‌ଷ୍ଟେବଲ ଆପଣଙ୍କ ସହ କୌଣସି ବ୍ୟବହାର ଖରାପ କରୁଛି ତେବେ ଏସ୍.ପି. କି ଡିଏସ୍‌ପି ନିଜ ଡିପାର୍ଟମେଣ୍ଟଙ୍କୁ ସମର୍ଥନ କରିବେ । ସେମାନେ କରିଥିବା ଅଭିଯୋଗକୁ କାର୍ଯ୍ୟକାରୀ କରିବେ ନାହିଁ । ତାହା ଭାବିବା ସମ୍ପୂର୍ଣ୍ଣ ଭୁଲ ।

ଯଦି ଆପଣଙ୍କ ଦୋଷ ନଥାଇ କୌଣସି ପୋଲିସ ଅଧିକାରୀ ଖରାପ ବ୍ୟବହାର କରୁଛି, କି ମାଡ଼ ମାରୁଛି ତେବେ ଆଜିର ସମୟ ଡିଜିଟାଲର ସମୟ, ସର୍ବପ୍ରଥମେ ଚେଷ୍ଟା କରନ୍ତୁ ସେସବୁର ପ୍ରମାଣ ଏକାଠି କରିବା ପାଇଁ, ଯଦି ଆପଣଙ୍କ ସହିତ ବନ୍ଧୁ ଅଛନ୍ତି ତେବେ ତାଙ୍କ ସହାୟତାରେ ଫଟୋ କିମ୍ବା ଭିଡ଼ିଓ ରେକର୍ଡ଼ିଂ ପାଇଁ ଚେଷ୍ଟା କରନ୍ତୁ । ନଚେତ୍ ସେହି ସ୍ଥାନରେ ଦେଖନ୍ତୁ ସିସିଟିଭି ଅଛି କି ନାହିଁ ସେ ଫୁଟେଜ୍ ମଧ୍ୟ ଆପଣଙ୍କ କାମରେ ଆସିବ । ଯଦି କୌଣସି ପ୍ରମାଣ ଏକାଠି କରିପାରୁ ନାହାଁନ୍ତି ତେବେ ନିଶ୍ଚିତ ହୋଇ ସମ୍ପୂର୍ଣ୍ଣ ଘଟଣାର ବିବରଣୀ ଲେଖନ୍ତୁ । ତାହାକୁ ଥାନାର ଅଧିକାରୀଙ୍କ ପାଖକୁ ସ୍ପିଡ୍ ପୋଷ୍ଟ କରିଦିଅନ୍ତୁ । ସେହି ଅଭିଯୋଗକୁ ଏସ୍‌ପି ଅଫିସ, ଡିଏସ୍‌ପି ଅଫିସ୍ ଏବଂ କମିଶନରଙ୍କ ପାଖକୁ ପଠାଇ ଦିଅନ୍ତୁ । ତା'ପରେ ଅଭିଯୋଗର ଯାଂଚ କରାଯିବ ।





# ମହିଳା ଭିତ୍ତିକ ଇ-ପତ୍ରିକା 'କୁମାରୀ' ଲୋକାର୍ପିତ





ବାଲେଶ୍ୱର:(ଆର୍‌ଏନ୍‌ବି) ସ୍ୱେଚ୍ଛାସେବୀ ସଙ୍ଗଠନ ଜ୍ଞାନଶ୍ରୀ ପକ୍ଷରୁ ସ୍ଥାନୀୟ ଜିଲ୍ଲା ନାରୀ ସଙ୍ଘ ପାଠାଗାର ପରିସରରେ ମାସିକ ମହିଳା ଭିତ୍ତିକ ଇ-ପତ୍ରିକାର ଶୁଭ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଂଯୋଜନାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମାସିକ ପାରିବାରିକ ପତ୍ରିକା 'ରେବତୀ'ର ସଂପାଦିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଜିର ଭାଷା ଓ ସାହିତ୍ୟ ମୁଖ୍ୟତଃ ବୟସ୍କ ଏବଂ ମଧ ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରେ ସୀମିତ ରହୁଥିବା ବେଳେ ଇ-ପତ୍ରିକା ସର୍ବଦା ମୋବାଇଲ୍‌ରେ ବ୍ୟସ୍ତ ରହୁଥିବା ଆଜିର ଯୁବପିଢି ମାନଙ୍କୁ ଭାଷା ଓ ସାହିତ୍ୟ ପ୍ରତି ରୁଚି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବରେ 'ପ୍ରତିଭାଶ୍ରୀ'ର ମୁଖ୍ୟ କବି ପ୍ରଶାନ୍ତ ଦାସ ଉପସ୍ଥିତ ରହି ଇ-ପତ୍ରିକାର ପ୍ରଶଂସା କରିବା ସହିତ ଇ-ପତ୍ରକା ସହଜରେ ବହୁ ପାଠକଙ୍କ ପାଖରେ ପହଞ୍ଚିବାର ଏକ ମାଧ୍ୟମ ଏବଂ ଏହାକୁ ନିରନ୍ତର ପ୍ରକାଶ କଲେ ଏହା ବହୁ ଲୋକଙ୍କ ପାଖରେ ପହଞ୍ଚିବା ସହିତ ପାଠକୀୟ ଆଦୃତି ଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୁବ କବି କ୍ଷୀରୋଦ ବିହାରୀ ବିଶ୍ୱାଳ ଯୋଗଦାନ କରି  ଆଜିର ଡିଜିଟାଲ୍ ଯୁଗରେ ଇ-ପତ୍ରିକା ଲେଖକ ଏବଂ ପାଠକଙ୍କ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପତ୍ରିକାର ଉପଦେଷ୍ଟା ଅଭିମନ୍ୟୁ କାନୁନ୍‌ଗୋ ଫକୀରମୋହନଙ୍କ ମାଟିରୁ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହିତ ଉନ୍ନତ ମାନର ଲେଖା ପ୍ରକାଶ କରିବାକୁ ମତବ୍ୟକ୍ତ କରଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କବି ସୁଧାକର ସେଠୀଙ୍କ ସଂଯୋଜନାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ କବି ଇନାୟତ ଅଲ୍ଲୀ ଖାନ ଏବଂ ନୃତ୍ୟାଙ୍ଗନା ରୋନାଲିସା ପାଣିଗ୍ରାହୀ ଅତିଥି ଭାବରେ ଯାଗଦାନ କରିଥିବା ବେଳେ କବି ପ୍ରଶାନ୍ତ ଦାସ,ଅଭିମନ୍ୟୁ କାନୁନ୍‌ଗୋ, ଇନାୟତ ଅଲ୍ଲି,ଉଷାରାଣୀ ଦାସ,ସସ୍ମିତା ସାହୁ,ତାନଶ୍ରୀ ପାଣିଗ୍ରାହୀ,କୃଷ୍ଣଚନ୍ଦ୍ର ସାହୁ,ରତ୍ନାକର ସିଂ,ସୁବାଷ ସ୍ୱାଇଁ,ପ୍ରବୀର କମିଲା,ସୁବ୍ରତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଂଗଠନର ଅନ୍ୟତମ ସଦସ୍ୟ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଦସ୍ୟ ଚିରନ୍ତନ ବାନାର୍ଜୀ, କୈଳାଶ ମଲ୍ଲିକ, ହିମାଂଶୁ ଜେନା,ସପନ ସିଂ,ଶିବ ଶଙ୍କର ମହାପାତ୍ର,ସ୍ୱସ୍ତିକ ମହାପାତ୍ର,ଚନ୍ଦନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଖବରକାଗଜ ବିତରକ ଚୈତନ୍ୟ ଲଗାଇଛନ୍ତି ୩୮ ହଜାର ବୃକ୍ଷ



ବାଲେଶ୍ୱର:(ପ୍ରତ୍ୟାଶା ନ୍ୟୁଜ୍) ନାମ ଚୈତନ୍ୟ ପ୍ରସାଦ ସାହୁ । ବୟସ ୪୮ । ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଖଣ୍ଡାହାର ଗାଁରେ ଘର । ଖବରକାଗଜ ତାଙ୍କୁ ରୋଜଗାର ଦେଉଥିବା ବେଳେ ବୃକ୍ଷରୋପଣ ଓ ସମାଜସେବା ତାଙ୍କୁ ଦେଇଛି ଭିନ୍ନ ପରିଚିତି । ଚୈତନ୍ୟ ତୃତୀୟ ଶ୍ରେଣୀରେ ପଢୁଥିବା ବେଳୁ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ଥିଲେ । ଏଯାବତ୍ ସେ ୩୮ ହଜାର ଗଛ ଲଗାଇ ସାରିଲେଣି । ଖାଲି ସେତିକି ନୁହେଁ ପଞ୍ଚପଡ଼ା ସେତୁ, ବାଲିଘାଟ ସେତୁ ନିର୍ମାଣ କ୍ଷେତ୍ରରେ ତାଙ୍କର ଅବଦାନ ମଧ୍ୟ ରହିଛି । ବର୍ତ୍ତମାନ ସମୟରେ ଚୈତନ୍ୟଙ୍କ ପ୍ରଚେଷ୍ଟାରେ ହଳଦୀପଦା ଷ୍ଟେସନରେ ପ୍ରାୟ ୪ଟି ଏକ୍ସପ୍ରେସ୍ ଓ ପାସେଞ୍ଜର୍ ଟ୍ରେନ୍ ରହଣି ସମ୍ଭବପର ହୋଇପାରିଛି । ଯାହା ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇପାରୁଛନ୍ତି । ତାଙ୍କ ପାଖକୁ ସହଯୋଗ ପାଇଁ ଆସୁଥିବା ଲୋକ କେବେ ନିରାଶ ହୋଇ ଫେରନ୍ତି ନାହିଁ । ତେବେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଚୈତନ୍ୟ ଦୀର୍ଘ ୨୯ ବର୍ଷ ଧରି ଖବରକାଗଜ ବିକ୍ରି କରୁଛନ୍ତି । ଖରା ହେଉ କି ବର୍ଷା ବା ଶୀତ, କିଛିକୁ ଖାତିର୍ ନକରି ପ୍ରତିଦିନ ସାଇକେଲ ଧରି ୫୦ କିଲୋମିଟର ଯାଆନ୍ତି ଚୈତନ୍ୟ । ସକାଳ ୫ଟାରୁ ଖବରକାଗଜ ବିକ୍ରି କରିବାକୁ ଯାଇ ମଧ୍ୟାହ୍ନ ୧୨ଟାରେ ଘରକୁ ଫେରନ୍ତି ସେ । ଏହି ଖବରକାଗଜ ବିକ୍ରିରୁ ଚଳେ ଚୈତନ୍ୟଙ୍କ ପରିବାର । ଚୈତନ୍ୟଙ୍କ ପରିବାର କହିଲେ, ପତ୍ନୀ, ପୁଅ ଓ ଝିଅ । ଝିଅ ପିଜି କରୁଥିବା ବେଳେ ପୁଅ ନବମ ଶ୍ରେଣୀରେ ପାଠ ପଢୁଛନ୍ତି । ଚୈତନ୍ୟ ତାଙ୍କ ଘରଠୁ ବାହାବଳପୁର ପର୍ଯ୍ୟନ୍ତ ରାସ୍ତାରେ ଗଛ ଲଗାଇବା ସହିତ ବିଭିନ୍ନ ରାସ୍ତା ତଥା ରାଜପଥ କଡ଼ରେ ଗଛ ଲଗାଇ ସେଗୁଡ଼ିକର ଯତ୍ନ ମଧ୍ୟ ନେଇଥାନ୍ତି । ସମାଜସେବା ଓ ବୃକ୍ଷରୋପଣ ପାଇଁ ଚୈତନ୍ୟଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମୁଳିଛି ପୁରସ୍କାର । " ମୁଁ ସବୁବେଳେ ସମାଜ ପାଇଁ କିଛି କରିବାକୁ ପ୍ରଚେଷ୍ଟା କରିଥାଏ, ଏବଂ ଏହା ଜୀବନସାରା ଜାରି ରହିବ", କହନ୍ତି ଚୈତନ୍ୟ ।

# ଆଭାଞ୍ଜଳି ଶତପଥୀଙ୍କ କବିତା ପୁସ୍ତକ 'ମଧୁର ମୂର୍ଚ୍ଛନା' ଉନ୍ମୋଚିତ



ଭୁବନେଶ୍ୱର:(ଆର୍‌ଏନ୍‌ବି)୨୭ ଜାନୁଆରି ସନ୍ଧ୍ୟାରେ ଡିଷ୍ଟ୍ରିକ୍ଟ ସେଣ୍ଟର ସ୍ଥିତଦି ଆକୋ ପରିସରରେ ଏକ ନିରାଡ଼ମ୍ବର ପରିବେଶରେ ଡକ୍ଟର ଆଭାଞ୍ଜଳି ଶତପଥୀଙ୍କର କବିତା ସଂକଳନ 'ମଧୁର ମୂର୍ଚ୍ଛନା' ଓ ଗଳ୍ପ ସଙ୍କଳନ 'ସମର୍ପଣ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରିଥିଲେ ବରିଷ୍ଠ ଲେଖକ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସାମିଲ ଥିଲେ ପ୍ରଖ୍ୟାତ ଗାଳ୍ପିକ ପ୍ରଦୋଷ ମିଶ୍ର, କୃପାସାଗର ସାହୁ ଓ କବି ଦୁର୍ଗାଚରଣ ଷଡ଼ଙ୍ଗୀ, କବି ଡକ୍ଟର ଅଶୋକ ମହାନ୍ତି । ଲେଖିକା ଶ୍ରୀମତୀ ମମତା ପଟ୍ଟନାୟକ ବହି ଦୁଇଟିର ସୁନ୍ଦର ଅନୁଶୀଳନ କରିଥିଲେ । ଶ୍ରୀ କୃପାସାଗର ସାହୁ ପ୍ରାରମ୍ଭିକ ଭାଷଣରେ ମତବ୍ୟକ୍ତ କରିଥିଲେ ଯେ ବହୁ ପଠନ, ବହୁ ଭ୍ରମଣ ଏବଂ ବହୁ ଲିଖନ ସୃଷ୍ଟିର ସଫଳତାର ଚାବିକାଠି । ଶ୍ରୀ ପ୍ରଦୋଷ ମିଶ୍ର ନିଜ ବକ୍ତବ୍ୟରେ କହିଲେ ଯେ ସାହିତ୍ୟ ମନୁଷ୍ୟକୁ ଚିରନ୍ତନ ଆନନ୍ଦ ଦିଏ । ଆମେ ସମସ୍ତେ ଜଣେ ଜଣେ କଳାକାର, କେତେକ ଏହାକୁ ପ୍ରକାଶ କରିପାରନ୍ତି ଏବଂ ଆଉ କେତେକ ସହୃଦୟତାର ସହ ଗ୍ରହଣ କରନ୍ତି- ଯାହା ଫଳରେ ସାହିତ୍ୟ ବଞ୍ଚିଛି । ଡକ୍ଟର ଆଭାଞ୍ଜଳି ଶଥପଥୀ ତାଙ୍କର ଗୋଟିଏ ମନୋଜ୍ଞ କବିତ ପାଠ କରିଥିଲେ । ପୁସ୍ତକ ଦୁଇଟିର ପ୍ରକାଶକ ସତ୍ୟମ ବୁକ ଏଜେନ୍ସିର ନୀଳଚକ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ପ୍ରଫୁଲ୍ଲ ସାହୁ, ବସନ୍ତ ମାଝି, ଯଶୋବନ୍ତ ସେଠୀ, ଉମାକାନ୍ତ ରାଉତ, ମନୋରମା ମିଶ୍ର, ଶଶାଙ୍କ ମିଶ୍ର, ଖ୍ରୀଷ୍ଟିଆନ୍ ମହାନନ୍ଦିଆ ଏବଂ ବାଙ୍କନିଧି ମହାରଣାଙ୍କ ସମେତ ଅନେକ ସାହିତ୍ୟିକ ଅଂଶ ଗ୍ରହଣ କରିଥିଲେ ।

# ସ୍ୱତନ୍ତ୍ର ସଚିବ ପାହ୍ୟାକୁ ନିହାର ରଞ୍ଜନ ଦାଶଙ୍କ ପଦୋନ୍ନତି



ବାଲେଶ୍ୱର: (ଆର୍‌ଏନ୍‌ବି) ଓଡ଼ିଶା ରାଜସ୍ୱ ପରିଷଦର ଅତିରିକ୍ତ ସଚିବ ତଥା ଆୟୁକ୍ତ ରୂପେ କାର୍ଯ୍ୟରତ ନିହାର ରଞ୍ଜନ ଦାଶଙ୍କୁ ରାଜ୍ୟସରକାର ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି କରିଛନ୍ତି । ସେ ଭବାନୀପାଟଣା ସହରସ୍ଥିତ ମନ୍ଦାରବଗିଚା ପଡ଼ାର ସ୍ୱର୍ଗତ ନାରାୟଣ ଦାଶ ଓ ହେମଲତା ଦାଶଙ୍କ ଜ୍ୟୋଷ୍ଠପୁତ୍ର ଅଟନ୍ତି । ବରିଷ୍ଠ ପ୍ରଶାସକ, ସାହିତ୍ୟିକ ଓ ସୁବକ୍ତା ଭାବରେ ସେ ବେଶ୍ ପରିଚିତ । ଏ ପର୍ଯ୍ୟନ୍ତ ଶ୍ରୀ ଦାଶଙ୍କ ୮ଟି ନାଟକ ଓ କବିତା ସଙ୍କଳନ ପ୍ରକାଶିତ ହୋଇଛି । ନିଜର ସାରସ୍ୱତ ସାଧନା ପାଇଁ ସେ ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ମଧ୍ୟ ହୋଇଛନ୍ତି । ଶ୍ରୀ ଦାଶଙ୍କ ପଦୋନ୍ନତି ନେଇ ସାହିତ୍ୟିକ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । 'ରେବତୀ' ପକ୍ଷରୁ ମଧ୍ୟ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ଜାତୀୟ ଶିଶୁକନ୍ୟା ଦିବସରେ ଚିତ୍ରଶିଳ୍ପୀ ଈପ୍‌ସିତାଙ୍କ ନିଆରା ବାର୍ତ୍ତା





ବାଲେଶ୍ୱର:(ପ୍ରତ୍ୟାଶା ନ୍ୟୁଜ୍) ୨୪ ଜାନୁଆରି ସୋମବାର ଦିନ ଜାତୀୟ କନ୍ୟା ଶିଶୁ ଦିବସ ଅବସରରେ କନ୍ୟା ଭୃଣ ହତ୍ୟା ବନ୍ଦ ନେଇ ନିଆରା ଢଙ୍ଗରେ ସଚେତନତା ସୃଷ୍ଟି କରିଛନ୍ତି ଚିତ୍ରଶିଳ୍ପୀ ଈପ୍‌ସିତା ଦେ । ବାଲେଶ୍ୱର ସହରର ମୋତିଗଞ୍ଜ ସ୍ଥିତ ବାରବାଟୀରେ ରହୁଥିବା ଈପ୍‌ସିତା ନିଜ ପାଦକୁ କାନ୍‌ଭାସ୍ କରି ସେଥିପାଇଁ ସେ ନିଜ ତୂଳୀ ମାଧ୍ୟମରେ ସମାଜକୁ ଏକ ବାର୍ତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରିଛନ୍ତି । ୪୫ମିନିଟ୍ ଭିତରେ ଈପ୍‌ସିତା ନିଜ ଦୁଇ ପାଦରେ ଆକ୍ରେଲିକ୍ ରଙ୍ଗ ବ୍ୟବହାର କରି ଜାତୀୟ କନ୍ୟା ଶିଶୁ ଦିବସ ପାଳନର ଯଥାର୍ଥତା ପ୍ରତିପାଦନ କରିବାକୁ ପ୍ରୟାସ କରିଛନ୍ତି । ଗୋଟିଏ ପାଦରେ ଘୁଙ୍ଗୁର ଓ ଅଳତା ଥିବା ବେଳେ ଅନ୍ୟ ଏକ ପାଦରେ କନ୍ୟା ଭୃଣ ହତ୍ୟା ବନ୍ଦର ସଙ୍କେତ ଆଙ୍କିଛନ୍ତି । ଅର୍ଥାତ୍ କନ୍ୟାକୁ ବଂଚିବାକୁ ପଡ଼ିବ ଏବଂ ନାଚିବାକୁ ପଡ଼ିବ । ଏପରି ଏକ ସଚେତନମୂଳକ ବାର୍ତ୍ତା ଦେଇ ଈପ୍‌ସିତା ଚର୍ଚ୍ଚାରେ ରହିଛନ୍ତି । ତେବେ ଈପ୍‌ସିତା ପୂର୍ବରୁ ପାଦକୁ କାନ୍‌ଭାସ୍ କରି ୭ରୁ ଅଧିକ ସଚେତନଧର୍ମୀ ଚିତ୍ର ଆଙ୍କି ସାରିଛନ୍ତି । ବାଲେଶ୍ୱର ନିବାସୀ ବିଶ୍ୱନାଥ ଦେ ଓ ପ୍ରତିଭା ରାଣୀଙ୍କ କନ୍ୟା ଈପ୍‌ସିତା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚିତ୍ରକଳା ବିଭାଗର ଛାତ୍ରୀ । ଈପ୍‌ସିତା ଜଣେ ଚିତ୍ରଶିଳ୍ପୀ ସାଙ୍ଗକୁ ଜଣେ ନୃତ୍ୟଶିଳ୍ପୀ ମଧ୍ୟ । ଯେଉଁଥିପାଇଁ ତାଙ୍କ ଚିତ୍ରରେ ନୃତ୍ୟର ଦୃଶ୍ୟ ମଧ୍ୟ ପ୍ରତିପାଦିତ ହୋଇଛି । ଈପ୍‌ସିତା ସବୁବେଳେ ଏପରି ନିଆରା ପ୍ରୟାସ କରି ପ୍ରଶଂସାର ପାତ୍ରୀ ହୋଇ ପାରିଛନ୍ତି ।


ଦ୍ୱି-ପୃଷ୍ଠଦ
ଆମ ମାଟିର ସ୍ୱର
ମଡେଲ୍ : ଏଲିନା ସିଂ, ବାରିପଦା
ଫଟୋଗ୍ରାଫି: ସୁବ୍ରତ କୁମାର ଦାସ, ସୂରଜ୍ କ୍ରିଏସନ, ବାରିପଦା
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ଶିକ୍ଷା : ଏମ୍.ସି.ଏ.
ବୃତ୍ତି : ଅଭିନୟ, ମଡେଲିଂ
ପ୍ରବୃତ୍ତି : ବୁଲାବୁଲି ଓ ନାଚ
କଷ୍ଟ୍ୟୁମ୍ : ଗୀତାମଣି ସିଂ
ମେକ୍ଅପ୍ : ଦୀପକ ଦାସ, ବାରିପଦା
ସ୍ଥାନ : ଲୁଲୁଙ୍ଗ୍, ବାରିପଦା

ଲେଣ୍ଡର

# ଫେବୃଆରୀ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

ଛୁଟିଦିନ

୦୫/୦୨/୨୦୨୨ : ସରସ୍ୱତୀ ପୂଜା
୧୬/୦୨/୨୦୨୨ : ଅଗ୍ନ୍ୟୁତ୍ସବ (ମାଘପୂର୍ଣ୍ଣିମା)

**ଜାନୁଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ଫେବୃଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

**ମାର୍ଚ୍ଚ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

**ଅପ୍ରେଲ୍**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ମଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

**ଜୁନ୍**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

**ଜୁଲାଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

**ଅଗଷ୍ଟ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

**ସେପ୍ଟେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

**ଅକ୍ଟୋବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ନଭେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

**ଡିସେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୧୨

## ପ୍ରଫୁଲ୍ଲ କୁମାର ମହାନ୍ତି

**(ଆମ୍ବ ବଗିଚାରେ କୃଷ୍ଣ-କୃଷ୍ଣା)**


ଅଧା ଛାଇ ଅଧା ପଳାତକ ଆଲୁଅରେ
ବିଶାଳ ଆମ୍ବଗଛ ଗହଳରେ
ପବନର ରୁଦ୍ଧ ଆବେଗରେ
ଅପେକ୍ଷମାଣ ଦ୍ରୌପଦୀ
ସାଜିଥିଲା ଅଭିସାର କୁଞ୍ଜ ଅନଭ୍ୟସ୍ତ ପୁଲକରେ
ପ୍ରହରୀଙ୍କୁ ଅଲଗା ରଖି ଏକାଏକା କାନନରେ
ପାଦଶବ୍ଦ ପାଇଁ ଉଲ୍ଲସିତ ଘାସଙ୍କର ମୁଗ୍ଧ ମହକରେ ।


କାହିଁକି ମନ ମୋର ବସାହୀନ ପକ୍ଷୀ ପରି
ଉଡ଼ି ଚାଲିଛି ଡାଳରୁ ଡାଳକୁ
ଥଳକୂଳ ହୀନ ମହାବିସ୍ତାରରେ
ସାଉଁଟିବା ପାଇଁ ହୀରାଫୁଲ
ମୁଁ କଣ ଭଲ ପାଇ ବସିଛି କୃଷ୍ଣଗୋପାଳକୁ !
ହଁ ବୋଧେ ତାହା ହିଁ ପ୍ରେମ ଯେତେବେଳେ
ଜଣାକୁ ଉପେକ୍ଷା କରି ମନ ଧାଏଁ ଅଜଣାକୁ
ମାଟି ପାଣି ଆକାଶର ସୀମା ଡେଇଁ
ଖୋଜିବାକୁ ଅଦେଖା ମଣ୍ଡଳର
ତାରକା ବଳୟକୁ ପାଇହୁଏ ନାହିଁ ଚିହ୍ନା ପରିଧିରେ ।
ଜାଣେନା କାହିଁକି କୃଷ୍ଣ ଆସିବେ ଶୁଣି
ହୃଦୟ ତନ୍ତ୍ରୀରେ ଉକୁଟିଲା ନୂଆ ରାଗ
ବିଳାସୀ ଆତ୍ମାର ମଧୁମଖା ଅନୁରାଗ
ଢେଉର ଜ୍ୟୋତ୍ସ୍ନା ପରି ଅଦେଖା ସମୁଦ୍ରରେ:
ହଁ ମୁଁ ଭଲପାଏ ଏଇ ଦିବ୍ୟ ପୁରୁଷକୁ
ମୁଁ ଭଲପାଏ ତାର କଥାର ଛନ୍ଦକୁ
ଆତ୍ମବିଶ୍ୱାସର ନିରୋଳ ଆଶ୍ୱାସରେ ଧ୍ୱନିତ ଆଖିକୁ
ମନ ବିସ୍ତାରକୁ ହସ ଇଙ୍ଗିତକୁ
ଜ୍ଞାନଗର୍ଭା ବାକ୍ୟର ଅମୂଲ୍ୟ ଗାମ୍ଭୀର୍ଯ୍ୟକୁ;
ଲାଗନ୍ତି ସେ ଆପଣାର ଯେମିତି ଗଛଲତା ମାଟିପାଣି
ମନେହୁଏ ସବୁ ମୋର ଦେହମନ କଥା
ଯେମିତି ଏ ବାସୁଦେବ ମୋର ମହାବିଶ୍ୱ
ମୋ ଆତ୍ମାର ବ୍ରହ୍ମବିନ୍ଦୁ ପ୍ରାଣଛୁଆଁ ଦ୍ୟୁତି
ଯେଉଁଠି ପାଇବି ମୁଁ ଜୀବନର ସବୁ ସତ୍ୟ
ତତ୍ତ୍ୱ ଲୀଳା ସଗୁଣ ନିର୍ଗୁଣ ନିତ୍ୟ ଅନିତ୍ୟ ।

କିନ୍ତୁ କଣ କହିବି ମୁଁ କେଉଁ ଭାଷା କି ଶବ୍ଦରେ
କଣ ବା ଅଛି ଅର୍ପଣ ଯୋଗ୍ୟ ମୋ ପାଖରେ
ଗୋପିକାର ରାସ ନା ରାଧାର ବିଶ୍ୱାସ
ମୁଁ ତ ଏକ ବିଶ୍ୱବିନ୍ଦୁ ଚାହେଁ ମହାକାଶ
ତେବେ କେମିତି କହିବି ଛାଡ଼ି ଦିଅ ସବୁ
ଦ୍ୱାରିକା ଆର୍ଯ୍ୟାବର୍ତ୍ତ ସ୍ଥାପତ୍ୟ ବିଭୂତି
ଦେଖାଛୁଆଁ ପୃଥିବୀର ନିର୍ମାଣ କଳନା
ଆମେ ଯିବା ପୂର୍ଣ୍ଣ ହୋଇ ଆଉ ଏକ ଶୂନ୍ୟକୁ !

ହେଃ- କଣ ମୁଁ ଭାବୁଛି ବସି
ବାସୁଦେବ ଧରିତ୍ରୀର ରକ୍ଷକ ପାଳକ
ତାଙ୍କ ପାଇଁ ଯମୁନା କୂଳ
ତମାଳ ବଣର ପ୍ରେମବଂଶୀ ସ୍ୱନ
ନୁହେଁ ସତ୍ୟ ଏକମାତ୍ର କର୍ତ୍ତବ୍ୟ ଜୀବନମନ୍ତ୍ର:
କହିବି ତଥାପି ଦିଅ ମତେ ଇଚ୍ଛା ଶକ୍ତି
ଗଢ଼ିବାର ମନ୍ତ୍ର ଆଉ ଅମୃତ ସପନ-
ଚଞ୍ଚଳ ହେଲେ ଗଛପକ୍ଷୀ
ପତ୍ରଙ୍କର ବଦଳିଲା ରଙ୍ଗ
ଖେଳିଗଲା ଚମକ ଘାସ ପବନରେ
ମୃଦୁ ଆଲୋଡ଼ନ ଶୁଣି ପ୍ରହରୀ ଜାଗ୍ରତ ହେଲେ
ଆଗେଇଲେ ଦ୍ରୌପଦୀ
ମୁଖେ ଭରି ଅରୁଣିମା ଛାତିରେ କମ୍ପନ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩





▲ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୁଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ଫୁରିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**



ଚିତ୍ର : ଶିଳ୍ପୀ ସରୋଜିନୀ ଶଙ୍ଖୁଆ

# ମହାଗାଥା

ହରପ୍ରସାଦ ଦାସ

ପାଖ ଛାଡ଼େନି ଦୁଃଖ,
ସେ ଯୁଆଡ଼େ ଯାଏ, ଯୋଉଠି ଥାଏ, ସବୁଠି
ପଡ଼େ ଦୁଃଖର ଛାୟା, ମନ୍ଦାଏ ଛଉ ହୋଇ
ସେ ଓହ୍ଲେଇ ଆସେ ଗାଲ ଉପରକୁ,
ମାଡ଼େ ମାଂସାଶୀ ଲଟା ଭଳି ଆଁ ମେଲାଇ,
ଲୋକଟା ମୁଣ୍ଡ ପିଟିଦିଏ ନିର୍ବିକାର ବିଶ୍ୱେଶ୍ୱରଙ୍କ ବୃଷଭର କୁଜ ଉପରେ,
ଜଳାଞ୍ଜଳି ଦିଏ ସୂର୍ଯ୍ୟଙ୍କୁ
ମାଜଣା କରେ ଉଗ୍ରତାରାଙ୍କର
ଜଗନ୍ନାଥ ହେ କହି ଲୋଟିପଡ଼େ ବଡ଼ଦାଣ୍ଡର ଧୂଳିରେ !
କିଏ ଯେମିତି କହେ ତାକୁ ଏ ନୁହେଁ ଏ ନୁହେଁ,
ଏ ତ ସୁଖର ଦେବତା,
ଦୁଃଖର ଦେବତା ଆଉ ଜଣେ କିଏ
ଆଉ ଜଣେ କିଏ ବି ଦେବତା ପୀଡ଼ାର !
ଦିନ ଗଡ଼େ, ପୀଡ଼ା ବଢ଼େ,
ବଢ଼ି ବଢ଼ି ଆବୋରିନିଏ ଜଳସ୍ଥଳ ଆକାଶ,
ବିକଳ ହୋଇ ସେ ଜାବୁଡ଼ି ଧରେ ପୀଡ଼ାକୁ
ପୀଡ଼ାର ଜାବ ନିବିଡ଼ ହୁଏ
କଣ ଗୋଟେ ବିନ୍ଧିଦିଏ, ଛେଚେ, କାଟେ, ଭାଙ୍ଗେ !
ଲୋକଟା ଛାତି ଚାପି ଧରି କହେ ଉଃ,
ବିଳିବିଳାଏ, କାହାର ନାଁ ଧରି ଡାକେ,
ପୀଡ଼ା ତାର ପଥୁରିଆ ହାତରେ ଆଉଁସିଦିଏ ତାର ପିଠି,
କହେ ଶୋ'ରେ ଧନ ଶୋ !
ଲୋକଟା ଜାବୁଡ଼ି ଧରେ ପୀଡ଼ାକୁ
କିଏ ଜଣେ ଡାକେ ଲୋକଟାର ନାଁ ଧରି ତୁହାକୁ ତୁହା
ଆ...ଆ...ଆ

ଦୁଆର ଖୋଲି ବାହାରି ଆସେ ପୀଡ଼ା
ଦୁଆରେ ମହଳଣ ମଳିନ ଚନ୍ଦ୍ରାଲୋକର,
ଝରାବଉଳର ସୁବାସ ପବନରେ,
ଝଟକୁଚି ସୁନ୍ଦର ଶାନ୍ତ ମୂର୍ତ୍ତି ଶ୍ୟାମଳ ଅନ୍ଧାର !
ପୀଡ଼ା କହେ ପ୍ରଣାମ ହେ ଦେବତା ଦୁଃଖର !
ଦୁଃଖର ଦେବତା ପୁଣି ଡାକେ ଆ',
ପୀଡ଼ା ଆଉଜେଇ ଆଣେ ଦୁଆର !

କହେ: ସାରା ରାତି ଛଟପଟ ହେଇ ଏଇନେ ଟିକେ
ଆଖି ବୁଜିଚି ମୋ ପିଲା
ଡାକନା ତାକୁ ଠାକୁରେ, ଭାଙ୍ଗନା ତାର ନିଦ
ଶୋଇବାକୁ ଦିଅ ତାକୁ ଆଉ ଘଡ଼ିଏ ମୋ କୋଳରେ
ତମେ ହେଇପାର ଦୁଃଖର ଈଶ୍ୱର, ମୁଁ ପୀଡ଼ା, ମୁଁ ମା'ତାର !
ଜନ୍ମ ଦେଇଚି ତାକୁ ସେ ପୀଡ଼ାର ଈଶ୍ୱର !
ପୀଡ଼ା କୋଳରେ ଶୋଇଶୋଇ ଲୋକଟା ସ୍ୱପ୍ନ ଦେଖେ
ସମୁଦ୍ରରେ ଗୋଟେ ଡଙ୍ଗାରେ ସେ ଓ ତାର ମା'
ଦୂର ଦିଗନ୍ତରୁ କେହି ଜଣେ ତାକୁ ଡାକୁଚି ଆ'...ଆ'...ଆ...
ଧୀରେ ଧୀରେ ଲିଭି ଯାଉଚି ସୀମା ପୃଥିବୀର !

ବାଗର୍ଥ,
ଏନ୍-୨/୨୬, ଆଇ.ଆର.ସି.ଭିଲେଜ,
ଭୁବନେଶ୍ୱର-୭୫୧୦୧୫,
ଫୋନ:୯୪୩୭୦୩୯୮୫୮



କବି ହରପ୍ରସାଦ ଦାସ



▶ ଚିତ୍ର : ଶିଳ୍ପୀ ଜ୍ୟୋତିରାଣୀ ଷଡ଼

# ରାତି ପାହିଗଲା, କଥା ନସରିଲା

**ଅଧ୍ୟାପକ ବିଶ୍ୱରଞ୍ଜନ**

ରାତି ପାହିଗଲା
କଥା ନ ସରିଲା
କଥାରୁ କବିତା
ତା'ପରେ...
ପୂର୍ଣ୍ଣ ନୀରବତା ।

ତୁମେ ଚାହିଁ ରହିଥିଲ
ଶୂନ୍ୟ ଛାତକୁ
ମୋର ଦୃଷ୍ଟି ଥିଲା
ଧୂଳିଭର୍ତ୍ତି ଚଟାଣ ଉପରେ
ଛାତରୁ ଚଟାଣ
ଅପହଂଚ ଦୂର ।

ଏ ଦୂରତାକୁ ଅତିକ୍ରମି
ଆମେ ଚେଷ୍ଟା କରୁଥିଲେ
ହେବାକୁ ନିକଟତର
ବୃଥାରେ, କଥାରେ ଓ କବିତାରେ
କଥା ବହି ଚାଲେ ତା' ବାଟରେ
ତା ବାଗରେ ।
କଥା ଏକ ନଈ
ବହୁଥାଏ ଦୁଇକୂଳ ଖାଇ ।

ଏ କୂଳ ଛୁଏଁନା ସେ କୂଳକୁ
ସେ କୂଳର ଛାଇ ପଡ଼େନା ଏ କୂଳରେ
ଦୁଇ କୂଳକୁ ଏକ କରିବାର ଚେଷ୍ଟାରେ
ଆମେ ମଗ୍ନ ଥିଲେ
କଥାରେ ଓ କବିତାରେ, ବୃଥାରେ

କଥାରେ ଥାଏ ଯୁକ୍ତି, ତର୍କ
ବିବାଦର ବୀଜ ବି ବୁଣା ହୋଇଥାଏ
କଥାରେ,
ଦିନ ସରିଯାଏ, ରାତି ପାହିଯାଏ
କଥା କଟାକଟିରେ, ବୃଥାରେ ।

କଥାରୁ କବିତା
ବଛାବଛା ଶବ୍ଦର ସଂଗମ
ଭାବ ସହ ଅଭାବର
ମିଳିତ ଗୁଞ୍ଜନ
ଗୁଣୁ ଗୁଣୁ ମହୁମାଛି
ଫୁଲ ବିନା ବ୍ୟର୍ଥ ତା ଉଦ୍ୟମ ।

ତଥାପି କଥା କୁହା ଚାଲିଥାଏ
ଲେଖା ହେଉଥାଏ କବିତା
ଫୁଲ ଫୁଟୁଥାଏ
ବୃଥା ନୁହେଁ କିଛି
ବ୍ୟର୍ଥ ନୁହେଁ ଏ ଜୀବନ ।

♥ ନେତାଜୀ ନିବାସ, ୧୯୯-କଂସାରୀ ଝର,
ୟୁନିଟ-୬, ଭୁବନେଶ୍ୱର-୭୫୧୦୦୧
ଫୋନ: ୮୭୬୩୨୩୬୨୧୨



▶ ଫଟୋ ଅଧ୍ୟାପକ ବିଶ୍ୱରଞ୍ଜନ

# ମେଘରାତି

## ଗୌରହରି ଦାସ



▶ ଚିତ୍ର : କବି ଦେବେନ୍ଦ୍ର ଲାଲ୍

ତୁମେ ମୋର ମେଘରାତି ଭିଜା ଭିଜା ଶହେ ସ୍ମୃତି
ବେଦନାର ଶାଣ ଛୁରି ବିରହର ମିଠା ତାତି

କଦମ୍ବର ପୁଲକ ଗୋ ତୁମେ ହିଁ ମୋହନ ମାୟା
ତୁମେ ପୁଣି ଜହ୍ନରାତି ଅଧାଲୋକ ଅଧାଛାୟା

ତୁମେ ମୋର ପ୍ରଣୟର ନୂଆ ଏକ ପାଦଟୀକା
ମେଘକୋଳେ ଉଙ୍କିମାରି ହଜିଯାଅ ଚନ୍ଦ୍ରଲେଖା

ତୁମେ ପୁଣି ଥରଥର ଓଠରେ ଗୋ ଶେଷଗୀତି
ତୁମେ ମୋର ମେଘରାତି ଭିଜା ଭିଜା ଶହେ ସ୍ମୃତି

କେମିତି ଗୋ ରୁହ ଦୂରେ ଏତେ ଦିନ, ଏତେ ମାସ
ତୁମକୁ କି ଡାକିନିଏ ଅରଣ୍ୟର ନୀଳରାସ

ମୁଁ ତୁମ ଆଖିର ଲୁହ ତୁମେ ମୋର ସ୍ମିତ ହସ
ତୁମେ ମୋର ଶେଷସ୍ୱପ୍ନ ମୁଁ ତାତିଲା ଦୀର୍ଘଶ୍ୱାସ

ମୁଁ ତୁମର ପ୍ରଶ୍ନଚିହ୍ନ ତୁମେ ପ୍ରତୀକ୍ଷାର ପ୍ରାପ୍ତି
ତୁମେ ମୋର ମେଘରାତି ଭିଜା ଭିଜା ଶହେ ସ୍ମୃତି ।

♥ ଅନୁଭବ, ବରମୁଣ୍ଡା ଗାଁ, ଭୁବନେଶ୍ୱର-୭୫୧୦୦୩
ଫୋନ: ୮୨୪୯୯୫୨୫୮୬



▶ କବି ଡକ୍ଟର ଗୌରହରି ଦାସ




ଚିତ୍ର : ଶ୍ରୀ ଭାରତୀ ଓଝା

# ଶୂନ୍ୟ ସଂହିତା: ପୁନର୍ବାର


**ଚକ୍ରପାଣି ପରିଚ୍ଛା**


ଏକାନ୍ତବାସକୁ ନେଇ
ବେଶ୍ ଚର୍ଚ୍ଚାରେ
ନିଜେ

ଛାତ ନଥାଇ
ଘରଟିଏ
ଚାରିକାନ୍ଥ ନଥାଇ
ଚଟାଣଟିଏ
ପାଦେ ଭୂମି ନଥାଇ ଠିଆ,
ଶୂନ୍ୟରେ

ଏକାନ୍ତବାସ, ଶୂନ୍ୟରେ
ଏକା ଏକା

ଶୂନ୍ୟରେ
ଭୂଭାଗ ଥାଏ
କାନ୍ଥ ଥାଏ
ଚଟାଣ ଥାଏ

ଛାତ ବି

ଏବଂ ଏକାନ୍ତବାସ ସେଠି
ଶୂନ୍ୟସ୍ଥାନରେ
ଶୂନ୍ୟର

ଭିଡ଼ ଭିତରେ କି
ଭିଡ଼ ବାହାରେ
ସବୁଠି ଶବ୍ଦ, ନିଃଶବ୍ଦର
ଶବ୍ଦଭେଦ

ସିଦ୍ଧଯୋଗୀ କି ଇତର ପୁରୁଷ
ନିଜ ଭିତରେ
ନିଜେ ଇ,

ନିଜ ରକ୍ତରେ
ନିଜ ଧମନୀରେ
ନିଜ ଅସ୍ଥିମଜ୍ଜାରେ ବି

ଟଳମଳ
ପଦ୍ମପତ୍ର ନଥାଇ ପାଣି
ସମୁଦ୍ର ନଥାଇ ଡଙ୍ଗା
ଜୀବ ନଥାଇ
ପିଣ୍ଡ, ବ୍ରହ୍ମାଣ୍ଡର ଖେଳ

କ୍ଷଣକ ପାଇଁ
ଏକାକାର ହଂସ ହଂସୁଲୀ
ଇଡ଼ା ପିଙ୍ଗଳା,
ଚୌରାଶି ନର୍କର ଅନୁଭୂତି


ପରକ୍ଷଣକ ପାଇଁ କିନ୍ତୁ
ବିଶ୍ୱାସ ଅବିଶ୍ୱାସ କୋଳାକୋଳି
ପୁନଶ୍ଚ ବୀଜ ବପନ
ମନ୍ତ୍ରପାଠ ପୁନଶ୍ଚ

ଜଗତ ଆଲୋକମୟ
ଅନ୍ଧାରର ଅନ୍ଧଗଳିରୁ ଉଠିଆସି

ପରଞ୍ଚ ଅପରଞ୍ଚର
ବାହାନା ପାର୍ ହୋଇ
ଏକାନ୍ତବାସ
ଏକାଏକା

ସେଠି ନିଜେ ଅଦୃଶ୍ୟ
ନିଜ ପାଇଁ ।


ବୈପାରିଗୁଡ଼ା(କୋରାପୁଟ)
ଫୋନ:୯୧୭୮୬୪୭୧୩୭

ଚକ୍ରପାଣି ପରିଚ୍ଛା



ଚିତ୍ର : ଶ୍ରୀ ସୌଭାଗ୍ୟ ଶତପଥୀ

# ସକାଳର ଅପେକ୍ଷାରେ

## ଶୁଭଶ୍ରୀ ଶୁଭସ୍ମିତା ମିଶ୍ର(ଶେଲି)

ତା ପରଠୁ କେବେ ସକାଳ ହେଇନି !
ଫୁଲକୁ ନେଇ କବିତା ଲେଖୁଥିବା କବି
ଦିନେ ଖବର ପାଲଟିଗଲା
ତା କବିତା ପାଲଟିଲା ଖବର କାଗଜ,

ଅଣ୍ଟି ଭିତରେ ଯିଏ ନିଆଁ ପୂରେଇଥିଲା
ତା' ଘର ଦିନେ ଜଳିଗଲା
ସେ ଫେରାଦ ହେଲା ପୋଲିସ୍ ଷ୍ଟେସନ୍‌ରେ,

ଆମେ କହିଲୁ ଋଷିଙ୍କ ପ୍ରସାଦରୁ ଜନ୍ମ ହେଲେ
ବେଦବ୍ୟାସ, ସମସ୍ତେ ଭୁଲିଗଲେ ଯେ
ଯମୁନା ମଝିରେ ସେଦିନ ଯାହା ଘଟିଲା
ସେଇଠି ଅଟକି ଗଲା ଆଲୁଅ,

କୁହୁଡ଼ି ଘେରିଥିଲା ନା ?
ସେଇ କୁହୁଡ଼ି ଆଜି ସମଗ୍ର ବିଶ୍ୱର ଖବରକୁ
ଧୋଇ ପକେଇଲା ରକ୍ତର ଦାଗରେ,

ଅରଟ ପରେ ଅରଟ ସୂତା କଟାଗଲା
ମିଲ୍ ପରେ ମିଲ୍ ବୁଣାଗଲା ଲୁଗା
ଶାଢ଼ିର ଦରମାନେ ଆକାଶ ଚୁମିଲେ
ତଥାପି ଲୁଚେଇ ହେଲାନି ଦେହ

ଦେହ କେବଳ ଦେହ ରହିଲା
ଲାଜର ଜହର ତଳେ ବୁଣା ଚାଲିଲା ସଂସ୍କାର
ଆମେ ଆଙ୍ଗୁଠି ଉଠେଇଲେ

ଆଖିକୁ ମାଫ୍ କରିଦେଲା ଅଦାଲତ,

କାଠଗଡ଼ାରେ ଠିଆ ହେଲା ଦେହ
ବାରମ୍ବାର ଆଉ ବାରମ୍ବାର ସେ କହିଲା
"ମୋର କିଛି ଭୁଲ୍ ନାହିଁ ଆଜ୍ଞା ହଜୁର୍
ମୁଁ ତ ସମସ୍ତଙ୍କର"

ଲୋକ ଚିଲ୍ଲେଇଲା, ଜଜ୍ କହିଲେ
ଅର୍ଡ଼ର, ଅର୍ଡ଼ର, ଅର୍ଡ଼ର
ତୋର ଭୁଲ୍ ଅଛି, ତୋର କେବଳ ଗୋଟିଏ
ଦେହ ହେବାର ଥିଲା କିଏ କହିଲା ପାଟି ହେବାକୁ ?

ତୋର ପୁଣି ଗୋଟେ ବୟସ କଣ ?
ପାଞ୍ଚରୁ ପଚିଶ ବା ପାଞ୍ଚ ହଜାର
ତୁ କାହିଁକି ବାହାରି ଆସିବୁ ନା କୁହୁଡ଼ିରୁ ?

ତୋ ଜାଗା ସେଇ ଅନ୍ଧାର
ତୋତେ ସୂର୍ଯ୍ୟାଲୋକ ମନା
ତୋତେ ବାରଣ ପାଟି କି ଜିଭ ହେବା
ତୁ ଫେରିଯା', ଫେରିଯା ତୁ...

ଫୁଲକୁ ନେଇ କବିତା ଲେଖୁଥିବା କବି
ଦିନେ ଖବର ପାଲଟିଗଲା
ସଂସ୍କାର ତାର ଦେହ ଆଉ ଲାଜ ମୁଣ୍ଡେଇ ଫେରିଗଲା
ଆଉଥରେ ଯମୁନାର କୁହୁଡ଼ି ଭିତରକୁ,
ତାପରଠୁ ଆଉ କେବେ ସକାଳ ହେଇନି ।

ଫ୍ଲାଟ୍ ନଂ-୨୦୬, କୁସୁମ ବାଟିକା,
ଶତାବ୍ଦୀ ନଗର, ଭୁବନେଶ୍ୱର-୭୫୧୦୦୩
ଫୋନ:୯୮୬୧୪୮୦୯୯୯



ଚିତ୍ର ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

# ସେ ହିଁ ଥାଏ

## ରଞ୍ଜିତା ପଣ୍ଡା



ଚିତ୍ର : ଶିଳ୍ପୀ ଶ୍ଳୋକ ସଂସ୍କୃତି ମିଶ୍ର

ଅନେକ ଅମୃତଲଗ୍ନର ଉତ୍ସ ସେ ଥିଲା,
କିନ୍ତୁ ଆଜିଯାଏଁ ମୁଁ ଜାଣି ପାରିଲିନି
ମୁଁ ତା'ର କିଏ ଥିଲି !

ଗୋଟିଏ ଗାର ଡେଇଁ ପାରିବନି ବୋଲି
ସଫା ସଫା ଶୁଣେଇ ଦେଇଥିବା ଗୋଟେ ନିର୍ଦ୍ଦୟ ହୃଦୟ ପାଖରେ
ମୁଁ ଦୀର୍ଘ ସମୟ ଅଟକି ଯିବାର ମାନେ କଣ ଥିଲା !
ସେତକ ସମୟ ଭିତରେ ମୁଁ ପଢ଼ି ପାରିଥାନ୍ତି
ଆକାଶ ପୃଷ୍ଠର ନୀଳପୃଷ୍ଠା,
ଶୋଇ ପାରିଥାନ୍ତି ଗହଳ ମାଣ୍ଡିଆ ନିଦ ।
ଅଙ୍କନ ଖାତାର ଉଚ୍ଛଳ ସାଦାପଣକୁ
ସବୁଜାଇ ଦେବାର ଅନୁରୋଧ ରଖି ପାରିଥାନ୍ତି
ପୃଥିବୀ ପାଖରେ,
ସେତକ ସମୟ ହିଁ କାଫି ଥିଲା ନିଜକୁ ଭେଟିବା ଲାଗି
ପ୍ରଦକ୍ଷିଣ କରି ନିଜ ଚାରିପାଖରେ ।

ଅଥଚ ମୁଁ କିଛି କରିବାକୁ ସକ୍ଷମ ହେଲିନି
ସଂଜ ଗଡୁଥିଲା, ବିଛଣାରେ ଗଡୁଥିଲା ମୋ ଛାଇ
ସାମୁଦ୍ରିକ ଶିହରଣ ସବୁ ଚିତ୍ର ପାଲଟୁଥିଲେ
ମୁଁ ପାରି କରିବାକୁ ଆରମ୍ଭିଲି ଗୋଟେ ଶବ୍ଦନଈ ।



କବି ରଞ୍ଜିତା ପଣ୍ଡା

ଗୋଟେ ନଉକା, ଗୋଟେ କବିତାଖାତା ଓ କଲମ
ଆଉ ମୋର ଅସରନ୍ତି ନିର୍ଜନତାକୁ ନେଇ ମୁଁ କ୍ରମଶଃ
ମନା କରିଦେଲି ମନକୁ ତାକୁ ନେଇ ଗଢ଼ିବାକୁ ସ୍ୱପ୍ନ ।

ଅଥଚ କେବେ କେମିତି ମଧ୍ୟରାତ୍ରର ନିସ୍ତବ୍ଧତାକୁ ଚିରି
ଆଶ୍ଚର୍ଯ୍ୟ ସ୍ୱପ୍ନଟିଏ ପାଲଟି ସେ ଚାଲିଆସେ ।
ଦୀପଟିଏ ଜାଳିଦିଏ ସେ ତ, ଆକାଶର ନକ୍ଷତ୍ରମାନେ
ଓହ୍ଲାଇ ଆସନ୍ତି ପୁଣିଥରେ,
ତଥାପି ମୋର ମନ ସାଦାପୃଷ୍ଠା ପରି ଅସହଜ ଦିଶେ ।

କୋମଳ ଗନ୍ଧା ରାତିର ମଲ୍ଲୀବଣ
ଗପ କୁହେ, କବିତା ପାଠ କରେ
ରାତି ପାହିଲା ବେଳକୁ ବେକଯାଏଁ ରୁନ୍ଧି ଦେଇଥିବା
ଅଣଚାସ ପବନରେ ଉଡ଼ି ଯାଇଥାଏ ସ୍ୱପ୍ନର କର୍ପୂର ବାସ
ମୁଁ ନିର୍ଜୀବ ପରି ବେଶ୍ କେଇଘଡ଼ି ଚକିତ ପଡ଼ି ରୁହେ ।

ଚମକ ଫିଙ୍ଗୁଥିବା ପଥର ପରି ଚମକି ଉଠେ ତା'ର ଦୁଇଆଖି
ମତେ ବିପର୍ଯ୍ୟସ୍ତ ପାଇ ସେ ଅଧିର ହୁଏ କି ଆଶ୍ଚର୍ଯ୍ୟ
ମୁଁ ବୁଝିବା ପୂର୍ବରୁ
ସେ ପୁଣିଥରେ ଅପହଂଚ, ଦୂରାନ୍ତର, ଦେଶାନ୍ତର ।

ଆନନ୍ଦନଗର, ସୋନପୁର,
ଫୋନ:୭୬୦୬୯୧୧୭୩୯

# ଆତ୍ମଜୀବନୀ

## ପ୍ରଦ୍ୟୁମ୍ନ ପଟ୍ଟନାୟକ

ଜୀବନ ଜିଇଁ ସାରିଲିଣି
ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ
ତଥାପି ଜୀବନୀଟିଏ
ଲେଖିବାକୁ ନାହିଁ ମୋର ସାଧ ।

ଅଙ୍ଗେ ନିଭାଇଛି କେତେ
ଗ୍ରୀଷ୍ମ ବର୍ଷା ଶୀତ ଓ ବସନ୍ତ
ବିତିଛି ଅନେକ ବର୍ଷ ମାସ ଦିନ ଦଣ୍ଡ
ଆସିଛନ୍ତି କେତେ ଯାଇଛନ୍ତି କେତେ
କିଏବା ତାର ହିସାବ ରଖିଛି
କ୍ଷଣଭଙ୍ଗୁର ଦୁନିଆରେ
ଅହରହ ଯିବା ଆସିବା
ଲାଗି ତ ରହିଛି ।

ଜୀବନର ହିସାବ ଖାତାରେ
ଅଧା ଅପନ୍ତରା ଯାହା ଲେଖାଥିଲା
ସେସବୁକୁ କେବେଠୁଁ ସମୟ
ଲିଭେଇ ଦେଇଛି ।

ଏମିତି ନୁହେଁ ଯେ ଏ ଜୀବନରେ
କିଛି ଘଟିନାହିଁ କି ଘଟୁନାହିଁ



ଫଟୋ : ପ୍ରଦ୍ୟୁମ୍ନ ପଟ୍ଟନାୟକ

ହେଲେ ସେ ଘଟିବାର
ଅର୍ଥ କିଛି ନାହିଁ ।

ଯାହାସବୁ ଘଟିଗଲା
ସେଥିରୁ କିଛି ଆକସ୍ମିକ ଥିଲା
କିଛି ବୁଝି ବିଚାରି ଘଟୁଥିଲା
ଆଉକିଛି ଦୈନନ୍ଦିନ
ଅବଲୀଳା କ୍ରମେ
ଘଟି ଯାଉଥିଲା ।

ଏମିତି ବି କିଛି ଅପ୍ରତ୍ୟାଶିତ
ଘଟିଥିଲା ଯାହାର
ଖାସ୍ କିଛି ଅସ୍ତିତ୍ୱ ନଥିଲା
କେବଳ ପ୍ରତାରଣା ବ୍ୟତୀତ
ପ୍ରତ୍ୟୟ କି ପ୍ରତିଶ୍ରୁତି ନଥିଲା ।

ଦିବାସ୍ୱପ୍ନ ଭାଙ୍ଗି ଯିବା ପରେ ନିଃଶବ୍ଦରେ
ଖଣ୍ଡ ଖଣ୍ଡ ଭଙ୍ଗା ଦର୍ପଣରେ
ନିଜ ଛାଇ ଦେଖି ଚାଲୁ ଚାଲୁ
ସନ୍ତର୍ପଣରେ କେତେଥର ପାଦ
କ୍ଷତବିକ୍ଷତ ହୋଇ
ଅପବାଦର ରୁଧିର ଝରିଲା
ତଥାପି ଶୋଷ ମେଣ୍ଟୁ ନଥିଲା ।




Art : Jugal Sarkar

ସମ୍ପର୍କ ନାମରେ ଯେଉଁ
ସମ୍ମୋହନର ଭ୍ରମ ସୃଷ୍ଟି ହୋଇଥିଲା
ସେ ଅଳ୍ପାୟୁ ଥିଲା
ପୁଷ୍ପିତ ପଲ୍ଲବିତ ହେବାର
ସମ୍ଭାବନା ନଥିଲା ।

ପାଇବା ହଜିବାର
ହିସାବ ନିକାଶ ପରେ
ଯାହା ଅବଶେଷ ରହିଗଲା
ସେ କେବଳ ସାଦା ପୃଷ୍ଠାଟିଏ
ସେଥିରେ ଲେଖାଥିବା ମୋ
ତମାମ୍ ଜୀବନୀ
ନିଷ୍ପ୍ରଭ ହୋଇ ସାରିଥିଲା ।

ଏବେ ଅବସୋସର
ଅସ୍ପଷ୍ଟ କିଛି ଅକ୍ଷର
ପରଳମଡ଼ା ଆଖିକୁ
ଝାପ୍ସା ଦିଶୁଛି
ଶୂନ୍ୟତାର ଘନ କୁହୁଡ଼ି
ଧୀରେ ଧୀରେ ଚତୁର୍ଦ୍ଦିଗ
ଆବୋରି ବସୁଛି ।

ଫ୍ଲାଟ୍ ନଂ-୧୦୧, ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬,
ଫୋନ:୯୯୬୮୨୮୦୮୯୬



▲Art : Jugal Sarkar

# ଗୋସେଇଁ

## ଅଙ୍ଗୁରବାଳା ପରିଡ଼ା

ତୋଟାକୁ ଯିବୁ ?
ହୁଁ ।
ଆମ୍ବ ଖାଇବୁ ?
ହୁଁ ।
ବାଘମାମୁଁ ଆଇଲେ ଡରିବୁ ନାଇଁ ?
ନାଇଁ ।
ପଦ୍ମପାଖୁଡ଼ା ପରି ମେଲିଥିବା
ଦୁଇ ଆୟତ ଚକ୍ଷୁକୁ ଚାହିଁ
ଫୁ' କିନା ଫୁଙ୍କ୍ ଦେଲେ ଗୋସେଇଁ ରାମଦାସ ଓ
ନିଜେ ହିଁ ଚମକି ପଡ଼ିଲେ କେମିତି ।

ଢେଗାଢେଗା ଆଖିରେ ଅନେଇଥିବା ଫୁଲକୁମାରୀ
ତାଳିମାରି ହସି ଉଠିଲା,
ଦେଖିଲୁ, ଡରିଲି ?
ଡରିଲି କି ?
ଚାଲ୍, ଏବେ ତୋଟାକୁ ଯିବା
ଚାଲ୍ ନା ।

ଥ' କରି ବସି ପଡ଼ିଲେ ଗୋସେଇଁ
ଥାଉ, ଆଜି ଠାରୁ ତୋଟା, ବଣ, ଜଙ୍ଗଲ
ସବୁ ବନ୍ଦ ।
ତୁ ଏଇଠି ବ'
ତୋଟାଟିଏ ତୋଳି ଆଣିବି ଏଠିକୁ
ତୁ ଏଇଠି ରହ ।

ଶବ୍ଦର ଶୀତଳ ଛୁଆଁରେ
ନୀରବି ଗଲା ଓଠ ଓ
ନଇଁ ଆସିଲା ଫୁଲକୁମାରୀର ଆଖି ।

ଖୁଚୁରା ପଇସା ପରି
ନିଅଣ୍ଟ ଆୟୁକୁ ନେଇ
ଏବେ ମୁହୂର୍ତ୍ତ ମୁହୂର୍ତ୍ତ ଖର୍ଚ୍ଚେ ରାମଦାସ୍,
ଗୋଟି ଗୋଟି ଚାରା
ଧାଡ଼ି ଧାଡ଼ି କରି
ବାଛି ବାଛି ରୁଏ ଜମିରେ,
ବାଡ଼ବାନ୍ଧି ରୋକେ
ବୁଲା ଗୋରୁ, ଛେଳିଙ୍କ ମୁହଁ,
ତୋଟାଏ ଶାଗୁଆ ରଙ୍ଗର
ତୂରୀୟ ଶିହରଣରେ
ଏବେ ସେ ଖୋଜୁଛି ଆତ୍ମା ଗହଳିରୁ
ତା' ଆତ୍ମାର ସୁନାଦେହ ।

♥ ବି-୧୨, ସେକ୍ଟର-୧୮, ରାଉରକେଲା-୩,
ଫୋନ:୯୪୩୮୦୫୭୫୭୮



▲ଡ଼ ଅଙ୍ଗୁରବାଳା ପରିଡ଼ା

# ଶୀତ ସ୍ମୃତିର ଗୀତ

**ମାନଗୋବିନ୍ଦ ବାରିକ**


ପାହାଡ଼ ଶିଖର ମଥାନ ଉହାଡୁ
ଶୀତ ସଜ ହେଇ ଆସୁଛି,
କୁହୁଡ଼ି ଶାଢ଼ିର ଓଢ଼ଣା ଭିତରୁ
ମୁହଁ କାଢ଼ି ଧୀରେ ହସୁଛି ।

ନହୁଲି ଶୀତର ପହିଲି ପରଶେ
ସସାଗରା ଧରା ଭାସୁଛି
ହେମାଳିଆ ବାଆ ଦେହରେ ଭିଜାଇ
ମାଟି ଲିପା ଘରେ ପଶୁଛି ।

ମଞ୍ଜୀଥରା  ଶୀତ ପଞ୍ଜୀରା ଥରାଇ
ଖଞ୍ଜାରେ ଖଞ୍ଜରେ ପଶୁଛି
ରଞ୍ଜା ରଞ୍ଜା ସଞ୍ଜେ ଦେହ ଦହଗଞ୍ଜେ
ଗଞ୍ଜଣା ଦେବାକୁ ଆସୁଛି ।

ଭଙ୍ଗା ଖଟପରେ ଛିଣ୍ଡା କନ୍ଥା ତଳେ
ଗୋପନରେ କେଳି କରୁଛି
କୁଙ୍କୁରି କାଙ୍କୁରି ଶଙ୍କାରେ ମଣିଷ
ହାଡ଼ଭଙ୍ଗା ଜାଡ଼େ ଥରୁଛି ।

ଦୁଃଖ ଯାତନାର ଦାରୁଣ କଷଣେ
ଜାଡୁଆ ରାତି ଯା ପାହୁଛି,
ଶୀତ ହେମାଳର ନରମ ସକାଳ
ଖରାରେ ଗରମ ହଉଛି ।



▶ ଚିତ୍ର : ଶ୍ରୀ ଶ୍ୱେତପଦ୍ମା ଓଝା

ଲଙ୍ଗଳା ଛୁଆଟା ଫୁଙ୍ଗୁଳା ଦେହରେ
ମାଆ ଶାଢ଼ି ତଳେ ପଶୁଛି,
ଭୁଆସୁଣୀ ବୋହୂ ଚୁଲି ପାଉଁଶରେ
ବାସି ବାସନକୁ ଘଷୁଛି ।

କାଉଁଳିଆ ପାଗେ ମୁଣ୍ଡେ ପାଗ ବାନ୍ଧି
ନିଆଁ ପୁଆଁ ଭିଡ଼ ଜମୁଛି
କଅଁଳିଆ ଖରା ଧରା ପରେ ପଡ଼ି
ଶୀତ ଧୀରେ ଧୀରେ କମୁଛି ।

କଟାଧାନ କ୍ଷେତ କଳେଇ, କଚଡ଼ା
ପଟାପଟା ପାହି ଦିଶୁଛି,
ଶଗଡ଼ରେ ଚାଷୀ ଧାନ ହଳା ଧରି
ଖଳାକୁ ଫସଲ ବହୁଛି ।

ଗାଆଁ ଚାଷୀକୁଳ ହରଷ ମନରେ
ଧାନ ଖଳା ପରେ ବସୁଛି,
କ୍ଷେତ ଅମଳର ଧାନ ଗଦା ପରେ
ମାଆ ଧନଲକ୍ଷ୍ମୀ ହସୁଛି ।

ଧାନ କଳେଇର ବଦାଡ଼ି ମଥାନ
ପହିଲି ଖରାରେ ପୁରିଛି ।
ଦାଉଣୀରେ ଛନ୍ଦା ଧାଡ଼ି ବଳଦରେ
ବେଙ୍ଗଳା ଚକିରି ଘୂରୁଛି ।

ସବୁ ଦୁଃଖ ଭୁଲି ଗାଆଁ ଚାଷୀଭାଇ
ମୁଖରେ ତ ହସ ଫୁଟିଛି
ମାଆ ଲକ୍ଷ୍ମୀଙ୍କର ଆଶିଷ ବରଷି
ବରଷକ ଚିନ୍ତା ହଟିଛି ।

ହରଷ ବିଷାଦ ପରଶ ସାରିକି
ଶୀତ ଋତୁ ସରି ଯାଉଛି
ଚାଷୀଭାଇ ମନେ ଖୁସି ବୁଣି ଦେଇ
ଶୀତ ତ ମେଲାଣି ନେଉଛି ।

♥ ବାସ-ଶ୍ରେୟା, ଏମ୍.ଆଇ.ଜି-୭୫, ବିଡ଼ିଏ
କଲୋନୀ, ଫେଜ୍-୧, ପୋଖରୀପୁଟ,
ଭୁବନେଶ୍ୱର-୭୫୧୦୨୦,
ଫୋନ:୭୪୩୭୨୬୬୭୩୫



▶ ଫଟୋ ମାନଗୋବିନ୍ଦ ବାରିକ

# ଅସଜଡ଼ା ଗୁଲ୍‌ଦସ୍ତା

## ଅଜୟ କୁମାର ପଣ୍ଡା

ରଙ୍ଗୀନ କଙ୍କିଡେଣା ଚାହିଁ ରହେ ଘରୁ ଅଫିସ୍ ରାସ୍ତା ବାଙ୍କ ମୁଣ୍ଡରେ,
କେତେ କ'ଣ ଝଗଡ଼ା ଝାଟି ଥିଲା ଢଳଢଳ ବୁନ୍ଦା ସାରୁପତ୍ର ପରେ !
ବେଗିରେ ଯିବାକୁ ହେବ, ଧୂସର ହଳଦିଆ ନଥି ଚାହିଁ ରହିଛନ୍ତି,
ଅନ୍ୟ କିଛି ହେଉ କି ନ'ହେଉ, ନଥିଙ୍କ ଭାଷା ସ୍ୱଷ୍ଟ ଦିଶି ଯାଆନ୍ତି ।

ଚଉକି ଶିଖାଏନି ଲାଞ୍ଚ, ଖଚ, ମିଛ, ଶଠତାର କର୍ଦ୍ଦମାକ୍ତ କଥା,
ତ୍ରୁଟି ନାହିଁ କଲମ ମୂନରେ, ବ୍ୟର୍ଥ ମାପିବାକୁ ଅନ୍ଧାରର ଗଭୀରତା ।
ମିଛ ନୁହେଁ ଆଇ ଗପ ପେଡ଼ି ମନଭୁଲା ସୋରିଷ ଫୁଲିଆ ଲହଡ଼ି,
ଶୂନ୍ୟତାର ଚାରି କାନ୍ଥରେ ପଡ଼ିରହେ ଖାଲି, ବାଲି ମାଟି କାମୁଡ଼ି ।

ଗଡ୍ଡୁଥାଉ ରାସ୍ତାରେ, ପଡ଼ୋଶୀ ମଦ ଖଟିର ଅଶ୍ରାବ୍ୟ ଗାଳିମନ୍ଦ,
ଅନାମିକା ଚଢ଼େଇଟି ଅଣ୍ଟା ଭିଡ଼େ ପୋଛିବାକୁ ହୃଦୟକୁ ଅଳିନ୍ଦ ।
ଭାବିଲି କାନ୍ଦିବି, ଆଖି ଲୁହରେ ବୁଡ଼ିବ ଆକାଶର ରିକ୍ତ ମରୁଭୂମି,
ଆକାଶ, ଘାସଫଳ ହସନ୍ତି ମଣିଷ ବେଦନାରେ, ଲୁହ ଯାଏ ସରମି ।

ପୋଖରୀର ତରଙ୍ଗ ମାଳା ଶୃଙ୍ଖଳାରେ  ବୃତ୍ତ ହୋଇ କୂଳକୁ ଧାଆଁନ୍ତି
ଖାଳେଇରୁ ସମୁଦ୍ରକୁ ମାଛ ଡିଆଁ କି ପଞ୍ଜୁରୀରୁ ଗଗନକୁ ପକ୍ଷୀ ଭାନ୍ତି ।
ଅପହଞ୍ଚ କରେ ମଣିଷକୁ, ଆଗପଛ ଠେଲାପେଲାର ଭିଡ଼ ରାସ୍ତା,
ଆଜି ଇଟା ତଳେ ଚିପା ଦୁବଘାସ, କାଲିକି ନିଶ୍ଚେ ସଜାଇବ ଗୁଲ୍‌ଦସ୍ତା ।

♥ ଉପ ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ,
ବକ୍ସିବଜାର, କଟକ-୭୫୩୦୦୧
ଫୋନ: ୯୪୩୭୦୦୬୮୦୮

# ଅଧରେ ଅଧର ପର୍ବ

## ଶ୍ରୀକାନ୍ତ ଜେନା

ଅଧରେ ଅଧର ପର୍ବରେ ଥିଲା ସତେ କେତେ ମାଦକତା
ଗରମ ପବନ ଝରି ଆସୁଥିଲା ନାସିକାର ଝରଣାରୁ ।
ଓଦା ସରସର ଓଠରେ ଲଟକି ଯାଇଥିଲା ଓଠଟିଏ
ଜହ୍ନ ଆଲୁଅରେ ଝରିପଡୁଥିଲା ନୀଳ ଚମ୍ପା କବରୀରୁ ।

ସ୍ନାୟୁର ସହରେ ଲାଗିଥିଲା ନିଆଁ ଅନ୍ଧାରେ ହୁତୁହୁତୁ
ଅଣଚାଷ ବାଆ ଦୁଲୁକାଉଥିଲା ଧଡ଼ପଡ଼ ଦୁଇ ଛାତି ।
ଏକଇ ବୃନ୍ତେ ଘନ ଅନ୍ଧାରେ ଫୁଟିଥିଲା ଦୁଇ ଫୁଲ
ହାତ ପାଣି କାଚ ରୁଣୁଝୁଣୁ ସୁରେ ଗାଉଥିଲା ସାରା ରାତି ।

ରୂପେଲି ଜହ୍ନ ସତେକି ଆକାଶୁ ଆସିଥିଲା ଓହ୍ଲେଇ
ଝିଲିମିଲି କରି ନଈର ପାଣିକୁ ଢ଼େଉ ତଳେ ଲୁଚି ଲୁଚି ।
ଦେଖୁଥିଲା ସିଏ ବାହୁବନ୍ଧନେ କେମିତି ପଡ଼ିଛି ଶୋଇ
ମୁକୁଳା କେଶରେ କ୍ଲାନ୍ତ ପ୍ରେୟସୀ ସରମେ ଝାଳକୁ ପୋଛି ।

ସେ' ଦୁଇ ଅଧର ଇସି ଇସିକାର 'ଛାଡ଼ମ !'ର ଫରମାସି
ଶ୍ରବଣ ସମୀପେ ତୋଳେ ପ୍ରତିଧ୍ୱନି ନିରିଜନ ହେଲେ ନିଶି ।

♥'ପୁଣ୍ୟତୋୟା', ଧରିତ୍ରୀ ନଗର, ଭଦ୍ରକ-୭୫୬୧୮୧
ଫୋନ:୯୯୩୮୬୬୬୧୬୬



▶ ଫଟୋ ଅଜୟ କୁମାର ପଣ୍ଡା



▶ ଫଟୋ ଶ୍ରୀକାନ୍ତ ଜେନା



ଚିତ୍ର : ଚିତ୍ରା ଶ୍ୱେତପଦ୍ମା ମିଶ୍ର

# କୀଟ

## ଶ୍ରୀହରି ଧଳ

ଗୋଟେ କୀଟ ପିଠିରେ ଥାଏ
ମୃତ୍ୟୁ ।
ଡେଉଁଥାଏ ସବୁଜ ସୁରକ୍ଷାର କର୍ଡ଼ନ
ସବୁ ସତର୍କତା ଭିତରେ
ଉଭା ହୁଏ
ଫୁଲର ବାସ୍ନା ବଳୟରେ,
ସବୁ ଗୀତକୁ ଧାରୁଆ
ଗଇଁତିରେ ଖୋଳେ
ଭୟର ମଡ଼ମଡ଼ ଡାକରେ
ଚେଇଁ ଉଠେ ସ୍ତୋତ୍ର ଜୀବନ

କିଏ ଜାଣିଥିଲା ସାମାନ୍ୟ କୀଟ
ଉଛୁଳା ନଈ ସେପାରିରୁ ଆସିବ ।
ନିଷ୍ଠୁର ପରୱାନା ନେଇ ହାତରେ ।

ଯେତେ ସ୍ୱପ୍ନ ଖଚିତ
ଗମ୍ବୁଜ
ତାରା ଖଚିତ ଆକାଶକୁ ଭାଙ୍ଗିଦେବ
ଫୁତ୍କାରରେ ।

ଏବେ ତ ସାମ୍ନାରେ
ମୟୂରପୁଚ୍ଛ ଖୋସି ମୁଣ୍ଡରେ
ଠିଆ ହୋଇଛି ବେଧଡ଼କ ।
ହୁତୁହୁତୁ ନିଆଁ
ବଂଶୀ ସ୍ୱନରେ ଭାଙ୍ଗି ପଡୁଛି କି
ମଡ଼ ମଡ଼ ଗୋଟେ ମାୟା ମଂଚ ।

♥ ତାଉଁତରା, କପାସି, ଚିତାଳୋ, ଯାଜପୁର,
ଫୋନ:୯୪୩୮୪୩୭୦୯୨



କବି ଶ୍ରୀହରି ଧଳ

# ଅଚିହ୍ନାପଣ

## ଦିବ୍ୟସିଂହ ଦାସ ଅଧିକାରୀ

ଏତେକଥା ପରେ ବି
ବହଳୁନି ଉଚ୍ଛ୍ୱାସ ତମ ହୃଦୟର
କି ହୃଦୟ ଯେ ତମର ?
ଇଏ ତ ଗଲା ହୃଦୟର କଥା, ଏବେ କୁହ
କେଉଁ ଉପାଦାନେ ଗଢା ଶରୀର ତମର
ମନ ଆଉ ବିବେକ
ଅବା ବି ସଂସାର ।

ଏତେ ଗୁହାରି ପରେ ଯଦି
ତରଳିଲା ନାଇଁ ଚୌତରା କି ପାଖଆଖ
କି ଗୋଠଟି ତମର
ନା, ସେଇ ଗୋଠର ଆକାର କିମିତି ଯେ
ତମଘର ପରି ଯେଉଁଠି ଦିନ ଦ୍ୱିପ୍ରହରେ
ଶୋଭାପାଏ ନିର୍ଲ୍ଲଜ ଅଂଧାର

ସେ ପାଇଁ ତ କୁହାକୁହି ହୁଅନ୍ତି ପଡ଼ୋଶୀ
ତାହା ଘର ନା
ଆଉ କେଉଁ ସଂଦିଗ୍ଧ ଚେତନାର ପେଣ୍ଠ ?
ଏତେ ସଂଧି ଚୁକ୍ତିର ହାତ ବଢେଇଲେ ବି
ପାଣି ଟୋପେ ଗଳୁନି କିଆଁ
ତମ ମିଜାଜ୍‌ରେ
ଲାଗୁଚି ବିଚିତ୍ର ଜୀବଟେ ତମେ ବୋଧେ ।

ସକାଳ କି ସଂଜ
ଅବା ଲଂବ ଲଂବ ରାତିର ଅଂଧାର
କିଛି ଆଣନ୍ତି ନାଇଁ ଫରକ୍
ମନରେ ତମର ।

ଏବେ କହିହେବ ତମ ସୂତ୍ରର କୌଶଳ
ବଦଳେଇ ପାରୁଚ କି ତମେ
ଏଇ ପାଷାଣ୍ଡଙ୍କ ମେଳେ
ଦିନ ଅଂଧାରରେ, କିମିତି ପାରୁଚ ଅବା
ଏକ୍‌ଲା କରି
ଧନ୍ୟ ତମ ସୂତ୍ରର ସଂପର୍କ ।

♥ ନୂଆବନ୍ଧ, ତିଆଡ଼ିସାହି
ପୀରହାଟ ବଜାର, ଭଦ୍ରକ-୭୫୬୧୩୧
ଫୋନ: ୯୪୩୭୨୬୬୩୦୮



କବି ଦିବ୍ୟସିଂହ ଦାସ ଅଧିକାରୀ

ଧାରାବାହିକ ଚରିତ୍ର-ଉପନ୍ୟାସ



# ଦାସେ ଆପଣେ

୨୧

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**
ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।



ଔପନ୍ୟାସିକ ପବିତ୍ର ମୋହନ ଦାଶ

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଜୁନ ମାସର ରଇ ରୁଦ୍ର ଖରା । ମଧ୍ୟାହ୍ନ ଭୋଜନ ସାରି ଗୋପବନ୍ଧୁ ବିଶ୍ରାମ କରୁଥାନ୍ତି । ଚିନ୍ତା କରୁଥାନ୍ତି ସରକାରୀ ଓକିଲ ଭାବେ ଆସି ସେ ଏବେ ଧୀରେଧୀରେ ମୟୂରଭଞ୍ଜ ସହ ଅଧିକ ଜଡିତ ହୋଇ ପଡୁଛନ୍ତି । ସରକାରୀ ଓକିଲ, ଷ୍ଟେଟ୍ କାଉନସିଲ୍‌ର ଅତିରିକ୍ତ ସଦସ୍ୟ ପରେ ସେ ଏବେ ବାରିପଦା ମ୍ୟୁନିସପାଲିଟିର ଭାଇସ୍ ଚେୟାରମ୍ୟାନ୍ ଭାର ଗ୍ରହଣ କରିଛନ୍ତି । ସେଦିନ ପରିସ୍ଥିତି ଏପରି ମୋଡ଼ ନେଲା ଯେ ସେ ରାଜାଙ୍କ ମୁହଁ ଉପରେ ମନା କରିପାରିଲେ ନାହିଁ । ମନେ ହୁଏ ମହାରାଜ ତାଙ୍କୁ ଅଧିକ ଦାୟିତ୍ୱ ଅର୍ପଣ କରୁଛନ୍ତି । ହୁଏତ ବାହାର ଲୋକେ ଭାବୁଥିବେ ମହାରାଜା ତାଙ୍କୁ ଅଧିକ ସୁଖ ପାଆନ୍ତି । ସତରେ କଣ ସେ ଏ ପଦବୀ ପାଇଁ ଯୋଗ୍ୟ ? ପଦପଦବୀର ଲାଳସା ଅବଶ୍ୟ ତାଙ୍କର ନାହିଁ, ତେବେ ମହାରାଜାଙ୍କର ତାଙ୍କ ପ୍ରତି ଥିବା ଆସ୍ଥା ତାଙ୍କୁ ବିନମ୍ର କରିଦେଇଛି । ଷ୍ଟେଟ୍ କାଉନସିଲ୍‌ରେ ସେ ସରକାରୀ ଓକିଲ ହୋଇ ମଧ୍ୟ ସରକାରଙ୍କ ଅନେକ ପ୍ରସ୍ତାବର ବିରୋଧ କରନ୍ତି । ନିଜ ଆଡୁ ନୂଆ ପ୍ରସ୍ତାବମାନ ଦିଅନ୍ତି । ଯେଉଁଥିରେ ସାଧାରଣଙ୍କର ଭଲ ହେବ ସେପରି ଯୋଜନା କରିବାକୁ ରାଜାଙ୍କୁ ପ୍ରବର୍ତ୍ତାନ୍ତି । ହେଲେ ରାଜାଙ୍କ ଭିତରେ ଉଦାରତା ଅଛି । ସେ ଖର୍ଚ୍ଚ ଅପେକ୍ଷା ଗୋପଙ୍କ ପ୍ରସ୍ତାବର ମହତ୍ତ୍ୱର ଦିଗକୁ ସମ୍ମାନ କରନ୍ତି ।



ଥରେ ବଜେଟରେ ସେ ଶିକ୍ଷାର ପ୍ରସାର ପାଇଁ ଅନେକ କଥା କହିଥିଲେ । ବିଦ୍ୟାଳୟ ଯିବା ବୟସରେ ପହଞ୍ଚିଥିବା ଅତି କମରେ ପାଞ୍ଚ ଶହ ଛାତ୍ରଙ୍କୁ ବିନା ଦରମାରେ ପଢ଼ିବାର ସୁଯୋଗ ଦିଆଯିବା ସପକ୍ଷରେ ଆପଣା ଯୁକ୍ତି ଉପସ୍ଥାପନ କରିଥିଲେ । ଗୋପବନ୍ଧୁଙ୍କର ସେ ଆବେଗ ଅନ୍ୟମାନଙ୍କୁ ବିଶେଷ ପ୍ରଭାବିତ କରି ନଥିଲେ ମଧ୍ୟ ରାଜା ସେଥିରେ ଆନନ୍ଦିତ ହୋଇଥିଲେ । ରାଜା ତାଙ୍କ କଥାକୁ ସମ୍ମାନ ଜଣାଇ କହିଥିଲେ, "ଗୋପବନ୍ଧୁ ବାବୁ ! ଆପଣ ଏ ବଜେଟ ସଭାରେ କେବଳ ରାଜ୍ୟର ଶିକ୍ଷା ପାଇଁ ଓକିଲାତି କରୁଛନ୍ତି । ହେଲେ ମୋର ଦୃଷ୍ଟି ସବୁରି ପାଇଁ । ସବୁ କ୍ଷେତ୍ରରେ ମୋ ମୟୂରଭଂଜ କେମିତି ଅଗ୍ରଣୀ ହେବ ସେଥିପାଇଁ ଆପଣଙ୍କ ପରାମର୍ଶ କାମ୍ୟ । ତେଣୁ ପ୍ରଜା କଲ୍ୟାଣକାରୀ ପ୍ରସ୍ତାବ ଦେବାକୁ ଆପଣ ସଂକୋଚ କରିବେ ନାହିଁ ।"

ମହାରାଜଙ୍କ ଉଦାର ହୃଦୟର ପରିଚୟ ପାଇ ସେ ସାହସ କରି କହିଥିଲେ, "ମହାରାଜ !ଶିକ୍ଷାର ଉନ୍ନତି ହେଲେ ବାକି ସବୁ ଆପେ ଆପେ ସାଧିତ ହେବ । ଲୋକମାନେ ନିଜେ ନିଜର ଦାୟିତ୍ୱ ନେବା ଶିଖିବେ । ଅନ୍ୟ ବିଷୟରେ ମଧ୍ୟ ମୁଁ ମୋର ପ୍ରସ୍ତାବମାନ ଦେବି । ତେବେ ଶିକ୍ଷା ଠାରୁ ବଡ଼ ସମ୍ପଦ ଏ ପର୍ଯ୍ୟନ୍ତ ମୋ ଆଖିକୁ ଆସି ନାହିଁ ।"

ମହାରାଜ ବି ତାଙ୍କ କଥାରେ ସହମତ ହେବା ଭଳି ମୁଣ୍ଡ ହଲାଇଥିଲେ । ବାହାରକୁ ଧୃଷ୍ଟତା ଭଳି ମନେ ହେଉଥିବା ଅନେକ କଥାରେ ମଧ୍ୟ ରାଜା ତାଙ୍କ ପ୍ରତି ସମ୍ମାନ ପୋଷଣ କରୁଥିଲେ । ଥରେ ବାରିପଦାରେ ଚହଳ ପଡିଥାଏ ଗୋଟିଏ ଡାକ ବଙ୍ଗଳାର ଚୌକିଦାର ନିଜେ ଚୋରି କରିଛି । ଲୋକେ କହୁଥାନ୍ତି ବାଡ଼ କ୍ଷେତ ଖାଇବା କଥା । ସେ ମାମଲାରେ ସେ ଗିରଫ ହୋଇଥାଏ । ରାଜ୍ୟର ସରକାରୀ ଓକିଲ ହୋଇ ମଧ୍ୟ ଗୋପବାବୁ ତାକୁ ଭେଟିଲେ । ତା ଉପରେ ନୈତିକ ଚାପ ପକାଇ କହିଲେ, "ଦେଖ ତୁମେ ଏଠି ଖସି ଯାଇପାର । ହେଲେ ଈଶ୍ୱରଙ୍କ ଦରବାରରେ ତୁମର କେହି ଓକିଲ ନଥିବେ । ତେଣୁ ସତ କୁହ । ମୁଁ ତୁମର ମୁକୁଳିବାର ବାଟ କରିବି ।"

ଲୋକଟି ପ୍ରଥମେ ଥତମତ ହେଲା । ତା ପରେ ଆଖିରୁ ଲୁହ ଗଡାଇଲା । ଓକିଲ ବାବୁଙ୍କୁ ବିକଳ ହୋଇ ଚାହିଁ କହିଲା, "ହଜୁର ଆପଣ ମୋ ପାଇଁ ଲଢ଼ିବେ ।"

– "ହଁ ଲଢ଼ିବି ଯଦି ତୁମେ ସତ କୁହ ।"

ଲୋକଟି ଏଥର ତା'ର ଦୋଷ ସ୍ୱୀକାର କରିଥିଲା । ଆଉ ଗୋପ ବିନା ପାଉଣାରେ ତା ପାଇଁ ଲଢ଼ି ତାକୁ ମୁକୁଳାଇ ଥିଲେ । ସେଥର ସେ ମନେ ମନେ ଭାବିଥିଲେ ମହାରାଜ ରୁଷ୍ଟ ହେବେ । କିନ୍ତୁ ଘଟିଥିଲା ବିପରୀତ । ମହାରାଜ କହିଥିଲେ, "ଗୋପବାବୁ ଆପଣଙ୍କ ନୈତିକ ବଳକୁ ନେଇ ମୁଁ ଗର୍ବିତ ।"

ରାଜାଙ୍କ ଭିତରେ ବିକଶିତ ବ୍ୟକ୍ତିତ୍ୱର ପରିଚୟ ପାଇ ଗୋପ ଉଲ୍ଲସିତ ହୋଇଥିଲେ । ଯେତେବେଳେ ମହାରାଜଙ୍କ ବିଦେଶ ଭ୍ରମଣରେ ଯିବା କଥା ଉଠିଲା ସେତେବେଳେ ସ୍ଥାନୀୟ ଅନେକ ବ୍ୟକ୍ତି ତାଙ୍କୁ ବାରଣ କରିଥିଲେ । ଅନୌପଚାରିକ ଭାବେ ଥରେ ଏକଥା ତାଙ୍କୁ ପଚାରି ତାଙ୍କ ମତାମତ ଲୋଡ଼ିଥିଲେ ମହାରାଜ ।

"ଗୋପ ବାବୁ ! ମୁଁ ଯେ ବିଦେଶ ଭ୍ରମଣରେ ବାହାରିଛି ମୋର ଅନେକ ଶୁଭେଚ୍ଛୁ ମୋତେ ବାରଣ କରୁଛନ୍ତି । କିଏ କହୁଛି ମୁଁ ନରହିଲେ ରାଜ୍ୟ ଅରାଜକ ହେବ, କିଏ କହୁଛି ଦରିଆ ପାରି ଭ୍ରମଣ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କିଏ ଶୁଭ ଅଶୁଭ କଥା ମଧ୍ୟ ଉଠାଉଛି । କେହି କେହି ତ କହୁଛନ୍ତି ଏଥିରୁ ଲାଭ ମିଳିବ କଣ ? ଆପଣ ବିଜ୍ଞ ଲୋକ । ଏ ବିଷୟରେ ଆପଣଙ୍କ ମତ କଣ ?"

ଗୋପବନ୍ଧୁ କହିଥିଲେ, "ମୋ ମତରେ ଆପଣ ବିଦେଶ ଭ୍ରମଣରେ ଯିବା ଉଚିତ । ଭ୍ରମଣ ମଧ୍ୟ ଆମକୁ ଅନେକ ଶିକ୍ଷା ଦିଏ । ବିଦେଶ ବୁଲି, ସେଠାକାର ସମୃଦ୍ଧି ଦେଖି ଆପଣ ଯେଉଁ ଅଭିଜ୍ଞତା ହାସଲ କରିବେ ତାହା ମୟୂରଭଞ୍ଜ ବାସୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଭ୍ରମଣ ପ୍ରସୂତ ଜ୍ଞାନ ଆପଣଙ୍କ ଦୃଷ୍ଟି ବିସ୍ତାରରେ ସହାୟକ ହେବ । ମୁଁ ତ କହିବି ଆପଣଙ୍କ ବିଦେଶ ଯାତ୍ରା ମୟୂରଭଞ୍ଜ ଓ ଓଡିଶା ପାଇଁ ଜରୁରୀ ।"

"ଆପଣଙ୍କ ଉତ୍ସାହଭରା ବାକ୍ୟ ମୋର ମନେ ରହିବ ।" ଏତିକି କହି ମହାରାଜା ମନରୁ ସମସ୍ତ ଦ୍ୱନ୍ଦ୍ୱ ଅପସାରଣ କରିଥିଲେ । ତେବେ ସେ ବିଦେଶ ଯାତ୍ରାରେ ଗଲା ପରେ ଗୋପବନ୍ଧୁ ଟିକେ ନିରସ ଅନୁଭବ କରୁଥିଲେ । ରାଜାଙ୍କ ଅନୁପସ୍ଥିତି ତାଙ୍କୁ ବାଧୁଥିଲା । ତେଣୁ ତାଙ୍କର ବିଦେଶରୁ ପ୍ରତ୍ୟାବର୍ତ୍ତନ ପରେ

ଗୋପବନ୍ଧୁ ତାଙ୍କୁ ସ୍ୱାଗତ ଜଣାଇବାକୁ କଲିକତା ଯାଇଥିଲେ । ତା ପରେ ବାରିପଦା ସହରରେ ହୋଇଥିଲା ସମ୍ବର୍ଦ୍ଧନା ସଭା । ସେ ସଭାରେ ବିପୁଳ ସାଧାରଣ ଲୋକ ଯୋଗ ଦେଇଥିଲେ । ଲୋକଙ୍କ ଉତ୍ସାହ ଦେଖି ଗୋପବନ୍ଧୁ ଅନୁଭବ କରିଥିଲେ ସାଧାରଣ ଜନତା ମଧ୍ୟ ତାଙ୍କ ପରି ରାଜାଙ୍କ ଅନୁପସ୍ଥିତି ଅନୁଭବ କରୁଥିଲେ । ଏତିକି ଆୟୋଜନରେ ବି ଗୋପଙ୍କ ମନ ମାନି ନଥିଲା । ତେଣୁ ଷ୍ଟେଟ୍ କାଉନସିଲ୍ ସଭାରେ ମଧ୍ୟ ଏକ ସମ୍ବର୍ଦ୍ଧନାର ବ୍ୟବସ୍ଥା ହୋଇଥିଲା । ଗୋପ ନିଜେ ଏ ବାବଦରେ ବିପୁଳ ଉତ୍ସାହ ଦେଖାଇ ସବୁ ଆୟୋଜନ କରିଥିଲେ । ପୋଲିସ ଅଧୀକ୍ଷକ ତଥା ରାଜାଙ୍କ ପ୍ରିୟ ଶିକ୍ଷକ କହିଲେ, "ଦେବାନ ମୋହିନୀ ମୋହନ ଧର ପ୍ରଭୃତି ତାଙ୍କୁ ପୁଣି ଥରେ ରାଜ୍ୟରେ ଫେରି ପାଇ କିପରି ଆନନ୍ଦିତ ତାହା ବଖାଣିଥିଲେ । ଗୋପବାବୁ ସମ୍ବର୍ଦ୍ଧନାର ପ୍ରସ୍ତାବରେ କହିଥିଲେ, "ମହାରାଜ ଆମର ଅଭିଭାବକ । ଆମେ ସମସ୍ତେ ତାଙ୍କ ଫେରିବା ବାଟକୁ ଆବେଗ ଭରେ ଅପେକ୍ଷା କରିଥିଲେ । ଏବେ ଆମ ଆଶା ପୂରଣ ହୋଇଛି । ମୋର ବିଶ୍ୱାସ ମହାରାଜଙ୍କ ଭ୍ରମଣ ଅଭିଜ୍ଞତା ମୟୂରଭଞ୍ଜ ତଥା ଓଡ଼ିଶା ପାଇଁ ସହାୟକ ହେବ । ତାଙ୍କ ଭ୍ରମଣ ଜନିତ ପ୍ରସାରିତ ଦୃଷ୍ଟି ଆମକୁ ମଧ୍ୟ ପ୍ରସାରିତ କରିବ । ଉନ୍ନତ ପାଶ୍ଚାତ୍ୟ ଦେଶ ଗୁଡିକର ବିକାଶର ନମୁନା ସେ ଅବଶ୍ୟ ଏଠାରେ ପରୀକ୍ଷା କରିବାର ଚେଷ୍ଟା କରିବେ ।"

ମହାରାଜ ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ, "ମୁଁ ରାଜ୍ୟକୁ ଫେରି ଆନନ୍ଦିତ । ମୋର ଲୋକମାନେ ମୋର ହୃଦୟରେ ବିରାଜମାନ । ପ୍ରଥମେ ମୁଁ ବିଦେଶ ଯିବି ନ ଯିବି ହେଉଥିଲି । ଗୋପବାବୁଙ୍କ ଉତ୍ସାହ ଭୁଲିବାର ନୁହେଁ । ବିଦେଶ ଭ୍ରମଣ ମୋତେ ଅନେକ କଥା ଶିଖାଇଛି । ସେ ଅଭିଜ୍ଞତା ମୋ ରାଜ୍ୟରେ ବିନିଯୁକ୍ତ ହେବ । ବିଦେଶର କର୍ମ ପ୍ରବଣତା, ସମୟ ଅନୁବର୍ତ୍ତିତା ଓ ବାସ୍ତବ ଦୃଷ୍ଟି ଆମ ପାଇଁ ପ୍ରେରଣା ଦାୟକ । ଆମେ ଧର୍ମ ଓ ଅଧ୍ୟାତ୍ମ ନାମରେ କର୍ମକୁ ଭୁଲିଛେ । ଏହା ଏକ ପ୍ରକାର ଜଡତା ଓ ତାମସିକତାର ଲକ୍ଷଣ । ଏ ଭ୍ରମଣ ମୋ ଭିତରେ ନୂଆ ସ୍ୱପ୍ନ ଓ ଉତ୍ସାହ ସୃଷ୍ଟି କରିଛି । ମୋ ଭିତରେ ନୂଆ ଆଶାର ଜାଗରଣ ହୋଇଛି । ତଥାପି ଲାଗେ ମୋ ଭ୍ରମଣ ଯୋଗୁଁ ରାଜ୍ୟ ରାଜକୋଷରୁ ଅନେକ ଅର୍ଥ ବ୍ୟୟ ହୋଇଗଲା । ସେଥିପାଇଁ ମୋର ଖେଦ ଅଛି ।"

ରାଜାଙ୍କ ମନର ଏ ଗ୍ଲାନି ଦୂର କରିବାକୁ ଯାଇ ଗୋପ କହିଥିଲେ, "ରାଜକୋଷର ଅର୍ଥ ଉପଯୁକ୍ତ ଭାବେ ବିନିଯୁକ୍ତ ହୋଇଛି । ରାଜାଙ୍କ ଭିତରେ ଯେଉଁ ରୂପାନ୍ତରିତ ମଣିଷଟି ଆମେ ଦେଖୁଛେ ସେତିକି ତ ଆମର ଲାଭ । ତାଙ୍କର ଏ ନବୀନ ରୂପ ଆମକୁ ଅନେକ ଭାବେ ପ୍ରେରଣା ଦେବ । ସେଥିରୁ ଲାଭବାନ ହେବ ଏ ମୟୂରଭଞ୍ଜ ଓ ଓଡିଶା ।"

ସଭାର ଔପଚାରିକ ସମାପ୍ତି ପରେ ଉଦଗ୍ରୀବ ରାଜା ପଚାରିଥିଲେ, "ଗୋପବାବୁ! ସତ କହିଲେ ରାଜ୍ୟ କେମିତି ଚାଲିଛି ?"

"ଖୁବ ଭଲ ଚାଲିଛି ଆଜ୍ଞା ।"

ପୁଣି ମହାରାଜଙ୍କ ପ୍ରଶ୍ନ: "ଅର୍ଥାତ ।"

"ମହାରାଜ ମୋତେ ବୁଝି ପାରିଲେ ନାହିଁ ବୋଧହୁଏ । ହୁଏତ ମୁଁ ବୁଝାଇ ପାରିଲି ନାହିଁ । ଏବେ ବୁଝାଇ କହୁଛି । ଏ ରାଜ୍ୟର ଏସ୍.ପି. ଏଚ୍.ପି. କିଡ଼ଲେ, ଦେବାନ ସାହେବ ମୋହିନୀ ମୋହନ ଧର, ଚିଫ୍ ଇଂଜିନିୟର ଜେ. ଏ.ମାର୍ଟିନ ସାହେବ ଆଉ ମୁଁ ଯେ ହେଲି ସରକାରୀ ଓକିଲ ।"

"ଏଥିରୁ ତ ମୋ ପ୍ରଶ୍ନର ଉତ୍ତର ମିଳିଲା ନାହିଁ ଗୋପବାବୁ ।"

"ତେବେ ମୁଁ କଥାକୁ ଆଉ ଟିକେ ପ୍ରାଞ୍ଜଳ କରି ଦେଉଛି - ଶୁଣନ୍ତୁ ମହାରାଜ ଆହୁରି ସ୍ପଷ୍ଟ କରି ଦେଉଛି ଆମ ଚାରି ଜଣଙ୍କ କଥା । ଜଣେ ଛୋଟା,ଜଣେ କାଲ, ଜଣଙ୍କର ଦୃଷ୍ଟିଶକ୍ତି କମ - ଆଉ ମୁଁ ? ମୋ କଥା ଛାଡ଼ନ୍ତୁ - ମୁଁ ଆପଣଙ୍କ ସରକାରୀ ଓକିଲ - ଖନା କଥା କଥାକେ ମୋ ତୁଣ୍ଡ ଲାଗେ । ଆମ ଚାରି ଜଣଙ୍କ ଉପରେ ଆପଣଙ୍କ ରାଜ୍ୟ ଶାସନ ଦାୟିତ୍ୱ । ଏଥିରେ ଶାସନ ଭଲ ଚାଲିବ ନାହିଁ ?" ଗୋପବନ୍ଧୁଙ୍କ ଉତ୍ତରରେ ଥିଲା ଗାମ୍ଭୀର୍ଯ୍ୟ । ତାଙ୍କ କଥା ଶୁଣି ହାସ୍ୟ ସମ୍ବରଣ କରି ପାରି ନଥିଲେ ଶ୍ରୀରାମଚନ୍ଦ୍ର । ଗୋପଙ୍କ ସହ ତାଙ୍କର ପ୍ରୀତି ଅଭେଦ । ସେ ତାଙ୍କୁ ଜଣେ କର୍ମଚାରୀ ଅପେକ୍ଷା ମିତ୍ର ଭାବରେ ଅଧିକ ଦେଖନ୍ତି । ଆଉ ସେଇ ମିତ୍ରତାର ଖାତିରରେ ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି ଆଉ ଏକ ଦାୟିତ୍ୱ । ବାରିପଦା ମୁନିସିପାଲିଟିର ଭାଇସଚେୟାରମ୍ୟାନ ଭାବେ ତାଙ୍କୁ ଅବସ୍ଥାପିତ କରାଯାଇଛି । ତେବେ ତା ପଛର କାହାଣୀ ଆଉ ପୃଷ୍ଠ ଭୂମି କିଛି କମ ରୋଚକ ନୁହେଁ । ମନେ ପଡ଼ିଯାଏ ଅଳ୍ପ ଦିନ ତଳର କଥା । ୧୯୧୧ର ଜୁନ ମାସ । ଅପରାହ୍ନ ରୌଦ୍ର ତାପିତ । ସହର ସାରା ଲୋକେ ଗ୍ରୀଷ୍ମ ପ୍ରବାହରେ ଆତୁର । ରାଜରାସ୍ତାରେ ଉତ୍ତାପ ର ରାଜତ୍ୱ । କୋଳାହଳ ଶୂନ୍ୟ । ଗଛ ଗହଳିରୁ ମଝିରେ ମଝିରେ ଶୁଭିଛି କୋଇଲିର କୁହୁ । ରାଜବାଟୀ କେମିତି ମୂର୍ଚ୍ଛିତ । ପ୍ରାଣ ସଂଚାରର ଚେଷ୍ଟା କରୁଛି କ୍ଷୀଣ ବୁଢା ବଳଙ୍ଗର କୁଳୁକୁଳୁ ।

ରାଜପ୍ରାସାଦର ସାତବଖରା ଘରର ଅଗଣା କିନ୍ତୁ କୋଳାହଳ ମୁଖର । ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବସିଛନ୍ତି ଗମ୍ଭୀର ହୋଇ । ତାଙ୍କୁ ବେଢ଼ି ଆସନ ଅଳଙ୍କୃତ କରିଛନ୍ତି ଷ୍ଟେଟ୍ କାଉନସିଲ୍ର ସଭ୍ୟ ପୁଣି ମ୍ୟୁନିସପାଲିଟିର ସଭ୍ୟ ଗଣ । ଆଲୋଚନା ସରଗରମ । ସ୍ଥିର ହୋଇ ପାରୁନାହିଁ ମ୍ୟୁନିସପାଲିଟିର ଭାଇସ୍ ଚେୟାରମ୍ୟାନ୍ ଭାର କାହା ଉପରେ ନ୍ୟସ୍ତ କଲେ ଭଲ ହେବ । ମନେ ହେଉଛି ମହାରାଜ ନିଜେ ଏଥିପାଇଁ ବଡ଼ ଚିନ୍ତିତ ।

"ମିଷ୍ଟର ଚେୟାରମ୍ୟାନ୍! ଭାଇସ୍ ଚେୟାରମ୍ୟାନ୍ ପଦ ପାଇଁ କାହା ନାମ ପ୍ରସ୍ତାବ କରୁଛନ୍ତି ?"



▼ମୟୂରଭଞ୍ଜ ରାଜପ୍ରାସାଦ

ଏକଥା ମହାରାଜ ପଚାରିଥିଲେ ଲାଲ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେବଙ୍କୁ ।' ରାଜା ଜାଣିଥିଲେ ମଝିରେ ହରିଶ୍ଚନ୍ଦ୍ର ଥିଲେ ଅସୁସ୍ଥ । ତାଙ୍କର ଚିକିତ୍ସା ସମୟରେ ଏନ.ସି. ଘୋଷ ଚେୟାରମ୍ୟାନ ହିସାବରେ କାର୍ଯ୍ୟ ତୁଲାଇଥିଲେ । ସେ ହେଲେ ବେସରକାରୀ ସଦସ୍ୟ । ମହାରାଜଙ୍କ ପ୍ରଶ୍ନର ଜବାବ ଦେବାକୁ ଯାଇ ଲାଲ ସାହେବ ତାଙ୍କରି ପରି ଦୁଇ ତିନି ଜଣ ବେସରକାରୀ ସଦସ୍ୟଙ୍କ ନାଁ ପ୍ରସ୍ତାବ କଲେ । ହେଲେ ମହାରାଜଙ୍କ ମନକୁ କୌଣସି ନାଁ ପାଇଲା ନାହିଁ । ଏ ଭିତରେ ମହାରାଜ ମ୍ୟୁନିସିପାଲିଟି କାର୍ଯ୍ୟାବଳୀର ବିବରଣୀ ପଢୁଥାନ୍ତି । କେଉଁଠି କଣ ବିସଙ୍ଗତି ଅଛି ଆଖି ପକାଉଥାନ୍ତି । ପୁଣି ହଠାତ କହି ଉଠିଲେ 'ମିଷ୍ଟର ଚେୟାରମ୍ୟାନ ! ଗତ ବର୍ଷ ସହରର ଛଅଟି ୱାର୍ଡରୁ କେତେ ଜଣ କମିଶନର ମନୋନୀତ ହୋଇଥିଲେ ?'

'ପନ୍ଦର ଜଣ ମହାରାଜ ।'

ଉତ୍ତର ଦେଲେ ଲାଲ ସାହେବ ।

ବାହାରେ ଅସହ୍ୟ ଗରମ । ଏତିକି କହି ମହାରାଜ ପାଖରେ ରଖା ହୋଇଥିବା ଶୀତଳ ପାଣି ଗ୍ଲାସ୍ ପିଇ ନେଲେ । ନିଜକୁ ଟିକେ ସାଷ୍ଟମ କଲେ । ସେ ବୁଝି ପାରୁଥିଲେ ଯେ ଅନ୍ୟମାନେ ସଂଭ୍ରମ ହେତୁ ତାଙ୍କୁ କିଛି ପ୍ରସ୍ତାବ ଦେଇ ପାରୁନାହାନ୍ତି । ତେଣୁ କିଡେଲ୍ ଓ ମୋହିନୀମୋହନଙ୍କ ଆଡ଼କୁ ବୁଲି ପଡି ପଚାରିଲେ, "ଆପଣମାନେ କଣ ସ୍ଥିର କଲେ ? ସ୍ଥିର କଣ ବରଂ ମୋ ମତରେ ମନୋନୀତ ସଭ୍ୟମାନେ ଭାଇସ୍ ଚେୟାରମ୍ୟାନ୍ ନିର୍ବାଚନ କରନ୍ତୁ । କିଛି ଅସୁବିଧା ହେବ ନାହିଁ ।"

ମହାରାଜାଙ୍କ ବ୍ୟଗ୍ରତା ଦେଖି ଦେବାନ ମୋହିନୀମୋହନ ଧର ପ୍ରତିଶ୍ରୁତି ଦେଲେ ଯେ – "ଘରୋଇ ମ୍ୟାନେଜର ଶ୍ରୀଦାସ ଚନ୍ଦ୍ର ଭଞ୍ଜଦେଓ, ଇଂଜିନିୟର ଜେ. ଏ. ମାର୍ଟିନ ଓ ବେବର୍ତ୍ତା ରାମହରିଜିତ ବାବୁ ପ୍ରଭୃତିଙ୍କ ସହ ପରାମର୍ଶ କରାଯିବ । ତା ପରେ ଭାଇସ୍ ଚେୟାରମ୍ୟାନ୍ ନିର୍ବାଚନ ସେଇ ଆଧାରରେ ହେବ ।"


ହେମସାଗର ପୋଖରୀ

"ସେମାନେ ସବୁ ସଭାରେ ଉପସ୍ଥିତ ହୁଅନ୍ତି ତ ? ସଭ୍ୟମାନଙ୍କ ସହଯୋଗ ବିନା ତ କାର୍ଯ୍ୟ ହୋଇପାରିବ ନାହିଁ ।"

"ତିନି ଚାରି ଜଣ ଟିକେ ଅନିୟମିତ । ସେମାନଙ୍କ ବ୍ୟତୀତ ପ୍ରାୟ ସମସ୍ତେ ଯଥା ସମୟରେ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରନ୍ତି ।"

ମହାରାଜ ଟିକେ ଗମ୍ଭୀର ଥିଲେ । ଏଥର ଆଉ ଟିକେ ଗମ୍ଭୀର ହୋଇ ଷ୍ଟେଟ୍ ଜଜ୍ ହରିଦାସ ବୋଷଙ୍କୁ ଉଦ୍ଦେଶ୍ୟ କରି ପଚାରିଲେ, "ଭାଇସ୍ ଚେୟାରମ୍ୟାନ୍ ପଦବୀଟି ନିର୍ବାଚିତ କଲେ କିପରି ହୁଅନ୍ତା ? ଆପଣଙ୍କ ମତ କଣ ?"

ହରିଦାସ ବୋଷ କିଛି ଉତ୍ତର ଦେବା ପୂର୍ବରୁ ଲାଲ ସାହେବ କହିଥିଲେ, "ଆପଣଙ୍କ ଉପରେ ଏହା ନିର୍ଭର କରେ । ଏ ବିଷୟରେ ଆପଣଙ୍କ ମତ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ଆପଣ ଯାହା ଭାବିଚିନ୍ତି ନିଷ୍ପତ୍ତି ନେବେ ତାହା ଆମର ଶିରୋଧାର୍ଯ୍ୟ ।"

"ନା ନା ତାହା ନୁହେଁ । ମୁଁ ନିଜକୁ ଏପରି ଜାହିର କରିବାକୁ ଚାହେଁନା । ମୁଁ ରାଜ୍ୟର ରାଜା ହୋଇପାରେ ମାତ୍ର ସର୍ବେସର୍ବା ନୁହେଁ । ପ୍ରଜାଙ୍କ ମଙ୍ଗଳରେ ମୋର ସୁଖ । ଆପଣମାନେ ମୟୂରଭଞ୍ଜର ପ୍ରଜାମାନଙ୍କ ପ୍ରତିନିଧି । ଆପଣମାନଙ୍କ ପରାମର୍ଶ ଓ ସହମତି ବିନା ମୁଁ କିଛି ବି କରି ପାରିବି ନାହିଁ ।"

ସଭାରେ ଉପସ୍ଥିତ ଥାଇ ଗୋପବନ୍ଧୁ ଏସବୁ ଲକ୍ଷ କରୁଥାନ୍ତି । ଏବେ ରାଜା ଟିକେ ଆଶ୍ୱସ୍ତ ଦିଶୁଥାନ୍ତି । ଆଲୋଚିତ ବିଷୟରେ ତାଙ୍କର କିଛି ଭୂମିକା ନ ଥିବାରୁ ଚୁପ ରହିଥାନ୍ତି ଗୋପ । ଏତିକି ବେଳେ ରାଜା ଚା ପାନ ବିରତି ଘୋଷଣା କଲେ । ନିଜର ବିଶ୍ୱସ୍ତ ଭୃତ୍ୟ ମଧୁକୁ ଉଦ୍ଦେଶ୍ୟ କରି କହିଲେ

'ଯା ମଧୁ ଚା ନେଇ ଆସ ।ଆସିଲା ବେଳେ ମୋ ପାଇଁ ପାନ ଆଣିବାକୁ ଭୁଲିବୁ ନାହିଁ ।'

'ମୁଁ ତ ସବୁ ପ୍ରସ୍ତୁତ କରି ରଖିଛି । ଖାଲି ଆପଣଙ୍କ ଆଜ୍ଞାକୁ ଅପେକ୍ଷା ଥିଲା । ସଞ୍ଜ ଗଡ଼ିଲାଣି ।'

ଗୋପ ଦେଖୁଥାନ୍ତି । ଚା ଆସିଲା । ଆସିଲା ବି ମହାରାଜଙ୍କ ପାଇଁ ତାଙ୍କର ପ୍ରିୟ କସ୍ତୁରୀ ଲବଙ୍ଗ ମିଶ୍ରିତ ପାନ । ଯେ ଯାହାର ଚା ପିଇବାରେ ବ୍ୟସ୍ତ । ମହାରାଜ ପାନ ଚୋବାଇ ପିକ ଦାନୀ ରେ ଥୁକ ପକାଇ ଚାହିଁଲେ ଗୋପବନ୍ଧୁଙ୍କ ଆଡେ ।

'ଆରେ ଆପଣ ଚା ପିଉନାହାନ୍ତି ଯେ ! ଓହୋ ମୁଁ ଜାଣେ ଆପଣ ପିଅନ୍ତି ନାହିଁ । ଭଲ କରିଛନ୍ତି ଏ ଅଭ୍ୟାସ ଅମଳ ନ କରି । ଓକିଲାତି ବୃତ୍ତିରେ ଥାଇ ଆଜିକାଲି କିଏ ଆଉ ଏ ଅମୃତ ଅମଳ ନ କରୁଛି ? ତହିଁକି ପୁଣି ହାଇକୋଟ ଓକିଲଙ୍କ ହାତରୁ ପାଇପକୁ ଫୁରସତ ନାହିଁ । ଆପଣ ଅଲଗା ।'

ଗୋପବନ୍ଧୁ କେବଳ ଅଳ୍ପ ହସୁଥାନ୍ତି । ହଠାତ ମହାରାଜ ତାଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲେ, "ଆଚ୍ଛା ଗୋପବନ୍ଧୁ ବାବୁ! ମୁଁ ଆପଣଙ୍କୁ କହୁଛି ଆପଣ ଭାଇସ୍ ଚେୟାରମ୍ୟାନ୍ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରନ୍ତୁ ।" ଲୋକେ କିଛି ସମୟ ଚୁପ୍ ରହିଲେ । ତା ପରେ ତାଳି ମାଡ଼ରେ କମ୍ପି ଉଠିଲା ସାତ ବଖରାର ପରିସର । ଗୋପବନ୍ଧୁ ତଟସ୍ଥ । ଚା' ପିଇବା ବେଳେ ମହାରାଜ ଅନ୍ୟମାନଙ୍କ ସହ ଚୁପ୍‌ଚାପ୍ କଣ କଥା ହେଉଥିଲେ । ତେବେ ଏଇଥିଲା ମସୁଧା । ତାଳି ଭିତରେ ଛିଡା ହୋଇ ପଡିଲେ ଗୋପ: "ମୁଁ ଆପଣଙ୍କ ଆଗରେ ହାତ ଯୋଡୁଛି ମହାରାଜ, ମୋତେ ଏଥିରୁ ନିଷ୍କୃତି ଦିଅନ୍ତୁ । ମୁଁ ଏ ପଦ ପାଇଁ ଆଦୌ ଯୋଗ୍ୟ ନୁହେଁ ।"

"ଆପଣ ଯୋଗ୍ୟ କି ନାହିଁ ସେ କଥା କହିବାକୁ ଆପଣ କିଏ ? ଆପଣ କିପରି ଅଯୋଗ୍ୟ ଟିକେ ବୁଝାଇଲେ ।"

ନିଜକୁ କାହିଁକି ପଦବୀ ଲାଗି ଅଯୋଗ୍ୟ ମନେ କରୁଥିଲେ ଗୋପ ସେ କଥା କହିବା ଆରମ୍ଭ କଲେ, "ମହାରାଜ ! ଆପଣ ଜାଣନ୍ତି ବାରିପଦା ମ୍ୟୁନିସିପାଲିଟି ବିଷୟରେ ମୋର ବିଶେଷ କିଛି ଧାରଣା ନାହିଁ । ତା ଛଡା ଏଠାକାର ଜନସାଧାରଣଙ୍କ ସହ ମୁଁ ଭଲରେ ମିଶି ନାହିଁ । ସେମାନଙ୍କ ଦୁଃଖ ସୁଖକୁ ନେଇ ମୋର ଅଭିଜ୍ଞତା ମଧ୍ୟ ନାହିଁ । ତା ଛଡା ମୁଁ ସରକାରୀ ଓକିଲ ପଦରେ ଅଛି ପୁଣି ଷ୍ଟେଟ୍ କାଉନସିଲ୍‌ର ଅତିରିକ୍ତ ସଦସ୍ୟ ବି ଅଛି । ଜଣେ ଲୋକ ଏସବୁ ପଦରେ ରହିବା କଣ ଠିକ ହେବ ? ତା ଛଡା ଏତେ ଗୁରୁ ଦାୟିତ୍ୱ ମୁଁ ତୁଲାଇ ପାରିବି ତ !"

"ଗୋପବାବୁ ଆପଣ ଖୁବ୍ କମ ବୟସରୁ ଲୋକ କ୍ଷେତ୍ରରେ କାମ କରି ଆସିଛନ୍ତି । ତେଣୁ ଆପଣ ଯେକୌଣସି ସ୍ଥାନକୁ ଗଲେ ଲୋକଙ୍କ ହୃଦୟ ଚିହ୍ନି ପାରନ୍ତି । ଏଠି ମଧ୍ୟ ବିତର୍କ ବେଳେ ପ୍ରଜାମାନଙ୍କ ସ୍ୱାର୍ଥ କଥା କହି ଆପଣ ସେମାନଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ସେମାନେ ଆପଣଙ୍କୁ ଅତି ନିଜର ଜ୍ଞାନ କରନ୍ତି । ଥରେ ପଦବୀକୁ ଗଲେ ଆପଣ ମ୍ୟୁନିସିପାଲିଟୀର ସବୁ କଥା ଜାଣି ପାରିବେ ।"

"ମହାରାଜ ମୁଁ କଣ ସତରେ ପାରିବି ?"

"ଆପଣଙ୍କ ଭଳି ବିଚକ୍ଷଣ ଓକିଲ ଓ ସହୃଦୟ ମଣିଷ ନିଶ୍ଚୟ ପାରିବେ । ତେଣୁ ବାବୁ ଗୋପବନ୍ଧୁ ବାବୁ ଆପଣ ମୋ କଥା ରଖନ୍ତୁ ।"

ଉପସ୍ଥିତ ସମସ୍ତଙ୍କ କର ତାଳି ଭିତରେ ତାଙ୍କ କ୍ଷୀଣ ପ୍ରତିବାଦ କୁଆଡେ ହଜି ଗଲା । ସଚେତନ ହୋଇ ଗୋପ ଶୁଣିଲେ ନିଜର ସ୍ୱର

"ଆପଣଙ୍କ ନିକଟରେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିବାକୁ ମୁଁ କାହିଁକି ପସନ୍ଦ କରେ କେଜାଣି । ତାହା ବୋଧହୁଏ ବିଧି ନିର୍ଦ୍ଦିଷ୍ଟ ।" ସେଦିନ ସନ୍ଧ୍ୟାରେ ଏହି ପରି ଭାବେ ଗୋପଙ୍କ ଉପରେ ନାଟକୀୟ ରୀତିରେ ଭାଇସ୍ ଚେୟାରମ୍ୟାନ୍ ପଦ ଲଦି ଦିଆ ଯାଇଥିଲା । ତେବେ ଯେ କୌଣସି ଦାୟିତ୍ୱ ହାତକୁ ନେଲେ ତାକୁ ସୁରୁଖୁରୁରେ ତୁଲାଇବାକୁ ଚାହୁଁଥିବା ଗୋପ ଜାଣିବାକୁ ଚେଷ୍ଟା କରିଥିଲେ ମ୍ୟୁନିସିପାଲିଟି ବିଷୟରେ । ତେଣୁ ଥରେ କଥା ହୋଇଥିଲେ ଚେୟାରମ୍ୟାନ ଲାଲ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେବଙ୍କ ସହ ।

"ଆଛା ଲାଲ ସାହେବ ଆମ ବାରିପଦା ମ୍ୟୁନିସପାଲିଟି କେବେ ପ୍ରତିଷ୍ଠିତ ହେଲା ? କିପରି କାମ ଆରମ୍ଭ କଲା ମୋତେ ଟିକେ କୁହନ୍ତୁ ।"

ପରମ ଉତ୍ସାହଭରେ ସୂଚନା ଦେବା ଆରମ୍ଭ କରିଥିଲେ ଲାଲ ସାହେବ: "ବୁଝିଲେ ଓକିଲ ବାବୁ ! ଆମ ପୌର ପରିଷଦ ଏତେ ପୁରୁଣା ନୁହେଁ । ଆପଣ ଏଠି ମୁକରିର ହେବାର ମାତ୍ର ଚାରି ପାଂଚ ବର୍ଷ ଆଗରୁ ୧୯୦୬ ଜୁନ ପହିଲାରେ ଏହା ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ପୌରାଞ୍ଚଳ ଥିଲା ଦୁଇ ବର୍ଗ ମାଇଲ୍ ବିଶିଷ୍ଟ । ଆଉ ଜନ ସଂଖ୍ୟା ପାଞ୍ଚ ହଜାର ଛ ଶହ ସତର ।"

"ତାହେଲେ ପ୍ରତିଷ୍ଠା ଦିନରୁ ଶଙ୍ଖପଟାର ଲାଲ ସାହେବ ଏହାର ଚେୟାରମ୍ୟାନ୍ ଅଛନ୍ତି ।"

ଗୋପବନ୍ଧୁଙ୍କ ମୁହଁରୁ ନିଜ ନାଁ ପରୋକ୍ଷରେ ଶୁଣି ହରିଶ୍ଚନ୍ଦ୍ର ଟିକେ ଅପ୍ରତିଭ ହେଲେ । "ଲାଲ ସାହେବ ! ଏହାର ଗଠନ ବିଷୟରେ ଟିକେ ଧାରଣା ଦିଅନ୍ତୁ ।"

"ପ୍ରତିଷ୍ଠା ବେଳେ ମ୍ୟୁନିସିପାଲିଟିକୁ ଛଅଟି ୱାର୍ଡରେ ବିଭକ୍ତ କରାଯାଇଥିଲା । ଏଥିପାଇଁ ଚଉଦ ଜଣ ୱାର୍ଡ କମିଶନର ନିଜେ ମହାରାଜ ମନୋନୀତ କରିଥିଲେ । ଚଉଦ ଜଣଙ୍କ ଭିତରୁ ପାଞ୍ଚ ଜଣ ସରକାରୀ ସଭ୍ୟ ଓ ନ ଜଣ ବେସରକାରୀ ସଦସ୍ୟ । ପୁଣି ବେସରକାରୀ ନଅ ଜଣଙ୍କୁ ରାଜା ବିଭିନ୍ନ କ୍ଷେତ୍ରରୁ ମନୋନୀତ କରନ୍ତି । ଚାରି ଜଣ ଓକିଲ, ଦୁଇ ଜଣ ବ୍ୟବସାୟୀ, ଜଣେ ସର୍ଦ୍ଦାର, ଜଣେ ଜମି ନିର୍ଦ୍ଧାରକ ଓ ଜଣେ ଜାଗିରଦାର । ଯୋଗ୍ୟତାକୁ ଆଖିରେ ରଖି ମହାରାଜ ଏ ସମସ୍ତଙ୍କର ମନୋନୟନ କରୁଥିଲେ ।"

"ଆଚ୍ଛା କାର୍ଯ୍ୟାଳୟ ଚଳାଇବାର ବ୍ୟବସ୍ଥା ?"



"ମହାରାଜ ପ୍ରଥମରୁ କାର୍ଯ୍ୟାଳୟକୁ ସୁବିନ୍ୟସ୍ତ କରିଛନ୍ତି । ଆରମ୍ଭରୁ ଅଫିସ୍‌ରେ ରହିଥିଲେ ଜଣେ ହେଡ୍ କ୍ଲର୍କ, ଜଣେ ଆକାଉଣ୍ଟାଣ୍ଟ,ଜଣେ ଟିକସ ଦାରୋଗା, ଜଣେ କଲେକଟିଂ ସରକାର ଓ ଜଣେ ଇନିଷ୍ପେକଟର । ଏମାନଙ୍କୁ ନେଇ କାର୍ଯ୍ୟାଳୟ ଚାଲୁଥିଲା । ଏହା ବାଦ୍ ବାହାର କାର୍ଯ୍ୟ ପାଇଁ ନିଯୁକ୍ତି ପାଇଥିଲେ ଅଣତିରିଶ ଜଣ ଝାଡୁଦାର, ଅଠେଇସ ଜଣ ମେହେନ୍ତର, ନଅ ଜଣ ଆଲୁଅ ଜଳାଇବା ଲୋକ ।"

"ଆଚ୍ଛା ମ୍ୟୁନିସିପାଲିଟିର ଆୟ କିପରି ?"

"ପ୍ରାଥମିକ ବର୍ଷ ଆୟ ଥିଲା ପାଞ୍ଚ ହଜାର ପାଞ୍ଚ ଶହ ଚଉରାଶି ଟଙ୍କା ନ ଅଣା ଏକ ପାହି । ଏହା ବାଦ୍ ଷ୍ଟେଟ୍ ତରଫରୁ ତିନି ହଜାର ଆଠ ଶହ ଅଣସ୍ତରି ଟଙ୍କା ଚଉଦ ଅଣା ପାଞ୍ଚ ପାହି ମଞ୍ଜୁରୀ ହୋଇଥିଲା ।"

ତା ପରେ ଗୋପବାବୁ ପଚାରିଥିଲେ, "ଅନ୍ୟାନ୍ୟ ଆୟ କିଛି ଅଛି କି ?"

ଲାଲ ସାହେବ କହନ୍ତି, "ହଁ ଗୋପବାବୁ ! ଯାନବାହନ ପଞ୍ଜୀକରଣ, ପାଇଖାନା ଟିକସ, ରାସ୍ତା ଆଲୁଅ ପାଇଁ ଦେୟ, ମରାମତି ଦେୟ ଇତ୍ୟାଦି ମଧ୍ୟ ଆୟର ଉତ୍ସ ।"

"ଆଚ୍ଛା ଜଳ ଯୋଗାଣ ପାଇଁ କେଉଁଠୁ ପାଣି ଆସେ ।"

'ଜେଲ ପୋଖରୀ, ଚାପଲ ପୋଖରୀ ଏ ଦୁଇଟି ପାଣି ଯୋଗାଣର ଉତ୍ସ । ହେମ ସାଗର ପୋଖରୀର ପାଣି ମଧ୍ୟ ପିଇବା ପାଇଁ ବ୍ୟବହୃତ ହୁଏ ।"

"ଆଉ ସହରର ମଇଳା ସଫେଇ ବ୍ୟବସ୍ଥା ?"

"ଏଥିପାଇଁ ସାତଟି ଶଗଡ଼ ଓ ସାତଟି ଠେଲା ଗାଡି ବ୍ୟବସ୍ଥା ଅଛି । କେତେ ଜଣ ସ୍ତ୍ରୀ ଲୋକ ରାସ୍ତା ସଫା କରିବା ପାଇଁ ଝାଡୁଦାର ରୂପେ ନିଯୁକ୍ତି ପାଇଛନ୍ତି । ଠେଲା ଗାଡ଼ିରେ ଚାଳକମାନେ ପାଇଖାନା ମଇଳା ନେଇ ସହର ବାହାରେ ଫିଙ୍ଗି ଦେଇ ଆସନ୍ତି ।" ଗୋପ ମନେ ପକାଉଥିଲେ ଲାଲ ସାହେବଙ୍କ ବ୍ୟସ୍ତତା । ହୁଏତ ସେ ଭାବୁଥିଲେ ଏତେ କଥା କଣ ପାଇଁ ଆଗୁଆ ପଚରା ଯାଉଛି । ତେବେ ସଫେଇ ଦେବାକୁ ଯାଇ ଗୋପ କହିଥିଲେ, "ଯଦି ମ୍ୟୁନିସିପାଲିଟି ବିଷୟରେ ମୋର ସାଧାରଣ ଜ୍ଞାନ ନ ରହେ ତେବେ କି ପ୍ରସ୍ତାବ ବା ମୁଁ ଦେଇ ପାରିବି ?"

ଲାଲ ସାହେବ କହିଥିଲେ, "ଏବେ ଜାଣିପାରୁଛି ମହାରାଜ କଣ ପାଇଁ ଆପଣଙ୍କୁ ଏତେ ଗୁରୁ ଦାୟିତ୍ୱ ଦେଉଛନ୍ତି । ଆପଣ ସବୁ କଥା ଏତେ ଗଭୀର ଭାବେ ନିଅନ୍ତି ତାହା ଜାଣି ମୁଁ ବଡ଼ ଆଶାବାନ । ଏଣିକି ମୋ ଦାୟିତ୍ୱ କମ ହେବ ।"

ଦାୟିତ୍ୱ ନେବା ଦିନଠାରୁ ଗୋପ ଅବଶ୍ୟ ସବୁ କଥାରେ କିଛି ନୂତନତ୍ୱ ଦେଖାଇବାକୁ ଚେଷ୍ଟା କରିଛନ୍ତି । ଆଜି ବି ସେଥିପାଇଁ ସେ ଚିନ୍ତିତ । ଜୁନ ମାସର ଦି' ପହରେ ଖାଇ ସାରି ପୌର ପରିଷଦ ଚିନ୍ତାରେ ମଗ୍ନ । ଏତିକି ବେଳେ କବାଟରେ କାହାର କରାଘାତ ଶୁଭିଲା । ରାନ୍ଧୁଣି ଶ୍ରୀକର କୁଆଡେ ବାହାରକୁ ଯାଇଥିଲା । ତେଣୁ ଓକିଲ ବାବୁ ନିଜେ କବାଟ ଖୋଲିଲେ, "ଆରେ ପଣ୍ଡିତେ । ଆସନ୍ତୁ ଆସନ୍ତୁ ।"

ବାହାରେ ଛିଡ଼ା ହୋଇଥିଲେ ପଣ୍ଡିତ ଶ୍ରୀଧର ଶତପଥୀ । ଭିତରେ ଆସି ବସିବା ପରେ ପଚାରିଲେ, "ଆପଣ ଏ ଅସମୟରେ ! କଣ କିଛି ଅସୁବିଧା ହୋଇଛି ।"

"ନାଇଁ ସେମିତି ।"

"କିଛି ସମସ୍ୟା ନ ହୋଇଥିଲେ ଏ ଝାଂଜି ପିଟା ଖରାରେ ଆପଣ ଆସି ନଥାନ୍ତେ । କୁହନ୍ତୁ କଣ ଖବର ?"

"କଣ ଆଉ କହିବି, କିଛି ଆପଣଙ୍କୁ ଅଜଣା ନାହିଁ । ଚାକିରୀ କରିବି ବୋଲି ବାଲେଶ୍ୱରରୁ ଆସି ବାରିପଦାରେ ପଡିଛି । ହେଲେ କି ଉନ୍ନତି ବା ହେଉଛି ? ଯାହା ଆୟ ହେଉଛି ତା କେବଳ ପେଟ ଚାଖଣ୍ଡକ ପୂରାଇବାରେ ଯାଉଛି । ପ୍ରମୋସନ ନାହିଁ, ଦରମା ବୃଦ୍ଧି ହେଉନି । ନା ପିଲାପିଲିଙ୍କୁ ଭଲରେ ବଢ଼ାଇ ହେଉଛି ନା ସେମାନଙ୍କ ପାଇଁ କିଛି ସଂଚି ହେଉଛି । ଏମିତି ଏମିତି ବାର୍ଦ୍ଧକ୍ୟ ଆସିଯିବ । ଆଉ ଜୀବନ ମୂଲ୍ୟହୀନ । କୌଣସି ନିରାପତ୍ତା ନାହିଁ । ବୁଢ଼ା ବୟସରେ କିଏ ବା ପଚାରିବ ?"

ଆଉ ଦିନ ହୋଇଥିଲେ ଗୋପ କହିଥାନ୍ତେ- "ଏ ଚାକିରୀ ମାୟାରେ ପଡୁଥିଲେ କାହିଁକି ? ଗୋରା ସରକାରର ଗୋଲାମୀ କରି କିଏ ବା ନିରାପଦ ।" ହେଲେ ଆଜି କାହିଁକି କେଜାଣି ମନ ସେମିତି କହିବାକୁ ମନା କଲା । ସେ ପଣ୍ଡିତେଙ୍କୁ ଟିକେ ସରସ କରିବାକୁ ଯାଇ କହିଲେ, "ଇଂରେଜଙ୍କ ଅଧୀନରେ ରହି ଉନ୍ନତି କରିବା କଷ୍ଟ । ହେଲେ ଆପଣ ଉପରିସ୍ଥ ଅଧିକାରୀଙ୍କ ପାଖରେ ତାପଙ୍ଗ ମେଲାଣି ବୃତ୍ତରେ ପଦେ ଗାଇ ଦେଲେନି ।"

"ତାପଙ୍ଗ ମେଲାଣି ବୃତ୍ତ ! କିଛି ବୁଝି ପାରିଲିନି ଆଜ୍ଞା ।"

"ଓହୋ ଆପଣ ଯଦି ସେ ବୃତ୍ତ ନ ବୁଝିବେ ତେବେ ଗୋରା ଅଧୀନରେ ଚାକିରୀ କରିବେ କିପରି ।"

"ସେ ତାପଙ୍ଗ ଜାଗାଟି କେଉଁଠି ଯେ ।"

"ତାପଙ୍ଗ ପୁରୀ ଜିଲ୍ଲାର ଏକ ବିଖ୍ୟାତ ଗଡ଼ । ସେ ଅଞ୍ଚଳ ଦଳ ବେହେରାଙ୍କ ପାଇଁ ବିଖ୍ୟାତ । ମନେଥିବ ନିଜର ଜଣେ ଦୁଷ୍ଟ ପ୍ରଜାକୁ ସାହାଯ୍ୟ କରିବାକୁ ଦଳବେହେରା ନିଜକୁ ଗୋରା ପୋଲିସ ହାତରେ ଧରା ପକାଇ ଦେଇଥିଲେ ।"

"ହଁ ଆଜ୍ଞା ଝାପ୍‌ସା ମନେ ପଡ଼ିଲା ।"

"ସେଇ ତାପଙ୍ଗରେ ଜଣେ ଶିକ୍ଷକ ଥିଲେ । ପାଠ ପଢ଼ାଇବା ସହିତ ଇନିସ୍ପେକ୍ଟରଙ୍କୁ କେମିତି ସନ୍ତୁଷ୍ଟ କରିହେବ ସେ ଜାଣିଥିଲେ । ଅଧିକାରୀଙ୍କୁ ଖୁଆଇ ପିଆଇ ଆପ୍ୟାୟିତ କରିବା ତାଙ୍କର ଅଭ୍ୟାସ ଥିଲା । ତେଣୁ ବଦଳି ହେଉ ନଥିଲା । ଥରେ ଅର୍ଥ ଅଭାବରୁ ସେ ଇନିସ୍ପେକ୍ଟରଙ୍କୁ ଆପ୍ୟାୟିତ କରି ପାରିଲେ ନାହିଁ । ସେ ବିରକ୍ତ ହୋଇ ତାଙ୍କ ଉପରେ ପ୍ରତିଶୋଧ ନେଲେ ଓ ଆଠ ମାଇଲ ଦୂର ଜାଗାକୁ ବଦଳି କରି ଦେଲେ । ପ୍ରତି ଦିନ ଷୋହଳ ମାଇଲ ଯିବା ଆସିବା କରି ଶିକ୍ଷକଙ୍କର ଜ୍ଞାନ ଉଦୟ ହେଲା । ଯୋଗକୁ ସେଠିକୁ ଇନିସ୍ପେକ୍ଟର ଗଲେ । ଏଥର ଆପ୍ୟାୟନରେ ତ୍ରୁଟି କଲେ ନାହିଁ । ଇନିସ୍ପେକ୍ଟରଙ୍କୁ ଆହୁରି ପ୍ରୀତ କରିବା ପାଇଁ ସେ ସଙ୍ଗୀତ ବି ରଚନା କରି ଶୁଣାଇଲେ ।

"ନିଜେ ଲେଖିଲେ ?"

"ହଁ ପଣ୍ଡିତେ ନିଜେ ଲେଖି ଗାଇଲେ ।" ଏହା କହି ସାରି ଗୋପବାବୁ ନିଜେ ଅଙ୍ଗଭଙ୍ଗୀ କରି ଗାଇବା ଆରମ୍ଭ କଲେ:

"ଦୁଷ୍ଟ ଲୋକଙ୍କୁ ସାକ୍ଷାତେ ଯମ
ଦାତା ପଣେ କର୍ଣ୍ଣ ନୋହେ ସମ ।
ଗଭୀର ପଣକୁ ଜଳଧି ହାରଇ
ଶୀତଳ ଯେସନେ ସୋମ ହେ ଭୋ ଦେବ ।
ଜ୍ଞାନ ଗରିମା ଅଟେ ଅପାର
ବିଦ୍ୟା ବଳେ ବଶ ତିନି ପୁର
ଅଧମ ଜନରେ ନ ହୁଅ ନିଷ୍ଠୁର
ମୋତେ ତାପଙ୍ଗ ବଦଳି କର ହେ ଭୋ ଦେବ ।"

ଶତପଥୀ ହସୁଥାନ୍ତି । ଗୋପବନ୍ଧୁ ପଚାରିଲେ, "ଆଚ୍ଛା କହିଲ, ଯା ପରେ ଶିକ୍ଷକଙ୍କ ଅବସ୍ଥା କଣ ହୋଇଥିବ ?"

ଶ୍ରୀଧର ବାଟ ପାଇଗଲା ପରି ଉଲ୍ଲସିତ ଥାଆନ୍ତି । ପଚାରିଲେ, "କଣ ହେଲା ?" "କଣ ଆଉ ହେବ ? ତାପଙ୍ଗ ବଦଳି ହେଲା । ତୁମେ ଯଦି ପ୍ରମୋସନ ଚାହୁଁଛ ଏଇ ହେଉଛି ବାଟ ।" ଏତିକି କହି ଗୋପବନ୍ଧୁ ହସିଲେ । ବାଟରେ ଗଲା ବେଳେ ଶ୍ରୀଧର ଭାବିଲେ, 'ଦାସେ ଆପଣେଙ୍କ କଥାରେ ଉପାୟ ଥିଲା ପୁଣି ତାତ୍ସଲ୍ୟ ଥିଲା । ସେ କଟାକ୍ଷ କାହାକୁ ତାଙ୍କ ଶିକ୍ଷକ କୁଳକୁ ନା ଗୋରା ସରକାରଙ୍କୁ ?"

# ମିମିର ମନକଥା



# ମହନୀୟା ମିମି

**ଡକ୍ଟର ମଣୀନ୍ଦ୍ର କୁମାର ମେହେର**
ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯

ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ ରାଉଳ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ବାମା ଚରଣ ମିତ୍ରଙ୍କ 'ମିମିର ସାହିତ୍ୟ ଶିକ୍ଷା' ଗଳ୍ପରୁ ମିମି ଚରିତ୍ରର ବିଶ୍ଳେଷଣ ।**



▲ ଲେଖକ ମଣୀନ୍ଦ୍ର କୁମାର ମେହେର

ମୋତେ ଆଜିକାଲିକାର ପିଲାମାନେ ଚିହ୍ନିବେ ବୋଲି ଆଶା କରୁନାହିଁ । ଯେଉଁମାନେ ହାଇସ୍କୁଲରେ ପଢ଼ିଲାବେଳେ ବାମାଚରଣ ମିତ୍ରଙ୍କ 'ମିମିର ସାହିତ୍ୟ ଶିକ୍ଷା' ବା ଯୁକ୍ତଦୁଇ ଶ୍ରେଣୀରେ ପଢ଼ିବା ବେଳେ 'ମିମିର ସଭ୍ୟତା ଶିକ୍ଷା'- ଏ ଦୁଇଟି ଗଳ୍ପ ପଢ଼ିଥିବେ, ସେମାନେ ହିଁ ମୋତେ ଜାଣିପାରିବେ ଭଲ ଭାବରେ ।

ମୁଁ ଜୀବନବାବୁଙ୍କ ଏକମାତ୍ର ସନ୍ତାନ । ପଢ଼ାରେ ମୋର ମନ ନଥାଏ । ବହି ଧରି ବସିଲେ ମୋତେ ନିଦ ମାଡ଼େ । କେହି ପ୍ରଶ୍ନ ପଚାରିଲେ ବୋକାଙ୍କ ଭଳି ଚାହିଁ ରହିବା ମୋର ପ୍ରକୃତି । ଆହା, ମୋର ବାପା ପ୍ରାଣପଣେ କିପରି ଚେଷ୍ଟା କରୁଥିଲେ ସାହିତ୍ୟ ବୁଝାଇବାକୁ, ତାହା ଆପଣମାନଙ୍କର ମନେପଡୁଛି ତ ! "ଏ ହୃଦୟ ମୋର ଢାଳିଦେଲି ଆଜି ତୁମରି ପାଦେ ହେ ନାଥ"- ଏହି ପଦଟିକୁ ବୁଝାଇବା ପାଇଁ ବାପା କି କଷ୍ଟବରଣ କରୁଥିଲେ, ତାହା ମୋ ଆଖିକୁ ଏବେ ବି ଦିଶି ଯାଉଛି । କଥା କ'ଣ କି, ଏ କବିତାର ସରଳାର୍ଥ ମୁଁ କିଛି ବୁଝିପାରୁ ନଥିଲି । ବାପା ମୋତେ ପଚାରିଲେ ଦୁଇ ଚାରି ଢୋକ ଛେପ ଗିଳି କହୁଥିଲି ଯେ- "ଭଗବାନ ଭାରି ଭଲ ଲୋକ, କାହାରିକୁ କିଛି କହନ୍ତି ନାହିଁ, କାହାରି ଉପରେ ରାଗନ୍ତି ନାହିଁ... ।" ମୋ ଉତ୍ତର ଶୁଣି ବାପା ରାଗି ଯାଆନ୍ତି । ସେତିକିବେଳେ ମୋ କୋଳ ଉପରକୁ ଆମର ଗେଲବସର ଛୋଟ ବିଲେଇଟି ଯେତେବେଳେ ଚଢ଼ି ଆସି ମ୍ୟାଉଁ ମ୍ୟାଉଁ କରେ, ମୁଁ କହିଦିଏ 'ଭଗବାନ ଜଣେ ମ୍ୟାଉଁ' । ମୋ ଉତ୍ତର ଶୁଣି କିଏ ନରାଗିବ କହିଲେ ? ବାପାଙ୍କର ଭୟଙ୍କର କ୍ରୋଧ ଜାତ ହୁଏ । ସେ ଅନ୍ୟ ଝିଅମାନଙ୍କ ସହିତ ମୋର ତୁଳନା କରନ୍ତି, ଆଉ ନିଜ ଭାଗ୍ୟକୁ ନିନ୍ଦନ୍ତି ।

ସ୍କୁଲରେ ମୁଁ ଯେତେବେଳେ ପରୀକ୍ଷା ଦେଉଥିଲି, ସେତେବେଳେ ଘୋର ବର୍ଷା ହେଲା, ପରୀକ୍ଷା ଖାତା ପତର ପତର କରି ଡଙ୍ଗା ତିଆରି କରିଥିଲି ମୁଁ, ଆଉ ବର୍ଷା ପାଣିରେ ତାକୁ ଭସାଇ ଦେଇଥିଲି । ଏପଟେ ବାପାଙ୍କ ଭୟରେ ମୋତେ ଜ୍ୱର ହୋଇଯାଇଥିଲା । ମୋତେ ବାପା ପାଠ ପଢ଼ାଇବା ବେଳେ ମାଡ଼ ମାରନ୍ତି ବୋଲି ମୋର ମାଆ ସବୁବେଳେ ପ୍ରତିବାଦ କରେ । ଏକଥା ଦେଖି ଆମେ ମାଆଝିଅ ଦୁଇଜଣ ସମାନ ବୋଲି ବାପା ବର୍ଣ୍ଣନା କରନ୍ତି ଗର୍ଜନ ତର୍ଜନ କରି । ଦିନେ ଭଗବାନଙ୍କୁ ଗାଳିଦେଇ ମୁଁ ମନେମନେ କହିଲି, "ଭଲଲୋକ ନା ପୋଡ଼ାମୁହାଁଟା, ମୋତେ ବାପାଙ୍କଠୁ ମାଡ଼ ଖୁଆଇଲାଣି । ଏହି ପୋଡ଼ାମୁହାଁଟା କଥା ମନେପଡ଼ିଯିବାରୁ ପୁରୀ ମନ୍ଦିରର ଜଗନ୍ନାଥଙ୍କ ମୁହଁ ମୋର ମନେ ପଡ଼ିଯାଇଥିଲା । ମୋ ଆଈକୁ ମୁଁ ସେଦିନ ପଚାରିଥିଲି: "ଆଈମ, ଜଗନ୍ନାଥଙ୍କ ମୁହଁ କ'ଣ ପୋଡ଼ା ?" ମୋ ପ୍ରଶ୍ନ ଶୁଣି ଆଈର ଆଖିରେ ଲୁହ ଛଳଛଳ ହୋଇ ଉଠିଥିଲା । ସେ ମୋତେ ସ୍ନେହସିକ୍ତ ଚୁମ୍ବନ ଦେଇ କହିଥିଲେ, "ହଁ, ସେ ପୋଡ଼ାମୁହାଁ ଭଗବାନ ।" ମୁଁ ବାପାଙ୍କୁ କିଛି ଉତ୍ତର ନଦେଇ କହିଥିଲି, "ବାପା, ବାପା ମ, ଆଈ ମୋତେ ଲେଖିଛି ଗାଁରେ ରହି ତା'ର ମୋ କଥା ମନେପଡ଼ି ମନ ଭାରି ଖରାପ ହେଉଛି । ତାକୁ ନେଇ ଆସ ମ ବାପା ।" ମୋର ଏ ପ୍ରକାର ବ୍ୟବହାର ଦେଖି ବାପା ପୁଣି ରାଗି ଯାଆନ୍ତି । କବି ତାଙ୍କ କବିତାରେ କ'ଣ କହିଛନ୍ତି ତାହା ବୁଝାଇବାକୁ ପ୍ରାଣପଣେ ବାପା ଯେମିତି ଚେଷ୍ଟା କରନ୍ତି, ମୁଁ ଆଉ ସମ୍ଭାଳି ନପାରି ଭେଁ କରି କାନ୍ଦି ପକାଏ । ମୋ ପିଠିରେ ବାପା ଦୁମ୍ ଦୁମ୍ କରି ଦି'ବିଧା ଲଦି ଦିଅନ୍ତି । ବିପରୀତ ଶବ୍ଦର ଅର୍ଥ କ'ଣ ମୁଁ ଜାଣୁନଥିଲି । ମାଷ୍ଟ୍ରେ ଯେତେବେଳେ ମୋତେ ପଚାରିଥିଲେ, "ସୁଖର ବିପରୀତ କ'ଣ ? ମୁଁ ଉତ୍ତର ଦେଇଥିଲି 'ଖସୁ' ।" ଏକଥା ମନେପକାଇ ବାପା ନିଜ ଭାଗ୍ୟକୁ ନିନ୍ଦା କରନ୍ତି ଓ କହି ଉଠନ୍ତି, "ମୋ ଝିଅ ହୋଇ ତୁ ଏଭଳି କହିଲୁ ?" ଆପଣମାନେ ତ ଜାଣନ୍ତି ବାପା କାହାର ଡାକରେ କଚେରୀ ଚାଲିଯାଆନ୍ତି, ଆଉ ସେଠୁ ଫେରିବା ପରେ ଦେଖନ୍ତି ଝରକା ବାଟେ ତାଙ୍କର ବଡ଼ଭାଇ ଓ ସାନଭାଇ ଅର୍ଥାତ୍ ମୋର ବଡ଼ବାପା ଓ କାକା ଖାତା ଉପରେ ନଇଁ ପଡ଼ି ଲେଖି ଚାଲିଛନ୍ତି । ମୁଁ ମୋର ଶଙ୍ଖ ବିଲେଇକୁ କୋଳରେ ଧରି ଗୀତ ଗାଉଥିଲି । ବାପା ଭିତରକୁ ପଶିଲା ପରେ ମୋର ବଡ଼ବାପା ଓ ସାନବାପା କହିଲେ- "ଆମେ ଅଙ୍କ କଷୁଛୁ । ଛି ଛି, ଏଇଟିକେ ପିଲାକୁ ଏମିତିକା ଅଙ୍କ ? ସରଳ ଗଣିତ ଏହାର ନାଁ ? ଲେଖକ ନିଜର ପାଣ୍ଡିତ୍ୟ ଦେଖେଇଛି ନା ପିଲାର ବୁଦ୍ଧି କେତେ ବିବେଚନା କରିଛି ?" ପ୍ରକୃତରେ ମୋ ବହିର ଥିବା ଅଙ୍କଟିକୁ ବାପା ବି ବୁଝି ପାରୁନଥିଲେ । ବଡ଼ବାପା ଓ ସାନବାପା ମୋ ମନକୁ ବୁଝି ପାରିଥିଲେ । ବଡ଼ବାପା ସେଦିନ ମୋତେ କୋଳକୁ ଆଉଜେଇ ନେଇ କହିଥିଲେ, "ମାଆ ତୋ ପଢ଼ା ସେତିକି ଥାଉ ଆଜି ।" ବାପାଙ୍କ ସାହିତ୍ୟ ଶିକ୍ଷା ଉପରେ ମନ୍ତବ୍ୟ ଦେଇ କହିଲେ, "ହୃଦୟକୁ କେମିତି ଢାଳନ୍ତି ସେକଥା ମୁଁ ଏପର୍ଯ୍ୟନ୍ତ ବୁଝିପାରିନାହିଁ, ତତେ କ'ଣ ବୁଝାଇବି, ଆଉ ସେ କବିତା ବୁଝିଛି ବୋଲି ବି ମୁଁ ଭାବୁନାହିଁ ।"

ବାମାଚରଣ ମିତ୍ର ଗଳ୍ପଟିର ସମାପ୍ତିରେଖା ଟାଣିଛନ୍ତି ଏଠାରେ । ମୋ ମନକଥା ଏଥିରୁ ଆପଣ ବୁଝି ପାରୁଛନ୍ତି ନିଶ୍ଚୟ । ତଥାପି ଅନେକବର୍ଷ ବିତିଯିବା ପରେ ମୁଁ ନିଜକଥା ଆଉ ଟିକିଏ ବିସ୍ତାରିତ

କରି କହିବାକୁ ଚାହୁଁଛି ଆପଣଙ୍କୁ ।

ଶିଶୁ- ମନସ୍ତତ୍ତ୍ୱ ଅଧ୍ୟୟନରେ ସୁଦକ୍ଷ ଥିଲେ ବାମାଚରଣ । ଏହାକୁ ସାଧାରଣ ଗଳ୍ପଟିଏ ବୋଲି ଯଦି କେହି ଭାବୁଥା'ନ୍ତି ତାଙ୍କ ଠାରୁ ଅଜ୍ଞ ଆଉ କେହିନାହିଁ । ବାସ୍ତବ କଥା ହେଲା ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଉପରେ ଲେଖକ କିପରି ଚାବୁକ ପ୍ରହାର କରିଛନ୍ତି, ତାହା ଅନୁଭବୀ ହିଁ ଜାଣିପାରିବ । କିନ୍ତୁ ଯେଉଁମାନେ ଶିଶୁମାନଙ୍କ ପାଇଁ ପ୍ରସ୍ତୁତ କରନ୍ତି ପାଠ୍ୟକ୍ରମ, ସେମାନେ କେବେହେଲେ ହୃଦୟଙ୍ଗମ କରିପାରନ୍ତି ନାହିଁ ସୁକୁମାର ମନର ବେଦନା ଜର୍ଜରିତ ଅବସ୍ଥାକୁ । ବାମାଚରଣ ମିତ୍ରଙ୍କୁ ଏ କଥା ପ୍ରଚଣ୍ଡ ଆଘାତ ଦେଇଥିଲା ବୋଲି କେବଳ ଏ ଗୋଟିଏ ଗଳ୍ପ ଲେଖି ତାଙ୍କ ଆତ୍ମା ତୃପ୍ତ ହୋଇପାରିଲା ନାହିଁ । ସେ ଲେଖିଲେ 'ମିମିର ସଭ୍ୟତା ଶିକ୍ଷା', ଆଉ ପୁଣି 'ମିମିର ଭୁଗୋଳ ଶିକ୍ଷା' । ଏହି ଦୁଇଟି ଗଳ୍ପରେ ମଧ୍ୟ ଶିଶୁ ଚରିତ୍ର ଗଠନରେ ଶିକ୍ଷିତ ବୟସ୍କମାନେ କିପରି ନିର୍ଦ୍ଦୟ ହେଇପାରନ୍ତି, ତାହା ଦେଖାଇଦେବା ସଂଗେ ସଂଗେ ତାହାର ଦୃଢ଼ ପ୍ରତିବାଦ କରିଛନ୍ତି ।

'ମିମିର ସଭ୍ୟତା ଶିକ୍ଷା' ଗଳ୍ପ ଉପରେ ଟିକେ ଦୃଷ୍ଟି ଦିଅନ୍ତୁ ତ ! ଏଥିରେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାକୁ ଶିଶୁ ଉପରେ କିପରି ଲଦି ଦିଆ ଯାଉଛି ତାହା ଅତ୍ୟନ୍ତ ଜୀବନ୍ତ ଭାବରେ ପ୍ରଦର୍ଶନ କରି ଦେଇଛନ୍ତି । ଜୀବନବାବୁ ଏ ଗଳ୍ପଟିରେ ଇଂରାଜୀ କହିବା ପାଇଁ ମିମିକୁ କରିଛନ୍ତି ବାଧ୍ୟ । ତାକୁ 'କମ୍ ହିଅର୍, କମ୍ ହିଅର୍' ବୋଲି ଅତ୍ୟନ୍ତ ରୁକ୍ଷ କଣ୍ଠରେ ଡାକୁଛନ୍ତି ସେ । ବୋଉ ପାଖରେ ଅଳି କରୁଥିବା ମିମି ଭୟାର୍ତ୍ତ ଆଖିରେ ନିକଟତର ହୋଇଛି ଜୀବନବାବୁଙ୍କ । ମାଆ ଯେକୌଣସି ଜିନିଷ ଦେବେ ତାକୁ ଆନନ୍ଦରେ ନେବା ପାଇଁ ଓ ତାଙ୍କୁ ଥ୍ୟାଙ୍କ୍ ୟୁ କହିବା ପାଇଁ ବାମମ୍ବାର ସେ ଦୋହରାଇଛନ୍ତି । ଆମେରିକା ଓ ବିଲାତରୁ ପ୍ରତ୍ୟାବର୍ତ୍ତନ ପରେ ଜୀବନବାବୁଙ୍କ ଘରେ ଶିକ୍ଷା ସଭ୍ୟତା ଆଦିରେ ଘୋର ବିପ୍ଳବ ସୃଷ୍ଟି ହୋଇଥିବା ଦର୍ଶାଇଛନ୍ତି ଗାଳ୍ପିକ । ଜୀବନବାବୁଙ୍କ ଦୃଢ଼ ଧାରଣା ଯେ ପିଲାମାନଙ୍କ ଶୃଙ୍ଖଳା ଓ ସଦାଚାର ଶିକ୍ଷା ହେଉଛି ସବୁଠାରୁ ବଡ଼କଥା । ଯେଉଁଠି ପିଲାମାନଙ୍କ ଅଳି ଅର୍ଦ୍ଦଳି ନାହିଁ, ଅଝଟପଣିଆ ନାହିଁ । ସେହି ଘରକୁ କିମ୍ବା ସେହି ଦେଶକୁ ସେ ଭାବନ୍ତି ସଭ୍ୟଦେଶ ବୋଲି । ଏଠି ଆମ ପିଲାମାନେ କେଉଁଠି କାଚଗ୍ଲାସ୍ ଫୋପାଡ଼ି ଦେଉଛି, କିଏ ଗଦି କାଟିଦେଉଛି, କିଏ ବାପାଙ୍କ ଜୋତା ପଟେ ପିନ୍ଧି କେଉଁଠି ଛାଡ଼ି ଆସୁଛି, ତ ଆଉ କେହି ମଶାରୀ ଉପରେ ଶୋଇ ଝୁଲୁଛି । ଆମ ଦେଶର ପିଲାମାନେ ଏମିତି । ସେ ଲକ୍ଷ୍ୟ କରିଛନ୍ତି ବିଜୟ ବାବୁଙ୍କ ପିଲାମାନେ ଭଲ ଟେବୁଲ୍‌ରେ କଣ୍ଟା ପିଟୁଛନ୍ତି । ଏସବୁ ଜୀବନବାବୁଙ୍କ ଲାଗି ଅସହ୍ୟ ହୋଇଉଠେ । ସୌଜନ୍ୟ ଆଉ ଶିଷ୍ଟାଚାର ଶିକ୍ଷା ଦେବାରେ ସେ ଦୁର୍ଦ୍ଦାନ୍ତ । ସକାଳୁ ଉଠି ବାପା ବୋଉଙ୍କୁ ଗୁଡ଼ ମର୍ଣ୍ଣିଂ କହିବା, ଟୁଥ୍‌ପେଷ୍ଟ୍ ଓ ବ୍ରଶ୍ ବ୍ୟବହାର କରିବା ପାଇଁ ସେ ଜିଅ ହିସାବରେ ମୋତେ ବାଧ୍ୟ କରୁଥିଲେ । ମୁଁ ତ ପ୍ରଥମେ ପ୍ରଥମେ ଟୁଥ୍‌ପେଷ୍ଟ୍ ସବୁ ଖାଇ ଦେଉଥିଲି । ଚାରିଦନ ଛେଚା ଖାଇଲା ପରେ ବାଗକୁ ଆସିଲି । ଦାନ୍ତ ଘଷା ପରେ ଟେବୁଲ୍ ଚୌକିରେ ବସି ବ୍ରେକ୍ ଫାଷ୍ଟ୍ କରିବାକୁ ହୁଏ । ମାଆଙ୍କୁ ଥ୍ୟାଙ୍କ୍ ୟୁ କହିବା ପାଇଁ ମୋତେ ଭାରି ଲାଜ ମାଡୁଥିଲା । ମୋ ବୋଉ ଦିନେ କହିଥିଲା ପିଲାମାନଙ୍କ ଗୋଳମାଳ ନାହିଁ, ଅଝଟପଣିଆ ନାହିଁ, ଘରଟା ମଶାଣି ଭଳି ଲାଗୁଛି । ତାଙ୍କ ଆଖି ଛଳଛଳ ହୋଇଗଲା ବେଳେ ବାପା ଝାଡ଼ି ଦିଅନ୍ତି ଲମ୍ବା ବକ୍ତୃତା । ଗୀତା ଭାଗବତ ଉପରେ ମଧ୍ୟ ଜୀବନବାବୁଙ୍କ ଆସ୍ଥା ନଥାଏ । ମୁଁ ତ ଗୁଡ଼ ମର୍ଣ୍ଣିଂ କହିପାରେ ନାହିଁ ବୋଲି ଦିନେ ବିଜୟବାବୁଙ୍କ ଆଗରେ କହିଦେଲି 'ଗୁଡ ନାହିଁ' । ବିଜୟ ବାବୁ ହସିହସି କହିଥିଲେ ଗୁଡ଼ ନାହିଁ ମାଆ, ନଥାଉ, ଚିନି ତ ଅଛି ? ଏକଥା ଶୁଣି ମତେ ଭାରି ଖୁସି ଲାଗୁଥିଲା । ମାତ୍ର ବାପାଙ୍କ ମର୍ମନ୍ତୁଦ ଗର୍ଜନରେ ଥରି ଉଠୁଥିଲି ମୁଁ । ଟୁଥ୍‌ପେଷ୍ଟ୍ ସରିଯାଇଥାଏ ବୋଲି କ୍ଷୀରରୁ ଖୁଆ ତିଆରି କରି ମୋ ବୋଉ ଯାହା ରଖିଥିଲା ସେଥିରେ ଥରକୁ ଥର ଦାନ୍ତ ଘସୁଥିଲି ମୁଁ । ବାପା କହୁଥିଲେ, "ଏଟା ଅସଭ୍ୟ ରହିଗଲା, ପାରିଲି ନାହିଁ ଯାକୁ ।"

ବାମାଚରଣ ମିତ୍ର ଆଜି ଯଦି ବଞ୍ଚିଥାନ୍ତେ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ମୋହରେ ସାମ୍ପ୍ରତିକ ସମାଜ କେତେ ଜୀବନର ପ୍ରକୃତ ଲକ୍ଷ୍ୟରୁ ଦୂରବର୍ତ୍ତୀ ହୋଇଯାଇଛି, ତାହା ଅନୁଭବ କରିଥାନ୍ତେ ଆହୁରି ଗଭୀର ଭାବରେ । ଆଜିକାଲି ତ ପିଲାମାନଙ୍କୁ ଇଂରାଜୀ ସ୍କୁଲ୍‌ରେ ନ ପଢ଼ାଇଲେ ତା'ର ଜୀବନ ମାଟି ହୋଇଯିବ ବୋଲି ଅଭିଭାବକମାନଙ୍କ ବଦ୍ଧମୂଳ ଧାରଣା । ଆଜିକାଲିକାର ପିଲାମାନେ ଏପରି ଦେଖା ଯାଆନ୍ତି, ସତେ ଯେମିତି ସିଧାସଳଖ କମ୍ପ୍ୟୁଟର୍‌ରୁ ସେମାନେ ବାହାରିଛନ୍ତି । ପୋଷାକପତ୍ରରେ ଅତି ପରିଚ୍ଛନ୍ନ, ଇଂରାଜୀ କହିବାରେ ଅତି ପ୍ରବୀଣ, ସୌଜନ୍ୟ ଓ ଶିଷ୍ଟାଚାର ପ୍ରଦର୍ଶନରେ ଅତ୍ୟନ୍ତ ସଚେତନ ଏମାନଙ୍କୁ ଦେଖିଲେ ଲାଗେ ସତେ ଯେମିତି ଗୋଟିଏ ଗୋଟିଏ ଯନ୍ତ୍ରମଣିଷ ପରି । ରୋବଟ୍ ନିର୍ମାଣ ପାଇଁ ମଣିଷ ଗବେଷଣାରତ ରହି ସତେ ଯେପରି ନିଜେ ପ୍ରାଣହୀନ ରୋବଟ୍‌ରେ ପରିଣତ ହେବାକୁ ଯାଉଛି । ଗୋଟାଏ ପଟରେ ଏହି ଶିଷ୍ଟ ଶିକ୍ଷିତ ପିଲା, ଆଉ ଗୋଟିଏ ପାଖରେ ଗାଁଗହଳରେ ପାରମ୍ପରିକ ଜୀବନ-ଧାରାରେ ଅଭ୍ୟସ୍ତ ପିଲାଙ୍କୁ ଦେଖିଲେ ଶିଶୁର ବ୍ୟକ୍ତିତ୍ୱ ଗଠନ କରିବାରେ କେଉଁ ସ୍ତରକୁ ସମାଜ ପହଞ୍ଚିଛି ତାହା ଅତି ସ୍ୱଷ୍ଟ ହୋଇଉଠେ ।

ପ୍ରତ୍ୟେକ ଶିଶୁ ହେଉଛନ୍ତି ଏକ ଏକ ଦେବ-ଶିଶୁ । ଅଥଚ ସେମାନଙ୍କ ମଧ୍ୟରୁ ସୁକୋମଳ ଦେବତ୍ୱର ସୌନ୍ଦର୍ଯ୍ୟ କାଢ଼ିନେଇ ସେମାନଙ୍କୁ ମେସିନରେ ପରିଣତ କରିଦେଲେ ପିତାମାତା ଭାବୁଛନ୍ତି ଯେ ସେମାନେ ପ୍ରକୃତ ମଣିଷ ଗଢ଼ିଦେଲ । ଭାରତୀୟ ଶିକ୍ଷା ଓ ସଭ୍ୟତା ଅନୁଶୀଳନ ଅନୁପସ୍ଥିତ ଆମ ବିଦ୍ୟା- ଚର୍ଚ୍ଚାରେ । ନିଜକୁ ଭାରତୀୟ ଭାବରେ ନଗଢ଼ି ସାହେବ ଭାବରେ ଗଢ଼ି ପାରିଲେ ଜୀବନ ସାର୍ଥକ ହୋଇଗଲା ବୋଲି ଭାବିବା କି ମୂଢ଼ତା ତାହା ବୁଝାଇବାକୁ ମୋର ଶକ୍ତି ନାହିଁ । ଆହା, ପ୍ରତିଟି ପିଲା ହେଉଛନ୍ତି ଏକ ଏକ ସୁବାସିତ ଫୁଲର ସୁନ୍ଦର ପ୍ରସ୍ଫୁଟନ । ପ୍ରତ୍ୟେକେ ପ୍ରତ୍ୟେକଙ୍କ ଠାରୁ ଭିନ୍ନ । ଅଥଚ ବୈଚିତ୍ର୍ୟ ପୂର୍ଣ୍ଣ ଓ ବର୍ଣ୍ଣିଳ । ସେହି ବିଶେଷତ୍ୱକୁ ନବୁଝି ଚାଲିଛି ଗୋଟିଏ ଛାଞ୍ଚରେ ସବୁ ପିଲାଙ୍କୁ ସମାନ କରିବାର ରୀତିନୀତି । ଏତେ ସୁନ୍ଦର ଦେଶଟି କିପରି ବିକୃତ ରୂପ ନେଲାଣି ଏହାଦ୍ୱାରା- କେହି ହେଲେ କଣ ଭାବି ପାରୁଛନ୍ତି, ଏହି ଶିକ୍ଷା ମଧ୍ୟରୁ କେତେଜଣ ବିବେକାନନ୍ଦ, ଗାନ୍ଧୀ, ଗୋପବନ୍ଧୁ ବା ରମାଦେବୀ ଜନ୍ମ ହେଲେଣି ? ଶିକ୍ଷାର ଲକ୍ଷ୍ୟ ନିଯୁକ୍ତି ଲାଭ କରିବା ଓ ମୋଟା ଅଙ୍କର ଦରମା ପାଇବା ଯଦି ହୁଏ, ତାହେଲେ ଆମ ସାହିତ୍ୟ, ସଂସ୍କୃତି, ଐତିହ୍ୟ ଆଉ ପରମ୍ପରା- ସବୁକିଛି ଅକାଳ ମରଣ ବରଣ କରିବେ, ଏଥିରେ ସନ୍ଦେହ ନାହିଁ । ପିଲାମାନଙ୍କୁ ଅର୍ଥ ଉପାର୍ଜନ ନିମିତ୍ତ ଏକ ଯନ୍ତ୍ର ଭାବରେ ଗଢ଼ିବାର ଉଦ୍ଦେଶ୍ୟ କି ଆସୁରିକ ! କି ମାରାତ୍ମକ ! କି କ୍ଷତିକାରକ ! ଏକଥା କ'ଣ କାହାକୁ ହେଲେ ସ୍ପର୍ଶ କରୁଛି ?

ଜୀବନ ବାବୁଙ୍କୁ ଅର୍ଥାତ୍ ମୋ ବାପାଙ୍କୁ ମଧ୍ୟ ଏକଥା କେବେ ଆଲୋଡ଼ିତ କରିନଥିଲା । 'ମିମିର ଭୂଗୋଳ ଶିକ୍ଷା'ରେ ଲେଖକ ଦେଖାଇ ଦେଇଛନ୍ତି ଯେ ଜୀବନବାବୁ କେତେ ଅନ୍ଧ ଓ କ୍ରୁର ହୋଇ ଉଠିଛନ୍ତି । ଏକ ରୁଟିନ୍ ବନ୍ଧା ଜୀବନ ବିତାଇବା ପାଇଁ ମୋତେ ବାଧ୍ୟ କରାଯାଇଛି । ମୁଁ ସେହି ଯୋଜନାରେ ନିଷ୍ପେଷିତ ଓ ଆହୁରି ଦୁର୍ବଳ ହୋଇପଡ଼ିଛି । ବାପାଙ୍କ ପ୍ରହାରକୁ ମୋର ପ୍ରାଣେ ଭୟ । ଯେତେବେଳେ ମୁଁ ମାତ୍ର ବର୍ଷକର ଛୁଆ ହୋଇଥାଏ, ସେତେବେଳେ ବାପାଙ୍କ ନାକକୁ ଚିପି ଧରିଥିଲି ନିଜ ଅଜାଣତରେ । ମୋ ଅଙ୍ଗଠିର ନଖରେ ବାପାଙ୍କ ନାକରୁ ରକ୍ତ ବୋହିଲା । ସେ ନିଦରୁ ଉଠି ପଡ଼ିଥିଲେ, କିନ୍ତୁ ଯେହେତୁ ମୁଁ ତାଙ୍କ ଦେହ ଉପରେ ବସିଥିଲି କାଳେ ମୁଁ ପଡ଼ିଯିବି ବୋଲି ସେ ଉଠି ପାରିନଥିଲେ । ବୋଉ ମୋର ପଣତକାନିରେ ପୋଛି ଦେଇଥିଲେ ବାପାଙ୍କ ନାକର ରକ୍ତ । ନିଜକୁ ଯନ୍ତ୍ରଣା ହେଉଥିବା ସତ୍ତ୍ୱେ ବାପା ସେଦିନ ହସିହସି ମୋତେ ଦେଇଥିଲେ ସ୍ନେହସିକ୍ତ ଚୁମ୍ବନଟିଏ । ମୋର ବଡ଼ବାପା ଅତ୍ୟନ୍ତ ଶାନ୍ତ ପ୍ରକୃତିର । ଦୁଃଖରେ ଚଳନ୍ତି ସେ । କିନ୍ତୁ ସଚ୍ଚୋଟ ଉପାୟରେ ରୋଜଗାର

କରନ୍ତି । ଆଉ କେବେ କୌଣସି ଆପତ୍ତି ଅଭିଯୋଗ କରନ୍ତି ନାହିଁ । ତାଙ୍କ ମୁହଁରେ ସର୍ବଦା ହସଧାରେ ଲାଗି ରହିଥାଏ ଚନ୍ଦ୍ରମାର କିରଣ ପରି । ସେ ଗୁହାଳ ନର୍ଦ୍ଦମା ସଫା କରନ୍ତି । କଳ୍ପା ସିଲେଇ କରନ୍ତି । ଭାଗବତ ପଢ଼ନ୍ତି । ମୋର ବଡ଼ମା ଯଦି କିଛି ଅଭିଯୋଗ କରନ୍ତି, ବଡ଼ବାପା କହନ୍ତି, "ଭଗବାନଙ୍କ ପ୍ରତ୍ୟେକ କଥାରେ ଆମେ ଯଦି ଆପତ୍ତି କରୁ ତେବେ ସୁଖ ମିଳିବ କେଉଁଠି ? ସେ ଯାହା ଦେଉଛନ୍ତି ବୁଝିସୁଝି ଦେଉଛନ୍ତି ।" ମୋ ବଡ଼ବାପାଙ୍କ ନାଁ 'ହୃଦୟ' । ମୋ ବଡ଼ ମା' ତାଙ୍କୁ ତାଚ୍ଛଲ୍ୟ କରି ଅପାରଗ ବୋଲି ବର୍ଣ୍ଣନା କରନ୍ତି । କିନ୍ତୁ ହୃଦୟ ବାବୁ କହନ୍ତି, "ଧନୀ ଉଶୃଙ୍ଖଳ ଦେଶ ବା ଲୋକ ତାହାଠୁ ଆହୁରି ବିପଦଜନକ ।" ଅନ୍ୟକୁ ଟପିଯିବାର ଦୁଶ୍ଚିନ୍ତା ତାଙ୍କର ନଥିଲା । ସିଏ ଯାହା କହିଥିଲେ ଏବେ ଆଉଥରେ ସମସ୍ତଙ୍କୁ ମନେ ପକାଇ ଦେବାର ଆବଶ୍ୟକତା ରହିଛି । ଜ୍ଞାନ ହେଉ ଅର୍ଥ ହେଉ, କ୍ଷମତା ହେଉ, ଶକ୍ତି ହେଉ- ସବୁଥିରେ ମୁଁ କେମିତି ଅନ୍ୟକୁ ଟପିଯିବି, ଏହା ହିଁ ହେଉଛି ଆଧୁନିକତାର ବିରାଟ ବିପଦ । ବଡ଼ବାପା ମୋର ମୋତେ ଭାରି ସ୍ନେହ କରନ୍ତି । ବାପା ମୋତେ ପ୍ରହାର କଲାବେଳେ ସେ ତାଙ୍କ ଘର ଭିତରେ ଆଖି ବୁଜିଦେଇ ଲୁହ ପୋଛନ୍ତି । ସହି ନ ପାରିଲେ ଶ୍ରୀକୃଷ୍ଣଙ୍କ ନାମ ଜପ କରନ୍ତି । ମୋତେ ବାପା ଦିନେ ଭୂଗୋଳ ପଢ଼ାଇ ଦେଇ ଚାଲିଗଲେ । କିନ୍ତୁ ମୋର ସେଥିରେ ମନନଥିଲା । ମୁହଁରେ ପଢ଼ିଯାଏ, କିନ୍ତୁ ମନ ଥାଏ ବଡ଼ବାପାଙ୍କ ଠାରେ ଓ ଶଙ୍କି ବିଲେଇ ଠାରେ । ମୋ ବାପା ତୁଳାଭିଣାଇ ସଙ୍ଘକୁ ବକ୍ତା ହୋଇ ଯାଇଥିଲେ । ବେଦ ଉପନିଷଦରୁ ଶ୍ଳୋକ ସବୁ ଉଦ୍ଧାର କରି ତୁଳାଭିଣାଳିଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁକରୁ ରାତି ହୋଇ ଯାଇଥିଲା । ମୋ ବଡ଼ବାପା ଅଭୁକ୍ତ ରହିଥାନ୍ତି । ମୋ ପଢ଼ା ସରିଲେ ସେ ଓ ତାର ଶଙ୍କି ବିଲେଇ ସାଙ୍ଗରେ ଏକାଠି ଖାଆନ୍ତି । ବାପାଙ୍କ କଡ଼ା ଆଦେଶ ପାଇଁ ପଢ଼ିବା ସ୍ଥାନରୁ ଉଠି ପାରେ ନାହିଁ ମୁଁ । ଭୂଗୋଳ ବହିରେ ଅଛି କେତେଗୁଡ଼ିଏ ପାଠ । ଜୀବନବାବୁ ଅର୍ଥାତ୍ ମୋର ବାପା ମୋତେ ମୁଖସ୍ଥ କରିବାକୁ କହିଥିଲେ- "କେତେଗୁଡ଼ିଏ ଲୋକ ମିଶି ହୁଏ ଗୋଟିଏ ପରିବାର ଓ ଘର । କେତେଗୁଡ଼ିଏ ଘର ମିଳି ଗୋଟିଏ ଗ୍ରାମ ହୁଏ ।କେତେଗୁଡ଼ିଏ ଗ୍ରାମ ମିଳି ଗୋଟିଏ ଥାନା, କେତେଗୁଡ଼ିଏ ଥାନା ମିଳି ହୁଏ ସବ୍‌ଡିଭିଜନ । କେତେଗୁଡ଼ିଏ ସବ୍‌ଡିଭିଜନ ମିଳି ଗୋଟିଏ ଜିଲ୍ଲା । କେତେଗୁଡ଼ିଏ ଜିଲ୍ଲା ମିଶି ଗୋଟିଏ ପ୍ରଦେଶ । କେତେଗୁଡ଼ିଏ ପ୍ରଦେଶ ମିଶି ହୁଏ ଗୋଟିଏ ଦେଶ । କେତେଗୁଡ଼ିଏ ଦେଶ ମିଶି ହୁଏ ଏକ ମହାଦେଶ । ଏପରି କେତେଗୁଡ଼ିଏ ମହାଦେଶ ମିଶି ପୃଥିବୀର ସ୍ଥଳଭାଗ ।" ଏକଥା ସବୁ ଯେତେ ଘୋଷିଲେ ମୋର ମନେରହେ ନାହିଁ । ନିଦରେ ଢୋଳେଇ ଢୋଳେଇ ମୁଁ କହିଚାଲେ କେତେଗୁଡ଼ିଏ ଦେଶ ମିଶି ହୁଏ ଗୋଟିଏ ଘର । ଯେଉଁଘରେ ବଡ଼ବାପା ଥାଆନ୍ତି ତାଙ୍କୁ କହନ୍ତି ମହାଦେଶ । ଆଉ ମୋର କିଛି ମନେପଡ଼େ ନାହିଁ । ବଡ଼ବାପା ଏସବୁ ଶୁଣି ମୁରୁକି ମୁରୁକି ହସୁଥାନ୍ତି ସିନା, ଆଖିରେ ତାଙ୍କର ଲୁହ ଜକେଇ ଆସେ । ଏହି ସମୟରେ ବାପା ପ୍ରବେଶ କରନ୍ତି ଘର ଭିତରକୁ । ମୋ ପାଠପଢ଼ା ଦେଖି ଉତ୍‌କ୍ଷିପ୍ତ ହୋଇଉଠନ୍ତି । କ୍ରୋଧାନ୍ୱିତ ହୋଇ ବହି ଫୋପାଡ଼ି ଦିଅନ୍ତି । ବଡ଼ବାପା ମୋତେ ତାଙ୍କ କୋଳକୁ ଉଠାଇ ନେଲା ବେଳେ ବାପା ମୋତେ ସେଠୁ ଟାଣି ଆଣି ତଳେ କଚାଡ଼ି ଦିଅନ୍ତି । ବଡ଼ବାପା ଏସବୁ ଦେଖି ମଧ୍ୟ ସ୍ଥିର ଚିତ୍ତରେ ବାପାଙ୍କୁ କହନ୍ତି ଯେ, "ଆଚ୍ଛା, ତୁ ଦେଖୁଥା ମୁଁ ତାକୁ ଦଶ ମିନିଟରେ ସବୁ ବୁଝାଇ ଦେଉଛି ।" ବଡ଼ବାପାଙ୍କୁ ମୁଁ ପଚାରିଲି, "ବଡ଼ବାପା କହିଲ ଦେଖି, କେତେ ଗୁଡ଼ିଏ ପୃଥିବୀ ମିଶି କ'ଣ ହୁଏ ?" ବଡ଼ ବାପା କହିଥିଲେ- "ଏମିତି କେତେଗୁଡ଼ିଏ ପୃଥିବୀ ଭଳିଆ ଗ୍ରହ ମିଳି ହୁଏ ସୌରଜଗତ । ଏମାନେ ସୂର୍ଯ୍ୟ ଚାରିପଟେ ଚକାଭଉଁରୀ ଖେଳୁଥାଆନ୍ତି ।" ବଡ଼ବାପାଙ୍କ ଉତ୍ତର ଶୁଣି ଭାରି ମଜା ଲାଗୁଥାଏ । ମୁଁ ତାଙ୍କୁ ପଚାରେ ପୁଣି- "ତେବେ କେତେଗୁଡ଼ିଏ ସୌରଜଗତ ମିଳି କ'ଣ ହୁଏ ?" ବଡ଼ବାପାଙ୍କ ଆଖି ଛଳଛଳ ହୋଇଗଲା । ସେ କୃଷ୍ଣ ପ୍ରେମରେ ହୋଇଗଲେ ବିହ୍ୱଳ । ଯଶୋଦା କୃଷ୍ଣଙ୍କୁ ମାଟି ଖାଇବାର ଦେଖି ପାଟି ଆଁ କରିବାକୁ କହିଥିଲେ । କୃଷ୍ଣଙ୍କ ସେହି ଛୋଟ ମୁହଁର ବଡ଼ ଆଁଟି ଭିତରେ ଯଶୋଦା ଯାହା ଦେଖିଲେ ସେତିକିରେ ସ୍ତବ୍ଧ ହୋଇ ରହି ଯାଇଥିଲେ । ବଡ଼ବାପା ଏକଥା ମନେପକାଇ ଗାଇ ଉଠିଲେ- "କୋଇଲି ଭାଇ ଯେ ମାଉଇ ପୁତ୍ର ତୁଣ୍ଡ, ତା' ତୁଣ୍ଡେ ଦିଶିଲା ସପତ ବ୍ରହ୍ମାଣ୍ଡ ଲୋ କୋଇଲି ।" ଆହୁରି ଅଧିକ ବିଭୋର ଚିତ୍ତରେ ଉଚ୍ଛକିତ ସ୍ୱରରେ ଗାନ କଲେ, "ବ୍ରହ୍ମାଣ୍ଡ ମାଳମାଳ ହୋଇ, ତୋ ପ୍ରତିଲୋମେ ବିରାଜଇ ।" ମୋତେ ବଡ଼ବାପା ଚୁମ୍ବନ ଦେଇ କହିଲେ- "ମାଆ ତୁ ଯେଉଁ ପ୍ରଶ୍ନ କଲୁ ତାହା ଭୂଗୋଳ ନୁହେଁ, ଖାଲି ଗୋଳ । ଏ ଯେତେସବୁ ସୃଷ୍ଟି ହୋଇଛି, ପରମାଣୁ ଠାରୁ ଆରମ୍ଭ କରି କୋଟି କୋଟି ମହା ମହା ସୂର୍ଯ୍ୟ ପର୍ଯ୍ୟନ୍ତ, ସବୁ ମିଶି ହେଉଛନ୍ତି ସେ ।"

ବଡ଼ବାପାଙ୍କ ଆଖିରୁ ସେଦିନ ପାଣି ଝରି ପଡ଼ିଥିଲା । ମୁଁ କିଛି ବୁଝିପାରୁ ନଥିଲି ସତ, କିନ୍ତୁ ବଡ଼ବାପାଙ୍କ ସହିତ ମୁଁ ମଧ୍ୟ ଭେଁ କରି କାନ୍ଦି ଉଠିଥିଲି । ମୋର ଏହି କ୍ରନ୍ଦନକୁ ଦରଦୀ ଓଡ଼ିଆ କ୍ଷୁଦ୍ର ଗଳ୍ପ ପାଠକମାନେ ପାଠକରି ଗାଳ୍ପିକଙ୍କୁ ପ୍ରଶଂସା କରିଥିବା କଥା ମୋର ଅଗୋଚର ନୁହେଁ । ତେବେ ଏପରି ଗଳ୍ପସବୁ କେବଳ ପଢ଼ାଯାଏ, ଉପଭୋଗ କରାଯାଏ, କୋର୍ସରେ ଚଳିଲେ ପରୀକ୍ଷା ହୁଏ, ନମ୍ବର ଦିଆଯାଏ- ସବୁକଥା ହୁଏ, କିନ୍ତୁ ଯାହା ହେବା କଥା ତାହା ହୁଏ ନାହିଁ । ବାପାମାନେ ବଡ଼ବାପା ରୂପରେ ବଦଳିଯାଇ ପାରନ୍ତି ନାହିଁ । ନିଜର ଅହମିକା, ଜ୍ଞାନ, ପାଣ୍ଡିତ୍ୟ, ଯଶକୀର୍ତ୍ତି ଏସବୁକୁ କଦାପି ନିଜ ଠାରୁ ଅଲଗା କରିପାରନ୍ତି ନାହିଁ । ଜୀବନରେ ହୃଦୟର ଅନୁପସ୍ଥିତି ହେଲେ ଯେପରି ଉଜୁଡ଼ିଯାଏ ଘର ପରିବାର, ଦେଶ ମହାଦେଶ, ପୃଥିବୀ ଓ ବିଶ୍ୱବ୍ରହ୍ମାଣ୍ଡ ଆଜି ସେଇଭଳି ସ୍ଥିତିରେ ପହଞ୍ଚିଛି ମଣିଷ ।

ବଡ଼ହୋଇ ମୁଁ ବୁଝିଲି ଜ୍ଞାନ ଆହରଣ କରିବା କେତେ ବଡ଼କଥା । କିନ୍ତୁ ତା'ଠାରୁ ଆହୁରି ଯାହା ଅତ୍ୟନ୍ତ ନିବିଡ଼ ଭାବରେ ଉପଲବ୍ଧି କଲି ଯେ ହୃଦୟର ଶ୍ରଦ୍ଧା ଓ ମମତା ଟିକକ ସବୁଠାରୁ ଶ୍ରେଷ୍ଠ । ଅଥଚ ଏହି ବିନ୍ଦୁଏ ଆନ୍ତରିକତା ପାଇଁ କେହି ପ୍ରାର୍ଥନା କରନ୍ତି ନାହିଁ । ସମସ୍ତେ ଚାହାନ୍ତି ଜ୍ଞାନ ପାଣ୍ଡିତ୍ୟ, ଚାହାନ୍ତି ପ୍ରଚୁର ଅର୍ଥରାଶି, ବିଳାସ ଆଉ ନୂଆ ନୂଆ ଘର ତିଆରି କରିବାର ସ୍ୱପ୍ନ ନେଇ ଅଧିର ହୁଅନ୍ତି । ଯଦି କଳା ସାହିତ୍ୟ କ୍ରୀଡ଼ା ପ୍ରଭୃତିରେ ଭାଗ ନେଉଥାନ୍ତି ତା'ହେଲେ ଅଭିଳାଷ ପୋଷଣ କରନ୍ତି ହଜାର ହଜାର ଲୋକଙ୍କ ଦୃଷ୍ଟି ଆକର୍ଷଣ ନିଜ ପ୍ରତି କରିବା ପାଇଁ, ଚାହାନ୍ତି ଅଖଣ୍ଡ ଯଶ, ମାଳମାଳ ପୁରସ୍କାର ଆଉ ସମ୍ବର୍ଦ୍ଧନା । ବଡ଼ବାପା ଏସବୁ କିଛି ଚାହୁଁନଥିଲେ, ବାପା ଏହିସବୁ ପାଇବାର ଲୋଭରେ ମାନବିକତା ହରାଇ ଦେଇଥିଲେ ।

ବିଦେଶକୁ ଯିବା ଦୋଷ ନୁହେଁ । ବିଦେଶୀ ଭାଷା ଶିକ୍ଷାଲାଭ କରିବା ମଧ୍ୟ କଦାପି ମନ୍ଦ ନୁହେଁ । କିନ୍ତୁ କିଏ କେଉଁ ଉଦ୍ଦେଶ୍ୟ ନେଇ ଏସବୁ କରନ୍ତି ତା' ଉପରେ ନିର୍ଭର କରେ ଆମ ମାତୃଭୂମିର ମହତ୍ତ୍ୱ । ଗୋଲକ ବିହାରୀ ଧଳଙ୍କ 'ଆମେରିକା ଅନୁଭୂତି' ପୁସ୍ତକଟିକୁ ପାଠ କରିଛି ମୁଁ । ସେଥିରେ ଲେଖକ କହିଛନ୍ତି ଯେ ଆମେରିକର ସ୍କୁଲ୍‌ମାନଙ୍କରେ ପିଲାମାନେ ଘରୁ ବହିନେଇ ସ୍କୁଲକୁ ଯାଆନ୍ତି ନାହିଁ କିମ୍ବା ସେଠୁ ପାଠବହି ନେଇ ଆସନ୍ତି ନାହିଁ ଘର ଭିତରକୁ । ଯାହାକିଛି ପଢ଼ାପଢ଼ି ହୁଏ ତାହା ହୋଇଥାଏ ଶ୍ରେଣୀ କକ୍ଷ ଭିତରେ ଅତି ଆନନ୍ଦରେ । ସ୍କୁଲ୍‌କୁ ଯିବା ପୂର୍ବର ପିଲା ଏବଂ ସ୍କୁଲ୍‌ରୁ ପାଠପଢ଼ି ଫେରି ଆସୁଥିବା ପିଲାଙ୍କ ମୁଣ୍ଡରେ ପାଠର ବୋଝ ଲଦି ଦିଆଯାଏ ନାହିଁ । କାହିଁକି ଏପରି ଏକ ସୁନ୍ଦର ବ୍ୟବସ୍ଥା ଆମର ମୁଖିଆମାନଙ୍କ ନଜରରେ ପଡୁନି ? ସେହିପରି ସେ ଏହା ବି ଲେଖିଛନ୍ତି ଯେ, ଜଣେ ପିଅନ ଓ ପ୍ରଫେସର୍‌ଙ୍କ ମଧ୍ୟରେ ଦରମାର ତାରତମ୍ୟ ଅତି ନଗଣ୍ୟ । ଏକଥା ଆମ ଦେଶରେ କେହି କହିବାର ସାହସ କରିପାରୁ ନାହାନ୍ତି କାହିଁକି ? ଶିକ୍ଷାର ଗୁଣାତ୍ମକମାନ ଯେତେ କମିଯାଉ ଏଠି ସମସ୍ତେ ନିଦ୍ରାଭିଭୂତ, କେବଳ ଡିଗ୍ରୀ ଡିପ୍ଲୋମା ପ୍ରାପ୍ତି ହିଁ ହେଉଛି ମୁଖ୍ୟ ଲକ୍ଷ୍ୟ ।

ସବୁ ମଣିଷଙ୍କ ପାଇଁ ଯଦି ସମାନ ସୁଖ ସୁବିଧା କେଉଁ ସରକାର ଦେବା ପାଇଁ ଘୋଷଣା କରିବେ ତତ୍କ୍ଷଣାତ୍ ତାଙ୍କର ପତନ ଅନିବାର୍ଯ୍ୟ । ଧନୀ ଜ୍ଞାନୀ ମାନୀ ଅଭିମାନୀ– ଏମାନେ କେହି ଚାହାନ୍ତି ନାହିଁ ଯେ ଦେଶର ସବୁ ମଣିଷଙ୍କ ପାଇଁ ଏକ ହିଁ ବ୍ୟବସ୍ଥା ପ୍ରଯୁଜ୍ୟ ହେଉ । ସେହିପରି ଯେଉଁମାନେ ଏଠି ଇଂରାଜୀ ସପକ୍ଷରେ ଚିତ୍କାର କରନ୍ତି, ସେମାନେ ଇଂଲିଶ୍ ମିଡ଼ିୟମ ସ୍କୁଲ୍‌ମାନଙ୍କରେ ପିଲା ଓଡ଼ିଆ କହିଦେଲେ ଅପରାଧ ବୋଲି ଗଣନା କରନ୍ତି ଆଉ ତାଙ୍କ ଠାରୁ ଫାଇନ ଆଦାୟ କରନ୍ତି ଉଚିତ୍ ଶିକ୍ଷା ଦେବା ପାଇଁ । ଅଥଚ ଅତି ସୁନ୍ଦର ଇଂରାଜୀ ଲେଖି ପଢ଼ି ଓ କହି ପାରୁଥିବା ବିଜ୍ଞ ଲୋକମାନେ କେତୋଟି ଭାରତୀୟ ସାହିତ୍ୟକୁ ନିର୍ଭୁଲ ଇଂରାଜୀରେ ଅନୁସୃଜନ କରିବାର ଦକ୍ଷତାରେ ନିପୁଣ ! ଆମ ପିଲାମାନଙ୍କୁ ଭାରତୀୟ ସାହିତ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ଯଥାର୍ଥ ତାଲିମ ଦେବାର କ’ଣ ବ୍ୟବସ୍ଥା ହୋଇଛି ? ଇଂରାଜୀ ବ୍ୟତୀତ ଅନ୍ୟାନ୍ୟ, ପୃଥିବୀର ସମୃଦ୍ଧ ଭାଷା ଗୁଡ଼ିକକୁ ଆୟତ୍ତ କରିବାର ଉତ୍ସାହ କେତେ ପରିମାଣରେ ରହିଛି ତାହା ଆମେ ସମସ୍ତେ ଜାଣୁ । ନିଜ ମାତୃଭାଷାରେ ପ୍ରବୀଣ ହୋଇ ଜୀବନର ସକଳ କ୍ଷେତ୍ରରେ ସଫଳତା ଅର୍ଜନ କରିବାର ବିକଶିତ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ କେବେ କ’ଣ ବିସ୍ତୃତ ଅନୁଶୀଳନ କରାଯାଇପାରିଛି ।


ଦୁଃଖରେ ଭାଙ୍ଗିପଡ଼େ ମୋ ମନ । ଛୋଟ ଛୋଟ ପିଲାଙ୍କ ବହିର ବ୍ୟାଗ୍‌ର ଓଜନ ଦେଖି । ପିଲାମାନେ ଏହି ବ୍ୟାଗ୍ ବୋହି ବୋହି କୁଜା ହୋଇଯାନ୍ତି ଦିନେ । ଭାରତର ବିଶିଷ୍ଟ ଇଂରାଜୀ ଲେଖକ ଆର.କେ. ନାରାୟଣ ଯେତେବେଳେ ପାର୍ଲାମେଣ୍ଟ୍ ସଦସ୍ୟ ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥିଲେ, ପାର୍ଲାମେଣ୍ଟ୍ ଭିତରେ ସେ ପ୍ରଥମେ ଏହି ପ୍ରସ୍ତାବ ଆଣିଥିଲେ ଯେ ଶିଶୁଙ୍କ ପିଠିରେ ବୁହା ହୋଇ ଯାଉଥିବା ବସ୍ତାନିର ବୋଝ ହାଲୁକା କରିବା ପାଇଁ । ଏସବୁ ସୃଜନାତ୍ମକ ଦିଗ ପ୍ରତି ଦୃଷ୍ଟି ନିକ୍ଷେପ ନକରି ମାନବୀୟ ବ୍ୟକ୍ତିତ୍ୱକୁ ବିଭସ୍ସ ରୂପ ଦେବାର ଯେଉଁ ଉଚ୍ଚାକାଂକ୍ଷା ଚିନ୍ତାଶୀଳ ବୁଦ୍ଧିଜୀବୀମାନଙ୍କ ମସ୍ତିଷ୍କକୁ ବିଭ୍ରାନ୍ତ କରି ଆସୁଛି ତାହା ପ୍ରକୃତରେ କେବେ ହୃଦୟଙ୍ଗମ କରିପାରିବେ ଆମ ଦେଶର ରାଷ୍ଟ୍ରନେତା, ଉଚ୍ଚାଭିଳାଷୀ ଅଭିଭାବକ, ପ୍ରବୀଣ ରାଜନୀତିଜ୍ଞ, ଅର୍ଥନୀତିଜ୍ଞ, ଭାଷାତତ୍ତ୍ୱବିତ୍– ମନସ୍ତତ୍ତ୍ୱବିତ୍ ଆଉ ଅସଂଖ୍ୟ ଶିକ୍ଷାଭିମାନୀ, ଶିକ୍ଷା କ୍ଷେତ୍ରରେ  ପ୍ରାଚାର୍ଯ୍ୟମାନେ ? ବାମାଚରଣ ମିତ୍ର ତିନୋଟି ଗଳ୍ପ ରଚନା କରି ଯେଉଁ ସନ୍ଦେଶ ସମାଜକୁ ଦେଇଛନ୍ତି ସେ ସମ୍ପର୍କରେ କିଏ କାହିଁକି ବା ଚିନ୍ତା କରିବେ ? ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାର ଏ ବ୍ୟବସ୍ଥାରେ ଅଣନିଃଶ୍ୱାସୀ ହୋଇ ସମସ୍ତେ ଯେପରି ଲକ୍ଷ୍ୟହୀନ ଭାବରେ ଧାବମାନ ଏବଂ ଏହାକୁ ହିଁ ପ୍ରଗତି ବୋଲି ଭାବିବାକୁ ଯେଉଁମାନେ ଆଗଭର ସେମାନଙ୍କୁ ହୃଦୟ ବାବୁଙ୍କ କଣ୍ଠସ୍ୱର ଶୁଭିବ ବା କେମିତି ?

ମୁଁ ମିମି । ମନର କଥା ନକହି ରହି ପାରିନଥାନ୍ତି ମୁଁ । ମୁଁ ଜାଣେ ଏ ଦୁନିଆ ଯେପରି ବିଭ୍ରାନ୍ତ ଚିତ୍ତରେ ଆଚ୍ଛାଦିତ ସେଥିରେ କୃଷ୍ଣ ପ୍ରେମର କ’ଣ ବା ସ୍ଥାନ ରହିଛି । ଯାହା ମୋ ମନକୁ ରୁନ୍ଧି ଦେଉଥିଲା, ତାକୁ ଆପଣମାନଙ୍କ ଆଗରେ ସରଳ ମନ ନେଇ ଉନ୍ମୁକ୍ତ କରିଦେଲି ଆଜି । ଯଦି କିଛି ତ୍ରୁଟି ଥାଏ ଏ ମିମିର ତାହେଲେ ସେ କ୍ଷମା ପ୍ରାର୍ଥିନୀ । ମାତ୍ର ଜଗତର କଲ୍ୟାଣ ନିମନ୍ତେ ସେ ଯେ ପ୍ରତି ମୁହୂର୍ତ୍ତରେ ପ୍ରାର୍ଥନା ମଗ୍ନ ଏତିକି ଆପଣ ଜାଣି ରଖିଥାନ୍ତୁ । କାରଣ ସେ ଅଲୌକିକ ଦେବୀ ଶକ୍ତି ନେଇ ଆବିର୍ଭୂତା ହୋଇଛି ଏ ପୃଥିବୀ ମଞ୍ଚରେ ।




କଥା-କାହାଣୀ

# ଭାଷା ମଗ୍ନା



## ଜୟନ୍ତୀ ସାହୁ

ଶ୍ରୀଜୟା, ଏମ୍-୧୧/୪, ପଂଚସଖା ନଗର,
ଡୁମୁଡୁମା, ଭୁବନେଶ୍ୱର
ଫୋନ:୮୦୯୩୪୮୬୬୭୪

ଚିତ୍ର: ଇପ୍‌ସିତା ଦେ


**ନବ୍ୟା, ଶିକ୍ଷିତା, ଆଧୁନିକ ରୁଚି ସଂପନ୍ନା ଅନ୍ୱେଷାକୁ ପ୍ରଥମେ ପ୍ରଥମେ ମୁଣ୍ଡରେ ଅଳ୍ପ ଓଢ଼ଣୀ ଦେଇ କଲେଜ୍ ଯିବାଟା କେମିତି ବେଖାପ୍ ଲାଗୁଥିଲା । କିନ୍ତୁ କିଛିଦିନ ପରେ ସେ ଦେଖିଲା, ମୁଣ୍ଡରେ ଅଧାଶାଢ଼ି ଦେଇ ଭାରତୀୟ ଆଦର୍ଶରେ ଢାଙ୍କି ହୋଇଥିବା ଅନ୍ୱେଷା, ବରଂ ଅନ୍ୟମାନଙ୍କ ଆଖିରେ ଏକ ବିଶେଷ ଭାବେ ସମ୍ମାନାସ୍ପଦା ହୋଇ କ୍ରମଶଃ ସ୍ଫୀତ ହୋଇଉଠୁଛି ।**



ଫଟୋ: ଜୟନ୍ତୀ ସାହୁ

ବରଂ ଭଲ ଥିଲା ଶାଶୁଘର ଗାଁର ସେ ପ୍ରାଇଭେଟ୍ କଲେଜ୍‌ରେ ଅଧ୍ୟାପିକାଟିଏ ହୋଇ ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦଙ୍କ ମୁଖା ମୁଖା ଆନ୍ତରିକତାର ପ୍ରାଚୁର୍ଯ୍ୟରେ ଜୀବନ କାଟିବା । ସହରର ଝିଅ ହୋଇ ଗାଁରେ ଶାଶୁଘର ହେବା କଥାଟାକୁ ବାହାଘର ବେଳେ ଅନ୍ୱେଷା ନାକ ଟେକିଥିଲା ସିନା, ହେଲେ ଗାଁରେ କିଛିଦିନ ଗାଉଁଲୀ ଜୀବନ ବିତାଇ ସାରିଲା ପରେ ସେ ବହୁ ସମ୍ମାନ ଓ ଗୌରବର ପାହାଚକୁ ଅତିକ୍ରମ କରି ଅତି ଗୌରବର ସୀମାରେ ପାଦ ଥାପୁଥିଲା । ଏତେବଡ଼ ସମ୍ମାନର ଅଧିକାରିଣୀ ହୋଇ ଅନ୍ୱେଷା ଖୁବ୍ କମ୍ ଦିନେ ପାଶୋରି ଦେଇଥିଲା ସହରୀ ଜୀବନର ଯାନ୍ତ୍ରିକ ପ୍ରହସନକୁ । ନବ୍ୟା, ଶିକ୍ଷିତା, ଆଧୁନିକ ରୁଚି ସଂପନ୍ନା ଅନ୍ୱେଷାକୁ ପ୍ରଥମେ ପ୍ରଥମେ ମୁଣ୍ଡରେ ଅଳ୍ପ ଓଢ଼ଣୀ ଦେଇ କଲେଜ୍ ଯିବାଟା କେମିତି ବେଖାପ୍ ଲାଗୁଥିଲା । କିନ୍ତୁ କିଛିଦିନ ପରେ ସେ ଦେଖିଲା, ମୁଣ୍ଡରେ ଅଧାଶାଢ଼ି ଦେଇ ଭାରତୀୟ ଆଦର୍ଶରେ ଢାଙ୍କି ହୋଇଥିବା ଅନ୍ୱେଷା, ବରଂ ଅନ୍ୟମାନଙ୍କ ଆଖିରେ ଏକ ବିଶେଷ ଭାବେ ସମ୍ମାନାସ୍ପଦା ହୋଇ କ୍ରମଶଃ ସ୍ଫୀତ ହୋଇଉଠୁଛି ।

ସେଇଥିପାଇଁ ତ ଏତେସବୁ ଗୌରବକୁ ଯାବୁଡ଼ି ଧରିଥିବା ଅନ୍ୱେଷା ଗାଁର ସେ ମନମତାଣିଆ ସରଳ ଜୀବନ ଓ ସ୍ୱାଚ୍ଛନ୍ଦ୍ୟରେ ଭରା ସମ୍ମାନ ଜୁଡ଼ୁବୁଡ଼ୁ ଜୀବିକା ଛାଡ଼ି ସ୍ୱାମୀଙ୍କ ସଂଗେ ସହରକୁ ଆସିବା ପାଇଁ ଅମଙ୍ଗ ହେଉଥିଲା । କିନ୍ତୁ ସ୍ୱାମୀଙ୍କର ଏକା ଜିଦ୍ ଯେ ପୁଅର ଇଂରେଜୀ ପାଠପଢ଼ା ଆରମ୍ଭ କରିବା ପାଇଁ ହିଁ ଅନ୍ୱେଷାକୁ ଗ୍ରାମ୍ୟ ବୋହୂପଣିଆ ଓ ଅଧ୍ୟାପିକା ଚାକିରିର ମୋହକୁ ଅନାୟାସରେ ତ୍ୟାଗ କରିବାକୁ ପଡ଼ିବ । ସ୍ୱାମୀ ଅନିମେଷଙ୍କର ଯୁକ୍ତି ଯେ ଗାଁରେ ଅନ୍ୱେଷା ରହିଲେ ପିଲାଟା ମଣିଷ ନହୋଇ ବରଂ ଅମଣିଷ ପାଲଟିଯିବ । ଗାଁରେ ଇଂଲିଶ୍ ସ୍କୁଲ୍ ନାହିଁ କି କାହା ପାଟିରେ ଇଂରାଜୀ ଶବ୍ଦଟିଏ ନାହିଁ । ବିଶେଷତଃ ଗାଁରେ ରହିଲେ ପିଲାଟାର ଆଉଟ୍‌ଲୁକ୍ ପରିବର୍ତ୍ତିତ ନହୋଇ ବରଂ ସଙ୍କୁଚିତ ହୋଇଯିବ । ଏବେ ଚାକିରିର ଯେଉଁ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ବଢ଼ି ଚାଲିଛି, ଗାଁରେ ରହିଲେ ଆମ ପୁଅ କିରାଣୀଟିଏ ବ୍ୟତୀତ ଆଉ ଉପରକୁ ଉଠି ପାରିବ ନାହିଁ । ଏମିତି ଗାଁ ବିପକ୍ଷରେ ଅନର୍ଗଳ ଭାବରେ କହି ଚାଲିଥିବା ଅନିମେଷଙ୍କ ମୁହଁକୁ ଚାହିଁ ଅନ୍ୱେଷା ଭାବୁଥିଲା, ଏଇ ଗାଁର ମାଟି, ପାଣି, ପବନରେ ବଢ଼ି ପୁଷ୍ଟ ହୋଇଥିବା ସ୍ୱାମୀ ତାଙ୍କର କେଡ଼େ ସହଜରେ ଜନ୍ମଭୂମିର ନିନ୍ଦାରେ ଶତମୁଖ ହୋଇ ଉଠୁଛନ୍ତି । ଅନିମେଷ ତ ପୁଣି ଏଇ ଗାଁ ସ୍କୁଲ୍‌ରେ ପାଠପଢ଼ି ଓ ଗାଁ ଅବଧାନଙ୍କ ଚାଟଶାଳୀରେ ବେତମାଡ଼ ଖାଇ ଆଜି ଜଣେ ଉଚ୍ଚପଦସ୍ଥ ଅଫିସର୍ ହୋଇ ଗାଁ ମାଟିର ଯୋଗ୍ୟ ଦାୟାଦ ଭାବେ ବିବେଚିତ ହେଉଛନ୍ତି । ପାଠ କ'ଣ ଜାଣିନଥିବା ବାପା, ମା'ର ପୁଅଟିଏ ହୋଇ ଏଇ ଗାଁ ସ୍କୁଲ୍ ଯଦି ଅନିମେଷଙ୍କୁ ପ୍ରଚଣ୍ଡ ପ୍ରତିଭାବାନ୍ ମେଧାବୀ ଛାତ୍ରଟିଏ ଭାବେ ଗଢ଼ି ପାରିଲା, ତେବେ ପାଠର ସର୍ବୋଚ୍ଚ ଡିଗ୍ରୀ ଧାରୀ ଅନିମେଷ ଓ ଅନ୍ୱେଷାଙ୍କ ପୁଅ ଆଜି କାହିଁକି କିରାଣୀଟିଏ ହେବା ଭୟରେ ଗାଁ ସ୍କୁଲ୍ ଛାଡ଼ି ସହରରେ ମାତୃଭାଷାକୁ ପର କରି ବିଦେଶୀ ଭାଷାରେ କୃତିତ୍ୱ ଅର୍ଜନ କରିବ ? ଓଡ଼ିଆ ଭାଷାରେ ମାଷ୍ଟର୍ ଡିଗ୍ରୀ ହାସଲ କରିଥିବା ଅନ୍ୱେଷାଙ୍କ ଅନ୍ତର ତଳେ ସେହି ମୁହୂର୍ତ୍ତରେ ରହିରହି ଗୁଞ୍ଜରି ଉଠୁଥିଲା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ସେହି ଅନନ୍ୟ ପଂକ୍ତି ଗୁଡ଼ିକ:


"ମାତୃଭୂମି ମାତୃ ଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।"

ତେବେ ବିଦେଶୀ ଶିକ୍ଷାର ପ୍ରଭାବରେ ପୁରାପୁରି ଅଜ୍ଞାନ ପାଲଟି ଯାଇଥିବା ଅନିମେଷଙ୍କୁ ସମୃଦ୍ଧ ଓଡ଼ିଆ ଭାଷାର ଅଧ୍ୟାପିକା ଅନ୍ୱେଷା ମିଶ୍ର ଏଥର ମୁହଁ ଖୋଲି ପ୍ରକୃତି କବିଙ୍କର 'ଉଚ୍ଚହେବା ପାଇଁ କର ଯେବେ ଆଶା, ଉଚ୍ଚକର ଆଗେ ନିଜ ମାତୃଭାଷା' ଧାଡ଼ିକୁ ଆବୃତ୍ତି କରି ବୁଝାଇବାକୁ ଲାଗିଲେ । ଆହୁରି ବୁଝାଇଲେ ଯେ ନିଜେ ଓଡ଼ିଆ ହୋଇ ନିଜର ମାତୃଭାଷା ପ୍ରତି ଏଭଳି ବିତୃଷ୍ଣା ଆଣିବା ଠିକ୍ ନୁହେଁ । ଏହାଦ୍ୱାରା ଅନିମେଷ ନିଜ ମାତୃଭୂମି ଓ ମାତୃଭାଷାର ଘୋର ଅବମାନନା ଯାହା କରୁଛନ୍ତି । ଓଡ଼ିଆ ପଢ଼ିଲେ ଯେ ପିଲା ଭବିଷ୍ୟତରେ ଜଣେ ଉଚ୍ଚ ପ୍ରଶାସକ ପଦବୀ ହାସଲ ନକରିପାରିବ, ଏସବୁ ଧାରଣା

**ଲେଖନୀ ପଛର ଲେଖନୀ**

ସଂପ୍ରତି ଓଡ଼ିଆ ଭାଷା ଏକ ସଙ୍କଟ କାଳରେ ଉପନୀତ । ଇଂଲିଶ୍ ମିଡ଼ିୟମ ସ୍କୁଲ ଏବେ ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ତା'ର ସ୍ୱତନ୍ତ୍ର କାୟା ବିସ୍ତାର କରିଚାଲିଛି । ଗାଁଠୁ ସହର ଯାଏଁ ସବୁଠି ବିଦେଶୀ ଭାଷାର ଆଦର । ମାତୃଭାଷା ପ୍ରତି ମମତା ସେତେ ପରିଲକ୍ଷିତ ହେଉନାହିଁ । ତେଣୁ ମାତୃଭାଷାର ଟେକ ରଖିବା ପାଇଁ, ସୁମଧୁର ଓଡ଼ିଆ ଭାଷାର ସର୍ବତ୍ର ବହୁଳ ବ୍ୟବହାର ପାଇଁ, ସର୍ବୋପରି ଭାଷାଜନନୀର ସୁରକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ମୋର ଏହି କ୍ଷୁଦ୍ର ଗଳ୍ପ 'ଭାଷାମଗ୍ନା'ର ସୃଷ୍ଟି । ଉକ୍ତ ସୃଷ୍ଟି ସାର୍ଥକ ହେଉ ଏହା ହିଁ କାମନା ।

ଭ୍ରାନ୍ତ । ବରଂ କିଏ ଜାଣେ ସୁମଧୁର କଳା, ସ୍ଥାପତ୍ୟରେ ଭରା ଓଡ଼ିଆ ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ପୁଅ ଆମର ଜନ୍ମଭୂମିର ଉପଯୁକ୍ତ ଦାୟାଦ ଭାବେ ଓଡ଼ିଆ ଭାଷାର ଅବା ଓଡ଼ିଶା ମାଟିର ଲୁପ୍ତ ଗୌରବର ପୁନରୁଦ୍ଧାର କରି ଦିନେ ପ୍ରତିଷ୍ଠିତ ନହେବ ? ଜ୍ୟୋତ୍ସ୍ନାସ୍ନାତ ରଜନୀର ପୂର୍ଣ୍ଣ ଇନ୍ଦୁ ସଂଦର୍ଶନ ଅବକାଶରେ ବାଲ୍ୟ ଚପଳତା ଭରପୁର କୋମଳ ପ୍ରାଣ ଶିଶୁର ଦରୋଟି କଣ୍ଠରୁ ସ୍ୱତଃ ଝରି ପଡୁଥିବା ‘ଆ ଜହ୍ନମାମୁଁ ଶରଦଶଶୀ’ର କମନୀୟତା କ’ଣ ଇଂଲିଶ୍ ସ୍କୁଲ୍‌ର ‘ଟ୍ୱିଙ୍କିଲ୍, ଟ୍ୱିଙ୍କିଲ୍ ଲିଟିଲ୍ ଷ୍ଟାର’ ଆବୃତ୍ତିରେ ମିଳିପାରିବ ? ସେ ଯାହାହେଉ, ଅନ୍ୱେଷା ଓଡ଼ିଆ ଭାଷା ସଂପର୍କରେ ଯେତେ ଯାହା ବୁଝାଇଲେ ବି ଅନିମେଷ୍ ତାଙ୍କ ଯୁକ୍ତିରେ ଅଟଳ । ମୋ ପୁଅ ଇଂଲିଶ୍ ପଢ଼ିବ ହିଁ ପଢ଼ିବ । ପୁଣି କହିଲେ, ତମେ କେମିତି ବୁଝିପାରୁନ ଅନ୍ୱେଷା, ଜଣେ ପଦସ୍ଥ ଅଫିସର୍ ଭାବେ ମୋର ଏକ ସ୍ୱତନ୍ତ୍ର ଖ୍ୟାତି ଦରକାର, ସ୍ୱତନ୍ତ୍ର ଷ୍ଟାଟସ୍ ଦରକାର । ଏବେ ପବ୍ଲିକ ସ୍କୁଲ ଯେଭଳି ଛତୁ ଫୁଟିଲା ଭଳି ଚାରିଆଡ଼େ ଫୁଟି ଉଠିଲାଣି, ଖାଲି ଅଫିସରଙ୍କ ପିଲା କାହିଁକି, କାହିଁ କେଉଁ ଅଧସ୍ତନ କର୍ମଚାରୀଙ୍କ ପିଲାମାନେ ବି ଇଂଲିଶ୍ ପଢ଼ି ସାହେବ ବୋଲାଇଲେଣି । ଅତ୍ୟାଧୁନିକ ଯୁଗର ପିଲା ହୋଇ ମୋ ପିଲା ଯଦି ଏଭଳି ସାହେବୀ ପ୍ରତିଦ୍ୱନ୍ଦ୍ୱିତାରେ ହାରିଯାଏ, ତେବେ ମୋ ଅଫିସରୀୟ ମର୍ଯ୍ୟାଦା ମହଲଣ ପଡ଼ିଯିବନି କି ? ଅନ୍ୱେଷା ଭାବିଲା ଏଭଳି ନଛୋଡ଼ବନ୍ଧା ସ୍ୱାମୀଙ୍କ ସଂଗେ ଅଯଥା ଯୁକ୍ତି କରି ସୁଖମୟ ସାଲିସ୍ କରା ଦାମ୍ପତ୍ୟ ଜୀବନରେ ମନାନ୍ତର ଓ ମତାନ୍ତରର ଅଦିନିଆ ଝଡ଼ ଆଣିବ ସିନା, ହେଲେ କିଛି ଭଲ ଫଳ ହେବନି ।



ତେଣୁ ଅନୁଗତା ପତ୍ନୀଟିଏ ଭାବେ ସ୍ୱାମୀଙ୍କର ଆଦେଶକୁ ମଥାପାତି ମାନି ନେବାକୁ ବାଧ୍ୟ ହେଲା ଅନ୍ୱେଷା । ଯଥା ସମୟରେ କଲେଜ୍‌ରେ ଇସ୍ତଫାପତ୍ର ଦାଖଲ କରି ଓଡ଼ିଆ ଭାଷାର, ସର୍ବୋପରି ଓଡ଼ିଆଣୀର ଆଦର୍ଶରେ ସିକ୍ତ ହୋଇଥିବା ଅଧ୍ୟାପିକା ଅନ୍ୱେଷା ମିଶ୍ର ନିଜର ଏକମାତ୍ର କୁଳନନ୍ଦନର ଇଂଲିଶ୍ ଶିକ୍ଷା ପାଇଁ ସ୍ୱବାସ ପରିତ୍ୟାଗ କରି ପ୍ରବାସକୁ ଗଲେ । ଅଫିସର୍‌ସ୍ କଲୋନୀ ମଧ୍ୟରେ ସୁରମ୍ୟ ରାଜପ୍ରାସାଦ ଭଳି ପ୍ରତୀୟମାନ ହେଉଥିବା ସ୍ୱାମୀଙ୍କର ଅଫିସରୀୟ କ୍ୱାର୍ଟର ମଧ୍ୟରେ ରହି ଅନ୍ୱେଷା ଲକ୍ଷ୍ୟ କରୁଛନ୍ତି, ପଛରେ ବ୍ୟାଗ୍ ଗଳାଇ, ବେକରେ ଟାଇ ଝୁଲାଇ, ଡାଡ୍, ମମ୍‌ଙ୍କୁ ବାଏ, ବାଏ କରି ଇଂଲିଶ୍ ସ୍କୁଲ୍ ଯାଉଥିବା ଦେଶର ଉତ୍ତର ଦାୟାଦମାନଙ୍କର ଗତିବିଧିକୁ । ଭାରି ଅସହ୍ୟ ଲାଗୁଛି ତାଙ୍କୁ ପାଶ୍ଚାତ୍ୟ ସଭ୍ୟତାର ଏ ଗଭୀର ଅନୁକରଣ । ଆହୁରି ବେଶୀ ଅସହ୍ୟ ଲାଗୁଛି ନିଜ ପୁଅ ଈଶାନ୍‌ର କଣ୍ଠରେ ସୁମଧୁର ଆତ୍ମୀୟତା ଭରା ‘ମା’ ଡାକ ପରିବର୍ତ୍ତେ ‘ମମୀ’ ଶବ୍ଦର ସମ୍ବୋଧନକୁ । ଯାହାର ଅର୍ଥ ମିଶରର ସୁରକ୍ଷିତ ‘ଶବ’କୁ ବୁଝାଏ । ମନେ ପଡୁଛି ଓଡ଼ିଆ ଭାଷାକୁ ଅନ୍ୟ ଭାଷାମାନଙ୍କ ଠାରୁ ଉଚ୍ଚସ୍ଥାନ ଦେବା ପାଇଁ କେତେ କେତେ ସଭା ସମିତିରେ ସେ ପାଶ୍ଚାତ୍ୟ ଭାଷାମାନଙ୍କ ବିରୁଦ୍ଧରେ ଅନର୍ଗଳ ଭାଷଣ ଦେଇଛି । ତେବେ ଓଡ଼ିଆ ଅଧ୍ୟାପିକା ଅନ୍ୱେଷା ମିଶ୍ରର ସେ ଭାଷଣ ଗୁଡ଼ା କ’ଣ ଖାଲି ପୋଥି ବାଇଗଣ ହୋଇ ରହିଗଲା ? ଏଇ କ’ଣ ତେବେ ଅନ୍ୱେଷା ମିଶ୍ରର ମାତୃଭାଷା ସପକ୍ଷରେ ନିରନ୍ତର ବକ୍ତୃତାର ଫଳ ? ଅନ୍ୱେଷାର ଛାତି ଭିତରେ ଭୂମିକମ୍ପ ହେବାର ଶବ୍ଦକୁ ସେ ଅନୁଭବ କଲା । ଅନୁଭବ କଲା ମଧ୍ୟ ଆଧୁନିକତାର ଦ୍ୱାହି ଦେଇ, ନବ୍ୟ ଶିକ୍ଷିତ ହେବାର ପ୍ରୟାସ ପୂର୍ବକ ପବ୍ଲିକ୍ ସ୍କୁଲ୍ ରୂପକ ରାକ୍ଷସର କବଳରୁ ନିରୀହା, ବଳଶୂନ୍ୟା ଓଡ଼ିଆ ଭାଷା ତିଷ୍ଠି ରହିବା ସଂପ୍ରତି ଏକାନ୍ତ ଅସମ୍ଭବ । ମନେପଡ଼ିଗଲା ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ "ମାତୃଭାଷାରେ ପ୍ରାଥମିକ ଶିକ୍ଷା ନଦେବା ହେଉଛି ଶିଶୁକୁ ମାତୃସ୍ତନ୍ୟରୁ ବଂଚିତ କରିବା ସହ ସମାନ । ତଦ୍ୱାରା ଶିଶୁର ଦୁର୍ବଳ ବ୍ୟକ୍ତିତ୍ୱ ହିଁ ସୃଷ୍ଟି ହୁଏ । ବାସ୍ତବିକ୍ ମାତୃଭାଷା ହେଉଛି ବ୍ୟକ୍ତିତ୍ୱର ଭିତ୍ତିଭୂମି । ମାତୃଭାଷା ମାଧ୍ୟମରେ ହିଁ ମଣିଷର ସୃଜନଶୀଳତା, ଚିନ୍ତାଶକ୍ତି ଓ ବୌଦ୍ଧିକ ଜ୍ଞାନର ଉତ୍ତମ ପରିପ୍ରକାଶ ଘଟେ ବୋଲି ବିଶିଷ୍ଟ ମନୋବିଜ୍ଞାନୀମାନଙ୍କର ମତ ।

ତେଣୁ ଓଡ଼ିଆ ଭାଷାର ପୁନରୁଦ୍ଧାର ପାଇଁ, ଓଡ଼ିଆର ଲୁପ୍ତ ଓଡ଼ିଆମୀକୁ ଚେତେଇ ଦେବା ପାଇଁ, ଈଶାନ ଭଳି ଅଗଣିତ ଉଇଁ ଆସୁଥିବା କଳିକା ଗୁଡ଼ିକୁ ଓଡ଼ିଆ ପ୍ରାଣ କରିବା ପାଇଁ, ଆଜି ପୁଣି ଜଣେ ଜଣେ ଉତ୍କଳ ଗୌରବ, ଉତ୍କଳମଣି ଓ ଫକୀରମୋହନ ଦରକାର । ଯାହାଙ୍କର ପ୍ରଚଣ୍ଡ ଜାତିପ୍ରୀତିର ଦୀପ୍ତିରେ ସମଗ୍ର ପାଶ୍ଚାତ୍ୟ ଶିକ୍ଷା ଛାଏଁ ମଉଳିଯିବ । ତେବେ ଏଭଳି ପରିପ୍ରେକ୍ଷୀରେ ପୁନର୍ବାର ଛିନ୍ନମସ୍ତା ହେବାକୁ ଯାଉଥିବା କ୍ରନ୍ଦନରତା ଓଡ଼ିଆ ଜନନୀର ଆଖିରୁ ଲୁହ ପୋଛିବ କିଏ ? ଓଡ଼ିଆ ଭାଷାର ଏ ଅଗ୍ନିବର୍ଷୀ ବିପ୍ଳବ ପାଇଁ ତେଜୀୟାନ ନେତାଟିଏ ଆଜି ଦରକାର । ସେହି ଲେଲିହାନ୍ ଅଗ୍ନିଶିଖାଟିଏ ହେବା ପାଇଁ ଏ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବିତ ରାଷ୍ଟ୍ରରେ ସମର୍ଥତାର ହାତ ବଢ଼ାଇବ ବା କିଏ ? କ୍ରମେ ଅନ୍ୱେଷାର ସମସ୍ତଙ୍କ ଉପରୁ ଆସ୍ଥା କାହିଁକି କମି ଯାଉଛି । ତା ଛାତି ଭିତରୁ କିଏ ଯେମିତି କହୁଛି, ତୁ ନିଜେ ଅନ୍ୱେଷା ହୋଇ ନିଜ ଭିତରେ ଥିବା ନେତ୍ରୀ ପଣିଆକୁ ଏଯାବତ୍ ଅନ୍ୱେଷଣ କରିପାରୁନୁ ? ସେଇ ରୁଦ୍ଧ ଅନ୍ତର ମଧ୍ୟରୁ ବଜ୍ର ଗମ୍ଭୀର କଣ୍ଠରେ କିଏ ଯେମିତି ଚେତେଇ ଦେଉଛି, ଆଉ ଏମିତି ହାଣ୍ଡିଶାଳର ଗାଈଛନ୍ଦ ଭିତରେ ନିଃଶେଷ ହୋଇ ଯାଆନା ଅନ୍ୱେଷା । ହାଣ୍ଡିଶାଳର ଠାକୁରାଣୀ ବରଂ ସେଇ ଭାଷା ଜନନୀର ବାଜ୍ୟାପ୍ତ କରା ସ୍ୱପ୍ନର ଠାକୁରାଣୀ ପାଲଟି ଯାଆ, ଯାହା ପିଠିର ବାଇଶି ପାହାଚରେ ଚଢ଼ି ଚଢ଼ି ଆମେ ସମୃଦ୍ଧିର ଷୋଡ଼ଶୋପଚାର କରି ଶିଖିଛେ । ଏବେ ଅବହେଳିତ ଭାଷାର ସୁରକ୍ଷା ପାଇଁ ଭାବପ୍ରବଣ କବି ପାଲଟିବା ଦରକାର ନାହିଁ । ବରଂ ଅଗ୍ନିବର୍ଷୀ ବିପ୍ଳବିନୀ ଲେଖିକା ‘ହେରିଏଟ୍ ଷ୍ଟୋ’ଟିଏ ହେବା ଦରକାର, ଯିଏ ପ୍ରତିଦିନ ହାଣ୍ଡିଶାଳରେ ପାଞ୍ଚପୃଷ୍ଠା ଲେଖାଏଁ ଲେଖି ‘Uncle Tom’s Cabin’ ରେ ସାରା ଆମେରିକାର ନିଷ୍କ୍ରିୟତାକୁ ଚିରଦିନ ପାଇଁ ଛାରଖାର କରିପାରିଥିଲା । ତେଣୁ ନିଜେ ନିଜ ପରିବାରରୁ ହିଁ ବିପ୍ଳବ ଆରମ୍ଭ କର । ସେ ରୋଷେଇଶାଳରୁ ସମଗ୍ର ଦୁନିଆକୁ ଛିଟିକି ପଡୁଥିବା ବିପ୍ଳବର ନିଆଁରେ ଭସ୍ମ ହୋଇଯାଉ ଦେଶର ସମସ୍ତ ଧାର୍ କରା ଆଧୁନିକତା ଏବଂ ସେହି ପାଉଁଶଗଦା ତଳୁ ସ୍ୱର୍ଣ୍ଣିମ ଆଭାରେ ଓଡ଼ିଆ ଭାଷାର ସ୍ୱାଭିମାନ, ନିଜତ୍ୱବୋଧ ପୁଣିଥରେ ସଗର୍ବରେ ମୁଣ୍ଡ ଟେକି ଉଠୁ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# (୧୦) ପ୍ରଜ୍ଞାପୀଠରେ ତେତିଶ ବର୍ଷ

ମନେପଡ଼େ ମାଳତୀ । ଅପରୂପା ମୁଁ ସାଂସାରିକ ଯନ୍ତ୍ରଣାରେ ଜର୍ଜରିତ ଦେହ ମନ ନେଇ କାର୍ଯ୍ୟାଳୟ ଆସେ । ଦୁଃଖ ଓ ଅଭାବ ସତ୍ତ୍ୱେ ଝଟକୁଥାଏ ତା ରୂପ । ଅନ୍ୟମାନଙ୍କଠୁ ଧାର୍ ଉଧାର ନେଇ ତା' ସଂସାର ଚଳାଏ । ସହକର୍ମୀମାନଙ୍କ ଆଗରେ ତା'ର ବ୍ୟଥା ବେଦନା ବଖାଣୁ ବଖାଣୁ ଝରଝର କାନ୍ଦି ପକାଏ । ଅଧଘଣ୍ଟାଏ ପରେ ଦେଖିଲା ବେଳକୁ ହସ,ଖୁସି, ଥଟ୍ଟା ତାମସାରେ ମଜ୍ଜି ଯାଇଥାଏ । ଦେଖିଲେ ବିଶ୍ୱାସ ହୁଏନାହିଁ ଯେ ମାତ୍ର ଅଧଘଣ୍ଟାଏ ପୂର୍ବରୁ ସେଇ ଏକା ମଣିଷ ବିଷ ଖାଇ ଆତ୍ମହତ୍ୟା କରିବ କି ଦଉଡ଼ି ଦେଇ ଜୀବନ ଶେଷ କରିଦେବ ବୋଲି ପଣ କରୁଥିଲା । କୁଆଡ଼େ ଉଭେଇଯାଏ ତା' ମୁହଁରୁ ତିକ୍ତତାର ଚିହ୍ନ । ବେବି ବିସ୍ମିତ ହୁଏ ।

ପ୍ରତ୍ନତତ୍ତ୍ୱ ଗ୍ୟାଲେରୀର ମୂର୍ତ୍ତି ଜଗିବା ତା' କାମ । ଦିନେ କ୍ଳାନ୍ତ ହୋଇ ଗୋଟିଏ ମୂର୍ତ୍ତିକୁ ଆଉଜି ଶୋଇ ଯାଇଥିଲା । ଦୁଇଜଣ ବିଦେଶୀ ପର୍ଯ୍ୟଟକ ଖୁବ୍ ନିକଟକୁ ଯାଇ ନିରୀକ୍ଷଣ କଲେ । ସେ ନାରୀ କି ମହମର ନାରୀମୂର୍ତ୍ତି ସେ ନେଇ ସେମାନେ ସନ୍ଦିହାନ ଥିଲେ ।

ଜଣେ ଥିଲେ ରାଧାକୃଷ୍ଣ, ଗ୍ୟାଲେରୀ ସହାୟକ, ପ୍ରସିଦ୍ଧ ସଙ୍ଗୀତଜ୍ଞ ବାଳକୃଷ୍ଣ ଦାସଙ୍କ ବଡ଼ଭାଇ । ବାଳକୃଷ୍ଣ ପୁଅ ହୋଇ ଯାଇଥିଲେ ଅନ୍ୟ ପରିବାରକୁ । ରାଧାକୃଷ୍ଣ ଯଜମାନି କରି ଚଳୁଥିଲେ ଅଭାବରେ । ବାଳକୃଷ୍ଣଙ୍କ ସୁପାରିଶରେ ରାଧାକୃଷ୍ଣ ସଂଗ୍ରହାଳୟରେ ନିଯୁକ୍ତ ହୋଇଥିଲେ । ତାଙ୍କ ପ୍ରକୃତ ଜନ୍ମ ତାରିଖ ଦିଆଯାଇ ନଥିବାରୁ ସେ ଢେର୍ ଅଧିକ ବର୍ଷ ଚାକିରି କରିବାର ସୁଯୋଗ ପାଇଥିଲେ ନିର୍ଦ୍ଦିଷ୍ଟ ବୟସ ସୀମା ପାର୍ ହେବାପରେ ବି । ନିଅଣ୍ଟିଆ ସଂସାର, ବାର୍ଦ୍ଧକ୍ୟର ଭାର ସତ୍ତ୍ୱେ ତାଙ୍କ ମୁହଁରୁ କେବେ ହସ ଲିଭୁ ନଥିଲା । ମୁହାଁମୁହିଁ ଭେଟ ହେଲାବେଳେ ସଂସ୍କୃତରେ ଶ୍ଳୋକଟିଏ ବୋଲି ସେ ଆଶୀର୍ବାଦ କରୁଥିଲେ । ସଂଗ୍ରହାଳୟକୁ କେହି ପରିଦର୍ଶକ ଆସିଲେ ସେ ବଡ଼ ତତ୍‌ପର ହୋଇ ନିଜକୁ ବାଳକୃଷ୍ଣ ଦାଶଙ୍କ ବଡ଼ଭାଇ ବୋଲି ଆତ୍ମ ପରିଚୟ ପ୍ରଦାନ କରୁଥିଲେ । ଯଶ, ଖ୍ୟାତି ପ୍ରତିଷ୍ଠାର ଅପହଞ୍ଚ ଦୂରତାରେ ଥିବା ସାନଭାଇଙ୍କୁ ନେଇ ନିଜର ପରିଚୟ ସାବ୍ୟସ୍ତ କରିବାର ଅଭ୍ୟାସରୁ ନିବୃତ୍ତ ହେବା ବେବି ତାଙ୍କୁ କହି ପାରୁନଥିଲା । ସସସ୍କନ୍ଧ ଜ୍ଞାତି ପରିଜନଙ୍କୁ ଆଦର ମିଳେ । ସମ୍ମାନ ମିଳେ ଅର୍ଥବଳ, ପ୍ରତିପତ୍ତି ନଥଲେ ରକ୍ତସଂପର୍କୀୟ ମଣିଷକୁ ବି ଅଗ୍ରାହ୍ୟ କରାଯାଏ, ଉପେକ୍ଷା କରାଯାଏ- ଏଇ ନିରାଟ ସତଟି ବେବି ତାଙ୍କୁ ବୁଝାଇ ପାରୁନଥିଲା ।

ପରିଚୟ ସଂକଟକୁ ନେଇ ସଢୁଥିବା ବହୁ ଚରିତ୍ରଙ୍କ ଜୀବନ ଭେଟିଛି ବେବି । ସେମାନଙ୍କୁ ଦେଖିଲା ବେଳେ ରାଧାକୃଷ୍ଣ ମୂର୍ତ୍ତିମନ୍ତ ହୋଇ ଉଠନ୍ତି ବେବି ସାମ୍ନାରେ । ନିଜ ଭାବମୂର୍ତ୍ତି ମଳିନ ଭାବି କାହିଁକି ମନଉଣା କରେ ମଣିଷ ? କାହିଁକି ଅପରର ତେଜ ନେଇ ନିଜେ ଝଟକି ଦିଶିବାର ବୃଥା ପ୍ରୟାସ କରେ ? କାହିଁକି ମାନି ନେଇପାରେନା ନିଜ ସ୍ଥିତି ?

ଏମିତି ପରିଚୟ ସଙ୍କଟ ଭୋଗୁଥିଲେ ବର୍ଷବର୍ଷ ଧଣି ସଚଳା । ସ୍ୱାମୀ ତାଙ୍କର ସଂଗ୍ରହାଳୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକ ଥିଲେ । ଦାଶରଥି ପଣ୍ଡା, ଏକୁଟିଆ ଭଡ଼ାନେଇ ଭୁବନେଶ୍ୱରରେ ରହୁଥିଲେ । ଗାଁରେ ଦୁଇଟି ଛୋଟ ଝିଅଙ୍କୁ ନେଇ ରହୁଥିଲେ ସଚଳା । ଚାଷବନ୍ଦି ଘରର ବୋହୂ । ଗାଁର ଜମିବାଡ଼ି, ଫସଲ ଅମଳ ଦେଖିବା ପାଇଁ ପଣ୍ଡାବାବୁ ଘରକୁ ଯାଉଥିଲେ । ସଂସାର ଚାହିଁଥିଲା ସୁରୁଖୁରୁରେ । ଅକାଳରେ ବଜ୍ରପାତ ହେଲା । ତିନି ଚାରିଦିନ ବେମାର ପଡ଼ି ପଣ୍ଡାବାବୁ ଦେହ ତ୍ୟାଗ କଲେ ସେତେବେଳେ ସଚଳା ଗର୍ଭବତୀ । ଗାଁ ସ୍କୁଲରେ ଚତୁର୍ଥ / ପଂଚମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା । ବାହାର ଦୁନିଆ ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ । କର୍ତ୍ତୃପକ୍ଷ ଦୟା ପରବଶ ହୋଇ ତାଙ୍କୁ ଗ୍ୟାରେଗ ସହାୟକ ପଦରେ ନିଯୁକ୍ତି ଦେଲେ ମଫସଲ ଗାଁର ଘରକୋଣରୁ ବାହାରି ଆସିଲେ ସଚଳା ଦୁଇଟି ଝିଅଙ୍କୁ ଧରି । ଜୀବନ ସହ ଯୁଝିବା ପାଇଁ । ତେବେ ନିଜକୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହ ସାମିଲକରିବା ପାଇଁ, ତାଙ୍କୁ ବହୁତ ପର୍ଷ ଲାଗିଥିଲା । ବେବି ଓ ତାର ସହଧର୍ମିଣୀ ମଂଜୁ ନାନୀ, ଗୀତାନାନୀ

ପରିଚୟ ସଂକଟକୁ ନେଇ ସଢୁଥିବା ବହୁ ଚରିତ୍ରଙ୍କୁ ଜୀବନରେ ଭେଟିଛି ବେବି । ସେମାନଙ୍କୁ ଦେଖିଲା ବେଳେ ରାଧାକୃଷ୍ଣ ମୂର୍ତ୍ତିମନ୍ତ ହୋଇ ଉଠନ୍ତି ବେବି ସାମ୍ନାରେ । ନିଜ ଭାବମୂର୍ତ୍ତି ମଳିନ ଭାବି କାହିଁକି ମନ ଉଣା କରେ ମଣିଷ ? କାହିଁକି ଅପରର ତେଜ ନେଇ ନିଜେ ଝଟ୍‌କି ଦିଶିବାର ବୃଥା ପ୍ରୟାସ କରେ ? କାହିଁକି ମାନି ନେଇ ପାରେନା ନିଜ ସ୍ଥିତି ?

ଏମିତି ପରିଚୟ ସଙ୍କଟ ଭୋଗୁଥିଲେ ବର୍ଷବର୍ଷ ଧରି ସଚଳା । ସ୍ୱାମୀ ତାଙ୍କର ସଂଗ୍ରହାଳୟର ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକ ଥିଲେ । ଦାଶରଥି ପଣ୍ଡା, ଏକୁଟିଆ ଭଡ଼ା ନେଇ ଭୁବନେଶ୍ୱରରେ ରହୁଥିଲେ । ଗାଁରେ ଦୁଇଟି ଛୋଟ ଝିଅଙ୍କୁ ନେଇ ରହୁଥିଲେ ସଚଳା । ଚାଷବନ୍ଦି ଘରର ଝିଅ, ଚାଷବନ୍ଦି ଘରର

ବୋହୂ । ଗାଁର ଜମିବାଡ଼ି ଫସଲ ଅମଳ ଦେଖିବା ପାଇଁ ପଣ୍ଡା ବାବୁ ଘରକୁ ଯାଉଥିଲେ । ସଂସାର ଚାଲିଥିଲା ସୁରୁଖୁରୁରେ । ଅକାଳରେ ବଜ୍ରପାତ ହେଲା ।



ତିନିଚାରିଦିନ ବେମାର ପଡ଼ି ପଣ୍ଡା ବାବୁ ଦେହତ୍ୟାଗ କଲେ । ସେତେବେଳେ ସଚଳା ଗର୍ଭବତୀ । ଗାଁ ସ୍କୁଲ୍‌ରେ ଚତୁର୍ଥ / ପଞ୍ଚମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା । ବାହାର ଦୁନିଆ ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ । କର୍ତ୍ତୃପକ୍ଷ ଦୟା ପରବଶ ହୋଇ ତାଙ୍କୁ ଗ୍ୟାଲେରୀ ସହାୟକ ପଦରେ ନିଯୁକ୍ତି ଦେଲେ । ମଫସଲ ଗାଁର ଘରକୋଣରୁ ବାହାରି ଆସିଲେ ସଚଳା ଦୁଇଟି ଝିଅଙ୍କୁ ଧରି । ଜୀବନ ସହ ଯୁଝିବା ପାଇଁ । ତେବେ ନିଜକୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହ ସାମିଲ କରିବା ପାଇଁ, ତାଙ୍କୁ ବହୁତ ବର୍ଷ ଲାଗିଥିଲା । ବେବି ଓ ତା'ର ସହକର୍ମିଣୀ ମଂଜୁ ନାନୀ, ଗୀତା ନାନୀ, ଯେଉଁମାନେ ତାଙ୍କ ସ୍ୱାମୀ ଦାଶରଥିଙ୍କ ସହ ଘନିଷ୍ଠ ଥିଲେ, ସେମାନେ ତାଙ୍କୁ ଯଥୋଚିତ ଆଦର ଦେଖଉଥିଲେ । ସଚଳା ଆଶା କରୁଥିଲେ ସମସ୍ତ କର୍ମଚାରୀ ଏପରିକି ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ସେଇ ସମାନ ବ୍ୟବହାର ପାଇବେ ବୋଲି । କେହି ଟିକେ ତେଢ଼ାକରି କଥା କହିଲେ ତାଙ୍କୁ ଭାରି ବାଧା ହେଉଥିଲା । ସେ ଯାହାହେଉ, ଭୁବନେଶ୍ୱରରେ ରହିଲେ । ଛୋଟ ହେଉ ପଛେ ଚାକିରି ଖଣ୍ଡିଏ କଲେ ବୋଲି ସେ ତାଙ୍କର ଦୁଇଝିଅ, ପୁଅ (ପରେ ଜନ୍ମ ହୋଇଥିଲା) ଙ୍କୁ ନିଜ ଇଚ୍ଛାରେ ପଢ଼େଇଲେ । ଘର ତୋଳିଲେ । ଦୁଇଝିଅଙ୍କୁ ସତ୍ ପାତ୍ରରେ ଦେଲେ । ସର୍ବୋପରି ସ୍ୱାଧୀନ ଭାବରେ ବଞ୍ଚିବାର ସୁଯୋଗ ପାଇଲେ । ମଝିରେ ମଝିରେ ସମସ୍ୟା ଆସୁଥିଲା, ବ୍ରେନ୍ ମ୍ୟାଲେରିଆରେ ପଡ଼ି କଟକ ଡାକ୍ତରଖାନାରେ ଚିକିତ୍ସିତ ହେଲେ କେତେଦିନ । ପୁଅଟିର ସ୍ୱାସ୍ଥ୍ୟ ଭଲ ରହେନାହିଁ । କେବେ କଳାଝାଡ଼ା ତ କେବେ ବାତଜ୍ୱର । ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ବରାବର ଭୋଗୁଥିଲେ । ସବୁକୁ ସମ୍ଭାଳିବାକୁ ଶକ୍ତି ଆହରଣ କରିଥିଲେ ସଚଳା । ତାଙ୍କ ବାଡ଼ିର ପିଜୁଳି, ଆମ୍ବ, ଶାଗ ତୋଳି ଆଣୁଥିଲେ । ଶ୍ରଦ୍ଧାରେ ଯାଚି ଦେଉଥିଲେ ବେବିଙ୍କୁ । କହୁଥିଲେ, "ପଣ୍ଡାବାବୁ ଆପଣଙ୍କୁ ସବୁବେଳେ ଶାନ୍ତି ବୋଲି କହୁଥିଲେ । ଜୟନ୍ତୀ ନାଁଟା ତାଙ୍କର ମନେ ପଡୁନଥିଲା କି ଆପଣଙ୍କୁ ଦେଖିଲେ ଶାନ୍ତି ଲାଗେ ବୋଲି ନିଜେ ସେ ସେଇ ନାଁଟି ଦେଇଥିଲେ କେଜାଣି ।" ଏବେ ସଚଳା ଚାକିରିରୁ ଅବସର ନେଲେଣି । ଅପସ୍ମାର ବାତ ଭୋଗୁଥିବା ପୁଅଟି ତାଙ୍କ କୋଳ ଛାଡ଼ି ଚାଲି ଗଲାଣି । ଅକାଳରେ ବୈଧବ୍ୟ ଯନ୍ତ୍ରଣା ଭୋଗିଥିବା ନାରୀଟିକୁ ଅସମୟରେ ପୁତ୍ରହରା କାହିଁକି କଲ । ଏଇ ପ୍ରଶ୍ନ ଈଶ୍ୱରଙ୍କୁ ପଚାରେ ବେବି । ପୁତ୍ରଶୋକ ସହିବାକୁ ସଚଳାଙ୍କୁ ଶକ୍ତି ଦେବା ପାଇଁ ପ୍ରାର୍ଥନା କରେ ।

ଅହର୍ନିଶି ଅଚାନକ ଧନାଗମର ସ୍ୱପ୍ନ ଦେଖୁଥିଲେ ରାଉତବାବୁ । ପରମାନନ୍ଦ ରାଉତ । ସଂଗ୍ରହାଳୟରେ ଟକ୍‌ସିଡରମିଷ୍ଟ୍ କାମ କରୁଥିଲେ । ମୃତ ପଶୁପକ୍ଷୀଙ୍କୁ ଜୀବନ୍ତ ଭାବେ ଦେଖେଇବାର କଳାକୌଶଳ ମାଲୁମ୍ ଥିଲା ତାଙ୍କୁ । ନନ୍ଦନକାନନ ଓ ଅନ୍ୟାନ୍ୟ ପ୍ରାଣୀ ଉଦ୍ୟାନରେ ପଶୁପକ୍ଷୀ ମରିଗଲେ ଖୋଜା ପଡୁଥିଲେ ରାଉତବାବୁ । ସେମାନଙ୍କ ମଲା ଦେହକୁ ଷ୍ଟଫ୍ କରୁଥିଲେ ରାଉତବାବୁ ରାସାୟନିକ ପ୍ରକ୍ରିୟାରେ । ବୃତ୍ତି ଥିଲା ନିର୍ଜୀବ ପ୍ରାଣୀଙ୍କ ସହ । ନିଜେ ଥିଲେ ଜୀବନଠୁ ଅଧିକ ଜୀବନ୍ତ । ରସିକିଆ ମଉଜିଆ ଲୋକ । ଘରେ ଦ୍ୱିତୀୟ ପକ୍ଷ ସ୍ତ୍ରୀଙ୍କ ଚାହିଦାର ଲମ୍ବା ତାଲିକା । ସେସବୁକୁ ପୂରଣ କରିବା ପାଇଁ ଆବଶ୍ୟକ ଅର୍ଥ ଉପାର୍ଜନ କରିବାକୁ କଠିନ ପରିଶ୍ରମ କରୁଥିଲେ । ମିଜାଜ୍‌ଟା ଥିଲା ନବାବ୍ ପରି । ଅନ୍ୟକୁ ଖୁଆଇବାରେ କଂଜୁସି ନଥିଲା । ସବୁ ମାସ ଦରମା ପାଇବା ପରେ ଲଟେରୀ ଟିକଟ୍‌ଟେ ନିଶ୍ଚିତ ଭାବେ କିଣୁଥିଲେ ଓ ଟିକଟ୍‌ଟିକୁ ଯତ୍ନରେ ସାଇତି ରଖୁଥିଲେ । କେବେବି ତାଙ୍କ ନାଁରେ ଲଟେରୀ ଉଠୁନଥିଲା । ମାତ୍ର ସେ ଟିକଟ୍ କିଣିବା ଛାଡୁନଥିଲେ । ଅଦ୍ଭୁତ ଖିଆଲ୍ । ତାଙ୍କୁ ଦେଖିଲେ ବେବିର ମନେ ପଡୁଥିଲା ତା' ପିଲାଦିନର କଥା । ବଲାଙ୍ଗୀର ରାମଜୀ ପଡ଼ାରେ ଥିଲାବେଳେ ତାଙ୍କ ଘର ପାଖରେ ରହୁଥିଲେ ଜଣେ ଛୋଟ ବ୍ୟବସାୟୀ । ହଠାତ୍ ଦିନେ ଘୋଷଣା ହେଲା ସେ ଗୋଟିଏ ଲଟେରୀ ଜିତିଲେ । ତାଙ୍କୁ ସେଇ ସୂତ୍ରରେ ତେତିଶ ଲକ୍ଷ ମିଳିଲା । ୧୯୭୦/୭୧ ମସିହାରେ ତେତିଶ ଲକ୍ଷ ଟଙ୍କା କାହିଁରେ କେତେ ଏକ କ୍ଷୁଦ୍ର ବ୍ୟବସାୟୀ ପାଇଁ । ରାତାରାତି ସେ ଅପରିଚିତ ମଣିଷରୁ ଅତି ପରିଚିତ ମଣିଷ ପାଲଟିଗଲେ । ତାଙ୍କ ପାଖକୁ ନାନା ରକମର ଲୋକଙ୍କ ସୁଅ ଛୁଟିଲା । ଏଇ ଘଟଣାର ଅଳ୍ପଦିନ ପରେ ବେବିର ବାପାଙ୍କର ବଦଳି ହୋଇଥିଲା ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରୁ ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲକୁ ।

ଆଦର୍ଶ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଭାବେ ତା' ବାପାଙ୍କ ସୁନାମ ଥିଲା । ବଲାଙ୍ଗୀର ଛାଡ଼ି ଆସିବା ପରେ ବି ସହକର୍ମୀ ଶିକ୍ଷକ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ବାପାଙ୍କ ସହ ଯୋଗାଯୋଗ ରଖିଥିଲେ । ସେଇ ସୂତ୍ରରୁ ବାପା ଜାଣିଥିଲେ ଲଟେରୀ ଜିତିବା ପରେ ମୋଟାରିଙ୍କ ଜୀବନରେ ଘଟିଥିବା ନୈତିକ ଅଧଃପତନ ସଂପର୍କରେ । ଅର୍ଥ ବ୍ୟାପ୍ତି ପରେ ବାଟ ହୁଡ଼ିଥିଲେ ସେ । ତାଙ୍କ ପରିବାର ଉଜୁଡ଼ି ଯାଇଥିଲା । ମଦ ଓ କାମିନୀର ନିଶା ତାଙ୍କ ଜୀବନକୁ ରସାତଳକୁ ନେଇଯାଇଥିଲା । ବାପା ବୋଉ ଆଗେ କହୁଥିଲେ- "ବିନା ପରିଶ୍ରମରେ ଯେଉଁ ଧନ ଆସେ, ତାହା ବିଷ ପରି । ସବୁ ସୁଖ ଶାନ୍ତି ନଷ୍ଟ କରିଦିଏ ।" ସେଇ କୋମଳ ବୟସରେ ବି ସେଇ ତଥାକଥିତ ଧନୀ ଲୋକଟିର ଉପେକ୍ଷିତା ସ୍ତ୍ରୀ, ଅବହେଳିତ ସନ୍ତାନମାନଙ୍କ କଥା ଭାବି ଅଥୟ ହୋଇ ଉଠୁଥିଲା ବେବି । ଲଟେରୀ ଲାଭର କରୁଣ ପରିଣତି ଓ ବାପାଙ୍କର ସେଇ ଆପ୍ତବାଣୀ ବେବି ମନରେ ଖୋଦିତ ହୋଇ ରହିଛି ଆଜିଯାଏଁ ।

ତେବେ ରାଉତବାବୁ କେବେ ତାକୁ ଛୋଟ ଦିଶିନାହାନ୍ତି । ସେବା ନିବୃତ୍ତ ହେବା ପରେ ବି ସେ ଲଟେରୀ ଟିକଟ କିଣିବାର ଅଭ୍ୟାସ ଛାଡ଼ି ନଥିଲେ । ତାଙ୍କ ମନରେ ଲଟେରୀ ନ ଜିଣିବା ଯୋଗୁଁ ଅବସୋସ ନଥିଲା । ଅବସର ନେବାର ଅଳ୍ପ କେତେବର୍ଷ ପରେ ସେ ଚାଲିଗଲେ । ଶେଷ ପର୍ଯ୍ୟନ୍ତ ସେ ସୁଖୀ ଥିଲେ, ସନ୍ତୁଷ୍ଟ ଥିଲେ ।

ପ୍ରଶାନ୍ତ ଆଚାର୍ଯ୍ୟ ବୋଲି ଲୋକଟିଏ ଥିଲା । ଡେଙ୍ଗା,ଗୋରା, କାଠି ଭଳି ପତଳା ଦେହ । ଦିନ ମଜୁରିଆ ଭାବେ ଦରମା ପାଉଥିଲା । ଗୋଟିଏ ସାର୍ଟ, ଗୋଟିଏ ପ୍ୟାଣ୍ଟ୍ ପିନ୍ଧି ସବୁଦିନ ଆସୁଥିଲା । ପେଟପୂରା ଖାଇବାକୁ ପାଉ ନଥିଲା । ଯେତିକି ଦରମା ପାଉଥିଲା ସେଥିରୁ କିଛି ଗାଁରେ ରହୁଥିବା ତା'ର ବିଧବା ବୁଢ଼ି ମାଆ ପାଖକୁ ପଠଉଥିଲା । ଦିନେ କେବେ ସେ ବାହା ହୋଇଥିଲା, ତା'ର ଝିଅଟିଏ ହୋଇଥିଲା । ଚଳିବାକୁ ଅସୁବିଧା ହେବାରୁ ତା' ସ୍ତ୍ରୀ ଝିଅକୁ ଧରି ବାପଘର ଚାଲିଗଲା...ଏକଥା ତା' ସଂପର୍କରେ ବେବି ଅନ୍ୟ ଆଟେଣ୍ଡାଣ୍ଟ୍‌ମାନଙ୍କ ଠାରୁ ଶୁଣିଥିଲଶ । ତା' ମୁହଁରୁ ନୁହେଁ । ଥରେ ତା' ପାଖରେ ବସୁଥିବା ଅନ୍ୟ ଆଟେଣ୍ଡାଣ୍ଟ୍‌ମାନଙ୍କ ଆଗରେ କହୁଥିଲା– (ବେବି ପଛରେ ଠିଆ ହୋଇ ଶୁଣୁଥିଲା) "ଗାଁରୁ ଚିଠି ଆସିଚି । ମାଆ ଶକ୍ତ ବେମାରରେ ପଡ଼ିଚି । ଛୁଟି ନେଇ ଯିବି । ଏଠିକି ଆଣି ହସ୍‌ପିଟାଲ୍‌ରେ ପକେଇ ଦେବି । ବଞ୍ଚିଲେ ଭଲ । ମରିଗଲେ ଏଇଠି ସତ୍ୟନଗର ମଶାଣିରେ ଫୋପାଡ଼ି ଦେବି । ଗାଁକୁ ନେଲେ ପାରିବିନି । ଶୁଦ୍ଧିକ୍ରିୟା ପାଇଁ ଫଟା ପାହୁଲାଟେ ନାହିଁ । କିଏ ସେ ଅଡୁଆ କାମରେ ପଶିବ ।" ସହକର୍ମୀ ରାଧାକୃଷ୍ଣ, ପ୍ରାଣକୃଷ୍ଣ ତା'କୁ ବୁଝଉଥିଲେ– "କି କଥା କହୁଚ ! ତମେ ବ୍ରାହ୍ମଣ ଲୋକ । ଧାର୍ ଉଧାର କରି ଶୁଦ୍ଧି କାମଟା କରିବ ନା । ନହେଲେ ସେ ପ୍ରେତ ହୋଇ ରହିଯିବ ଯେ ।" ସେମାନଙ୍କ କଥାବାର୍ତ୍ତାରେ ଭାଗ ନେବାର ଇଚ୍ଛାରୁ ବେବି ନିଜକୁ ସଂବରଣ କରି ନପାରି ଆଗକୁ ଆସିଲା । ତା'କୁ ଦେଖି ସେମାନଙ୍କ କଥୋପକଥନର ଭଙ୍ଗା ପଡ଼ିଗଲା ।



ଏହାର କିଛିଦିନ ପରେ ଆଚାର୍ଯ୍ୟ ଗାଁକୁ ଗଲା ଯେ ଗଲା । ଆଉ ଫେରିଲାନି । କୁଆଡ଼େ ହଜିଗଲା ତା' ଠିକଣା । ଲୋକେ ଆଠ/ଦଶ ଦିନ ପରେ ଭୁଲିଗଲେ ।

ଦିନେ ଦିନେ ଅଳସ ଅପରାହ୍ନରେ ବେବି ମନେପକାଏ ଆଚାର୍ଯ୍ୟକୁ । କୁଆଡ଼େ ଗଲା ଲୋକଟା । ଦେହରେ ଜୋର୍ ନଥିଲା । ହାତରେ ଅର୍ଥ ନଥିଲା । ଅଧାଦିନ ଉପାସ ରହୁଥିଲା । ତଥାପି ମନେମନେ ସେ ସାଥୀଟିଏ ଖୋଜୁଥିଲା । ସାଥିରେ ଚାକିରି କରୁଥିବା ମହିଳା ଆଟେଣ୍ଡାଣ୍ଟ୍‌ମାନଙ୍କ ସହ ଥଟ୍ଟାମଜା କରୁଥିଲା । ସେମାନେ ରାଗିଯାଇ ଯାଚ୍ଛାତା ଭାଷାରେ ଗାଳିଦେଲା ବେଳେ ମୁଣ୍ଡପାତି ତୁନି ହୋଇ ଶୁଣୁଥିଲା । ଠାକୁରଙ୍କୁ ଫୁଲ ଦେଲା ବେଳେ ବେବି ପ୍ରଶ୍ନ କରୁଥିଲା: ତା'କୁ ଏତେ ହୀନିମାନ କାହିଁକି କଲ ?

ପ୍ରତ୍ନତତ୍ତ୍ୱ ଗ୍ୟାଲେରୀର କମନୀୟ ସୁନ୍ଦର ମୂର୍ତ୍ତିଗୁଡ଼ିକ ସହିତ ଏକପ୍ରକାର ଆତ୍ମିକ ସଂପର୍କ ସ୍ଥାପନ ହୋଇ ଯାଇଥିଲା ବେବିର । ମଝିରେ ମଝିରେ ସେ ଯେବେ ଯାଇ କେଉଁ ମୂର୍ତ୍ତି ନିକଟରେ ଛିଡ଼ା ହୋଇ ନିରୀକ୍ଷଣ କରେ, ପଛରୁ ଗ୍ୟାଲେରୀର ଆଟେଣ୍ଡାଣ୍ଟ୍ ଭାବେ କାମ କରୁଥିବା ଆଙ୍କାମା ଆସି ପାଖରେ ଠିଆ ହୁଏ, ପଚାରେ– "ଦିଦି, ଏମାନେ କ'ଣ ଆଗରୁ ମଣିଷ ଥିଲେ ? ତାପରେ ମୂର୍ତ୍ତି ହୋଇଗଲେ ?" ତା'ର ଏ ଉଦ୍ଭଟ ପ୍ରଶ୍ନ ଶୁଣି ଆଚମ୍ବିତ ହୁଏ ବେବି । ଆଙ୍କାମାର ସ୍ୱାମୀ ତୁମ୍ୱେୟା ସଂଗ୍ରହାଳୟ ଉଦ୍ୟାନରେ ମାଳୀ କାମ କରୁଥିଲା ପ୍ରଚୁର ପିଉଥିଲା । ମଦ ନିଶାରେ ପିଶାଚ ପାଲଟି ଯାଉଥିଲା । ଅକଥନୀୟ ଅତ୍ୟାଚାର କରୁଥିଲା ଆଙ୍କାମା ଉପରେ ।

ରୋଗରେ ପଡ଼ି ସେ ମରିଗଲା ପରେ ଆଙ୍କାମା ନୂଆ ଜୀବନ ପାଇଲା । ସେ କେବେ ଭାବି ନଥିଲା ଯେ ନିଜ ପାଇଁ ନିଜ ପସନ୍ଦର ଶାଢ଼ିଟିଏ କିଣି ପାରିବ । ନିଜ ଇଚ୍ଛାରେ ବାହାରକୁ ସେ ଯାଇ ପାରିବ । ଏବେ ତା' ପିଲାମାନେ ବଡ଼ ହେଲେଣି । ଝିଅ ଜ୍ୱାଇଁ ଦିଲ୍ଲୀରେ ରହନ୍ତି । ବର୍ଷକୁ ଅତି କମରେ ସେ ଥରେ ଯାଏ ଦିଲ୍ଲୀ । କେତେ କୁଆଡ଼େ ତୀର୍ଥସ୍ଥାନ ବୁଲିବାକୁ ଯାଏ ପିଲାମାନଙ୍କ ସହ । ତୀର୍ଥସ୍ଥାନରୁ ଫେରିଲା ବେଳେ ମୁଣ୍ଡ ଲଣ୍ଡା କରି ଆସେ । ମାସେ ଦି'ମାସରେ ମୁଣ୍ଡରେ ଗହଳ କେଶ ଗଜୁରି ଉଠେ । ବେବି ତାକୁ ଆଦରରେ ଡାକେ ଇନ୍ଦିରା ଗାନ୍ଧୀ । ମୂର୍ତ୍ତି ଭିତରେ ବେବି କ'ଣ ଖୋଜେ ତାହା ବୁଝେଇ ପାରେନି ଆକାମାକୁ ।



ପ୍ରତ୍ନତତ୍ତ୍ୱ ଗ୍ୟାଲେରୀରେ ଗୋଟିଏ କୃଷ୍ଣ-ବିଷ୍ଣୁ ମୂର୍ତ୍ତି ଅଛି । ମୂର୍ତ୍ତିର ଉପର ଦୁଇ ହାତରେ ବଂଶୀ । ତଳ ଦୁଇ ହାତରେ ଶଙ୍ଖଚକ୍ର– ମୂର୍ତ୍ତିର ଚତୁଃପାର୍ଶ୍ୱରେ ଦଶାବତାର । ଡାହାଣ ପାଦ ଉପରେ ଦୁଇ ଇଞ୍ଚ୍ ପ୍ରସ୍ଥ ତିନି ଇଞ୍ଚ ଦୈର୍ଘ୍ୟ ଭିତରେ ଅନନ୍ତଶାୟୀ ବିଷ୍ଣୁ । ଆଶ୍ଚର୍ଯ୍ୟ ପରିକଳ୍ପନା ଶିଳ୍ପୀର । ବିଷ୍ଣୁଙ୍କ ଦଣ୍ଡାୟମାନ ମୂର୍ତ୍ତିରେ ପାଦରେ ବିଷ୍ଣୁଙ୍କ ଶାୟିତ ମୂର୍ତ୍ତି । ମୂର୍ତ୍ତିତତ୍ତ୍ୱରେ ପଢ଼ିଥିଲା ଅନନ୍ତଶାୟୀ ବିଷ୍ଣୁଙ୍କ ମୂର୍ତ୍ତିରେ ବି ବହୁ ପ୍ରକାର ଭେଦ-ଯୋଗ ଶୟନ ମୂର୍ତ୍ତି, ଭୋଗ ଶୟନ ମୂର୍ତ୍ତି, ବୀର ଶୟନ ମୂର୍ତ୍ତି ଇତ୍ୟାଦି । ମାତ୍ର ଦୁଇ ତିନି ଇଞ୍ଚ ଭିତରେ ଶିଳ୍ପୀ କି ପ୍ରକାର ଶୟନ ମୂର୍ତ୍ତି ଦେଖେଇବାକୁ ଚାହିଛନ୍ତି । ବେବି ଚାହିଁ ରହେ ବହୁକ୍ଷଣ । କିଛି ନିର୍ଣ୍ଣୟ ନେଇ ପାରେନା, ଲେଉଟି ଆସେ ।


J&T GEMS
JEWELLERY
JAGAMARA
Every Moment Deserves a Lttle
Elegance.
FOLLOW US ON SOCIAL MEDIA

# ପ୍ରଣୟର ପ୍ରତୀକ



# ଗୋଲାପ ଗାଥା


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼

ଭୁବନେଶ୍ୱର-୭୫୧୦୦୬

ଫୋନ:୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଲେଖିକା



◄ଲେଖିକା ଶ୍ୱେତା ରାଉତ

ପ୍ରତ୍ୟେକ ଦେଶର ଧର୍ମ ଓ ଆରାଧନା ସହିତ ଫୁଲମାନେ ଜଡ଼ିତ । ପୃଥିବୀସାରା ଲୋକଙ୍କୁ ଫୁଲ ପ୍ରେମ ଓ ସ୍ମରଣର ପ୍ରତୀକ ଭାବେ ଜଣା । ଅଗସ୍ତ୍ୟମୁନିଙ୍କ ଅନୁସାରେ ୩୮ ହଜାର କୋଟି ଫୁଲ ଈଶ୍ୱରଙ୍କ ସର୍ଜନାକୁ ଚମତ୍କୃତ କରିଛି ଏବଂ ପ୍ରତ୍ୟେକ ଫୁଲ ନିଜ ନିଜର ବିଶେଷତା ପାଇଁ ଭିନ୍ନ ହେଲେ ମଧ୍ୟ ନର, ଦେବ, ଦାନବ ସମସ୍ତଙ୍କ ପ୍ରିୟଭାଜନ ହୋଇଛନ୍ତି । ଆକାଶକୁ ତାରାମାନେ ସଜାଇବା ଭଳି ରଙ୍ଗବେରଙ୍ଗର ଫୁଲଗୁଡ଼ିକ ଗହଣା ପରି ପ୍ରକୃତିର ଶୃଙ୍ଗାର କରିଥାନ୍ତି । ଫୁଲ ଆତିଥ୍ୟର ଅଭିବାଦନଠୁ ବିଦାୟୀ ଶ୍ରଦ୍ଧାଞ୍ଜଳି ପର୍ଯ୍ୟନ୍ତ ଜୀବନର ପ୍ରତିଟି କ୍ଷଣରେ ଗୁରୁତ୍ୱ ବହନ କରିଥାଏ । ଫୁଲ ମାଧ୍ୟମରେ ଆମେ ଶ୍ରଦ୍ଧା, କୃତଜ୍ଞତା, ସମର୍ପଣ, ଅଭିବାଦନ, ଉତ୍ସାହ, ପ୍ରେରଣା ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନାର ଭାବ ପ୍ରକଟ କରିଥାନ୍ତି । ୟୁନାନୀମାନେ ସେମାନଙ୍କ ଆରାଧ୍ୟ ଦେବତା 'ଡାୟୋନିସ୍'ଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏକ ପାରମ୍ପରିକ ଫୁଲ ଉତ୍ସବ ପାଳନ କରିଥାନ୍ତି । ରୋମ୍‌ବାସୀ ନିଜର ଆରାଧ୍ୟା 'ଫ୍ଲୋରା ଦେବୀ'ଙ୍କ ଉଦ୍ଦେଶ୍ୟରେ ତାଙ୍କୁ ସମ୍ମାନ ଜଣାଇ ମେ ମାସର ପ୍ରଥମ ସପ୍ତାହରେ 'ଫୁଲ ଉତ୍ସବ' ପାଳିଥାନ୍ତି । ଜାପାନ୍‌ରେ ଅଷ୍ଟମ ଶତାବ୍ଦୀରୁ ବସନ୍ତ ଋତୁରେ ଏକ ଫୁଲ ଉତ୍ସବ ପାଳନ କରିଥାନ୍ତି ଯାହାକୁ 'ଚେରି ବ୍ଲସମ୍' କୁହାଯାଏ । ଭାରତୀୟ ହିନ୍ଦୁ ପୌରାଣିକ ଆଖ୍ୟାନ ଅନୁସାରେ ପଦ୍ମଫୁଲ ଉପରେ ବସି ଭଗବାନ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ । ଫୁଲ ବିନା ହିନ୍ଦୁ ମନ୍ଦିରରେ ପୂଜା ଅସମ୍ପୂର୍ଣ୍ଣ ହୋଇଥାଏ । ହିନ୍ଦୁମାନେ ପ୍ରତ୍ୟେକ ଦେବାଦେବୀଙ୍କୁ ତାଙ୍କର ପ୍ରିୟ ଫୁଲ ଅର୍ପଣ କରି ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି । ଫୁଲକୁ ଆମେ ପ୍ରାର୍ଥନାରେ ସମର୍ପିତ କରିଥାନ୍ତି ତ ପୁଣି ଆଶୀର୍ବାଦ ଭାବେ ପ୍ରାପ୍ତ କରିଥାନ୍ତି । ଫୁଲ, ମନର ଭାଷାକୁ ବିନା ଶବ୍ଦରେ ପ୍ରକଟ କରିପାରେ । ସେମିତି ଏକ ଫୁଲ ଯିଏକି ପ୍ରେମ, ସମର୍ପଣ, ନିବିଡତାର ପ୍ରତୀକ ଭାବେ ଧରଣୀର ଶୋଭାମଣ୍ଡିତ କରିଥାଏ, ସେ ହେଉଛି 'ଗୋଲାପ' ଯିଏ କଣ୍ଟା ଦେହରେ ଫୁଟି ମନୁଷ୍ୟକୁ ଧୈର୍ଯ୍ୟ ଓ କୋମଳତାକୁ ସାଙ୍ଗରେ  ନେଇ ଚାଲିବାକୁ ଅନୁପ୍ରାଣିତ କରିଥାଏ । କଷ୍ଟ, ପ୍ରତିବନ୍ଧକ ସତ୍ତ୍ୱେ ଜୀବନ ସୁନ୍ଦର ଫୁଲଟିଏ ପରି ମହକିତ ହୋଇପାରେ, ଏ କଥା ଗୋଲାପ ଠୁ ଶିଖିବାକୁ ମିଳେ । ଗୋଲାପ ବହୁପାଖୁଡା ମେଲିବା ଭଳି ଯଶକୁ ବହୁଗୁଣିତ କରି ବ୍ୟକ୍ତିତ୍ୱକୁ ପ୍ରସ୍ଫୁଟିତ କରିବା ପାଇଁ ମନୁଷ୍ୟ ସମାଜକୁ ପ୍ରେରଣା ଦିଏ ।

## କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନରେ ଗୋଲାପ

ଗୋଲାପ ସମ୍ପର୍କରେ ଅନେକ କିମ୍ବଦନ୍ତୀ ପୌରାଣିକ ଆଖ୍ୟାନମାନ ଜାଣିବାକୁ ମିଳେ । ଗ୍ରୀକ୍ ପୌରାଣିକ ଆଖ୍ୟାନ ଅନୁସାରେ ପ୍ରେମର ଦେବୀ 'ଆଫ୍ରୋଡାଇଟ୍' ଓ ତାଙ୍କ ପ୍ରେମିକ 'ଆଡୋନିସ୍'ଙ୍କ ପ୍ରେମର ପ୍ରତୀକ ହେଉଛି ଗୋଲାପ, ଯାହାକି ଆଫ୍ରୋଡାଇଟ୍‌ଙ୍କ ରକ୍ତ ଓ ଲୁହରୁ ସୃଷ୍ଟି ହୋଇଛି । ଗ୍ରୀକ୍‌ର ଅନ୍ୟ ଏକ ଆଖ୍ୟାନ ରହିଛି ଯାହା ରୋମାନ୍‌ମାନଙ୍କ ଆରାଧ୍ୟା ଦେବୀ ଭେନସ୍‌ଙ୍କ ସହିତ ଜଡ଼ିତ, ଯେତେବେଳେ ଭେନସ୍ ଫୁଲ ବଗିଚାରେ ବୁଲୁଥିଲେ ତାଙ୍କ ପୁତ୍ରଙ୍କୁ ଗୋଟେ ଭଅଁର କାମୁଡିଦେଲା । ପୁତ୍ରଙ୍କ ହାତରେ ଥିବା ତୀର ଖସିଯାଇ ଫୁଲ ବଗିଚା ଆଡକୁ ଚାଲିଗଲା ଓ ଭେନସ୍‌ଙ୍କ ପାଦରେ ଲାଗିଲା । ଭେନସ୍‌ଙ୍କ ପାଦରୁ ଝରି ପଡୁଥିବା ରକ୍ତବିନ୍ଦୁ ସୁନ୍ଦର ସୁନ୍ଦର ଲାଲ୍ ଗୋଲାପରେ ପରିଣତ ହେଲା । ଲାଲ ଗୋଲାପର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଅନେକ ପ୍ରଶଂସକ ତା' ପ୍ରତି ଆକର୍ଷିତ ହେଉଥିଲେ । ଏକଦା ଏହି ଗୋଲାପକୁ ଖୋଜିଖୋଜି ରୋଦାନ୍ଥେ (ରାଜକୁମାର) ଥକିଯାଇ ବାନ୍ଧବୀ ଡାଏନାଙ୍କ ଚର୍ଚ୍ଚରେ ଶରଣ ନେଇ ବିଶ୍ରାମ କରୁଥିଲେ । ନିଜ ପ୍ରେମିକଙ୍କୁ ଅପେକ୍ଷା କରି କରି ଡାଏନା ଭୀଷଣ କ୍ରୋଧରେ ଥିଲେ । ଚର୍ଚ୍ଚ ସମ୍ମୁଖରେ ପ୍ରେମିକ ରୋଦାନ୍ଥେଙ୍କୁ ଦେଖି କ୍ରୋଧରେ ଡାଏନା ଚର୍ଚ୍ଚର ଦ୍ୱାରଦେଶର କବାଟ ଭାଙ୍ଗିଦେଲେ । ଡାଏନାଙ୍କୁ ଏଭଳି କ୍ରୋଧିତ ଦେଖି ରୋଦାନ୍ଥେ ଭୟଭୀତ ହୋଇ ତାଙ୍କୁ ଶାନ୍ତ କରିବାକୁ ଚେଷ୍ଟା କଲାବେଳେ ଡାଏନା ତାଙ୍କୁ ଏକ ଫୁଲରେ ପରିଣତ କରିଦେଲେ ଏବଂ କାନ୍ଦିବାକୁ ଲାଗିଲେ । କିଛି ସମୟ ମଧ୍ୟରେ ଡାଏନା ଅନ୍ତର୍ଦ୍ଧାନ ହୋଇଯାଇଥିଲେ ଓ ତାଙ୍କ ଲୁହବୁନ୍ଦା ଛୋଟ ଛୋଟ ଗୋଲାପରେ ପରିଣତ ହୋଇଥିଲା । ଏକ ମୁସ୍‌ଲିମ୍ କିମ୍ବଦନ୍ତୀ ଅନୁସାରେ ପୈଗମ୍ବର ମହମ୍ମଦଙ୍କ ଝାଳବୁନ୍ଦାରୁ ଗୋଲାପ ଉତ୍ପନ୍ନ ହୋଇଥିବା କଥା କେହି କହୁଥିବା ବେଳେ କେହି କହନ୍ତି ଜୈନ୍ ନାମକ ଏକ ମହିଳାଙ୍କ ଝାଳରୁ ଗୋଲାପ ଉତ୍ପନ୍ନ ହୋଇଥିଲା, ଯାହାର ଉପସ୍ଥିତି ବଡି ଭୋର୍‌ରୁ ଧଳା ଓ ଦ୍ୱିପହରକୁ ଗୋଲାପୀ ହୋଇଥାଏ । କୁହାଯାଏ ପ୍ରଥମରୁ ଗୋଲାପରେ କଣ୍ଟା ନଥିଲା । ମାନବଜାତିର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଗୋଲାପ ଈଶ୍ୱରଙ୍କୁ ପ୍ରାର୍ଥନା କରି କଣ୍ଟା ସୃଷ୍ଟି କରାଇଥିଲେ । କେହି କୁହନ୍ତି ବେତ୍‌ଲେହମ୍ ପରେ ଏକ ଯୁବତୀକୁ ଜୀଅନ୍ତା ଜଳାଇ ଦିଆ ଯାଉଥିଲା । ଯେତେବେଳେ ନିଆଁ ଚାରିଆଡୁ ଜଳିବାକୁ ଲାଗିଲା, ଯୁବତୀ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଓ ସଙ୍ଗେସଙ୍ଗେ ନିଆଁ ଲିଭି ଯାଇଥିଲା । ଜଳିଯାଇଥିବା ଅଙ୍ଗାର ଲାଲ୍ ଗୋଲାପ ଓ ଅଧାଜଳ ଅଙ୍ଗାର ଧଳା ଗୋଲାପରେ ପରିଣତ ହୋଇଥିଲା । ରୋମ୍‌ର ଏକ ଆଖ୍ୟାନ୍ କହେ ଫୁଲର ଦେବୀ 'ଫ୍ଲୋରା'ଙ୍କୁ ଏକଦା ନିଜ ପ୍ରିୟ ଅପସରାଙ୍କ ଶବ ମିଳିଲା । ଦେବୀ ଫ୍ଲୋରା ଦେବତାମାନଙ୍କୁ ଅନୁରୋଧ କଲେ ତାଙ୍କ ପ୍ରିୟ ଅପସରାଙ୍କୁ

ଏକ ସୁନ୍ଦର ଫୁଲରେ ପରିଣତ କରିବାକୁ, ଯିଏକି ଫୁଲମାନଙ୍କ ରାଣୀ ଭାବେ ପରିଚିତ ହେବେ । କଳାର ଦେବତା 'ଅପାଲୋ' ଅପସରାଙ୍କ ଶବରେ ଜୀବନ ଦେଲେ, ବୈଚସ୍ ଦେବତା ତାଙ୍କୁ ଅମୃତ ସ୍ନାନ କରାଇଲେ, ବର୍ଟୁମସ୍ ତାଙ୍କୁ ସୁଗନ୍ଧ ଦେଲେ, ପୋମୋନା ତାଙ୍କୁ ଫଳ ଦେଲେ ଓ ଫ୍ଲୋରା ଦେବୀ ତାଙ୍କୁ ସୁନ୍ଦର ପାଖୁଡ଼ାଗୁଡ଼ିକର ମୁକୁଟ ଦେଲେ ଏବଂ ଏହିପରି ହୋଇଥିଲା ଗୋଲାପର ସୃଷ୍ଟି । ଦେବୀ ଫ୍ଲୋରା ଗୋଲାପକୁ ଏତେ ଭଲ ପାଉଥିଲେ ଯେ ତାଙ୍କୁ ଅନ୍ୟ କିଛି ଭଲ ଲାଗୁ ନଥିଲା । ଗଡ଼ ଜୋଫିରସ୍, ଫ୍ଲୋରା ଦେବୀଙ୍କୁ ଅତ୍ୟନ୍ତ ପ୍ରେମ କରୁଥିଲେ ଏବଂ ସେ ଫ୍ଲୋରାଙ୍କ ନିକଟ ହେବା ପାଇଁ ଓ ପ୍ରେମ ପାଇବା ପାଇଁ ନିଜକୁ ଗୋଲାପ କରିଦେଲେ । ଦେବୀ ଫ୍ଲୋରା ସେହି ଗୋଲାପକୁ ଶ୍ରଦ୍ଧାରେ ଚୁମ୍ବନ ଦେଲାବେଳେ, ତାହା ସୁନ୍ଦର ଲାଲ ଗୋଲାପରେ ପରିଣତ ହୋଇଥିଲା । ପ୍ରେମର ଦେବତା 'କାମଦେବ' ଯେତେବେଳେ ଦେବୀ ଫ୍ଲୋରାଙ୍କୁ ତୀର ମାରି ପୀଡିତ କରିଥିଲେ, ତାଙ୍କ ମୁଖରୁ ଯେଉଁ ଅସ୍ପଷ୍ଟ ଯନ୍ତ୍ରଣାର ସ୍ୱର ବାହାରିଥିଲା, ତାହାହିଁ ଥିଲା ଗୋଲାପର ନାମକରଣ । ଯାହାର ସ୍ପଷ୍ଟ ଅର୍ଥ ବୁଝିବାକୁ ଆଜିବି ସମସ୍ତେ ଅସମର୍ଥ । ଖ୍ରୀଷ୍ଟିୟାନ୍ ଲୋକକଥା କହେ ପ୍ରଭୁ ଯୀଶୁ ଯେତେବେଳେ କ୍ରୁଶକୁ ଚଢ଼ିଥିଲେ, ତାଙ୍କ ଶରୀରରୁ ଝରି ପଡୁଥିବା ରକ୍ତରୁ ଲାଲ ଗୋଲାପର ସୃଷ୍ଟି ଓ ଯୀଶୁଙ୍କ ଶରୀରରେ ନିକ୍ଷେପିତ କଣ୍ଟା ଗୋଲାପ ଡାଳର କଣ୍ଟାକୁ ସୂଚୀତ କରେ । ହିନ୍ଦୁ ପୌରାଣିକ ଆଖ୍ୟାନ ଅନୁସାରେ ଭଗବାନ ବିଷ୍ଣୁ ଓ ବ୍ରହ୍ମାଙ୍କ ମଧ୍ୟରେ ଆଲୋଚନା ହେଉଥିଲା ଫୁଲମାନଙ୍କର ରାଜା କିଏ ହେବ । ବ୍ରହ୍ମା ନିଜର ପ୍ରିୟ ଫୁଲ ପଦ୍ମକୁ ରାଜା ଘୋଷିତ କରିବାକୁ ଚାହୁଁଥିବା ବେଳେ ଶ୍ରୀବିଷ୍ଣୁ ଗୋଲାପକୁ ଫୁଲମାନଙ୍କ ରାଜା କରିବାକୁ ପରାମର୍ଶ ଦେଲେ । ବ୍ରହ୍ମା ଅରାଜି ହେବାରୁ ଶ୍ରୀବିଷ୍ଣୁ ବ୍ରହ୍ମାଙ୍କୁ ପୁଷ୍ପ ଉଦ୍ୟାନକୁ ନେଇ ଏକ ସୁନ୍ଦର ଗୋଲାପ ଫୁଲ ଭର୍ତ୍ତି ଗୋଲାପର ବୁଦାଟିଏ ଦେଖାଇଲେ ଏବଂ ବ୍ରହ୍ମା ଗୋଲାପର ଅତ୍ୟନ୍ତ ସୁନ୍ଦର ରୂପ, ମହକ, ରଙ୍ଗ ଦେଖି ବିମୋହିତ ହେଲେ ଓ ଗୋଲାପକୁ ଫୁଲମାନଙ୍କ ରାଜା ଭାବେ ସ୍ୱୀକାର କଲେ । ପ୍ରେମର ଦେବତା କାମଦେବ ଈଶ୍ୱରଙ୍କୁ ଲାଞ୍ଛଦେବା ଉଦ୍ଦେଶ୍ୟରେ ଶୁକ୍ରଦେବତାଙ୍କ କାମୁକ ଗୁଣକୁ ଗୋଲାପ ଭିତରେ ପ୍ରୟୋଗ କରି ଗୋପନରେ ପ୍ରଭୁଙ୍କୁ ସମର୍ପଣ କରିଥିଲେ ଏବଂ ପ୍ରଭୁ ଶ୍ରୀବିଷ୍ଣୁ ଫୁଲର ମାଦକତା, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ ପ୍ରେମର ଉଦ୍ଦୀପକ ଭାବରେ ସମ୍ମୋହିତ ହୋଇ ଗୋଲାପକୁ ଫୁଲର ରାଣୀ ଭାବେ ବିବେଚନା କରିଥିଲେ ।

## ଗୋଲାପର ବିଭିନ୍ନ ନାମ

ଭାରତୀୟ ସାହିତ୍ୟରେ ଗୋଲାପର ଅନେକ ପର୍ଯ୍ୟାୟବାଚୀ ନାମ ରହିଛି ଯଥା- ଶତପତ୍ରୀ, ଶିବପ୍ରିୟା, ସୌମ୍ୟଗନ୍ଧା, ଗାନ୍ଧାୟ, ସୁମୀତା, ସୁବୃତ, ଶତପତ୍ରିକା, ସେବନ୍ତିକା, ଅତିମଞ୍ଜୁଳା, ତରୁନିପୁଷ୍ପା, ପାଟଳି ଇତ୍ୟାଦି । ସବୁବେଳେ ତରୁଣ ରହୁଥିବା ଯୋଗୁଁ ଗୋଲାପର ନାମ 'ତରୁଣୀ', ସୁନ୍ଦର ରଙ୍ଗ ବହନ କରିଥିବାରୁ ଓ ରଙ୍ଗୀନ ପାଖୁଡ଼ା ଯୋଗୁଁ 'ପାଟଳି' ଶତ ପତ୍ରରେ ଘେର ହୋଇଥିବାରୁ 'ଶତପତ୍ରୀ', ସୁନ୍ଦର କେଶରଯୁକ୍ତ ହୋଇଥିବାରୁ 'ଚାରୁକେଶର', କାନ ଆକୃତିର ପାଖୁଡ଼ା ହୋଇଥିବାରୁ 'କର୍ଣ୍ଣିକା', ଲାଲିମା ରଙ୍ଗ ହୋଇଥିବାରୁ 'ଲାକ୍ଷା', ସୁଗନ୍ଧପୂର୍ଣ୍ଣ ହୋଇଥିବାରୁ 'ଗାନ୍ଧାୟ' ହୋଇଅଛି । ଗୋଲାପକୁ ବଙ୍ଗଳାରେ- ଗୋଲାପ, ଗୁଲାବ, ଇଂରାଜୀରେ- ରୋଜ୍, ତାମିଲ୍‌ରେ - ପାନ୍ନିର୍ପୁ, ଉଇୟାରତନ୍ତୁ, ଇରାଶା, ତେଲଗୁରେ- ଗୁଲାବୀ, ପେରିଗେଣ୍ଡି, ଆରବରେ - ଗୁଲାବ, ବର୍ଦେ, ଅହମର, ହିନ୍ଦରେ - ଗୁଲାବ, ଗୁଜୁରାଟରେ- ସେବୋତି, ଗୁଲାବ, ସଂସ୍କୃତରେ- ଶତପତ୍ରୀ, ସୋମ୍ୟଗନ୍ଧା, ମଣିପୁରରେ - ଅଡୁରା ଗୁଲାବ, ଲାଟିନ୍‌ରେ - ରୋଜା, ଇଟାଲିରେ- ରୋଜା, ନେପାଳୀରେ - ଗୁଲାଫ୍, ମାଲାୟଲମ୍‌ରେ- ଉୟାରନ୍ତୁ, ମରାଠୀରେ- ଗୁଲାବ, ଚୀନ୍‌ରେ - ମେଇଗୁଇ ଓ ଓଡ଼ିଆରେ ଗୋଲାପ କୁହାଯାଇଥାଏ ।



## ଗୋଲାପର ବର୍ଣ୍ଣନା ଓ ପରିଚୟ

ବର୍ଷବ୍ୟାପୀ ବଞ୍ଚିପାରୁଥିବା ଏକ ଦୀର୍ଘସ୍ଥାୟୀ ଉଦ୍ଭିଦ ହେଉଛି 'ଗୋଲାପ', ଯାହାକୁ ଇଂରାଜୀରେ କୁହାଯାଏ 'ରୋଜ୍' । ରୋଜ୍‌ର ନାମକରଣ ଫରାସୀ ଭାଷାରୁ ହୋଇଛି, ଯାହାକି ମୂଳ ଲାଟିନ୍ ଭାଷା 'ରୋଜା'ରୁ ଉଦ୍ଭବ । ରୋଜା ଶବ୍ଦ ଗ୍ରୀକ୍ ଭାଷାର 'ରୋଡିୟମ୍‌ରୁ' ଆସିଥିବାର ଜଣାଯାଏ । ସୌନ୍ଦର୍ଯ୍ୟ, ମଧୁର ସୁଗନ୍ଧ ଓ କୋମଳତା ପାଇଁ ଗୋଲାପକୁ ପୁଷ୍ପ ଜଗତର ରାଣୀ କୁହାଯାଏ । ଅଧିକାଂଶ ଗୋଲାପର ଉତ୍ପତ୍ତି ଏସିଆରୁ ହୋଇଛି । ଗୋଲାପ ଗଛର ନିର୍ଦ୍ଦିଷ୍ଟ ଆକାର କଳନା କରିବା ବା ବର୍ଣ୍ଣନା କରିବା ଅସମ୍ଭବ । ଶତାଧିକ ପ୍ରଜାତିର ଗୋଲାପ ବିଭିନ୍ନ ଦେଶରେ ଦେଖିବାକୁ ମିଳେ । ସେଥିମଧ୍ୟରୁ ତିନୋଟି ପ୍ରଜାତିର ଗୋଲାପ ପୃଥିବୀର ଉତ୍ତର ଗୋଲାର୍ଦ୍ଧରୁ ୧୧୦ ରୁ ୭୦୦ ଅକ୍ଷାଂଶ ପର୍ଯ୍ୟନ୍ତ ଅଞ୍ଚଳରେ ବହୁମାତ୍ରାରେ ଦେଖାଯାଏ । ଗୋଲାପର ପତ୍ରଗୁଡ଼ିକ ଷ୍ଟେମ୍ ଉପରେ ଗୋଟେ ପରେ ଗୋଟେ ହୋଇ ରହିଥାଏ । ଅଧିକାଂଶ ପ୍ରଜାତିର ସେଗୁଡ଼ିକ ୫-୧୫ ସେ.ମି. (୨୦ ରୁ ୫୯ ଇଞ୍ଚ) ପେଟପତ୍ର ଏବଂ ବେସାଲ୍ ଷ୍ଟିପୁଲ ସହିତ ରହିଥାଏ । ପତ୍ରଗୁଡ଼ିକ ସୂକ୍ଷ୍ମ, ମୁନିଆଁ, ଘନ ଓ ଉଜ୍ଜ୍ୱଳ ସବୁଜ ରଙ୍ଗ, ହାଲୁକା ସବୁଜ ଓ ଗାଢ଼ା ଖଇରିଆ (ମାରୁନ୍) ରଙ୍ଗର ହୋଇଥାଏ । ଫୁଲଗୁଡ଼ିକ ୧.୮ ରୁ ୧୮ ସେ.ମି. ଆକାରର ଏବଂ ପାଖୁଡ଼ା ଗୁଡ଼ିକ ୫-୧୨୮ ସଂଖ୍ୟା ପର୍ଯ୍ୟନ୍ତ ହୋଇଥାଏ । ସାଧାରଣ ଗୋଲାପର ପାଖୁଡ଼ା ୫-୭ଟି ହୋଇଥିବା ବେଳେ, ଅର୍ଦ୍ଧ ଦୁଇଗୁଣ ଗୋଲାପ ଫୁଲ ପାଖୁଡ଼ା ସଂଖ୍ୟା ୮-୨୦ ଟି, ଚେରି ଗୋଲାପର ପାଖୁଡ଼ା ସଂଖ୍ୟା ୨୦ ରୁ ଅଧିକ ଓ ଡବଲ୍ ଗୋଲାପର ପାଖୁଡ଼ା ସଂଖ୍ୟା ୬୦ ରୁ ଅଧିକ ହୋଇଥାଏ । ଫୁଲର ଆକାର ବୃତ୍ତାକାର, ଗୋଲାକାର, ସମତଳ, କୋନିକାଲ କିମ୍ବା ପୋବଲେଟ୍ ବା କପ୍ ଆକୃତିର ହୋଇଥାଏ । ଗୋଲାପ ଗଛର ଉଚ୍ଚତା ୨୦-୩୦ ସେ.ମି. (କ୍ଷୁଦ୍ର କିସମ୍)ରୁ ୬ମିଟର ପର୍ଯ୍ୟନ୍ତ ହୋଇଥାଏ । ଯାହାକି ଉଷ୍ମ ଅଞ୍ଚଳମାନଙ୍କରେ ଭଲ ବଢ଼ିଥାଏ । ଲଘୁ ଗୋଲାପର ଉଚ୍ଚତା ୨୫-୩୫ ସେ.ମି. ଓ ପଲିୟାନ୍ଥସ ଗୋଲାପର ଉଚ୍ଚତା ୩୦-୪୫ ସେ.ମି. (କିଛି କିସମ ୬୦ ସେ.ମି.ଯାଏ ବଢ଼େ), ହାଇବ୍ରିଡ୍ ଗୋଲାପର ଉଚ୍ଚତା ୩୦-୯୦ ସେ.ମି. ଓ କ୍ଲାଇମ୍ବର ଗୋଲାପ ୨.୫ - ୬ମିଟର ଯାଏ ବଢ଼ିଥାଏ ।

## ଗୋଲାପର ପ୍ରଜାତି ଓ ପ୍ରକାର

ଗୋଲାପ ବା ରୋଜ୍‌ର ବନସ୍ପତିକ ନାମ ହେଉଛି 'ରୋଜା' । ଭାରତରେ ଗୋଲାପର ବନସ୍ପତିକ ନାମ 'ରୋଜା ଇଣ୍ଡିକା' ଏହା ରୋଜାସିଆ (Rosaceae) ପରିବାରରୁ ଆସିଛି । ସଂସ୍କୃତରେ ଗୋଲାପକୁ ଅତିମଞ୍ଜୁଳା, ଲାକ୍ଷାପୁଷ୍ପ କହୁଥିବା ବେଳେ ଆମ ଓଡ଼ିଶାରେ ଏହାକୁ ଗୋଲାପ କହିଥାନ୍ତି । ସୁନ୍ଦର ରୂପ, ମଧୁର ବାସ୍ନା, ମନମୁଗ୍ଧକର ରଙ୍ଗରେ ଆକୃଷ୍ଟ କରୁଥିବା ଗୋଲାପ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ପ୍ରଜାତିର ଏବଂ ହଜାର ହଜାର ପ୍ରକାରର ଶଙ୍କରୀକରଣ କରା ଯାଇଥିବା ଗୋଲାପ ସମଗ୍ର ବିଶ୍ୱରେ ଦେଖିବାକୁ ମିଳେ, ଯାହା ବର୍ଣ୍ଣନା କରିବା ଅସମ୍ଭବ । ରସିଉଦ୍ଦୀନ ନାମକ ଜଣେ ମୁସଲମାନ ଲେଖକ ଲେଖିଛନ୍ତି ଚତୁର୍ଦ୍ଦଶ ଶତାବ୍ଦୀରେ ଗୁଜୁରାଟରେ ୭୦ ପ୍ରକାର ଗୋଲାପ ଲଗା ଯାଇଥିଲା । ଗୋଲାପକୁ ଭାରତକୁ ଆଣି ସମୃଦ୍ଧ ଉଦ୍ୟାନ କରିଥିବା 'ବାବର' ଏବଂ 'ଜାହାଙ୍ଗୀର' ଲେଖିଛନ୍ତି

ହିନ୍ଦୁସ୍ଥାନରେ ସବୁପ୍ରକାର ଗୋଲାପ ରହିଛି । ବନସ୍ପତି ବିଶେଷଜ୍ଞମାନେ ଗୋଲାପକୁ ମୁଖ୍ୟତଃ ୩ଟି ଶ୍ରେଣୀ କହିଛନ୍ତି, ଯଥା- ପୁରୁଣା ବଂଶଜ ଗୋଲାପ, ଜଙ୍ଗଲୀ ଗୋଲାପ ଏବଂ ଆଧୁନିକ ବା ଶଙ୍କରୀ ଗୋଲାପ । ସବୁପ୍ରକାର ଗୋଲାପ ସମ୍ବନ୍ଧରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ, ତେଣୁ ମୁଖ୍ୟ କେତୋଟି ଭାରତୀୟ ଗୋଲାପର ପ୍ରଜାତି ଓ ପ୍ରକାର ସମ୍ବନ୍ଧରେ ଆସନ୍ତୁ ଜାଣିବା ।



## କ୍ଲାଇମ୍ବର ରୋଜ୍

କ୍ଲାଇମ୍ବର ରୋଜ୍ ବାସ୍ତବରେ ଲତା ପରି ଚଢି ନଥାଏ । ଏହାର ଡାଳଗୁଡ଼ିକ ଲତା ପରି ହେଲେ ମଧ୍ୟ କଠିନ ଓ ସିଧା ହୋଇ ୧୫ ଫୁଟ୍ ପର୍ଯ୍ୟନ୍ତ ବଢିଥାଏ । ଭୂଳମ୍ବ ଅପେକ୍ଷା ଭୂସମାନ୍ତରାଳରେ ଅଧିକ ଫୁଲ ଫୁଟାଇଥାଏ । ବିଶେଷ ଭାବରେ ଏହି ଗୋଲାପ କାନ୍ଥ, ବାଡ଼, ପାଚେରୀ ସହିତ ଯୋଡ଼ି ହୋଇ ରହିଥାଏ । ବାରମ୍ବାର ଫୁଲ ଫୁଟିବା ଏବଂ ବଡ଼ ଫୁଲ ଦେଇଥାଏ କ୍ଲାଇମ୍ବର ରୋଜ୍ । ଏହି ପ୍ରଜାତି ଗୋଲାପରୁ ଶଙ୍କରୀକରଣ କରାଯାଇଥିବା ମୁଖ୍ୟ କେତୋଟି ସୁନ୍ଦର ଗୋଲାପ ହେଉଛି ଲଙ୍କଲନ୍, ମେକୁଇନ୍, ଇଡେନ୍, କନ୍ୟାକୁମାରୀ, କ୍ଲାଇମ୍ବଜଷ୍ଟର ଗୋଲାପ ଯାହା ବଗିଚାର ସୌନ୍ଦର୍ଯ୍ୟ ବଢାଇଥାଏ ।

## ରାମ୍ବଲର ରୋଜ୍

ଏହି ଗୋଲାପ କ୍ଲାଇମ୍ବର ରୋଜ୍ ଭଳି କାନ୍ଥକୁ ଲତା ପରି ମାଡ଼ିଥାଏ ଓ ଏହାର ଡାଳଗୁଡ଼ିକ ଫ୍ଲେକ୍ସିବୁଲ୍ ହୋଇଥାଏ । ଏହାକୁ ସହଜରେ ଦେଖାଶୁଣା କରି ଖୁବ୍ ଉର୍ବର କରାଯାଇପାରେ । ଏହା ବଗିଚାର ସୌନ୍ଦର୍ଯ୍ୟ ବଢାଇଥାଏ । ଆମେରିକାନ୍ ପିଲର, ସ୍ନୋ ଗୁଜ୍ ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

## ପାଲିନ୍ଥସ୍ ରୋଜ୍

ଏହି ଗୋଲାପ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ ଓ ଏଥିରେ ରୋଗ ପ୍ରତିରୋଧକ କ୍ଷମତା ଅଧିକ ଥାଏ । ଏହାକୁ ଉଦ୍ୟାନରେ କିମ୍ବା ବାଲକୋନିରେ କୁଣ୍ଡ ମଧ୍ୟରେ ଧାଡ଼ି କରି ଲଗାଇଲେ, ଏହାର ବିଭିନ୍ନ ରଙ୍ଗ, ଯଥା - ଲାଲ୍ ଗୋଲାପୀ, ଧଳା ରଙ୍ଗର ଫୁଲଗୁଡ଼ିକ ଆଖି ଲାଖିଯିବା ଭଳି ଦୃଶ୍ୟ ପ୍ରଦାନ କରେ ଏବଂ ମନକୁ ଉଲ୍ଲସିତ କରିଥାଏ । ସ୍ୱିଜି, ରଶ୍ମି, ଗୋଲାପୀ ସ୍ୱେ ଏବଂ ଫେରି ରୋଜ୍ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

## ଫ୍ଲୋରିବୁଣ୍ଡା ରୋଜ୍

ଏହି ଗୋଲାପ ପାଲିନ୍ଥସ୍ ଓ ଏଚ୍.ଟି.ର ଏକ ମିଶ୍ରଣ । ଏହାର ଫୁଲ ବହୁତ ବଡ଼ ବଡ଼ ଓ ବିଭିନ୍ନ ରଙ୍ଗ ଯଥା ଗୋଲାପୀ, ନାରଙ୍ଗୀ, ହଳଦିଆ, ବାଇଗଣୀ, ଧଳା ଇତ୍ୟାଦି ରଙ୍ଗର ହୋଇଥାଏ । ଏହି ଗୋଲାପ ବଗିଚାର ସୌନ୍ଦର୍ଯ୍ୟକରଣ ବଢ଼ାଇଥାଏ, କାରଣ ଏହା ସ୍ୱଳ୍ପ ବଢୁଥିବା ପ୍ରଜାତି । ମହାକ୍, କୁସୁମ, ପ୍ରେମା, ରାଜାମଣି, ସିନ୍ଦୋର, ଚନ୍ଦ୍ରମା, ସୁବର୍ଣ୍ଣ, କିରଣ, ଗ୍ରୀଷ୍ମ ତୁଷାର ଭଳି ଅନେକ ପ୍ରକାରର ଆକର୍ଷକ ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।



## ଗ୍ରାଣ୍ଡିଫ୍ଲୋରା ରୋଜ୍

ଏହି ଗୋଲାପ ଫ୍ଲୋରିବୁଣ୍ଡା ଓ ଟି. ରୋଜ୍‌ର ଶଙ୍କରୀକରଣରୁ ଜାତ ଏହି ଗୋଲାପ ଗୋଟିଏ ଡାଳରେ ବହୁତ ଫୁଲ ଫୁଟିଥାଏ । ଗୋଲାପୀ, ଲାଲ, ବାଇଗଣୀ, ଧଳା, ନାରଙ୍ଗୀ ବିଭିନ୍ନ ରଙ୍ଗର ହୋଇଥାଏ । ଏହାର ଫୁଲଗୁଡ଼ିକ ଲମ୍ବା ଡାଳରେ ୨-୩ଟି ଲେଖାଏଁ ଅଥବା ପାଞ୍ଚଟା ଲେଖାଏଁ ଫୁଟିଥାଏ ଏବଂ ଏହାର ବୁଦାଗୁଡ଼ିକ ଟି. ରୋଜର ବୁଦା ଠାରୁ ବଡ଼ ଓ ଗହଳିଆ ହୋଇଥାଏ । ଆର୍ଥିସଙ୍ଗ୍ ଓ ପିଙ୍କ ପରଫେଟ୍ ଦୁଇପ୍ରକାର ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

## ଗ୍ରାଉଣ୍ଡଓଭର୍ ରୋଜ୍

ଏହାକୁ 'ଲେଣ୍ଡସ୍କେପ୍ ରୋଜ୍' ନାମରେ ସମସ୍ତେ ଜାଣନ୍ତି । ଏହି ଗୋଲାପ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ ଓ ୧ ଫୁଟ୍‌ରୁ ୩ ଫୁଟ୍ ଉଚ୍ଚତାରେ ବଢ଼ିଥାଏ । ଏହା ସର୍ବାଧିକ ତିନିଫୁଟ୍ ଉଚ୍ଚତାଯାଏ ବଢିଥାଏ ଓ ସାଧାରଣତଃ ଏହା ଲମ୍ବା ହୋଇଥାଏ । ରୋଗ ଓ କୀଟ ପ୍ରତିରୋଧି ହେବା ସହିତ, ଏଥିରେ ବାରମ୍ବାର ଫୁଲ ଫୁଟିଥାଏ । ଅଭନ୍, ସ୍କାରଲେଟ୍, ଫ୍ଲାୱାର କାରପେଟ୍ କୋରାଲ୍ ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

## ହାଇବ୍ରିଡ୍ ଟି. ରୋଜ୍

ହାଇବ୍ରିଡ୍ ଟି-ରୋଜ୍ ଆଧୁନିକ ଗୋଲାପର ଅତିପ୍ରିୟ ରହି ଆସିଛି ଏବଂ ଏହା ଭିନ୍ନ ଭିନ୍ନ ନୂଆ ରଙ୍ଗ ଆଣିଥାଏ । ଏହି ଗୋଲାପ ତା'ର ଲମ୍ବା ଓ ସିଧା ଡାଳ ପାଇଁ ବେଶ୍ ଜଣାଶୁଣା । ଏହାର ଫୁଲ ବହୁତ ବଡ଼, ସୁନ୍ଦର ଗଠନ ଓ ମୁନିଆ ହୋଇଥାଏ, ଯାହାର ବ୍ୟାସ ପାଞ୍ଚ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ଏହାକୁ ଭଲଭାବେ ରକ୍ଷଣାବେକ୍ଷଣ କରିବାକୁ ପଡ଼େ । ଗୋଲ୍ଡେନ୍ ସେଣ୍ଟର, ପାପା ମେଇଲାଣ୍ଡ, ଦିଲ୍ କି ରାନୀ, ନନ୍ଦିନୀ ଗୋଲାପ ଏହି ହାଇବ୍ରିଡ୍ - ଟି-ରୋଜ୍ ଅନ୍ତର୍ଭୁକ୍ତ ।

## ମିନିଏଚର୍ ରୋଜ୍

ଏହା ହେଉଛି ଟି-ରୋଜ୍‌ର ଏକ ମିନି ସଂସ୍କରଣ । ଏହାର ଡାଳ, ପତ୍ର ଓ ଫୁଲ ସବୁ ଛୋଟ ଛୋଟ, ଟାଣ ଓ ବହୁମୁଖୀ ହୋଇଥାଏ । ଏହାର ରଙ୍ଗ ନାରଙ୍ଗୀ, ଧଳା, ହଳଦିଆ, ସହିତ ଆହୁରି ଅନେକ ପ୍ରକାର ଥାଏ । ଅଧିକାଂଶ ମିନିଏଚୁର ଗୋଲାପ ଥରକେ ଫୁଲ ଫୁଟିବା ଆରମ୍ଭ କଲେ ଲଗାତାର ତିନି, ଚାରି ସପ୍ତାହ ଯାଏ ରହିଥାଏ । ଏହାକୁ ଅଧିକାଂଶ ଲୋକ କୁଣ୍ଡରେ ଲଗାଇଥାନ୍ତି ଓ ଏହା ଘର ଓ ବଗିଚାର ସୌନ୍ଦର୍ଯ୍ୟ ବଢାଇଥାଏ । ସେଥିପାଇଁ ଏହି ଗୋଲାପକୁ ହାଉସ୍ ପ୍ଲାଣ୍ଟ ମଧ୍ୟ କୁହାଯାଇଥାଏ । ଏହି ଗୋଲାପ ଗଛ ୬ ଇଞ୍ଚରୁ ୧୮ ଇଞ୍ଚ ପର୍ଯ୍ୟନ୍ତ ବଢିଥାଏ । ବେବିଲଭ୍, ବିଉଟି ସ୍କାରଲେଟ୍, ଲାଭେଣ୍ଡର ଜ୍ୱେଲ ଓ ଡାଜଲ୍‌ର ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

## ଆଲବା ରୋଜ୍

ଆଲବା ପ୍ରଜାତିର ଗୋଲାପ ଏକ ଶଙ୍କରୀକରଣ ଗୋଲାପ । ଖ୍ରୀ.ପୂ. ୧୦୦ ଶତାବ୍ଦୀରୁ ଏକ ପୁରୁଣା ଗୋଲାପ ବଗିଚାରେ ସୁନ୍ଦର ସବୁଜ ପତ୍ର, ଗୋଲାପୀ ଫୁଲ ସହିତ ଲମ୍ବା ବୁଦା ଆକାରରେ ଏକ ଜଙ୍ଗଲୀ ଗୋଲାପ ଭାବରେ ଥିଲା । ବସନ୍ତ ବା ଗ୍ରୀଷ୍ମ ଆରମ୍ଭରେଏହା ଥରେ ମାତ୍ର ଫୁଟିଥାଏ କିନ୍ତୁ ଏହାର ରୋଗ ପ୍ରତିରୋଧକ ଶକ୍ତି ଅଧିକ । କମ୍ ରକ୍ଷଣାବେକ୍ଷଣ ସହିତ ଆଲବା ଗୋଲାପ ଥଣ୍ଡା ସ୍ଥାନରେ ବା ଛାଇ ସ୍ଥାନରେ ବି ବଢିପାରେ । ମାଇଡେନ୍ ଓ ବ୍ଲସ୍ ଦୁଇପ୍ରକାର ଗୋଲାପ ଏହି ଆଲବା ପ୍ରଜାତି ଅନ୍ତର୍ଭୁକ୍ତ ।

## ଦମାସ୍କ ରୋଜ୍

ବାଇବେଲ୍ ସମୟ ଅନୁସାରେ ଉତ୍ପନ୍ନ ଗୋଲାପ ଦୁନିଆଁର ସବୁଠୁ ପୁରୁଣା

ପ୍ରଜାତିର ଗୋଲାପ ହେଉଛି ଦମାସ୍କ ରୋଜ୍ । ଏହା ଦୁଇ ପ୍ରକାରର ଅଛି ଯଥା "ସମର ଦମାସ୍କ (ଗ୍ରୀଷ୍ମ ଦମାସ୍କ) ଯାହା ଗ୍ରୀଷ୍ମ ଋତୁରେ ବାର୍ଷିକ ଫୁଲ ଭାବେ ଥରେ ଫୁଟିଥାଏ ଓ ଅନ୍ୟଟି 'ଆଟମ୍ ଦମାସ୍କ' (ଶରତ ଦମାସ୍କ) ଯାହା ବର୍ଷସାରା ଫୁଟିଥାଏ ଏବଂ ପତ୍ରଝଡ଼ା ପରେ ଏହା ପୁନଃ ଫୁଲ ଫୁଟାଇଥାଏ । ଏହି ଗୋଲାପ ଧଳା, ଗୋଲାପୀ, ଲାଲଠୁ ଆରମ୍ଭକରି ବିଭିନ୍ନ ରଙ୍ଗର ହୋଇଥାଏ । ଏହାର ମହକ ମଧ୍ୟ ଖୁବ୍ ମନୋହର, ତେଣୁ ଏହା ଇତର ପ୍ରସ୍ତୁତ ପାଇଁ ଅଧିକ ବ୍ୟବହୃତ ହୋଇଥାଏ । ଭାରତରେ ଏହି ଦମାସ୍କ ପ୍ରଜାତିର ଗୋଲାପ ଅଧିକ ଦେଖିବାକୁ ମିଳେ । ଜ୍ୱାଲା, ନୂରଜହାଁ ହିମ୍‌ରୋଜ୍ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।



## ବରବନ୍ ରୋଜ୍

ଦମାସ୍କ ଓ ଚୀନ୍ ଗୋଲାପରେ ଶଙ୍କରୀକରଣ କରାଯାଇ ଉତ୍ପନ୍ନ ହୋଇଥିବା ଫୁଲ ହେଉଛି ବରବନ୍ ଗୋଲାପ । ଏହି ଗୋଲାପ ୧୮୧୭ରେ ପ୍ରଥମେ ଫ୍ରାନ୍ସର ବର୍ବନରେ ପରିଚିତ ହୋଇଥିଲା । ଏହା ଖୁବ୍ ସୁଗନ୍ଧଯୁକ୍ତ, ଧଳା, ନାଲି, ଗୋଲାପୀ ଆଦି ବିଭିନ୍ନ ରଙ୍ଗର ଥାଏ । ବର୍ବନ ଗୋଲାପରେ ଖୁବ୍ କମ୍ କଣ୍ଟା ଥାଏ ତ କେଉଁଠି ବିଲକୁଲ୍ ନଥାଏ । ଶାଖା ମାଧ୍ୟମରେ ଯତ୍ନନେଇ ଏହାକୁ ଅଧିକ ଫୁଲ ଫୁଟାଇବା ସମ୍ଭବ ହୋଇପାରେ । ଜିଫିରାଇନ୍ ଓ ଡୋବୁଇନ୍ ଦୁଇପ୍ରକାର ଗୋଲାପ ଏହି ବର୍ବନ ପ୍ରଜାତି ଅନ୍ତର୍ଭୁକ୍ତ ।

## ଚାଇନା ରୋଜ୍

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ପାଶ୍ଚାତ୍ୟ ଦେଶ ସହିତ ପରିଚିତ ଚୀନ୍ ଗୋଲାପ ଏକ ଏମିତି ଗୋଷ୍ଠୀ ଯାହା ବର୍ତ୍ତମାନର ଶଙ୍କରୀକରଣ କରାଯାଇ ଉତ୍ପନ୍ନ କରାଯାଉଥିବା ଗୋଲାପଗୁଡ଼ିକର ପିତାମାତା କହିଲେ ଅତ୍ୟୁକ୍ତି ହେବନାହିଁ । ଚାଇନା ରୋଜ୍ ଫୁଲ ଛୋଟ ଛୋଟ ଓ ସୁଗନ୍ଧଯୁକ୍ତ । ଏହା ବିଭିନ୍ନ ରଙ୍ଗର ଆସିଥାଏ । ଗ୍ରୀଷ୍ମ ସମୟରେ ଓ ବିଳମ୍ବିତ ରାତିରେ ଏହା ବହୁ ପରିମାଣରେ ଫୁଟିଥାଏ । ଏହି ଫୁଲ ଶୀତଳ ଜଳବାୟୁ ଠାରୁ ସୁରକ୍ଷା ଆବଶ୍ୟକ କରନ୍ତି । କିନ୍ତୁ ଏଥିରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ଥାଏ । ରୋଜା ସିନେସିସ୍, ଫେୟାରି ରୋଜ୍, କୋଲୋକ୍ୱାଇଲି ଗୋଲାପ ଏହି ପ୍ରଜାତି ଅନ୍ତର୍ଭୁକ୍ତ ।

ଏହା ବ୍ୟତୀତ ଭାରତରେ ବର୍ତ୍ତମାନ ହଜାର ହଜାର ପ୍ରକାର ଶଙ୍କରୀକରଣ କରାଯାଇଥିବା ଗୋଲାପ ଦେଖିବାକୁ ମିଳେ ଯେମିତିକି, ମଲ୍ଟିଫ୍ଲୋରାରୋଜ୍, ବିଚ୍ ରୋଜ୍, ସନ୍‌ପ୍ରାଇଟ୍, ଲୋୟୁଇସ୍ ଓଡ଼ିଅର, ଫ୍ରାଗ୍ରାଣ୍ଟପ୍ଲସ୍, ହେରିଟେଜ୍, ହନିପରଫ୍ୟୁମ୍, ଡବଲ ଡିଲାଇଟ୍, ୟକରୋଜ୍, କାଶ୍ମିର ରୋଜ ଇତ୍ୟାଦି ଆହୁରି ଅନେକ ।

## ବିଭିନ୍ନ ରଙ୍ଗର ଗୋଲାପର ମହତ୍ୱ

ବର୍ତ୍ତମାନ ମୂଳ ଗୋଲାପରୁ ଶଙ୍କରୀକରଣ କରାଯାଇ ଏତେ ପ୍ରକାରର ଓ ରଙ୍ଗର ଗୋଲାପ ବଜାରକୁ ଆସୁଛି ତାହା ଅବର୍ଣ୍ଣନୀୟ । ଏହି ବିଭିନ୍ନତା ଭିତରେ ଗୋଲାପ ତା'ର ସ୍ୱତନ୍ତ୍ର ରଙ୍ଗ ଗୁଡ଼ିକର ଅନେକ ମହତ୍ୱ ପ୍ରତିପାଦନ କରେ ଯେପରିକି –

**ଲାଲ୍‌ଗୋଲାପ** : ଲାଲ୍ ଗୋଲାପକୁ 'ଭାଲେଣ୍ଟାଇନ୍ ଡେ' ଫୁଲ ମଧ୍ୟ କୁହାଯାଏ । ଗ୍ରୀକ୍ ପୌରାଣିକ ଆଖ୍ୟାନ ଅନୁଯାୟୀ ଆଫ୍ରୋଡାଇଟ୍ ଓ ଆଡୋନିସ୍‌ଙ୍କ ଗଭୀର ପ୍ରେମ, ରୋମାଞ୍ଚ ଓ ସମର୍ପଣର ପ୍ରତୀକ ଭାବେ ଆଫ୍ରୋଡାଇଟ୍‌ଙ୍କ ରକ୍ତରୁ ଜାତ ଲାଲ ଗୋଲାପ ବିଶ୍ୱର ସମସ୍ତ ପ୍ରେମୀମାନଙ୍କ ହୃଦୟର ନିବିଡତାକୁ ପ୍ରକାଶ କରିବାର ମାଧ୍ୟମ ହୋଇଥାଏ । ଏହି ଗୋଲାପ, ପ୍ରେମ, ରୋମାଞ୍ଚ, ସୁନ୍ଦରତା ଓ ପୂର୍ଣ୍ଣତାର ପରିପ୍ରକାଶ କରେ । କେହି କେହି କୁହନ୍ତି ଗଭୀର ଲାଲ ରଙ୍ଗର ଗୋଲାପ ନମ୍ରତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତିନିଧିତ୍ୱ କରିଥାଏ । ସମଗ୍ର ବିଶ୍ୱରେ ଫେବୃୟାରୀ ୧୪ ତାରିଖ ଦିନ ଏହି ଲାଲ୍ ଗୋଲାପର ପୁଚ୍ଛଗୁଚ୍ଛ ପ୍ରଦାନ କରି ପ୍ରେମୀମାନେ ନିଜର ପ୍ରେମ ପ୍ରକଟ କରିଥାନ୍ତି । ଭୀମା, ରକ୍ତଗନ୍ଧା, ଲାଲିମା, ହେଫାନେସ୍, କ୍ରିମସନ୍ ଗ୍ଲୋରୀ, ପୂସା ମୋହିତ ଆଦି ଲାଲ ଗୋଲାପ ଅତ୍ୟନ୍ତ ସୁନ୍ଦର, ଲୋକପ୍ରିୟ ଓ ଏହି ରଙ୍ଗ ଅନ୍ତର୍ଭୁକ୍ତ ।

**କମଳା ରଙ୍ଗ ଗୋଲାପ** : ନାରଙ୍ଗୀ ରଙ୍ଗର ଗୋଲାପ ଉଜ୍ଜ୍ୱଳତା, ଉର୍ଜା, ଅମୋହ, ଉତ୍ସାହ, ଜୀବନ ଓ ଶକ୍ତିର ପ୍ରତୀକ ଭାବେ ପ୍ରତିନିଧିତ୍ୱ କରେ । ଏହା ଅପ୍ରତିରୋଧ ବ୍ୟକ୍ତି ବା ସଙ୍କୋଚ, ନିରପେକ୍ଷ ବ୍ୟକ୍ତିଙ୍କୁ କୃତଜ୍ଞତା ବ୍ୟକ୍ତ କରିବାକୁ ଦିଆଯାଇଥାଏ । ଏହି ରଙ୍ଗର ଗୋଲାପ ଯଦିଓ ସମସ୍ତଙ୍କ ପ୍ରିୟ ହୋଇନଥାଏ, ତଥାପି ଏହା କୃତଜ୍ଞତା ପ୍ରକାଶ କରିବା ଉଦ୍ଦେଶ୍ୟରେ ବହୁଳ ବ୍ୟବହାର ହୋଇଥାଏ । ବିଏନା ଚାର୍ମ, କନକାଂଗୀ ରାଜା ରାମମୋହନ ରାୟ ଏହି ରଙ୍ଗ ଅନ୍ତର୍ଭୁକ୍ତ ।

**ହଳଦିଆ ଗୋଲାପ** : ହଳଦିଆ ଗୋଲାପ ସହୃଦୟତା, ବନ୍ଧୁତା, ନିବିଡତା ଓ ଆନନ୍ଦର ପ୍ରତୀକ । ସ୍ନେହର ସଙ୍କେତ ଭାବରେ ହଳଦିଆ ଗୋଲାପ ପ୍ରିୟଜନଙ୍କୁ ଆନନ୍ଦିତ କରିବା ପାଇଁ, ନିଃସ୍ୱାର୍ଥ ବନ୍ଧୁତ୍ୱକୁ ପରିପ୍ରକାଶ କରିବା ପାଇଁ ଦିଆଯାଇଥାଏ । ଯେଉଁମାନେ ଏହାକୁ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ଏହି ଗୋଲାପ ସୁଖ ଆଣିଥାଏ । ବସନ୍ତ, ଗଙ୍ଗା, ଡଚ୍, ଗୋଲ୍ଡ, କିଙ୍ଗ୍ ରେନସମ୍ ଏହି ରଙ୍ଗ ଅନ୍ତର୍ଭୁକ୍ତ ।

**ଧଳା ଗୋଲାପ** : ଧଳା ଗୋଲାପ ଶୁଦ୍ଧତା, ସ୍ୱଚ୍ଛତା, ଅନୁଗ୍ରହ ଏବଂ ନମ୍ରତାର ପ୍ରତୀକ ଭାବେ ବିବେଚିତ ହୋଇଥାଏ । ପାରମ୍ପରିକ ଭାବେ ଧଳା ଗୋଲାପ ବିବାହରେ ବ୍ୟବହୃତ ହୁଏ କାରଣ ଏହି ଗୋଲାପ ସମ୍ପର୍କରେ ଶୁଦ୍ଧତା, ବିଶ୍ୱାସରେ ଅନୁଗ୍ରହତାକୁ ଦର୍ଶାଇଥାଏ । କୌଣସି ବି ପର୍ବ ଅନୁଷ୍ଠାନ, ଉତ୍ସବ ଆୟୋଜନ କରିବା ପୂର୍ବରୁ ସେଠାରେ ବ୍ୟବହୃତ ଫୁଲର ରଙ୍ଗ ବହୁତ ମହତ୍ୱ ରଖେ । ଧଳା ଗୋଲାପ ନବଦମ୍ପତିଙ୍କ ପାଇଁ ଏକ ଉପଯୁକ୍ତ ଉପହାର । ପ୍ରାଚୀନ ଗ୍ରୀସ୍‌ରେ ଧଳା ଗୋଲାପ ଦେବୀ ଆଫ୍ରୋଡାଇଟ୍‌ଙ୍କ ପ୍ରତୀକ ଥିଲା, ଯାହା ପରେ ରୋମୀୟମାନେ ଭେନସ୍ ନାମରେ ନାମିତ କରିଥିଲେ । ଦେବୀ ଭେନସ୍ ଥିଲେ ପ୍ରେମ ସୌନ୍ଦର୍ଯ୍ୟର ପ୍ରତୀକ । ନବ ବିବାହିତଙ୍କ ମଧ୍ୟରେ ନିବିଡ଼ ପ୍ରେମ ସମ୍ପର୍କକୁ ମଜବୁତ୍ ରଖିବା ପାଇଁ ଧଳା ଗୋଲାପ ପ୍ରତିନିଧିତ୍ୱ କରିଥାଏ । ଏହାଛଡ଼ା ଅନ୍ତିମ ସଂସ୍କାର ସମୟରେ ସମବେଦନା ଜଣାଇବା ପାଇଁ ତଥା ଶ୍ରଦ୍ଧାଞ୍ଜଳୀ ଦେବା ପାଇଁ ମଧ୍ୟ ଧଳା ଗୋଲାପ ବ୍ୟବହାର ହୋଇଥାଏ । ଜୁନ୍ ବ୍ରାଇଡ୍, ତୁଷାର, ଜବାହାର, ହୋମିଭାଭା ଓ ମୃଦୁଲା ଗୋଲାପ ଏହି ଧଳା ରଙ୍ଗର ଅନ୍ତର୍ଭୁକ୍ତ ।



**ଗୋଲାପୀ ରଙ୍ଗ ଗୋଲାପ** : ଗୋଲାପୀ ରଙ୍ଗର ଗୋଲାପ, ପରିଷ୍କାର, ଲାଳିତ୍ୟ, ନାରୀତ୍ୱର ପ୍ରଶଂସା ବ୍ୟକ୍ତ କରିବା ପାଇଁ ଦିଆ ଯାଇଥାଏ । ଗାଢ ଗୋଲାପୀ ରଙ୍ଗ ପ୍ରଶଂସାର

ଭାବନା ବ୍ୟକ୍ତ କରୁଥିବା ବେଳେ ହାଲ୍‌କା ଗୋଲାପୀ ରଙ୍ଗର ଗୋଲାପ ଖୁସି ଓ ନମ୍ରତାକୁ ବ୍ୟକ୍ତ କରିଥାଏ । ଏହି ଗୋଲାପକୁ କନ୍ୟାଶିଶୁମାନଙ୍କ ଜନ୍ମଦିନରେ ବହୁଳ ଭାବରେ ସଜାଯାଇଥାଏ ଏବଂ ଏହାର ମୃଦୁ ସୁଗନ୍ଧ ଶିଶୁର କୋମଳତାକୁ ପ୍ରତିପାଦିତ କରେ । ମୃଣାଳିନୀ, ବି.ପି.ପାଲ୍ ସୁରଭି, ମଧୁମତି, ପିକ୍‌ଚର ସୋନିଆ ଆଦି ଗୋଲାପ ଏହି ରଙ୍ଗ ଅନ୍ତର୍ଭୁକ୍ତ ।

**ନୀଳ ଗୋଲାପ :** ଏହି ଗୋଲାପ ବଂଶାନୁକ୍ରମେ ଆଗରୁ ନଥିଲା । ୨୦୦୪ ମସିହାରେ ପୁଷ୍ପବିଜ୍ଞାନୀମାନେ ରୋଜା ପ୍ରଜାତିର ଲାଲ, ଧଳା ଏବଂ ହଳଦିଆ ଫୁଲର ମିଶ୍ରଣରେ ଶଙ୍କରୀକରଣ ଦ୍ୱାରା ନୀଳ ଗୋଲାପ ଉତ୍ପନ୍ନ କରିପାରିଛନ୍ତି । ପ୍ରକୃତରେ କହିବାକୁ ଗଲେ ଧଳା ଗୋଲାପକୁ କୃତ୍ରିମ ପ୍ରଣାଳୀରେ ନୀଳ କରାଯାଇଛି । ରହସ୍ୟ ଓ ଅସମ୍ଭବକୁ ପ୍ରାପ୍ତ କରିବାର ପ୍ରତୀକ ରୂପେ ନୀଳ ଗୋଲାପ ଉପହାର ଦିଆଯାଇଥାଏ । ବ୍ଲୁ ମୁନ୍ ଗୋଲାପ ଏହି ରଙ୍ଗ ଅନ୍ତର୍ଭୁକ୍ତ ।



## ଇତିହାସରେ ଗୋଲାପ

ଅନେକ ସ୍ତୋତ୍ର ଓ ଇତିହାସରେ କୁହାଯାଇଛି ଯେ ମନୁଷ୍ୟର ଉପସ୍ଥିତି ପୂର୍ବରୁ ଗୋଲାପ ପୃଥିବୀକୁ ଆସିଛି ଅର୍ଥାତ୍ ୬ ମିଲିୟନ୍ ବର୍ଷ ପୂର୍ବରୁ । ଏସିଆ ଉତ୍ତର ଆମେରିକାରେ କରାଯାଇଥିବା ଗବେଷଣା ଅନୁଯାୟୀ ତର୍କ କରନ୍ତି ଯେ ୩୦ ମିଲିୟନ୍ ବର୍ଷ ପୂର୍ବରୁ ଗୋଲାପ ପୃଥିବୀକୁ ଆସିଛି । ୨୮୦୦-୨୧୦୦ ଖ୍ରୀ.ପୂ. ମଧ୍ୟରେ କ୍ରେଟା ଦ୍ୱୀପରେ ଗୋଲାପର ଆଭୂଷଣ ଚିତ୍ର ମିଳିଥିଲା । ୬୦୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଯେତେବେଳେ ଉଦ୍ଭିଦ ଚାଷ ଆରମ୍ଭ ହୋଇଥିଲା ଗୋଲାପକୁ ଫୁଲର ରାଣୀ (ଏପିଟେଟ୍) ଆଖ୍ୟା ଦେଇଥିଲେ । ମଧ୍ୟଯୁଗରେ 'ରୋଜା ଡାମାସ୍‌କସ୍'(ରୋଜ୍ ଅଫ୍ ଦମେସ୍କ), ରୋଜାସେଣ୍ଟିଫୋଲିଆ (ପ୍ରୋଭେଞ୍ଚାଲାର ଟେବୁଲ୍) - ବ୍ଲେଜ୍) ନାମରେ ଗୋଲାପ ବହୁ ବଡ଼ ବଡ଼ ଉଦ୍ୟାନ ମାନଙ୍କରେ ମିଳିଥିଲା । ଫ୍ରାନ୍ସରେ ସମ୍ରାଟ ଜୋସେଫାଇନ୍ ତାଙ୍କ ଗୋଲାପ ବଗିଚାକୁ ମେଲେମାଇନ୍ସ ପ୍ୟାଲେସ୍ ନିକଟରେ ଏକ ସୁନ୍ଦର ଉଦ୍ୟାନ ଭାବେ ରଖିଥିଲେ । ଯାହା ତାଙ୍କୁ ୧୭୯୮ ମସିହାରେ ତାଙ୍କ ସ୍ୱାମୀ ନେପୋଲିୟନ ତାଙ୍କୁ ଉପହାର ଦେଇଥିଲେ । ୧୮୧୪ରେ ମାଲ୍ମିସନ୍‌ଙ୍କ ଗୋଲାପ ବଗିଚାରେ ୨୫୦ ପ୍ରକାରର ବିଭିନ୍ନ ଗୋଲାପ ରହିଥିଲା ଯାହାକୁ ସମସ୍ତ ଦେଶ ଗୁଡ଼ିକରୁ ସଂଗ୍ରହ କରାଯାଇଥିଲା । ୧୮୬୭ରେ ଫରାସୀ ପ୍ରଜନକ ଏପ୍ ଗୁଇଟ୍ ଚାଇନାରୁ ଆଣିଥିବା ଚ ଗୋଲାପ (ଟି. ରୋଜ) ଶଙ୍କରୀକରଣ କରି ଭିନ୍ନ ପ୍ରକାରର ଗୋଲାପ ଉତ୍ପନ କରିଥିଲେ ଯାହାକୁ 'ଲା ଫ୍ରାନ୍ସ' ବୋଲି କହୁଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେବଳ ଏହି ପ୍ରଜାତିର ୧୦ ହଜାରରୁ ଅଧିକ କିସମର ଗୋଲାପ ଉତ୍ପନ୍ନ କରିବା ସମ୍ଭବ ହୋଇଥିଲା । ଗୋଲାପର ଏକ ଦୀର୍ଘ ଇତିହାସ ରହିଛି । ପ୍ରେମ, ସୌନ୍ଦର୍ଯ୍ୟ,ଯୁଦ୍ଧ ଓ ରାଜନୀତିର ପ୍ରତୀକ ଭାବେ ୩୫ ମିଲିୟନ୍ ବର୍ଷ ପୂର୍ବରୁ ଗୋଲାପ ରହିଛି । ୫୦୦୦ ବର୍ଷ ପୂର୍ବରୁ ଗୋଲାପର ଚାଷ ଚୀନ୍‌ରେ ଆରମ୍ଭ ହୋଇଥିଲା । ରୋମାନ୍‌ମାନଙ୍କ ଦ୍ୱାରା ଏହି ସମୟରେ ମଧ୍ୟ ପୂର୍ବ ଏସିଆର ପ୍ରଚୁର ପରିମାଣରେ ଗୋଲାପ ଚାଷ କରାଯାଉଥିଲା ।




ରୋମାନ୍‌ମାନେ ଗୋଲାପରୁ ଇତର ଓ ଔଷଧୀୟ ଆବଶ୍ୟକତାରେ ଉପଯୋଗ କରୁଥିଲେ । ପଞ୍ଚଦଶ ଶତାବ୍ଦୀରେ ଗୋଲାପ ଇଂଲଣ୍ଡକୁ ନିୟନ୍ତ୍ରିତ କରିବାକୁ ଲଢୁଥିବା ଦଳର ପ୍ରତୀକ ଭାବେ ସାଙ୍କେତିକ ବ୍ୟବହାର କରାଯାଇଥିଲା । ଧଳା ଗୋଲାପ ୟକର ପ୍ରତୀକ ଥିଲା ଏବଂ ଲାଲ୍ ଗୋଲାପ ଲଙ୍କାଷ୍ଟରର ପ୍ରତୀକ ଥିଲା । ଫଳରେ ଏହି ଯୁଦ୍ଧ 'ଗୋଲାପ ଯୁଦ୍ଧ' ଭାବରେ ପରିଚିତ ହେଲା । ନେପୋଲିୟନଙ୍କ ପତ୍ନୀ ଜୋସେଫାଇନ୍ ୧୮୦୦ ଶତାବ୍ଦୀରେ ପ୍ୟାରିସ୍‌ର ପଶ୍ଚିମ ଠାରୁ ସାତମାଇଲ୍ ଦୂରରେ ଥିବା ଚାଟୋ-ଡି ମାଲୋମାଇନ୍ସରେ ଗୋଲାପର ଏକ ବ୍ୟାପକ ସଂଗ୍ରାହାଳୟ ପ୍ରତିଷ୍ଠା କରିଥିଲେ । ଏହି ଉଦ୍ୟାନ ବଟାନିକାଲ୍ ଚିତ୍ରକାର ଭାବରେ ପିଆର ଯୋସେଫ୍ ରେଡାଉଟ୍‌ଙ୍କ କାର୍ଯ୍ୟ ପାଇଁ ସେଟିଂ ହୋଇଗଲା । ୧୮୨୪ ମସିହାରେ, ସେ ତାଙ୍କର ୱାଟର ରଙ୍ଗ ସଂଗ୍ରହ 'ଲେସ୍ ରୋଜ୍' ସମାପ୍ତ କରିଥିଲେ, ଯାହାକି ବଟାନିକାଲ୍ ଚିତ୍ରଣର ସର୍ବୋଚ୍ଚ ରେକର୍ଡ ଭାବରେ ପରିଗଣିତ । ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଚାଇନାରୁ ୟୁରୋପ୍ ପର୍ଯ୍ୟନ୍ତ ଗୋଲାପ ଚାଷ କରାଯାଇଥିଲା । ଅଧିକାଂଶ ଆଧୁନିକ ଗୋଲାପ ଏହି ପ୍ରଜାତି ଗୁଡ଼ିକରୁ ସୃଷ୍ଟି ବୋଲି ଜଣାଯାଏ । ଇତିହାସରୁ ଏହା ମଧ୍ୟ ଜଣାଯାଏ ଯେ ଅସୀରିଆର୍ ସାହାଜାଦୀ ହଳଦିଆ ଗୋଲାପକୁ ଭଲ ପାଉଥିଲେ ଏବଂ ବେଗମ୍ ନୁରଜହାଁଙ୍କୁ ଲାଲ ଗୋଲାପ ଅଧିକ ପ୍ରିୟ ଥିଲା । ଗୋଲାପ ସମ୍ଭ୍ରାନ୍ତମାନଙ୍କର ଏବଂ ରାଜକୁମାର ମାନଙ୍କ ଉଦ୍ୟାନରେ ଦେଖା ଯାଉଥିଲା । ସିରିଆର ରାଜାମାନେ ଗୋଲାପ ବଗିଚା ପ୍ରତିଷ୍ଠା କରୁଥିଲେ । ୟୁରୋପର ଦୁଇଟି ଦେଶର ଜାତୀୟ ଫୁଲ ଭାବେ ଧଳା ଗୋଲାପ ଓ ଲାଲ୍ ଗୋଲାପ୍ ରଖା ଯାଇଛି । ଏହି ଦୁଇ ଦେଶରେ ଲାଗି ରହୁଥିବା ଯୁଦ୍ଧକୁ 'ଗୋଲାପ ଯୁଦ୍ଧ' କୁହା ଯାଇଥିଲା । ଏହାସତ୍ତ୍ୱେ ୟୁରୋପରେ ଅନ୍ୟ କେତୋଟି ଦେଶ ଗୋଲାପକୁ ଜାତୀୟ ଫୁଲ ଘୋଷଣା କରିଛନ୍ତି । ଭାରତରେ ରାଜସ୍ଥାନର ଜୟପୁରକୁ ମଧ୍ୟ 'ଗୋଲାପୀ ସହର' (ପିଙ୍କ୍ ସିଟି) କୁହାଯାଏ ।

## ଭାରତ ଇତିହାସରେ ଗୋଲାପ

ଷଷ୍ଠଦଶ ଶତାବ୍ଦୀରେ ଯେତେବେଳେ ମୁସଲିମ୍ ମୁଗଲ ସମ୍ରାଟ ଭାରତ ଉପରେ ଶାସନ କରିବାକୁ ଫାରସ୍ ଓ ଆଫଗାନିସ୍ଥାନରୁ ଆସିଥିଲେ, ସେମାନେ ଓଟ ଗୋଲାପ ସାଙ୍ଗରେ ଆଣିଥିଲେ । ବାସ୍ତବରେ ପ୍ରଥମେ ମୁଗଲ ବାଦଶାହ 'ବାବର' ଡେମସ୍କ ପ୍ରଜାତିର ଗୋଲାପ ଭାରତକୁ ଆଣିଥିଲେ ବୋଲି କୁହାଯାଏ । ଏହି ରାଜବଂଶୀୟ ମାନଙ୍କର ବିରାଟକାୟ ଗୋଲାପ ବଗିଚା ଭବ୍ୟ ରୂପରେ ସଜାଇବାର ଅହେତୁକ ଆନନ୍ଦ ଥିଲା । ଜହାଙ୍ଗୀରଙ୍କ ଦ୍ୱାରା ନିଜ ମହାରାଣୀ ନୁରଜହାଁଙ୍କ ପାଇଁ ନିର୍ମାଣ କରିଥିବା କାଶ୍ମୀରର ପ୍ରସିଦ୍ଧ ଶାଲିମାର ଉଦ୍ୟାନ ଆଜି ବି ପ୍ରସିଦ୍ଧ ରହିଛି । ଚତୁର୍ଦ୍ଦଶରୁ ଷଷ୍ଠଦଶ ଶତାବ୍ଦୀ ପର୍ଯ୍ୟନ୍ତ ଦକ୍ଷିଣ ଭାରତର ସବୁଠୁ ମହାନ୍ ରାଜବଂଶୀ ମଧ୍ୟରୁ ଗୋଟିଏ ହେଉଛି ବିଜୟନଗର ସାମ୍ରାଜ୍ୟ । ଅନେକ ଯାତ୍ରୀଙ୍କ ରେକର୍ଡ ଦର୍ଶାଏ ଯେ ଗୋଲାପ ସେଠାରେ ଧନୀ, ଗରୀବ ସମସ୍ତଙ୍କର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗଥିଲା । ଡୋମିଙ୍ଗ୍ ପେସ୍ ଏବଂ ଫର୍ନାସ ନ୍ୟୁସ୍ ଦୁଇଜଣ ପର୍ତ୍ତୁଗୀଜ୍ ଯାତ୍ରୀ ୧୫୩୭ ମସିହାରେ ରାଜ୍ୟ ପରିଦର୍ଶନ କରିଥିଲେ ଏବଂ ଟୋକେଇ ଭର୍ତ୍ତି ଗୋଲାପ ବିକ୍ରି କରାଯାଉଥିବା ଗୋଲାପ ବଜାର, ଗୋଲାପ ଉଦ୍ୟାନ, ଗୋଲାପ ଫୁଲ ଓ ମାଳ ଧାରଣ କରିଥିବା ସ୍ତ୍ରୀ ପୁରୁଷ ଅଳଙ୍କାର ଭାବେ ବହୁମାତ୍ରାରେ ଗୋଲାପ ବ୍ୟବହାର କରୁଥିବାର


ଉଲ୍ଲେଖ କରିଛନ୍ତି । ସେଠାକାର ରାଜା ଶୁଦ୍ଧ, ଶ୍ୱେତବସ୍ତ୍ର ପରିଧାନ ସହିତ ସୁବର୍ଣ୍ଣ ଗୋଲାପର ଗହଣା ପିନ୍ଧି ସକାଳର ତିଳତର୍ପଣ କରିଥାନ୍ତି । ନିଜ ପସନ୍ଦର ଦରବାରୀ, ହାତୀ ଘୋଡ଼ାଙ୍କୁ ଧଳା ଗୋଲାପରେ ସଜାଇଥାନ୍ତି । ପର୍ତ୍ତୁଗୀଜ ଯାତ୍ରୀ ଦୁଇଜଣ ରାଜାଙ୍କ ଶୟନ କକ୍ଷରେ, ଦାମୀ ପଥର ସ୍ତମ୍ଭ, ଦାମୀ କାଠ ଉପରେ ହାତୀ ଦାନ୍ତରେ ଖୋଦିତ ଗୋଲାପର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି । ଭାରତରେ ଗୋଲାପର ବହୁତ ପ୍ରଜାତି ହିମାଳୟ ପର୍ବତାଦେଶରେ ଜଙ୍ଗଲୀ ଭାବେ ଦେଖିବାକୁ ମିଳେ । ଅଲ୍ଲିଗଡ଼ (ରାମଗଡ଼), କନୌଜ, ଗାଦୀପୁର, ବଲିଆ, ଜୌନ୍‌ପୁର (ଉତ୍ତର ପ୍ରଦେଶ), ରାଜସ୍ଥାନର ହଳଦୀଘାଟୀ, ଚଣ୍ଡିଗଡ଼, ତାମିଲନାଡୁ ଆଦି ସ୍ଥାନମାନଙ୍କରେ ୮୦୦୦ ହେକ୍ଟର କ୍ଷେତ୍ରଫଳରେ ସୁଗନ୍ଧିତ ଗୋଲାପର ଚାଷ କରାଯାଏ । ଭାରତରେ ସର୍ବାଧିକ ଗୋଲାପ ଚାଷ କରାଯାଉଥିବା ଅଞ୍ଚଳ ହେଉଛି କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ଗୁଜୁରାଟ, ମଧ୍ୟପ୍ରଦେଶ, ହରିୟାଣା, ହିମାଚଳ ପ୍ରଦେଶ, ପଶ୍ଚିମ ବଙ୍ଗଳା ଇତ୍ୟାଦି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ୧୯୩୮ ମସିହାରେ ମୃତ୍ୟୁବରଣ କରିଥିବା ନିଜ ପତ୍ନୀ କମଳା ନେହେରୁଙ୍କ ସ୍ମୃତିକୁ ସମ୍ମାନ ଦେବାକୁ ନିଜ ପକେଟ୍‌ରେ ସବୁବେଳେ ଲାଲ ଗୋଲାପ ଲଗାଉଥିଲେ । ଗୋଲାପର ଲୋକପ୍ରିୟତା ଭାରତୀୟମାନଙ୍କୁ ମଧ୍ୟ ଖୁବ୍ ପ୍ରଭାବିତ କରିଥିଲା, ସେଥିପାଇଁ ଫେବୃୟାରୀ ୧୨ ତାରିଖକୁ ଭାରତ ସରକାର 'ଗୋଲାପ ଦିବସ' ଘୋଷଣା କଲେ । ଯଦିଓ ଗୋଲାପ ପୁଷ୍ପଜଗତର ରାଣୀ, ଗୋଲାପର ରୂପ, ରଙ୍ଗ, ମହକ, ସୌନ୍ଦର୍ଯ୍ୟରେ ସମସ୍ତେ ବିମୋହିତ ହୋଇଥାନ୍ତି, କିନ୍ତୁ ଭାରତୀୟ ଅର୍ଥାତ୍ ହିନ୍ଦୁ ମନ୍ଦିରରେ ଗୋଲାପ ବାସନ୍ଦ କରା ଯାଇଥାଏ । ଯେହେତୁ ପ୍ରେମ- ପ୍ରତାରଣା, ବିରହ-ବେଦନା, ଯୁଦ୍ଧ-ଯନ୍ତ୍ରଣା ସହିତ ଗୋଲାପର ସମ୍ପର୍କ ରହିଆସିଛି, ହିନ୍ଦୁତ୍ୱର ପବିତ୍ରତା, ମୋକ୍ଷ, କୋମଳତା, ସମର୍ପଣଭାବର ସ୍ଥାନ ନେଇପାରେନା ଗୋଲାପ ।



## ଗୋଲାପର ରୋପଣ ବିଧି ଓ ଔଷଧୀୟ ଉପଯୋଗିତା

ଗୋଲାପକୁ କଲମି କରି ଲଗାଇଲେ ଖୁବ୍ ସହଜ ଉପାୟରେ ଏହା ହୋଇଥାଏ । ପ୍ରଥମେ ଏକ ସୁସ୍ଥ ସତେଜ ଡାଳକୁ ତେରଛା କରି କାଟି ଦିଆଯାଏ । କାଟିଥିବା ଡାଳକୁ ୨-୩ ଘଣ୍ଟା ପାଣିରେ ପକାଇବା ପରେ, ସେ ପାଣିକୁ ବଦଳାଇ ଗଛ ଲଗାଇବା ପୂର୍ବରୁ ୧୦-୧୨ ଘଣ୍ଟା ପାଣିରେ ପକାଇ ରଖାଯାଏ । କୁଣ୍ଡର ତଳପାର୍ଶ୍ୱ କଣା ରଖି କୁଣ୍ଡରେ ଗୋବର, ଖତ ମିଶା ମାଟି ଭରିଦିଆଯାଏ । କଲମି ଡାଳକୁ ଦେଢଇଞ୍ଚ ଛେଲି ନେଇ ୩ ଇଞ୍ଚ ଗାତକରି ରୋପଣ କରାଯାଏ । ଡାଳ ପୋତିବା ପୂର୍ବରୁ ଅଧିକ କାଦୁଅ ନହେବା ଭଳି ହାଲ୍କା ଓଦା କରି ସେଥିରେ ଡାଳ ପୋତାଯାଏ ଏବଂ ଅଗ୍ରଭାଗ ଘୋଡ଼େଇ ରଖାଯାଏ । ଦୁଇଦିନ ପର୍ଯ୍ୟନ୍ତ ପାଣି ନଦେଇ ଛାଇଥିବା ସ୍ଥାନରେ ରଖାଯାଏ । ଧିରେ ଧିରେ ଡାଳ ଅଙ୍କୁରିତ ହେବାପରେ ଏଥିରେ ପାଣି ଦିଆଯାଏ । ବିଭିନ୍ନ ପ୍ରକାର ଗୋଲାପ ବିଭିନ୍ନ ମାଟି ପସନ୍ଦ କରିଥାନ୍ତି । କିଛି ଗୋଲାପ ଋତୁ ଅନୁଯାୟୀ ବାର୍ଷିକ ହୁଏତ କିଛି ବାରମାସୀ ହୋଇଥାଏ । ତେବେ କେଉଁ ପ୍ରଜାତିର ଗୋଲାପ କେଉଁ ମାଟିରେ ଉର୍ବର ହେବ ତାହା ଧ୍ୟାନ ଦେବା ଉଚିତ୍ ।

ଗୋଲାପ ଔଷଧ ବା ଆୟୁର୍ବେଦ ଜଗତରେ ଏକ ଚମତ୍କାର ବରଦାନ ଯାହା ବିଭିନ୍ନ ରୋଗରୁ ଉପଶମ ଦେଇଥାଏ । ଗୋଲାପର ପାଖୁଡାଗୁଡ଼ିକ ଚେହେରା ଉଜ୍ଜ୍ୱଳ କରିବାକୁ ଏବଂ ଗୁଲକନ୍ଦ ପ୍ରସ୍ତୁତ କରିବା ପାଇଁ ବ୍ୟବହାର ହୋଇଥାଏ । ଗୁଲକନ୍ଦ, ଗୋଲାପ ପାଖୁଡା ସହିତ ଗୁଡ ବା ମହୁ ମିଶାଇ ପ୍ରସ୍ତୁତ କରାଯାଏ । ଗୋଲାପର ଶୁଖିଲା ପାଖୁଡାଗୁଡ଼ିକୁ ପ୍ରାକୃତିକ ପାଉଡର ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ ଏବଂ ଅନ୍ୟ ପ୍ରାକୃତିକ ଜିନିଷ ସହିତ ମିଶାଇ ପେଷ୍ଟ୍ ପ୍ରସ୍ତୁତ କରି ଲଗାଯାଇଥାଏ । ଗୋଲାପ ପାଉଡର ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଗୋଲାପ ଜଳକୁ ଟୋନର ଭାବେ ତ୍ୱଚା ପାଇଁ ବ୍ୟବହାର କରାଯାଏ । ଆଖିରେ କିଛି ପଡ଼ିଗଲେ କିମ୍ବା ଆଖି କୁଣ୍ଡେଇ ହେଲେ, ଗୋଲାପ ଜଳ ପକାଇବା ଦ୍ୱାରା ଆଖି ପରିଷ୍କାର ହେବା ସହିତ ଆରାମ ଦେଇଥାଏ । ଗୋଲାପ ଜଳ ନିୟମିତ ତ୍ୱଚାରେ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳ ଦିଶିବା ସହିତ ବ୍ରଣ ସମସ୍ୟା ଦୂର ହୋଇଥାଏ । ଗୋଲାପରେ ଏସ୍ଟ୍ରେଜେଣ୍ଟ ଗୁଣଥାଏ, ଏହାର ତେଲ ଘା' ବା କ୍ଷତରେ ଲଗାଇଲେ ଖୁବ୍ ଶୀଘ୍ର କ୍ଷତ ଭରିଯାଇଥାଏ । ଏହାର ତେଲ କେଶକୁ ମଜବୁତ୍ ରଖିବା ସହିତ ନିୟମିତ ବ୍ୟବହାର କଲେ କେଶ ଝଡ଼ିବା ମଧ୍ୟ କମ୍ କରିଥାଏ । ଦୁଶ୍ଚିନ୍ତା ପ୍ରଭାବରେ ମୁଣ୍ଡ ଟାଣିବା କିମ୍ବା ଡିପ୍ରେସନ୍ ଥିବା ବେଳେ ଏହି ତେଲ ମୁଣ୍ଡରେ ଲଗାଇଲେ ଆରାମ ମିଳେ । ଗୋଲାପ ପତ୍ରରେ ଆଣ୍ଟି ଅକ୍ସିଡାଣ୍ଟ ପଦାର୍ଥ ଥାଏ ଯାହା ତ୍ୱଚାର କୋଶିକାଗୁଡ଼ିକୁ ନଷ୍ଟ ହେବାରୁ ବା ସଂକ୍ରମିତ ହେବାରୁ ରକ୍ଷା କରିଥାଏ । ଏଥିରେ ରହିଥାଏ ଭିଟାମିନ୍ ଏ, ଭିଟାମିନ୍-ସି, ଭିଟାମିନ୍-ଇ ଆଇରନ୍, କ୍ୟାଲସିୟମ୍ ଇତ୍ୟାଦି ଯାହା ତ୍ୱଚାର ଦାଗ, ବ୍ରଣ ସମସ୍ୟା, ବୟସ ଦାଗ ପ୍ରଭୃତି ଦୂର କରିଥାଏ । ତ୍ୱଚାକୁ ଡିଟାକ୍ସ କରିବା ପାଇଁ ଗୋଲାପରୁ ପ୍ରସ୍ତୁତ ଚ଼ ନିୟମିତ ସେବନ କଲେ ତ୍ୱଚାର ଚମକ ବଢ଼ିଥାଏ । ବିଉଟିସିଆନ୍ ବା ତ୍ୱଚା ବିଶେଷଜ୍ଞମାନଙ୍କ ଦ୍ୱାରା ଏବେ ଗୋଲାପରୁ ପ୍ରସ୍ତୁତ ବିଭିନ୍ନ ପ୍ରସାଧନୀ ବଜାରରେ ମିଳୁଛି ଯଥା- ଭାଇନାଲ୍ ଗୁଲାବ- ହେୟାର ଅଏଲ୍, ଡାବର ଗୁଲାବରୀ, ଗୁଲାବ ଗୋଲ୍ଡ ତେଲ, ହମଦର୍ଦ୍ଦ ଅର୍କ ଗୋଲାପଜଳ, ରୁହ-ଇ-ଗୁଲାବ ପରଫ୍ୟୁମ୍, ରୋଜି ପେଟାଲ୍ ଗୁଲାପ, ପିଓର ଗୁଲାବ ଫ୍ଲୋରା ଜଳ, ଭେସଲିନ୍ ରୋଜ୍ ୱାର୍ଟର, ରୋଜ୍ ପାଉଡର (ଲାଖମେ) ଭେଦିକ୍-ବୁଟି-ରୋଜ, ଭେଲଭେଟ୍ ସିଲକ୍ ବଡିକ୍ରିମ୍ ଆଣ୍ଟି ଏଜିଂ ଫେସ୍ ସିରମ୍, ଜୟ ରୋଜ୍‌ବଡି ସିରମ ଇତ୍ୟାଦି ଅନେକ । ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ, ଫୁଲମାନଙ୍କ ରାଣୀ ଗୋଲାପ ସମ୍ବନ୍ଧରେ ଯେତେ ବ୍ୟାଖ୍ୟା କଲେ କମ୍ ହେବ । ଗୋଲାପର ସୌନ୍ଦର୍ଯ୍ୟ ଯଦିଓ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିଥାଏ, ଆମ ହିନ୍ଦୁ ମନ୍ଦିରରେ କିନ୍ତୁ ଗୋଲାପକୁ ପୂଜାଫୁଲ ଭାବେ ସ୍ୱୀକାର କରାନଯାଇ ବାସନ୍ଦ କରା ଯାଇଥାଏ । ହିନ୍ଦୁମାନଙ୍କ ପରମ୍ପରା ଅନୁଯାୟୀ ଗୋଲାପ ପୂଜା ପାଇଁ ବର୍ଜନୀୟ କାରଣ ରୋମାନ୍ ଓ ମୁସଲମାନମାନେ ଗୋଲାପକୁ ଭାରତକୁ ଆଣିଥିଲେ । ସର୍ବଦା ପ୍ରେମ୍-ବିରହ ରକ୍ତ-ଲୁହ ଯୁଦ୍ଧ-ଯନ୍ତ୍ରଣା ସହିତ ସମ୍ପର୍କ ରଖୁଥିବା ଗୋଲାପ ହିନ୍ଦୁତ୍ୱର ପବିତ୍ରତା, ମୋକ୍ଷ, ସମର୍ପଣ ଭାବ କୋମଳତା ଭରା ଦେବତାଙ୍କ ପୂଜା ଫୁଲର ସ୍ଥାନ ନେଇ ପାରେନି । ତଥାପି ଶୁଭେଚ୍ଛା ଓ ଅଭିବାଦନ ପାଇଁ ଗୋଲାପ ସର୍ବଦା ସମସ୍ତଙ୍କ ପ୍ରିୟ ରହିଆସିଛି ।


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ବାଳିକାବଧୂର ବିଧି



ବଦଳିଛି ବାହାଘରର ବୟସ, ନିୟମ । ଏବେ ଝିଅ ୧୮ ବର୍ଷ ବଦଳରେ ୨୧ ବର୍ଷ ହେଲେ ହେବ ବାହାଘର । ଉଭୟ ପୁଅ ଓ ଝିଅଙ୍କ ବାହାଘର ବୟସ ସମାନ ହୋଇଗଲା । ଏଥିନେଇ କେନ୍ଦ୍ର ସରକାର ଆଇନ ପ୍ରସ୍ତୁତ କଲେ । ଏଥିନେଇ ଚାଲିଛି ଦେଶବ୍ୟାପୀ ଚର୍ଚ୍ଚା । ଶିଶୁର ପରିଭାଷା କଣ ହେବ । ପୁଣି କଣ ହେବ ବାଳ ଅପରାଧଙ୍କ ବୟସର ମାପକାଠି । ଏମିତି ପ୍ରଶ୍ନର ଲମ୍ବା ତାଲିକା ଭିତରେ ପାରିତ ଆଇନକୁ ନେଇ ଚାଲିଛି ଅନେକ ଆଲୋଚନା । ଏଇକ୍ରମରେ ରାୟଗଡା ଜିଲ୍ଲାରେ ବର୍ଷ ବର୍ଷ ଧରି ପାଳିତ ହୋଇ ଆସୁଛି ନିଆରା ବାହାଘର । ବାହା ହେଉଛନ୍ତି କୁନି ପିଲାଏ । ଅବିକଳ ବାହାଘର ପରି ସବୁ ପରଂପରାର କରାଯାଉଛି ଅନୁପାଳନ । ଏଇ ନିଆରା ବାହାଘରକୁ ନେଇ ରହିଛି ମିଥ୍ । ଆଉ ସ୍ଥାନୀୟ ଭାଷାରେ ବାହାଘରର ନାଆଁ ହେଲା **କୁଣ୍ଡା କନିଆ** ।

କୁଣ୍ଡା ମାନେ ନଗଣ୍ୟ । କନିଆ ମାନେ ବିବାହ ଲାଗି ପ୍ରସ୍ତୁତ ଝିଅ । ମୋଟାମୋଟି ଭାବେ କହିବାକୁ ଗଲେ  କୁଣ୍ଡା କନିଆ ମାନେ ବାଳିକା ବଧୂ । ପ୍ରାପ୍ତବୟସ ପୂର୍ବରୁ ବାଳିକାଙ୍କୁ ମିଛିମିଛିକା ବାହା କରାଯାଉଛି । ତାହା ବି ବାଧ୍ୟବାଧ୍ୟକ ଭାବରେ । ଗୌଡ ସଂପ୍ରଦାୟରେ ପିଉସୀ ଝିଅ ହେଉଛି କୁଣ୍ଡା କନିଆ ଏବଂ ମାମୁଁ ପୁଅ ଭାଇ ହେଲା କୁଣ୍ଡା ବର । ସତସତିକା ବାହାଘର ଭଳି କୁଣ୍ଡା କନିଆ ଓ କୁଣ୍ଡା ବର ମଧ୍ୟରେ ମିଛିମିଛିକା ବାହାଘର ହୁଏ । ଏଭଳି ନିଆରା ବାହାଘର ସମାଜର ରଢୀବାଦୀ ଦିଗକୁ ପ୍ରଦର୍ଶିତ କରୁଛି ।

ରାୟଗଡା ଜିଲ୍ଲାର କଲ୍ୟାଣସିଂପୁର, କୋଲନରା ଓ କାଶୀପୁରର ମାଣ୍ଡିବିଶି, ଶିରିପାଇ, ସୁଂଗେର ଏବଂ ଚନ୍ଦ୍ରଗିରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁଳ ଭାବେ ରହନ୍ତି ଗୌଡ ସଂପ୍ରଦାୟର ଲୋକେ । ମୁଖ୍ୟ ଜୀବିକା ଗୋପାଳନ ଏବଂ ଚାଷବାସ । ଏହି ଅଂଚଳରେ କୌଣସି ପରିବାରରେ ଝିଅଟିଏ ଜନ୍ମ ହେଲେ ବାପାମାଆଙ୍କ ବଢିଯାଏ ଚିନ୍ତା । ଝିଅର ବାହାଘର ପାଇଁ ଯେତିକି ଚିନ୍ତା ନଥାଏ ତାଠାରୁ ଅଧିକ ଚିନ୍ତା କୁଣ୍ଡା କନ୍ୟା  ଲାଗି । ଝିଅଟିକୁ ସାତ ଆଠ ବର୍ଷ ହୋଇଗଲେ ବାପା ମାଆ  ଏଇ କୁଣ୍ଡା କନ୍ୟାକୁ ବାହା ଲାଗି ତତ୍ପର ଉଠନ୍ତି । ଗାଁରେ ଥିବା ଏଭଳି ସମ ବୟସ୍କା ଝିଅମାନଙ୍କୁ ଖୋଜା ପଡେ । ସେମାନଙ୍କର ପିତାମାତାମାନେ ଏକାଠି ହୁଅନ୍ତି ଏବଂ କୁଣ୍ଡା ବରକୁ ଖୋଜି ବାହାଘର ପାଇଁ

# କୁଣ୍ଡା କନିଆ

ଦ୍ୱିତୀ ଚନ୍ଦ୍ର ସାହୁ
ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା-୭୬୫୦୦୧, କୋରାପୁଟ
ଫୋନ:୭୦୦୮୦୪୦୩୪୬

ଫଟୋ ସୌଜନ୍ୟ : ଲେଖକ



**ବାଲ୍ୟ ବିବାହ ବନ୍ଦ କରିବା ନେଇ ହୋଇଛି ଆଇନ । ଲୋକଙ୍କ ମଧ୍ୟରେ ସଚେତନାତା ସୃଷ୍ଟି ଲାଗି ବହୁ ଉଦ୍ୟମ ମଧ୍ୟ କରାଯାଇଛି । ଏଣେ ଶିଶୁଙ୍କ ସୁରକ୍ଷା ଏବଂ ସର୍ବାଙ୍ଗୀନ ବିକାଶ ଲାଗି ହେଉଛି ତୁମ୍ଭିତୋଫାନ । କିନ୍ତୁ ଅନେକ ଅଂଚଳରେ ବଦଳି ପାରୁନି ଶିଶୁଙ୍କ ଭାଗ୍ୟ । ରାୟଗଡା ଜିଲ୍ଲାରେ ମଗଧା ଗୌଡ ସଂପ୍ରଦାୟର ବାଳିକାମାନଙ୍କୁ ନେଇ ରହିଛି ବିଚିତ୍ର ପରଂପରା । ପରଂପରା ନାମରେ କୁମାରୀତ୍ୱ ପ୍ରାପ୍ତି ପୂର୍ବରୁ ପାଳନ କରାଯାଉଛି ବାହାଘର ପ୍ରଥା । ବାଳିକାଟିକୁ ନିଜ ମାମୁଁ ପୁଅ ଭାଇ ସହ ବାହାଘର କରିବାକୁ ହୁଏ । ନହେଲେ ଝିଅଟି ପରବର୍ତ୍ତୀ  ସମୟରେ ବାହା ହୋଇ ପାରେନା । ଗୌଡ ସମାଜରେ ତାକୁ ଗ୍ରହଣ କରାଯାଏନି । ସମାଜରୁ ବାଛନ୍ଦ ହେବାର ଭୟ ଥାଏ । ରାୟଗଡା ଜିଲ୍ଲାର କେତେକ ଅଂଚଳରେ ଗୌଡ ସଂପ୍ରଦାୟରେ ଥିବା ଏଇ ବିରଳ ପରଂପରାକୁ ନେଇ 'ରେବତୀ'ର ନିୟମିତ ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କ ବିଶେଷ ଉପସ୍ଥାପନା-**



ସଜବାଜ ହୁଅନ୍ତି । ଏଥିଲାଗି ଗାଁରେ ନିଷ୍ପତ୍ତି ହୁଏ । ଏକ ଉତ୍ସବର ମାହୋଲ ସୃଷ୍ଟି ହୁଏ ।  ବାହାଘର ପରି ସମସ୍ତ ପ୍ରସ୍ତୁତି କରିବାକୁ ପଡେ । ଶୁଭ ଦିନ ଦେଖି ଝିଅର ମାମୁଁ ପୁଅ ଭାଇ ସହ ବାହା କରାଯାଏ ।

କାଶୀପୁର ଧୋବାସିଲ ଓ କୋଲନରାର ଲିଲିବାଡି ଗାଁରେ ଆୟୋଜିତ ହୋଇଥିଲା ଏମିତି ବାହାଘର । ସେଠାରେ ପହଂଚିଲା ବେଳକୁ  ବାଜୁଥିଲା ବାଜା ଓ ମହୁରୀ । ଗାଁ ସାରା ଆମ୍ବ ପତ୍ରର ତୋରଣ । ଗାଁ ମୁଣ୍ଡରେ ହୋଇଥିଲା ବିରାଟ ଛାମୁଣ୍ଡା । ପାଖକୁ ଲାଗି ଚାଲିଥିଲା ବାହାଘରିଆ ଭୋଜିର ଆୟୋଜନ। ଗାଁର ମହିଳାମାନେ କାଟୁଥିଲେ ପରିବା । ରୋଷେୟା କରୁଥିଲେ ଗାଁ ଲୋକଙ୍କ ପାଇଁ ଭୋଜି । ଛା'ମୁଣ୍ଡା ତଳେ ଥିଲେ କୁଣ୍ଡା ବର ଓ କନ୍ୟା । ମୁଣ୍ଡରେ ସମସ୍ତଙ୍କର ଲାଗିଥିଲା ଆମ୍ବ ପତରର ମୁକୁଟ । ଦେହସାରା କଂଚା ହଳଦୀର ଲେପ । ସମସ୍ତେ ଥିଲେ ବ୍ୟସ୍ତ । ଗାଁର ମଝିରେ ପୋତା ଯାଇଥିଲା ଶୁଭ ଖୁଂଟି । ତା ଚାରିପଟେ ଥିଲା ମାଟିର କଳସ । ହିନ୍ଦୁ ପରଂପରା ଅନୁଯାୟୀ ପୁରୋହିତଙ୍କ ଉପସ୍ଥିତିରେ ଚାଲିଥିଲା କୁଣ୍ଡା କନ୍ୟାଙ୍କ ଗଣ ବିବାହ । ସେଠାରେ

ଥିଲେ ଏକାଧିକ କୁଣ୍ଡା କନ୍ୟା ଓ କୁଣ୍ଡା ବର । ପିଲାମାନଙ୍କୁ ପିନ୍ଧା ଯାଇଥିଲା ନୂଆ ଲୁଗା । ତାପରେ ସେମାନଙ୍କୁ ହଳଦୀ ପାଣିରେ ଗାଧୁଆ ଯାଇଥିଲା । ପାରଂପରିକ ରୀତିରେ ବିବାହ ଉତ୍ସବ ଚାଲିଲା । ହସ୍ତଗଣ୍ଠି ସହ ବରକନ୍ୟା ଅଗ୍ନି ଚାରିପଟେ ପରିକ୍ରମଣ କରୁଥିଲେ । ବାଜୁଥିଲା ପାରଂପରିକ ବାଦ୍ୟ । ବର ଯୁବକକୁ କନ୍ୟା ବାଳିକା । କନ୍ୟାମାନେ ବେଦୀରେ ବରର କୋଳରେ ବସିଥିଲେ ତ ବେଢା ପରିକ୍ରମା ବେଳେ କାନ୍ଧ ଉପରେ ବସି ଘୁରୁଥିଲେ । ଏହି ଆୟୋଜନ ଭିତରେ ସବୁ ବାଳିକା କେବଳ ଅସହାୟ ହୋଇ ଚାହିଁବା ବ୍ୟତୀତ ଅନ୍ୟ କିଛି ଚାରା ନଥିଲା । ତିନି ଘଣ୍ଟା ଧରି ଚାଲିଥିବା ଏଇ ଉତ୍ସବରେ ନଦୀରୁ ଅଣାଯାଇଥିବା ପାଣି, ଘରେ ପ୍ରସ୍ତୁତ ହଳଦୀ ପାଣି ସହ କାଦୁଅ ଗାଧୁଆ ହୋଇଥିଲା । ପତଳା ନୂଆ ଲୁଗା ଭିତରେ ଥରୁଥିଲେ ବାଳିକାମାନେ । ଅନେକ ଚିତ୍କାର କରି କାନ୍ଦୁଥିଲେ । ହେଲେ ସେମାନଙ୍କର କାନ୍ଦକୁ କେହି ଶୁଣିବାକୁ ପ୍ରସ୍ତୁତ ନଥିଲେ । ତାପରେ କୁଣ୍ଡାକନ୍ୟାକୁ ନିକଟବର୍ତ୍ତୀ ନଦୀକୁ ନିଆଯାଇ ଅଜବ ପ୍ରଥା ପାଳନ ହୋଇଥିଲା । ଏକ ମହୁଲ ଡାଳରେ ପିଲାମାନଙ୍କୁ ବସାଇ କୁଣ୍ଡାବରମାନେ ନଦୀ ଭିତରକୁ ଟାଣିଥିଲେ । ନଦୀରେ ଗାଧୋଇବା ପରେ ନିଜର ହଳଦୀ ଲୁଗାକୁ ନିଜେ ସଫା କଲେ କୁଣ୍ଡା କନିଆମାନେ । ପରେ ବେଦିକୁ ଯାଇ କଉଡି ଏବଂ ଗୁଆ ଖେଳିଲେ । ଏହା ପରେ ସଂପନ୍ନ ହେଲା ବାହାଘର ପ୍ରଥା । ପରେ ସମସ୍ତେ ଭୋଜିଭାତ ଖାଇ ମନୋରଂଜନରେ ବୁଡିଲେ । ବଡମାନେ ଟାହିଟାପରା ହେଲେ । ରଂଗ ଖେଳିଲେ ।



## କିଏ କଣ କହନ୍ତି

କୁଣ୍ଡାବର ନକଲେ ଆମ ଝିଅକୁ କେହି ବାହା ହେବେନି । ରଜବତୀ ପୂର୍ବରୁ ଆମ ସଂପ୍ରଦାୟ ଲୋକଙ୍କୁ ଜଣାଇ ଏମିତି ବାଲ୍ୟ ବିବାହ ନକଲେ ଆମ ଝିଅ ଅଲୋଡା ହୋଇଯିବ । ତାର ମୁହଁ କିଏ ଦେଖିବେନି । ଆଗକାଳରେ ଏହି ଝିଅମାନଙ୍କୁ ବାପାମାଆମାନେ ଜଂଗଲରେ ଛାଡି ଦେଉଥିଲେ ।

● **ଅରକ୍ଷିତ ଗୌଡ,** ଗାଁ ମୁଖିଆ, ଧୋବାସିଲ

ଆମ ସମାଜରେ ଝିଅ ହେଲେ ବିବାହ ପୂର୍ବରୁ ଏମିତି ପିଲାଦିନରେ ଆଉ ଗୋଟିଏ ବିବାହ କରିବାକୁ ପଡିଥାଏ । ବିବାହରେ ଯାହା ସବୁ ନୀତିନିୟମ ପାଳନ କରାଯାଏ ସେସବୁ ନିତିନିୟମ ଏହି ବାଲ୍ୟ ବିବାହରେ ମଧ୍ୟ କରାଯାଏ । ନହେଲେ ଝିଅ ଅଛୁଁଆ ରହିଯିବ । କିଏ ବାହା ହେବେନି ।

● **ସନିଆ ଗୌଡ,** କୁଣ୍ଡା କନ୍ୟାର ବାପା, ଧୋବାସିଲ

କୁଣ୍ଡା ବର ଭାବେ ଆମ ପିଉସୀର ଝିଅକୁ ବାହା ହେବାର ନିୟମ ରହିଛି । ମୁଁ କୁଣ୍ଡାବର ହୋଇଥିଲି । ବାହାଘର ଭଳି ତା ସହ ବେଦିରେ ବସି ବାହା ହେବାକୁ ହୁଏ ।

● **ପ୍ରସାଦ ଗୌଡ,** କୁଣ୍ଡା ବର, ଧୋବାସିଲ

ଆମ ଗୌଡ ସମାଜରେ ଝିଅ ବଡ ହେବା ପୂର୍ବରୁ କୁଣ୍ଡା ବର ସହ ବାହା ହେବାକୁ ପଡେ । ନହେଲେ ସେ ଝିଅକୁ କେହି ବାହା ହେବେନି । ତାକୁ ସେମିତି ଛାଡି ଦିଆଯାଏ । ସେ ଅନ୍ୟ ଜାତିରେ ଆଉ କାହା ସହ ଚାଲିଗଲେ ଆମ ସମାଜର କିଛି ଆପତ୍ତି ନଥାଏ । କିନ୍ତୁ ଗୌଡ ସମାଜରେ ବାହା ହୋଇପାରେନା ।

● **ଦଇମତି ଗୌଡ,** କୁଣ୍ଡା କନ୍ୟାର ମାଆ, ଧୋବାସିଲ

ଏଇ ପରଂପରା କ୍ରମରେ କୁଣ୍ଡା କନ୍ୟା ହୋଇଥିବା ଝିଅମାନଙ୍କୁ ନିଜ ମୁଣ୍ଡର ଉପରିଭାଗ ଚୁଟି ରଖି ଲଣ୍ଡା ହେବାକୁ ପଡିବ । ଏହା ବାହାଘର ହୋଇଥିବାର ସନ୍ତକ । ଏହା ପରେ ଝିଅଟି ପାଠରେ ଡୋର ବାନ୍ଧିଥାଏ । ଏଥିଯୋଗୁଁ କାଶୀପୁରର ଗୌଡ ସଂପ୍ରଦାୟରେ ବାଳିକା ସାକ୍ଷରତା ହାର ନୈରାଶ୍ୟଜନକ । ତେବେ ବାହାଘର ପାଇଁ ବାହାଘର ସ୍ଥଳରେ ଶୁଭ ଦେଖି ମହୁଲ ଡାଳ ସହ ଏକ ମାଟି ହାଣ୍ଡିକୁ ପ୍ରତିଷ୍ଠା କରାଯାଇଥାଏ । ଏଥିପାଇଁ ପ୍ରତି ଝିଅ ପରିବାରକୁ ପ୍ରାୟ ଆଠ ରୁ ଦଶ ହଜାର ଖର୍ଚ୍ଚ କରିବାକୁ ପଡିଥାଏ । ଗୌଡ ସଂପ୍ରଦାୟର ପ୍ରଥା ମୁତାବକ ଏ ଅଂଚଳର ଝିଅମାନେ କୁମାରୀତ୍ୱ ପ୍ରାପ୍ତି ପୂର୍ବରୁ ନିଜ ମାମୁଁ ପୁଅ ଭାଇ ସହ ଏପରି ବାହାଘର କରିବାକୁ ବାଧ୍ୟ ହୋଇଥାଏ । ନହେଲେ ସେମାନଙ୍କୁ ପରବର୍ତ୍ତୀ ଜୀବନରେ କେହି ବାହା ହୁଅନ୍ତି ନାହିଁ । ମଗଧା ଗୌଡ ସଂପ୍ରଦାୟରେ ଝିଅଟି ତା ଜୀବନରେ ଦୁଇ ଥର ବାହା ହେବାକୁ ପଡିଥାଏ ।

ସେମିତି ଆଉ ଏକ ଭିନ୍ନ ଢଂଗରେ ପାଳନ ହୁଏ କୁଣ୍ଡା କନିଆ ଉତ୍ସବ କୋଲନରା ଅଂଚଳରେ । ଅଂଚଳ ଭିତିରେ ଏଇ ପରଂପରା ଭିନ୍ନ ଭିନ୍ନ ହୋଇଥାଏ ମଗଧା ଗୌଡ ସଂପ୍ରଦାୟରେ । ଜିଲ୍ଲାର କୋଲନରା ଅଂଚଳରେ ବାଳିକାମାନଙ୍କୁ ବାହାଘର ମାମୁଁ ପୁଅ ଭାଇ ସହ ନ କରାଯାଇ ବ୍ରତ ଭଳି ନିଆରା ପରଂପରା ପାଳନ କରାଯାଏ । ପାଂଚ ବର୍ଷରୁ ୧୧ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୪୮ ଜଣ ଝିଅ ହୋଇଥିଲେ କୁଣ୍ଡା କନିଆ । ଗାଁର ମଝିରେ ସ୍ଥାପନ ହୋଇଥିଲା ଘଟ । ଘଟ ଚାରିପଟେ ସଜ୍ଜିତ ହୋଇ ଅପେକ୍ଷାରେ ଥିଲେ କୁଣ୍ଡା କନିଆ । ସମସ୍ତେ ପିନ୍ଧିଥିଲେ ନୂଆ ଲୁଗା । ମୁଣ୍ଡରେ ଥିଲା ମୁକୁଟ ।

ସେମାନଙ୍କୁ ପୂଜାରୀ କରିବେ ବ୍ରତ । ଝିଅଟି ରଜସ୍ୱଳା ହେବା ପୂର୍ବରୁ ଏଭଳି ବ୍ରତ ଧାରଣ ନ କଲେ ସମାଜ ପାଇଁ ସେ ହୋଇଯାଏ ଅଲୋଡା । ସମାଜରୁ ହୋଇପଡେ ବାଛନ୍ଦ । ଏଭଳି ଅପବିତ୍ର ଝିଅକୁ କେହି ବାହା ହୁଅନ୍ତି ନାହିଁ । ଏମିତିକି ଘରୁ ମଧ୍ୟ ବାହାର କରାଯିବାର କଠୋର ପରଂପରା ରହିଛି । ନିଜେ ପିତାମାତା ଝିଅଟିର ଆବଶ୍ୟକୀୟ ଲୁଗାପଟା ଓ କିଛିଦିନ ଲାଗି ଖାଇବା ସହ ତାକୁ ନେଇ ଜଂଗଲରେ ଛାଡି ଆସିବାର ପରଂପରା ରହିଛି । ବ୍ରତ ପୂର୍ବରୁ ଝିଅଟି କୁମାରୀତ୍ୱ ପ୍ରାପ୍ତ କଲେ ଗୌଡ ସମାଜ ଲାଗି ହୋଇପଡେ ସେ ଅଲୋଡା ଓ ଅଖୋଜା । ଏଇକ୍ରମରେ ଏଭଳି



ପରିସ୍ଥିତିକୁ ଏଡାଇବା ଲାଗି ପ୍ରତି ପାଂଚ ବର୍ଷ ରୁ ଦଶ ବର୍ଷ ମଧ୍ୟରେ ଏଭଳି ସାମୁହିକ ବାହାଘର କିମ୍ୱା ବ୍ରତ ଉତ୍ସବର ଆୟୋଜନ କରାଯାଏ । ଏଥିରେ ଆଖପାଖ ଗ୍ରାମର ଗୌଡ ସଂପ୍ରଦାୟର ବାଳିକାମାନେ ଅଂଶଗ୍ରହଣ କରି ବ୍ରତ ଧାରଣ କରିବାର ସୁଯୋଗ ମଧ୍ୟ ରହିଥାଏ । ଏଇ ପର୍ବକୁ ଗ୍ରାମରେ ପାଂଚ ଦିନ ଧରି ପାଳନ କରାଯାଇଥିଲା । ପ୍ରଥମ ଦିନରେ ଠାକୁରଙ୍କୁ ଅଣାଯାଇ ଗ୍ରାମ ଦାଣ୍ଡରେ ସ୍ଥାପନ କରାଯାଏ । ଏକ ଘଟ ସ୍ଥାପନ କରାଯାଇ ତାକୁ ଦେବତାଙ୍କ ପ୍ରତୀକ ରୂପେ ବିବେଚନା କରାଯାଏ । ବାଳିକା ବଧୂମାନେ ନିଜ ନିଜର ଘଟ ସ୍ଥାପନ ସହ ସ୍ୱତନ୍ତ୍ର ଭାବେ ଦୀପ ପ୍ରଜ୍ୱଳନ କରନ୍ତି । ଏହାର ଚାରିପଟେ ବାଳିକାମାନେ ମୁକୁଟ ଓ ନୂଆ ଲୁଗା ଧାରଣ ପୂର୍ବକ ହଳଦି ଲଗାଇ ଚାରିପଟେ ଘୁରିଥାନ୍ତି । ଗୌଡ ସଂପ୍ରଦାୟର ପୂଜାରୀ ସେମାନଙ୍କୁ ବ୍ରତ କରାଏ । ଘଟ ସ୍ଥାପନ ପରେ ଗାଁ ଉତ୍ସବ ମୁଖର ହୋଇଉଠେ । ବାଜାବାଜାଣା ଓ ପାରଂପରିକ ନାଚଗୀତରେ ସମସ୍ତେ ଉଲ୍ଲସିତ ହୋଇ ଉଠନ୍ତି । ଅନ୍ୟ ଗ୍ରାମର ସଂପର୍କୀୟମାନେ ଏଥିରେ ଯୋଗ ଦିଅନ୍ତି । ପାଂଚ ଦିନ ବ୍ୟାପୀ ପଂକ୍ତି ଭୋଜନ ଚାଲେ ଗ୍ରାମରେ । ସମସ୍ତେ ଏକତ୍ରିତ ହୋଇ ଭୋଜି ଖାଆନ୍ତି । ବ୍ରତ ଧାରଣ ପରେ ବାଳିକାମାନଙ୍କୁ କୁକୁଡା ମାଂସ ଖାଇବାରେ ବାରଣ କରାଯାଏ । ଶେଷ ଦିନରେ ଅନୁଷ୍ଠିତ ହୁଏ ଅସଲି ପର୍ବ । ବାଳିକାମାନେ ବଧୂ ରୂପରେ ସଜେଇ ହୋଇ ଘଟ ନିକଟକୁ ଆସନ୍ତି । ପାରଂପରିକ ପୂଜା ପଦ୍ଧତିରେ ସେମାନଙ୍କୁ କୁଳ ପୁରୋହିତ ବ୍ରତ ଧାରଣ କରାଏ । ପରେ ନୂଆ କଳସରେ ଥିବା ମନ୍ତୁରା ହଳଦୀ ପାଣି ସେମାନଙ୍କ ଉପରେ ଢାଳି ସୂଚି କରାଯାଏ । ଏହାପରେ ବାଳିକା ବଧୂମାନେ ନିକଟବର୍ତ୍ତୀ ନଦୀ, ନାଳ କିମ୍ୱା ପୋଖରୀକୁ ଯାଇ ଗାଧୋଇଥାନ୍ତି । ପରେ ଅଭିଭାବକମାନେ ଗ୍ରାମବାସୀଙ୍କୁ ଛେଳି ମାଂସରେ ଆପ୍ୟାୟିତ କରିବାର ପରଂପରା ରହିଛି । ଭୋଜିଭାତ ପରେ ଉତ୍ସବ ସମାପନ ହୋଇଥାଏ ।



ବିଜ୍ଞାନର ଅଗ୍ରଗତି ହୋଇଛି । ଦେଶ ବିକାଶର ଦୌଡରେ ଆଗକୁ ଗତି କରୁଛି । ଅଥଚ ପରଂପରା ନାମରେ ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ଜାବୋଡି ଧରି ଗୌଡ ସଂପ୍ରଦାୟ ପକ୍ଷରୁ ଚାଲିଥିବା ବାଳିକା ବଧୂ ପରଂପରା ବାସ୍ତବିକ ସମସ୍ତଙ୍କୁ ଚକିତ କରୁଛି । ଏଇ କାରଣରୁ ଗୌଡ ସଂପ୍ରଦାୟରେ ଶିକ୍ଷିତ ବାଳିକାଙ୍କ ସଂଖ୍ୟା ବହୁତ ନଗଣ୍ୟ । ଉଚ୍ଚ ଶିକ୍ଷା ଅପେକ୍ଷା ବାଳିକାମାନଙ୍କୁ ଅଧିକ ପରିମାଣରେ ଗୃହ କର୍ମରେ ନିୟୋଜିତ କରନ୍ତି । ଏ ଦିଗରେ ସଚେତନତା ଜରୁରୀ । ପରଂପରାରେ ସଂସ୍କାର ଆଣିବା ଆବଶ୍ୟକ । ଅନ୍ୟଥା ସମୟ ଗଡି ଚାଲିଥିଲେ ମଧ୍ୟ ବିକାଶର ରାସ୍ତାରେ ଗୌଡ ସଂପ୍ରଦାୟର ଏମିତି ରଢୀବାଦୀ ପରଂପରା ପ୍ରତିବନ୍ଧକ ସାଜି ରହିବ ।

# ହସଖୁସିର ପରିବାର - ୨୮

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍

ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍

ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**


ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ବାପାମାଆଙ୍କର ଗୋଟିଏ ପୁଅ । ମୋ ଉପରେ ଦୁଇ ଜଣ ବଡ ଭଉଣୀ ଅଛନ୍ତି । ସେମାନେ ସମସ୍ତେ ବିବାହିତ ଏବଂ ଚାକିରି ବି କରିଛନ୍ତି । ମାଆ ମୋର ଗୃହିଣୀ । ବାପା ସରକାରୀ ଚାକିରିରୁ ପାଂଚ ବର୍ଷ ତଳେ ଅବସର ନେଇଛନ୍ତି । ଚାରିବର୍ଷ ତଳେ ମୋର ବାହାଘର ହେଇଛି । ମୁଁ କଲିକତାରେ ଚାକିରି କରୁଥିବାବେଳେ ମୋର ସହକର୍ମୀକୁ ଭଲପାଇ ବାହା ହେଇଛି । ମୋ ସ୍ତ୍ରୀ ମୋଠାରୁ ଦୁଇବର୍ଷ ସାନ । ସେ ମଧ ଓଡିଆ ଝିଅ । ଏହି ଲକ୍‌ଡାଉନ ବେଳେ ଆମେ ଦୁଇଜଣ ଭୁବନେଶ୍ୱର ଆସି ବାପାମାଆଙ୍କ ପାଖରେ ରହିଲୁ । ଅନ୍ୟମାନଙ୍କ ପରି ଆମେ ମଧ ଘରୁ ଅଫିସ କାମ କରିଲୁ । ଭୁବନେଶ୍ୱରରୁ ବାହାରେ ଥିବାବେଳେ ଆମର ଯେଉଁ ସ୍ୱାଧୀନତା ଥିଲା ଏଠାରେ ତାହା ରହିପାରିଲା ନାହିଁ । ବାପା ଆମର ଶାନ୍ତ ସ୍ୱଭାବର ଲୋକ । ଘର ଚଳାଇବାରେ ସେ କିଛି କୁହନ୍ତି ନାହିଁ । ସବୁକିଛିର ଦାୟିତ୍ୱ ମାଆ ନେଇଥାନ୍ତି । ଆମ ଭାଇଭଉଣୀଙ୍କର ପାଠପଢା ଚାକିରି ଇତ୍ୟାଦି ସବୁଥିରେ ମାଆଙ୍କର ହସ୍ତକ୍ଷେପ ଥାଏ । ଏଣୁ ଆମେ ତାଙ୍କୁ ସବୁବେଳେ ଡରିଥାଉ । ଏବେ ମୋ ସ୍ତ୍ରୀ ଓ ମାଆ ଦୁଇଜଣଙ୍କର ମତାନ୍ତର ଲାଗି ରହିଛି । ସବୁଦିନ କିଛି ନା କିଛି

▼ଲୋପାମୁଦ୍ରା ପରିଡ଼ାଙ୍କ ହସଖୁସିର ପରିବାର



କାରଣକୁ ନେଇ କଥା କଟାକଟି ହେଉଛନ୍ତି । ଦୁଇମାସ ହେବ ମୋ ସ୍ତ୍ରୀ ରାଗି ତାର ବାପାଘରକୁ ପଳାଇଯାଇଛି । ଏଠାକୁ ଆଉ ଆସିବ ନାହିଁ ବୋଲି ସେ ଜିଦ୍ ଧରିଛି । କୋଭିଡ ପରିସ୍ଥିତି ସୁଧୁରିଗଲେ ସେ ଓଡିଶା ବାହାରକୁ ପୁଣି ଚାଲିଯିବ । ଏପଟେ ମାଆ ତାଙ୍କ ଜିଦରେ ଅଟଳ ରହିଛନ୍ତି । ବୋହୁକୁ କ୍ଷମା କରିବା ପାଇଁ ସେ ଆଦୌ ପ୍ରସ୍ତୁତ ନୁହଁନ୍ତି । ଏ କଥାରେ ବାପା ମଧ୍ୟ ନିରବ । ମୁଁ ମାଆକୁ ବାରମ୍ବାର ଅନୁରୋଧ କରିବାରୁ ସେ ମୋତେ ବିରକ୍ତ ହେଇ କହିଲେ ତୋର ଯଦି ଇଚ୍ଛା ହେଉଛି ତୁ ଏଇଠି ରହ ନଚେତ ତୋର ଶ୍ୱଶୁର ଘରକୁ ଚାଲିଯାଆ । ମୁଁ ଏବେ ଜୀବନର ଦୋଛକିରେ ଠିଆ ହେଇଛି । କଣ କରିବି ଜାଣି ପାରୁନି । ଏଣୁ ଆପଣ ଏହାର ସମାଧାନର ବାଟ ବତାନ୍ତୁ ।

**ସଂଜୀବ ମିଶ୍ର,** ଭୁବନେଶ୍ୱର


### ସମାଧାନର ସୂତ୍ର

ଶାଶୁ ଓ ବୋହୂଙ୍କ ମଧ୍ୟରେ ମତାନ୍ତର ହେବା ଏକ ସାଧାରଣ ଘଟଣା ହେଇଗଲାଣି । ବିଶେଷକରି ଯେଉଁଠି ପୁଅ ଭଲପାଇ ବାହା ହେଇଛି ଏବଂ ବୋହୂ ଚାକିରି କରିଛି । ଶାଶୁ ସଦାବେଳେ ଚାହିଁବେ ଯେ ବୋହୂ ତାଙ୍କ କଥା ମାନି ପରିବାରର ଆବଶ୍ୟକୀୟ କାମ କରିବେ ଓ ବନ୍ଧୁବାନ୍ଧବମାନଙ୍କର ମଧ୍ୟ ମନ ନେଇ ଚଳିବେ । ଅଧିକ ପାଠପଢି ଭଲ ଚାକିରି କରିଥିବା ବୋହୂମାନେ ନିଜର ବୃତ୍ତିଗତ ଜୀବନକୁ ଅଧିକ ଧ୍ୟାନ ଦେଇଥାନ୍ତି । ଏଣୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ସେମାନେ ସ୍ୱାଧୀନ ଭାବରେ ଚଳିବାକୁ ଚାହାନ୍ତି । ଏଣୁ ସେମାନେ ଯେତେବେଳେ ଘରଠାରୁ ବାହାରେ ଥାଆନ୍ତି ତାଙ୍କର କିଛି ଅସୁବିଧା ନ ଥାଏ । କାରଣ ତାଙ୍କ ସେଠି କେହି କାମ ବରାଦ କରିବାକୁ ଅବା ଦୋଷ କାଢିବାକୁ ନ ଥାନ୍ତି । ଶାଶୁଶ୍ୱଶୁରଙ୍କ ପାଖରେ ରହିଲେ ଯେ ଅନେକ କିଛି ତ୍ୟାଗ କରିବାକୁ ପଡେ ସେ କଥା ଆଜିକାଲିକାର କେବଳ ବୋହୂ ନୁହେଁ ପୁଅମାନେ ମଧ୍ୟ ଭୁଲି ଯାଉଛନ୍ତି । ଆପଣଙ୍କ ପରିବାରରେ ଯେଉଁ ପରିସ୍ଥିତି ହେଇଛି ସେଥିପାଇଁ ଆମେ କାହାକୁ ଦୋଷ ଦେଇ ପାରିବା ନାହିଁ । ମୁଁ ଆପଣଙ୍କ ପାଖର ଏକତରଫା ଶଣି ସଠିକ ବିଚାର କରିପାରିବି ନାହିଁ । ଆପଣଙ୍କର ଶାଶଙ୍କର ମତ ଅନ୍ୟ ପ୍ରକାର ହେଇପାରେ ସେହିପରି ଆପଣଙ୍କର ସ୍ତ୍ରୀଙ୍କର ମଧ୍ୟ ନିଜସ୍ୱ ମତ ରହିଥିବ । ଏଣୁ ଆପଣ ଏଠାରେ କାହାର ଭୁଲ୍ ନ କାଢି ନିରପେକ୍ଷ ଭାବରେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ନିଅନ୍ତୁ । ଶାଶୁବୋହୂ ଦୁଇଜଣଯାକ ଯଦି ନିଜ ଜିଦ୍‌ରେ ଅଟଳ ରହିବେ ତେବେ ଘର ଭାଙ୍ଗିବା ନିଶ୍ଚିତ । ଏଣୁ ଆପଣ କିଛି ଦିନ ପାଇଁ କାହାକୁ କିଛି ନ କହି ନିରବ ରୁହନ୍ତୁ । ଆପଣ ଦୁହେଁ ଯେତେବେଳେ ବାହାରେ ଥିଲେ ସବୁ ଠିକଠାକ ଥିଲା । କୋଭିଡ ଯୋଗୁଁ ଆପଣଙ୍କୁ ଘରକୁ ଆସିବାକୁ ପଡିଲା । ଏଣୁ ଧୈର୍ଯ୍ୟ ଧରନ୍ତୁ । ପରିସ୍ଥିତି ଠିକ ହେଲେ ଆପଣ ପୁଣି ନିଜର କର୍ମସ୍ଥଳୀକୁ ଚାଲିଯିବେ । ହୁଏତ ସେତେବେଳେ ଆପଣଙ୍କ ସ୍ତ୍ରୀଙ୍କର ମନୋଭାବ ପରିବର୍ତ୍ତନ ହେଇପାରେ । ଏ ବିଷୟରେ ଆପଣ ଦୟାକରି ବାହାର ଲୋକଙ୍କ ସହିତ ଆଲୋଚନା କରନ୍ତୁ ନାହିଁ କିମ୍ବା ନିଜେ ମାନସିକ ସ୍ତରରେ ଭାଙ୍ଗି ପଡନ୍ତୁ ନାହିଁ ।

### ସମସ୍ୟା: ୨

ମୁଁ ଜଣେ ମଧ୍ୟବିତ୍ତ ପରିବାରର ଗୃହିଣୀ । ମୋର ବୟସ ଏବେ ୬୧ ବର୍ଷ । ୧୫ ବର୍ଷ ତଳୁ ମୋର ସ୍ୱାମୀଙ୍କର ଦେହାନ୍ତ ହେଇଯାଇଛି । ତାହାପରେ ତାଙ୍କ ଅଫିସ୍‌ରେ ମୋତେ ଏକ ଅନୁକମ୍ପା ମୂଳକ ଚାକିରିଟିଏ ମିଳିଥିଲା । ସେହି ଚାକିରିରୁ ମୁଁ ଗତବର୍ଷ ଅବସର ନେଇଛି । ମୋର ଦୁଇପୁଅ ଓ ଗୋଟିଏ ଝିଅ । ସମସ୍ତଙ୍କର ବାହାଘର ସରିଯାଇଛି । ଏବଂ ସମସ୍ତେ ଚାକିରି କରି ରୋଜଗାରକ୍ଷମ ମଧ୍ୟ ହେଇ ସାରିଛନ୍ତି । ମୋର ବଡପୁଅ ଦିଲ୍ଲୀରେ, ସାନପୁଅ ବାଙ୍ଗାଲୋରରେ ଓ ଝିଅ ଆମେରିକାରେ । ଏବେ ମୁଁ ଏକୁଟିଆ ଭୁବନେଶ୍ୱରରେ ନିଜ ଘରେ ରହୁଛି । ବୟସ ବଢିବା ସହିତ ସ୍ୱାସ୍ଥ୍ୟ ଭଲ ରହୁନାହିଁ । ଏପରିକି ଏକୁଟିଆ ରହୁଥିବାରୁ ବେଳେବେଳେ ମୋର ମାନସିକ ବିଷାଦ ମଧ୍ୟ ବଢି ଯାଉଛି । ବନ୍ଧୁବାନ୍ଧବମାନେ ସମସ୍ତେ ନିଜ ନିଜ ସଂସାରରେ ବ୍ୟସ୍ତ । ଠିକ୍ ସେହିପରି ପୁଅବୋହୁ ଓ ଝିଅଜ୍ୱାଇଁ ମଧ୍ୟ ନିଜ ନିଜ ପରିବାର ତଥା ଚାକିରି ଓ ଘରସଂସାରରେ ବ୍ୟସ୍ତ । ସେମାନେ ସମସ୍ତେ କାମରେ ଏତେ ବ୍ୟସ୍ତ ଯେ କାହାରି ସହିତ କେବେହେଲେ ମନଖୋଲି କଥା ହେବାର ସୁଯୋଗ ମଧ୍ୟ

ଜୀବନଜ୍ୟୋତି ନାୟକଙ୍କ ହସଖୁସିର ପରିବାର



ନାହିଁ । ଏପରିକି ମୋ ପାଖକୁ ବର୍ଷକୁ ଥରେ ଆସିବା ମଧ୍ୟ ଅନେକ ସମୟରେ ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ । ସେମାନଙ୍କ ପାଖକୁ ଗଲେ ସେଠାରେ ବେଶି ସମୟ ରହିବାକୁ ବି ମୋତେ ଭଲ ଲାଗୁନି । ପୁଅବୋହୂ ଉଭୟ ଚାକିରି କରୁଥିବାରୁ ସେମାନଙ୍କର ଜୀବନଶୈଳୀ ଭିନ୍ନ ଧରଣର । ତଥାପି ବେଳେବେଳେ ସେମାନେ ନିଜ ତରଫରୁ ହିଁ ମୋତେ କହୁଛନ୍ତି ତାଙ୍କ ପାଖରେ ରହିବାକୁ । ତାଙ୍କ ମତରେ ମୁଁ ଏଠାରେ ଏକୁଟିଆ ରହିବା ପରିବର୍ତ୍ତେ ସେମାନଙ୍କ ପାଖରେ ରହିଲେ ଭଲ ହେବ । କିନ୍ତୁ ମୁଁ ସେଇ କଥାରେ ନିଜକୁ ଠିକ୍ ଭାବରେ ବୁଝାଇ ପାରୁନାହିଁ । ଏଭଳି ପରିସ୍ଥିତିରେ ମୋର କେବଳ ମାନସିକ ଯନ୍ତ୍ରଣା ଭୋଗିବା ହିଁ ସାର ହେଉଛି । ଆପଣଙ୍କ ବିଷୟରେ 'ରେବତୀ'ରୁ ଜାଣିବାକୁ ପାଇଲି । ଏବେ ମୁଁ କଣ କରିଲେ ଠିକ୍ ହେବ ଓ ମୁଁ ମାନସିକ ଶାନ୍ତି ପାଇ ଆନନ୍ଦରେ ରହିପାରିବି ସେ ବିଷୟରେ ଟିକେ ପରାମର୍ଶ ଦିଅନ୍ତୁ ।

**ଆରୋହୀ ମହାନ୍ତି,** ଭୁବନେଶ୍ୱର

**ସମାଧାନର ସୂତ୍ର:**

ଆଜିକାଲିକାର ସମାଜରେ ଅଧିକାଂଶ ପରିବାରରେ ଏହିଭଳି ଅବସ୍ଥା ରହିଛି । ପିଲାମାନେ ପାଠପଢ଼ି ବଡ ହେଇ ଚାକିରି କଲାପରେ ନିଜକୁ ରୋଜଗାରକ୍ଷମ କରିବା ପାଇଁ ରାଜ୍ୟ ବାହାରକୁ ଅବା ଦେଶ ବାହାରକୁ ଚାଲି ଯାଉଛନ୍ତି । ନିଜର ଭବିଷ୍ୟତର ସୁରକ୍ଷା ପାଇଁ ଅନେକ ସେଠାରେ ସ୍ଥାୟୀ ଭାବରେ ରହିଯାଉଛନ୍ତି । ସେମାନଙ୍କ ଜନ୍ମମାଟିରେ କେବଳ ବାପାମାଆ ହିଁ ରହୁଛନ୍ତି । ଅନେକ ପରିବାରରେ ବାପାମାଆଙ୍କର ବୟସ ଅଧିକ ହେବା ପରେ ସେମାନେ ବିଭିନ୍ନ ପ୍ରକାରର ରୋଗ ଓ ଶାରିରୀକ ଯନ୍ତ୍ରଣାରେ ପୀଡିତ ହେଉଛନ୍ତି । କିନ୍ତୁ ପିଲାମାନେ ପାଖରେ ନାହାନ୍ତି ତାଙ୍କର ସେବା କରିବାକୁ । ଦୂରରେ ରହୁଥିବା ପିଲାମାନେ କେବଳ ସେମାନଙ୍କର ଚକିତ୍ସା ପାଇଁ କିଛି ଟଙ୍କା ପଠାଇ ଦେବାଛଡା ଆଉ କିଛି ହେଲେ କରିପାରୁ ନାହାନ୍ତି । ଚେଷ୍ଟା କରି ମଧ୍ୟ ବାପାମାଆଙ୍କ ପାଖକୁ ନିଜେ ଆସି ପାରୁନାହାନ୍ତି । ଅନେକ ସମୟରେ ଏପରି ଅବସ୍ଥା ହେଉଛି ଯେ ବାପାମାଆଙ୍କର ଦେହାନ୍ତ ସମୟରେ ମଧ୍ୟ ସେମାନେ ଆସି ପାରୁନାହାନ୍ତି । ତେଣୁ ବାଧ୍ୟ ହେଇ ବନ୍ଧୁବାନ୍ଧବମାନଙ୍କୁ ହିଁ ଶୁଦ୍ଧିକ୍ରିୟା କରିବାକୁ ହେଉଛି । ଏହା ଅତି ଦୁଃଖଦାୟକ ହେଲେ ବି ଆଜିକା ସମାଜରେ ଏହା ବେଶି ପରିମାଣରେ ଘଟୁଥିବାର ଦେଖା ଯାଉଛି । ଆପଣଙ୍କର ସ୍ୱାମୀଙ୍କର ଦେହାନ୍ତ ହେଇ ଯାଇଥିବା ଯୋଗୁଁ ଆପଣ ମାନସିକ ସ୍ତରରେ ସବୁବେଳେ ଅଧିକ ଯନ୍ତ୍ରଣା ଅନୁଭବ କରୁଛନ୍ତି ଓ ନିଜକୁ ଏକୁଟିଆ ମନେ କରୁଛନ୍ତି । କିନ୍ତୁ ଆପଣ ନିଜକୁ ଆଉ ଏକୁଟିଆ ଭାବି ମନଦୁଃଖ କରନ୍ତୁ ନାହିଁ । ବରଂ ନିଜକୁ ବିଭିନ୍ନ ପ୍ରକାରର ସାମାଜିକ ସେବା ତଥା ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ମାନସିକ ଶାନ୍ତି ପାଆନ୍ତୁ । ଏହି ସବୁ କାମ ଦ୍ୱାରା ଆପଣ ବହୁତ ଲୋକଙ୍କୁ ନିଜର କରିପାରିବେ । ଏବଂ ସେହିମାନେ ହିଁ ଆପଣଙ୍କର ସୁଖଦୁଃଖ ସମୟରେ ସାହାରା ହେବେ । କଥାରେ ଅଛି ମାନବ ସେବା ହିଁ ମାଧବ ସେବା । ତାହା ହିଁ ଆପଣ ମନରେ ରଖି ସେହିପରି ସାମାଜିକ ସେବା କାମରେ ଲାଗି ପଡନ୍ତୁ । ଆଶା କରୁଛି ନିଶ୍ଚୟ ମାନସିକ ଶାନ୍ତି ପାଇବା ସହିତ ଆନନ୍ଦ ଅନୁଭବ କରିବେ ।

ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ହସଖୁସିର ପରିବାର



## ସମସ୍ୟା: ୩

ମୁଁ ଜଣେ ଯୁବ ବ୍ୟବସାୟୀ । ବୟସ ମୋର ୩୫ ବର୍ଷ । ଆମ ନିଜ ଘର କଟକ ଜିଲ୍ଲାର ଆଠଗଡ ପାଖରେ । ବାପା ସମ୍ବଲପୁରରେ ଚାକିରି କରିଥିବାରୁ ଆମେ ସେହିଠାରେ ଜନ୍ମ ହୋଇ ବଡ ହୋଇଛୁ । ବାପା ଚାକିରିରୁ ଅବସର ନେବା ପରେ ଏବେ ସ୍ଥାୟୀ ଭାବରେ ସମ୍ବଲପୁରରେ ରହୁଛନ୍ତି । ଆମ ପରିବାରରେ ବାପାମାଆ, ମୁଁ ଓ ମୋର ଗୋଟିଏ ଭଉଣୀ । ମୋ ଭଉଣୀ ନିଜେ ଜଣେ ଇଞ୍ଜିନିୟର । ଏବେ ସେ ବାହାହୋଇ ବାଙ୍ଗାଲୋରରେ ଚାକିରି କରୁଛି । ମୁଁ ଏମ.ବି.ଏ ପାସ କରିବା ପରେ ବ୍ୟବସାୟ ଆରମ୍ଭ କରିଲି । ପାଠ ପଢିଲାବେଳେ ମୁଁ ବ୍ୟବସାୟ କରିବି ବୋଲି ମୋର ସ୍ୱପ୍ନ ଥିଲା । ମୋର ବ୍ୟବସାୟର ମୁଖ୍ୟ ଅଫିସ ରାଉରକେଲାରେ । ଏହାର ଶାଖା ଅଫିସ ଓଡିଶାର ଭୁବନେଶ୍ୱର, ସମ୍ବଲପୁର ଓ ବରହମ୍ପୁରରେ ମଧ୍ୟ ରହିଛି । ବ୍ୟବସାୟ ମୋର ଏବେ ବହୁତ ଭଲରେ ଚାଲିଛି । ସେଥିପାଇଁ ମୋ ମନରେ କୌଣସି ବ୍ୟସ୍ତତା ନାହିଁ । ମୁଁ ବ୍ୟବସାୟ କଲାବେଳେ ରାଉରକେଲାର ଏକ ବ୍ୟବସାୟୀ ପରିବାରର ଝିଅକୁ ଭଲପାଇଲି । ସେ ମୋଠାରୁ ବୟସରେ ତିନି ବର୍ଷ ସାନ । ସେ ମଧ୍ୟ ଏମ.ବି.ଏ ପାସ କରି ଚାକିରି କରୁଥିଲା । ଦୁହେଁ ପରସ୍ପରକୁ ଭଲପାଇ ବିବାହ କରିବା ପାଇଁ ସ୍ଥିର କରିଲୁ । ଗତ ଦୁଇବର୍ଷ ତଳେ ଆମର ବାହାଘର ହେଲା । ସେତେବେଳେ ମୋର ବୟସ ୩୩ବର୍ଷ ଥିଲା । ବିଭାଘର ସରିବାର ମାତ୍ର ଛଅମାସ ପରେ ହିଁ ଆମ ଦୁଇଜଣଙ୍କ ମଧ୍ୟରେ ମତାନ୍ତର ହେଲା । ସେହି ମତାନ୍ତର ଏତେ ବଢିଗଲା ଯେ ସେ ଏବେ ପ୍ରାୟ ଏକ ବର୍ଷ ହେବ ନିଜ ବାପାଘରେ ରହୁଛନ୍ତି । ସେ ଏକ ପ୍ରାଇଭେଟ କଂପାନିରେ ମାନବ ସମ୍ବଳ ବିଭାଗରେ ଚାକିରି କରୁଛନ୍ତି । ସେଇଟା ହିଁ ତାଙ୍କ ଜୀବନର ପ୍ରଥମ ଚାକିରି । ମୁଁ ତାଙ୍କୁ କହିଲି ଚାକିରି ଛାଡି ଆମ ବ୍ୟବସାୟର ଦାୟିତ୍ୱ ନେବା ପାଇଁ । ଫଳରେ ଆମେ ନିଜ ବ୍ୟବସାୟକୁ ଆହୁରି ଆଗକୁ ବଢାଇ ପାରିବା । କିନ୍ତୁ ସେ ମନାକଲେ କାରଣ ତାଙ୍କ ମତରେ ଏପରି କରିବା ଆଦୌ ଉଚିତ ନୁହେଁ । ଆଉ ସେ ନିଜେ ଚାକିରି କରୁଥିବା କମ୍ପାନିର ମାଲିକଙ୍କୁ ଧୋକା ଦେଇ ପାରିବେ ନାହିଁ ବୋଲି ମଧ୍ୟ କହିଲେ । ଏହି ଘଟଣାରୁ ଆମ ଦୁଇଜଣଙ୍କ ଭିତରେ ମତଭେଦ ଆରମ୍ଭ ହୋଇ ଧୀରେ ଧୀରେ ଏହା ବଢିବାରେ ଲାଗିଲା । ଏବେ ତାଙ୍କ ପରିବାର ଲୋକମାନେ ଆମ ଦୁହିଁଙ୍କୁ ପରସ୍ପରଠାରୁ ଛାଡପତ୍ର ନେବା ପାଇଁ ପରାମର୍ଶ ଦେଉଛନ୍ତି । ମୁଁ କିନ୍ତୁ ଏଥିପାଇଁ ଆଦୌ ରାଜି ନୁହେଁ । ମୁଁ କିନ୍ତୁ ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝିବାକୁ ପ୍ରସ୍ତୁତ ନୁହନ୍ତି । ତାଙ୍କ କମ୍ପାନିର ମାଲିକଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ଅଛି ବୋଲି ମଧ୍ୟ ମୁଁ ବାହାରୁ ଅନେକ ଲୋକଙ୍କ ପାଖରୁ ଶୁଣିବାକୁ ପାଉଛି । ବାହାଘର ପୂର୍ବରୁ ବି ସେ ସେଠାରେ କାମ କରୁଥିଲେ । ଏହିପରି ପରିସ୍ଥିତିରେ ମୁଁ କଣ କରିବି ଜାଣିପାରୁନି । ଏହାର ପ୍ରଭାବ ମୋର ବ୍ୟବସାୟ ଉପରେ ମଧ୍ୟ କିଛି ମାତ୍ରାରେ ପଡୁଛି । ଘରେ ବାପା ଓ ମାଆ ବି ମୋର ଏହି ସମସ୍ୟା ପାଇଁ ବହୁତ ଚିନ୍ତିତ ଅଛନ୍ତି । ଆପଣଙ୍କର ପରାମର୍ଶ ପାଇଲେ ଖୁସି ହେବି ।

**ନଳିନୀକାନ୍ତ ଜେନା**, ରାଉରକେଲା

### ସମାଧାନର ସୂତ୍ର

ଆପଣ ଯାହା ସବୁ ଲେଖିଛନ୍ତି ତାହା ଏକ ଜଟିଳ ସମସ୍ୟା ନୁହେଁ । କେବଳ ଯାହା ଆପଣ ଦୁଇଜଣଯାକ ନିଜ ନିଜ ଜିଦରେ ଅଟଳ ଅଛନ୍ତି । ଆପଣ ଚାହୁଁଛନ୍ତି ସେ ତାଙ୍କ ଚାକିରି ଛାଡି ଆପଣଙ୍କର ବ୍ୟବସାୟରେ ଯୋଗ ଦିଅନ୍ତୁ । କିନ୍ତୁ ସେ ତାଙ୍କର ଚାକିରି ଛାଡିବାକୁ ପ୍ରସ୍ତୁତ ନୁହନ୍ତି । ଏହାଛଡା ଆପଣ ଦୁଇଜଣଙ୍କ ଭିତରେ ଆଉ କୌଣସି ପ୍ରକାରର ମନୋମାଳିନ୍ୟ ନାହିଁ । ଆପଣ ଏତେ ବୁଝାଇଲା ପରେ ମଧ୍ୟ ସେ ଯଦି ବୁଝୁନାହାନ୍ତି ତେବେ ଆପଣ ଆପଣଙ୍କର ଜିଦରୁ ଓହରି ଆସନ୍ତୁ । ଜୀବନରେ ସଫଳତା ପାଇବାକୁ ହେଲେ ଆମକୁ ଅନେକ କିଛି ତ୍ୟାଗ କରିବାକୁ ପଡେ । ପ୍ରତ୍ୟେକ ମଣିଷ ନିଜ ଜୀବନକୁ ନିଜ ଦୃଷ୍ଟିରେ ଦେଖିବାକୁ ଭଲ ପାଆନ୍ତି । ଏଣୁ ସେ ଯଦି ସେହି ଅଫିସରେ କାମକରି ଆନନ୍ଦ ପାଉଛନ୍ତି ଆପଣ ତାଙ୍କୁ ଚାକିରି ଛାଡିବା ପାଇଁ ବାଧ୍ୟ କରନ୍ତୁ ନାହିଁ । ଏବେଯାଏ ଆପଣ ହିଁ ଆପଣଙ୍କର ବ୍ୟବସାୟ ବୁଝି ଆସିଛନ୍ତି । ସେଥିରେ ଆପଣ ଆହୁରି ନିଷ୍ଠାର ସହିତ କାମ କରିଲେ ତାହାର ଅଧିକରୁ ଅଧିକ ଉନ୍ନତି ହେବ ଏବଂ ଆପଣଙ୍କ ସହିତ ଅନୁଷ୍ଠାନ ଓ ବ୍ୟବସାୟର ମଧ୍ୟ ବିକାଶ ହେବ । ଫଳରେ ସେ ତାଙ୍କ କାର୍ଯ୍ୟରେ ଖୁସିରେ ରହିବା ସହିତ ଆପଣ ଆପଣଙ୍କର କାର୍ଯ୍ୟରେ ଖୁସିରେ ରହିବେ । ତାଙ୍କ କମ୍ପାନିର ମାଲିକଙ୍କ ସହିତ ତାଙ୍କର ଆନ୍ତରିକ ସଂପର୍କ ବିଷୟରେ ଆପଣ ଯାହା ବାହାର ଲୋକଙ୍କ ପାଖରୁ ଶୁଣୁଛନ୍ତି ସେ ସବୁକୁ ମୁଣ୍ଡରେ ପୂରାନ୍ତୁ ନାହିଁ । ଯଦି ବି ତାହା ସତ ହେଇଥାଏ ଆପଣ ତାହାର କିଛି ପ୍ରତିକାର କରିପାରିବେ ନାହିଁ । ଏଣୁ ଅଯଥା କଥାକୁ ମୁଣ୍ଡରେ ପୂରାନ୍ତୁ ନାହିଁ । ତଥାପି ଯଦି ଏ ସବୁରେ ଆପଣ ବିଚଳିତ ତେବେ ସେମାନଙ୍କ ଘରର ପରାମର୍ଶ ଅନୁଯାୟୀ ଆପଣ ଛାଡପତ୍ର ନେଇ ଯାଆନ୍ତୁ ଓ ଉଭୟ ଶାନ୍ତିରେ ରୁହନ୍ତୁ । ଏତିକି କଥା ମନେ ରଖନ୍ତୁ ଯେ ଏହା ଆପଣଙ୍କର ଜୀବନ । ତେଣୁ ଏହାର ଠିକ ସିଦ୍ଧାନ୍ତ ଆପଣଙ୍କୁ ହିଁ ନେବାକୁ ହେବ ।



▼ଟେକ୍‌ଚାନ୍ଦ ଦୁଆନଙ୍କ ହସଖୁସିର

# ଜନଜାତି ରାନ୍ଧଣା



# ଆଦିବାସୀଙ୍କ ରେସିପି




**ଗୀତାମଣି ସିଂ**

ୱାର୍ଡ଼ ନଂ-୨୩, ତୁଳସୀଚଉରା, ତକତପୁର,
ବାରିପଦା-୭୫୭୦୦୨,
ଫୋନ:୯୪୩୭୫୩୦୧୪୫




## ପାଳଙ୍ଗ ରାଇ

**ଆବଶ୍ୟକ ସାମଗ୍ରୀ :** ପାଳଙ୍ଗ ଫୁଲ ୧ଗିନା, ଛୋଟ ଛୋଟ କଟା ହୋଇଥିବା ଆଳୁ ୧ଟା, ମୂଳା ୧ଟା, ବାଇଗଣ ୧ଟା, ଖମ୍ବ ଆଳୁ କଟା ଅଧାଗିନା, ୧ଟା ପିଆଜ ବଟା, ଅଧ ଚାମଚ ଅଦାବଟା, ଅଧ ଚାମଚ ରଶୁଣବଟା, ଅଧ ଚାମଚ ଲଙ୍କା, ୧ ଚାମଚ ସୋରିଷ, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀ ଗୁଣ୍ଡ ୧ଚାମଚ ଫୁଟଣ, ଲାଲ୍ ଲଙ୍କା, ସୋରିଷ ତେଲ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇ ଗରମ କରି ଟିକିଏ ତେଲ ପକାଇ ପାଳଙ୍ଗ ଫୁଲକୁ ହାଲକା ଭାଜି ଅଲଗାରେ କାଢ଼ି ରଖନ୍ତୁ । ବର୍ତ୍ତମାନ କଡ଼େଇ ଆଉ ବାକି ତେଲ ପକାଇ ହେଇଗଲା ପରେ କଟା ପିଆଜ ପକାନ୍ତୁ । ପିଆଜ ଲାଲ ହେବା ପରେ ସମସ୍ତ ବଟା ମସଲାକୁ ପକାଇ ଭଲ ଭାବରେ କଷନ୍ତୁ । ମସଲା କଷି ହୋଇଗଲେ ସମସ୍ତ ପରିବାକୁ ପକାଇ କିଛି ସମୟ ପରେ ଅଧା କପ୍ ପାଣି ଦିଅନ୍ତୁ । ପରିବା ସିଝିଗଲେ କଟା ଟମାଟୋ ପକାଇ ଗୋଳାନ୍ତୁ । ଶେଷରେ ଭଜା ପାଳଙ୍ଗ ଫୁଲକୁ ପକାଇ ଗୋଳାନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ପାଳଙ୍ଗ ଫୁଲ ରାଇ । ଏହାକୁ ଗରମ ଗରମ ଭାତ, ରୁଟି ସହିତ ଖାଇ ପାରିବେ ।



## ମୁଁଇ ଆଳା ଉତୁ (ମୁଠି ଶାଗ ତରକାରୀ)

**ଆବଶ୍ୟକ ସାମଗ୍ରୀ :** ଗୋଟେ ଗିନା କଟା ହୋଇଥିବା ମୁଠି ଶାଗ, ୧ଟା ଛୋଟ ଆଳୁ ସରୁ ସରୁ କଟା ହୋଇଥିବା, ୧ଟା ଟମାଟୋ କଟା, କଟା ପିଆଜ, ଫୁଟଣ, ଲାଲ୍ ଲଙ୍କା ୩ଟା, ଅଧ ଚାମଚ ସୋରିଷ ବଟା, ବଟା ଲୁଣ, ଲୁଣ ସ୍ୱାଦ ଅନୁଯାୟୀ, ହଳଦୀଗୁଣ୍ଡ ୧ଚାମଚ, ସୋରିଷ ତେଲ ୧ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇ ଗରମ କରି ତେଲ ଚାମୁଚେ ପକାଇ ଫୁଟଣ ଲାଲ୍ ଲଙ୍କା ପକାଇ ପିଆଜ ପକାନ୍ତୁ । ଲାଲ୍ ହେବା ଯାଏଁ ଭାଜନ୍ତୁ । ସୋରିଷ ଖଟା ପକାଇ କଟା ଆଳୁକୁ ପକାଇ କଷି ନିଅନ୍ତୁ, ତାପରେ ଟମାଟୋକୁ ପକାଇ କଷନ୍ତୁ । ସିଝିଗଲା ପରେ ମୁଠି ଶାଗ ପକାନ୍ତୁ, ଲୁଣ ହଳଦୀ ଗୁଣ୍ଡ ପକାଇ ଟିକେ ଘାଣ୍ଟି ଓହ୍ଲାଇ ଦିଅନ୍ତୁ । ଏହାକୁ ଗରମ ଗରମ ରୁଟି, ଭାତ ସହିତ ପରଷନ୍ତୁ ।

## ଶୁକୁ ଦୁଲ୍ ଲାଦ(ଲାଉ ଚକୁଳି)

**ଆବଶ୍ୟକ ସାମଗ୍ରୀ :** ୨ ଗିନା ଚାଉଳ, ଚୁନା, ୧ଗିନା ଫୁଟା ପାଣି, ଚୁନା ଚୁନା କଟା ହୋଇଥିବା ଲାଉ ୨୫୦ଗ୍ରାମ, ୧ଟି ପିଆଜ କଟା, ଧନିଆପତ୍ର କଟା କିଛି, କଟା କଂଚାଲଙ୍କା କିଛି, ରଶୁଣ ଅଦା ବଟା ୧ଚାମଚ, ହଳଦୀ ୧ଚାମଚ, ତେଲ, ଲୁଣ ସ୍ୱାଦ ଅନୁଯାୟୀ ହଳଦୀଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ସର୍ବପ୍ରଥମେ ଉଷୁମ ଫୁଟା ପାଣିରେ ୧ଚାମଚ ଲୁଣ ଓ ଚାଉଳ ଚୁନାକୁ ଭଲ ଭାବରେ ଗୋଳାନ୍ତୁ, ଯେପରି କିଛି ବି ଚୁନା ଟେଳା ନରହୁ । ପ୍ରାୟ ଅଧା ଘଣ୍ଟା ଏହାକୁ ଘୋଡ଼ାଇ ରଖନ୍ତୁ । ଲାଉକୁ ଲୁଣ ହଳଦୀ ଅଳ୍ପ ପାଣି ଦେଇ ସିଝାଇ ରଖନ୍ତୁ । ବର୍ତ୍ତମାନ କଡ଼େଇରେ ତେଲ ଗରମ କରି କଟା ପିଆଜ ପକାନ୍ତୁ, ପିଆଜ ଭାଜି ହୋଇଗଲେ ବଟା ରଶୁଣ, ଅଦା ଓ କଟା ଲଙ୍କା, ହଳଦୀଗୁଣ୍ଡ ପକାଇ କଷି ନିଅନ୍ତୁ । ମସଲା କଷି ହୋଇଗଲା ପରେ ଲାଉ ପକାଇ ଗୋଳାନ୍ତୁ । ଲାଉକୁ ଭଲ ଭାବରେ ଚକଟି ଗୁଣ୍ଡ କରନ୍ତୁ । ଏବେ ଏ ଲାଉ ଚକଟାକୁ ଚୁନା ସହିତ ଭଲ ଭାବରେ ମିଶାନ୍ତୁ । ୧୦/୧୫ ମିନିଟ୍ ପରେ ତାୱାରେ ତେଲ ଦେଇ ଗୋଟିଏ ଗୋଟିଏ ଚକୁଳି ପିଠା ବନାନ୍ତୁ ଓ ଗରମ ଗରମ ଖାଆନ୍ତୁ ।



## ହୁଣ୍ଡିଗ୍ ହାଇ ପତୁଆ (ଚୁନା ମାଛ ପତୁଆ)

**ଆବଶ୍ୟକ ସାମଗ୍ରୀ:** ମିଶାମିଶି ଚୁନା ମାଛ ୨୦୦ଗ୍ରାମ, ୧ବଡ଼ ଟମାଟୋ (ଚୁନା ଚୁନା) କଟା, ଗୋଟା ଲଙ୍କା ୪ଟା, କଟା ରଶୁଣ ୫କୋଳା, ଅଦା ବଟା ଅଧ ଚାମଚ, ରଶୁଣ ବଟା ଅଧ ଚାମଚ, ଜୀରା, ସୋରିଷ ଲାଲ ଲଙ୍କା ବଟା୧ ଚାମଚ, ଗୋଟିଏ ବଡ଼ ପିଆଜ କଟା, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀ ଗୁଣ୍ଡ ୧ଚାମଚ, ଧନିଆପତ୍ର କଟା କିଛି, ସୋରିଷ ତେଲ ୨ ଚାମଚ, କଂଚା ଶାଳପତ୍ରର କଲି ୪ଟା, ଆବଶ୍ୟକ ସ୍ଥଳେ କଦଳୀ ପତ୍ର, କଖାରୁ ପତ୍ରର ବ୍ୟବହାର କରିପାରିବେ ।

**ପ୍ରସ୍ତୁତି ପ୍ରଣାଳୀ:** ଦୁଇଟି ଶାଳ ଖଲିପତ୍ରକୁ ଗୋଟିଏ ଉପରେ ଗୋଟିଏ ରଖି ଉପର ପତ୍ରରେ ଚାମୁଚେ ତେଲ ଭଲ ଭାବରେ ଲଗାଇ ଦିଅନ୍ତୁ । ନୂଆ ହୋଇଥିବା ମାଛକୁ ପତ୍ର ଉପରେ ରଖି ହଳଦୀ, ଗୋଟା କଂଚା ଲଙ୍କା, କଟା ପିଆଜ, କଟା ଧନିଆପତ୍ର କଟା ରଶୁଣ, କଟା ଟମାଟୋ, ଲଙ୍କା, ଅଦା, ରଶୁଣ ଜିରା ସୋରିଷ ବଟା, ୧ଚାମଚ ସୋରିଷ ତେଲ ଓ ଆବଶ୍ୟକ ଅନୁଯାୟୀ ଲୁଣଦେଇ ଭଲ ଭାବରେ ମିଶାନ୍ତୁ । ତା ଉପରେ ଆଉ ଦୁଇଟି ଶାଳ ପତ୍ର ଖଲି ଚାରିପାଖକୁ ଖଡ଼ିକାରେ ସିଲେଇ କରି ବନ୍ଦ କରି ଦିଅନ୍ତୁ । ଏବେ ହିଁ ପତ୍ରକୁ ତାୱା ରସ କରି ଚୁଲା ଉପରେ ଧିମା ଆଞ୍ଚରେ ବସାନ୍ତୁ । ଏହା ଉପରେ ଘୋଡ଼ଣି ଦେଇ ପାରନ୍ତି । ପତ୍ର ପୋଡ଼ିଗଲେ ପତୁଆକୁ ଓଲାଇ ଦିଅନ୍ତୁ । ଦୁଇପଟ ପତ୍ରପୋଡ଼ିଗଲେ ଜାଣିବେ ପଛୁଆ ହୋଇଯାଇଛି । ଗରମ ଗରମ ଏହାକୁ ପଖାଳ ଭାତ ଗରମ ସହିତ ପରିବେଷଣ କରାଯାଇପାରେ ।



# ସର୍ଜନଶୀଳତା ଓ ସରୋଗେସି


ଲେଖକଟିଏ ସବୁବେଳେ ଯେ ସର୍ଜନକ୍ଷମ ରହିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ତା'ଛଡ଼ା ଜଣେ ଅଣ-ସର୍ଜନକ୍ଷମ ବ୍ୟକ୍ତିର ଯେ ଲେଖାଲେଖିର ଇଚ୍ଛା ରହିବ ନାହିଁ, ଏକଥା ମଧ୍ୟ କହିହେବ ନାହିଁ। ବହୁ ସମୟରେ ଆମେ ଦେଖୁ, ଅନେକଙ୍କ ଭିତରେ ସୃଜନଶୀଳତା ନଥାଏ, କିନ୍ତୁ ସେମାନେ କିଛି ନା କିଛି ଲେଖିବାର ଝୁଙ୍କରେ ଥାଆନ୍ତି। ସେମାନଙ୍କ ମଧ୍ୟରେ ଏକ ସଂଗୋପିତ ଇଚ୍ଛା ବସା ବାନ୍ଧି ରହିଥାଏ। ତାହା ହେଲା ପ୍ରକୃତିଦତ୍ତ ପ୍ରତିଭା ବଳରେ ଲେଖାଲେଖି କରୁଥିବା ବ୍ୟକ୍ତି ବା ଲେଖକଙ୍କ ପରି ସେମାନେ ମଧ୍ୟ ଲେଖକ ଭାବେ ଖ୍ୟାତ ହେବେ। ଏ ପ୍ରକାର ଏକ ଇଚ୍ଛା ପୋଷଣ କରିବା ହୁଏତ କ୍ଷଣିକ ବ୍ୟାପାର। କିନ୍ତୁ ଇଚ୍ଛାକୁ ଫଳବତୀ କରାଇବା କ'ଣ ଏତେ ସହଜ! ସମସ୍ତଙ୍କ ପାଖରେ ସର୍ଜନଶକ୍ତି ଈଶ୍ୱର ଦେଇନଥାନ୍ତି। ଅନେକଙ୍କ ଭିତରୁ ବହୁ କମ୍ ବ୍ୟକ୍ତିଙ୍କ ଭିତରେ ଲେଖକୀୟ ପ୍ରତିଭା ବା ସର୍ଜନକ୍ଷମତା ଭଳି ଏକ ବିଶେଷ ଗୁଣ ଥାଏ। ତାହା ସମୟକ୍ରମେ ବିକଶିତ ହୁଏ ଏବଂ ଜଣକୁ ଲେଖକର ମର୍ଯ୍ୟାଦା ଦେବାରେ ସହାୟକ ହୁଏ। କିନ୍ତୁ ଜଣେ ଲେଖକଙ୍କୁ ଦେଖି ଆଉ ଜଣେ ସାଧାରଣ ଲୋକ ଲେଖକ ହେବାର ଲାଳସା ରଖିବା ଅସ୍ୱାଭାବିକ ଖାଲି ନୁହଁ, ଅପରିଣାମଦର୍ଶିତା ମଧ୍ୟ। କିନ୍ତୁ ସାହିତ୍ୟ ଓ ସର୍ଜନାର ବ୍ୟାପକ କ୍ଷେତ୍ରରେ ଏପରି ଘଟଣା ବିରଳ ନୁହେଁ।

କିଛିଦିନ ତଳେ ଜଣେ ଯୁବ ଲେଖକଙ୍କ ସହ କଥା ହେବା ବେଳେ ଏପରି ଏକ ବିଶ୍ୱାସ କରି ହେଉନଥିବା କଥା ଆବିଷ୍କାର କଲି। ସେ ଲେଖକ ଜଣକ କହିଲେ ଯେ, ଅର୍ଥାଭାବ ଯୋଗୁଁ ସେ ଜୀବନରେ ଥରେ ଦୁଇଥର ସରୋଗେଟ୍ ସ୍ରଷ୍ଟା ସାଜିଛନ୍ତି। ଅର୍ଥାତ୍ ସେ ତାଙ୍କର ମସ୍ତିଷ୍କ ଓ ଭାବନା ପ୍ରସୂତ ନିଜସ୍ୱ ଲେଖାଟିକୁ ଲେଖିଲେ ସତ, କିନ୍ତୁ ତା'ର ସ୍ରଷ୍ଟା ହେଲେ ଆଉ ଜଣେ। ଯିଏ ପ୍ରଚୁର ଅର୍ଥ (ଆଶାତୀତ) ବଦଳରେ ଲେଖାଟିକୁ ନିଜର ଲେଖା ବୋଲି କରାଇନେଲେ, ଏହା ସମ୍ପ୍ରତିରେ ହେଲା। ଏପରିକି ଗୋଟେ ଗୋଟେ ବହି ମଧ୍ୟ ଲେଖାହୁଏ ଏଇ ସରୋଗେସି ସର୍ଜନାର ପ୍ରକ୍ରିୟାରେ। ଯେଉଁ ଲେଖକଙ୍କ ନାମରେ ବହିଟି ବଜାର ସାରା ଘୂରିବୁଲେ, ଅସଲରେ ସେ କିନ୍ତୁ ବହିରେ ଥିବା ଲେଖାର ପ୍ରକୃତ ସ୍ରଷ୍ଟା ନୁହଁନ୍ତି। ଅର୍ଥ ବିନିମୟରେ ଆପୋଷ ବୁଝାମଣା କରି ପ୍ରକୃତ ଲେଖକ ପାଖରୁ ସେ ଲେଖାଗୁଡ଼ିକୁ ଲେଖାଇ ନେଇଥାନ୍ତି। ସରଳ କଥାରେ କହିଲେ, କିଛି ସମୟ ପାଇଁ ଜଣେ ଲେଖକର ମସ୍ତିଷ୍କଟିକୁ ଭଡ଼ାରେ ନେଇ ସେଇ ସମୟ ମଧ୍ୟରେ ଉତ୍ପନ୍ନ ଲେଖାଗୁଡ଼ିକ ନିଜ ପାଇଁ ଲେଖାଇ ନେବା। ଏହା ମୂଳ ଲେଖକର ସମ୍ମତିରେ ହେଉଥିବାରୁ, ଏଥିରେ ଜାଣିବାର ବା ଧରା ପଡ଼ିବାର କୌଣସି ଭୟ ନଥାଏ। କହିରଖେ, 'ସରୋଗେସି' ଟର୍ମଟି ଯଦିଓ ସର୍ଜନା ପାଇଁ ପ୍ରଯୁଜ୍ୟ ନୁହେଁ, ତଥାପି ଏଠାରେ ସେଇପରି ଏକ ଅର୍ଥପ୍ରଦାନ କରୁଥିବାରୁ ମୁଁ ବ୍ୟବହାର କରିଛି। କିଛିଦିନ ପୂର୍ବେ ଏହି ପୃଷ୍ଠାରେ ମୁଁ 'ଘୋଷ୍ଟ ରାଇଟର୍' ଶୀର୍ଷକରେ ଲେଖିଥିଲି। ସେ ଲେଖାଟିକୁ ପଢ଼ିବା ପରେ କେତେଜଣ କନ୍‌ଫେସନ୍ କରିଥିଲେ। ଆବଶ୍ୟକତା ଦୃଷ୍ଟିରୁ ଯେତେବେଳେ ସରୋଗେଟ୍ ମାଆ ହେଇ ପାରୁଛି ସେତେବେଳେ ସରୋଗେଟ୍ ସ୍ରଷ୍ଟା ହେବାରେ ବିଚିତ୍ରତା କ'ଣ ଅଛି? କିନ୍ତୁ ଏଥିରୁ ଗୋଟିଏ ପ୍ରଶ୍ନ ମୋତେ ବାରମ୍ବାର ଆଲୋଡ଼ିତ କରୁଛି ଯେ, ନିଜ ଲେଖାଟିକୁ ଅନ୍ୟ ଜଣକର ନାମରେ ଜଣେ ଦେଖିବ କିପରି? ନିଜକୁ କଷ୍ଟ ଲାଗିବନି?

ଧନୀକ ଶ୍ରେଣୀର ବ୍ୟକ୍ତି, ବଡ଼ବଡ଼ ପଦବୀଧାରୀ ମଣିଷମାନେ, କ୍ଷମତାସମ୍ପନ୍ନ ପ୍ରଶାସକଗଣ ବେଳେବେଳେ ଲେଖକ ହେବାର ଲୋଭ ରଖନ୍ତି। କିନ୍ତୁ ସେମାନଙ୍କ ପାଖରେ ଲେଖାଲେଖିର ପ୍ରତିଭାଟି ନଥାଏ। ସେତେବେଳେ ହିଁ ଏ ପ୍ରକାର ଏକ ଗୋପନୀୟ 'ଡିଲ୍'ହୁଏ। ପ୍ରଚୁର ଅର୍ଥ ବିନିମୟରେ ଅର୍ଥାଭାବରେ ଥିବା ଜଣେ ଟାଲେଣ୍ଟେଡ୍ ଲେଖକଙ୍କୁ ଠାବ କରାଯାଏ ଏବଂ ତାକୁ ଏଥିପାଇଁ ରାଜି କରାଯାଏ। ସ୍ୱତଃ ଅର୍ଥାଭାବ ଥିବାରୁ ସେ ବିଚରା ରାଜି ହୋଇଯାଏ। କିନ୍ତୁ ନୈତିକତା ଦୃଷ୍ଟିରୁ ଏହା କ'ଣ ଉଚିତ୍? ଏ ପ୍ରଶ୍ନ ନିଜକୁ ପଚାରିବା ଦରକାର। ଅନ୍ୟର ଲେଖାକୁ ନିଜର ଲେଖା ବୋଲି ଦେଖାଇ ଜଣେ କିଛିକ୍ଷଣ ପାଇଁ ଲେଖକ ବନିପାରେ ବା ସମାଜରେ ନିଜର ଏକ ଫମ୍ପା ଆସ୍ଥାନ ବନାଇ ପାରେ, କିନ୍ତୁ ଦୀର୍ଘସ୍ଥାୟୀ ଭାବରେ ଏହା ଅସମ୍ଭବ। ଦିନେନା ଦିନେ ତାଙ୍କର ସେ ଆସ୍ଥାନ ଭୁଷୁଡ଼ି ପଡ଼ିବା ଅବଶ୍ୟମ୍ଭାବୀ।

ଦେଶର ବଡ଼ବଡ଼ ମେଟ୍ରୋ ସହରରେ ଏପରି କାର୍ଯ୍ୟ ଚାଲିଥାଏ। କାହାକୁ ଜଣା ପଡ଼େନା। ଏପରିକି ଭୁବନେଶ୍ୱରରେ ମଧ୍ୟ ଏପରି ସରୋଗେଟ୍ ସ୍ରଷ୍ଟା ଅଛନ୍ତି, ଯେଉଁମାନେ ନିଜର ମସ୍ତିଷ୍କ ବା ଲେଖକୀୟ ପ୍ରତିଭାକୁ ଟଙ୍କା ବିନିମୟରେ ଭଡ଼ା ଦେଇଥାନ୍ତି। ଅର୍ଥାତ୍ ଅନ୍ୟଜଣେ ବ୍ୟକ୍ତିଙ୍କ ପାଇଁ ସେ ଲେଖିଥାନ୍ତି। ତା' ବଦଳରେ ତାଙ୍କୁ ମିଳିଥାଏ ପ୍ରଚୁର ଅର୍ଥ। ତେଣୁ ଅର୍ଥ ଲୋଭରେ ଅନେକ ମୌଳିକ ସ୍ରଷ୍ଟା ଏପରି ଏକ ପ୍ରକ୍ରିୟାରେ ନିଜକୁ ସାମିଲ୍ କରିଦିଅନ୍ତି। ଏହାଦ୍ୱାରା ହୁଏ କ'ଣ? ଯେଉଁ ଅଣଲେଖକଟିକୁ ଆମେ ଲେଖକ ଭାବେ ବରଣମାଳା ପିନ୍ଧାଉ, ସେ ସାହିତ୍ୟ ଜଗତ ଭିତରକୁ ଧସେଇ ପଶେ ଏବଂ ସେ ତା'ର ଦାଦାଗିରିରେ ଧ୍ୱସ୍ତବିଧ୍ୱସ୍ତ କରିଦିଏ ସାହିତ୍ୟଜଗତକୁ। ଫଳରେ ପ୍ରକୃତ ଲେଖକମାନେ ଅନେକାଂଶରେ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ମୌଳିକ ଅଧିକାରରୁ ବଂଚିତ ହୋଇଥାନ୍ତି। ତେଣୁ ଯେତେ ଅଭାବରେ ଥିଲେ ବି ଜଣେ ସୃଜନଶୀଳ ଲେଖକ କଦାଚିତ୍ ନିଜ ଲେଖାକୁ ଅନ୍ୟଜଣକର ନାଁରେ ଟେକିଦେବା ଉଚିତ ନୁହେଁ। ଏହା ନିଜର ସନ୍ତାନକୁ ବିକିଦେବା ଭଳି ଭୟଙ୍କର କଥା। ସାହିତ୍ୟ ଆଉ ଯାହା ଶିଖାଉ କି ନ ଶିଖାଉ, ଅନ୍ତତଃ ସମୂହ ହିତ ସାଧନର ମନ୍ତ୍ର ଶିଖାଇ ଥାଏ। ଏଇ ସମୂହ ଭିତରେ ଥାଆନ୍ତି ସାହିତ୍ୟ ଜଗତର ଛୋଟବଡ଼ ରଥୀ ମହାରଥୀଗଣ। ସେମାନଙ୍କ ପାଇଁ ଆମେ ଥରେ ଭାବିବା ଉଚିତ।

ଜାଣେନା, ଆଗକୁ ଏମିତି ଏକ ଜଗତ ତିଆରି ନହେଉ। ଯେଉଁଠି ଆମକୁ କେବଳ ମିଳିବେ ଦଳ ଦଳ ଏପରି ଲେଖକ, ଯେଉଁମାନେ ଅଣଲେଖକରୁ ଆସିଥିବେ। ଆଉ ପ୍ରକୃତ ଲେଖକମାନେ ଦୁଃସ୍ଥରୁ ଦୁଃସ୍ଥ ହୋଇ କ୍ରମଶଃ ନିଃଶେଷ ହୋଇ ଯାଉଥିବେ। ଏପରି ସମୟ ନଆସୁ, ପ୍ରାର୍ଥନା।





★★★HIGHLAND★★★
*Group*



Image: HIGHLAND AGRO PLANT, Balasore, Odisha




















/ highlandagro

# HIGHLAND GROUP

Corporate Office: Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 | info@highlandgroups.com
www.highlandgroups.com

SUPRATIK INFRAVENTURES

*The best property in the town to live*



*Few Villas Available*




*2BHK, 3BHK & 4BHK Flats Available*

**Ammenities**



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



**Supratik Infraventures Private Limited**

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 I sales@supratikinfraventures.com

www.supratikinfraventures.com

Associate editor : **Krushna Kumar Mohanty** Editor : **Subasini Jena**